# ପ୍ରଳୟର ଗର୍ଭରୁ

( ଗଣତାନ୍ତ୍ରିକ ଜର୍ମାନୀର ଅଭ୍ୟୁଦୟ )

ସଗତ ଜିଲ୍ଲା ସଂଘ, ସ୍ୱଭଦ୍ରେ
ପାଠାଗାର
ନଂ ....................
ତା ....................

ଲେଖକ :

ଶ୍ରୀ ଗୁରୁଚରଣ ପଟ୍ଟନାୟକ

ପ୍ରକାଶକ :

ଭେନସ୍ ଷ୍ଟୋର

ବ୍ରହ୍ମପୁର, ଗଞ୍ଜାମ


ମୂଲ୍ୟ ଟ ୧୦.୦୦

# ଏଥିରେ ଅଛି


| ବିଷୟ | | ପୃଷ୍ଠା |
|---|---|---|
| ୧। ରୁଷରୁ ଜର୍ମାନୀ | .... | ୧ |
| ୨। ପଦାର୍ପଣ | .... | ୭ |
| ୩। ପ୍ରଥମ ଝଲକ | .... | ୧୮ |
| ୪। ଫାସିଷ୍ଟ ବନ୍ଦୀଶାଳା | .... | ୨୮ |
| ୫। ଇତିହାସରୁ ଖିଏ | .... | ୮୦ |
| ୬। ବିଭକ୍ତ ଜର୍ମାନୀ | .... | ୧୨୨ |
| ୭। ଭାରତ ଓ ଜର୍ମାନୀ | .... | ୧୪୪ |
| ୮। କୃଷି ଓ କୃଷକ | .... | ୧୬୫ |
| ୯। ସମାଜବାଦର ନିର୍ମାଣରେ | ... | ୧୮୯ |
| ୧୦। ଗଣତନ୍ତ୍ରର ଅଗ୍ରଗତି | ... | ୨୨୧ |





ରୁଷ ଲାଲ ସେନାର ବର୍ଲିନ ଦଖଲ, ରଇଚଷ୍ଟାଗ୍ ଉପରେ ଲାଲ ପତାକା, ଏପ୍ରିଲ ୩୦ ତାରିଖ, ୧୯୪୫






ଗରିବ ଓ ଭୂମିହୀନଙ୍କ ଦ୍ୱାରା ବଡ଼ ଜମିମାଲିକ ଯୁଙ୍କରଙ୍କ ଜମି ବଣ୍ଟନ, ୧୯୪୮






ବର୍ଲିନ ପାଚୀର (ଉପରେ)
[illegible] ପଶ୍ଚିମ ଜର୍ମାନୀରୁ ପୂର୍ବ ଜର୍ମାନୀ [illegible]
[illegible] ।
[illegible] ।



ବର୍ଲିନ ପ୍ରାଚୀର ଏଭେମାନଙ୍କୁ ବାଧା ଦ୍ୱାଏ ଅନ୍ତର୍ଘାତ୍ତି କାର୍ଯ୍ୟ ଲାଗି ପଶ୍ଚିମ ଜର୍ମାନୀରୁ
ପ୍ରାଚୀର ଡେଇଁ ଆସିଥିବା ଲୋକେ






ପଶ୍ଚିମ ଜର୍ମାନୀରୁ ପୂର୍ବ ଜର୍ମାନୀ ଭିତରକୁ ଅନ୍ତର୍ଘାତୀ କାର୍ଯ୍ୟ ଲାଗି ସୁଡ଼ଙ୍ଗ ଖୋଳା



ଶିଶୁ ଭବନ







ଭାରତ ... ସଂଘ, ...
ପାଠାଗାର
ନଂ ୧୩୬୫୦
ତା ୧୮.୭.୭୬.

## ରୁଷରୁ ଜର୍ମାନୀ

ରୁଷ ଭ୍ରମଣ ସରିଲା । ଏବେ ଘରକୁ ବାହୁଡ଼ିବାକୁ ହେବ । ମାସେ ହେଲା ଠିକ ଏ ହେଲେ ଫୁରସତ ନାହିଁ । ସବୁବେଳେ କିଛି ନା କିଛି ଗୋଟାଏ ପ୍ରୋଗ୍ରାମ । ଯେତେ ବୁଲିଲେ କ୍ଲାନ୍ତ ନାହିଁ କି ଯେତେ ଦେଖିଲେ ବିରକ୍ତ ନାହିଁ । ଚଲାପାଣିରେ କ'ଣ କେବେ ମଇଳା ଜମିଲାଣି ? ସୁଅ ଥମିଗଲେ ସବୁ ଜମିଯାଏ । ମଇଳା ଆବର୍ଜନା ଭଳି ବିରକ୍ତି, ଅସନ୍ତୋଷ ବି ଜମାଟ ବାନ୍ଧେ । ବାନ୍ଧି ଫୁଲିଉଠେ—ଶେଷରେ ଫାଟିପଡ଼େ ଗୋଟାଏ ସଂଘର୍ଷରେ । ଭାଜିପଡ଼େ ସମ୍ମୁଖର ଆଗୁଳି । ପୁଣି ଖୋଲିଯାଏ ସୁଅର ମୁହଁ । ତାହା ପୁଣି ଛୁଟିଚାଲେ ଆପଣାର ଗନ୍ତବ୍ୟ ପଥରେ । ଏଇ ହେଲା ଦୁନିଆର ଗତି; ଏଇ ଧାରାରେ ଗଢ଼ିଆସୁଛି ଇତିହାସ । ତା ସହିତ ଗଢ଼ିବାରେ ଲାଗିଛନ୍ତି ଏ ଅଚେତନ ମଣିଷଗୁଡ଼ାକ ।

ସବୁଠାରେ ଏଇ ରୀତି । ଅଥଳ ସାଗର, ଉପରକୁ ଶାନ୍ତ ଆଉ ନିସ୍ତବ୍ଧ; ହେଲେ ବି ସେଠାରେ ମଝିରେ ମଝିରେ ପାଣି ଜମେ । ଜମି ଜମି ଫୁଲିଉଠେ । ଶେଷରେ ଅଜାଡ଼ି ହୋଇପଡ଼େ ଲହଡ଼ି ହୋଇ । ସଂସାରରେ ଯିଏ ସେ ଲହଡ଼ି ଭାଙ୍ଗି ନ ଜାଣେ ସେ ଭାଙ୍ଗିପଡ଼େ ସେଇ ଲହଡ଼ି ଆଘାତରେ ।

*

ମଣିଷ ସମାଜଟା ଠିକ୍ ଏମିତି । ସମାଜ ଚାଲୁ ଚାଲୁ ଗୋଟାଏଠି ଅନେକ ସମୟରେ ଅଟକିଯାଏ । ଆଗକୁ ଯାଇ ନ ପାରି, ସେଇଠି ଗେଟା ବାନ୍ଧେ । ଜମାଟ ବାନ୍ଧି ବାନ୍ଧି ଫୁଲିଉଠେ । ଶେଷରେ ଫାଟିପଡ଼େ; ମାଡ଼ିଆସେ ବିପ୍ଳବର ଢେଉ । ଏଇଠି ହୁଏ ପ୍ରତ୍ୟେକ ମଣିଷ, ପ୍ରତ୍ୟେକ ଦେଶ ଆଉ ଜାତିର ପରୀକ୍ଷା । ଯିଏ ଢେଉ ଭାଙ୍ଗି ନ ଜାଣେ ସେ ଢେଉମାଡ଼ରେ ଅଣାୟତ୍ତ ହୋଇ ଗଡ଼ିଯାଏ ଇତିହାସର ବକ୍ଷରେ । ସେ ଇତିହାସର କର୍ତ୍ତା ନ ହୋଇ ହୁଏ ତା'ର କ୍ରୀଡ଼ନକ ।

ଆମେ କ'ଣ ? ଆମର ଦେଶଟା କଣ ?—ଇତିହାସର କର୍ତ୍ତା, ନା କ୍ରୀଡ଼ନକ ?

କିନ୍ତୁ ଯିଏ ଲହଡ଼ିର ମର୍ମ ବୁଝେ, ତାକୁ ଭାଙ୍ଗି ଜାଣେ, ସେ ଆଗେଇଆସେ, ଲହଡ଼ି ତାକୁ ଆଘାତ କଲା ପୂର୍ବରୁ । ଲହଡ଼ି ଆଗରେ ତା ଉପରେ ନିଜର ଆସନ ଜମାଇନିଏ; ତାକୁ ହିଁ କରେ ନିଜର ଅଗ୍ରଗତିର ଆଧାର । ଯିଏ ଆଗେଇଜାଣେ, ହତାଶା, ଅବସାଦ ତା ପାଖରୁ ଆପେ ଆପେ ଆଡ଼େଇଯାଆନ୍ତି । ପଥ ଯେତେ କଠୋର, ଯେତେ ଦୁର୍ଗମ ହେଲେ ବି ମଣିଷ ହସି ହସି ତାକୁ ଆୟତ୍ତାଧୀନ କରେ; ନୂତନ ସମାଜ, ନୂତନ ସୃଷ୍ଟିର ନିର୍ମାଣରେ ଆଗେଇ ଯାଏ ଚିରନ୍ତନ ବିକାଶର ପଥରେ ।

× × × ×

ସମାଜର ସେଇ ବିପ୍ଳବର ତରଙ୍ଗରେ ଆଗେଇ ଚାଲିଛି ରୁଷ । ତା'ର ବିକାଶ ସହିତ ପୃଥିବୀର ଚାରିଆଡ଼େ ଛୁଟିଛି ବିପ୍ଳବର ଜୁଆର । ଯେଉଁଠି ସେ ଜୁଆର ମାଡ଼ିଛି ସେଠି ଲୋପ ପାଇଛି ଯୁଗ-ଯୁଗର ଜମାଟବନ୍ଧା ମଇଳା ଆବର୍ଜନା ସବୁ । ଅବାଧ ଗତିରେ

ଛୁଟୁଛି ତା'ର ବିକାଶର ସ୍ରୋତ, ଇତିହାସର ଧାରା,—ସେଠି କ୍ଳାନ୍ତିର ଅବସାଦର ପ୍ରଶ୍ନ ନାହିଁ । ତେଣୁ ରୁଷରେ ପ୍ରତ୍ୟେକ ଆଗନ୍ତୁକ ଅନୁଭବ କରେ ସେହି ମୁକ୍ତ-ଜୀବନର ଆନନ୍ଦ, ପ୍ରତ୍ୟେକଠାରେ ଭେଟେ ଅଟଳ ଆତ୍ମବିଶ୍ୱାସର ଭାବ । ଆଉ ସେଥି ସହିତ ପାଏ ଆପଣା ପ୍ରଶ୍ନର ଉତ୍ତର, ଦେଖେ ନିଜ ଦେଶର ସକଳ ସମସ୍ୟା ସମାଧାନର ପନ୍ଥା ।

ରୁଷ ଯେ କୌଣସି ଐଶ୍ୱରିକ ଶକ୍ତିରେ ବଳୀୟାନ୍, ତା ନୁହେଁ । ଯିଏ ଆଗ ଅମଡ଼ା ବାଟରେ ଆଗେଇଯାଏ, ସେ ସମସ୍ତଙ୍କ ଲାଗି ରାସ୍ତା ଖୋଲିଦିଏ । ତା'ର ପଦକ୍ଷେପ, ତା'ର ଅଭିଜ୍ଞତା ହୁଏ ଅନ୍ୟ ଲୋକଙ୍କ ଲାଗି ଯାତ୍ରାର ସଙ୍କେତ । ସେହି ଅଗ୍ରଗାମୀ ପଥିକ କହିପାରେ କେଉଁ ପଥ ନିର୍ଭୁଲ ଓ ଠିକ୍, କାଏ ନିରାପଦ—କେଉଁଠି ଖାଲ ଖମା—କେଉଁଠି ପାଦ ପକାଇବା ଉଚିତ, ଅନୁଚିତ । ଯିଏ ଆଗରେ ଚାଲିଛି, ତା'ର ଭଲରୁ ମଣିଷ ଯେପରି ଶିଖେ, ତାର ଭୁଲରୁ ମଧ୍ୟ ସେଇପରି ଶିକ୍ଷା କରେ—ସେ ହୁଏ ସମାଜର ଅଗ୍ରଣୀ ଓ ନେତା ।

ରୁଷରେ ଘୂରିଲା ଭିତରେ ଅସଂଖ୍ୟ ଜିନିଷ ଦେଖିଛି; ବହୁ ଲୋକଙ୍କୁ ଭେଟିଛି । ଏବେ ସେଗୁଡ଼ାକ ଖେଳାଇ ହୋଇ ଗଡ଼ୁଛି ମନ ଭିତରେ ଏଣେ ତେଣେ । ସେ ସବୁକୁ ତ ପୁଣି ଯଥାସ୍ଥାନରେ ସଜାଡ଼ି ରଖିବାକୁ ହେବ । ଏଇ ସ୍ମୃତି ତ ମଣିଷର ଏକମାତ୍ର ସମ୍ପଦ । ସେଇ ସ୍ମୃତିକୁ ସାଇତି ସାଇତି ମଣିଷ ବଡ଼ ହୋଇଛି, ନିଜର ସଭ୍ୟତାକୁ ବଢ଼ାଇଛି । ତା'ର ଉପରେ ଗଢ଼ିଛି ନିଜର ଐତିହ୍ୟ, ପରମ୍ପରା, କଳା, ସାହିତ୍ୟ, ସଂସ୍କୃତି ସବୁ କିଛି । ସବୁ ସୃଷ୍ଟିର ଆଧାର ସେଇ ସ୍ମୃତି । ଯିଏ ସ୍ମୃତିକୁ ହଜାଇଦିଏ ସେ ନିଜେ ହଜିଯାଏ । କେତେ ସୁବାସିତ ଦେଶ, କେତେ ଉନ୍ନତ

ସଭ୍ୟତା ଇତିହାସରେ ଏଇ ସ୍ମୃତିକୁ ହଜାଇଦେଇ ନିଜେ ହଜିଯାଇ ନାହାନ୍ତି ! ଯିଏ ସ୍ମୃତିକୁ ହଜାଇଦିଏ ସେ ବିସ୍ମୃତିଗର୍ଭରେ ଲୀନ ହୋଇଯାଏ । ବଡ଼ ଅଦ୍ଭୁତ ଜିନିଷ ସେ ସ୍ମୃତି—ସେଇ ସ୍ମୃତି ଯୋଗୁଁ ପ୍ରାଚୀନ ଭାରତୀୟ ସଭ୍ୟତା ।

ଏଇପରି ପଞ୍ଚବର୍ଣ୍ଣୀ ଭାବନାରେ ମନଟା ପୂର୍ଣ୍ଣ । ଏ ଭାବନାଗୁଡ଼ାକ କୌଣସି ଗୋଟାଏ କିନାରା ଧରିନାହିଁ । ମାସକର ଅଭିଜ୍ଞତା ଲିପିବଦ୍ଧ କରିବାକୁ ସମୟ ଲୋଡ଼ା । ତାକୁ ପୁଣି ସଜାଡ଼ି ସାଇତିବାକୁ ହେବ । ସେଇ ଭାବନାରେ ବ୍ୟାଘାତ ଆଣି ବାଜିଉଠିଲା ଟେଲିଫୋନ୍‌ଟା—"ଜି. ଡି. ଆର୍. ଯିବାକୁ ପ୍ରସ୍ତୁତ ହୁଅନ୍ତୁ ।"

ମୁହୂର୍ତ୍ତିକେ ପୂର୍ବର ଭାବନାଗୁଡ଼ାକ କୁଆଡ଼େ ଉଭେଇଗଲେ । ମନରେ ଆନନ୍ଦ ଆଉ ଉତ୍କଣ୍ଠା । ବହୁଦିନର ଆଶା ପୂରଣ ହେବ । ରୁଷର ସେହି ସ୍ମୃତିପଟ ଉପରେ ପରସ୍ତକୁ ପରସ୍ତ ମାଡ଼ିଆସିଲେ ଜର୍ମାନୀର ଚିନ୍ତା ସବୁ ।

ବାସ୍ତବିକ ବଡ଼ ଅଦ୍ଭୁତ ଦେଶ ସେ ଜର୍ମାନୀ । ଇତିହାସରେ ତା'ର ଦ୍ୱିତୀୟ ଦୃଷ୍ଟାନ୍ତ ନାହିଁ । ଦୁଇଟାଯାକ ବିଶ୍ୱଯୁଦ୍ଧର ସୃଷ୍ଟି ଏଇଠି । ବିଷ—ପୀୟୂଷ, ଫାସିଜିମ୍ ଆଉ କମ୍ୟୁନିଜିମ୍, ଉଭୟ ମତକୁ ଜନ୍ମ ଦେଇଛି ଏଇ ଦେଶ । ମହାମାନବ କାର୍ଲ ମାର୍କସ୍, ମହାଦାନବ ହିଟଲର—ଦୁହେଁ ଭୂମିଷ୍ଠ ହୋଇଛନ୍ତି ଏଇ ଭୂମିରେ । ଜଣେ ଦର୍ଶାଇଛି ସମଗ୍ର ମଣିଷସମାଜ ଲାଗି ମୁକ୍ତିର ମାର୍ଗ—ଲକ୍ଷ ଲକ୍ଷ ମଣିଷଙ୍କୁ ଶୋଷଣ ପେଷଣ ଦୁଃଖ ନିର୍ଯ୍ୟାତନାରୁ ମୁକ୍ତ କରିବାକୁ ଚିରଦିନ ପାଇଁ । ଆଉ ଜଣେ ମଣିଷସମାଜ ଲାଗି ଡାକିଆଣିଛି ମୃତ୍ୟୁ ମଡ଼କ, ଧ୍ୱଂସର ତାଣ୍ଡବ ଲୀଳା । ଚେଷ୍ଟା କରିଛି ତା ଉପରେ ଲଦିଦେବ ନିଜର ନିର୍ମମ ଅତ୍ୟାଚାରର ଓ

ଶଂସ ଲୁଣ୍ଠନ ; ମଣିଷକୁ ବାନ୍ଧିଦେବ ଦାସତ୍ୱର ବନ୍ଧନରେ ବୁନ୍ଧନ ପାଇଁ ।

ବଡ଼ ଆଶ୍ଚର୍ଯ୍ୟ ଏ ଦେଶ । ବିଜ୍ଞାନ, ଦର୍ଶନ, ସାହିତ୍ୟ, ଙ୍ଗୀତ—ଯେଉଁଆଡ଼କୁ ଆଖି ପକାଅ, ସବୁଠାରେ ଜର୍ମାନୀର ।ତିଷ୍ଠା ପ୍ରତିଷ୍ଠିତ । ଗେଟେ, ଶିଲର, ମୋଜାର୍ଟ, ।ଥୋଭେନ, ହେଗେଲ, ମାର୍କସ୍, ଏଙ୍ଗେଲସ୍, ଆଇନଷ୍ଟାଇନ ।ଳି ସ୍ରଷ୍ଟାଙ୍କୁ ଭେଟିବ ଏଇଠି । ପ୍ରତ୍ୟେକ କ୍ଷେତ୍ରରେ ମାନବ-ମାଜ ପ୍ରତି ମହାନ୍ ବିପୁଳ ତା'ର ଅବଦାନ ।

ଅନ୍ୟଦିଗରେ ମାନବସମାଜକୁ ଧ୍ୱଂସ ସଂହାର କରିବାରେ ଇତିହାସରେ ଜର୍ମାନୀ ସର୍ବଶ୍ରେଷ୍ଠ । ପୂର୍ବର ଅତ୍ୟାଚାରୀ ଶାସକ ଚେଙ୍ଗିଜ ଖାଁ, ତୈମୁର ପ୍ରଭୃତି ହିଟଲର ଆଗରେ କିଛି ନୁହନ୍ତି । ହତ୍ୟା, ନୃଶଂସତାରେ ନାଜିମାନଙ୍କୁ କେହି ଟପିନାହାନ୍ତି । ପାଶବିକ-ତାରେ ହିଟଲରକୁ କେହି ବଳିଯାଇନାହାନ୍ତି । ପ୍ରତ୍ୟେକ କ୍ଷେତ୍ରରେ ସର୍ବଶ୍ରେଷ୍ଠ ନୈପୁଣ୍ୟହିଁ ଜର୍ମାନୀ ଜାତିର ପ୍ରଧାନ ବୈଶିଷ୍ଟ୍ୟ ।

ବଡ଼ ବିସ୍ମୟ, ଏ ଦୁଇଟା ପରସ୍ପର ବିପରୀତ, ପରସ୍ପର ବିରୋଧୀ ଜିନିଷ ଏକାଧାରରେ ଠୁଳ । ଗେଟେ, ମାର୍କସ୍ ଏଙ୍ଗେଲସଙ୍କୁ ଜନ୍ମ ଦେଇଥିବା ଜାତି ପୁଣି ଫାସିଷ୍ଟମାନଙ୍କୁ ଜନ୍ମ ଦେଲା କିପରି ? ଯେଉଁଠି ମାନବିକତାର ଡାକ, ସେଠି ପୁଣି କ୍ରମାଗତ ମାନବ ସଂହାରର ଆହ୍ୱାନ, ଗୋଟାକ ପରେ ଗୋଟାଏ ବିଶ୍ୱଯୁଦ୍ଧର ସୃଷ୍ଟି, ସେଥିଲାଗି ପୁଣି ସଦା ସର୍ବଦା ପ୍ରସ୍ତୁତ—ଅମୃତର ଭାଣ୍ଡରେ ଏ ବିଷର କଣିକା ପୁଣି କାହିଁକି ?

ସେ ମହାନ ଦେଶ ଭିତରେ ନିଶ୍ଚୟ କିଛି ଗୋଟାଏ ମାରାତ୍ମକ ତ୍ରୁଟି ନିହିତ, ଏବଂ ତାହା ଅତି ବଦ୍ଧମୂଳ । ତାକୁ ଯେତେ ଭାଙ୍ଗିଲେ ବି ଥରକୁ ଥର କୁଆଁ ମେଲେ; ପୃଥିବୀକୁ ହତ୍ୟା, ମୃତ୍ୟୁ,

ମଣ୍ଡଳରେ ବୁଡ଼ାଇଦିଏ । ଏହାର ପୁନଃ ନବୀକରଣ ନ ହେଲା ପର୍ଯ୍ୟନ୍ତ ପୃଥିବୀ ଥରକୁ ଥର ସେହି ଧ୍ୱଂସର ସମ୍ମୁଖୀନ ହେଉଥିବ ଏହା ହେଲା ଜର୍ମାନୀକୁ ନେଇ ଗତ ପଚାଶ ବର୍ଷର ଅଭିଜ୍ଞତା ଏହାଦ୍ୱାରା ଜର୍ମାନୀ କେବଳ ସମସ୍ତ ଦୁନିଆର ଶାନ୍ତିକୁ ବିପନ୍ନ କରିନାହିଁ—ନିଜକୁ ଧ୍ୱଂସ, ବିପନ୍ନ କରିଛି । ଯଦି ତା'ର ସେହି ହିଟଲର ସୃଷ୍ଟି ନ ଥାନ୍ତା, ତେବେ ଜର୍ମାନୀ ଜାତି ପୃଥିବୀରେ ଧ୍ୱଂସର କାରଣ ନ ହୋଇ, ହୋଇଥାନ୍ତା ମୁକ୍ତିର କର୍ତ୍ତା । ପୃଥିବୀର ଚେହେରା କେଉଁକାଳୁ ବଦଳିଯାଆନ୍ତାଣି ।

ଜର୍ମାନୀ ଜାତିର ସେ ଦୁଇ ପ୍ରବାହ, ଦୁଇଧାରରେ ପ୍ରବାହିତ ଆଜି ଜର୍ମାନୀ ଜାତି ଏକ ନୁହେଁ—ତା ଗୋଟାଏ ରାଷ୍ଟ୍ର ନୁହେଁ ତା ଦୁଇଭାଗରେ ବିଭକ୍ତ—ଗଣତାନ୍ତ୍ରିକ ଜର୍ମାନୀ ଓ ଫେଡେରାଲ ଜର୍ମାନୀ; ସାଧାରଣତଃ ପୂର୍ବ ଜର୍ମାନୀ ଓ ପଶ୍ଚିମ ଜର୍ମାନୀ ନାମରେ କଥିତ । ପୂର୍ବଟି ହେଲା, ସମାଜବାଦୀ ଜର୍ମାନୀ, ପଶ୍ଚିମଟି ହେଲା ତା'ର ପୁଞ୍ଜିବାଦୀ ପ୍ରତିଶୋଧକାମୀ ଜର୍ମାନୀ । ପୂର୍ବଖଣ୍ଡରେ ଯୁଦ୍ଧର ପ୍ରଚାର ବେଆଇନ ଓ ଦଣ୍ଡନୀୟ । ପଶ୍ଚିମ ଖଣ୍ଡରେ ଯୁଦ୍ଧଲାଗି ପ୍ରକାଶ୍ୟ ଆହ୍ୱାନ; ଆଜି ସେ ଦିଗରେ ଅବିଶ୍ରାନ୍ତ ପ୍ରସ୍ତୁତି । ଜଣେ ଶାନ୍ତିକାମୀ ହେଲେ ଅନ୍ୟଜଣେ ଯୁଦ୍ଧପ୍ରିୟ । ଦୁହେଁ ପରସ୍ପରର ଠିକ୍ ବିପରୀତ । ଜର୍ମାନ ଜାତିର ସେଇ ଦୁଇ ବିପରୀତ ଧାରାର ସୁସ୍ପଷ୍ଟ ପ୍ରତିଫଳନ—ଦୁଇଟି ପରସ୍ପରବିରୋଧୀ ରାଷ୍ଟ୍ର । ଦୁହିଁଙ୍କର ନୀତି ଓ ଲକ୍ଷ୍ୟ ପରସ୍ପରର ବିରୋଧୀ । ଜଣେ ଶାନ୍ତି, ମୁକ୍ତି, ମୈତ୍ରୀର ପ୍ରତୀକ ହେଲାବେଳେ ଅନ୍ୟ ପକ୍ଷ ହେଉଛି ଯୁଦ୍ଧ ଓ ହତ୍ୟାର ପ୍ରତୀକ—କାହିଁକି ?

ଏହାର ଉତ୍ତର ମିଳେ ଦୁଇ ଜର୍ମାନୀର ସୃଷ୍ଟି, ସ୍ଥିତି ଓ ବିକାଶରୁ ।

———

ଜଗତ ଉତ୍କଳ ସଂଘ, ସମ୍ବଲପୁର
ପାଠାଗାର
ସଂ ....................
ତା ....................



## ପଦାର୍ପଣ

୧୯୬୮, ଅକ୍ଟୋବର ୨୯ ତାରିଖ । ମସ୍କୋ ବିମାନ ବନ୍ଦର । ଆଡ଼େ ଅବିଶ୍ରାନ୍ତ ବରଫର ଝଡ଼ । ତା'ର ଭିତରେ ଆମର ମାନ ଉପରକୁ ଉଠିଲା ପୂର୍ବବର୍ଲିନ ଅଭିମୁଖରେ ।

ମସ୍କୋରୁ ବର୍ଲିନ ମାତ୍ର ତିନି ଘଣ୍ଟାର ରାସ୍ତା । ମନଟା କିନ୍ତୁ କେତେବେଳୁ ସେଠାରେ ପହଞ୍ଚିଗଲାଣି । ମଣିଷର ମନ ଓ ମେସିନ୍ ଭିତରେ ଏଇ ଫରକ୍ । ମେସିନ ଯେତେ 'ଗତିଶୀଳ' ଯେତେ ଶକ୍ତିଶାଳୀ ହେଲେ ବି ମଣିଷକୁ ହରାଇପାରେ ନା, କାରଣ— ସିଏ ଯେ ମଣିଷର ସର୍ଜନା । କିନ୍ତୁ ହେଲେ ବି ମଣିଷ ଯେଉଁଠି ନିଜର ସୃଷ୍ଟିକୁ ଆୟତ୍ତ କରି ଜାଣେ ନାହିଁ ସେ ତାକୁ ଅଣାୟତ୍ତ କରିଦିଏ । ତା'ର ଫଳରେ ଆରମ୍ଭ ହୁଏ ସବୁ ଅଶାନ୍ତି; ଉଦ୍ରେକ ହୁଏ ସବୁ ସାମାଜିକ ବିପତ୍ତି, ଦୁର୍ଗତି ଆଦି । ଯେଉଁ ହାତ ମେସିନ ତିଆରି କରେ ସେ ନିଜେ ହୁଏ ବେକାର; ଯେଉଁ ହାତ ଫସଲ ଫଳାଏ ସେ ହାତ ପାଟିକୁ ଯାଇପାରେ ନାହିଁ । ଯେଉଁ ଲୋକ ଭୋଟ ଦେଇ ସରକାର ଗଢ଼େ, ସେ ଲୋକ ସରକାରର କର୍ତ୍ତା ନ ହୋଇ ହୁଏ ତା'ର କରୁଣାପ୍ରାର୍ଥୀ—ତା'ର ଅବହେଳିତ କିଙ୍କର । ମଣିଷ ନିଜର ସୃଷ୍ଟିକୁ ଆୟତ୍ତ, ଅକତିଆର ନ କଲା ପର୍ଯ୍ୟନ୍ତ ସେ ତା'ର···ତା ସହିତ ଅନ୍ୟର ଦାସ ହୋଇ ପଡ଼ିଥିବ ।

ବିମାନ ସହିତ ମନ ଉଡ଼ିବାରେ ଲାଗିଛି । କେଉଁଆଡ଼ୁ କେତେ କଥା ମନରେ ଆସୁଛି, ଯାଉଛି । ବିମାନ ଭିତରେ ମଝିରେ ମଝିରେ ଶୁଭୁଛି—ଆମେ ଏତେ ଉଚ୍ଚରେ ଉଡ଼ୁଛୁ, ଅମୁକ ଅମୁକ

ସହର ଉପର ଦେଇ ଆମର ବିମାନ ଗତି କରୁଛି । ହଠାତ୍ ଚମକି ପଡ଼ିଲି । ଆରେ, ଏ ନାଁଗୁଡ଼ାକ ତ ଅତି ପରିଚିତ । ଦୁଇ ତିନିବର୍ଷ କାଳ ଏ ପ୍ରତ୍ୟେକଟି ସ୍ଥାନ, ପ୍ରତ୍ୟେକଟି ସହରକୁ ବହୁବାର ନିରୀକ୍ଷଣ କରିଛି । ତା ବିଷୟରେ ବହୁ ବିତର୍କର ଆଲୋଚନା କରିଛି । ତାକୁ ଖାତାରେ ଅଙ୍କିଛି । ଅତି ଆବେଗର ସହିତ ଏଇସବୁ ସହରର ଭବିଷ୍ୟତକୁ ଅନାଇ ରହିଛି । ତା ୨୫।୨୬ ବର୍ଷ ତଳର, ଗତ ମହାଯୁଦ୍ଧ ବେଳର କଥା ।

ସେତେବେଳେ ଭାରତରେ ବ୍ରିଟିଶର ଶାସନ । ଆମେ ସବୁ କମ୍ୟୁନିଷ୍ଟ ଷଡ଼ଯନ୍ତ୍ର ମକଦ୍ଦମାରେ ଦଣ୍ଡିତ ହୋଇ, ପ୍ରଥମେ କଟକ ପରେ ଅନୁଗୋଳ ଜେଲରେ ବନ୍ଦୀ । ସବୁବେଳେ ଅନାଇ ରହିଥାଉଁ ଖବରକାଗଜକୁ । ଯୁଦ୍ଧର ପ୍ରତ୍ୟେକଟି ଖବର, ପ୍ରତ୍ୟେକଟି ସ୍ଥାନ ସମ୍ବନ୍ଧରେ ଜେଲରେ ଆମର ଆଲୋଚନା ଚାଲିଥାଏ । ଯେ ଯେଝାଁର ଜ୍ଞାନ ଲଗାଇ ଆଲୋଚନା କରନ୍ତି । ରଣକ୍ଷେତ୍ରର ଏକ ବିରାଟ ମାନଚିତ୍ର ଝୁଲୁଥାଏ । ତା ଛଡ଼ା ପ୍ରତ୍ୟେକଙ୍କର ମାନଚିତ୍ର, ପ୍ରତିଦିନ ତା ଉପରେ ନେଳି ନାଲି ଦାଗମାନ ଲଗାଉଁ । ସାମରିକ ନୀତି ଓ ରଣକୌଶଳ ନେଇ ଆମ ଭିତରେ ମଧ୍ୟ କମ୍ ଆଲୋଚନା, ଯୁକ୍ତିତର୍କ ହୁଏ ନାହିଁ । ସତେ ଯେପରି ସେଠାର ସୈନ୍ୟଚାଳନାର ଦାୟିତ୍ୱଟା ଆମରି ଉପରେ ପଡ଼ିଛି ।

ଉତ୍ତେଜକ ଅବସ୍ଥାରେ, ଅସାଧାରଣ କଥାଗୁଡ଼ାକ ମନରେ ଖୋଲିହୋଇଥାଏ । ସିନେମା ପରଦାରେ ଅକ୍ଷରଗୁଡ଼ାକ ଆଖି-ଆଗକୁ ମାଡ଼ି ଆସିଲା ଭଳି ସେହି ସ୍ଥାନ, ସହର ଆଜି ବିରାଟ ଆକାରରେ ଧାଇଁଆସୁଛନ୍ତି ଆଖି ସାମନାକୁ ।

ହଁ, ଠିକ୍ ; ଆମର ଏଇ ବିମାନର ପଥ ଦେଇ ଦିନେ ଧେଇ ଆସିଥିଲା ଫାସିଷ୍ଟ ବାହିନୀ । ଗାଁ, ସହର ଓ ଦେଶ ସବୁ—ଗୋଟାକ ପରେ ଗୋଟାଏ ତାଙ୍କର ବୁଟ୍ ତଳେ ଧସି ଯାଇଛି; ଧ୍ୱଂସ ସ୍ତୂପ, ଶ୍ମଶାନରେ ପରିଣତ ହୋଇଛି । ବାରିପାରିବ ନାହିଁ ସେଠାରେ ଆଗରେ ଥିଲା କ'ଣ ?—ଫଙ୍ଗପାଲଙ୍କ ଆକ୍ରମଣ ପରେ ସବୁ ଛାରଖାର—ଶେଷରେ ସେମାନେ ପଶିଚନ୍ତି ରୁଷରେ । ରୁଷର ସେଇ ରଣକ୍ଷେତ୍ରରେ ସ୍ଥିର ହୋଇଛି ମଣିଷ ସମାଜର ଭାଗ୍ୟ; ଠିକ୍ ହୋଇଛି ତା'ର ଭବିଷ୍ୟତ । କାରାର ନିର୍ଜନ କକ୍ଷରେ ପ୍ରତିଦିନ ଅନାଇ ରହୁଥାଉଁ ତା'ର ଫଳକୁ; ଗଣୁଥାଉଁ ଦୁଇପକ୍ଷର ମୃତାହତଙ୍କ ସଂଖ୍ୟା; କଳିବାରେ ଲାଗିଥାଉଁ ଯୁଦ୍ଧର ଅନ୍ତିମ ଫଳକୁ । ଜେଲଖାନା ଭିତରେ ଆମର ହର୍ଷ ବିଷାଦ ନିର୍ଭର କରିଥାଏ ରଣକ୍ଷେତ୍ରର ଭଲ ମନ୍ଦ ସ୍ୱାଦ ଉପରେ । ଏବେ ଆପେ ଆପେ ଆସି ପହଞ୍ଚି ଯାଉଛନ୍ତି ସେହି ଦିନର ସ୍ମୃତିଗୁଡ଼ିକ ।

ହଁ ଠିକ୍ ତ, ଏଇ ରାସ୍ତା । ଏଇ ରାସ୍ତା ଦେଇ ମାଡ଼ି ଆସିଛି ଫାସିଷ୍ଟ ଆକ୍ରମଣ । ଉପରେ ଉଡ଼ିଛନ୍ତି ତାଙ୍କର ବିମାନ-ବାହିନୀ । ତଳେ ଛୁଟି ଚାଲିଛନ୍ତି ସାଞ୍ଜୁ ପିନ୍ଧା ସୈନ୍ୟଗଣ । ସେ ବିମାନ ବୁଣି ବୁଣି ଯାଇଛି ମରଣର ବୀଜାଣୁ । ଫାସିଷ୍ଟ ସୈନ୍ୟମାନେ ତଳେ ଖୋଳିଛନ୍ତି ବଡ଼ ବଡ଼ କବରର ଗାଡ଼ । ଅସଂଖ୍ୟ ଲୋକ ସେ ଗାଡ଼ରେ ପଶିଛନ୍ତି ଚିରଦିନ ପାଇଁ । ଆଉ ତାଙ୍କ ଉପରେ ଠିଆ ହୋଇଛି ଆଜିର ଖେତଖମାର, କଳକାରଖାନା । ଆଜି ସେଦିନର ଇଟା ପଥରର କୁଢ଼ ନାହିଁ, ସେଠି ପୁଣି ନୂଆ ନୂଆ, ଆହୁରି ସୁନ୍ଦର ପୁରପଲ୍ଲୀ ଗଢ଼ି ଉଠିଛି । କିନ୍ତୁ ଉଠିନାହାନ୍ତି କି କେବେ ହେଲେ ଉଠିବେ ନାହିଁ ସେହି ହତଭାଗ୍ୟ ଲୋକମାନେ. ଯେଉଁମାନେ କବରରେ ଶୋଇଛନ୍ତି ।

*

ସେ ସବୁ ଆଜି ଇତିହାସ । କିନ୍ତୁ ଇତିହାସ ଯେ କେବଳ ଏକମାତ୍ର ଅମର । ଦୁନିଆରେ ସବୁର ମରଣ ଅଛି; ସମସ୍ତେ ଆସନ୍ତି, ଯାଆନ୍ତି; କେବଳ ମରଣ ନାହିଁ ତା'ର । ତା ଚିରନ୍ତନ, ଅନବରତ ଚାଲିଥାଏ ସୃଷ୍ଟିର ଅନନ୍ତ ପଥରେ । ଏଇ ଇତିହାସର ବକ୍ଷରେ ଆମେ ଅତୀତକୁ ଦେଖିପାରୁଁ; ବର୍ତ୍ତମାନକୁ ଗଢ଼ିପାରୁଁ ଓ ଭବିଷ୍ୟତର ଯାତ୍ରା ଲାଗି ନିର୍ଭୁଲ ସଙ୍କେତ ପାଇପାରୁଁ । ଆଜି ଅସଂଖ୍ୟ କୁଡ଼ କୁଡ଼ ସେହି କବର ଦ୍ଵାରା ସମସ୍ତ ମାନବ ସମାଜକୁ ଚେତାଇ ଦେଇ, ଇତିହାସ କହେ—ମୋତେ ନ ବୁଝିବାର ଏହାହିଁ ହେଉଛି ପରିଣତି—ସଠିକ୍ ପଦକ୍ଷେପ ନେବା ଦିଗରେ ମୋତେ ଭଲକରି ବୁଝ । ନ ହେଲେ ତା'ରମାରାତ୍ମକ ଫଳ ତମକୁ ଏମିତି ଭୋଗିବାକୁ ହେବ । ଏହାର ଯେପରି ପୁନରାବୃତ୍ତି ନ ହୁଏ ।

"ନିଜେ ନିଜର ବେଲ୍ଟ ଭିଡ଼"

ଆରେ, ଓହ୍ଲାଇବା ସମୟ ଯେ ହୋଇଗଲା । ବିମାନ ଓହ୍ଲାଇବା ପୂର୍ବରୁ ଭାବନାଗୁଡ଼ାକ ସଙ୍ଗେ ସଙ୍ଗେ ଓହ୍ଲାଇଗଲେ । ମୁଁ ସିଠି ସହିତ ଭିଡ଼ିହୋଇଗଲି ନିଜର ନିରାପତ୍ତା ଦୃଷ୍ଟିରୁ, ଆକସ୍ମିକତାକୁ ବା କିଏ ଆଗରୁ ଦେଖିପାରେ ?

ଯେତେବେଳେ କୁହାଯାଉଛି ବାନ୍ଧିହୋଇ ବସ, ଦେଖେଁ ତ କେତେଜଣ ଉଠିପଡ଼ି ବିମାନ ଭିତରେ ବୁଲିବାକୁ ଲାଗିଲେ । ନିଜର ଓଭରକୋଟ ଓ ଜିନିଷପତ୍ର ସଜାଡ଼ିବାରେ ବ୍ୟସ୍ତ । ଠିକ୍

ରେଲଷ୍ଟେସନରେ ଓହ୍ଲାଇବା ପୂର୍ବର ଦୃଶ୍ୟ, କାଳେ ଗାଡ଼ି ଛୁଡ଼ିଦେବ, ଓହ୍ଲାଇ ହେବ ନାହିଁ ।—ଏମାନେ ହେଲେ ଆମର ଭାରତୀୟ । ଆଉ ଦଳେ ଲୋକ ବେଲ୍ଟ ଭିଡ଼ି ନାହାନ୍ତି । ଜମିକର ଦୃଢ଼ଭାବେ ସିଟ୍‌ରେ ବସିଛନ୍ତି । ଏମାନେ ହେଲେ ରୁଷୀୟ ଲୋକେ । ଆଉ ଦଳେ ବିମାନର ନିର୍ଦ୍ଦେଶକୁ ଠିକ୍ ଠିକ୍ ଅକ୍ଷରେ ଅକ୍ଷରେ ପାଳନ କରୁଛନ୍ତି; ବେଲ୍ଟ ଭିଡ଼ିଦେଇଛନ୍ତି । ଏ ହେଲେ ଜର୍ମାନୀ ଲୋକେ । ତିନି ଜାତିର ତିନି ଲକ୍ଷଣ । କଥାଟି ଅତି ସାନ, କିନ୍ତୁ ବହୁତ କିଛି ପ୍ରକାଶ କରେ ।

ଶୃଙ୍ଖଳାଜ୍ଞାନ, ନିର୍ଦ୍ଦେଶପାଳନ ବୋଧହୁଏ ଜର୍ମାନ ଜାତିର ଅସ୍ଥିମଜ୍ଜାଗତ । ଉପର ଆଦେଶ ଅନୁସାରେ କାମ କରିବାକୁ ହେବ । ସେ ଦିଗରେ ପ୍ରଶ୍ନର ଅବକାଶ ନାହିଁ । ତାହା ଭୁଲ କି ଠିକ୍, ଉଚିତ କି ଅନୁଚିତ ତା ଦେଖିବା ତା'ର କାମ ନୁହେଁ । ଯିଏ ଆଦେଶ ଦେଇଛି ସେ ତା ବୁଝିବ । ତା ପକ୍ଷରେ ପ୍ରଶ୍ନ କରିବାର ଅଧିକାର ନାହିଁ । ହିଟଲର ପୋଡ଼ି ପାଉଁଶ ହେଲଣି । ବର୍ଲିନ ସହର ଜଳୁଛି । ଚାରିଆଡ଼ୁ ଅବରୁଦ୍ଧ । ପଛଘୁଞ୍ଚା ଲାଗି ଆଉ ସ୍ଥାନ ନାହିଁ । ପତନ ସୁନିଶ୍ଚିତ । କିନ୍ତୁ ଲଢ଼େଇ ଚାଲିଛି । କର୍ତ୍ତବ୍ୟ ବା ଆଦେଶ ପାଳନରେ ଅବହେଳା ନାହିଁ । ଯୁଦ୍ଧ କରିବାକୁ ହେବ । ତାହା ଯେ ସେତେବେଳେ ନିରର୍ଥକ—ତା'ର ଯେ ଶେଷ ନିଷ୍ପତ୍ତି ହୋଇସାରିଛି—ସେ ବିଚାର ତା'ର ନୁହେଁ । ନିର୍ଦ୍ଦେଶ, ଯୁଦ୍ଧ କରିବାକୁ ହେବ ।

ବାସ୍ତବିକ ବଡ଼ ଯାନ୍ତ୍ରିକ ଏ ଜାତି । ଅତି ବେଶୀ ସାମରିକ ଶୃଙ୍ଖଳାରେ ଗଢ଼ା; ଯୁଗ ଯୁଗ ହେଲା, ବଂଶ ପରମ୍ପରାକ୍ରମେ ତାଲିମ ହେଉଛି ଯୁଦ୍ଧ କରିବାଲାଗି । ଯୁଦ୍ଧ ବିଦ୍ୟା ନ ଜାଣେ ଏମିତି ଲୋକ ଜଣେହେଲେ ନାହିଁ । ଅଭିମନ୍ୟୁ ପରି ମା ପେଟରୁ ସେମାନେ ତା

ଶିଖିଥାନ୍ତି । ସାମରିକ ବିଦ୍ୟାର ସର୍ବପ୍ରଥମ ଶିକ୍ଷା ହେଲା ଆଦେଶ ପାଳନ, ଶୃଙ୍ଖଳା ରକ୍ଷା । ସେଇଟା ଜମାଟ ବାନ୍ଧିଯାଇଛି ଜର୍ମାନୀର ରକ୍ତରେ ।

ରୁଷର କଠୋର ଶୃଙ୍ଖଳା ରହିଛି । ନିର୍ଦ୍ଦେଶ ପାଳନ ହୁଏ ବିନା ବାକ୍ୟରେ । କିନ୍ତୁ ସେ ଶୃଙ୍ଖଳା ଜ୍ଞାନ ସଚେତନ । ଲୋକ ଜାଣେ କାହିଁକି ତା କରୁଛି ଆଉ ଯେଉଁ ଶୃଙ୍ଖଳା ଓ ମତ ସ୍ଥିର କରିବାରେ ସେ ନିଜେ ମଧ୍ୟ ଭାଗୀଦାର । ଏଠି ଆଦେଶ ଓ ଆତ୍ମ-ଚେତନା ଅତି ନିବିଡ଼ ଭାବେ ସଂଯୁକ୍ତ । ଆଦେଶ ପାଳନ ଅନ୍ଧ, ବିଚାରହୀନ ନୁହେଁ । ତାହା ଆତ୍ମଚେତନାରେ ଉଦ୍‌ବୁଦ୍ଧ । ଯାହା ସଚେତନ, ତାହା ସବୁଠାରୁ ଅଧିକ ଶକ୍ତିଶାଳୀ ।

ଆମର ଭାରତ, ଏ ସବୁଥିରୁ ସମ୍ପୂର୍ଣ୍ଣ ମୁକ୍ତ, ଏ ସବୁର ଊର୍ଦ୍ଧ୍ୱରେ । ନାହିଁ ଶୃଙ୍ଖଳା କି ନାହିଁ ଆତ୍ମଚେତନା । ସବୁଠାରେ ନିୟମ, ଆଇନକାନୁନ ଭାଙ୍ଗିବା, ଯାହା କୁହାଯିବ ତା'ର ଓଲଟାଟା କରିବା ଆମର କାମ । ଏଇଟା ଆମର ଅସ୍ଥିମଜ୍ଜାଗତ । ଏହା ଗଢ଼ି ଗଢ଼ି ଆସି ଏମିତି ଜାଗାରେ ପହଞ୍ଚିଛି ଯେ ଯେଉଁଠି ଲେଖାହୋଇଥିବ 'ମେକ୍ ନୋ ନୁଇସେନ୍‌ସ' ଠିକ୍ ସେଇଠି ଲୋକେ ମଳମୂତ୍ର ତ୍ୟାଗ କରୁଥାନ୍ତି ।

ଆଗେ ଥିଲା ବ୍ରିଟିଶର ରାଜତ୍ୱ । ତା'ର ବିରୋଧ କରିବା, ସେ ଯାହା କହୁଥିଲା ବା କରୁଥିଲା ତା'ର ଓଲଟା କରିବା ଥିଲା ଆମର ମନ୍ତ୍ର । ପରାଧୀନତାର ବିରୋଧ ସ୍ୱାଧୀନତାର ଧର୍ମ । ସମସ୍ତ ପ୍ରକାର ପରାଧୀନ ଆଇନ ଭଙ୍ଗ, ନିୟମ ଶୃଙ୍ଖଳା ଭଙ୍ଗ ହୋଇଛି ସାଧାରଣଙ୍କର କାମ । ବ୍ରିଟିଶ ଯାଇ ଦେଶ ସ୍ୱାଧୀନ ହେଲେ ବି ସେହି ଭାବଟା ଗଡ଼ି ଗଡ଼ି ଚାଲିଛି, ସବୁ କ୍ଷେତ୍ରକୁ ପ୍ରସରିଯାଉଛି । ପ୍ରଧାନ କାରଣ, ଲୋକେ ପୁରୁଣା ସରକାର ଭାଙ୍ଗିନାହାନ୍ତି କି ନୂଆ

ାଧୀନ ସରକାର ଗଢ଼ି ନାହାନ୍ତି । ସେ ପୁରୁଣା କୋଠାବାଡ଼ି, ଟେବୁଲ ଚୌକି, ଫାଇଲ ଗୃଷ, ଅମଲା ଅର୍ଡ଼ର, ମାତ୍ର ନିୟମ—ଶାସନ କଳ ଯେମିତି ଥିଲା ସେମିତି । ପୂର୍ବର ଜନ-ବିରୋଧୀ-ମାନେ ହଠାତ୍ ଜନସେବକ ପାଲଟିଗଲେ । ସେମାନଙ୍କୁ ଯେତେ ଆମର ବୋଲି ପ୍ରଚାର କଲେ ବି ଲୋକଙ୍କ ଭାବନା ତାଙ୍କୁ ଆଦରୁଛନ୍ତି କେତେବେ ?

ଏମିତି ଅବସ୍ଥା ଆସିଛି ଯେ ଯେଉଁମାନେ ଆଇନର କର୍ତ୍ତା, ଶାସନର ମୁଖ୍ୟ, ସର୍ବୋଚ୍ଚ ବିଚାରପତି—ସେହିମାନେ ହିଁ ଆଇନ ଭାଙ୍ଗନ୍ତି ସର୍ବପ୍ରଥମେ । କେଉଁ ବିଚାରପତି ନ ଜାଣେ ଯେ ତା'ର ବିଚାର ବିଭାଗ ଅନ୍ୟାୟ ଦୁର୍ନୀତିରେ ପୂର୍ଣ୍ଣ ? ସେ ନିଜେ କଚେରୀରେ ପକ୍ଷ ହୋଇ ପ୍ରବେଶ କଲେ କିଏ ଲାଞ୍ଚ ନ ଦିଏ ? କିଏ ନ ଜାଣେ ଯେ ଯେଉଁ ମନ୍ତ୍ରୀ ଓ ମେମ୍ବରମାନେ ପଇସା ପତ୍ରର କାରବାର, ଜାତି ଧର୍ମର ପ୍ରଚାରକୁ ବେଆଇନ ଦଣ୍ଡନୀୟ କରି ଆଇନ ତିଆରି କରନ୍ତି, ଠିକ୍ ସେହିମାନେ ହିଁ ସେ ସବୁ କାମରେ ଲିପ୍ତ । ଏହା ଏତେଦୂରକୁ ଗଲାଣି ଯେ ପ୍ରତ୍ୟେକ ମନ୍ତ୍ରୀମଣ୍ଡଳ ତାର ପୂର୍ବବର୍ତ୍ତୀ ମନ୍ତ୍ରୀମଣ୍ଡଳ ବିରୁଦ୍ଧରେ ତଦନ୍ତ କମିଶନ ବସାଏ । ଏହା ଏତେ ବ୍ୟାପକ ଓ ଅସ୍ଥିମଜ୍ଜାଗତ ହେଲାଣି ଯେ ଏହାକୁ ଭାରତର ବୈଦିକ ସଭ୍ୟତା ବୋଲି ଦାବୀ କରିବାକୁ ଲୋକଙ୍କର ଅଭାବ ରହୁନାହିଁ ।

ଭାବନାର ଭଉଁରୀ ଭିତରେ ବିମାନଟା ଧୀରେ ଧୀରେ ନିସ୍ତେଜ ହୋଇଆସିଲାଣି । ତଳକୁ ତଳ ଖସିବାରେ ଲାଗିଛି । ଆଗରେ ଅସ୍ତଗାମୀ ସୂର୍ଯ୍ୟ, ପଛରେ ଗୋଧୂଳି ଆକାଶ, ଚାରିଆଡ଼ୁ ମାଡ଼ି ମାଡ଼ି ଆସୁଛି ମୁହଁ ସଞ୍ଜର ନରମ ଅନ୍ଧାର । ସେଇ କ୍ଷଣକର ଫାଙ୍କ ମଝିରେ ଖସିଆସିଛି ଆମର ବିମାନ--ତାହା ଏବେ ସମ୍ପୂର୍ଣ୍ଣ ନିର୍ଜୀବ, ନିସ୍ତବ୍ଧ ।

ବର୍ଲିନ ବିମାନ ବନ୍ଦର । ଆଦୌ ବରଫ ନାହିଁ । ପାଗ ଥଣ୍ଡା ହେଲେ ବି ଶୁଖିଲା । ବିମାନ ନିକଟରେ ଲୋକଗହଳ ନାହିଁ । କିଛିବାଟ ଆଗେଇଯାଇ ଗୃହ ମଧ୍ୟରେ ପ୍ରବେଶ କରୁଛି । ମୋ ଆଡ଼କୁ କିଏ ଜଣେ ଠିକିଏ ଝୁଙ୍କି ପଡ଼ି ପ୍ରଶ୍ନ କରେ "କମରେଡ୍ ପଟ୍ଟନାୟକ ?" ଖଣ୍ଡିଆ ଖଣ୍ଡିଆ ଇଂରାଜି । ତାର ମାଧ୍ୟମରେ ସେ ସ୍ୱାଗତ ଜଣାଇ କହିଦେଲେ, "ଗଣତାନ୍ତ୍ରିକ ଜର୍ମାନୀ ରାଜ୍ୟ ଆପଣଙ୍କ ଲାଗି ଉନ୍ମୁକ୍ତ । ଆପଣ ନିଜର ସକଳ ଆଗ୍ରହ ନିର୍ବିଘ୍ନରେ ପୂରଣ କରିପାରନ୍ତି ।" ବିମାନ ବନ୍ଦରରେ କେହି ପ୍ରଶ୍ନ କରିବାକୁ ନାହିଁ । କୌଣସି ତଲାସି ନାହିଁ । ସେଠାରେ ଥିବା ଗାର୍ଡ଼ଗଣ ହସି ହସି ସାଲ୍ୟୁଟ୍ ମାରି ରାସ୍ତା ଛାଡ଼ିଦେଲେ ।

ଇତିମଧ୍ୟରେ ସନ୍ଧ୍ୟାର ପ୍ରଦୀପ ଜଳିଉଠିଛି । ଚତୁର୍ଦ୍ଦିଗରେ ଆଲୋକର ଧାଡ଼ି । ସବୁ ବଡ଼ ବଡ଼ ସହର ଭଳି ଟ୍ରେନ, ଟ୍ରାମ, ବସ୍, କାର୍ ଆଦି ଛୁଟି ଚାଲିଛନ୍ତି । ତା ମଧ୍ୟରେ ଛୁଟି ଚାଲିଛି ଆମର କାରଟା । ତା ସହିତ ଚାରିଆଡ଼େ ବୁଲି ବୁଲି ଚାଲିଛନ୍ତି ମୋର ଆଖି ଦୁଇଟା । ଦେଖୁଛି ରାସ୍ତାଟା ସରିଲ ପୂର୍ବରୁ କାରଟା ମଝିରେ ମଝିରେ ବାରବାର ରାସ୍ତା ଭାଙ୍ଗି ଯାଉଛି । ଏହା ବହୁବାର ଘଟିଲାଣି । ଯତେ ଯେପରି ସାମ୍ନାରେ କିଛି ଗୋଟାଏ ପ୍ରତିବନ୍ଧକ ବା ଆଗୁଳ ।

ହଁ, ପ୍ରକୃତରେ ଗୋଟାଏ ଆଗୁଳ, ଏକ ପ୍ରାଚୀର—ବର୍ଲିନ ଓ୍ୱାଲ୍ । ଗୋଟାଏ ସହର ଦୁଇଭାଗ । ଗୋଟାଏ ଦେଶ ଦୁଇଖଣ୍ଡ । ଗୋଟାଏ ଘର ଭିତରେ ଉଠିଛି ଏଇ ପାଚେରି । କାହିଁକି ? ଏଥିପାଇଁ ଦାୟୀ କିଏ ?

ଏହା ବୁଝିବା ଆଜି କାହା ପକ୍ଷରେ କଷ୍ଟ ହୋଇପାରେ । କିନ୍ତୁ ଭାରତବାସୀଙ୍କ ପକ୍ଷରେ ଆଦୌ ନୁହେଁ । କାରଣ ଆମ

..ଶଟା ମଧ୍ୟ ଦୁଇଖଣ୍ଡ—ଭାରତ ଓ ପାକିସ୍ଥାନ । ଗୋଟାଏ ଗାଁର ଭାଣ୍ଡ, ଗୋଟାଏ ଘର ଚୂଲ ଉପରେ ଦେଇ କଟାଯାଇଛି ଦୁଇ-ଦେଶର ସୀମାରେଖା । ଚୂଲ ଝିଙ୍କାରୁ ପାଲେ ଭାରତରେ ଓ ଅନ୍ୟ ପାଲକ ପାକିସ୍ଥାନରେ ।

ଜର୍ମାନୀ ଦେଶ ଦୁଇ ଭାଗରେ ବିଭକ୍ତ—ଗଣତାନ୍ତ୍ରିକ ଜର୍ମାନୀ ଓ ଫେଡେରାଲ ଜର୍ମାନୀ । ଏହି ଗଣତାନ୍ତ୍ରିକ ଜର୍ମାନୀ ଭିତରେ ବର୍ଲିନ ସହର । ତା ପୁଣି ପୂର୍ବବର୍ଲିନ ଓ ପଶ୍ଚିମବର୍ଲିନ—ଦୁଇ ଭାଗରେ ବିଭକ୍ତ । ପଶ୍ଚିମ ବର୍ଲିନ ପଶ୍ଚିମ ଜର୍ମାନୀର ସୀମାରୁ ୧୧୦ ମାଇଲ ଦୂରରେ, ପୂର୍ବ ଜର୍ମାନୀ ଭିତରେ ତାହା ଏକ ଟାପୁ ଭଳି । ଅନ୍ୟ ଦୃଷ୍ଟିରୁ ଦେଖିଲେ ପୂର୍ବ ଜର୍ମାନୀ ଗୁନ୍ତରେ ଗୋଟାଏ କଣ୍ଟା ଭଳି ବିଦ୍ଧ ହୋଇଛି ।

କେବଳ ଭାରତ କି ଜର୍ମାନୀ ନୁହେଁ, ପୃଥିବୀର ବହୁଦେଶ ବହୁ ଜାତି ଏଇପରି ଦୁଇଖଣ୍ଡ । କୋରିଆ ଦେଶ,—ଉତ୍ତର କୋରିଆ ଓ ଦକ୍ଷିଣ କୋରିଆ, ଭିଏତନାମ—ଉତ୍ତର ଭିଏତନାମ ଓ ଦକ୍ଷିଣ ଭିଏତନାମ, ଦୁଇ ଦୁଇଖଣ୍ଡ । ଆରବ ଦେଶ ସେଇପରି ଭାଗ ଭାଗ, ଯାହାର ଫଳ ହୋଇଛି ଆରବ ଇସ୍ରାଇଲ ସଂଘର୍ଷ । ସେମିତି ବିଭକ୍ତ ହୋଇଛି ଆଫ୍ରିକାର କଙ୍ଗୋ । ଏହି ଦୃଷ୍ଟାନ୍ତର ଅଭାବ ନାହିଁ । ଏହା ହେଲା, "ଡିଭାଇଡ୍ ଆଣ୍ଡ ରୁଲ୍"—ବିଭେଦ ସୃଷ୍ଟି କରି ଶାସନ କର—ସାମ୍ରାଜ୍ୟବାଦୀ ନୀତିର ପରିଣାମ । ଯେଉଁଠି ଦେଶ ବିଭକ୍ତ, ସେଠି ସେହି ଦୁଇ ଅଂଶ ମଧ୍ୟରେ ଅବିରାମ ବାଦ ବିବାଦ ଓ ସଂଘର୍ଷ, ଯୁଦ୍ଧର ଆହ୍ୱାନ, ଏପରିକି ସମୟେ ସମୟେ ଖଣ୍ଡଯୁଦ୍ଧ ମଧ୍ୟ । ଆଉ ଏ ସମସ୍ତଙ୍କ ପଛରେ ପ୍ରଚ୍ଛନ୍ନ ବା ପ୍ରକାଶ୍ୟ ଭାବେ ରହିଛି ସାମ୍ରାଜ୍ୟବାଦ ।

କୋରିଆର ରଣକ୍ଷେତ୍ରରେ ଠିଆ ହୋଇଛନ୍ତି ଆମେରିକାର ସୈନ୍ୟ, ଭିଏତନାମର ରଣକ୍ଷେତ୍ରରେ ଲଢ଼ୁଛନ୍ତି ଆମେରିକାର ସୈନ୍ୟବାହିନୀ, ଭାରତ ବିରୁଦ୍ଧରେ ପାକିସ୍ଥାନକୁ ଅସ୍ତ୍ରଶସ୍ତ୍ର ସଜ୍ଜିତ କରି ଲଗାଇଦେଉଛନ୍ତି ଆମେରିକା । ଆଜି ଆମେରିକାର ସାମରିକ ସାହାଯ୍ୟ ଓ ରାଜନୈତିକ ସମର୍ଥନ ବଳରେ ଇସ୍ରାଇଲ ବଳୀୟାନ୍ । ଆଉ ପଶ୍ଚିମ ଜର୍ମାନୀରେ ଦେଖିବେ ଯେଉଁ ଆମେରିକା ସାମ୍ରାଜ୍ୟ-ବାଦୀ ସୈନ୍ୟଙ୍କ ଗୁଉଣୀ ।

ଯେଉଁଠି ବିବାଦ ଓ ଦେଶ ବିଭକ୍ତ, ଦେଖିବେ ତା ପଛରେ ସାମ୍ରାଜ୍ୟବାଦ । ଆଉ ଯେଉଁଠି ସାମ୍ରାଜ୍ୟବାଦ, ସେଠି ଯୁଦ୍ଧ । ଦୁଇ କୋରିଆ, ଦୁଇ ଭିଏତନାମ, ଭାରତ ପାକିସ୍ଥାନ, ଆରବ ଇସ୍ରାଏଲ, ଦୁଇ ଜର୍ମାନୀ ଭିତରେ ସବୁବେଳେ ବାଦବିବାଦ, ଯୁଦ୍ଧ, ଶୀତଳ ଯୁଦ୍ଧ, ଯୁଦ୍ଧଲାଗି ପ୍ରସ୍ତୁତି ବା ଯୁଦ୍ଧର ହୁଙ୍କାର । ସାମ୍ରାଜ୍ୟବାଦୀ ଆମେରିକା ସବୁବେଳେ ଉତ୍ତେଜନା ଲଗେଇ ରଖିଛି । ଗୋଟାଏଠାରେ ଯୁଦ୍ଧ ବନ୍ଦ ହୋଇଗଲେ ଅନ୍ୟଠାରେ ତାହା ଲଗାଇଦେଉଛି । ଦୁଇ ଜର୍ମାନୀ ଭିତରେ ଶୀତଳ ଯୁଦ୍ଧ ଲାଗିଛି । ତାହା ଲଢ଼େଇରେ ପରିଣତ ହୋଇନାହିଁ । ଗୋଳାଗୁଳି ଛୁଟିନାହିଁ । କାରଣ ଏ ଯୁଦ୍ଧ, ଅନ୍ୟ ସବୁ ଯୁଦ୍ଧ ଭଳି ଏକ ସ୍ଥାନୀୟ ଯୁଦ୍ଧ ହୋଇ ରହିବ ନାହିଁ । ଜର୍ମାନୀ ଯୁଦ୍ଧ ସଙ୍ଗେ ସଙ୍ଗେ ବିଶ୍ୱଯୁଦ୍ଧର ରୂପ ଧାରଣ କରିବ । ପୃଥିବୀର କୌଣସି ଶକ୍ତି ଓ ଦେଶ ସେଥିରୁ ବାଦ ପଡ଼ିବେ ନାହିଁ । ସବୁବେଳେ ବିଶ୍ୱଯୁଦ୍ଧର ସୃଷ୍ଟି ଏଇ ଜର୍ମାନୀରୁ ।

ଏଇ ଦୁଇ ଜର୍ମାନୀ ପଛରେ ବିଶ୍ୱର ଦୁଇ ଶକ୍ତିଶାଳୀ ସଂସ୍ଥା ଦଣ୍ଡାୟମାନ । ପଶ୍ଚିମ ଜର୍ମାନୀ ପଛରେ ରହିଛନ୍ତି ଆମେରିକା, ବ୍ରିଟେନ ଓ ଫ୍ରାନ୍ସ । ସେମାନେ ଆପଣାର ସୈନ୍ୟ ରଖିଛନ୍ତି ।

ସେଠି ପଶ୍ଚିମ ଜର୍ମାନୀକୁ ନିଜର ସାମରିକ ମେଣ୍ଟଭୁକ୍ତ କରିଛନ୍ତି । ତାକୁ ଏକ ସାମରିକ ଶକ୍ତିଭାବେ ଗଢ଼ୁଛନ୍ତି । ଠିକ୍ ଏଇପରି ୩୦।୪୦ ବର୍ଷ ତଳେ ଗଢ଼ିଥିଲେ ଫାସିଷ୍ଟ ହିଟଲରକୁ —ସମାଜବାଦୀ ବିପ୍ଳବର ଜୁଆରକୁ ରୋକିବା ଲାଗି, ରୁଷକୁ ଧ୍ୱଂସ କରିବାପାଇଁ । ଆଜି ବି ଠିକ୍ ସେହି ଆତ୍ମଘାତୀ ବିଶ୍ୱଘାତୀ ନୀତି ଅନୁସରଣ କରୁଛନ୍ତି—ସେହି ସାମ୍ରାଜ୍ୟବାଦୀଗଣ ।

ଅନ୍ୟଦିଗରେ ଛିଡ଼ା ହୋଇଛନ୍ତି ବିରାଟ ସମାଜବାଦୀ ସଂସ୍ଥା । ପୂର୍ବର ଗଣତାନ୍ତ୍ରିକ ଜର୍ମାନୀ ଏକ ସମାଜବାଦୀ ଦେଶ । ତାହା ସେହି ସମାଜବାଦୀ ପରିବାରର ଜଣେ । ସାମ୍ରାଜ୍ୟବାଦୀ ଆକ୍ରମଣ, ଷଡ଼ଯନ୍ତ୍ରରୁ ତାକୁ ରକ୍ଷା କରିବା ସବୁ ସମାଜବାଦୀ, ଗଣତାନ୍ତ୍ରିକ ଦେଶ ଓ ଶାନ୍ତିକାମୀ ଶକ୍ତିମାନଙ୍କ ଏକ ପ୍ରଧାନ ପବିତ୍ର କର୍ତ୍ତବ୍ୟ । ଏମାନେ ଗଣତାନ୍ତ୍ରିକ ଜର୍ମାନୀ ପଛରେ ଦୃଢ଼ଭାବେ ଦଣ୍ଡାୟମାନ ଏବଂ ସାମ୍ରାଜ୍ୟବାଦୀଙ୍କୁ ଜଣାଇ ଦେଇଛନ୍ତି : ଗଣତାନ୍ତ୍ରିକ ଜର୍ମାନୀ ପ୍ରତି ବଳ ପ୍ରୟୋଗ କରିବା ଅର୍ଥ ବିଶ୍ୱଯୁଦ୍ଧ, ନିଜର ବିନାଶକୁ ବରଣ କରିବା ।

ଏଇଠି ଜର୍ମାନୀ ବକ୍ଷରେ ମୁହାଁମୁହିଁ ଦୁଇ ଶକ୍ତିଶାଳୀ ସଂସ୍ଥା ସମାଜବାଦ ଓ ସାମ୍ରାଜ୍ୟବାଦ ଦଣ୍ଡାୟମାନ । ଦୁହିଁଙ୍କ ମଝିରେ ଠିଆହୋଇଛି ସେହି ପ୍ରାଚୀର—ବର୍ଲିନ ୱାଲ୍ ।

ଏହି ପ୍ରାଚୀର ଗଢ଼ିଛି ସମାଜବାଦୀ ଜର୍ମାନୀ, ପଶ୍ଚିମ ଜର୍ମାନୀ ଓ ମ୍ରାଜ୍ୟବାଦୀଙ୍କ ଚକ୍ରାନ୍ତ, ଆକ୍ରମଣ ଓ ଅନ୍ତର୍ଘାତୀ କାର୍ଯ୍ୟରୁ ନିଜକୁ ରକ୍ଷା କରିବା ଲାଗି । ଏହା ନ ଥିଲେ ସାମ୍ରାଜ୍ୟବାଦୀମାନେ କେଉଁଦିନୁ ମାଡ଼ିଆସନ୍ତେଣି । ଏମାନେ ଏମିତି ମାଡ଼ିଆସିଛନ୍ତି କୋରିଆ, ଭିଏତନାମରେ । ତାଙ୍କର ସେହି ଯୁଦ୍ଧ, ଧ୍ୱଂସର ଉଦ୍ୟମକୁ

ଅବରୋଧ କରୁଛି ଏହି ପ୍ରାଚୀର—ପରାସ୍ତ କରୁଛି ତାଙ୍କର ଚକ୍ରାନ୍ତ, ଷଡ଼ଯନ୍ତ୍ରକୁ ।

ବର୍ଲିନ ପ୍ରାଚୀର ଘୋଷଣା କରୁଛି : ତାହା ଯୁଦ୍ଧର ପ୍ରଚୀରକ ନୁହେଁ, ଶାନ୍ତିର ପ୍ରାଚୀର ।

ତାହାହିଁ ଦୂରେଇଦେଇଛି ବିଶ୍ୱଯୁଦ୍ଧକୁ । ସେଥିପାଇଁହିଁ ସେଇ ପ୍ରାଚୀର ବିରୁଦ୍ଧରେ ସାମ୍ରାଜ୍ୟବାଦୀଙ୍କର ଏତେ ପ୍ରଚାର !

## ପ୍ରଥମ ଝଲକ

ହୋଟେଲରେ ଗୋଡ଼ ଦେଇଛି, ଆଗରେ ଦେଖେଁ ତ ଶରତ୍‌ବାବୁ ( ଶ୍ରୀ ଶରତ ପଟ୍ଟନାୟକ ) ; ପଛକୁ ଅନାଏଁ ତ ଶ୍ରୀ ଶିଭୁ ବିଶ୍ୱାସ (ଭାରତ ଶାନ୍ତି ପରିଷଦର ସାଧାରଣ ସମ୍ପାଦକ) ଓ ଶ୍ରୀ ସାଧନ ମୁଖାର୍ଜି (ନିଉ ଏଜ୍ ପତ୍ରିକାର ପ୍ରତିନିଧି) । ସଙ୍ଗେ ସଙ୍ଗେ ଗୋଟାଏ ହସ, ଆନନ୍ଦର ଲହରି ଖେଳିଗଲା । ଶରତ୍-ବାବୁ ତ ସହଜେ କଟକ ହାମ୍ ବଜାରର ଲୋକ । ଅନ୍ୟ ଦୁଇଜଣ ମଧ୍ୟ ବହୁଦିନର ଅତି ପୁରୁଣା ପରିଚିତ ବନ୍ଧୁ । ଆଉ ସେ ଦୁହେଁ ମଧ୍ୟ ଓଡ଼ିଶା ସହିତ ଅତି ଘନିଷ୍ଠଭାବେ ପରିଚିତ । ସାଧନବାବୁଙ୍କ ଜୀବନର ଗୋଟାଏ ଅଂଶ କଟିଛି ଓଡ଼ିଶାରେ ବଡ଼ବିଲ ଖଣି-ଶ୍ରମିକଙ୍କ ମଧ୍ୟରେ । ସେମାନଙ୍କୁ ସଂଗଠିତ କରିବାରେ ସେ ଜଣେ ପ୍ରଧାନ ଅଗ୍ରଣୀ । ସେ ଏବେ ଜର୍ମାନୀର ଜଣେ ଅସ୍ଥାୟୀ ବାସିନ୍ଦା । ଜିନଷଗୁଡ଼ିକ ହୋଟେଲରେ ଫିଙ୍ଗିଦେଇ ବାହାରି ପଡ଼ିଲୁଁ ତାଙ୍କ ଘରକୁ ନିମନ୍ତ୍ରଣରେ—ଭାରତୀୟ ଭୋଜନର ଲାଳସା ଯେଣୁ ।

ଏତେଦିନ ପରେ ଭାରତୀୟ ଖାଦ୍ୟ । ତା ପୁଣି ବଙ୍ଗାଳୀ, ଓଡ଼ିଆଙ୍କ ରୋଷେଇ । ଏଥିରେ ସର୍ବପ୍ରଧାନ ସ୍ଥାନ ମାଛର । ସାଧନବାବୁ ବାହା ହୋଇନାହାନ୍ତି । ଘରେ ଏକା । ତେଣୁ ସ୍ୱହସ୍ତେ ବାହାରିଲୁଁ ବଜାର କରି । ସେ ବଜାର କରୁଥାନ୍ତି । ମୁଁ ଦେଖୁଥାଏଁ ବଜାରକୁ । ନୂଆ ଜାଗା, ନୂଆ ନୂଆ ଜିନିଷ । ସବୁ ବିଷୟ ଜାଣିବାକୁ ଇଚ୍ଛା । କିଛି ନ କିଣିଲେ ବି ଦରଦାମ ବୁଝିବାର ଆଗ୍ରହ । ବଜାରକୁ ଅନାଇଦେଲେ ରୁଷ ଜର୍ମାନୀର ପାର୍ଥକ୍ୟ ସ୍ୱତଃ ଆଖିରେ ପଡ଼ିଯାଏ । ବର୍ଲିନର ବଜାର ବହୁଦେଶର, ବହୁପ୍ରକାର ଜିନିଷରେ ଭର୍ତ୍ତି । ବାହାର ପୁଞ୍ଜିପତି ଦେଶର ଜିନିଷର ମଧ୍ୟ ଅଭାବ ନାହିଁ—ନଡ଼ିଆତେଲଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାରର ସିଗାରେଟ ପର୍ଯ୍ୟନ୍ତ । ଯାହା, ଆମେ ଭାରତରେ ପାଉଁ ଅଥଚ ରୁଷରେ ମିଳେ ନା, କିନ୍ତୁ ପୂର୍ବ ଜର୍ମାନୀରେ ସେ ସବୁ ଯାହାକୁ ଯେତେ । ଦିନେ ଆମେରିକାନ୍ ସିଗାରେଟ ଟାଣୁଥିବା ଜଣେ ଜର୍ମାନୀ ବନ୍ଧୁଙ୍କୁ ପ୍ରଶ୍ନ କଲୁଁ—ତୁମର ନିଜର ତ ସିଗାରେଟ୍ ଅଛି, ପୁଣି ଆମେରିକାରୁ ମଗାଇ ବୈଦେଶିକ ମୁଦ୍ରା ଅପବ୍ୟୟ କରୁଛ କାହିଁକି ? ବନ୍ଧୁ ଜଣକ ଟିକିଏ ହସିଦେଇ କହିଲେ, "ଏଠି ଅନେକେ ଅଛନ୍ତି, ପୁଣି ବହୁ ଟୁରିଷ୍ଟ ଏଠାକୁ ଆସନ୍ତି ଯାହାଙ୍କର ଏ ବିଦେଶୀ ଜିନିଷ ପ୍ରତି ଭାରି ଝୋଙ୍କ୍ । ତେଣୁ ଆମେ ତାକୁ ଏଇଠି ତିଆରି କରି ତା ଉପରେ 'ମେଡ୍ ଇନ୍ ଆମେରିକା' ବୋଲି ଲେଖିଦେଉଁ । ସେମାନେ ଅଧିକ ପଇସା ଦେଇ ଯଦି ଆନନ୍ଦ ଅନୁଭବ କରିବାକୁ ଚାହାନ୍ତି, ତାଙ୍କୁ ତାହା ଯୋଗାଇଦେଲେ କ୍ଷତି କଣ ?" ମୁଁ କହିଲି, "ତାହା ହେଲା ପେଟେଣ୍ଟ ରାଇଟ୍ ।" ବନ୍ଧୁ ଜଣକ ଜୋରରେ ହସିଉଠିଲେ : ସେ ତ ଏକଚାଟିଆ ପୁଞ୍ଜିବାଦୀ ବ୍ୟବସ୍ଥା । ତା ପରେ, ଆମେରିକା ତ ଆମକୁ ସ୍ୱୀକାର କରେ ନାହିଁ । ଆମେ ତାକୁ ମାନିବାକୁ ଯିବୁଁ

କାହିଁକି ?'' ତେବେ ଜର୍ମାନୀରେ ଯେତେ ବିଦେଶୀ ଜିନିଷ ମିଳେ, ସବୁଗୁଡ଼ିକ ଯେ ସେଇଠି ତିଆରି, ତାହା ନୁହେଁ, କି ହୋଇ ନ ପାରେ। ବାହାରୁ ଆମଦାନୀ ବି କରାଯାଏ। କିନ୍ତୁ ଏ କଥାଟା ରୁଷରେ ନାହିଁ। ନିହାତି ଆବଶ୍ୟକ ନ ହେଲେ ରୁଷ ବାହାରୁ ଜିନିଷ ଆଣେ ନାହିଁ। କିନ୍ତୁ ପୂର୍ବ ଜର୍ମାନୀରେ ତା ନାହିଁ। ଆଗରୁ ସେଠାରେ ବହୁ କିସମର ଜିନିଷ ତିଆରି ହେଉଥିଲା। ତା ଏବେ ମଧ୍ୟ ହେଉଛି। ପ୍ରକୃତ କାରଣ ହେଲା ରାଜନୈତିକ, ପଶ୍ଚିମ-ଜର୍ମାନୀ ସହିତ ପ୍ରତିଦ୍ୱନ୍ଦ୍ୱିତା। ପଶ୍ଚିମ ଜର୍ମାନୀରେ ଦୁନିଆର ସବୁ ଜିନିଷ ପୂର୍ଣ୍ଣ। ପୂର୍ବ ଜର୍ମାନୀ ପଶ୍ଚିମ ଜର୍ମାନୀଠାରୁ କୌଣସି ଗୁଣରେ ଊଣା ନୁହେଁ। ସେ ପଛରେ ପଡ଼ିବ କାହିଁକି ? ସେ ମଧ ଲୋକଙ୍କୁ ସକଳ ପ୍ରକାର ସୁଯୋଗ ଯୋଗାଇଦେବାକୁ ପ୍ରସ୍ତୁତ—ତା' ଠାରୁ ସବୁଦିଗରୁ ଅଧିକ ଉନ୍ନତ ଓ ଉତ୍କୃଷ୍ଟ।

ଅଧିକାଂଶ ଦୋକାନରେ ଶ୍ରେଷ୍ଠ ଶ୍ରେଷ୍ଠ ହିସାବ ଯନ୍ତ୍ର ବା କମ୍ପ୍ୟୁଟର ମେସିନ। ଆଉ ମଧ୍ୟ କେତେଟି ଯନ୍ତ୍ର ଅଛି ଯିଏ ଗରାଖଙ୍କୁ ଟେଙ୍କା ପଇସା ଗଣିଦିଏ। ଭୁଲ ହେବାର କୌଣସି ଆଶଙ୍କା ନାହିଁ। ଦେଖିଲି, ରେଷ୍ଟୁରାଁରେ ପ୍ଲେଟ ଉଠାଇବାକୁ ଲୋକ ନାହିଁ। କନ୍‌ଭେୟର ପ୍ଲେଟତକ ବୋହିନେଉଛି। ଏପରିକି ଡ୍ରେସଡେନ ଭଳି ଆର୍ଟ ମିଉଜିୟମରେ ଗାଇଡ ବ୍ୟବସ୍ଥାକୁ ମଧ୍ୟ ଯନ୍ତ୍ର ଅଧିକାର କରିଛି। ବିଭିନ୍ନ ଚିତ୍ର ନମ୍ବର ଅନୁସାରେ ସେ ସମ୍ବନ୍ଧରେ ଜ୍ଞାତବ୍ୟ ବିଷୟଗୁଡ଼ିକ ଟେପରେକର୍ଡ ହୋଇଛି। ତା ପୁଣି ବିଭିନ୍ନ ଭାଷାରେ। ତାକୁ କାନରେ ଝୁଲାଇ ସେଇ ନମ୍ବର ଚିତ୍ର ଆଗରେ ଠିଆହୋଇ ବୋତାମ ଟିପିଲେ ହେଲା। ଆଉ ଅଧିକ ଜାଣିବାକୁ ହେଲେ ସେଠି ସେ ସମ୍ବନ୍ଧରେ ବିକ୍ରୀ ହେଉଥିବା ବହି କିଣିପାର। ଛୁଟିଦିନ ଦୋକାନ ବଜାର ପୂରା ବନ୍ଦ।

ଆମର ଏଠି ଦୋକାନ ବନ୍ଦ ହେଲେ ଏଣେ ଫୁଟପାଥ୍ ବଜାର ଖୋଲିଯାଏ । ସେଠି କିନ୍ତୁ ତା ନୁହେଁ । ବନ୍ଦ ମାନେ—ଆମର 'ବନ୍ଦ ଆନ୍ଦୋଳନ' ଭଳି ବନ୍ଦ । ତେବେ ଫୁଟପାଥ୍ କଡ଼ରେ ସ୍ୱୟଂକ୍ରିୟ ଦୋକାନ ଥାଏ ଯେଉଁଠି କି ସିଗାରେଟ ଚକୋଲେଟ ଭଳି ଜିନିଷ ମିଳେ । ପଇସା ଦେଇ ବୋତାମ ଟିପିଲେ ତା ଆପେ ଆପେ ବାହାରି ଆସେ । ଦୋକାନୀର ଦରକାର ନାହିଁ । ସେ ତ କେତେଠି ହୋଟେଲରେ ହାତ ଧୋଇଲା ପରେ ପୋଛିବା ଲାଗି ତଉଲିଆର ବ୍ୟବସ୍ଥା ନାହିଁ । ବୋତାମ ଚଲାଇଲେ ମେସିନରୁ ଗରମ ପବନ ବାହାରିପଡ଼େ, ଓଦା ହାତ ସଙ୍ଗେ ସଙ୍ଗେ ଶୁଖିଯାଏ । ଏକ ଡାକ୍ତରଖାନାରେ ବୁଲିଲାବେଳେ ଦେଖେଁ ତ ସମସ୍ତଙ୍କ ପକେଟରେ ପିଲାଙ୍କ ସ୍କେଲ ଭଳି ଗୋଟାଏ ଜିନିଷ, ଷ୍ଟେଥୋସ୍କୋପ ଭଳି ସମସ୍ତେ ଧରିଛନ୍ତି । ତା ହେଲା ଏକ କ୍ଷୁଦ୍ର ବେତାର ଯନ୍ତ୍ର । ସେଥିରେ, ଡାକ୍ତର ଯେଉଁଠି ଥାଆନ୍ତୁ ପଛେ ତାଙ୍କୁ ଡାକିହେବ; ତାଙ୍କ ସହିତ କଥାବାର୍ତ୍ତା କରିହେବ । ବଡ଼ ବଡ଼ ଡାକ୍ତରଖାନା ଲାଗି ଏହା ନିହାତି ଦରକାର । ତା ନ ହେଲେ ଡାକ୍ତରଙ୍କୁ ସଙ୍ଗେ ସଙ୍ଗେ ପାଇବାକୁ ହେଲେ କେତେ ଖୋଜିବ ! ସେମିତି ଏବେ ଯେଉଁସବୁ ନୂଆ ଘର ତିଆରି ହେଉଛି ତା'ର ଏକ ଅଦ୍ଭୁତ ଦୁଆର ବ୍ୟବସ୍ଥା । ଗୋଟାଏ ଘରେ ଅନେକ ଫ୍ଲାଟ ଅଛି । ପଶିବା ଫାଟକ ତ ଗୋଟାଏ । ସେଠି ଯିଏ ଇଚ୍ଛା କଲା ସେ ପଶିଯିବ, ତା ନୁହେଁ । ଯେଉଁ ମହଲାର ଯେଉଁ ଫ୍ଲାଟକୁ ଯିବ ସେ ଉପରୁ ବୋତାମ ନ ଟିପିଲେ ତଳ ଦୁଆର ଖୋଲିବ ନାହିଁ । ତା ମାନେ, ବିନା ଅନୁମତିରେ, ବିନା ଚିହ୍ନଟରେ କେହି ପ୍ରବେଶ କରିପାରିବେ ନାହିଁ । ଏ ସବୁ ସ୍ୱୟଂକ୍ରିୟ ବ୍ୟବସ୍ଥା ଦ୍ୱାରା ଗୃହୀତ ଏଇପରି ଯନ୍ତ୍ରପାତିର ପ୍ରୟୋଗ, ବହୁଳ ପ୍ରୟୋଗ, ପୂର୍ବ

ଜର୍ମାନୀରେ ଦେଖାଯାଏ । ଏ ସବୁ ଯେ ଖୁବ୍ କିଛି ଅଦ୍ଭୁତ ଜିନିଷ ବା ବୈଜ୍ଞାନିକ ବିଷୟ, ତା ନୁହେଁ । ଏହା ଆଧୁନିକ ଜଗତରେ କାହାକୁ ଅଛପା ନୁହେଁ । କଥା ହେଉଛି, ଏହାର—ଏ କାରିଗରି ବିଦ୍ୟାର ବହୁଳ ପ୍ରୟୋଗ ଅନ୍ୟତ୍ର ଏତେ ଦେଖାଯାଏ ନାହିଁ । ଧୀରେ ଧୀରେ ମେସିନ ମଣିଷର ସ୍ଥାନ ଗ୍ରହଣ କରୁଛି; ମଣିଷ ତୁଳନାରେ, ଅତି ଅଳ୍ପ ସମୟରେ ଅତି ନିଖୁଣଭାବେ ଦକ୍ଷତାର ସହିତ କାର୍ଯ୍ୟ ସମ୍ପାଦନ କରିଦେଉଛି ।

ଆମର ଏଠି କମ୍ପ୍ୟୁଟର ବସିଲା । ତା ବିରୁଦ୍ଧରେ ଆନ୍ଦୋଳନ ହେଉଛି । କାରଣ, ତାହା ବହୁଲୋକଙ୍କର କାମ କରିଦେବ, ଫଳରେ ବହୁଲୋକେ ଛଟେଇ ହେବେ; ବେକାର ହୋଇପଡ଼ିବେ । କିନ୍ତୁ ସେଠି ସେ ଭୟ ନାହିଁ । ଲୋକସଂଖ୍ୟା ତୁଳନାରେ କାମର ଚାହିଦା ଅଧିକ । ସମାଜବାଦୀ ବ୍ୟବସ୍ଥାରେ କେହି ବେକାର ହେବାର ପ୍ରଶ୍ନ ନାହିଁ । ପୁଞ୍ଜିବାଦୀ ଦେଶ ଭଳି ବ୍ୟକ୍ତିଗତ ଲାଭ ଦୃଷ୍ଟିରୁ କୌଣସି କଥା ବିଚାର କରାଯାଏ ନାହିଁ । ସମୂହ ସ୍ୱାର୍ଥ ଦିଗରୁ ଯାହା ଆବଶ୍ୟକ, କରାଯାଇଥାଏ ।

ଶରତ୍ ବାବୁ ଆଗରୁ ଆସିଥାନ୍ତି । ଦୁଇଦିନ ପରେ ସେ ଦେଶକୁ ବାହୁଡ଼ିବେ । ମୋର କୌଣସି ପ୍ରୋଗ୍ରାମ ହୋଇନାହିଁ । ଏଣେ ପଡ଼ିଗଲା ଶନିବାର, ରବିବାର । ସବୁ ସମାଜବାଦୀ ଦେଶରେ ସପ୍ତାହକୁ ଦୁଇଦିନ ଛୁଟି । ଛୁଟିଦିନ ପୂରା ଛୁଟି । ସମସ୍ତେ ଚାହାନ୍ତି ତାକୁ ପୂରା ଉପଭୋଗ କରିବେ । ରୁଷରେ ମଧ୍ୟ ତା ଲକ୍ଷ୍ୟ କରିଛି । ଏମାନେ ଯାହା କରନ୍ତି ତାକୁ ପରିପୂର୍ଣ୍ଣ ଭାବେ କରନ୍ତି । କାମ କଲାବେଳେ ପୂରାଦମରେ କାମ କରନ୍ତି । ଟିକିଏ ହେଲେ ଠକାମି ବା ଖିଲାପ୍ ନାହିଁ । ଖେଳିଲାବେଳେ ପୂରାପୂରି ଖେଳରେ ମାତି ଯାଆନ୍ତି । ଆଉ ଖାଇବସିଲେ ପରିପୂର୍ଣ୍ଣ

ଭୋଜନ । ମନ ଖୁସିକରି ଖାଆନ୍ତି । ସବୁକ୍ଷେତ୍ରରେ ନିଷ୍ଠା, ଆନ୍ତରିକତା ଓ ଚରମ ସାର୍ଥକତା ଦିଗରେ ପ୍ରଚେଷ୍ଟା । ବୋଧହୁଏ ଏମାନଙ୍କର ପ୍ରତିଷ୍ଠା, ଅଗ୍ରଗତିର ଏହା ଏକ ପ୍ରଧାନ କାରଣ । କିନ୍ତୁ ଆମ ଦେଶର ଆଦତ୍‌ଟା ଠିକ୍ ଓଲଟା । କୌଣସି ଜିନିଷରେ ହାତ ଦେଲେ ପ୍ରଥମ ଚିନ୍ତା କିପରି ଅନ୍ୟକୁ ଠକିବା । କିଣାବିକାରେ, କାମ କରିବାରେ, ପାଠ ପଢ଼ିବାରେ, ଖେଳିବାରେ, ଏପରିକି ଖାଇବାରେ, ପ୍ରତ୍ୟେକ କ୍ଷେତ୍ରରେ ଠକିଦେବାକୁ ଚେଷ୍ଟା କରୁଁ । ଅନ୍ୟ ବିଷୟ ଛାଡ଼, ପେଟକୁ ଠକିଦେବା, ଯେନ ତେନ ପ୍ରକାରେ ଉଦର ପୂରଣ ହେଲା ଆମର ଲକ୍ଷ୍ୟ । ସବୁ କିଛି ସୂକ୍ଷ୍ମରେ, ଶସ୍ତା ସହଜରେ କରିବାକୁ ଚାହୁଁ । କୌଣସିଥିରେ ନିଷ୍ଠା ବା ଆନ୍ତରିକତା ନାହିଁ । ସେଥିପାଇଁ ବୋଧହୁଏ ଆମେ ପୂର୍ବରୁ ବ୍ୟବସ୍ଥା ପକାଇଦେଇଛୁଁ : ପାଣି ନ ହେଲେ ମନ୍ତ୍ରସ୍ନାନ କରିଦିଅ, ବସ୍ତ୍ରାଭାବେ ସୂତ୍ର ଇତ୍ୟାଦିରେ କାମ ଚଳାଇଦିଅ । ପ୍ରକୃତ କାମ ନୁହେଁ, କାମଚଳା କାମ— ଏଇ ହେଲା ଆମର ପ୍ରକୃତ ମତଲବ ।

ତେଣୁ ଛୁଟି ଦିନରେ ଯିଏ ଗାଇଡ୍ ଆମ ସଙ୍ଗରେ ରହିଲା, ତା'ର ଛୁଟି ଗଲା । ଆମକୁ ବୁଲାଇ ଦେଖାଇବାଟା ତ ପୁଣି ଦିଗୋଟାଏ କାମ । ଜର୍ମାନୀ ଆସିଲାବେଳେ ଜଣେ ସୋଭିଏତ୍ କମରେଡ୍ ଖୋଲିଖୋଲି କଥାଟି କହି ପକାଇଥିଲେ : ଜର୍ମାନ କମରେଡ୍‌ଙ୍କୁ କହିବେ ସେମାନେ ଯେପରି ଆପଣଙ୍କୁ ଶନିବାର, ରବିବାର ଦିନ ନ ଛାଡ଼ନ୍ତି । ଏହି ମଧ୍ୟରେ ଶରତବାବୁଙ୍କ ଲଜ୍ ସଙ୍ଗେନ୍ ପ୍ରୋଗ୍ରାମ ହୋଇଛି କି ନାହିଁ ଜାଣେ ନାହିଁ । ଯାହା ହେଉ ସେଦିନ ତାଙ୍କ ପ୍ରୋଗ୍ରାମ ସହିତ ମୁଁ ଯୋଡ଼ିହୋଇଗଲି । ଆମ ଗାଇଡ୍‌କୁ ଛୁଟି ମିଳିଗଲା ବର୍ଲିନରେ ।

ବର୍ଲିନରୁ ଡ୍ରେସଡେନ—କାର୍‌ରେ ମାତ୍ର ୩।୪ ଘଣ୍ଟାର ରାସ୍ତା । ସହରଟି ମଧ୍ୟମ ଧରଣର ବଡ଼ । ପ୍ରାୟ ୫ଲକ୍ଷ ଲୋକଙ୍କର ନିବାସ । କିନ୍ତୁ ଜର୍ମାନୀର କଳା ସଂସ୍କୃତିର କେନ୍ଦ୍ର । ସେଇ ଅନୁରୂପ ତା'ର ଗଢ଼ଣ, ପରିପାଟୀ ଓ ବିଭିନ୍ନ ପ୍ରକାର କଳା ସ୍ଥାପତ୍ୟର ପ୍ରାଚୁର୍ଯ୍ୟ । ସହରର ଆତ୍ମା ମହତ୍ତ ତା'ର ଉପରର ଆବରଣ; ତାକୁ ଆହୁରି ସମୃଦ୍ଧ କରୁଛି ଏଲବ୍ ନଦୀ ପ୍ରବାହର ପ୍ରସାଧନ । ଆମର ପୁରାତନ ଭୁବନେଶ୍ୱର, ମନ୍ଦିର-ନଗରୀ ଭଳି ଡ୍ରେସଡେନ ଏକ ସ୍ମୃତି ମନ୍ଦିର (ମିଉଜିୟମ) ନଗରୀ । ଯୁଆଡ଼େ ଚାହଁ ଗୋଟିଏ ଗୋଟିଏ ସ୍ମୃତି ମନ୍ଦିର, ମିଉଜିୟମ ବା ଯାଦୁଘର । ସେସବୁ କେବଳ ପ୍ରାଚୀନତାର ଆଧାର ନୁହନ୍ତି । ମଣିଷର ବର୍ତ୍ତମାନ ଓ ଭବିଷ୍ୟତର ମଧ୍ୟ ନିର୍ଦ୍ଦେଶକ । ମଣିଷ ସଭ୍ୟତା, ବିଶେଷ କରି ଜର୍ମାନ-ସଭ୍ୟତା ଯାହା ହାସଲ କରିବେ ତାର ଏକ ଏକ ପ୍ରତିମୂର୍ତ୍ତି । ବିଶ୍ୱବିଖ୍ୟାତ ହେଉଛି ତା'ର ଆର୍ଟ ଗ୍ୟାଲେରୀ । ତା'ର ଏକ ଅତି ନୂତନତ୍ୱ ହେଉଛି ହାଇଜିନ ମିଉଜିୟମ । ସେଠାରେ ମଣିଷର ଦେହ, ସ୍ୱାସ୍ଥ୍ୟ, ଶାରୀରିକ ବିବୃତ୍ତି ଓ ବିକାଶ ସକଳ ଦିଗ ଉପସ୍ଥାପିତ; ଯେତିକି କୌତୁହଳପ୍ରଦ, ତା ଅପେକ୍ଷା ଅଧିକ ଶିକ୍ଷଣୀୟ । ଏହାଛଡ଼ା ହସ୍ତଶିଳ୍ପଠାରୁ ଆରମ୍ଭ କରି ଗାଣିତିକ ଯନ୍ତ୍ର, ଘଣ୍ଟା ପ୍ରଭୃତି ପ୍ରତ୍ୟେକ ଜିନିଷ ପାଇଁ ଗୋଟିଏ ଗୋଟିଏ ସ୍ୱତନ୍ତ୍ର ମିଉଜିୟମ । ଡ୍ରେସଡେନ ମଧ୍ୟ କେତେକ ଶିଳ୍ପ ଲାଗି ବିଖ୍ୟାତ—କ୍ୟାମେରା ଓ ବିଭିନ୍ନ ପ୍ରକାର ଲେନ୍ସ, ପ୍ରିଣ୍ଟିଂ ମେସିନ ଇତ୍ୟାଦି ।

ଯୁଦ୍ଧରେ ଏ ସହରଟା ପୁରାପୁରି ଧ୍ୱଂସ ପାଇଯାଇଥିଲା, ଯଦିଓ ଏହାର କୌଣସି ସାମରିକ ଗୁରୁତ୍ୱ ନାହିଁ । ସେତେବେଳକୁ ଯୁଦ୍ଧ ସରିଆସିଲାଣି, ଏବଂ ସୋଭିଏଟ ବାହିନୀ ତାକୁ ଦଖଲ କରିବାକୁ ଉଦ୍ୟତ, ଠିକ୍ ସେତିକିବେଳେ ତା ଉପରେ

ବୋମାବର୍ଷଣ କରିଥିଲେ ଆମେରିକାର ବିମାନବାହିନୀ । ୧୯୪୫ ଫେବୃୟାରୀ ୧୩ ତାରିଖ ରାତି, ଏ ସହର ପକ୍ଷରେ ଯାହାକୁ କହନ୍ତି ଏକ ପ୍ରଳୟର ରାତି । ସେ ଧ୍ୱଂସଲୀଳା, ହିରୋସିମା ଉପରେ ପରମାଣୁ ବୋମାର ଧ୍ୱଂସଲୀଳାଠାରୁ କୌଣସି ଅଂଶରେ କମ୍ ନୁହେଁ । ସେଥିରେ ଧ୍ୱଂସ ପାଇଥିଲେ ୩୫ ହଜାର ଲୋକ । ପ୍ରକୃତ ମୃତ୍ୟୁ-ସଂଖ୍ୟାର ହିସାବ ନାହିଁ । କାରଣ ସେତେବେଳେ ହଜାର ହଜାର ରିଫ୍ୟୁଜି ବା ଶରଣାର୍ଥୀଙ୍କ ଦ୍ୱାରା ସହରଟା ଭରିଯାଇଥିଲା । ସେମାନଙ୍କ ମଧ୍ୟରୁ କିଏ ମଲା କିଏ ବଞ୍ଚିଲା ତା'ର ସଠିକ ହିସାବ ରଖୁଛି କିଏ ? ଆମେରିକାର ଏ ବୋମାବର୍ଷଣର ଉଦ୍ଦେଶ୍ୟ, ମିତ୍ରଶକ୍ତି ରୁଷକୁ ସାହାଯ୍ୟ କରିବା ନୁହେଁ, ତା'ର ସମସ୍ୟା ଓ ଅସୁବିଧାକୁ ଅଧିକ ବୃଦ୍ଧି କରିବା । କାରଣ ଏକ ବିଧ୍ୱସ୍ତ ଅଞ୍ଚଳ ଦଖଲ କଲାପରେ ସେଠାରେ ଲୋକଙ୍କୁ ଥଇଥାନ କରିବା, ଲୋକଙ୍କୁ ଖାଦ୍ୟ ଯୋଗାଇବା ଓ ସେମାନଙ୍କ ଲାଗି ମ୍ୟୁନିସିପାଲିଟି ବ୍ୟବସ୍ଥା ଯୋଗାଇଦେବା ରୁଷ ପକ୍ଷରେ କାଠିକର ପାଠ ହେବ । ଅସଲ କଥା ହେଲା, ରୁଷ ହାତରେ କୌଣସି ସହର, ଶିଳ୍ପ କାରଖାନା ଆଦି କିଛି ଅକ୍ଷତ ଅବସ୍ଥାରେ ନ ପଡ଼ୁ । ସେମାନେ ପୂର୍ବ ଜର୍ମାନୀ ଉପରେ ଏଣେ ବୋମାବୃଷ୍ଟି କରୁଥିଲେ, ଅଥଚ ପଶ୍ଚିମ ଜର୍ମାନୀ, ଯାହାକି ବସ୍ତୁତଃ ଶିଳ୍ପକାରଖାନାରେ ପୂର୍ଣ୍ଣ, ସାମରିକ ଜିନିଷ ଉତ୍ପାଦନର ପ୍ରାଣକେନ୍ଦ୍ର, ତା ଉପରେ ସେମାନେ ବିଶେଷ ବୋମାବୃଷ୍ଟି କରୁ ନ ଥିଲେ । ସେମାନେ ଚାହୁଁଥିଲେ, ତାକୁ ନିଖୁଣ ଅବସ୍ଥାରେ ଅଧିକାର କରିବେ । ତାହାହେଲେ ତାକୁ ସଙ୍ଗେ ସଙ୍ଗେ କାର୍ଯ୍ୟରେ ଲଗାହେବ । ଆଉ ମଧ୍ୟ କେତେଟି ଜର୍ମାନୀ ପୁଞ୍ଜି ସହିତ ସେମାନଙ୍କ ପୁଞ୍ଜି ବି ଏକାଠି ମିଳିତ ହୋଇ ରହିଥିଲା । ତେଣୁ ତାକୁ ସେମାନେ ଧ୍ୱଂସ କରିବେ କାହିଁକି ?

*

ଡ୍ରେସଡେନରେ ସେଇ ଧ୍ୱଂସଲୀଳାର ଯେ ଚିହ୍ନ ନାହିଁ ତା ନୁହେଁ । କିନ୍ତୁ ତା ବିଶେଷ ପରିଲକ୍ଷିତ ହୁଏ ନାହିଁ ଗୃହଆଢ଼େ ଛୁଟିଛି ନୂତନ ଜର୍ମାନୀର ସ୍ରୋତ । ଯେଉଁସବୁ ପ୍ରାଚୀନ ଐତିହାସିକ ଅଟ୍ଟାଳିକା, କ୍ୟାଥେଡ୍ରାଲ ପ୍ରଭୃତି ଭାଙ୍ଗିଯାଇଥିଲା ତାକୁ ଠିକ୍ ସେହିପରି ପୁନର୍ଗଠିତ କରାଯାଇଛି । ତା ସହିତ ଗଢ଼ିଉଠୁଛି ଅତି ଆଧୁନିକ କୋଠାବାଡ଼ି ଆଦି । ଏଇ ନିର୍ମାଣ ପୁନର୍ଗଠନ ପୂର୍ବ ଜର୍ମାନୀର ଗୃହଆଢ଼େ, ସର୍ବତ୍ର ଦେଖାଯାଏ ଡ୍ରେସଡେନକୁ କେନ୍ଦ୍ର କରି ଆଖପାଖ ଅଞ୍ଚଳ ବୁଲିଆସିଛି ଅନତିଦୂରରେ ମାତ୍ର ୩୦ କିଲୋମିଟରରେ ଚେକୋସ୍ଲୋଭାକିଆ ସୀମାନ୍ତ । ଏଲବ୍ ନଦୀର କୂଳେ କୂଳେ ଲମ୍ବି ଯାଇଛି ରେଲ୍ ଲାଇନ୍ ଚେକ୍ ଦେଶ ଭିତରକୁ । ନଦୀର ତଟଦେଶରେ ବାଷ୍ଟି (Bastie) ପର୍ବତର ମାଳା । ତା'ର ଶିଖରରେ ହୋଟେଲ, ରେସ୍ତରାଁ ଆଦି । ସେଠୁ ଶିଖରଦେଶରୁ ତଳେ ଗିରିବନ, ନଦୀ, ଉପତ୍ୟକାର ଦୃଶ୍ୟ ଅତି ରମଣୀୟ । ସବୁବେଳେ ଦର୍ଶକଙ୍କ ଧାଡ଼ି । ରୁଷ ଓ ଅନ୍ୟ ଦେଶର ସାମରିକ ଅଫିସରମାନେ କନସେନ୍-ଟ୍ରେସନ କ୍ୟାମ୍ପରେ ପଡ଼ୁଥିଲାବେଳେ ଏଇ ମନୋରମ ସ୍ଥଳରେ ଆରାମରେ କାଳ କାଟୁଥିଲେ ହିଟଲରର ଯୁଦ୍ଧବନ୍ଦୀ ଅଫିସରଗଣ । ଏଇ ବନଜଙ୍ଗଲ ପର୍ବତକନ୍ଦର ଭିତରେ ଆତ୍ମଗୋପନ କରି ସୀମାନ୍ତ ଅତିକ୍ରମ କରୁଥିଲେ ଫାସିଷ୍ଟବିରୋଧୀମାନେ, କମ୍ୟୁନିଷ୍ଟ ପ୍ରଭୃତି, ସେମାନଙ୍କ ଭିତରୁ କେତେକ ଧରାପଡ଼ି ଫାସିଷ୍ଟଙ୍କ ଗୁଳିର ଶିକାର ହୋଇଛନ୍ତି । ଆଜି ସେଇଠି ଗଢ଼ିଉଠିଛି ସେଇ ଶହୀଦଙ୍କର ସ୍ମୃତିସ୍ତମ୍ଭ । ଏହାର ଅନତିଦୂରରେ ହନଷ୍ଟେନ (Hohnstein) ପ୍ରାସାଦ । ତା ଏକ ପାହାଡ଼ ଉପରେ ଅବସ୍ଥିତ । ଏକ ବିରାଟ ଫାଟକଦେଇ ଭିତରେ ପଶିବାକୁ ହୁଏ । ତା ଥିଲା ହିଟଲରର ପ୍ରଥମ କନସେନ୍‌ଟ୍ରେସନ କ୍ୟାମ୍ପ । ୧୯୩୩ ରେ, ଏଇଟି

ଶ ଜଣଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା ଏବଂ ନାଜୀମାନଙ୍କ ମାଡ଼ ଅତ୍ୟାଚାରର ନିର୍ଯ୍ୟାତନାରୁ ରକ୍ଷା ପାଇ ସେଇ ପର୍ବତ ଉପରୁ କେତେକ ଡେଇଁପଡ଼ି ଆତ୍ମହତ୍ୟା କରିଥିଲେ । ସବୁଠାରେ ସେଇ ଶହୀଦମାନଙ୍କ ସ୍ମୃତିର ଫଳକ ଖୋଦିତ । ବର୍ତ୍ତମାନ ତାହା ଯୁବ ହଷ୍ଟେଲରେ ପରିଣତ ହୋଇଛି । ଦିନେ ଯେଉଁଠି ମୃତ୍ୟୁର ଆହ୍ୱାନ ଜମିଥିଲା ସେଠି ଆଜି ଉଠୁଛି ଜୀବନର ଜୁଆର ।

ବର୍ଲିନ ଫେରିଆସିଲୁଁ । ଶରତ୍‌ବାବୁ ଦେଶକୁ ବାହୁଡ଼ିଲେ । ମୁଁ ଚାଲିଲି ମୋର ପ୍ରୋଗ୍ରାମ ଧରି, କାର ଡ୍ରାଇଭର ଆଉ ମୋର ଦୋଭାଷୀଙ୍କ ସହିତ—ତିନି ସପ୍ତାହ କାଳ ଧରି ବୁଲିଛି । ପୂର୍ବ ଜର୍ମାନୀ ମାତ୍ର ୪୦ ହଜାର ବର୍ଗମାଇଲ । ଆମ ଓଡ଼ିଶାଠାରୁ ଆୟତନରେ ଛୋଟ । କିଛି ଦୂର ଗଲେ ସୀମାନ୍ତ । ପୋଲାଣ୍ଡ, ଚେକୋସ୍ଲୋଭାକିଆ, ପଶ୍ଚିମ ଜର୍ମାନୀ, ବା ସମୁଦ୍ର—କିଛି ଗୋଟାଏ ହାବୁଡ଼ିଯାଉ । ସବୁଠାରେ ସବୁଜିନିଷ ଉପରେ ଆଖି ବୁଲାଇବା ଅପେକ୍ଷା ପ୍ରତ୍ୟେକଠାରେ ଗୋଟିଏ ଗୋଟିଏ ବିଷୟ ବିଶଦଭାବେ ଦେଖିବା ଶ୍ରେୟସ୍କର । ଏଇ ଉଦ୍ଦେଶ୍ୟ ନେଇ ମୁଁ ଚାଲିଲି ।

ଉତ୍କଳ ସଂଘ,
ପାଠାଗାର
ନଂ ....................
ତା ....................

## ଫାସିଷ୍ଟ ବନ୍ଦୀଶାଳା

ଫ୍ରେମିର ସହରରୁ ବାହାରିଲୁଁ । ଦିନ ଦଶଟା । ସୂର୍ଯ୍ୟଦେବଙ୍କ ଦର୍ଶନ ନାହିଁ । ଦୁଇପାଖେ ପାଇନ ଗଛର ଘନ ଜଙ୍ଗଲ । ଗଛ ଉପରେ ବରଫଗୁଡ଼ାକ ଜମାଟ ବାନ୍ଧି ବସିଯାଇଛି, ବେଶ୍ ଆଣ୍ଟରେ—ଖୁବ୍ ଆରାମରେ—ଟିକିଏ ହେଲେ ହଲଚଲ ନାହିଁ । ସତେ ଯେପରି ସେମାନେ ଆଉ କେବେହେଲେ ହଟିବେ ନାହିଁ; ଚିରଦିନ ଲାଗି ରହିଗଲେ; ଗ୍ରାସିଦେବେ ସବୁଜ ଜୀବନକୁ ସବୁଦିନ ପାଇଁ; ପୃଥିବୀରୁ ଲୋପ କରିଦେବେ ସବୁଜର ସତ୍ତା ।

ସେହି ତୁଷାରର କଠିନ ଆସ୍ତରଣ ଭିତରେ ମଝିରେ ମଝିରେ ଉଙ୍କି ମାରୁଛି ସବୁଜ ଜୀବନ । ଜଣାଇଦେଉଛି ବରଫ ଭିତରେ ବି ସେ ଜୀଇପାରେ—ତା'ର ମୃତ୍ୟୁ ନାହିଁ, ପୁଣି ଦିନେ ଜାଗିଉଠିବ, ତା'ର ଡାଳପତ୍ର ମେଲିଦେବ ।

ଏମିତି ବରଫର ପାହାଡ଼, ମଣିଷଜୀବନ ଉପରେ ଥରକୁ ଥର କେତେ ମାଡ଼ି ନ ବସିଛି ? ଚେଷ୍ଟା କରିଛି ତାକୁ ଚାପି-ଦେବାପାଇଁ, ପାରିନାହିଁ । ନିଜେ ତରଳି ପାଣି ହୋଇଯାଇଛି । ପୁଣି ଖେଳୁଛି ସେଇ ଜୀବନର ଧାରା ।

ଏବେ ସେ ବରଫଗୁଡ଼ାକୁ ଦୁଇଫାଳ କରୁଛି ଜର୍ମାନର ଏଇ ରାସ୍ତାଟା । ବରଫକୁ ଫଟାଇ ରାସ୍ତା ଗଢ଼ିଛି ଏଇ ମଣିଷ । ହଁ, ମଣିଷ ଏଇ ବରଫର ପାହାଡ଼କୁ ଫଟାଇପାରେ ।

ାସ୍ତା ସାଙ୍ଗରେ ଗଡ଼ଗଡ଼ ଗ୍ଟଲିଛି ଗାଡ଼ିଟା । ତା ସଙ୍ଗେ ସଙ୍ଗେ
ାପ ଭିତରେ ହେମାଳ ହୋଇଉଠୁଛି ଦେହର ରକ୍ତଗୁଡ଼ାକ ।
ଣିଷର ହୃଦୟ ସବୁବେଳେ ଗରମ ଯେ । ସେ ହେମାଳ ରକ୍ତକୁ
ଣି ଗରମ କରିଦଏ; ଆଉ ଗଡ଼ିଯାଏ ତା'ର ଗନ୍ତବ୍ୟ ପଥରେ ।

କେଉଁ ଅତଳ ଗହ୍ୱରକୁ ଏ ରାସ୍ତା ? ଏହାର କଣ ଅନ୍ତ
ାହିଁ ? ପ୍ରାୟ ତିନ ମାଇଲ ଯାଇଛି, ହଠାତ୍ ଆଖିରେ ପଡ଼ିଲା
କ ବଡ଼ିଆ ସାଇନବୋର୍ଡ—ଜର୍ମାନ ଭାଷାରେ ଲେଖା ।

"ଏରିଆ ହେଡ୍‌କ୍ୱାର୍ଟର

ବକେନଓ୍ୱାଲ୍ କନସେଣ୍ଟ୍ରେସନ୍ କ୍ୟାମ୍ପ

ବାହାରେ ରୁହ ।

ପ୍ରବେଶକାରୀଙ୍କୁ ବିନା ସାବଧାନରେ ଗୁଳି କରାଯିବ ।"

ଗୁଳି ? କାହିଁକି ? କାହିଁକି ମଣିଷ ଏଠି ଗୁଳି ଖାଇବ ?
, ପ୍ରତିଦିନ ମଣିଷ ଏଠି ଗୁଳି ଖାଆନ୍ତି । ଜଣେ ନୁହେଁ, ଦି'ଜଣ
ୁହେଁ, ଶହ ଶହ ହଜାର ହଜାର ସଂଖ୍ୟାରେ । ସେ ଗୁଳିକୁ
ୁଚାଇବା ଲାଗି ଏ ଗୁଳି । ପ୍ରବେଶକାରୀ ପ୍ରତି ଗୁଳି । ଗୁଳିକୁ
ଘାଡ଼ାଇବା ଲାଗି ଗୁଳିହିଁ ଏକମାତ୍ର ଉପାୟ, ମିଥ୍ୟାକୁ
ଘାଡ଼ାଇବା ଲାଗି ମିଥ୍ୟାର ଆଶ୍ରୟ ପରି ।

ଏଇ ସେଇ ଫ୍ୟାସିଷ୍ଟମାନଙ୍କ ବନ୍ଦୀଶାଳା, ହିଟଲରର
ାନସେଣ୍ଟ୍ରେସନ କ୍ୟାମ୍ପ ବକେନଓ୍ୱାଲ । ଏଠି ଗୁଳି ହେଉଛି
ଣିଷର ଖାଦ୍ୟ ।

ମଣିଷ କେତେ ବନ୍ଦୀଶାଳା ନ ଦେଖିଛି ! କେତେ ବା
ାନ୍ଦୀଶାଳା ତେଇ ଗତି ନ କରିଛି ! କଂସର ବନ୍ଦୀଘର, କୌରବ-
ାନଙ୍କର ବନ୍ଦୀଗୃହ, ରାଜାସମ୍ରାଟଙ୍କର କାରାଗାର, ବ୍ରିଟିଶର

ଜେଲଖାନା—କେତେ କେତେ ବନ୍ଦୀଶାଳାର ବିବରଣୀ ପୃଥିବୀ ଇତିହାସରେ ଲିପିବଦ୍ଧ ନାହିଁ ! କିନ୍ତୁ ତାକୁ ପଢ଼ି ବା ଦେଖି ବିକେନଓ୍ୱାଲକୁ କଳ୍ପନା କରିବା ଅସମ୍ଭବ । ବିକେନଓ୍ୱାଲ ସଙ୍ଗେ ସେ ସବୁର ତୁଳନା ହୁଏ ନାହିଁ । କାରଣ ସେଗୁଡ଼ିକ ମଣିଷର ଆଦିମ ଅସଭ୍ୟ ଅବସ୍ଥା ବେଳର—ପଥୁଆ ଯୁଗର । ଆଉ ବିକେନଓ୍ୱାଲ ? —ତା ସଭ୍ୟତାର ପରାକାଷ୍ଠା । ବୈଜ୍ଞାନିକ ଯୁଗର ନିପୁଣତାର ନିଦର୍ଶନ । ଏଠାରେ କ୍ରୂର ପାଶବିକତାର ପ୍ରତ୍ୟେକଟି ଅଙ୍ଗ, ତା'ର ଅନ୍ତରର ଆତ୍ମା କେବଳ ଉଲଗ୍ନ ନୁହେଁ— ସେ ସବୁ ସଯତ୍ନରେ ସୁଚିନ୍ତିତ ଯୋଜନା ସହକାରେ ପ୍ରତିପାଳିତ ଏବଂ ସବୁ ଦିଗକୁ ପ୍ରସାରିତ ମଧ୍ୟ ।

କି ଭୟାନକ ସେ ପାଶବିକତା ! କି ଭୀଷଣ ସେ ବର୍ବରତାର ରୂପ ! ତା ପଶୁର ପଶୁତ୍ୱକୁ ବି ଉପହାସ କରେ । ସମଗ୍ର ଜଗତର ପୁଞ୍ଜୀଭୂତ ପାଶବିକତା ତା ଆଗରେ ମଳିନ । ମଣିଷସମାଜର ଅତୀତର ସମସ୍ତ ବର୍ବରତା ତା ଆଗରେ ତୁଚ୍ଛ । ପ୍ରକୃତିର ବିଭିଷିକା ବି ତା ଆଗରେ ନଗଣ୍ୟ, ତା ଆଗରେ ସେ ସବୁ ବି ମାନବିକ ।

ପଶୁ ବା ମଣିଷ, କେହି ମଣିଷକୁ ମାରିବା ଲାଗି ଏ ପର୍ଯ୍ୟନ୍ତ ମରଣର କାରଖାନା ଖୋଲି ନ ଥିଲେ । ସେପରି କଳ୍ପନାରେ ସୁଦ୍ଧା ପହଞ୍ଚିପାରି ନ ଥିଲେ । ତାକୁ ମାରିବା, ଅତି କଦର୍ଯ୍ୟ କରି —ଚରମ ନିର୍ଯ୍ୟାତନା ଭିତରେ, ମାରିବାର ବିଭିନ୍ନ ଉପାୟ ଉଦ୍ଭାବନ ଲାଗି ଗବେଷଣାଗାର ଗଢ଼ି ନ ଥିଲେ । ମଣିଷ ଉପରେ ଏପରି ପଶୁତ୍ୱର ପରୀକ୍ଷା ଚଳାଇ ନ ଥିଲେ । ଯେତେ କ୍ରୂର, ନୃଶଂସ ହେଲେ ବି ସେମାନେ ଥିଲେ ପଶୁ ବା ମଣିଷ ।

ବରଫ ପରି ସେଇ ମରଣ ଏଠି ଘନେ ପ୍ରତ୍ୟେକ ମଣିଷ ଉପରେ ଜମାଟ ବାନ୍ଧିଥିଲା । ତା'ର ଉତ୍କଟ ହେମାଳିଆ ସ୍ପର୍ଶରେ ...ଟେ କେତେ ଜୀବନ ଯେ ମରି ଝଡ଼ିନାହିଁ ! ଅସଂଖ୍ୟ ସେମାନେ, ...ଙ୍କର ହିସାବ ନାହିଁ । ନାହିଁ ତାଙ୍କର ନାମ, ଗ୍ରାମ, ଦେଶର ...କଣା, ନାହିଁ ତାଙ୍କର ପରିଚୟ । ତମ ଆମ ଭଳି ମାୟାମମତା, ...ଦର ଅନୁରାଗ ଥିବା ରକ୍ତମାଂସ ଦେହଧାରୀ ମଣିଷ ସେମାନେ । ...ହାହିଁ ଏକମାତ୍ର ପରିଚୟ ତାଙ୍କର ।

ସେ ସବୁର ମୂକସାକ୍ଷୀ ଏଇ ବନ୍ଦୀଶାଳା । ସେ ମୂକ, ନୀରବ ...ସ, କିନ୍ତୁ ଭାଷାହୀନ ନୁହେଁ । ତା'ର ଏଇ ଲୁହାତାରର ବାଡ଼ ...ଇ ପ୍ରତ୍ୟେକଟି କୋଠରୀ, ପ୍ରତ୍ୟେକଟି ବ୍ୟାରାକ୍ ଓ ବଙ୍କର, ...ାଶୀଘର, ଶହ ଶହ ହୁକ୍ କଣ୍ଟା, ମଣିଷ ପୋଡ଼ିବାର ଚୁଲିର ଧାଡ଼ି, ...ଜ ଅତ୍ୟାଚାର କରିବାର ଅଶେଷ ପ୍ରକାର ହତିଆର, ତା'ର ...ଇ ଗୋଡ଼ମାଟି, ଫ୍ୟାସିଷ୍ଟମାନଙ୍କର ସେଇ କ୍ରୂର ନୃଶଂସତାର ...ର୍ମମ କାହାଣୀ ଗାଇବାରେ ବ୍ୟସ୍ତ । ସେ ସବୁର ବର୍ଣ୍ଣନାରେ ...ରମୁଖର । ତାଙ୍କର ମୁଖ ବନ୍ଦ କରିବାକୁ କାହାର ସାଧ ନାହିଁ । ...ତି କରୁଣ ସେ ଭାଷା—ଅତି ମର୍ମଭେଦୀ ସେ କାହାଣୀ, ଯାହାକି ...ଣିଷ ତା'ର ଜନ୍ମଦିନୁ କେବେହେଲେ ଶୁଣିନାହିଁ ।

ସେ ମୂକ, କାରଣ ସେ କାହାଣୀ ପ୍ରକାଶ କରିବାକୁ ତା'ର ...ଷା ନାହିଁ । ମଣିଷ ଏ ପର୍ଯ୍ୟନ୍ତ ସେ ଭାଷା ତିଆରି କରିବାକୁ ...କ୍ଷମ ହୋଇନାହିଁ—କେବେହେଲେ ହୋଇପାରିବ ନାହିଁ । ...ର୍ବରୁ ମଣିଷ ବହୁ ନୃଶଂସ ଅତ୍ୟାଚାରର କାହାଣୀ ବର୍ଣ୍ଣନା କରିଛି । ...ପରିକ ଏ ବନ୍ଦୀଶାଳାର ବର୍ଣ୍ଣନା ବି ମୁଁ ଆଗରୁ ପଢ଼ିଛି । କିନ୍ତୁ ...ବେ ଯାହା ସ୍ୱଚକ୍ଷୁରେ ଦେଖୁଛି, ଯେଉଁସବୁ ନାରକୀୟ ଲୀଳାର ...ହ୍ନ ଏବେ ବି ବିଦ୍ୟମାନ, ବାସ୍ତବିକ ସେ ନୃଶଂସତାର ବର୍ଣ୍ଣନା

କରିବାକୁ ମଣିଷ ଅସମର୍ଥ । କାରଣ ସେ ମଣିଷ । ତାହା କରିଥି- ଲୋକଙ୍କ ଭଳି ପଶୁ ନୁହେଁ । ପଶୁର ଲେଖିବାର ଶକ୍ତି ଥିଲେ ସେ ମଧ୍ୟ ପାରନ୍ତା ନାହିଁ । କାରଣ ସେ ପଶୁ । ସେ ମଣିଷ ପ ନୁହେଁ ।

ସେ ମୂକ, କାରଣ ଏଠି ଲକ୍ଷ ଲକ୍ଷ ବନ୍ଦୀ ମୂକ । ନୀରବତା ହେଉଛି ସେମାନଙ୍କର ଏକମାତ୍ର ଭାଷା । ଯିଏ ଥରେ ମୁଖ ଖୋଲିଛି ତା'ର ମୁଖ ଚିରଦିନ ଲାଗି ବନ୍ଦ ହୋଇଯାଇଛି; ସେ ଆଉ ଫ୍ୟାସିଷ୍ଟମାନଙ୍କ କବଳରୁ ବର୍ତ୍ତିନାହିଁ । "ମୁଖ ଖୋଲ, କଥା କୁହ କଥା କୁହ"—ଏହାହିଁ ହେଲା ବନ୍ଦୀମାନଙ୍କ ପ୍ରତି ଫ୍ୟାସିଷ୍ଟ ଏସ.ଏ ଗାର୍ଡ଼ ଓ ଗୁଇନ୍ଦା ପୁଲିସମାନଙ୍କ ଚିତ୍କାର । କଥା କୁହାଇବ ଲାଗି ମଣିଷ ଉପରେ ପଡ଼ୁଛି ଘୋଡ଼ା କୋରଡ଼ା, ମୂଷଳ ମାଡ଼, ଏବଂ ଅଶେଷ ଯନ୍ତ୍ରଣାଦାୟକ ପ୍ରତ୍ୟେକଟି ଉଦ୍ଭାବନ । ଯିଏ ଥରେ ମୁଖ ଖୋଲୁଛି ତା ଉପରେ ପ୍ରହାର ପରେ ପ୍ରହାର ବର୍ଷିଛି ଯେପର୍ଯ୍ୟନ୍ତ ସବୁଦିନ ଲାଗି ତା'ର ମୁଖ ବନ୍ଦ ନ ହୋଇଛି । ଫ୍ୟାସିଷ୍ଟ ମାନଙ୍କର 'କଥା କୁହ, କଥା କୁହ'ର ଅର୍ଥ—ତମର ସାଙ୍ଗସାଥୀ ବନ୍ଧୁ, ପରିଚିତ ଲୋକଙ୍କୁ ଧରାଇଦିଅ, ସେମାନଙ୍କ ପ୍ରତି ବିଶ୍ୱାସ- ଘାତକତା କର । ସେମାନଙ୍କୁ ବି ସେଇ ଅତ୍ୟାଚାର ଓ ମୃତ୍ୟୁକୁ ଘେନିଯାଅ । ତେଣୁ ଗ୍ଲୁଏଁ ଗ୍ଲୁଏଁ ନୀରବତା ବନ୍ଦୀଶାଳାର ଅଲେଖା ବିଧାନରେ ପରିଣତ ହୋଇଛି । ନୀରବତା ହୋଇଛି ନିଜକୁ ଓ ଅନ୍ୟକୁ ରକ୍ଷା କରିବାର ଏକମାତ୍ର ଉପାୟ ।

ସେ ନୀରବ । କାରଣ ସେଇ ନୀରବତା ଭିତରେ ପ୍ରକାଶ ପାଇଛି ମାନବିକତାର ସର୍ବଶ୍ରେଷ୍ଠ ସମ୍ପଦ—ଅନାବିଳ ଭ୍ରାତୃତ୍ୱ.. ଅପ୍ରତ୍ୟାଶିତ ମାନବପ୍ରେମ, ଅଜଣା ଅଚିହ୍ନା ମଣିଷ ପାଇଁ ନିଜର ଆତ୍ମୋତ୍ସର୍ଗର ଅକୁଣ୍ଠିତ ଆକାଂକ୍ଷା । ମଣିଷ ପ୍ରତିଦି

ଫାଶୀଖୁଣ୍ଟରେ ଝୁଲୁଛି । ତା'ର ଜୀବନ୍ତ ଶରୀର ଖଣ୍ଡ ଖଣ୍ଡ ହୋଇ କଟା ହୋଇଛି । ଠାଆକୁ ଠାଆ ପୋଡ଼ା ଓ ଫୋଡ଼ା ହୋଇଛି । ସେ କି ଅସହ୍ୟ ଯନ୍ତ୍ରଣା ! ଧୀରେ ଧୀରେ ଗ୍ରାସୁଥିବା ବିଲମ୍ବିତ ମୃତ୍ୟୁର ଅକଥନୀୟ ବେଦନା ଭିତରେ ଜୀବନର ଶିଖା କ୍ଷୀଣରୁ କ୍ଷୀଣତର ହୋଇ ଲିଭିଯାଉଛି; କିନ୍ତୁ ସେ ତୁଣ୍ଡ ଖୋଲୁନାହିଁ । ନିଜେ ମରୁଛି ପଛେ ଅନ୍ୟକୁ ମରିବାକୁ ଦେଉନାହିଁ । ସେ ନୀରବତା ହୋଇଛି ଭ୍ରାତୃତ୍ୱର ଅଚ୍ଛେଦ୍ୟ ବନ୍ଧନର ଆଧାର, ନିଜର ମାନବିକ ପ୍ରକାଶର ଭାଷା, ନିଜର ସଚେତନ ଶୃଙ୍ଖଳା ଆଉ ସଂଗ୍ରାମର ଅସ୍ତ୍ର ।

'ଜଣେ ସମସ୍ତଙ୍କ ପାଇଁ—ସମସ୍ତେ ଜଣକ ପାଇଁ' ଏହାହିଁ ହୋଇଛି ନୀରବତା ମଧ୍ୟରେ ପ୍ରତ୍ୟେକ ହୃଦୟର ସ୍ୱତଃସ୍ଫୂର୍ତ୍ତି ଭାବ । ଏହା କେହି କାହାକୁ ଶିଖାଉନାହିଁ । କୌଣସି ଆଇନ, ଶୃଙ୍ଖଳା ଦ୍ୱାରା ମନେଇନାହିଁ । ଯାହା ମଣିଷ ଗଦା ଗଦା ପୋଥି ପୁରାଣ ଓ ଓ ପ୍ରଚାର ଦ୍ୱାରା ନ ଶିଖିଛି ଆଜି ତାହା ଶିଖାଉଛି ଏଇ ବନ୍ଦୀଶାଳା । ଏଇ ନୀରବତା ଦେଉଛି ତା'ର ପ୍ରମାଣ ।

ମୂକ ଏ ବନ୍ଦୀଶାଳା । କିନ୍ତୁ ଏଇଠି ବୀଭତ୍ସ ପାଶବିକତା ମଧ୍ୟରେ ପରୀକ୍ଷିତ ହୋଇଛି ମଣିଷ—ମଣିଷର ମଣିଷତ୍ୱ—ତା'ର ମାନବପ୍ରେମ—ପ୍ରତ୍ୟେକଟି ମାନବିକ ମହତ୍ତ୍ୱ ।

ମଣିଷର ସମସ୍ତ ଇତିହାସରେ ସେ କେବେହେଲେ ଏପରି ଭୟାନକ ପରୀକ୍ଷାର ସମ୍ମୁଖୀନ ହୋଇନାହିଁ । ଚରମ ବୀଭତ୍ସତା ମଧ୍ୟରେ, ଜଣେଅଧେ ନୁହନ୍ତି, ଲକ୍ଷ ଲକ୍ଷ ଲୋକଙ୍କର ପରୀକ୍ଷା—ଅଗଣିତ ମଣିଷର ପରୀକ୍ଷା । ପାଶବିକତା ଯେତେ ପାଶବିକ ହେଲେ ମଧ୍ୟ ତା ଯେ ମାନବିକତାର କଣ୍ଠରୋଧ କରିବାରେ ଅସମର୍ଥ—ଶକ୍ତିହୀନ, ଏ ବନ୍ଦୀଶାଳାହିଁ ତା'ର ପ୍ରମାଣ, ତାର ସାକ୍ଷୀ ।

*

ଫ୍ୟାସିଷ୍ଟମାନଙ୍କର ସମସ୍ତ ବର୍ବରତା, ସମସ୍ତ ଜଘନ୍ୟ ନିର୍ଯ୍ୟାତନା—ମଣିଷର ମନର ବଳ, ତାର ଦମ୍ଭ ଓ ଆତ୍ମସମ୍ମାନ, ସେଇ ମାନବିକ ପ୍ରତିଭା—ମଣିଷତ୍ୱକୁ ଭାଙ୍ଗି ପାରିନାହିଁ । ଶେଷରେ ନିଜେହିଁ ଭାଙ୍ଗି ପଡ଼ିଛି—ଲୋପ ପାଇଛି । ଆଜି ଚେତାଇଦେଉଛି ସବୁ ପଶୁଗଣଙ୍କୁ—"ତୁମେ ଯଦି ପାଶବିକତାର ପୁନରାବୃତ୍ତି କର ତୁମର ମଧ୍ୟ ଧ୍ୱଂସ ସେହିପରି ଅନିବାର୍ଯ୍ୟ" ।

ଇପ୍ରେ ସେଇ ବନ୍ଦୀଶାଳା—ବିକେନଓ୍ୱାଲ । ସେ ନୀରବ । ସେଇ ନୀରବତା ଭିତରେ କେବଳ ନିଜର ଦୁଃଖ, ଲଜ୍ଜା, ହାହାକାର କାହାଣୀ ଗାଉନାହିଁ—କେବଳ ପାଶବିକ ବର୍ବରତା କଥା କହୁନାହିଁ; ସେ ମଧ୍ୟ ମଣିଷର ଅସୀମ ଗୌରବ, ମାନବିକତାର ଚରମ ବିଜୟକୁ ଘୋଷଣା କରୁଛି; ଆଉ ସେଥିସଙ୍ଗେ ପ୍ରତ୍ୟେକ ଦର୍ଶକ, ପ୍ରତ୍ୟେକ ଆଗନ୍ତୁକଙ୍କୁ ପ୍ରଶ୍ନ କରୁଛି, "ତୁମେ କିଏ ? କାହା ପକ୍ଷରେ ତୁମେ ? ମାନବିକତାର ସମର୍ଥକ ନା ପାଶବିକତାର ପକ୍ଷପାତୀ ? ଏ ମଧ୍ୟ ତମର ପରୀକ୍ଷା ସ୍ଥଳ । ସେଇଠି ଅଗଣିତ ମଣିଷଙ୍କର ପରୀକ୍ଷା ହୋଇଛି । ଏଇଠି ଆଜି ତମର ବି ପରୀକ୍ଷା ହେବ । ଜାଣି, ତୁମ ଅଲକ୍ଷ୍ୟରେ ତୁମର ନିଜର ପରୀକ୍ଷା ଦେଇଯାଅ । ମତେ ଦେଖି, ମୋ ଭିତ୍ତି ଯଦି ମୂକ ଓ ନିର୍ବାକ ନ ହୋଇ ଯାଅ, ତୁମର ହୃଦୟ ନିସ୍ପନ୍ଦ ହୋଇ ଖଣ୍ଡ ଖଣ୍ଡ କରି ଛିଡ଼ି ନ ପଡ଼େ—ଆଖିରୁ ଲୁହର ଧାର ଗଡ଼ିଲା ପୂର୍ବରୁ ଯଦି ଶୁଖି ନ ଯାଏ—ମୁଣ୍ଡ ଲଜ୍ଜାରେ ନଇଁ ନ ପଡ଼େ—ମନ ବିଷାଦରେ ଭରି ନ ଉଠେ—ଓ ପ୍ରାଣରେ କ୍ରୋଧ ଜାଗ୍ରତ ନ ହୁଏ ତେବେ ତୁମେ ନିଜେଇ ଉତ୍ତର ଦିଅ ତୁମେ କିଏ ?

"ବହୁ ଦେଶ—ବହୁ ଜାତି—ବହୁ ଧର୍ମ—ସବୁ ବୟସର ନାମଧାମହୀନ ଅଗଣିତ ମଣିଷ ଏଠି ତାଙ୍କର ପରୀକ୍ଷା ଦେଇଛନ୍ତି—ଏଇ ଏକ ପ୍ରଶ୍ନରେ । ଆଜି ତମେ ସେଇ ପ୍ରଶ୍ନର ସମ୍ମୁଖୀନ ।

ଇଏ ସେଇ ବନ୍ଦୀଶାଳା, ଯେଉଁଠି ଅଗଣିତ ମଣିଷ ପରୀକ୍ଷିତ, ଯେଉଁଠି ତୁମେ, ମୁଁ, ଆମେ ସମସ୍ତେ, ଭବିଷ୍ୟତର ପ୍ରତ୍ୟେକ ଲୋକର ପରୀକ୍ଷା । ପ୍ରିୟ ବନ୍ଧୁଗଣ, ଏହି ପ୍ରଶ୍ନର ନିର୍ଭୁଲ ଉତ୍ତର ଦିଅ ।”

× × × ×

ଏହା ପ୍ରଥମେ ପ୍ରତିଷ୍ଠା ହୁଏ ୧୯୩୭ ଜୁଲାଇ ମାସରେ । ସେଦିନ ଏ ରାସ୍ତାଟା ଏମିତି ତଳକୁ ଗଡ଼ିଥିଲା । କିନ୍ତୁ ତାହା ଥିଲା କଙ୍କରମୟ । ଆଜି ବେଶ୍ ଚିକ୍କଣ, ସମତଳ । ତା ମଣିଷର ହାତରେ ତିଆରି ନୁହେଁ । ତା ରକ୍ତରେ ଗଢ଼ା । ଏଇ ବନ୍ଦୀଶାଳାର ବନ୍ଦୀମାନଙ୍କ ଦ୍ୱାରା, ନାଜି ପ୍ରହରୀଙ୍କ ମାଡ଼, ପ୍ରହାର ଓ ଡାହାଳ କୁକୁର କାମୁଡ଼ା ଭିତରେ ତାହା ନିର୍ମିତ । ଏଠି ମଣିଷକୁ ବଳଦ ପରି ଗାଡ଼ି ବୋହିବାକୁ ଦିଆଇଛି ଏବଂ ତାକୁ ବାଧ କରାଯାଇଛି ତା ଭିତରେ ଗୀତ ବୋଲିବାପାଇଁ—ଚାବୁକ ପ୍ରହାର ଦ୍ୱାରା, ଏବଂ ସେମାନଙ୍କ ନାମ ଦିଆଯାଇଛି ‘ଗୀତବୋଲା ଘୋଡ଼ା’ । ହଜାର ହଜାର ଲୋକ ଏଇ ରାସ୍ତାଦେଇ ବନ୍ଦୀଶାଳାକୁ ଆସିଛନ୍ତି; ସେମାନଙ୍କ ଭିତରୁ ଅନେକେ ଆଉ ଫେରିନାହାନ୍ତି । ନିର୍ମାଣକାଳ ଭିତରେ ବହୁ ଲୋକଙ୍କ ପ୍ରାଣ ଏଇଠି ଯାଇଛି । ଗଲା ଅଇଲା ଭିତରେ ଅନାହାର ଅତ୍ୟାଚାର ଦ୍ୱାରା ବହୁ ଲୋକ ଏଇ ରାସ୍ତାରେ ଢଳିପଡ଼ିଛନ୍ତି । ସେ ରାସ୍ତାର ଗୋଡ଼ିମାଟି ମଣିଷ ରକ୍ତରେ ସିକ୍ତ ।

ଭୋକ, ଅନାହାର, ନୃଶଂସ ନିର୍ଯ୍ୟାତନା ଓ ଶେଷରେ ଗଣହତ୍ୟା—ସମସ୍ତ ପ୍ରକାର ନିର୍ମମ ଉପାୟରେ ଫ୍ୟାସିଷ୍ଟବାଦୀମାନଙ୍କୁ

ଧ୍ୱଂସ କରିବା ହେଲା ଏଇ ବନ୍ଦୀଶାଳା ନିର୍ମାଣର ଉଦ୍ଦେଶ୍ୟ । ନିଜର ନିରଙ୍କୁଶ ଶାସନ ପ୍ରତିଷ୍ଠା କରି ଅନ୍ୟ ଦେଶ ଆକ୍ରମଣ ଲାଗି ଯୁଦ୍ଧର ପ୍ରସ୍ତୁତି ହେଉଥିଲା ଫ୍ୟାସିଷ୍ଟମାନଙ୍କର ଲକ୍ଷ୍ୟ । ଯେ ଏହାର ବିରୋଧ କରୁଥିଲା ବା ବିରୋଧ କରିପାରେ ବୋଲି ଯାହା ଉପରେ ଅଣୁମାତ୍ର ସନ୍ଦେହ ଜନ୍ମିଥିଲା ତାକୁ ଫ୍ୟାସିଷ୍ଟମାନେ ଧରିଛନ୍ତି । ଯେ ଥରେ ଧରାପଡ଼ିଲା ଏଇ ନିର୍ଯ୍ୟାତନା କବଳରୁ ସେ ଆଉ କେବେ ନିସ୍ତାର ପାଇନାହିଁ । ଏମାନଙ୍କ ମଧ୍ୟରେ କମ୍ୟୁନିଷ୍ଟ, ସୋସିଆଲିଷ୍ଟ, ଗଣତନ୍ତ୍ରବାଦୀ, ବୁର୍ଜୁଆ ଗଣତନ୍ତ୍ରରେ ବିଶ୍ୱାସୀ ଲୋକେ, ଖ୍ରୀଷ୍ଟିୟାନ ଧର୍ମଯାଜକ ପାଦ୍ରୀ, ଶାନ୍ତିପ୍ରେମୀ ସାଧାରଣଲୋକ—ମୋଟ ଉପରେ ସବୁ ଶ୍ରେଣୀ,ସବୁ ଧର୍ମ,ସବୁ ମତବାଦର ଲୋକ ରହିଛନ୍ତି । ହିଟଲର କାହାକୁ ବାଦ ଦେଇନାହିଁ । ଯୁଦ୍ଧ ଲାଗିଲା ପରେ ଜର୍ମାନ ଅଧିକୃତ ଅଞ୍ଚଳରୁ ସେ ଦେଶର ଦେଶପ୍ରେମୀମାନଙ୍କୁ ଫ୍ୟାସିଷ୍ଟମାନେ ଧରିଆଣିଛନ୍ତି । ସେମାନଙ୍କୁ ଏହିପରି ବନ୍ଦୀଶାଳାମାନଙ୍କରେ ନିକ୍ଷେପ କରାଯାଇଥିଲା । ସେମାନେ ସମସ୍ତେ ଏଇଠି ସଢ଼ିଛନ୍ତି, ଅକଥନୀୟ ଯନ୍ତ୍ରଣା ଭୋଗିଛନ୍ତି ଏବଂ ସେମାନଙ୍କ ଭିତରୁ ଅଧିକାଂଶ ଏଇଠି ମରିଛନ୍ତି । ଆଉ ସେଇ ଜୀବନ୍ତ ମରଣ ଭିତରେ ଫ୍ୟାସିଷ୍ଟବାଦ ବିରୁଦ୍ଧରେ ଲଢ଼ିଛନ୍ତି—ଶେଷରେ ମୁକ୍ତି ହାସଲ କରିଛନ୍ତି ମଧ୍ୟ ।

୧୯୩୩ରୁ ୧୯୪୫—ବାରବର୍ଷ ଧରି ଚାଲିଥିଲା ସେଇ ନୃଶଂସ ଅତ୍ୟାଚାର, ନିରବଚ୍ଛିନ୍ନ ତାଣ୍ଡବ ଲୀଳା । ଏହି ଫ୍ୟାସିଷ୍ଟ ଶାସନକାଳ ମଧ୍ୟରେ ଏକକୋଟି ଅଶୀଲକ୍ଷ ଲୋକ (ଆମ ଓଡ଼ିଶାର ଆବାଳବୃଦ୍ଧ-ବନିତା ସମଗ୍ର ଲୋକସଂଖ୍ୟା ସହିତ ସମାନସଂଖ୍ୟକ ଲୋକ)—କନସେଣ୍ଟ୍ରେସନ ଶିବିରରେ ଅତ୍ୟାଚାରର ଶିକାର ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ଏକକୋଟି ଦଶଲକ୍ଷ ଲୋକ ଆଉ ପ୍ରାଣ ଘେନି ବାହାରକୁ ଫେରିନାହାନ୍ତି; ଫାଶୀଖୁଣ୍ଟ, ବିଷବାଷ୍ପର ଗୃହ—

ାଡ଼ିଚାପୀର ଗୃଳ—ନାଜୀ ପ୍ରହରୀମାନଙ୍କ ନିର୍ମମ ପ୍ରହାର ଓ ଘନ୍ୟ ଅତ୍ୟାଚାର ଭିତରେ ଲୋପ ପାଇଯାଇଛନ୍ତି । କନସେଣ୍ଟ୍ରେ-ନ ଶିବିର ହୋଇଛି ଏକ ମଣିଷମରା କାରଖାନା ।

ଏହାର ଚତୁର୍ଦ୍ଦିଗରେ ଘେରିରହିଛି ଲୁହାକଣ୍ଟା ତାରର ବାଡ଼ । ତା ପାଖକୁ ଲାଗିକରି ରହିଛି ଉଚ୍ଚ ବିଦ୍ୟୁତ୍ ଶକ୍ତିସମ୍ପନ୍ନ ଆଉ ଏକ ଆଗୁଳୀ । ତାକୁ ସ୍ପର୍ଶ କରିବା ତ ଦୂରର କଥା, ତା'ର ପାଖ ମାଡ଼ିବା ମଧ୍ୟ ବିପଜ୍ଜନକ । ଆଉ ସେ ସବୁକୁ ଘୃରିପାଖେ ଘେରି ରହି-ଛନ୍ତି କିଛି କିଛି ଦୂର ଅନ୍ତରରେ ଗୋଟାଏ ଗୋଟାଏ ବିରାଟକାୟ ଗମ୍ବୁଜ । ସେଇ ଗମ୍ବୁଜ ଉପରେ ମେସିନ୍ ଗନ୍; ସେମାନଙ୍କର ଲକ୍ଷ୍ୟ ସବୁବେଳେ ବନ୍ଦୀଶିବିରକୁ । ଶିବିର ଭିତରକୁ ପ୍ରବେଶର ଫାଟକ ଉପରେ ମଧ୍ୟ ମେସିନ ଗନର ଧାଡ଼ି । ଆଉ ସେ ଗେଟ ଉପରେ ବଡ଼ ବଡ଼ ଅକ୍ଷରରେ ଲେଖା ରହିଛି, "ପ୍ରତ୍ୟେକ ଲୋକ ଲାଗି ତା'ର ଯଥାଯୋଗ୍ୟ ପାଉଣା"। ପ୍ରତିଦିନ ଶହଶହ ସଂଖ୍ୟାରେ ବନ୍ଦୀଙ୍କୁ ଏଇ ଫାଟକଦେଇ ଫ୍ୟାସିଷ୍ଟମାନେ ଆଣନ୍ତି—ତାଙ୍କୁ ତାଙ୍କର ଯଥାର୍ଥ ପ୍ରାପ୍ୟ ଦେବାଲାଗି । ଅତି ବୀଭତ୍ସ ସେ ପ୍ରାପ୍ୟର ବିବରଣୀ ।

ଗେଟଘରର ଲୁହା ରେଲିଂ—ସେଠାରେ ବନ୍ଧାହୋଇ ପଡ଼ିଥାନ୍ତି ପ୍ରାପ୍ୟଭୋଗୀ ବନ୍ଦୀଗଣ । ଖରା ବର୍ଷା ଶୀତ କାକରରେ ଘଣ୍ଟା ଘଣ୍ଟା ଧରି ଭୋକ ଉପାସରେ ସେମାନଙ୍କୁ ସେମିତି ଛିଡ଼ା ହୋଇ ରହିବାକୁ ହୁଏ । ଟିକିଏ ବସିପଡ଼ିବାର ଜୁ ନାହିଁ । ଅନେକ ସମୟରେ ରଙ୍ଗଗୁଣ୍ଡ ଛୁଞ୍ଚା ହୋଇଥାଏ ପାଦ ପାଖରେ, ଟିକିଏ ପାଦ ଏପାଖ ସେପାଖ କଲେ ଯେପରି ସହଜରେ ଧରିହେବ । ତା ସାଙ୍ଗକୁ ପୁଣି ନାଜୀ ଗାର୍ଡ଼ମାନଙ୍କର ଗାଳି, ତାଚ୍ଛଲ୍ୟ, ପରିହାସ, ପ୍ରହାର । ତା'ର ମଧ୍ୟରେ କେତେ ଯେ ସେଠି ଟଳିପଡ଼ିଛନ୍ତି, ତା'ର ହିସାବ ବା ରଖିଛି କିଏ ?

ସେଇ ଗେଟ୍‌ର ବାଁପଟକୁ ରହିଛି ବଙ୍କର । ଏହା ଆମ ଜେଲଖାନାର ସେଲ୍ ପରି ନୁହେଁ—ତା’ଠାରୁ ଶତଗୁଣେ ଭୟାନକ ସେ ସ୍ଥଳ । ସେଠାକୁ ଆସି କେହି କେବେ ପ୍ରାଣ ଧରି ଫେରିନାହିଁ । ଯଦିବା କେହି ଭାଗ୍ୟଜୋରରେ ବର୍ତ୍ତି ଯାଇଛି ତେବେ କେବେହେଲେ ସେ ଅକ୍ଷତ ଶରୀରରେ ଗୋଡ଼ରେ ଚାଲିକରି ଯାଇନାହିଁ । ଏହା ଏକ ନିଷିଦ୍ଧ ଅଞ୍ଚଳ ।

ଏ ବଙ୍କର—ଗେଟକୁ ଲାଗି ଦୁଇଧାଡ଼ି ଘର । ମଝିରେ ଏକ ଅଣଓସାରିଆ ବାରଣ୍ଡା । କୋଠରୀଗୁଡ଼ାକ ନିତାନ୍ତ କ୍ଷୁଦ୍ର । ଦୁଇ ତିନି ଜଣ ଲାଗି ଲାଗି ହୋଇ ଶୋଇପାରିବେ ନାହିଁ । ଚାରିଆଡ଼େ ନିବୁଜ । ପବନ କି ଆଲୁଅ ଯିବାର ବାଟ ନାହିଁ । ଦୁଆରେ ଲୁହା ରେଲିଂର ବାଡ଼ ନାହିଁ; ଲୁହା ଚାଦରର କବାଟ ଦ୍ୱାରା ବୁଜା । ମଝିରେ କେବଳ ଚାରିଖଣ୍ଡେ ଆୟତନର ଜଳାକବାଟି । ତା ମଧ୍ୟ ତାଙ୍କୁଣିଦିଆ । ଦରକାର ହେଲେ ବାହାରୁ ପ୍ରହରୀ ସେଇବାଟେ ବନ୍ଦୀକୁ ଲକ୍ଷ୍ୟ କରେ । ଏମିତି ଦଶବାରୋଟି କୋଠରୀ । ପ୍ରାଥମିକ ଅତ୍ୟାଚାର ପରେ ଅଧିକ ନିର୍ଯ୍ୟାତନା, ଅଧିକ ଅତ୍ୟାଚାର ଲାଗି ବନ୍ଦୀକୁ ଏଇଠି ଅଟକ ରଖାଯାଏ । ବନ୍ଦୀଙ୍କଠାରୁ କଥା ଆଦାୟ କରିବା ଜାଗା ଏଇଟା ।

ଏଇ ବଙ୍କର ସହିତ ଲାଗିରହିଛି ତା’ର ଅଫିସରଙ୍କ ଅଫିସ ଗୃହ । କି ଭୀଷଣ ସେ ଅଫିସର ଉପକରଣ । ଉପକରଣକୁ ଦେଖି ଅଫିସରଙ୍କ କାର୍ଯ୍ୟ ଓ ସ୍ୱଭାବକୁ ଅନୁମାନ କରିବା କଷ୍ଟ ନୁହେଁ । ଉପକରଣ ଭିତରେ ଘର ମଝିରେ ଏକ ଛୋଟ ଟେବୁଲ ଭଳି ମଡ଼ ମାରିବାର ଗୋଟାଏ ଅଦ୍ଭୁତ ଷ୍ଟାଣ୍ଡ୍ । ତା ଉପରେ ମଣିଷକୁ ଶୁଆଇ ଦିଆଯାଏ । ସେଥିରେ ଅଣ୍ଟା ଓ ବେକଠାରୁ ହାତ, ଗୋଡ଼, ମୁଣ୍ଡ ସବୁ ତଳକୁ ଝୁଲି ପଡ଼େ—ଷ୍ଟାଣ୍ଡରେ ସେଗୁଡ଼ାକ ବାନ୍ଧି ଦିଆଯାଏ ।

ୀଠିର ମେରୁଦାଣ୍ଡଟା ଟେକିହୋଇ ବାହାରିପଡ଼େ ଯେପରି ମାଢ଼ଟା
ଠିକ୍ ଜାଗାରେ ଜମିକରି ବସିବ । ପ୍ରହାର ଲାଗି ଘୋଡ଼ା
କାରଡ଼ା, ଶାଙ୍କୁଚ ଲାଙ୍ଗୁଡ଼, ମୂଷଳ ବା ଗଦାଜାତୀୟ ଜିନିଷ—
ଛଚିବାପାଇଁ ଗୋଜିଆ ଲୁହା ଛଡ଼, ସଣ୍ଡାଶି ଓ ସେହିଭଳି
ାନାଦି ହତିଆର କାନ୍ଥରେ ଝୁଲୁଛି । କଦବା କେମିତି ତା
ୟବହାର ହୁଏ ନାହିଁ—ପ୍ରତିଦିନ ତା'ର ବ୍ୟବହାର ଚାଲିଥାଏ ।
ାର୍ଟିନ ନାମରେ ଜଣେ ଏସ. ଏସ୍. ଫ୍ୟାସିଷ୍ଟ ଗାର୍ଡ଼ ଥିଲା ଏହାର
ଧ୍ୟକ୍ଷ । ତା'ର ଅତ୍ୟାଚାରରେ କେତେ ଲୋକ ପ୍ରାଣ ହରାଇଛନ୍ତି,
ତାର ହିସାବ ନାହିଁ । ପ୍ରାୟ ପ୍ରତିଦିନ ଏଠି ଲୋକ ମରିଯାଏ ।
ଦର୍ଯ୍ୟ ନିର୍ଯ୍ୟାତନା ଭିତରେ କେତେଜଣଙ୍କୁ ହତ୍ୟା ନ କଲେ
ତାଙ୍କୁ ରାତିରେ ନିଦ ହୁଏ ନାହିଁ । ଏପରିକି ରାତିରେ ହଠାତ୍ ଉଠି
ଙ୍କଠାରୁ ଦୁ'ଚାରିଜଣଙ୍କୁ ଧରିଆଣି ଅତ୍ୟାଚାର କରି ମାରିବାରେ
ତା'ର ଆନନ୍ଦ । ସେଇଥିରେ ତା'ର ତୃପ୍ତି ଓ ସନ୍ତୋଷ । ମଣିଷ ଯେ
ଏଇପରି ନୃଶଂସ ହୋଇପାରେ ତାହା ସାଧାରଣ ଲୋକର
କଳ୍ପନାର ବାହାରେ ।

ଏମିତି କେତେ କଥା ଗପିଯାଉଥାନ୍ତି ମୋର ଗାଇଡ୍ । ଏବେ
ବନ୍ଦୀଶାଳାର ସ୍ମୃତି ଆଗାର ବା ମ୍ୟୁଜିୟମର ପରିଚାଳକ ସେ ।
ଙ୍କର ଜୀବନର ସାତୋଟି ବର୍ଷ କଟିଛି ଏଇଠି । ତାଙ୍କୁ ଫାଶୀଦଣ୍ଡ
ହୁକୁମ ହୋଇଥିଲା । ଫାଶୀଦିନ ପୂର୍ବରାତିରେ ସେ କୌଣସିମତେ
ସିଯାଇଥିଲେ ଦୁଇଜଣ ରୁଷ ବନ୍ଦୀ ସୈନ୍ୟଙ୍କ ସାହାଯ୍ୟରେ ।
ରେ ସେ ରୁଷ ବନ୍ଦୀ ସୈନ୍ୟ ଦୁ'ଜଣ ଧରାପଡ଼ିଲେ । ସ୍ୱାଙ୍କର ଦଣ୍ଡ
ାଙ୍କୁ ଭୋଗିବାକୁ ହେଲା ।

ଗପିଯାଉଥାନ୍ତି ମୋର ଗାଇଡ୍ ସେସବୁ ଅତ୍ୟାଚାରର କାହାଣୀ ।
ବେଳେବେଳେ କହୁଥାନ୍ତି, "ଏଗୁଡ଼ାକ ତମକୁ ଅସୁରପୁରୀର

କାହାଣୀ ଭଳି ବୋଧହେଉଥିବ ପର ! କିନ୍ତୁ ଏଗୁଡ଼ାକ ମୁ
ଆଖିରେ ଦେଖିବା କଥା, ଏଇ ଜୀବନର ଅନୁଭୂତି । ମୋର ପ
ଲକ୍ଷ ଲକ୍ଷ ହଜାର ହଜାର ଜୀବନ ଦ୍ୱାରା ଏହା ସମର୍ଥିତ ।
ଭୟାବହ ସେ କାହାଣୀ । ତା ବର୍ଣ୍ଣନା କରିବାକୁ ମୋର ଭ ବ
ନାହିଁ ।"

ବର୍ତ୍ତମାନ ଏଇ ବଙ୍କର ଫ୍ୟାସିଷ୍ଟବିରୋଧୀ ସଂଗ୍ରାମର ଏ
ସ୍ମୃତିମନ୍ଦିରରେ ପରିଣତ ହୋଇଛି । ପ୍ରତ୍ୟେକ କୋଠରିରେ
ମୃତ ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ପୁଷ୍ପଗୁଚ୍ଛ । ପ୍ରତିଦିନ ଶହ ଶହ ଲୋ
ଆସୁଛନ୍ତି ପୁଷ୍ପ ନେଇ ସେଇ ପୁଣ୍ୟ ସ୍ମୃତି ଉଦ୍ଦେଶ୍ୟରେ ନିଜର
ମସ୍ତକ ଅବନତ କରି । ସବୁ ଶ୍ରେଣୀ, ସବୁ ମତ ସବୁ ଧର୍ମର ଲୋକ
ଏମାନେ । କେତେକ ବିଶିଷ୍ଟ ବ୍ୟକ୍ତିଙ୍କ ନାମ ସେଠାରେ ସ୍ମୃତି
ଫଳକରେ ଖୋଦିତ ।

ଗେଟ୍‌ର ଦକ୍ଷିଣପଟକୁ ଲାଗି ପ୍ରହରୀଖାନା ଓ ଜେଲ୍‌କଲ
ଅଫିସ । ଏହା ବନ୍ଦୀଶାଳାର ସ୍ମୃତିମନ୍ଦିରର ଅଫିସରେ ପରିଣତ
ଆଗେ ଏହା ଥିଲା ଗୋଟାଏ ଯମପୁରୀ । ଏଠାରେ ଯାହାକୁ ତଲ
ହେଉଥିଲା, ତା'ର କାଳ ପୂରିଲା ବୋଲି ଜାଣ । ଏଠାରେ କୌଣସି
ବନ୍ଦୀ ବୁଲିକରି ଆସନ୍ତି ନାହିଁ । ଏ ରାସ୍ତାରେ ସବୁବେଳେ ତାକୁ
ଦୌଡ଼ିବାକୁ ହୋଇଛି । ତା'ର ଭିତରେ ତା ଉପରେ ଚାଲିଥାଏ
ଅତ୍ୟାଚାର । ଏଇ ରାସ୍ତା ଖଣ୍ଡିକ ଦୁଃଖଯନ୍ତ୍ରଣା ପଥ ନାମରେ ବିଦିତ
କାରଣ ଏଇଠି ପଡ଼ିଥାଏ ଗେଷ୍ଟାପୋ ବା ନାଜି ଗୋଇନ୍ଦା
ପୋଲିସଙ୍କ ଗୁଳି । ଏଇଠି ସେମାନେ ବନ୍ଦୀଙ୍କୁ ଜେରା କରନ୍ତି
ଯିଏ ଥରେ ଏଠାକୁ ଆସିଛି, ସେ ଜେଲରେ ବସିଛି; ଆଉ ଥରେ
ବନ୍ଦୀଶାଳାକୁ ଫେରିନାହିଁ । ତା'ର ଶବ ବୁହାହୋଇଛି ସେ
ମଣିଷପୋଡ଼ା ଚୁଲ୍ଲିମୁହଁକୁ । ଯାହାଠାରୁ କିଛି ଆହାସ୍ପ

ସ୍ଥାବନ ଥାଏ, ତାକୁ ଷ୍ଟ୍ରେଚରରେ ପଠାଇଦିଆଯାଏ ବଙ୍କରକୁ । ଜ୍ଞାନ ଆସିଲେ ପୁଣି ଥରେ ସେ ଜେଲରେ ବସିବ ।

ଗେଟ୍‌ଘରର ଆଗକୁ ଖଣ୍ଡେ ଖୋଲା ପଡ଼ିଆ । ପ୍ରତିଦିନ ସକାଳ ସଞ୍ଜରେ ଦୁଇବେଳା ଏଠି ସବୁ ବନ୍ଦୀ ଛିଡ଼ା ହେବାକୁ ବାଧ୍ୟ । ପିଲା, ବୁଢ଼ା, ସକ୍ଷମ, ଅକ୍ଷମ ସମସ୍ତଙ୍କୁ ଏଠି ଠିଆହେବାକୁ ହେବ । ଖରା ବର୍ଷା, ଶୀତ ବା ବରଫର ଝଡ଼ ଯା' ହେଉପଛେ ଏ ନିୟମର ବ୍ୟତିକ୍ରମ ନାହିଁ । ଘଣ୍ଟାଏ ଅଧେ ନୁହେଁ—ଘଣ୍ଟାଘଣ୍ଟା ଧରି ଦିନେ ଦିନେ ପନ୍ଦର କୋଡ଼ିଏ ଘଣ୍ଟାକାଳ ଏକାଦମକେ ଖାଡ଼ାଖାଡ଼ା ଛିଡ଼ା ହୋଇଛନ୍ତି ବନ୍ଦୀ । ଏ ହେଲା ଦୁଇବେଳା ବନ୍ଦୀଗଣତିର ନିୟମ । ବାଜିଲା ବାଜିବା ସଙ୍ଗେ ସଙ୍ଗେ ଧାଇଁଆସିବାକୁ ହେବ । ଆସିବାରେ ଯଦି ଟିକିଏ ବିଳମ୍ବ ହେଲା, ଠିଆହେବାରେ ସାମାନ୍ୟ ବ୍ୟତିକ୍ରମ ଘଟିଲା ତେବେ, ସେଇଠି ଦଣ୍ଡର ବ୍ୟବସ୍ଥା । କୌଣସି କାରଣରୁ କାହା ଉପରେ ନାଜି ପ୍ରହରୀଙ୍କ କୋପଦୃଷ୍ଟି ପଡ଼ିଲା ତ ସେଇଠି ତା ଉପରେ ଉତ୍ତମ ମଧ୍ୟମ ହୋଇଯିବ । ଭୋକିଲା ପେଟ, କ୍ଳାନ୍ତ ଅବସନ୍ନ ଶରୀର, ଶୀତବସ୍ତ୍ର ନ ଥାଇ ଖୋଲା ଦେହରେ—ସେଇ ଠିଆ ହେବା ଅବସ୍ଥାରେ ସେଇଠି କେତେକ ଟଳିପଡ଼ନ୍ତି । ଏମିତି ଘଟଣା ପ୍ରାୟ ପ୍ରତିଦିନ ଘଟିଥାଏ । ଯାହାଙ୍କ ଉପରେ କୋରଡ଼ାମାଡ଼, ମୂଷଳ ପ୍ରହାର ପଡ଼େ ଭାଗ୍ୟରେ ଥିଲେ ସେମାନେ ସେଥିରୁ ଉଦ୍ଧରନ୍ତି । ପଚଶରୁ ପଚିଶ ପ୍ରହାର ହେଲା ସର୍ବନିମ୍ନ ଦଣ୍ଡ । ଯଦି ଗଣତି ଭୁଲ ହେଲା, ହିସାବ ମିଳିଲା ନାହିଁ, ତେବେ ତାହା ଠିକ୍ ହେବାଯାଏ ହଜାର ହଜାର ଲୋକ ସମସ୍ତଙ୍କୁ ସେମିତି ଖରା ବର୍ଷା ଶୀତ ବରଫରେ ଠିଆ ହୋଇ ଦଣ୍ଡ ଭୋଗିବାକୁ ପଡ଼େ । ଜଣକ ସହିତ ସମସ୍ତଙ୍କ ଭାଗ୍ୟ ବନ୍ଧା ।

*

ଗଣତି ପରେ କାମବଣ୍ଟନର ପାଳି । ପ୍ରତ୍ୟେକ କାମ ଲାଗି ଦଳେ ଦଳେ ଲୋକ ବଣ୍ଟାଯାଆନ୍ତି । ଏଠି ଲୋକର ନାମ ନାହିଁ—ନମ୍ବର ହେଲା ତା'ର ଏକମାତ୍ର ପରିଚୟ । ସେଇ ନମ୍ବର ଡକାଯାଏ । ହୁକୁମ ହୁଏ ବିଭିନ୍ନ କାମକୁ ଯିବାଲାଗି; ବିଭିନ୍ନ ସ୍ଥାନରେ ରୁଣ୍ଡ ହେବାପାଇଁ । କେଉଁ କାମ ଲାଗି କେଉଁ ସ୍ଥାନରେ ସମସ୍ତେ ଠୁଳ ହେବେ ସେ ସ୍ଥାନର ମଧ୍ୟ ନମ୍ବର ରହିଛି । ସେଥି ମଧ୍ୟରେ ଅଛି ଗୋଟାଏ "ଦୁଇ ନମ୍ବର ସାଇନବୋର୍ଡ" । କାମ ଲାଗି ସେଠାକୁ ଯିବାପାଇଁ ଯେଉଁମାନଙ୍କୁ ଆଦେଶ ହେଲା ସେଦିନ ତାଙ୍କର କାଳ ପୂରିଲା, ତା ଯମପୁରୀକୁ ଯିବାର ଆଦେଶ । ଯେଉଁ-ମାନଙ୍କୁ ସେ ଦିନ ଗୁଳିକରି ମାରିବାକୁ ହୁଏ ସେଇ ହତଭାଗ୍ୟ-ମାନଙ୍କୁ ଆଦେଶ ହୁଏ ସେଠାରେ ରୁଣ୍ଡ ହେବାପାଇଁ । ଗୁଳି ଏଠାରେ ଗୋଟାଏ ନିତ୍ୟନୈମିତ୍ତିକ କାମ ଭିତରେ ଗଣା । ମଣିଷମାରା ଲାଗି କାମର ଏକ ନୂତନ ଉଦ୍ଭାବନ ।

ରୋଲ୍ କଲ୍ ବା ଗଣତି ପଡ଼ିଆ ପଛକୁ ବନ୍ଦୀମାନଙ୍କର ରହିବାଲାଗି ଧାଡ଼ି ଧାଡ଼ି ହୋଇ ବ୍ୟାରାକ୍ । ଲମ୍ବା ଲମ୍ବା ଘର—ଘର ଭିତରର ସ୍ଥାନ ସହିତ ରହୁଥିବା ଲୋକସଂଖ୍ୟାର କୌଣସି ସମ୍ପର୍କ ନାହିଁ । ଗୋଦାମଘରେ ବସ୍ତାମରା ହେବା ଭଳି ସେମାନଙ୍କୁ ଠୁଣ୍ଣି ଦିଆଯାଏ ସେଠି । ଗୋଟାଏ ଗୋଟାଏ ଘରେ ଦୁଇହଜାର ଯାଏ ଲୋକ ଖଡ଼ା ହୁଅନ୍ତି । ଏତେ ଲୋକଙ୍କ ଲାଗି ଶୋଇବା ଦୂରର କଥା, ବସିବା ଲାଗି ବା ସ୍ଥାନ କାହିଁ ? ତେଣୁ ପରସ୍ପରକୁ ପରସ୍ପର ଖୁଆଡ଼ ବା ବାକ୍ସ ଥୋଇଲାଭଳି ଥାକମାନ ତିଆରି ହୋଇଥାଏ । ତା'ର ମଧ୍ୟରେ ଲୋକମାନେ ଗେଞ୍ଜି ହୋଇ ପଶନ୍ତି । ପାରା ତ ଖୁଆଡ଼ ଭିତରେ ଆରାମରେ ମୁଣ୍ଡ ଟେକି ବୁଲିପାରେ; ମାତ୍ର ଏ ଖୁଆଡ଼ରେ ମଣିଷର ସଳଖ ହୋଇ ବସିବାର ସୁଦ୍ଧା ଜୋ ନାହିଁ ।

ଘଡ଼ଗୁଡ଼ାକ ଅତି ଶ୍ରେଷ୍ଠ । ପ୍ରବଳ ଶୀତ—ଗରମ ଜାମା ପୋଷାକ ଖୋଲା କରୁ ନାହିଁ । ଡୋରିଆ ଲୁଗାର ପାଇଜାମା ଓ କୁର୍ତ୍ତା । ତା ମଧ୍ୟ ଖଣ୍ଡିକରୁ ଦି'ଖଣ୍ଡ ନୁହେଁ । ବର୍ଷାରେ ଭିଜିଗଲେ ତାକୁ ବଦଳାଇବାର ଉପାୟ ନାହିଁ । ଶୀତରୁ ରକ୍ଷା ପାଇବାପାଇଁ କେବଳ ଖଣ୍ଡେମାତ୍ର କମ୍ବଳ । ତା ପୁଣି ଜଣକୁ ଖଣ୍ଡେ ନୁହେଁ । ଚାରି ପାଞ୍ଚଜଣଙ୍କ ଲାଗି ଖଣ୍ଡେ । ତା'ର ଭିତରେ ପ୍ରତ୍ୟେକ ଲୋକ ଯଥାସାଧ୍ୟ ଚେଷ୍ଟା କରନ୍ତି ଆପଣା ଦେହଟାକୁ କୌଣସିମତେ ଗୁଞ୍ଜିଦେବାଲାଗି ।

ଖାଇବା ବ୍ୟବସ୍ଥା—ରହିବା ବ୍ୟବସ୍ଥା ଭଳି କଦର୍ଯ୍ୟ । ଭଲର ତ ପ୍ରଶ୍ନ ନାହିଁ । ଅନ୍ତତଃ ଶରୀରରକ୍ଷା ଲାଗି ସର୍ବନିମ୍ନ ଖାଦ୍ୟ ମୁଦ୍ଧା ମିଳେନାହିଁ । ରୁଟି ହେଲା ପ୍ରଧାନ ଖାଦ୍ୟ । ଯାହା ଦିଆଯାଏ, ସେଥିରେ କାହାର ପେଟ କେବେହେଲେ ପୂରେ ନାହିଁ । ଯୁଦ୍ଧ ବଢ଼ିବା ସଙ୍ଗେ ସଙ୍ଗେ ତା ପରିମାଣ ମଧ୍ୟ ଦିନକୁ ଦିନ କମିବାକୁ ଲାଗିଲା । ୧୯୪୩-୪୪ରେ ମୁଣ୍ଡ ପିଛା ୩୫୦ ଗ୍ରାମ୍ ରୁଟି ମିଳୁଥିଲା । ୧୯୪୪-୪୫ ରେ ତା କମିଯାଇ ୨୫୦ ଗ୍ରାମ୍‌ରେ ରହିଲା । ସୋଭିଏଟ ଯୁଦ୍ଧବନ୍ଦୀଙ୍କ ପ୍ରତି ଏ ଖାଦ୍ୟ ରେସନର ପରିମାଣ ଆହୁରି ଊଣା । ସେମାନଙ୍କ ଲାଗି ଦୈନିକ ରେସନ ମାତ୍ର ୧୦୦ ଗ୍ରାମ୍‌ର ରୁଟି । ଯେଉଁ ଭାଗ୍ୟବାନମାନେ ମୃତ୍ୟୁମୁଖରୁ ବଞ୍ଚିଥାଆନ୍ତି ଏଇ ଖାଦ୍ୟ ସେମାନଙ୍କୁ ଅର୍ଦ୍ଧମୃତ କରି ରଖିଥାଏ । ଅନାହାରର ଜ୍ୱାଳା ଧରି ସେଇ ନରକଙ୍କାଳ ରୂପଭିତରେ ଧୁକୁଧୁକୁ ହେଉଥାଏ ମଣିଷର ଜୀବନ । ଅନେକ ଧପ୍ କରି ଲିଭିଯାଏ ଚିରଦିନ ପାଇଁ ।

ବହୁ ଜାତି, ବହୁ ସମ୍ପ୍ରଦାୟର ବନ୍ଦୀ ଏଠି । ଇହୁଦୀ ଜାତି ବିରୁଦ୍ଧରେ ଅଭିଯାନ ଚଳାଇଥିଲା ହିଟଲର । ସେମାନଙ୍କୁ

ଧ୍ୱଂସ କରିବା ଥିଲା ତା'ର ଉଦ୍ଦେଶ୍ୟ । ୧୯୩୮ରେ ଏହି ଶିବିରକୁ ବହୁସଂଖ୍ୟକ ଇହୁଦୀ ବନ୍ଦୀ ଆସିଲେ । ସେତେବେଳେ ନିୟମ ହେଲା, ସେମାନଙ୍କୁ ଖାଦ୍ୟ ଯୋଗାଯିବ ନାହିଁ, ସେମାନେ ପଇସା ଦେଇ ତାହା କିଣିବେ । ତାହା ସେମାନେ କିଣିବେ ସେହି ଫ୍ୟାସିଷ୍ଟ ଗାର୍ଡ଼ମାନଙ୍କ ପାଖରୁ । ସେମାନେ ଯେଉଁ ଦର କହିବେ ସେହି ଦରରେ କିଣିବାକୁ ହେବ । ଏପରିକି ପାଣିମୁନ୍ଦାଏ ପିଇବାକୁ ହେଲେ ବି ତାହା କିଣିକରି ପିଇବାକୁ ହେବ । ଯେକୌଣସି ପ୍ରକାରେ ସେମାନଙ୍କର ଧନ ଲୁଟ୍ କରିବା ହେଲା ଫ୍ୟାସିଷ୍ଟମାନଙ୍କର ମତଲବ । ଜର୍ମାନୀ ପୋଲଣ୍ଡ ଦଖଲ କଲାପରେ ସେଠୁ ହଜାର ହଜାର ଲୋକଙ୍କୁ ବନ୍ଦୀ କରି ଅଣାଗଲା । ଅନାହାର, ଅକଥନୀୟ ଅତ୍ୟାଚାର ଓ ଅତ୍ୟଧିକ ଖଟଣି ଫଳରେ ବହୁ ଲୋକ ପ୍ରାଣ ହରାଇଲେ । ବନ୍ଦୀମାନଙ୍କୁ ଘର ଭିତରେ ଏପରି ଖୁନ୍ଦିକରି ରଖାଯାଏ ଯେ ପ୍ରତିଦିନ ସେଠାରେ ଲୋକ ମରନ୍ତି । ଏ ବନ୍ଦୀଶାଳାରେ କେବେହେଲେ ମରଣର ସୁଅ ଥମେ ନାହିଁ । ଯେତେ ମରୁଥାନ୍ତି, ତା ଅପେକ୍ଷା ନିତି ନିତି ଅଧିକ ଲୋକ ଅଣାଯା'ନ୍ତି ଏଠି ମରିହେବା ଲାଗି । ଏକ ଏକ ସମୟରେ ଏ ବନ୍ଦୀଶାଳାରେ ୪୦ ହଜାରରୁ ଊର୍ଦ୍ଧ୍ୱ ଲୋକ ରହିଛନ୍ତି । ଯେଉଁମାନେ ଏଠୁ ଅନ୍ୟତ୍ର ବା ଅନ୍ୟ ବନ୍ଦୀଶାଳାକୁ ସ୍ଥାନାନ୍ତରିତ ହୁଅନ୍ତି ସେମାନେ ସମସ୍ତେ ଯେ ସେଠି ପହଞ୍ଚିପାରନ୍ତି, ତା ନୁହେଁ; ରାସ୍ତାକଡ଼ରେ ଅନାହାର, କ୍ଳାନ୍ତି, ଅବସାଦ, ଅତ୍ୟାଚାରରେ ବହୁ ଲୋକଙ୍କର ପ୍ରାଣ ଯାଏ । ଯେଉଁ ଭାଗ୍ୟବାନମାନେ ଗନ୍ତବ୍ୟ ସ୍ଥଳରେ ପହଞ୍ଚନ୍ତି ତାଙ୍କର ଅନିଶ୍ଚିତ ଭାଗ୍ୟ ଅପେକ୍ଷା କରେ ସେହି ସୁନିଶ୍ଚିତ ମୃତ୍ୟୁକୁ ।

ଏ ଅତ୍ୟାଚାର ଓ ମୃତ୍ୟୁ ସମସ୍ତଙ୍କ ପାଇଁ । ଏଠି ଦୋଷୀ, ନିର୍ଦ୍ଦୋଷ ବିଚାର ନାହିଁ । ସାନବଡ଼ର ବାରଣ ନାହିଁ । କିଛି

ଘ'ାଷ ପିଲାମାନେ ବି ଏଇ ଅତ୍ୟାଚାରରେ ସଡ଼ିଛନ୍ତି, ଅକାଳ
ୟୁରେ ପଡ଼ୁଛନ୍ତି । ସେମାନଙ୍କର ଏକମାତ୍ର ଅପରାଧ—ତାଙ୍କର
ପ, ମା, ଭାଇ, ଭଉଣୀ—କେହି ଜଣେ ଫ୍ୟାସିଷ୍ଟଙ୍କ ଦ୍ୱାରା ଗିରଫ
।ଇଛନ୍ତି ବା ଫ୍ୟାସିଷ୍ଟବିରୋଧୀ ବା ସେମାନେ ଇହୁଦୀ ଜାତିର ପିଲା
ୱା ଅଧିକୃତ ଦେଶର 'ଅବାଞ୍ଛିତ' ଲୋକମାନଙ୍କର ସନ୍ତାନ ।

ଏମାନଙ୍କୁ ଶହ ଶହ ସଂଖ୍ୟାରେ ବନ୍ଦୀ କରି ଏଇଠି ରଖା-
ଛନ୍ତି । ବାପ, ମାଆ, ଭାଇ, ଭଉଣୀ, କାହାର ସଙ୍ଗରେ
ମାନଙ୍କର ଭେଟ ନାହିଁ । କିଏ ମଲା କିଏ ରହିଲା, ତା'ର ଖବର
। ଦେଉଛି କିଏ ? ଏମାନଙ୍କ ଭିତରୁ ଅଧିକାଂଶଙ୍କ ଭେଟାଭେଟି
ୀବଳ ପରଲୋକରେହିଁ ସମ୍ଭବ ହୋଇଥିବ । ଏଠି ସର୍ବନିମ୍ନ
ନ୍ଦୀର ବୟସ ୪ ବର୍ଷ ମାତ୍ର । ଏଇ ଶିବିର ମୁକ୍ତ ହେଲାବେଳେ
ଅ ଶହ ଚାର ଜଣ ପିଲା ଏଠାରେ ରହିଥିବାର ଦେଖାଗଲା ।

ପିଲାଙ୍କୁ ଚାହିଁଲେ ସାଧାରଣତଃ ମଣିଷ ହୃଦୟ ନରମିଯାଏ ।
ହାହିଁ ମାନବସଭ୍ୟତାର ଦୁର୍ବଳତା । ସେଇ ଦୁର୍ବଳତାର
ଯୋଗ ନେଇଛନ୍ତି ଫ୍ୟାସିଷ୍ଟମାନେ । ବାପମାଆଙ୍କ ସମ୍ମୁଖରେ
ଇ ନିରୀହ ଶିଶୁଙ୍କଉପରେ ଅତ୍ୟାଚାର କରନ୍ତି ସେମାନେ—ବାପ
ଆଙ୍କଠାରୁ କଥା ଆଦାୟ କରିବା ଆଶାରେ । ବାପ ମାଆଙ୍କ
ଶ୍ୱାସଘାତକତା ଉପରେ ନିର୍ଭର କରେ ଏଇ ପିଲାର ଜୀବନ ।
ାରଣହ ବଢ଼େଇରେ ଦାୟୁ ନା ପୁଅରେ ଦାୟୁ ?' ସେଇ
ତିହାସିକ ପ୍ରଶ୍ନ । କିନ୍ତୁ ନାଜୀ ବର୍ବରତା ସମ୍ମୁଖରେ କାହାରି
ଲ୍ୟ ନାହିଁ । ସମସ୍ତ ଜୀବନ ମୂଲ୍ୟହୀନ । ବାପ, ମାଆ, ପିଲା
ମସ୍ତେ ଲୋପ ପାଆନ୍ତି ।

କେତେ ଜାତି, କେତେ ଦେଶ ଓ ବଂଶର ପିଲାଙ୍କୁ ନିର୍ମୂଳ
ିବା ନାଜୀମାନଙ୍କର ନୀତି । ସେମାନଙ୍କର ନାମ—ସେଇଜାତିର

ନାମ—ଧରାବକ୍ଷରୁ ପୋଛିବା ଲାଗି ସେମାନେ ବଦ୍ଧପରିକ
ତେଣୁ ସେପରି ପିଲାଙ୍କର ବଞ୍ଚିବାର କୌଣସି ଅଧିକାର ନାହିଁ
ସେ ଶିଶୁମାନଙ୍କର ହତ୍ୟା ସୁନିଶ୍ଚିତ ।

ଏଇ ପିଲାମାନଙ୍କୁ ନାଜୀ, ଆତତାୟୀଙ୍କ ହାତରୁ
କରିବା ହୋଇଛି ବନ୍ଦୀଶାଳାରେ ପ୍ରତ୍ୟେକ ବନ୍ଦୀର ପବିତ୍ର
କର୍ତ୍ତବ୍ୟ । ସେଇ ପିଲାମାନଙ୍କ ଭିତରେ ସେ କେବଳ ନି
ପିଲାଙ୍କୁ ଦେଖିନାହିଁ, ଦେଖିଛି ସମସ୍ତଙ୍କର ପିଲାଙ୍କୁ । ସେମା
ଜଣକର ସନ୍ତାନ ନୁହନ୍ତି, ସମଗ୍ର ମାନବଜାତିର ସନ୍ତାନ ସେମାନେ
ତେଣୁ ପ୍ରତ୍ୟେକେ ଆଗେଇଆସିଛନ୍ତି ସେମାନଙ୍କୁ ରକ୍ଷା କରିବାକୁ
ନିଜର ପେଟ କାଟି ସେମାନଙ୍କୁ ଖାଦ୍ୟ ଦେଇଛନ୍ତି, ଯତ୍ନ
ପାଳନ କରିଛନ୍ତି, ଫ୍ୟାସିଷ୍ଟମାନଙ୍କ କବଳରୁ ଲୁଚାଇ ରଖିଛ
ଏବଂ ଏହା କରିବାକୁ ଯାଇ ବହୁଲୋକ ନିଜର ପ୍ରାଣ ଦେଇଛ
କିନ୍ତୁ ନିଜେ ବଞ୍ଚିଥିଲା ପର୍ଯ୍ୟନ୍ତ ମଣିଷର ଭବିଷ୍ୟତକୁ ମରିବ
ଦେଇନାହାନ୍ତି ।

ତିନିବର୍ଷର ଏକ ଶିଶୁର ଜୀବନ ରକ୍ଷା ଲାଗି ମଣିଷ କି ଦୁ
ଯନ୍ତ୍ରଣା ଭୋଗିପାରେ, ତା ଲାଗି କେତେ ଲୋକ ଜୀବନ ଦେ
ପାରନ୍ତି, ତା'ର ମର୍ମସ୍ପର୍ଶୀ ବର୍ଣ୍ଣନା କରିଛନ୍ତି ବ୍ରୁନୋ ଆପି
ତାଙ୍କର "ନେକେଡ୍ ଆମଙ୍ଗ ଉଲ୍‌ଭସ୍" (**Naked amo**
**wolves**) ପୁସ୍ତକରେ । ଏହି ଉପନ୍ୟାସଟି ସେଇ ବୁକେନଓ୍ୱ
ବନ୍ଦୀଶାଳାର ଜୀବନ ନେଇ ଲିଖିତ । ତାଙ୍କ ଜୀବନର ସାତେ
ବର୍ଷ କଟିଛି ସେଇ ବନ୍ଦୀଶାଳାର ବୀଭତ୍ସତା ମଧ୍ୟରେ । (ଉ
ପୁସ୍ତକଟି ଜାତୀୟ ପୁରସ୍କାରପ୍ରାପ୍ତ) ।

ବନ୍ଦୀଶାଳାର ତଳଆଡ଼େ ଦକ୍ଷିଣ ଦିଗରେ ଗୋଟାଏ ପଟ
ଆଉ ଗୁଡ଼ାଏ ଘର । ଘରର ଛାତଉପରେ ମୁଣ୍ଡ ଟେକ

ନି ସବୁ । ସବୁ କାରଖାନା ଭଳି ଏଠୁ ବି ଧୂଆଁ ବାହାରେ—
ବରତ ବାହାରିବାରେ ଲାଗିଥାଏ । କି ଧୂଆଁ ସେ ? ମଣିଷ
। ଗଢ଼େ ସେଠି ? କାହାର ଭୋଗ ପାଇଁ ? ମଣିଷସମାଜର
ନା ଯାହା କେବେ ଗଢ଼ିପାରି ନାହିଁ କି ଭବିଷ୍ୟତରେ
ବେ ଗଢ଼ିପାରିବ ନାହିଁ, ଆଜି ସେ ତାହାହିଁ ଗଢ଼ୁଛି—
ଭିତ ଗଢ଼ିବାରେ ଲାଗିଛି—ସେଇ ଗଣହତ୍ୟା, ଆଜି
ସ୍ତରରେ ସାମୂହିକ ମରଣକୁ ।

୧୯୪୧ ଜୁଲାଇ ମାସ ୨୨ ତାରିଖ । ଫ୍ୟାସିଷ୍ଟମାନେ ରୁଷ
ମଣ କଲେ । ତା ପରେ ହଜାର ହଜାର ସଂଖ୍ୟାରେ ରୁଷ-
ୀଙ୍କ ଦ୍ୱାରା ବନ୍ଦୀଶାଳା ଭରିଗଲା । ନିର୍ଦ୍ଦେଶ ଆସିଲା ସେ
ନ୍ଙ୍କୁ ହତ୍ୟା କରିବାକୁ ହେବ । ଏହା କୌଣସି ବିଶେଷ
ସ୍ଥା ଯୋଗୁ ନୁହେଁ । ସ୍ଥାନ ଅଭାବ କି ଖାଦ୍ୟ ଅଭାବ ଯୋଗୁ
ହିଁ । ତା ହୋଇଛି ଫ୍ୟାସିଷ୍ଟବାଦ ମାତର ନିୟମ, ହିଟଲର
ଆକ୍ରମଣ କଲା ପୂର୍ବରୁ ଯାହା ସ୍ଥିର କରିସାରିଥିଲା ।
୪୧ ଜୁନ ୬ ତାରିଖରେ ବସିଛି ଏଇ ନିଷ୍ପତ୍ତି ଓ ଆଦେଶନାମା
ାରେ ମୋହର । ଯୁଦ୍ଧବନ୍ଦୀଙ୍କ ହତ୍ୟା, ଆନ୍ତର୍ଜାତୀୟ ନିୟମ-
ୁଦ୍ଧ । କିନ୍ତୁ ଯେଉଁଠି ମଣିଷ ନିଜର ମଣିଷତ୍ୱକୁ ହତ୍ୟା କରି-
ଛି ସେଠି ଏ ମାନବତା ନିୟମର ବା କି ମୂଲ୍ୟ ! ପଶୁଜଗତ
। ମଣିଷ ନିୟମରେ ବନ୍ଧା ? ତେଣୁ ଏଠି ବସିଛି ନରହତ୍ୟାର
ାକୁସି; ଖୋଲିଛି ମୃତ୍ୟୁର କାରଖାନା ।

କୁହାଯାଏ, "ବନ୍ଦୀମାନଙ୍କର ଡାକ୍ତରୀ ପରୀକ୍ଷା ହେବ ।
! ଜଣ ହୋଇ ଘରଭିତରେ ଡାକ୍ତର ପାଖକୁ ଯାଅ ।
ୋଷାକପତ୍ର ଜିନିଷପତ୍ର ଯାହା କିଛି ଅଛି ସବୁ ଖୋଲି ବାହାରେ
।।" ସେଠି ଡାକ୍ତର ବେଶରେ ବସିଥାଏ ଜଣେ ନାଜୀ

ଏସ୍. ଏସ୍. ଗାର୍ଡ଼ । ତା ପାଖକୁ ଲଗି ଏକ ଛୋଟ କୋଠରୀ
କାନ୍ଥରେ ମଣିଷର ଉଚ୍ଚତା ମାପିବାର ଏକ ମାପଦଣ୍ଡ । ଆଦେ
ହୁଏ ସେଇ କୋଠରୀ ଭିତରକୁ ଯାଇ ନିଜର ଉଚ୍ଚତା ମାପି
ଲାଗି । ସେଇ ମାପଦଣ୍ଡର କାନ୍ଥରେ କ୍ଷୁଦ୍ର ଏକ ଝଳା—ଓ
ପଛପଟେ ଆଉ ଏକ କୋଠରୀରେ ଲୁଚି ରହିଥାଏ ନା
ଆତତାୟୀ । ତାହା ଏପରି ଭାବେ ଯେ ବନ୍ଦୀ ପକ୍ଷରେ ସନ୍ଦେହ
କୌଣସି ଅବକାଶ ନ ଥାଏ । ସେ ନିଜର ଉଚ୍ଚତା ମାପିବାଲାଗି
କାନ୍ଥକୁ ଆଉଜି ଛିଡ଼ା ହେବା ସଙ୍ଗେ ସଙ୍ଗେ ସେଇ ଝଳା ବାଟେ
ଠିକ୍ ତାର ବେକମୁଣ୍ଡାକୁ ଲକ୍ଷ୍ୟ କରି ପଛରୁ ଆସେ ଗୁଳି । କ'
ହେଲ, ଭାବିବାକୁ ତା'ର ବେଳ ନାହିଁ । ସେ ହଠାତ୍ କଚ୍ଚଡ଼
ହୋଇପଡ଼େ, ସେଇଠି । ଏଇ ହେଲା ଫାସିଷ୍ଟମାନଙ୍କର ଡାକ୍ତ
ପରୀକ୍ଷା । ଏ ପରୀକ୍ଷାରେ କାହାରି ଫେଲର ପ୍ରଶ୍ନ ନାହିଁ । ଏଇପ
ହଜାର ହଜାର ସଂଖ୍ୟାରେ ରୁଷବନ୍ଦୀଙ୍କୁ ଏଠି ହତ୍ୟା କରାଯାଇଛି ।

ସେଇ ଘରର କରପଟକୁ ଆଉ ଏକ କୋଠରୀ, ବେଶ
ପ୍ରଶସ୍ତ । ପୁଣି ଅତି ଅସ୍ୱାଭାବିକ ତା'ର ଭିତରଟା । କାନ୍ଥ ଗୁଡ଼ିକପଟେ
ଛାତକୁ ଲାଗି କିଛି କିଛି ଅନ୍ତରରେ ଝୁଲୁଛି ଲୁହାର ଗୁଡ଼ାଏ
ବଡ଼ ବଡ଼ ହୁକ୍‌କଣ୍ଟା । ପ୍ରାୟ ଶହେ କି ଦେଢ଼ଶହ ହେବ । ଠିକ୍
କେତେ ଗଣିପାରିନାହିଁ । କାହିଁକି ଏ ହୁକ୍ କଣ୍ଟାର ମାଳ ? କ'ଣ
ହୁଏ ସେଥିରେ ? କି କାମରେ ଲାଗେ ତାହା ମଣିଷର ? ସେ
ଗୁଡ଼ାକ ବି ସେ କାରଖାନାର ଗୋଟାଏ ଗୋଟାଏ କଳ—ମଣିଷ
ମାରିବାର ଯନ୍ତ୍ର । ସେଠି ଜଣ ଜଣ କରି ଏକ ସାଙ୍ଗରେ ଶହେ
ଦେଢ଼ଶହଙ୍କୁ ଝୁଲାଇଦିଆଯାଏ । ପ୍ରଥମେ ସେ ଘରେ ଗୁଡ଼ିଏ
ହୁକ୍‌କଣ୍ଟା ଥିଲା । କିନ୍ତୁ ଏତେ ଲୋକଙ୍କ ପାଇଁ ଗୁଡ଼ିକେଟି କ'
ଯଥେଷ୍ଟ ? ତା' ପରେ ଏଇ ବ୍ୟାପକ ବ୍ୟବସ୍ଥା । ସାରାଘର ହୁକ୍

ଷ୍ଟୋରେ ଭରିଯାଇଛି । କାରଖାନା ଭଳି ଏଠି ଅନବରତ
।ମ ଚାଲେ । ସବୁବେଳେ ଲାଗିଥାଏ ହତଭାଗ୍ୟ ଲୋକଙ୍କର
।ଡ଼ । ଦଳକ ପରେ ଦଳେ ଲୋକ ଚାଲିଥା'ନ୍ତି—ଦଳେ ସେଥିରେ
ୁଲିବା ପରେ ଆଉ ଦଳେ ଆସନ୍ତି ଝୁଲିବା ଲାଗି । ମୃତ୍ୟୁର
ଶ୍ରାମ ନାହିଁ । ଏ ଘରୁ କେହି କେବେ ଜୀବନ ନେଇ ବାହାରିନାହିଁ ।

ଗୁଳି ଓ ଫାଶୀରେ ସଙ୍ଗେ ସଙ୍ଗେ କଣ ପ୍ରାଣ ଯାଏ ?
ବୁଥିପାଇଁ ଗୋଟାଏ ସମୟ ଲୋଡ଼ା । ସେ ସମୟ କାହିଁ ? ଚଞ୍ଚଳ
ଞ୍ଚଳ କାମ ଉଠାଇବାକୁ ହେବ । କଏ ଦରମରା ଅବସ୍ଥାରେ—
।ଏ ବା ମୃତ୍ୟୁ ଯନ୍ତ୍ରଣାରେ ଚିତ୍କାର ଛାଡ଼ୁଛି ଏ ସମସ୍ତଙ୍କୁ ଘୋଷାଡ଼ି
ନିଆଯାଏ ଆଉ ଗୋଟାଏ ପାଖକୁ । ଫୁରସତ୍ ନାହିଁ । ଆଉ ଦଳକୁ
ସେ ଗୁଳି କରିବାକୁ ହେବ । ହୁକ୍‌ରେ ଝୁଲାଇବାକୁ ପଡ଼ିବ ।
ପଛକୁ ପଛ ଲାଗିଛି ମୃତ୍ୟୁମୁଖୀ ଲୋକଙ୍କର ପଟୁଆର । ଦରମରା
ଲୋକଙ୍କୁ ଘୋଷାଡ଼ି ନିଆଗଲା ତାଙ୍କର ଅବଶେଷ ପ୍ରାଣକୁ ନିଃଶେଷ
କରିବାଲାଗି । ସେଠି ଲୁହାର ଛଡ଼ି, କାଠର ଗଦା ଭଳି ଜିନିଷ ଓ
ମାଂସ କାଟିଲାଭଳି କଂସେଇର କାଠଗଡ଼ି ପରି ଗୋଟାଏ ଗୋଟାଏ
ଷ୍ଟାଣ୍ଡ ପଡ଼ିଛି । ତା'ଙ୍କ ଉପରେ ଦରମଲା ମଣିଷଗୁଡ଼ାଙ୍କୁ ପକାଇ
ଦେଇ ଛେଚିଦିଆହୁଏ । ମଣିଷ ହୁଏ ମୁର୍ଦ୍ଦାର । ଏ ମୁର୍ଦ୍ଦାର ସବୁ
ଘୋଷଡ଼ାଯାଆନ୍ତି ଉପରକୁ, ଆଉ ଏକ ଘରକୁ । ସେଠି ରହିଛି
ଦୁଇଧାଡ଼ି ମଣିଷପୋଡ଼ା ଚୁଲି—ଚାରିଟା ଲେଖାଏ ଆଠଟା ଚୁଲି ।
ମୁର୍ଦ୍ଦାରକୁ ଗୋଟାକ ପରେ ଗୋଟାଏ ତା ଭିତରେ ଗୁଞ୍ଜିଦିଆ-
ଯାଏ—ଫ୍ୟାକ୍ଟରୀରେ ମାଲ ଗୁଞ୍ଜା ହେଲା ଭଳି । ଏ କାରଖାନାର
ଗୋଟାଏ ମୁଣ୍ଡରେ ପଶନ୍ତି ତମ ଆମଭଳି ଜୀଅନ୍ତା ମଣିଷ—ସୁଖ-
ଦୁଃଖର ସ୍ୱପ୍ନ ଦେଖୁଥିବା ମଣିଷ । ଅନ୍ୟ ମୁଣ୍ଡେ ସେ ବାହାରିଆସେ
ପାଉଁଶ ହୋଇ । ଏ ହେଉଛି ସେ କାରଖାନାର ଫଳ ।

*

ଯେଉଁ ବନ୍ଦୀଙ୍କୁ ଏଠି କାମରେ ଖଟାଯାଏ ସେମାନଙ୍କୁ ମଧ୍ୟ ପାଉଁଶ କରାଯାଏ ଯେପରିକ ଜଣେହେଲେ କେହି ପ୍ରତ୍ୟକ୍ଷଦ୍ରଷ୍ଟା ରହିବେ ନାହିଁ ସେଇ ପାଉଁଶର କାହାଣୀ କହିବାଲାଗି । ସେଥିଲାଗି ସମସ୍ତଙ୍କୁ ପାଉଁଶ କରାଯାଏ । କିନ୍ତୁ ପାଉଁଶ ବି କଥା କହେ ।

ବକେନୱାଲର ସେଇ ମଣିଷପୋଡ଼ା ଚୁଲି । ତା ମଧ୍ୟରେ ମଣିଷଜାତିର କେତେ କେତେ ଶ୍ରେଷ୍ଠ, ମହତ୍, ଗୁଣୀ ଲୋକେ ପୋଡି ପାଉଁଶ ନ ହୋଇଛନ୍ତି ! ବୈଜ୍ଞାନିକ, ଦାର୍ଶନିକ, ଶିକ୍ଷକ, ଛାତ୍ର, ଅଧ୍ୟାପକ, ହଳର ଚାଷୀ ଓ କାରଖାନାର ଶ୍ରମିକ—ମଣିଷର ସବୁ ବୃକ୍ଷର—ସବୁ ବୃନ୍ତର ଫୁଲଫଳ ଏଠି ପୋଡ଼ି ପାଉଁଶ ହୋଇଛି । ଦିନେ ଅଧରାତିରେ ନିର୍ଜନ ଅବସ୍ଥାରେ ଏଠାକୁ ବାହାରୁ ଜଣକୁ ଅଣାହେଲା । ସେ ପହଞ୍ଚିଲାକ୍ଷଣି ତାକୁ ପଛରୁ ଗୁଳିକରି ସେଇଠି ହତ୍ୟା କରାଗଲା । ଫ୍ୟାସିଷ୍ଟମାନେ ନିଜେ ସେ ଶବକୁ ସେଇ ଚୁଲିରେ ପୋଡ଼ିଛନ୍ତି । ଏହା କରାଯାଇଥିଲା ଘଟଣାକୁ ଗୋପନ ରଖିବାଲାଗି ।

୧୯୪୪ ଅଗଷ୍ଟ ୧୪ ତାରିଖ ରାତିର ଘଟଣା । ସେ ହେଉଛନ୍ତି ଜର୍ମାନ କମ୍ୟୁନିଷ୍ଟ ନେତା 'ଅରନେଷ୍ଟ ଥେଲମ୍ୟାନ' ଫ୍ୟାସିଷ୍ଟମାନେ କ୍ଷମତା ଦଖଲ କଲାପରେ ତାଙ୍କୁ ୧୯୩୩ରେ ବନ୍ଦୀ କରିଥିଲେ । କିନ୍ତୁ କୌଣସି ବିଚାରାଳୟରେ ତାଙ୍କର ବିଚାର ହୋଇନାହିଁ । କାରଣ, ନାଜୀମାନଙ୍କର ତାଙ୍କ ପ୍ରତି ବଡ଼ ଭୟ । ସେମାନେ ଜାଣିଥିଲେ, ତାଙ୍କୁ ଅଦାଲତରେ ଛିଡ଼ା କରାଇବା ଦ୍ୱାରା ସେମାନେ ନିଜେ କାଠଗଡ଼ାରେ ଛିଡ଼ା ହେବେ । ତାଙ୍କର ବିଚାର ନ ହୋଇ ବିଚାର ହେବ ସେଇ ନାଜୀମାନଙ୍କର । ନାଜୀମାନଙ୍କର ସମସ୍ତ ଘୃଣ୍ୟ ଷଡ଼ଯନ୍ତ୍ର ପଦାରେ ପଡ଼ିଯିବ ଏହାହିଁ ଥିଲା ତାଙ୍କର

ଉତ୍ସବର କାରଣ । ନାଜୀମାନେ କମ୍ୟୁନିଷ୍ଟ ନେତା ଡ଼ଃ ମିଟ୍ରଭଙ୍କୁ ବିନେ ଏହିଭଳି ବିଚାର କରିଥିଲେ । ଅଭିଯୁକ୍ତ ଆସାମୀ ଡ଼ଃ ମିଟ୍ରଭ ଓଲଟି ନାଜୀମାନଙ୍କର ଅଭିଯୁକ୍ତକାରୀ ହୋଇ ଠିଆ ହେଲେ । ଡ଼ଃ ମିଟ୍ରଭଙ୍କର ବିଚାର ନ ହୋଇ ବିଚାର ହେଲା ନାଜୀମାନଙ୍କର ଏବଂ ଶେଷରେ ଫ୍ୟାସିଷ୍ଟମାନେ ଡ଼ଃ ମିଟ୍ରଭଙ୍କୁ ମୁକ୍ତ ଦେବାକୁ ବାଧ୍ୟ ହେଲେ । ତେଣୁ ଏଇ ଭଯ୍ୱରେ ବାରବର୍ଷକାଳ ଥେଲମ୍ୟାନଙ୍କୁ ବିନା ବିଚାରରେ ଅଟକ କରାଯାଇଥିଲା । ସେଦିନ ତାଙ୍କୁ 'ବାଉହ୍ ଜେନ୍' କାରାଗାରରୁ ଅଣାଗଲା । ଏଇଠାରେ ପହଞ୍ଚିବା ସଙ୍ଗେ ସଙ୍ଗେ ତାଙ୍କୁ ହତ୍ୟା କରାଗଲା ।

ଦୁନିଆରେ ସତ୍ୟହିଁ ଏକମାତ୍ର ମୃତ୍ୟୁହୀନ । ନାଜୀମାନେ ସମ୍ବାଦକୁ ଗୋପନ ରଖିବାକୁ ଚେଷ୍ଟା କଲେ ବି ତାହା ଲୁଚିଲା ନାହିଁ । ବନ୍ଦୀମାନେ ତାହା ଜାଣିଲେ । ତାଙ୍କ ସ୍ମୃତି ପ୍ରତି ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଅତି ଗୋପନରେ ଶୋକସଭାରେ ସମ୍ମିଳିତ ହେଲେ । ତାଙ୍କର ଅସମାପ୍ତ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବାଲାଗି ସଂକଳ୍ପ ନେଲେ । ଏହା ମଧ୍ୟ ଫ୍ୟାସିଷ୍ଟଙ୍କ ପାଖରେ ଅଛପା ରହିଲା ନାହିଁ । କିନ୍ତୁ କିଏ ସେହି ସଭାକଲା ଲୋକେ ? ବନ୍ଦୀଙ୍କର ସେହି ଗୁପ୍ତ ସଂଗଠନକୁ ଫ୍ୟାସିଷ୍ଟମାନେ କେବେ ଧରିପାରି ନ ଥିଲେ ।

ଜର୍ମାନ ସୋସିଆଲିଷ୍ଟ ଡେମୋକ୍ରାଟିକ ଦଳର ନେତା ରୁଡଲଫ୍ ବ୍ରେଇଷ୍ଟଚ୍‌ଙ୍କୁ ମଧ୍ୟ ନାଜୀମାନେ ଏଇଠି ବନ୍ଦୀ କରିଥିଲେ । ତାଙ୍କୁ କାରାଗାରର ନିର୍ଜ୍ଜନ କୋଠରୀରେ ରଖାଯାଇଥିଲା । ୧୯୪୪ ଅଗଷ୍ଟ ମାସ ୨୪ ତାରିଖରେ ତାଙ୍କର ମଧ୍ୟ ଏଇଠି ଜୀବନର ଅବସାନ ଘଟିଲା । ଆଜି ସେଇସବୁ ସ୍ଥାନ ଏକ ଏକ ପବିତ୍ର ତୀର୍ଥସ୍ଥଳରେ ପରିଣତ । ପ୍ରତ୍ୟେକ ବ୍ୟକ୍ତି,

ପ୍ରତ୍ୟେକ ଦର୍ଶକ ସେଠି ଫୁଲ ଦେଇ ଆପଣାର ସମ୍ମାନ ଜଣା-
ସେଇସବୁ ପୁଣ୍ୟ ସ୍ମୃତି, ଶହୀଦଙ୍କ ଉଦ୍ଦେଶ୍ୟରେ ।

ବନ୍ଦୀଶାଳାରେ ଯୁଆଡେ ଯାଅ, ଭେଟିବ ମଣିଷ ପ୍ରତି ପାଶବିକ ଅତ୍ୟାଚାରର ଚିହ୍ନ । ମଝିରେ ଝୁଲାଗଛ ଭଳି ଠିଆ ହୋଇଛି ଗୋଟାଏ କାଠର ଗଡ଼ । ଏଇଠି ମଣିଷର ହାତ ଗୋଡ଼କୁ ଟାଣି ପଛୁଆ କରି ବାନ୍ଧି ଝୁଲାଇ ଦିଆହୁଏ ତଳମୁହାଁ କରି । ସେହିପରି ଘଣ୍ଟା ଘଣ୍ଟା ଧରି ସେ ଝୁଲୁଥାଏ । ନାଜୀ ଗାର୍ଡ଼-ମାନେ ଗଲା ଅଇଲାବେଳେ ତାକୁ ଗୋଟାଏ ଗୋଟାଏ ଗୋଇଠା ବା ଧାଡ଼ଏ ବାଡ଼ଏ ପକାଉଥାନ୍ତି । ଭାଗ୍ୟରେ ଥିଲେ ଲୋକ ଏଠୁ ଉତୁରେ ।

ବନ୍ଦୀମାନଙ୍କ ଲାଗି କଠୋର କାମର ବ୍ୟବସ୍ଥା । ସେ କାମ ଭିତରେ ବି ହତ୍ୟାର ବ୍ୟବସ୍ଥା ରହିଥାଏ । ଏଇପରି ଗୋଟାଏ ହେଲା, ଖଣିରେ କାମ କରିବା । ଯିଏ ଖଣିକାମକୁ ଗଲା, ସେ ଗାତରେ ପଶିଲା ବୋଲି ଜାଣ । ସେଠାକୁ ସାଧାରଣତଃ ବଧ କରିବା ଉଦ୍ଦେଶ୍ୟରେ ନିଆଯାଏ । ନାଜୀମାନଙ୍କର ମାଡ଼ ପ୍ରହାରରେ ବହୁଲୋକ ମରନ୍ତି । ଅନେକ ସମୟରେ ଲୋକଙ୍କୁ ଛୁଡ଼ାକରି ଗୁଳି କରାଯାଏ । ପ୍ରଚାର ହୁଏ, ଖସିପଳାଉଥିବା ଯୋଗୁ ଗୁଳି ହେଲା । ଯେଉଁ ଗାର୍ଡ଼ମାନେ ଏହା କରନ୍ତି ସେମାନେ ପୁରସ୍କୃତ ହୁଅନ୍ତି । ଅଧିକା ତିନିଦିନ ଛୁଟି ତାଙ୍କର ପ୍ରାପ୍ୟ ।

ବନ୍ଦୀମାନଙ୍କୁ ଗୋଡ଼ି ଭଙ୍ଗା, ରାସ୍ତା ତିଆରି ଆଦି ଯାବତୀୟ କାର୍ଯ୍ୟରେ ଲଗାଯାଏ । ପାଖରେ ପ୍ରତିଷ୍ଠିତ ଅସ୍ତ୍ରଶସ୍ତ୍ର କାରଖାନାରେ ମଧ୍ୟ ସେମାନଙ୍କୁ ଖଟାଯାଏ । ବଡ଼ ବଡ଼ ପୁଞ୍ଜିପତିଙ୍କୁ ମଧ୍ୟ ବନ୍ଦୀ-ଗଣଙ୍କୁ ଭଡ଼ାରେ ଯୋଗାଇ ଦିଆଯାଏ । ଏ ବନ୍ଦୀଶାଳାରେ ମୁଣ୍ଡପିଛା ଭଡ଼ାର ରେଟ୍ ଥିଲା ୦.୩୦ ରୁ ୧.୫୦ ମାର୍କ । ୧୯୪୪ରେ

ବନ୍ଦୀମାନଙ୍କୁ ଭଡ଼ା ଲଗାଇବା ବାବତରେ ନାଜୀମାନେ ୭୦ଲକ୍ଷ ୭୨ ହଜାର ମାର୍କ ପାଇଥିଲେ । ପୁଞ୍ଜିପତିଙ୍କ କାରଖାନାରେ ବନ୍ଦୀମାନଙ୍କ ଜୀବନକାଳକୁ ୯ ମାସ ବୋଲି ଧରାଯାଏ । ଏହି ସମୟ ଭିତରେ ତାଙ୍କର ସମସ୍ତ ଶକ୍ତି, ସାମର୍ଥ୍ୟକୁ ଚିପୁଡ଼ି ନିଗାଡ଼ି ଶୋଷିନିଆହୁଏ । ତା ପରେ ତାଙ୍କୁ ଫିଙ୍ଗିଦିଆଯାଏ ଚିପୁଡ଼ା ଆଖୁର ଛେଦାଭଳି ଚୁଲ୍ଲୀ ଭିତରକୁ ।

ପୁଣି ବନ୍ଦୀମାନଙ୍କ ଉପରେ ଚାଲେ ପରୀକ୍ଷା ଓ ଗବେଷଣା, ଯାହାକି ସାଧାରଣତଃ ମୂଷା, ବେଙ୍ଗ ବା ଠେକୁଆଙ୍କ ଉପରେ ହୋଇଥାଏ । ସେଥିଲାଗି ଏକ ସ୍ୱତନ୍ତ୍ର ଘର ହୋଇଛି । ଏ ଘରଟା ସେ ମରଣ କାରଖାନାର ଘରସାଙ୍ଗକୁ ଲାଗିକରି । ଏ ଗବେଷଣାରେ ମୃତ୍ୟୁଟା ହେଲା ଧ୍ରୁବ ସତ୍ୟ । ନାଜୀ ଡାକ୍ତରମାନେ ଯେଉଁ ଅସ୍ତ୍ର ବ୍ୟବହାର କରୁଥିଲେ ତାହା ମଧ୍ୟ ସେଠାରେ ରକ୍ଷିତ ଅଛି । ଏ ଗବେଷଣା ଏପରି ନିର୍ମମ, ନୃଶଂସ ଯେ ପଶୁ ପ୍ରତି ପ୍ରୟୋଗରେ ମଧ୍ୟ ଦୟା ଆସିବ । କିନ୍ତୁ ଏଇ ମଣିଷଗୁଡ଼ାକ ତ ପଶୁ ନୁହନ୍ତି । ପଶୁ ଜୀବନର ତ ମୂଲ୍ୟ ଅଛି ।

ବିକେନଓ୍ୱାଲ ଭିତରେ ବୁଲି ବୁଲି ପହଞ୍ଚିଲୁଁ ତା'ର ମ୍ୟୁଜିୟମ ବା ସଂଗ୍ରହାଳୟରେ । ବନ୍ଦୀମାନଙ୍କର ବ୍ୟବହୃତ ଜିନିଷପତ୍ର, ବନ୍ଦୀମାନଙ୍କର ଛବି ଓ ଚିତ୍ର, ବନ୍ଦୀଶାଳାର ବିବରଣୀ ଓ ନାନା ଜିନିଷ ସଂଗୃହୀତ ହୋଇ ସେଠି ରହିଛି । ସେ ସବୁର ବର୍ଣ୍ଣନା ଏଠି ସମ୍ଭବ ନୁହେଁ । ତେବେ ହଠାତ୍ ଆଖିରେ ପଡ଼ିଲା ମୁଣ୍ଡର ଗୁଡ଼ାଏ ବାଳ ଗଦା ହୋଇ ରହିଛି । ଏଥିରେ ପୁରୁଷ, ', ପିଲା ସମସ୍ତେ ଅଛନ୍ତି । ସାନ ସାନ ପିଲାଙ୍କର ଗୁଛିଆ ଗୁଛିଆ ବେଣୀଟିମାନ—ରିବନ୍ ଝୁଲୁଛି । ଏ ପିଲାମାନେ କିଏ ? ଏମାନେ ଆଜି କେଉଁଠି ?

ନାଜୀମାନେ କାହା ମୁଣ୍ଡରେ ବାଳ ରଖିଦେଉ ନ ଥିଲେ ସମସ୍ତଙ୍କ ମୁଣ୍ଡ ଲଣ୍ଡା । କାରଣ ତାହା ଗୋଟାଏ କଞ୍ଚାମାଲ—ବ କାମରେ ଲାଗେ—ତା'ର ବି ଦାମ୍ ଅଛି । ପ୍ରତ୍ୟେକ ଲୋକଙ୍କୁ ଲଣ୍ଡା କରାଯାଏ—ମାରିବା ପୂର୍ବରୁ ସାଧାରଣତଃ ଲଣ୍ଡା କରାଯାଇ ଥାଏ । ଏ ବୋଧହୁଏ ସେଇ ସାନ ସାନ ପିଲାମାନଙ୍କର ବେଣୀ —ସେଇ ଲୋକମାନଙ୍କର ବାଳ, ଯେଉଁମାନେ ଆଉ ଇ ଜଗତରେ ନାହାନ୍ତି ।

ସେମିତି ଆଉ ପାଦେ ଆଗେଇଗଲେ ଦେଖିବ ଗୁଡ଼ାଏ ମଣି ଦାନ୍ତ । ତା ସବୁତ ପଡ଼ିଛି କେତୋଟା ସଣ୍ଡୁଆସି, ଯେଉଁଥିରେ ବି ତାହା ଉପଡ଼ା ହୋଇଛି । ସେ ଦାନ୍ତଗୁଡ଼ାକ ଭିତରେ କେତେ କରେ ଠିକେ ଠିକେ ସୁନା ଲାଗିଛି । ସେତେବେଳେ କେତେ ଦେଶରେ, ରୁଷରେ ବି ଦାନ୍ତରେ ସୁନା ଗୁଞ୍ଜିଣି କରିବା କାହା କାହାର ସଉକ ଥିଲା । ଏ ସେଇ ଲୋକମାନଙ୍କର ଦାନ୍ତ । ସେ ସୁନାତକ ଉପରେ ପଡ଼ିଛି ନାଜୀମାନଙ୍କର ଲୋଭଦୃଷ୍ଟି । ତେ ସେମାନଙ୍କର କାଳ ପୂରିଛି । ସେମାନଙ୍କ ଦାନ୍ତ ଉପାଡ଼ିବା ଲାଗି କୌଣସି ଡାକ୍ତର ବା ଡାକ୍ତରଖାନାର ପ୍ରୟୋଜନ ନାହିଁ ସଣ୍ଡୁଆସି ସାହାଯ୍ୟରେ ତାକୁ ଉପାଡ଼ିନିଆଯାଏ । ଯିଏ ମଲା ମଲା; ଯିଏ ରହିଲା, ଯାଏ ଆସେ ନାହିଁ । ଜୀବନ ମୃତ୍ୟୁ ଏ ସବୁ ସମାନ । ସୁନାହିଁ ଦରକାର । କେତେ ବା ସୁନା ! ହେଲେ ବି ମଣିଷର ଜୀବନଠୁ କ'ଣ ତା ଅଧିକ ମୂଲ୍ୟବାନ ନୁହେଁ ? – ଏପରିକି ମୁର୍ଦ୍ଦାର ଗଦା ଭିତରେ ଲୋକ ସଣ୍ଡୁଆସି ଧରି ପ୍ରତ୍ୟେ ମୁର୍ଦ୍ଦାରର ଦାନ୍ତ ଦେଖେ । ଅନେକ ସମୟରେ ଦାନ୍ତ ଉପାଡ଼ି ପୂର୍ବରୁ ଅନ୍ୟ ସ୍ଥାନରେ ମଧ୍ୟ ଲୋକଙ୍କୁ ହତ୍ୟା କରାଯାଇଥାଏ ସେଥିରେ ଯଦି ସୁନା ରହିଯାଇଥାଏ ତାହା ପୁଣି ସଂଗ୍ର

।ଘଟିବ କପରି ? ମଣିଷ ମୁର୍ଦ୍ଦାରେ ପାଲଟିଲେ ବି ତା'ର ସ୍ୱାଭି
ନାହିଁ ।

ନାଗାମାନେ ଡାକ୍ତର ଏଇ ମୁନା ସଂଗ୍ରହ କରି ତାକୁ
ାରଲାଇ ମୁନାମୁଣ୍ଡାରେ ପରିଣତ କରନ୍ତି; ସ୍ୱଦେଶରେ ବିକି
।ରି ଯୁଦ୍ଧ ସାମଗ୍ରୀ ଆଦି କିଣନ୍ତି । ତାହା ଶେଷରେ ଆମେରିକାରେ
ାଇ ପହଞ୍ଚେ । ସଂଗ୍ରହାଳୟରେ ବୁଲୁ ବୁଲୁ ହଠାତ୍ ନଜର ପଡ଼ିଲ
ଏକ ଅଦ୍ଭୁତ ଜିନିଷ ଉପରେ—ଗୋଟିଏ ମଣିଷର ମୁଣ୍ଡ । ଠିକ୍
ମଣିଷର ମୁଣ୍ଡ । ତା'ର ନଶ, ଦାଢ଼ି, ମୁଣ୍ଡର ବାଳ, ଦେହର ଚମ
ସେମିତି ରହିଛି । ଅନାଇଁ ରହିଛି ଚମକୁ ଜଳଜଳ କରି । କି ସେ
ଚାହାଣି ! କି ତୀକ୍ଷ୍ଣ କରୁଣ ସେ ! ସତେ ଯେପରି ତାହା ପ୍ରତ୍ୟେକ
ଦର୍ଶକଙ୍କୁ ପ୍ରଶ୍ନ କରୁଛି ମୁଁ କିଏ, ମତେ ଚିହ୍ନି ପାରୁଛ ?

ଜାଣିବାର ଉପାୟ ନାହିଁ । ତମ ଆମ ମୁଣ୍ଡ ପରି ଜଣେ
ମଣିଷର ମୁଣ୍ଡ । ତାହାହିଁ ତା'ର ଏକମାତ୍ର ପରିଚୟ । ଏଇପରି
ହିସ୍ର ମୁଣ୍ଡ ଏଠି ଏମିତି ହଣା ହୋଇଛି । ତା ଦେହରେ
ାସାୟନିକ ଦ୍ରବ୍ୟ ଦେଇ ତାକୁ ସେମିତି ସତେଜ କରି ରଖା-
ଯାଇଛି ସ୍ମୃତି ସାମଗ୍ରୀ ବା ସୋଭେନିୟର ଭାବରେ—ଗୃହସଜ୍ଜାର
ଗୋଟାଏ ଜିନିଷ ଭାବରେ । ଏଇ ବର୍ବର ଆନନ୍ଦର ପିପାସାର ପୂରଣ
ଲାଗି କେତେ ଲୋକଙ୍କର ଯେ ମୁଣ୍ଡ ହଣା ହୋଇଛି ତା'ର ହିସାବ
। କିଏ ଦେବ ! ଆଦିମ ଯୁଗରେ ନରଖାଦକମାନେ ଖାଇବାପାଇଁ
ମଣିଷ ମାରୁଥିଲେ; କିନ୍ତୁ ଏହା ହେଉଛି ବୀଭତ୍ସ ଆନନ୍ଦ ଲାଗି ।

ତା ପାଖକୁ ଲାଗି ମଣିଷହାଡ଼ରେ ତିଆରି ଲ୍ୟାମ୍ପଷ୍ଟାଣ୍ଡ ବ.
।ାପ ଦାନ; ଆଉ ତା ପାଖକୁ ରହିଛି, ମଣିଷର ଚିତାକୁଟା
ଚମରେ ପ୍ରସ୍ତୁତ ଲ୍ୟାମ୍ପସେଡ୍ ବା ଦୀପଘୋଡ଼ଣି । ଆଉ ଗୁଡ଼ାଏ
।ଚିତାକୁଟା ମଣିଷର ଚମ ଓ ସେହିଭଳି ଆଉ ଆଉ କେତେ ଜିନିଷ

ତା ପାଖକୁ ଲାଗିରହିଛି । ନାଜି ଅଫିସରଙ୍କ ଗୋଟାଏ ଲିଖି
ଅର୍ଡ଼ର ଫର୍ଦ୍ଦ—"ତୁରନ୍ତ ୧୪୨ ଟା ଚିତାକୁଟା ଚମ ପଠାଅ ।"

ମଣିଷର ହାଡ଼ ନାଜିମାନଙ୍କ ପକ୍ଷରେ ଏକ ଖେଳନା
ସାମଗ୍ରୀ । ଚିତାକୁଟା ଚମ ସେମାନଙ୍କର ଅତି ଆଦରର ଜିନିଷ
ଯଦି କୌଣସି ଲୋକର ଦେହରେ ଚିତାକୁଟାର ସନ୍ଧାନ ମିଳ
ତେବେ ସେ ଲୋକର ଆଉ ରକ୍ଷା ନାହିଁ । ତା ଦେହରୁ ସେ ଚମ
ଖୋଲନେବାକୁ ହେବ । ସେଥିଲାଗି ନାଜି ଗାର୍ଡମାନେ ବନ୍ଦୀମାନ
ଭିତରେ ବୁଲିଲାବେଳେ ଲୋକମାନଙ୍କର ଦେହର ଚମକୁ ଲକ
କରୁଥାଆନ୍ତି । ପ୍ରଥମେ ସେଇସବୁ ଚମର ଫଟୋ ନିଆଯାଏ
ତା ପରେ ଚିତାର ସୌନ୍ଦର୍ଯ୍ୟ ଅନୁଯାୟୀ ଲୋକଙ୍କୁ ବଛାଯାଏ
ସେଠାରୁ ପଠାଇଦିଆଯାଏ ରୋଗୀଙ୍କ ବ୍ୟାରାକକୁ । ସେମା
ଆଉ ଫେରନ୍ତି ନାହିଁ ସେଠୁ । ସେମାନଙ୍କର ଚିତାକୁଟା ଚ
ଆତ୍ମପ୍ରକାଶ କରେ ପାଥୋଲଜିକାଲ୍ ଡିପାର୍ଟମେଣ୍ଟରେ । ସେ
ତାଙ୍କୁ ଠିକଣାଭାବେ କଷ କରି ପଠାହୁଏ ଉପରିସ୍ଥ ନାଜି ଅଫିସର
ପାଖକୁ ଏକ ଦୁର୍ଲଭ ସମ୍ପଦରୂପେ ।

ଏହା ତିଆରି କରିବାଲାଗି ନାଜିମାନେ ଗବେଷଣା କ
ଥିଲେ । ଦକ୍ଷିଣସାଗରର ଏକ ଦ୍ୱୀପରେ ବାସ କରୁଥିବା ଲୋ
ମଲା ମଣିଷକୁ କିପରି ସତେଜ କରି ରଖନ୍ତି ତା'ର ରୀତ
ସେମାନେ ଜାଣିଥିଲେ ଓ ସେଇ ପ୍ରଣାଳୀରେ ନାଜି ଡାକ୍ତରମା
ଏହା ପ୍ରସ୍ତୁତ କରୁଥିଲେ ।

ଏଇ ସେଇ ବକେନ୍‌ଭାଲ୍ଡ ବନ୍ଦୀ ଶିବିର—ପାଶବିକତା
ଗବେଷଣା କେନ୍ଦ୍ର । ୧୯୩୭ ଜୁଲାଇ ୧୬ ତାରିଖରୁ ଏହା ଖୋ
ହେଲା ଦିନରୁ ଶେଷ ପର୍ଯ୍ୟନ୍ତ ୧୯୪୫ ମାର୍ଚ୍ଚ ୩୧ ଯାଏ—ଯା
ହିସାବ ମିଳେ, ଜଣାଯାଏ, ଦୁଇଲକ୍ଷ ଅଠତିରିଶ ହଜାର ନଅ

ନ୍ଦୀ ଏଠାକୁ ଆସିଛନ୍ତି । ସେମାନଙ୍କ ମଧ୍ୟରୁ ଅଧଲକ୍ଷରୁ ଊର୍ଦ୍ଧ୍ୱ, ଏନ ହଜାର ପାଞ୍ଚଶହ ପଇଁତ୍ରିଶ ଜଣଙ୍କୁ ଏଇଠି ହତ୍ୟା ଯାଯାଇଛି । ଏପ୍ରିଲ ୧୧ତାରିଖ ୧୯୪୫, ଯେଉଁଦିନ ଏହା ମୁକ୍ତ ଲା, ସେଦିନ ୨୧ ହଜାର ବନ୍ଦୀ ଥିଲେ । ଅବଶିଷ୍ଟ ଲକ୍ଷେ କୋଇଶ ହଜାରଙ୍କୁ କାରଖାନାରେ କାମ କରିବାକୁ ପଠାଯାଇଛି ଅନ୍ୟ ବନ୍ଦୀଶାଳାମାନଙ୍କୁ ପଠାଯାଇଛି । ସେମାନଙ୍କ ମଧ୍ୟରୁ ଏ ଯିବା ବାଟରେ, କଏ ବା ଅନ୍ୟ ବନ୍ଦୀଶାଳା ବା ରଖାନାରେ ମରିଛନ୍ତି, ବା ସେମାନଙ୍କ ଭିତରୁ କେତେଜଣ ରିପାରିଛନ୍ତି ତା'ର ହିସାବ ନାହିଁ ।

ଏଠି କେବଳ ଗୋଟିଏ ଦେଶ ଜର୍ମାନୀର ଲୋକ ନଥିଲେ, ଶଟି ଦେଶର ଲୋକଙ୍କୁ ଏଇଠି ବନ୍ଦୀ କରାଯାଇଥିଲା । ସମସ୍ତଙ୍କୁ ପରି ନୃଶଂସ ନରକଲୀଳା ଭିତରେ ଗତି କରିବାକୁ ପଡ଼ିଛି । ହା ଏକ ଆନ୍ତର୍ଜାତିକ ବନ୍ଦୀଶାଳାରେ ପରିଣତ ହୋଇଥିଲା । ସିଷ୍ଟମାନଙ୍କର ଏଇ ଘୃଣ୍ୟ କାର୍ଯ୍ୟ ପ୍ରମାଣ କରେ, ସେମାନେ ବଳ ଜର୍ମାନ ଲୋକଙ୍କର ଶତ୍ରୁ ନୁହନ୍ତି; ସବୁ ଦେଶର, ସବୁ ତିର, ସାରା ପୃଥିବୀ—ସମଗ୍ର ମାନବ ସମାଜର ଶତ୍ରୁ ।

ମଣିଷସମାଜ ଓ ଫ୍ୟାସିଷ୍ଟବାଦ—ଏ ଦୁହିଁଙ୍କର ଏକତ୍ର ସ୍ଥାନ ଅସମ୍ଭବ ।

ମୃତ୍ୟୁର କ୍ରୂର ବିଭୀଷିକା ତଳେ ତଳେ ଜନ୍ମ ଲଭିଛି ଜୀବନର ୍ୱର । ବର୍ବରତାକୁ ଭେଦକରି ଉଠିଛି ମଣିଷର ସର୍ବଶ୍ରେଷ୍ଠ ସମ୍ପଦ ନବିକ ମହତ୍ତ୍ୱ । ସେଠି ମଣିଷ କେବଳ ନିଜକୁ, ନିଜର ଜୀବନକୁ ପାଇ ଶିଖିନାହିଁ । ସେ ଆବିଷ୍କାର କରିଛି ନିଜ ସହିତ ସମସ୍ତ ଙ୍କୁ; ଆବିଷ୍କାର କରିଛି ଦେଶପ୍ରୀତି, ଜାତିପ୍ରୀତି, ମାନପ୍ରୀତି

*

ସମଗ୍ର ମାନବସମାଜକୁ, ଏକ ହୋଇଯାଇଛି ତା'ର ଜୀବନ ସ
ମଣିଷଙ୍କ ଜୀବନ ସଙ୍ଗେ । ସେ ନିଜେ ନିଜେ ବାନ୍ଧି ହୋଇଯାଇ
ଅଚ୍ଛେଦ୍ୟ ବନ୍ଧନରେ । ଗଢ଼ି ଉଠିଛି ତା'ର ଐକ୍ୟ । ରୂପ ନେଇ
ତା'ର ସଂଗଠନ । ଶେଷରେ ଧ୍ୱଂସ କରିଛି ସେ ଫ୍ୟାସିଷ୍ଟବାଦ
ଜଘନ୍ୟ ବର୍ବରତାକୁ; ଘୋଷଣା କରିଛି ମାନବର ମୁକ୍ତି
ପାଶବିକତା ଉପରେ ମାନବିକତାର ବିଜୟ । ପ୍ରମାଣ କରିଦେଇ
ତା ମୃତ୍ୟୁହୀନ, କାଳେ କାଳେ ଅମର, ଅଜେୟ ଓ ଅପ୍ରତିହତ ।

ଫ୍ୟାସିଷ୍ଟବାଦ ଦ୍ୱାରା ସବୁଠାରୁ ଅଧିକ ନିର୍ଯ୍ୟାତିତ ହୋଇଛ
ଜର୍ମାନୀର କମ୍ୟୁନିଷ୍ଟଗଣ । ନାଜୀମାନଙ୍କର ଘୃଣ୍ୟ କୂଟ କୌଶ
ବିଷୟରେ ସେମାନେ ସବୁଠାରୁ ଅଧିକ ଅଭିଜ୍ଞ; ତେଣୁ ସେଇମାନ
ସାହାଯ୍ୟ ଓ ଉଦ୍ୟମରେ ପ୍ରତିରୋଧର ପ୍ରାରମ୍ଭିକ ବ୍ୟବସ୍ଥ
ବନ୍ଦୀଶାଳା ଭିତରେ ଗଢ଼ିଉଠିଛି । ତା ପରେ ପରେ ବିଭିନ୍ନ ଦେ
ଓ ଜାତିମାନଙ୍କର ପ୍ରତିରୋଧ କମିଟିସବୁ ରୂପ ନେଇଛନ୍ତି । ଶେଷରେ
ଏକ ଆନ୍ତର୍ଜାତିକ ଫ୍ୟାସିଷ୍ଟବିରୋଧୀ ଗୁପ୍ତ ସଂଗଠନ ଗଠିତ ହୋଇ
ଏହାର କାର୍ଯ୍ୟ ହୋଇଛି ଅତ୍ୟାଚାର, ନିର୍ଯ୍ୟାତନା ଓ ମୃତ୍ୟୁ ମୁହଁ
ବନ୍ଦୀମାନଙ୍କୁ ରକ୍ଷା କରିବା, ପରସ୍ପରକୁ ସାହାଯ୍ୟ ଦେ
ଫ୍ୟାସିଷ୍ଟମାନଙ୍କ ଯୁଦ୍ଧ ଉଦ୍ୟମରେ ଯଥାସମ୍ଭବ ବାଧା ସୃଷ୍ଟି କରି
କାରଖାନାରେ କାର୍ଯ୍ୟ କରୁଥିବା ବନ୍ଦୀମାନଙ୍କ ଦ୍ୱାରା ଅସ୍ତ୍ର
ନିର୍ମାଣକୁ ବ୍ୟାହତ କରିବା—ମୋଟ ଉପରେ ଯେପରିକି ଫ୍ୟାସି
ମାନଙ୍କ କବଳରୁ ମଣିଷସମାଜ ଶୀଘ୍ର ମୁକ୍ତି ଲାଭ କରିବ । ଅ
ବନ୍ଦୀଶାଳା ଓ ବାହାରର ପ୍ରତ୍ୟେକ ଶାନ୍ତି ଓ ସ୍ୱାଧୀନତାକା
ମନୁଷ୍ୟର ଆଶା ଏଇ ସୂତ୍ରରେ ବନ୍ଧା । ବନ୍ଦୀଶାଳାର ଏଇ ମାନ
ପ୍ରେମ ନିଷ୍କ୍ରିୟ ନୁହେଁ, ସଂସାରର ମଙ୍ଗଳ କାମନା କରି ଭଗବ
ଆରାଧନାରେ ସମାପ୍ତ ନୁହେଁ; ତାହା ସକ୍ରିୟ ଓ ସଂଗ୍ରାମଶୀଳ

ଧାରଣତଃ ପ୍ରତ୍ୟେକ ବନ୍ଦୀ ନିଜ ବିପକ୍ଷଙ୍କ କାର୍ଯ୍ୟ ଓ ତା'ର
ତିତ୍ତ୍ୱପୂର୍ଣ୍ଣ ପରିଣତି ବିଷୟରେ ସର୍ବଦା ସଜାଗ ଓ ସଚେତନ ।

ଫ୍ୟାସିଷ୍ଟ ବନ୍ଦୀଶାଳା ଭିତରେ ପୁଣି ଗୋପନ କାର୍ଯ୍ୟ—
ୟାସିଷ୍ଟମାନଙ୍କ ବିରୁଦ୍ଧରେ ପୁଣି ସଂଗ୍ରାମ, କି କଷ୍ଟକର ସେ କାମ !
ଠାରେ ସାମାନ୍ୟ ଭୁଲର ସଂଶୋଧନ ନାହିଁ । କଥାର ସାମାନ୍ୟ
ୟତିକ୍ରମ ତମକୁ ଘେନିଯିବ ଅଜଣା ବିପଦର ଅଥଳ ସାଗରକୁ ।
ଦ ଯଦି ଠିକ୍ ଠିକ୍ ଚାଣ କରି ନ ପକାଇଥିବ ସେ ପଡ଼ିବ
ଳଉଁ ଅତଳ ଗହ୍ୱରରେ । ତମେ ଏକା ନୁହେଁ—ତମ ସାଙ୍ଗରେ
ନ୍ୟ ଲୋକ ବି ଲୋପ ପାଇବେ । ଏଥିଲାଗି ତମର ସବୁକଛି
ଲୋଡ଼ା । ପ୍ରତ୍ୟେକ ମୁହୂର୍ତ୍ତରେ ଅନାଗତ ବିପଦ ଆଗରେ ଲୋଡ଼ା
ମରି ସିସ୍ଥିରବୁଦ୍ଧି ଓ ସତର୍କତା, ସାହସ, ଧୈର୍ଯ୍ୟ ଓ ଆତ୍ମ-
ଶ୍ୱାସ; ଆବଶ୍ୟକ ତୁମର ଚରମ ଶୃଙ୍ଖଳା—ତୁମର ଆତ୍ମ-
ଯମ । ଗୁଳି ଆଗରେ ଛାତି ଦେଖାଇଦେବା ସହଜ; କିନ୍ତୁ ଜୀବନ୍ତ
ଳକୁ ଛାତିରେ ପୂରାଇ ଦାନ୍ତ କାଟି ଯିବା କଷ୍ଟକର । ସେଥିଲାଗି
କେବଳ ବୀରତ୍ୱ ନୁହେଁ—ସେଥିଲାଗି ଦରକାର ମଣିଷର ସବୁ
ଣ, ମାନବିକତାର ସକଳ ସଂପଦ ।

ଏଇ ଗୁପ୍ତ ସଂଗଠନ ନେଇ ଫ୍ୟାସିଷ୍ଟମାନଙ୍କର ସନ୍ଦେହ
ାଗିଛି, ତାକୁ ଧରିବାପାଇଁ ନାନା କୌଶଳ କରିଛନ୍ତି ସେମାନେ ।
ନ୍ଦୀମାନଙ୍କ ଭିତରେ ନିଜର ଗୁପ୍ତଚର ଜାଲ ବିସ୍ତାଇ ଦେଇ-
ନ୍ତି; ଲୋକଙ୍କ ଉପରେ ଅକଥନୀୟ ଅତ୍ୟାଚାର କରିଛନ୍ତି । କିନ୍ତୁ
ଶେଷ ପର୍ଯ୍ୟନ୍ତ ଜାଣିପାରିନାହାନ୍ତି ସେ ସଂଗଠନ କେଉଁଠି,
ା'ର ନେତା କେଉଁମାନେ, ତା କେଉଁମାନଙ୍କୁ ନେଇ ଗଠିତ ଓ
ା'ର ପ୍ରସାର କେତେଦୂର ।

ଏଇ ସଂଗଠନ କାର୍ଯ୍ୟ ଅତ୍ୟନ୍ତ ଦୁରୂହ, ଅତି ଗୁପ୍ତ
ଯାହାର ଜଣେ ଅନ୍ୟକୁ ଜାଣେ ନାହିଁ । ସବୁଥିରେ ନାଜି ଗୁପ୍ତଚର
ପାଟିରୁ ପଦେ କଥା ଖସିଗଲେ ମାରାତ୍ମକ । ଏପରିକି ତୁମ
ଚୁଲଟା ବା ମୁଖର ଭଙ୍ଗୀଟା ବି ଚିହ୍ନାଇଦେଇପାରେ ତୁମକୁ
ଆଉ ଫ୍ୟାସିଷ୍ଟମାନଙ୍କର ଅକଥନୀୟ ନିର୍ଯ୍ୟାତନା ଭିତରେ ତୁ
ଯେ ଭାଙ୍ଗି ନ ପଡ଼ିବ, ତା ବା କିଏ କହିପାରେ ! ସବୁଠା
କଷ୍ଟକର ହେଉଛି ନିଜର ଦୁର୍ବଳ ମୁହୂର୍ତ୍ତକୁ ଧରିବା । ସେ ତମ
ଧରିଲା ପୂର୍ବରୁ ତାକୁ ଦୂରକୁ ଫିଙ୍ଗିଦବା ତା'ଠାରୁ ଦୂରେ
ରହିବା—ନିରାପଦ ଏକମାତ୍ର ପନ୍ଥା ।

କେହି କାହାକୁ ଜାଣନ୍ତି ନାହିଁ, ଚିହ୍ନନ୍ତି ନାହିଁ । ଅଥ
ସମସ୍ତଙ୍କର ଲକ୍ଷ୍ୟ ଏକ, ଉଦ୍ଦେଶ୍ୟ ସମାନ । ତାହାହିଁ ତାଙ୍କ
ପରିଚୟପତ୍ର । ତା ଚିହ୍ନାଇଦିଏ ସମସ୍ତ ବନ୍ଦୀଙ୍କୁ । ସେଠି ପ
କଅଁଳ କଥା, ସାମାନ୍ୟ ଟିକେ ନରମ ଗୁହାରିର ମୂଲ୍ୟ ଯଥେଷ୍ଟ
ସାମାନ୍ୟ ଆଶ୍ୱାସନା ବାଣୀର ମୂଲ୍ୟ କଳିବା କଷ୍ଟକର । ତାହା ମ
ଅଶେଷ ବଳ, ଦମ୍ଭ, ସାହସ ଓ ଧୈର୍ଯ୍ୟ ଯୋଗାଇଦିଏ । ଶୁ
ଯାଉଥିବା ଜୀବନଟା ବି ଜୀଇଉଠେ । ମଣିଷ ଝୁଡ଼ିର ସମ୍ମୁଖୀ
ହୁଏ ।

ନିଜେ କ୍ଷୁଧାର ଜ୍ୱାଳାରେ ଛଟପଟ ହେଲାବେଳେ ନିଜ ଦେ
କାଟି ଅନ୍ୟକୁ ଖାଦ୍ୟ ଦେବା, ରୋଗଗ୍ରସ୍ତ ଲୋକକୁ ବଞ୍ଚାଇବା
ଚେଷ୍ଟା କରିବା, ବନ୍ଦୀ ଶିଶୁମାନଙ୍କର ଯତ୍ନ ନେବା, ଖବର ସଂଗ୍ର
କରି ପୂର୍ବରୁ ଲୋକଙ୍କୁ ସତର୍କ କରିବା, ଅସ୍ତ୍ରଶସ୍ତ୍ର କାରଖାନା
ଉତ୍ପାଦନ ହ୍ରାସ କରାଇବା, ଲୋକଙ୍କର ନମ୍ବର ବଦଳାଇ ମୃତ୍
ମୁଖରୁ ରକ୍ଷା କରିବା ଇତ୍ୟାଦି ଇତ୍ୟାଦି ପ୍ରତ୍ୟେକ କାର୍ଯ୍ୟ ଏ
କମିଟିର ନିର୍ଦ୍ଦେଶରେ ପରିଚାଳିତ । ସେଥିପ୍ରତି କେହି

କରେ ନାହିଁ କି କିଏ ଉତ୍ତର ଦିଏ ନାହିଁ । ଯାହାର ଯେତିକି ଦରକାର ସେ ସେତିକି ମାତ୍ର ଜାଣେ ।

ବନ୍ଦୀଶାଳାରେ ଲୋକଙ୍କର ନାମ ନାହିଁ—ସମସ୍ତେ ନମ୍ବରରେ ପରିଚିତ, ପ୍ରତ୍ୟେକ ମଣିଷ ଗୋଟାଏ ଗୋଟାଏ ନମ୍ବର—ଆଉ ସେ ନମ୍ବରକୁ ମଣିଷରେ ପରିଣତ କରିଛି ଏ କମିଟି । ସବୁ ମଣିଷ ଏକ—ଗୋଟାଏ । ସେମାନଙ୍କ ମଧ୍ୟରେ କେଉଁଠି ଫରକ ନାହିଁ । ଜଣକର ଆଶା ମଧ୍ୟରେ ସମସ୍ତଙ୍କର ଆକାଙ୍‌କ୍ଷା ପ୍ରତିଫଳିତ ଏବଂ ସମସ୍ତଙ୍କର ଆକାଙ୍‌କ୍ଷା ଓ କାର୍ଯ୍ୟ ପ୍ରତ୍ୟେକଙ୍କର ଆଶାକୁ ଓ କାମନାକୁ ରୂପ ଦିଏ ।

ଯୁଦ୍ଧର ଗତି ବଦଳିଛି । ଫ୍ୟାସିଷ୍ଟମାନେ ପରାସ୍ତ ହୋଇ ପଛଘୁଞ୍ଚା ଦେଉଛନ୍ତି । ପୂର୍ବଦିଗରୁ ରୁଷର ଲାଲସେନାବାହିନୀ ଜର୍ମାନୀ ଭିତରେ ପ୍ରବେଶ କଲେଣି । ପଶ୍ଚିମପଟୁ ମିତ୍ରପକ୍ଷର ଅଭିଯାନ ଆରମ୍ଭ ହୋଇଛି । ଗୋଟାକ ପରେ ଗୋଟାଏ ଜର୍ମାନ ସହରର ପତନ ଘଟୁଛି । ଏବେ ଫ୍ୟାସିଷ୍ଟମାନଙ୍କର ପରାଜୟ ଅତି ସୁସ୍ପଷ୍ଟ । ଏବେ ଏମାନେ ଯିବେ କୁଆଡ଼େ ? ଏଇ ଲକ୍ଷ ଲକ୍ଷ ବନ୍ଦୀଙ୍କୁ କେଉଁଠି ରଖିବେ ? ସେମାନେ କରିବେ କଅଣ ? ଫ୍ୟାସିଷ୍ଟମାନେ ଏକ ମାତ୍ର କାମ ଜାଣନ୍ତି—ଗଣହତ୍ୟା । ସେମାନେ ଠିକ୍ କଲେ—ନିଜେ ଯିବା ପୂର୍ବରୁ ଉପରୁ ବୋମା ପକାଇ ବକେନୱାଲ୍ଡ ଶିବିରକୁ ଉଡ଼ାଇଦେବେ; ଧରାବକ୍ଷରୁ ତାକୁ ନିଶ୍ଚିହ୍ନ କରିଦେବେ । ଯେପରିକି ତାଙ୍କର ନୃଶଂସ ଅତ୍ୟାଚାରର ଲେଶମାତ୍ର ଚିହ୍ନ ରହିବ ନାହିଁ କି ସେମାନଙ୍କର ସେକଥା କହିବାକୁ ଜଣେହେଲେ ବି ବନ୍ଦୀ ନ ଥିବ ।

ଏ ସମ୍ବାଦ ବନ୍ଦୀଶାଳାର ଗୁପ୍ତ ପ୍ରତିରୋଧ କମିଟି ସଂଗ୍ରହ କରିଛି । ତା'ହେଲେ ଏବେ କର୍ତ୍ତବ୍ୟ ? ସେଠାର ହଜାର ହଜାର

ବନ୍ଦୀ କଅଣ ସେଇ ନିଶ୍ଚିତ ମୃତ୍ୟୁର ଆଗମନକୁ ଅସହାୟଭାବେ ଅନାଇଁ ରହିବେ ନା ନିଜର ମୁକ୍ତିର କିଛି ଉପାୟ ବାହାର କରିବେ ? ଶହ ଶହ ଫ୍ୟାସିଷ୍ଟ ଗାର୍ଡ଼ଙ୍କୁ ପରାସ୍ତ ନ କଲେ ଯେ ମୁକ୍ତି ନାହିଁ । କେବଳ ସେତିକି ନୁହେଁ—ସେହି ନାଜୀ ପ୍ରହରୀଙ୍କ ପଛରେ ଜର୍ମାନ ସୈନ୍ୟବାହିନୀ ଦଣ୍ଡାୟମାନ । ବନ୍ଦୀମାନଙ୍କ ଭିତରେ ସାମାନ୍ୟ ଆଶଙ୍କା ଦେଖିଲେ ସେମାନେ ଯେ ସଙ୍ଗେ ସଙ୍ଗେ ବୋମା ମାରି ବନ୍ଦୀଶାଳାକୁ ଉଡ଼ାଇଦେବେ । ହଁ, ତା ପରେ ସେ ନାଜୀ ଗାର୍ଡ଼ମାନଙ୍କ ମୁକାବିଲା କରିବାପାଇଁ ବନ୍ଦୀମାନଙ୍କ ହାତରେ ଅସ୍ତ୍ରଶସ୍ତ୍ର ବା କାହିଁ ? ବଡ଼ କଠିନ ସେ ମୁହୂର୍ତ୍ତ !

ବନ୍ଦୀମାନେ ଏଇପରି ଏକ ଅବସ୍ଥା ଘଟିବ ବୋଲି ଯେ ପୂର୍ବରୁ ଅନୁମାନ ନ କରିଥିଲେ ତା ନୁହେଁ । ସେଥିଲାଗି ସେମାନେ ସେଇ କଠୋର କଟକଣା ଭିତରେ ଆତ୍ମରକ୍ଷା ଲାଗି ଅସ୍ତ୍ରଶସ୍ତ୍ର ସଂଗ୍ରହ କରୁଥିଲେ; ପ୍ରତ୍ୟେକଟି ଜିନିଷକୁ ଅସ୍ତ୍ରରୂପେ ବ୍ୟବହାର କରିବା ଉଦ୍ଦେଶ୍ୟରେ ଲୁଚାଇ ରଖୁଥିଲେ । ବାହାରେ ଯେଉଁମାନେ ଅସ୍ତ୍ର କାରଖାନାରେ କାମ କରିବାକୁ ଯାଆନ୍ତି ସେମାନେ ଖୁବ୍ ସାବଧାନତାର ସହିତ ଅସ୍ତ୍ରର ଖଣ୍ଡେ ଖଣ୍ଡେ ଅଂଶ ଲୁଚାଇକରି ଆଣିବାର ଚେଷ୍ଟା କରନ୍ତି । ତା ପରେ ସେ ସବୁକୁ ଯୋଡ଼ି ପିସ୍ତଲ, ବନ୍ଧୁକ ତିଆରିକରି ତାକୁ ଲୁଚାଇଦିଅନ୍ତି । ବଡ଼ ବିପଦ-ପୂର୍ଣ୍ଣ ସେ କାମ ! ତେବେ ବି ତାର ପରିମାଣ କେତେ ? ମେସିନଗନ ଆଗରେ ତାକୁ ଧରି କଣ ଲୋକ ଛିଡ଼ା ହୋଇପାରେ ? ଥରେ ବାହାରେ ପଡ଼ିଥିବା ଗୋଟାଏ ମେସିନଗନକୁ ସେମାନେ ନେଇ-ଆସି ପାରିଥିଲେ । ତାକୁ ଆଣିଥିଲେ ଏକ ମୁର୍ଦ୍ଦାରଗାଡ଼ି ଭିତରେ ମଣିଷ ଶବର ଆବରଣ ତଳେ । ତାହାହିଁ ତାଙ୍କର ପ୍ରଧାନ ଅସ୍ତ୍ର । ଏହା ଛଡ଼ା ହାତବୋମା ଭଳି କେତେକ ବିସ୍ଫୋରକ ବୋତଲ

ମଧ୍ୟ ସେମାନେ ପ୍ରସ୍ତୁତ କରୁଛନ୍ତି । ଭଉ ହୁଙ୍କା ଗଡ଼ିଲାଭଳି ଏମାନେ ବହୁଦିନ ଧରି ତିଳ ତିଳ କରି ପ୍ରସ୍ତୁତ ହେବାରେ ଲାଗିଛନ୍ତି ନିଜର ଆତ୍ମରକ୍ଷା ଲାଗି । କାଠ, ଲୁହା, ଗୋଡ଼, ପଥର, ଯାହା କିଛି ଅସ୍ତ୍ରରୂପେ ବ୍ୟବହୃତ ହୋଇପାରେ ସେ ସବୁକୁ ସାଇତି ରଖିଛନ୍ତି ଯେପରି କି ସନ୍ଦେହର ଅବକାଶ ମଧ୍ୟ ରହି ନପାରେ । ତାକୁ ଯେଉଁମାନେ ବ୍ୟବହାର କରିବେ, ସେପରି ଲୋକଙ୍କୁ ମଧ୍ୟ ତାଲିମ କରାଯାଇଛି । ତାଙ୍କର ସ୍କ୍ୱାର୍ଡ୍ ଦଳ ମଧ୍ୟ ତିଆରି ହୋଇଛି । ବନ୍ଦୀଙ୍କ ଭିତରେ ସୈନ୍ୟ, ସେନାପତି, ଡାକ୍ତର, ଇଞ୍ଜିନିୟର, ବୈଜ୍ଞାନିକ, ଟେକ୍‌ନିସିଆନ ଓ ଦକ୍ଷ ଶ୍ରମିକ ଆଦି କାହାରି ଅଭାବ ନାହିଁ । କେବଳ ଦରକାର ଗୁପ୍ତ ସଂଗଠନ ଓ ସୁଗଠିତ ନେତୃତ୍ୱ ।

ଏବେ ନେତୃତ୍ୱ ଆଗରେ କଠୋର ନିଷ୍ପତ୍ତିର ସମୟ । କେବେ, କେଉଁଦିନ, କେଉଁ ମୁହୂର୍ତ୍ତରେ ? ତାହାହିଁ ସବୁଠାରୁ ଜଟିଳ ପ୍ରଶ୍ନ । ଯଦି ବିଳମ୍ବ ହେଲା, ତେବେ ଫ୍ୟାସିଷ୍ଟମାନଙ୍କ ବୋମା-ମାଡ଼ରେ ସେମାନେ ସମସ୍ତେ ଧ୍ୱଂସ ପାଇଯିବେ । ଯଦି ଫ୍ୟାସିଷ୍ଟ-ମାନଙ୍କର ବଳ ଭାଙ୍ଗିଲା ପୂର୍ବରୁ ଚଞ୍ଚଳ ଅସ୍ତ୍ରଧାରଣ ସେମାନେ କରନ୍ତି ତେବେ ଫ୍ୟାସିଷ୍ଟମାନେ ସେମାନଙ୍କୁ ଧ୍ୱଂସ କରିଦେବେ । ଫ୍ୟାସିଷ୍ଟମାନଙ୍କର ମରଣ କାମନାରୁ ସେମାନେ ଜଣେହେଲେ କେହି ବର୍ତ୍ତିବେ ନାହିଁ । ବଡ଼ ଜଟିଳ ଏ ନିଷ୍ପତ୍ତିର ମୁହୂର୍ତ୍ତ । ଅଣିଷ ଆତ୍ମରକ୍ଷା ଲାଗି ଶେଷ ମୁହୂର୍ତ୍ତରେ ଯାହା ପାଇବ, ଯାହା ତା ହାତରେ ଅଛି, ତା ନିଶ୍ଚୟ ପ୍ରୟୋଗ କରିବ; କିନ୍ତୁ କେବେ ସେ ମୁହୂର୍ତ୍ତ ? ତା'ରି ଉପରେ ନିର୍ଭର କରୁଛି ହଜାର ହଜାର ଲୋକଙ୍କ ଭାଗ୍ୟ ।

ଯୁଦ୍ଧ ଘନେଇଆସିଲା; ପ୍ରତିଦିନ ବକେନର୍ଭ୍ୟାଲର ନିକଟ-ବର୍ତ୍ତୀ ହେବାକୁ ଲାଗିଲା । ମିତ୍ରପକ୍ଷର ଆମେରିକା ସୈନ୍ୟବାହିନୀ

ଏ ଢଗକୁ ଅଗ୍ରସର ହେଉଛନ୍ତି । ନାଜୀମାନଙ୍କ ଭିତରେ ଶୃଙ୍ଖଳ୍ୟ ଭାବ ଦେଖାଦେଇଛି । ଜଣକ ପରେ ଜଣେ ଅଫିସରଙ୍କୁ ଆଉ ଦେଖିବାକୁ ମିଳୁନାହିଁ । ତେବେ ବି କଡ଼ା ପହରା ଓ ଅତ୍ୟାଚାର ଅବ୍ୟାହତ ରହିଛି । କିନ୍ତୁ ପ୍ରହରୀ ଓ ଜର୍ମାନ ସୈନ୍ୟମାନଙ୍କ ମଧ୍ୟରେ କମିତ କମିତ ଗୋଟାଏ ଇତସ୍ତତଃ ଭାବ ଦେଖାଦେଇଛି । ସେମାନଙ୍କର ପ୍ରତ୍ୟେକଟି ପଦ କଥା, ପ୍ରତ୍ୟେକ ପାଦର ଗତି ଓ ପ୍ରତ୍ୟେକଙ୍କର ଚେହେରାକୁ ଲକ୍ଷ୍ୟ କରୁଛନ୍ତି ବନ୍ଦୀମାନେ । ତା'ର ଉପରେ ନିର୍ଭର କରୁଛି ତାଙ୍କର ନିଷ୍କୃତିର ମୁହୂର୍ତ୍ତ ।

ଏପ୍ରିଲ ୧୧ ତାରିଖ ୧୯୪୫ । ଗୁପ୍ତ ପ୍ରତିରୋଧ କମିଟିରେ ନିଷ୍ପତ୍ତି ହେଲା, ଗାର୍ଡ଼ମାନଙ୍କୁ ଆକ୍ରମଣ କରି ବନ୍ଦୀ ଶିବିରକୁ ମୁକ୍ତ କରିବାକୁ ହେବ । ଗେଟ୍‌ରେ ଥିବା ଘଣ୍ଟାରେ ଦୁଇଟା ତିରିଶ ହେଲାକ୍ଷଣି ଠିକ୍ ମୁହୂର୍ତ୍ତରେ ଆକ୍ରମଣ ଆରମ୍ଭ ହୋଇଗଲା । ବନ୍ଦୀମାନଙ୍କ ପକ୍ଷରୁ ମାତ୍ର ୮୫୦ ଜଣ ଏ ଆକ୍ରମଣରେ ଭାଗ ନେଇଛନ୍ତି । ଏମାନେ ହେଉଛନ୍ତି ସାମରିକ ସଂଗଠନର ସଭ୍ୟ ଏବଂ ୧୭୮ଟି ଦଳରେ ବିଭକ୍ତ । କେଉଁ ଦଳ କେଉଁଠି କେଉଁ ନାଜୀ ସୈନ୍ୟଙ୍କୁ ଆକ୍ରମଣ କରିବେ ତାହା ପୂର୍ବରୁ ବିଧିବଦ୍ଧ ଭାବରେ ନିର୍ଦ୍ଧାରିତ । ଅନ୍ୟ ସବୁ ବନ୍ଦୀମାନଙ୍କୁ ବ୍ୟାରାକ ଭିତରେ ରଖି-ଦିଆଗଲା । ଠିକ୍ ପୂର୍ବଯୋଜନା ଅନୁସାରେ ଆକ୍ରମଣ ହୋଇଛି । ବିଭିନ୍ନ ସ୍ଥାନରେ ଇଲେକ୍‌ଟ୍ରିକ ତା'ର କଣ୍ଟାର ବାଡ଼ ଖଣ୍ଡା ହୋଇଛି । ପ୍ରତ୍ୟେକଟି ଗମ୍ବୁଜ, ଗେଟ ହାଉସ, ନାଜୀ ସୈନ୍ୟଙ୍କ ବ୍ୟାରାକ୍—ସବୁ ଆଜି ଦଖଲ ହୋଇଛି ମାତ୍ର ୪୫ ମିନିଟ୍ ମଧ୍ୟରେ ନାଜୀମାନଙ୍କ ପକ୍ଷରେ ବାହାରକୁ ଖବର ପଠାଇବାକୁ ସମୟ ନାହିଁ । ୩ଟା ୧୫ରେ ବୁକେନୱାଲ୍ଡ ବନ୍ଦୀଶାଳା ଉପରେ ଉଡ଼ିଲା ମୁକ୍ତିର ପତାକା—ଛିନ୍ନ ହେଲା ଦାସତ୍ୱର ଶୃଙ୍ଖଳ ।

ସେଇ ଗେଟ୍ ଭିତର ଦେଇ ଛୁଟିଛନ୍ତି ମଣିଷର ଧାଡ଼ି । କି
ାନନ୍ଦର ପ୍ରବାହ ସେ ! କଳ୍ପନାତୀତ ଆନନ୍ଦ—କଳ୍ପନାତୀତ ତା'ର
ଧା । ଠିକ୍ ମୁହୂର୍ତ୍ତ ପୂର୍ବରୁ ଯାହା କଳ୍ପନାରେ ଥିଲା ତା ଏବେ
ସ୍ତବରେ ପରିଣତ ହୋଇଛି । ଏବେ ସେହି ଆନ୍ତର୍ଜାତିକ
ମିଟିସବୁ ବନ୍ଦୀମାନଙ୍କ ଦାୟିତ୍ୱ ଗ୍ରହଣ କଲା ।

ଏହାର ଦୁଇଦିନ ଉତ୍ତାରୁ ଆମେରିକା ସୈନ୍ୟମାନେ
ଏଠାରେ ଉପସ୍ଥିତ ହେଲେ । ସେମାନେ ପୂର୍ବର ବନ୍ଦୀମାନଙ୍କ
ାରା ବନ୍ଦୀ ହୋଇଥିବା ନାଜି ସୈନ୍ୟମାନଙ୍କୁ ମୁକ୍ତ କରିଦେଲେ
ବଂ ମୁକ୍ତିଲାଗି ଅସ୍ତ୍ର ଧାରଣ କରିଥିବା ପୂର୍ବର ବନ୍ଦୀମାନଙ୍କୁ ନିରସ୍ତ୍ର
ରିଦେଲେ ।

ଫ୍ୟାସିଷ୍ଟମାନେ କେବଳ ବୁକେନୱାଲ୍ଡ ନୁହେଁ, ଏଇପରି
ହୁ କନସେନ୍‌ଟ୍ରେସନ ଶିବିର ଗଢ଼ିଥିଲେ । ସବୁଠାରେ ପ୍ରାୟ
ଇ ରକମର ନୃଶଂସ ଅତ୍ୟାଚାର, ନିର୍ଯ୍ୟାତନା ଓ ଗଣହତ୍ୟା ।
ତେବେ ଏ ସମ୍ପର୍କରେ ପ୍ରକୃତ ବିଷୟ ବୁଝିବାଲାଗି ଆଉ
କେତେକ ନାଜି ବନ୍ଦୀଶାଳା ଦେଖିବାର ଇଚ୍ଛା ମୋର ଥାଏ ।
ାଇଡ୍ (ଦୋଭାଷୀ) କହିଲେ, "ଏ ଗୁଡ଼ାକ ତମର ଓଡ଼ିଶାର
ନ୍ଦିର ଭଳି ସର୍ବତ୍ର ବିଦ୍ୟମାନ, ନାଜିମାନଙ୍କର ଏ କୀର୍ତ୍ତି ।
ଥିଲାଗି ଆମକୁ ଆଉ ଅଧିକା କୁଆଡ଼େ ଯିବାକୁ ପଡ଼ିବ
ାହିଁ । ରାସ୍ତାରେ ପୁଣି ଭେଟିବା ସେ ! ବାସ୍ତବିକ, ବର୍ଲିନକୁ
ଫରୁଛି" ସେ କହିଲେ, ଚାଲନ୍ତୁ, "ନାଜୀଙ୍କର ଏ କୀର୍ତ୍ତିଟା ଦର୍ଶନ
ରିବେ—ସସେନ୍‌ରସ୍ କନସେନ୍‌ଟ୍ରେସନ୍ କ୍ୟାମ୍ପ ।"

ବର୍ଲିନ୍ ଖୁବ୍ ନିକଟରେ, ସହରତଳି କହିଲେ ଚଳେ ।
ାମାର ନିକଟରେ ଥିବାରୁ ଏହା ଉପରେ ନାଜୀଙ୍କର ନଜରଟା
ଗୀ । ୧୯୩୬ ସାଲ । ବର୍ଲିନ ଓଲମ୍ପିକ୍ ଉତ୍ସବ ନେଇ ବ୍ୟସ୍ତ ।
ବାର ଧର ଖେଳଓ୍ୱାର୍ଡ଼ ଏଠାରେ ରୁଣ୍ଡ । ସେଇ ଖେଳ ସହିତ

ସେଇ ସମୟରେ ଏଠାରେ ଆରମ୍ଭ ହୋଇଛି ଫ୍ୟାସିଷ୍ଟଙ୍କ ନରମେଧ ଯଜ୍ଞ । ସେଇଠି ଗୋଟାଏଆଡ଼େ ଖେଳର ହସ, ଖୁ ଆନନ୍ଦର ଜୁଆର ଛୁଟିଲାବେଳେ ଅନ୍ୟ ଗୋଟାଏ ପାଖେ ବନ୍ଦୀଶାଳାର ଅଭ୍ୟନ୍ତରରେ ଆରମ୍ଭ ହୋଇଛି ମୃତ୍ୟୁ, ନିର୍ଯ୍ୟାତନା ନାରକୀୟ ଲୀଳା ।

ସେଇଦିନରୁ ଏ ବନ୍ଦୀଶାଳା ତିଆରି । ସେଇପରି ଏଠି ଲୁ କଣ୍ଟାତାରର ବାଡ଼, ଇଲେକଟ୍ରିକ ତାର ଘେରା । ଗୁରପା ଘେରି ରହିଛି ଅଠରଟା ଅସୁରକାୟ ଗମ୍ବୁଜ । ତା ଭିତ ମେସିନଗନ୍ ଗୁଡ଼ାକ ଶିବିର ଭିତରକୁ ସଦାସର୍ବଦା ଅନା ରହିଛନ୍ତି ଅପଲକ ନେତ୍ରରେ । ତାହା ଏମିତି ଖଞ୍ଜା ହୋଇଛି ଚ ଗୁଳି ହେଲେ ଜଣେ ସୁଦ୍ଧା ଯେପରି ବର୍ତ୍ତିଯାଇପାରିବ ନାହିଁ - ସେଇପରି ଲୁହାର ଗେଟ୍ । ଏଠାରେ ଗେଟ୍ ଉପରେ ଲେ "ଶ୍ରମଦ୍ୱାରା ମୁକ୍ତି ।" କି ତାତ୍ପର୍ଯ୍ୟପୂର୍ଣ୍ଣ ଏ ଉକ୍ତି !

ଏ ଶିବିର ଦଶହଜାର ଲୋକଙ୍କ ପାଇଁ ତିଆରି । କିନ୍ତୁ ର ଥିଲେ ୭୦ ହଜାର ବନ୍ଦୀ । ସମସ୍ତଙ୍କୁ ଖୁଦ ଦିଆ ହୋଇଥିଲା ବ ଖୁଦାହେଲାଭଳି । ଏହାର ଜୀବନକାଳରେ ସେଠାକୁ ୨ ଲକ୍ଷ ଊର୍ଦ୍ଧ୍ୱ ବନ୍ଦୀ ଆସିଛନ୍ତି । ଲକ୍ଷେରୁ ଊର୍ଦ୍ଧ୍ୱ ସେଇଠି ମଣି ପୋଡ଼ା ଚୁଲୀରେ ପୋଡ଼ା ହୋଇ ପାଉଁଶ ପାଲଟିଛନ୍ତି । ଏମାନ ଛଡ଼ା ଆଉ ଯେ କେତେକଙ୍କୁ ହତ୍ୟା କରାଯାଇଛି ତା'ର ହିସ ନାହିଁ । ଅନେକ ସମୟରେ ସ୍ଥାନ ଅଭାବରୁ ବନ୍ଦୀଙ୍କୁ ଆଣି ସି ସଳଖ ସେ ଚୁଲୀମୁଣ୍ଡରେ ହାଜର କରିଦିଆଯାଏ । ସେଇଠି ତାଙ୍କ ଶେଷ । ଖାତାରେ ତାଙ୍କର ହିସାବ ଉଠେ ନାହିଁ ।

ବକେନର୍ଓ୍ୱାଲ୍ ଭଳି ମଣିଷକୁ ଏଠି ମାରିବା, କାଟି ପୋଡ଼ିବା ଓ ନାନାଦି ଅତ୍ୟାଚାର କରିବାର ସକଳ ବ୍ୟବସ୍ଥା, ଯନ୍ତ୍

ାକାର, କଦର୍ଯ୍ୟ କରି ମାରିବାର ଅତି ନିପୁଣ ବ୍ୟବସ୍ଥା । କେନଓ୍ୱାଲ ତୁଳନାରେ ଏଠାରେ କିଛି ନୂତନତ୍ୱ ରହିଛି । ଏହା ହାଇଛି ମୃତ୍ୟୁଯନ୍ତ୍ରଣା ଓ ଅତ୍ୟାଚାରର ଗବେଷଣାଗାର ।

ଏଠାରେ ବି ସେଇପରି ଏକ ରୋଲ୍‌କଲ୍ ବା ଗଣତି ପଡ଼ିଆ । ାରେ ବି ସେଇପରି ବନ୍ଦୀଙ୍କୁ ଖରା ବର୍ଷା ଶୀତ କାକରରେ ଘଣ୍ଟା ଣ୍ଟା ଛିଡ଼ାହେବାକୁ ପଡ଼େ । ଦିନେ ଏମାନଙ୍କୁ ୨୦ ଘଣ୍ଟା କାଳ ଡ଼ା ହେବାକୁ ପଡ଼ିଥିଲା । ଏ ପଡ଼ିଆକୁ ଲାଗି ଗୋଟାଏ ଚଟାଣ ଛି । ତାର କିଛି ଅଂଶ ଚିକ୍‌କଣ । ଆଉ ଗୋଟାଏ ଅଂଶ ଲରେ ଚିକଚିକ, ପୁଣି ଗୋଟାଏ ଅଂଶ ଆଉ ଟିକିଏ ରେଗଡ଼ା ଲ, ତା ପରକୁ ପୁଣି ଗୋଡ଼ି । ପୁଣି ତା ପାଖକୁ ଲାଗି ବଡ଼ ଡ଼ ଗୋଡ଼ିର ରାସ୍ତା । ଏଇଟା ହେଲା "ଜୋତା ପରୀକ୍ଷାର ଡ଼ିଆ" । ଏହାକୁ ଏକ ଜୋତା ପ୍ରସ୍ତୁତକାରୀ କମ୍ପାନୀ ତିଆରି ଛି । ତା'ର ଜୋତାର ତଳର ବଳ ପରୀକ୍ଷା କରିବାଲାଗି । ହା ଉପରେ ୧୫୦ ଜଣ ବନ୍ଦୀଙ୍କୁ ବିଭିନ୍ନ କିସମର ଯୋତା ହାଇ ଦଉଡ଼ାଇ ଦିଆଯାଏ । ସେମାନଙ୍କୁ ପ୍ରତିଦିନ ସେଇଠି ୪୦ ଲୋମିଟର ପଥ ଧାଇଁବାକୁ ପଡ଼େ । ନାଜୀ ନିୟମ ଅନୁସାରେ ହା ଦଣ୍ଡ ନୁହେଁ, ଗୋଟାଏ କାମ । ଯାହାକୁ ଦଣ୍ଡ ଦିଆଯାଏ ତାକୁ ହଉଥିବା ଛୋଟ ଜୋତା ପିନ୍ଧାଯାଏ; ୨୦ କିଲୋ ଓଜନର ବସ୍ତା ପିଠିରେ ଲଦିଦେଇ ତାଙ୍କୁ ସେଠି ଦଉଡ଼ାଯାଏ ।

ମଣିଷକୁ ମାରିବାଲାଗି ବହୁ ପ୍ରକାର ବ୍ୟବସ୍ଥା । ଗୋଟାଏ ର ବ୍ୟବସ୍ଥା ଯଥେଷ୍ଟ ନ ହେଲେ ଶୀଘ୍ର ଶୀଘ୍ର କାମ ବଢ଼ାଇବା ହତ୍ୟାର ନୂଆ ନୂଆ ଉଦ୍ଭାବନ ଯୋଗ କରାଯାଏ । ସେଥିଲାଗି ରେକ ପ୍ରକାରର ବ୍ୟବସ୍ଥା ଏଠି କାମ କରୁଛି । ପ୍ରଥମେ ଦେଖିବା ଫାଶୀଖୁଣ୍ଟ । ଖୁବ୍ ବଡ଼ ସେ ଖୁଣ୍ଟ । ତା ପୁଣି ଶିଖରର

ଠିକ୍ ମଝିରେ ପୋତା ହୋଇଛି, ଯେପରିକି ସମସ୍ତେ ତା
ଦେଖିବେ, ସେଥିରୁ ଉପଯୁକ୍ତ ଶିକ୍ଷା ପାଇପାରିବେ । ଏହା ଯଥେ
ନ ହେବାରୁ ଫାଶୀ ଦେବାଲାଗି ପଛକୁ ପୁଣି ଆଉ ଧାଡ଼ିଏ ମ
ତିଆରି କରାଗଲା ।

ଡାକ୍ତରୀ ପରୀକ୍ଷା ନାମରେ ପଛରୁ ଗୁଳି କରିବାର ବ୍ୟବ
ମଧ୍ୟ ଏଠି ରହିଛି, ଠିକ୍ ବକେନୱାଲ ବନ୍ଦୀଶାଳା ଭଳି । ସେ
ଉପାୟରେ ଏଠାରେ ବନ୍ଦୀ ରୁଷ ସୈନ୍ୟଙ୍କୁ ପଛରୁ ବେକମୁଣ୍ଡା
ଗୁଳି ମାରି ହତ୍ୟା କରାଯାଇଛି । ବନ୍ଦୀ ଥିବା ୨୦ ହଜାର
ଊର୍ଦ୍ଧ୍ୱ ରୁଷ ସୈନ୍ୟଙ୍କ ମଧ୍ୟରୁ ଶେଷକୁ ମାତ୍ର ଅଢ଼େଇ ହଜା
ରହିଯାଇଥିଲେ । ଏଠି ଗୋଟିଏ ନୂତନ ଜିନିଷ ଦେଖିବା
ମିଳିଲା—'ବିଷବାଷ୍ପର ଗାଡ଼ି' । ମଟରଗାଡ଼ି ଭିତରେ ବିଷବାଷ୍ପ
ସିଲେଣ୍ଡର ଫିଟ୍ ହୋଇଛି । ମଣିଷକୁ ତା ଭିତରେ ପୂରାଇ ଏ
ବୋତାମ ଟିପିଲେ ହେଲା । ମଣିଷ ଜାଣିବ ନାହିଁ ସେ ମରିବା
ଯାଉଛି । ଏହାର ସୁବିଧା ହେଉଛି ଯେ ଗାଡ଼ି ହୋଇଥିବା
ଏହାକୁ ସବୁଆଡ଼େ ନେଇଯାଇହେବ; ବୁଲି ବୁଲି ମଣିଷ ଶିକା
କରାଯାଇପାରିବ, ଅଥଚ କେହି ଜାଣିବେ ନାହିଁ । ଜାଣିବେ, ଲୋ
ମଟରେ ଚଢ଼ି ଗଲା—ହଁ, ଗଲା ସେ ଚିରଦିନ ଲାଗି । ଯମ ମ
ଏପରି ଏକ ଗାଡ଼ି ଗଢ଼ିପାରି ନାହିଁ । କିନ୍ତୁ ମଟରରେ କେତେ ଲୋ
ଧରିବେ ! ଆହୁରି ଚଞ୍ଚଳ କାମ ଉଠାଇବାକୁ ହେବ । ତେ
ନିର୍ମାଣ କରାଗଲା ଏକ 'ବିଷବାଷ୍ପ ଗୃହ' । ସେଠି ବନ୍ଦୀଲୋକଙ୍କୁ ଏ
ସାଙ୍ଗରେ ଖତମ କରିହେବ । ବଡ଼ ଧରଣର କାର୍ଯ୍ୟ ହେଉଥିବା
ଅପେକ୍ଷାକୃତ ଖର୍ଚ୍ଚ ମଧ୍ୟ କମ୍ ।

ସେମିତି, ଲୋକଙ୍କୁ ବାନ୍ଧି ଗୁଳି କରିବାଲାଗି ପ୍ରଥ
ଗୋଟିଏ ମାତ୍ର ଷ୍ଟାଣ୍ଡ୍ ଥିଲା । ତା ପରେ ଯଥାର୍ଥଭାବେ ଧାଡ଼ି

ଷ୍ଟାଣ୍ଡ୍‌ର ବ୍ୟବସ୍ଥା ହେଲା । ହେଲେ ମଧ୍ୟ ଏହା ସବୁ ମନୁଷ୍ୟଗୃହୀତ । ଆହୁରି ଚଞ୍ଚଳ, ଆହୁରି କଦର୍ଯ୍ୟ କରି ମଣିଷକୁ ମାରିବାକୁ ପଡ଼ିବ । ସେଥିଲାଗି ହତ୍ୟାର ମେସିନଯନ୍ତ୍ର ଉଦ୍ଭାବନ ହୋଇ ବସାଗଲା । ଏହା ଫାଶୀ ନୁହେଁ, ଫାଶୀଠାରୁ ଅଧିକ ନୃଶଂସ । ଏଥିରେ ମଣିଷର ଗୋଡ଼କୁ ଘୁରାଇଦିଆହୁଏ; ଆଉ, ମେସିନକୁ ଚଳାଇଦେଲେ ମଣିଷର ଦୁଇଗୋଡ଼ ଦୁଇ ଦିଗକୁ ଭିଡ଼ି ହୋଇଯାଏ । ମଣିଷଟା ଦୁଇଫାଳ ହୋଇ ଫାଡ଼ିହୋଇଯାଏ । କି ବୀଭତ୍ସ ହୋଇଥିବ ସେ ଦୃଶ୍ୟ ! ଏଇପରି ଫାଡ଼ି—ଫାଳ ଫାଳ କରି ମାରିବାର ଗୁରିଟା ଯନ୍ତ୍ର ଏଠି କାମ କରୁଥିଲା ।

ତା'ର କିଛି ଦୂରରେ ରହିଛି ବଙ୍କର । ତାହା ଭୂଇଁ ତଳେ ତିଆରି । ଯମପୁରରୁ ଲୋକ ଫେରିଆସିଥିବାର ଶୁଣାଯାଏ; କିନ୍ତୁ ଏଠାକୁ ଯିଏ ଥରେ ଆସିଛି ସେ ଆଉ ଫେରିନାହିଁ । ଯମପୁରର ଦୁଃଖ, ନର୍ଯ୍ୟାତନା କଥା ଲୋକେ ଜାଣନ୍ତି; କିନ୍ତୁ ଏଠାରେ କି ଅକଥନୀୟ ଅତ୍ୟାଚାର ହୁଏ ତାହା ଜଣାନାହିଁ । କେତେ ଯେ ଲୋକଙ୍କର ପ୍ରାଣ ଏଠି ଯାଇଛି ତା'ର ହିସାବ ନାହିଁ । ଏମିତି ଏକ ଘର ଅଛି ବୋଲି ବନ୍ଦୀଶାଳା ମୁକ୍ତ ନ ହେବା ପର୍ଯ୍ୟନ୍ତ ମଧ୍ୟ ଜଣା ପଡ଼ି ନ ଥିଲା । ଆଜି ଟିକିଏ ଦୂରେଇ କରି ରହିଛି ୮°ଟା ସେଲ୍ । ଫ୍ୟାସିଷ୍ଟଙ୍କ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଲୋକଙ୍କୁ ଏଠାରେ ରଖାଯାଏ । ତାହା ବଙ୍କେନୱାଲରେ ବର୍ଣ୍ଣିତ ସେଲର ଏକ ସଂସ୍କରଣ ମାତ୍ର । ତେଣୁ ତା'ର ବର୍ଣ୍ଣନା ଅନାବଶ୍ୟକ ।

ଏଠାରେ ମଣିଷର ହତ୍ୟା ଓ ଯନ୍ତ୍ରଣା ନର୍ଯ୍ୟାତନା ନେଇ ସମସ୍ତ ପ୍ରକାର ଗବେଷଣା ଚାଲିଥିଲା । ଯେଉଁ ନୂଆ ପ୍ରକାରର ହାତ-ବୋମା ନାଜୀମାନେ ତିଆରି କରୁଥିଲେ, ତା'ର ଫଳାଫଳ ଜାଣିବା-ଲାଗି ପ୍ରଥମେ ପରୀକ୍ଷା କରୁଥିଲେ ଏଇଠି, ଏଇ ବନ୍ଦୀମାନଙ୍କ

ଉପରେ । ନୂଆ ପ୍ରକାରର ବିଷବାଷ୍ପ ଉଦ୍‌ଭାବନ ହେଲା—ତା'ର ଗୁଣ ବୁଝିବା ଲାଗି ଏଇ ବନ୍ଦୀମାନେ ପରୀକ୍ଷାର କ୍ଷେତ୍ର । ବିଭିନ୍ନ ପ୍ରକାରର ଯେତେ ଯେତେ ଦୁର୍ଦ୍ଧାନ୍ତ ମାରାତ୍ମକ ଅସ୍ତ୍ର, ତା'ର ପରୀକ୍ଷା ଓ ଗବେଷଣା ଚାଲିଥିଲା ଏଇ ବନ୍ଦୀମାନଙ୍କଠାରେ । ଏଠାରେ ମଣିଷ ହୋଇଛି ଗବେଷଣାଗାରର ବସ୍ତୁ—ଏପରିକି ମୂଷା ଠେକୁଆଙ୍କଠାରୁ ହୀନ । ସେମାନଙ୍କ ଜୀବନର ମୂଲ୍ୟ ଅଛି । ପଇସା ଦେଇ ତାଙ୍କୁ କିଣିବାକୁ ହେବ । କିନ୍ତୁ ମଣିଷର ବା ମଣିଷ ଜୀବନର କୌଣସି ମୂଲ୍ୟ ନାହିଁ ଏଠାରେ । ପ୍ରଚୁର ସେ ମଣିଷ ଗୁଡ଼ାକ—ଯେତେ ଇଚ୍ଛା ସେତେ, ଯେମିତି ପାରି ସେମିତି ସେଗୁଡ଼ାକୁ ମରାଯାଇପାରେ ।

ଖାଲି ମରାଯାଏ ନାହିଁ । କେମିତି ମରୁଛନ୍ତି ତାହା ମଧ୍ୟ ପରୀକ୍ଷା ହୁଏ । ସେଥିଲାଗି ତିଆରି ହୋଇଛି ଏକ "ମୃତଗୃହ" ୨୩୦ ବର୍ଗ ମିଟରର ଏ ଘର । ଶହ ଶହ ମୁର୍ଦ୍ଦାର ଏଠି ଗଦା-ମରାଯାଇପାରେ । ନାଜୀ ଡାକ୍ତରମାନେ ସେ ସବୁ ଶବଚ୍ଛେଦ କରନ୍ତି । କେଉଁ ପ୍ରକାରରେ ପ୍ରାଣ ନେଲେ ଲୋକର କି ପ୍ରତିକ୍ରିୟା ହୁଏ ତାହା ପରୀକ୍ଷା ହୁଏ; ଗବେଷଣା ହୁଏ ହତ୍ୟାର ବିଭିନ୍ନ ରୂପ ଗୁଣର ଉପାଦେୟତା ସମ୍ପର୍କରେ । ମଣିଷର ହାଡ଼, ନରମୁଣ୍ଡ, ନରକଙ୍କାଳ ଆଦି ବିଭିନ୍ନ ମେଡିକାଲ କଲେଜକୁ ମଧ୍ୟ ଏଇଠୁ ଅଣାଯାଏ ।

ଚିତାକୁଟା ମଣିଷର ଚମ ଛାଲିବା, ଦାନ୍ତ ଭାଙ୍ଗି ସୁନା ସଂଗ୍ରହ କରିବା, ମୁଣ୍ଡର କେଶ ଆଦି ସଂଗ୍ରହ—ଏ ଗୁଡ଼ାକ ତ ନିତ୍ୟନୈମିତ୍ତିକ ଘଟଣା, ସବୁ ବନ୍ଦୀଶାଳାର ବାଧ୍ୟତାମୂଳକ ବିଧାନ । ଏଠାରେ ପ୍ରତ୍ୟେକ ବିଭାଗ ରହିଛି । ଏଇଟା ହେଲା ସବୁ ଫ୍ୟାସିଷ୍ଟ କନ୍-ସେଣ୍ଟ୍ରେସନ୍ ଶିବିରର ହେଡ୍‌କ୍ବାର୍ଟର । ଏଇଠାରେ ବନ୍ଦୀଶାଳାରେ

ଯାହାସବୁ ଅତ୍ୟାଚାର ଓ ଗଣହତ୍ୟା କରିବା ଲାଗି ନାତ୍ସୀଗାର୍ଡ଼ଙ୍କୁ
ାଲିମ ଦିଆଯାଏ; ଏହା ଥିଲା ଗଣହତ୍ୟାର ବର୍ବର ପାଶବିକ-
ାର ତାଲିମ କେନ୍ଦ୍ର । ତେଣୁ ହତ୍ୟା ନିର୍ଯାତନା ସବୁ ଗବେଷଣା
ଚଲିଥିଲା ଏଇଠାରେ । ଏଇ ପାଶବିକତାର ପରୀକ୍ଷାରେ ଉତ୍ତୀର୍ଣ୍ଣ
ହେଲା ପରେ ନାତ୍ସୀ ଏସ୍. ଏସ୍. ଗାର୍ଡ଼ମାନେ ଅନ୍ୟ ବନ୍ଦୀଶାଳା-
ମାନଙ୍କରେ ନିଯୁକ୍ତ ହେଉଥିଲେ ।

ଏଠାରେ ବି ମଣିଷପୋଡ଼ା ଚୁଲି ରହିଛି । ତା ବି ଠିକ୍
ସଇ ବିକେନ୍‌ଓ୍ୟାଲ୍ଡ଼ ଭଳି କାମ କରୁଥିଲା । ସବୁଠାରେ ସମାନ
ାରଣ । କେଉଁଠି କେଉଁ ଜିନିଷଟା ବେଶି । ଆଉ ଏକ ବନ୍ଦୀ-
ଶାଳାର ବିଷୟ ଶୁଣିଲି । ସ୍ୱତନ୍ତ୍ର ରେଲଗାଡ଼ିରେ, ଗାଡ଼ି ଗାଡ଼ି କରି
ଲୋକ ବୋଝାଇକରି ସେଠାକୁ ଅଣାଯାଏ । ଲୋକଙ୍କୁ କୁହାଯାଏ,
'ନିଜ ନିଜର ଲୁଗାପଟା, ଘଣ୍ଟା, ଚଷମା, ଜୋତା ଆଦି ଖୋଲି,
ଅଲଗା ଅଲଗା କରି ରଖ । ଗାଧୋଇବା ଲାଗି, ଗାଧୁଆ ଘରକୁ
ଯାଅ ।" ବେଶ ଧରି ସିଏ । ସାବୁନ, ତଉଲିଆ ସବୁ ରଖା
ହୋଇଛି । ସବୁ କିଛି ଗାଧୋଇବା ସରଞ୍ଜାମ ରହିଛି କେବଳ
ପାଣି ଛଡ଼ା । ସମସ୍ତେ ପଶିଗଲା ପରେ କବାଟ ବନ୍ଦ ହୁଏ ।
ାଙ୍ଗେ ସଙ୍ଗେ ବିଷବାଷ୍ପ ଦ୍ୱାରା ଘରଟା ଭରିଯାଏ । ୧୦।୧୫ ମିନିଟ
ମଧ୍ୟରେ ଏକସାଙ୍ଗରେ ଶହ ଶହ ଲୋକ ସମସ୍ତେ ଶେଷ ପାଇଥାନ୍ତି ।
ା ପରେ ପାଲଟିଯାନ୍ତି ପାଉଁଶ । ଏପରି ଘଟଣାର ଅନ୍ତ ନାହିଁ ।

ନାତ୍ସୀମାନେ ଏ ବନ୍ଦୀଶାଳାରେ ଜାଲ୍ ନୋଟ ତିଆରିର ଏକ
କାରଖାନା ଖୋଲିଥିଲେ । ଏଠାରେ ବିଲାତର ପାଉଣ୍ଡ, ଷ୍ଟାମ୍ପ ଓ
ଅନ୍ୟାନ୍ୟ ମୂଲ୍ୟବାନ ଜିନିଷପତ୍ର ସବୁ ଜାଲ୍ କରାଯାଉଥିଲା ।
ଏଇ ଜାଲ ପାଉଣ୍ଡ ଦେଇ ଅନ୍ୟଦେଶରୁ ଜିନିଷପତ୍ର କିଣିବା,
ବ୍ରିଟେନର ଅର୍ଥନୀତିକୁ ଭିତରୁ ଉଜାଡ଼ି ଭାଙ୍ଗିଦେବା ଥିଲା

ସେମାନଙ୍କର ଉଦ୍ଦେଶ୍ୟ । ସେମାନେ ଏପରି ନିପୁଣତା-
ଏ କାର୍ଯ୍ୟ କରୁଥିଲେ ଯେ ବ୍ରିଟିଶମାନେ ସୁଦ୍ଧା ଧରିପା
ନଥିଲେ । ଯେଉଁ ବନ୍ଦୀମାନଙ୍କ ଜରିଆରେ ଏ କାର୍ଯ୍ୟ ହେଉଥିଲା
ସେମାନଙ୍କୁ ଶେଷରେ ହତ୍ୟା କରାଯାଉଥିଲା କାଳେ ଏ ଖବର
ବାହାରେ ପ୍ରକଟ ହୋଇଯିବ । ଶୁଣିଲି, ଯେଉଁ ନାଜୀ ନେତା ଏହା
କରୁଥିଲେ ଏବେ ସେ ପଶ୍ଚିମ ଜର୍ମାନୀରେ ଜଣେ ସମ୍ମାନାସ୍ପଦ ବ୍ୟକ୍ତି
ବନ୍ଦୀମାନଙ୍କୁ ଯେ ଏମାନେ ବସେଇ ଖାଇବାକୁ ଦେଉଥିଲେ,
ମରିବାଯାଏ ବସାଇ ରଖୁଥିଲେ ତା ନୁହେଁ । ତାଙ୍କୁ କଠିନ
କାର୍ଯ୍ୟରେ ନିଜେ ନିଯୁକ୍ତ କରୁଥିଲେ ଓ ବଡ଼ ବଡ଼ ପୁଞ୍ଜିପତିଙ୍କୁ
ଭଡ଼ାରେ ଦେଉଥିଲେ । ଏଇ ଭଡ଼ା ବାବଦରେ ସସେନଭସ୍
ବନ୍ଦୀଶାଳା ୫ କୋଟି ମାର୍କ ଉପାର୍ଜ୍ଜନ କରୁଥିଲା । ପ୍ରଥମେ
ଫ୍ୟାସିଷ୍ଟମାନେ ରାଜନୈତିକ କାରଣରୁ ବା ସନ୍ଦେହ କରି ଗିରଫ
କରୁଥିଲେ । ଯୁଦ୍ଧ ଯୋଗୁଁ ଯେତେବେଳେ ଜର୍ମାନୀରେ ଶ୍ରମିକ
ଅଭାବ ପଡ଼ିଲା ସେତେବେଳେ ସେମାନେ ଦେଖିଲେ ଏଇ ଯୁଦ୍ଧ-
ବନ୍ଦୀଙ୍କୁ ଖଟାଇ କାମ ଉଠାଇବା ଓ ତାଙ୍କଦ୍ୱାରା ଅର୍ଥ ଉପାର୍ଜ୍ଜନ
ଗୋଟାଏ ଅତି ସୁଗମ ପନ୍ଥା । ଏବେ ନାଜୀମାନେ ଅଧିକୃତ ଅଞ୍ଚଳରୁ
ଲକ୍ଷ ଲକ୍ଷ ସଂଖ୍ୟାରେ ଲୋକଙ୍କୁ ଧରିଆଣିଲେ । ରାଜନୈତିକ କାରଣ
ସଙ୍ଗକୁ ଅର୍ଥନୈତିକ କାରଣ ଯୋଗ ହେଲା । ବନ୍ଦୀସଂଖ୍ୟା ଦିନକୁ
ଦିନ ବଢ଼ିବାରେ ଲାଗିଲା ।

ପ୍ରତ୍ୟେକଟି ବନ୍ଦୀଠାରୁ ଫ୍ୟାସିଷ୍ଟମାନେ କେତେ ଲାଭ କରୁ
ଥିଲେ ତା'ର ହିସାବ ମଧ୍ୟ ସେମାନେ କଷିଥିଲେ । ଉକ୍ତ ହିସା
ପତ୍ର ଏବେ ସଂଗ୍ରହାଳୟରେ ଦେଖିବାକୁ ମିଳେ । ସେମାନେ ଧରି
ନେଇଥିଲେ, ଜଣେ ବନ୍ଦୀର ଜୀବନକାଳ ୯ ମାସ । ସେଇ ସମୟ
ଭିତରେ ତା'ର ସମସ୍ତ ବଳ, ଶକ୍ତି, ସାମର୍ଥ୍ୟକୁ ଚିପୁଡ଼ିନେ

...ାର୍ଚ୍ଛ । ତା ପରେ ସେ ତାଙ୍କ ପକ୍ଷରେ ଲାଭଦାୟକ ନୁହେଁ—ବେଦରକାରୀ; ଆଉ ତା'ର ବଞ୍ଚିବାର କୌଣସି ଆବଶ୍ୟକତା ନାହିଁ, ସେ ଯିବ ସେଇ ମଣିଷପୋଡ଼ା ଚୁଲ୍ଲିମୁହଁକୁ । ତାଙ୍କର ଉକ୍ତ ହିସାବ ହେଲା :—

| | | |
|---|---|---|
| ଜଣେ ବନ୍ଦୀର ହାରାହାରି ଦୈନିକ ମଜୁରି | | ୬·୦୦ ମାର୍କ |
| ତା'ର ଖାଦ୍ୟ ବାବଦରେ ଦୈନିକ ଖର୍ଚ୍ଚ | ୦·୬୦ ମାର୍କ | |
| ଲୁଗାପଟା ,, ,, | ୦·୧୦ ,, | |
| ହାରାହାରି ଜୀବନକାଳ ୯ ମାସ ଧରି | | |
| ୨୭୦ ଦିନକୁ × ୫·୩୦ ମାର୍କରେ | | ୧୪୩୧ ମାର୍କ |
| ...ାର ଶବ ଦେହରୁ ଆଦାୟ | | |
| ୧ । ସୁନା ଦାନ୍ତ | | |
| ୨ । ପୋଷାକପତ୍ର | | |
| ୩ । ଅନ୍ୟାନ୍ୟ ମୂଲ୍ୟବାନ ଜିନିଷ | | |
| ପୋଡ଼ିବାଲାଗି ଖର୍ଚ୍ଚ ୨୦୦ ମାର୍କ | | ୨୦୦ |
| — ୯ ମାସରେ ହାରାହାରି ମୋଟ ନେଟ ଲାଭ | | ୧୬୩୧ ମାର୍କ |

ଜଣେ ବନ୍ଦୀଠାରୁ ସର୍ବନିମ୍ନ ୧୬୩୧ ମାର୍କ ଲାଭ । ଅତଏବ ...ତ ଅଧିକ ଲୋକ ବନ୍ଦୀ, ଲାଭର ପରିମାଣ ସେତେ ଅଧିକ । ...ବର ଯୁଗରେ ନରଖାଦକଗଣ ବି ଏପରି ଲାଭର ହିସାବ କରି ଥିଲେ । ଏହା ହେଉଛି ପୁଞ୍ଜିବାଦୀ ସମାଜର ବିଶେଷତ୍ୱ ।

ବଡ଼ ବଡ଼ ପୁଞ୍ଜିପତିଙ୍କ ଅଧୀନରେ ପାଳିତ ଫ୍ୟାସିଷ୍ଟଗଣ । ...ହିମାନଙ୍କ କାରଖାନାକୁ ପଠାଯାଏ ଏ ବନ୍ଦୀଙ୍କୁ । ଏମାନଙ୍କ

*

ଦେହରେ ଗୋଟାଏ ଟୋପା ରକ୍ତ ଥିଲାଯାଏ ପୁଞ୍ଜିପତିଗଣ ଶୋଷୁଥାନ୍ତି ଏମାନଙ୍କୁ । ଏଇମାନଙ୍କ ଲାଭ ଲାଗି ଦ୍ୱିତୀୟ ମହାଯୁଦ୍ଧର ସୃଷ୍ଟି । ନାଜୀ ସୈନ୍ୟବାହିନୀଙ୍କ ପଛେ ପଛେ ଚାଲିଥାନ୍ତି ଏଇ ପୁଞ୍ଜିପତିଗଣ—ଅଧିକୃତ ଦେଶସବୁ ଲୁଟ କରିବାଲାଗି । କେବଳ ଧନ ସମ୍ପଦର ଲୁଟି ନୁହେଁ—ଶେଷରେ ମଣିଷର ଜୀବନକୁ ଶୋଷି-ନେଲେ ଏମାନେ ।

ନ୍ୟୁରେନବର୍ଗ ଯୁଦ୍ଧ ଅପରାଧୀମାନଙ୍କ ବିଚାରବେଳେ ପୂର୍ବର ନାଜୀ ଜର୍ମାନୀର କେନ୍ଦ୍ର ଅର୍ଥନୈତିକ ପରିଚାଳନାର ମୁଖ୍ୟ ଅଦାଲତ ଆଗରେ କହିଥିଲେ, "ଶ୍ରମିକ ଅଭାବ ଅତ୍ୟନ୍ତ ଉତ୍କଟ ହୋଇ-ପଡ଼ିବାରୁ ପ୍ରାୟ ସବୁ ଅସ୍ତ୍ରଶସ୍ତ୍ର ତିଆରି କାରଖାନା ମୋତେ ଲେଖିଲେ କନଚେନଟ୍ରେସନ୍ ଶିବିରରୁ ବନ୍ଦୀ ଯୋଗାଇବାକୁ । ଯେଉଁମାନେ ଆଗରୁ ବନ୍ଦୀଙ୍କୁ ନେଇ କାମ କରାଉଥିଲେ ସେମାନେ ଆହୁରି ଅଧିକ ଅଧିକ ବନ୍ଦୀ ଚାହିଁଲେ ।" ସେ ସେଇ ସବୁ କାର-ଖାନାର ମାଲିକ ପୁଞ୍ଜିପତିଙ୍କର ନାମ ପ୍ରକାଶ କରିଥିଲେ । ଏମାନେ ହେଉଛନ୍ତି ଜର୍ମାନୀର ବଡ଼ ଏକଚାଟିଆ ପୁଞ୍ଜିପତିମାନେ । ଏମାନଙ୍କ ମଧ୍ୟରେ କ୍ରୁପ, ଏ.ଇଜି. ଓ ଡେମାଗ କମ୍ପାନୀ ପ୍ରଭୃତି ସମସ୍ତେ ରହିଛନ୍ତି । ଏମାନେ ଏବେ ପଶ୍ଚିମ ଜର୍ମାନୀରେ ଅଛନ୍ତି । ଭାରତରେ ମଧ୍ୟ ଏମାନଙ୍କର ବେଶ ପ୍ରସାର ଘଟିଛି । ସେମାନଙ୍କ ମଧ୍ୟରୁ ଜଣେ—ଡେମାଗ କମ୍ପାନୀ ଦ୍ୱାରା ଆମର ରାଉରକେଲା ଲୁହା କାରଖାନା ନିର୍ମିତ । ଫ୍ୟାସିଷ୍ଟ ଅମଳ ଭଳି ଏମାନେ କେବଳ ଜର୍ମାନୀରେ ସୁପ୍ରତିଷ୍ଠିତ ନୁହନ୍ତି । ରାଷ୍ଟ୍ରରେ ଶାସନ ଓ ଅର୍ଥନୈତିକ ପରି-ଚାଳନାରେ ପ୍ରଧାନ କର୍ତ୍ତାର ଆସନ ଅଂଶ ଗ୍ରହଣ କରିଛନ୍ତି ।

ଏଇ କାରଖାନାରେ କାମ କଲାବେଳେ ବନ୍ଦୀମାନେ ସଦା ସର୍ବଦା ଚାହୁଁଥିଲେ କପରି ଉତ୍ପାଦନରେ ବ୍ୟାଘାତ ସୃଷ୍ଟି ହେବ

ଯୁଦ୍ଧ ଉଦ୍ୟମରେ ବାଧା ଆସିବ, ତାହା ବ୍ୟର୍ଥ ହୋଇପାରିବ । ବିମାନ ଆକ୍ରମଣରୁ ରକ୍ଷା ଉଦ୍ଦେଶ୍ୟରେ ଅନେକ ଅସ୍ତ୍ରଶସ୍ତ୍ର କାର-ଖାନା ଭୂଇଁତଳେ ଗଢ଼ାଯାଇଥିଲା । ନୋର୍ଡାହସେନ ନାମକ ଏକ ପର୍ବତ ଗୁମ୍ଫା ମଧ୍ୟରେ ଉଡ଼ନ୍ତା ବୋମା ବା 'ଭି' ଅସ୍ତ୍ର ତିଆରି ଚାଲିଥିଲା । ତା ନିକଟରେ ଗଢ଼ାଯାଇଥିଲା 'ଡୋରା', କନସେନ-ଟ୍ରେସନ୍ ଶିବିର । ଏଠାରେ ବନ୍ଦୀଙ୍କୁ ଦୈନିକ ୧୨ ଘଣ୍ଟା ଖଟାଯାଏ । ସେ ଗୁମ୍ଫା ଭିତରୁ ବାହାରକୁ କାହାକୁ ଛାଡ଼ି ଦିଆ ହେଉ ନ ଥିଲା । ସେମାନେ ବହୁଦିନ ଧରି ସୂର୍ଯ୍ୟକିରଣ ଦେଖିବାର ସୁଯୋଗ ପାଉ ନ ଥିଲେ । ଏହା ଗୁପ୍ତ ଅସ୍ତ୍ର ଥିବାରୁ, ଯେଉଁ ବନ୍ଦୀମାନେ ତାହା ଜାଣିଥିଲେ ଓ ତାକୁ ନିର୍ମାଣ କରୁଥିଲେ ମୃତ୍ୟୁହିଁ ଥିଲା ଫାସିଷ୍ଟମାନଙ୍କର ସେମାନଙ୍କ ପ୍ରତି ପୁରସ୍କାର ।

ସେ ଅବସ୍ଥାରେ ମଧ୍ୟ ବନ୍ଦୀମାନେ ତାଙ୍କର ସଂଗ୍ରାମ ଚଳାଇ-ଥିଲେ । ଉଡ଼ନ୍ତା ବୋମା ତିଆରି କଲା ସମୟରେ ତାକୁ ଭିତରେ ଭିତରେ ଖରାପ ଓ ଖଇଗ୍ର କରି ତିଆରି କରୁଥିଲେ । ଫାସିଷ୍ଟମାନେ ଏ ବୋମା ବିଲାତକୁ ଲକ୍ଷ୍ୟ କରି ଛାଡ଼ୁଥିଲେ । ବନ୍ଦୀମାନଙ୍କ ସେହି କାର୍ଯ୍ୟ ହେତୁ ତାହା ବହୁ ସମୟରେ ତା'ର ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରୁ ନ ଥିଲା । ମଝି ରାସ୍ତାରେ ଫୁଟିଯାଉଥିଲା ବା ସମୁଦ୍ରରେ ଖସିପଡ଼ୁଥିଲା । ଏହାଦ୍ୱାରା ବନ୍ଦୀମାନେ ବିଲାତର ବହୁ ଲୋକଙ୍କର ପ୍ରାଣରକ୍ଷା କରିଛନ୍ତି । ଏଥିଲାଗି ବହୁ ବନ୍ଦୀ ନିଜର ପ୍ରାଣକୁ ବଳି ଦେଇଛନ୍ତି । ଫାସିଷ୍ଟମାନେ ଏହା ଜାଣିପାରି କେତେକଙ୍କୁ ନିର୍ମମଭାବେ ହତ୍ୟା କରିଛନ୍ତି । ସେମାନଙ୍କ ମଧ୍ୟରୁ ଜଣେ ହେଉଛନ୍ତି ଆଲବର୍ଟ କୁଜି, ଜର୍ମାନ କମ୍ୟୁନିଷ୍ଟପାର୍ଟିର କେନ୍ଦ୍ର କମିଟିର ସଭ୍ୟ । ଅସ୍ତମିତ ଜୀବନର ଆଲୋକ ଏବେ ଉଦ୍ଭାସିତ କରୁଛି ଶତ ଶତ ଜୀବନର ଆଲୋକକୁ ।

ସସେନ୍‌ରସର ବନ୍ଦୀଶାଳାର ନାରକୀୟ ବୀଭତ୍ସତା ମଧ୍ୟରେ
ଠିଆ ହୋଇଛି ମଣିଷ । ତାହା ତାକୁ ଯେତେ ପେଷୁଥିଲେ ବି
ସେ ସବୁବେଳେ ସାବ୍ୟସ୍ତ କରିଛି ନିଜର ପରିଚୟକୁ । ଦୁ
ବିଭୀଷିକାର ଅଥଳ ସାଗରରେ ତା'ର ଏକମାତ୍ର ଆଶ୍ରା ହୋଇ
ନିଜର ଅନାବିଳ ସ୍ନେହ, ଭ୍ରାତୃତ୍ୱର ଅକଳନ ମମତା, ଆତ୍ମ
ରକ୍ଷାର ଆକୁଳ ଅବିଶ୍ରାନ୍ତ ପ୍ରଚେଷ୍ଟା । ତାହା ରୂପ ନେଇଛି ନିଜ
ସାବ୍ୟସ୍ତ କରିବାର ସେଇ ଗୁପ୍ତ ସଂଗଠନ ମଧ୍ୟରେ । ତା'
କରିଆରେ ସେ ପ୍ରଶମିତ କରିଛି ପାଶବିକତାର ଜ୍ୱାଳା; ପ୍ରକା
କରିଛି ନିଜ ପ୍ରାଣର ମାନବିକ ପ୍ରାଚୁର୍ଯ୍ୟ । ଫାସିଷ୍ଟମାନେ ଉକ୍ତ
ସଙ୍ଗଠନକୁ ଠାବ କରିଛନ୍ତି । ତାକୁ ଧରିନେଇ ଫିଙ୍ଗିଦେଇଛନ୍ତି
ଗୁଳିମୁହଁକୁ । ଦଳକ ପରେ ଦଳେ ଝୁଲିଛନ୍ତି ଫାଶୀକାଠରେ ।
କିନ୍ତୁ ମନୁଷ୍ୟତାର ପ୍ରବାହ ଥମିବାର ନୁହେଁ । ଇତିହାସରେ
କେବେ ଶୁଖିନାହିଁ ତା'ର ସ୍ରୋତର ଧାରା । ଯୁଗଯୁଗ ଧରି ବହୁ
ରାକ୍ଷସ, ବହୁ ଦେବତା ଓ ମଣିଷ ତାକୁ ଧ୍ୱଂସ କରିବାର
ବାରମ୍ବାର ଚେଷ୍ଟା କରିଛନ୍ତି, ପାରିନାହାନ୍ତି ସେମାନେ । ସେମାନଙ୍କ
ଅଲକ୍ଷ୍ୟରେ ସଦା ଝରିଝରି ବହୁଛି ସେ ନିର୍ଝର । ଏକ ଦଳ
ନେତୃତ୍ୱର ନିଧନ ପରେ ତା ସ୍ଥାନ ପୂରଣ କରିଛି ପୁଣି ଏକ ନୂତନ
ନେତୃତ୍ୱ । ଥରକୁ ଥର ଫାସିଷ୍ଟମାନେ ତାକୁ ହତ୍ୟା କରିଛନ୍ତି ।
ପୁଣି ପ୍ରତିଥର ପଖୁଡ଼ା ମେଲିଛି ସେଇ ଅଙ୍କୁର । ଏଠି ମଣିଷ ମରି
ବଞ୍ଚାଇଛି, ଉଦ୍‌ଜୀବିତ କରିଛି ମନୁଷ୍ୟତାକୁ । ପ୍ରତ୍ୟେକ ମାନବର
ମୃତ୍ୟୁ ଅଛି । ତାକୁ ମାରିଲେ ସେ ସବୁ ପ୍ରାଣୀ ପରି ମରେ । କିନ୍ତୁ
ମାନବିକତା କାଳକାଳ ଧରି ଅଗଣିତ ମରଣରେ, ସବୁ ମୃତଙ୍କର
ଅବଶେଷ ଆସ୍ଥି ଧରି ମୃତ୍ୟୁହୀନ । ଏଇପରି ମଣିଷଙ୍କର ମୃତ୍ୟୁ ତାକୁ
ପ୍ରଦାନ କରିଛି ଅମରତ୍ୱ । ସେ ପ୍ରତି ମୁହୂର୍ତ୍ତରେ ସାବ୍ୟସ୍ତ

ବାରେ ଲାଗିଛି ଆପଣାକୁ—ସେହି ମାନବର ଉତ୍ତରୋତ୍ତର ାଶ ଦିଗରେ । ତାହାହିଁ ହୋଇଛି ମଣିଷ ବିକାଶର ଇତିହାସ ।

ତା ଆଗରେ କୌଣସି ଦେଶ, ଜାତି ନାହିଁ । ତାହା ସମସ୍ତଙ୍କୁ ଯିଯାଏ, ସମସ୍ତଙ୍କୁ ନେଇଆସେ ଆପଣା ଭିତରକୁ । ଏହି ମୁକ୍ତ ଙ୍ଗଠନ ମଧ୍ୟରେ ଅଛନ୍ତି, ଜର୍ମାନୀ, ହଙ୍ଗେରୀ, ପୋଲଣ୍ଡ, ଫ୍ରାନ୍‌ସ, ୁଷ, ଚେକୋସ୍ଲୋଭାକିଆ ପ୍ରଭୃତି ଦେଶର ସବୁ ଜାତିର ଲୋକ । ଚେକୋସ୍ଲୋଭାକିଆର ପୂର୍ବତନ ରାଷ୍ଟ୍ରପତି ନେନଭାଟନ ଓ ସୋଭିଏତ ସେନାପତି ସାଟୋଭ ବି ଏହି ଗୁପ୍ତ ସଙ୍ଗଠନ ଧ୍ୟରେ ।

ରୁଷ ସୈନ୍ୟ ମାଡ଼ିଆସୁଛନ୍ତି, ସବୁ ବନ୍ଦୀଙ୍କୁ ହତ୍ୟା କର—ନସେନ୍‌ଟ୍ରେସନ୍ ଶିବିରକୁ ନିଶ୍ଚିହ୍ନ କର—ଏହି ହେଲା ଫ୍ୟାସିଷ୍ଟ-ାନଙ୍କର ନିର୍ଦ୍ଦେଶ । କିନ୍ତୁ ସମୟ କାହିଁ ? ରୁଷ ସୈନ୍ୟ ପ୍ରଖର ବଗରେ ମାଡ଼ିଆସୁଛନ୍ତି । ଏକମାତ୍ର ଉପାୟ ସେମାନଙ୍କୁ ଆଗ ଘଉ ନେଇଯିବା ଓ ପରେ ହତ୍ୟା କରିବା । ସେଥିଲାଗି ଏପ୍ରିଲ ୨ ତାରିଖ ୧୯୪୫ରେ ସବୁ ବନ୍ଦୀଙ୍କୁ ମାର୍ଚ୍ଚିଂ ଆଦେଶ ହେଲା । ୦୦ ଲୋକରେ ଗୋଟାଏ କରି ଦଳ । ଏହିପରି ୩୦ ହଜାର ନ୍ଦୀଙ୍କୁ ପଶୁପଲ ଭଳି ଅଡ଼େଇନେଲେ ଫ୍ୟାସିଷ୍ଟ ସୈନ୍ୟମାନେ । ଟଣି ଖାଇବା ନାହିଁ, ଭୋକ, ଅନାହାର । ତେଣେ ଚଞ୍ଚଳ ଚଞ୍ଚଳ ବାଲାଗି ମାଡ଼, ପ୍ରହାର, ବନ୍ଧୁକ ଡଉହ । ଯିଏ ପଛେଇଗଲା—ଲେ ପଡ଼ିଗଲା, ସେ ସେଇଠି ଗଲା; ତାକୁ ସେଇଠି ଗୁଳିକରି-ଆଯାଉଛି । ବଞ୍ଚିବାକୁ ହେଲେ ମଣିଷକୁ ଠିଆ ହେବାକୁ ହେବ । ଷ୍ଟ ହେଲେ ବି ଛୁଡ଼ା ହେବ—ଧାଇଁବାକୁ ପଡ଼ିବ । ଲୋକେ ଉଛନ୍ତି, ମରୁଛନ୍ତି ଓ ଚାଲିବାରେ ଲାଗିଛନ୍ତି ।

ବନ୍ଦୀଶାଳାରେ ରହିଲେ ୩ ହଜାର ଲୋକ । ସେ
ମଧ୍ୟରୁ ପ୍ରାୟ ଅଧେ ସ୍ତ୍ରୀଲୋକ । ଅନ୍ୟମାନେ ରୋଗୀ,
ଅସମର୍ଥ; ଯିବାର ଶକ୍ତି ନାହିଁ । ଏମାନଙ୍କୁ ଖତମ କରିବା
ନିର୍ଦ୍ଦେଶ, କିନ୍ତୁ ସମୟ କାହିଁ ? ୨୧ ତାରିଖରେ ସବୁ ବନ୍
ନେଇଗଲେ । ଠିକ୍ ପରଦିନ ରୁଷ ସୈନ୍ୟ ସେଠାରେ ପହଞ୍ଚିଗ
୩ ହଜାର ଲୋକଙ୍କ ପ୍ରାଣ ବଞ୍ଚିଗଲା । ସେମାନେ ମୁକ୍ତିର ନି
ମାଇଲେ. ନୂତନ ଜୀବନ ଲାଭ କଲେ ।

ତେଣେ ୩୦ ହଜାର ଲୋକଙ୍କ ପଟୁଆର ଚାଲିଛି ମୃ
ମୁଖରେ ବଲ୍ଟିକ ସାଗର ବକ୍ଷକୁ । ନାଜୀମାନେ ସ୍ଥିର କରି
ଏମାନଙ୍କୁ ଜାହାଜରେ ବୋଝାଇକରି ସମୁଦ୍ରବକ୍ଷକୁ ନେଇଯି
ଆଉ ସେଠି ସେ ଜାହାଜକୁ ବିସ୍ଫୋରଣ ଦ୍ୱାରା ଧ୍ୱଂସ କରିଦେ
ଜାହାଜଗୁଡ଼ିକ ସାଙ୍ଗରେ ବୁଡ଼ିବେ ଏଇ ହତଭାଗ୍ୟ ବନ୍ଦୀ
ସାଗରର ଅତଳ ଗହ୍ୱରରେ ଚିରଦିନ ଲାଗି । ୩୦ ହ
ଲୋକଙ୍କର ସମାଧି ହେବ ସେଇଠି ।

ଏମାନେ ସମୁଦ୍ରକୂଳରେ ପହଞ୍ଚିଲେ ପୂର୍ବରୁ ଅଧବା ଟ
ଧାଇଁ ଧାଇଁ ଆସିଲା ରୁଷର ଟ୍ୟାଙ୍କ୍ ବାହିନୀ । ଫ୍ୟାସିଷ୍ଟ ସୈନ୍ୟମ
ପରାସ୍ତ ଓ ନିରସ୍ତ୍ର ହେଲେ । ମୃତ୍ୟୁ ମୁହଁରୁ ମୁକ୍ତ ହେ
ବନ୍ଦୀମାନେ ।

ଆଜି ସେଇସବୁ ବନ୍ଦୀଶାଳା ପାଶବିକତା ବିରୁଦ୍ଧ
ସଂଗ୍ରାମର ସ୍ମୃତିଶାଳାରେ ପରିଣତ ହୋଇଛି । ତା'ର ସା
ବୀରତ୍ୱ ଓ ମାନବିକତାର ପରାକାଷ୍ଠା ପ୍ରତି ସମ୍ମାନ ଜଣାଇ ଗ
ହୋଇଛି ବହୁ ସ୍ମୃତିସ୍ତମ୍ଭ । ତା ସବୁ ଏବେ ଏକ ଏକ ପୁଣ୍ୟ ତୀ
ପ୍ରତ୍ୟେକେ ସେଇ ବୀରତ୍ୱର ପୁଣ୍ୟ ସ୍ମୃତି ପ୍ରତି ସମ୍ମାନ ଓ ଶ୍ରଦ୍ଧା
ଅର୍ପଣ କରିବା ସଙ୍ଗେ ସଙ୍ଗେ ସଂକଳ୍ପ କରୁଛନ୍ତି—ଆଉ ମଣିଷ ଯେ

ି ଘୃଣ୍ୟ ପାଶବିକତାର ଶିକାର ନ ହୁଏ, ପୁନର୍ବାର ଫ୍ୟାସିଷ୍ଟ-
ଦ ଓ ଯୁଦ୍ଧର ପୁନରାବୃତ୍ତି ନ ଘଟେ ।

ଏବେ ସାଧାରଣତଃ ମନରେ ପ୍ରଶ୍ନ ଜାଗିବ ଏଇ ସବୁ
ୀଶାଳାର ସ୍ରଷ୍ଟା—ସେଇ ଫ୍ୟାସିଷ୍ଟ ଅତ୍ୟାଗ୍ରହୀ ନରହନ୍ତାମାନେ
ଲ କୁଆଡ଼େ ? ସେମାନେ ଆଜି କେଉଁଠି ? ନରରକ୍ତରେ
ରଞ୍ଜିତ ସେମାନଙ୍କ ହସ୍ତରୁ ବୋହୁଥିବା ରକ୍ତର ଧାରକୁ ଯଦି
କେହି ଅନୁସରଣ କରେ ସେମାନଙ୍କୁ ନିଶ୍ଚୟ ଭେଟିବ—ଭେଟିବ
ସେମାନଙ୍କୁ ପଶ୍ଚିମ ଜର୍ମାନୀର ବନ୍ ଓ ବପନ ସହରମାନଙ୍କରେ ।
ଯଦି ସେଇ ମାରଣାସ୍ତ୍ର ତିଆରକାରୀ ବୈଜ୍ଞାନିକମାନଙ୍କୁ ଦେଖିବାକୁ
ହୁଁ—ସେମାନଙ୍କୁ ଦେଖିବ ଆମେରିକାରେ । ଯଦି ମଣିଷ ମୃତ୍ୟୁରୁ
ଲାଭ ଉଠାଉଥିବା ସେହି ପୁଞ୍ଜିପତିଙ୍କର ସାକ୍ଷାତ ଚାହିଁ—ତେବେ
ତାଙ୍କର ସାକ୍ଷାତ ପାଇବ ପଶ୍ଚିମ ଜର୍ମାନୀର ଶିଳ୍ପ ପ୍ରତିଷ୍ଠାନମାନଙ୍କ
ହେଡ୍ ଅଫିସରେ, ପଶ୍ଚିମ ଜର୍ମାନୀ ସରକାରୀ ଦପ୍ତରରେ ।

ଏଥିରୁ ବୁଝାଯିବ, ଆଜି ଜର୍ମାନୀ ଭାଗ ଭାଗ କାହିଁକି ? କାହା
ସ୍ୱାର୍ଥଲାଗି ତାହା ଦୁଇ ଖଣ୍ଡ ?

ପ୍ରଗତି ଉତ୍କଳ ସଂଘ, ରାଉରକେଲା
ପାଠାଗାର
ନଂ ...୧୩୬୫୦...
ତା ...18.7.76...

# ଇତିହାସରୁ ଖିଏ

ଘରଟା ଏକ ବଡ଼ ଡାକବଙ୍ଗଳା ଭଳି । ଦୁଇ କଡ଼ରେ ଦୁଇଟା ବାହୁ ଲମ୍ବି ଆସିଛି ଆଗକୁ । ସତେ ଯେପରି ଠିଆହୋଇଛି କାହାକୁ ସ୍ୱାଗତ କରିବ, କାହାର ଅପେକ୍ଷାରେ······ଅପେକ୍ଷା କରି କରି ଦେହରେ ଶିଉଳି ଜମିଗଲାଣି । ହେଲେ ଠିଆହୋଇଛି ସେମିତି । ମୋଟା ମୋଟା କାନ୍ଥ, ପଥରରେ ଗଢ଼ା । ଛାତର ଅଧିକାଂଶ ଭାଗ କାଠ । ଭୂଇଁ ଉପରୁ ତଳକୁ ଗଡ଼ିଛି । ଆଗରେ ଗ୍ଲେଟ ଏକ ବଗିଚା । ସବୁ କିଛି ପୁରୁଣା—ଗୋଟାଏ ଭିଲ୍ଲା ଟାଇପର ଘର । ମନେ ହେବ, ନିଶ୍ଚେ ଜଣେ କେହି ରାଜପୁରୁଷ ଦିନେ ଏଠି ବାସ କରୁଥିଲେ । ଲୋକ କାରବାର ନ ଥିଲେ ଘରଟା ଖାଇ-ଗୋଡ଼ାନ୍ତା, ଡର ମାଡ଼ନ୍ତା ଏକ ଭୂତକୋଠି ଭଳି ।

ଭିତରର ସାଜସଜ୍ଜା ସେଇପରି ପୁରୁଣା । ପୁରୁଣା ଗାଲିଚା, ତା ଉପରେ ପୁରୁଣାକାଳିଆ ଟେବୁଲ ଚୌକି । ସେମାନଙ୍କ ଦେହରେ କେତେ ପ୍ରକାର କମକୁଟ । ଆଲମିରାଗୁଡ଼ାକ ବି ବହୁଦିନର । ତା ଭିତରର ବହିସବୁ କେବଳ ପୁରୁଣା ନୁହନ୍ତି—ସମ୍ଭ୍ରାନ୍ତ ଶ୍ରେଣୀର ପୁସ୍ତକ; ବହୁକାଳର ସଂସ୍କରଣ । ପରପାଟୀରେ ଖୁଣିବାକୁ ନାହିଁ । ଅତି ଖର୍ଚ୍ଚ ବହୁଳ ବଢେଇ । ମଝି ବଖରାଟି ଅପେକ୍ଷାକୃତ ବଡ଼ । ତା ମଝିରେ ପୁଣି ଏକ ଗୋଲଟେବୁଲ । ତାକୁ ଘେରି ରହିଛନ୍ତି କେତେଖଣ୍ଡ ଚୌକି । ତାଙ୍କର ପୂର୍ବ ଇତିହାସ ଜଣାନାହିଁ । କିନ୍ତୁ ଗତ ୧୫ବର୍ଷ ହେଲା ସେମାନେ ସେଇ ଗୋଟାଏ ସ୍ଥାନରେ ପଡ଼ିଛନ୍ତି ଏବଂ ପଡ଼ ପଢ଼ ଇତିହାସ

ୀଲଟିଗଲଣି । ଇତିହାସ ଗତିଶୀଳ; ଅଥଚ ଯାହାର ଗତି ନାହିଁ, ସେ ହୁଏ ଇତିହାସ ।

ସେ ଗୁଡ଼ିକ ଭିତରୁ ଗୋଟିକର ଦେହ ଟିକଏ ଖଣ୍ଡିଆ, ଖଣ୍ଡେ କଏ ଛେଲନେଇଛି । ଥରେ ଅଧେ ନୁହେଁ, ବହୁଥର ଏମିତି ଛେଲ ହେବାର ଚିହ୍ନ । ଏବେ ସେଗୁଡ଼ିକୁ ଦଉଡ଼ି ଦେଇ ଘେରାଇ ଦିଆହୋଇଛି । ନିକଟରୁ ଦେଖିହେବ; ପାଖକୁ ଯାଇହେବ ନାହିଁ । ସବୁ ଭିତରେ ବାରିହୋଇ ପଡ଼ୁଛି ସେଇ ଚୌକିଟା ।

ପୃଥିବୀରେ ସବୁଠାରୁ ବାରିହୋଇ ପଡ଼ୁଥିବା ଲୋକଟା ଦିନେ ବସିଥିଲା ସେଇ ଚୌକିରେ । ସେଇଥିପାଇଁ ମଣିଷ ତାକୁ ଅଲଗା କରି ଦେଖାଇଦେଉଛି ନିଜ ଅଜାଣତରେ ଇତିହାସରେ ଚିହ୍ନ ଦେଇ । ସେ ଲୋକଟି ଅନ୍ୟ କେହି ନୁହେଁ—ଷ୍ଟାଲିନ । ତାଙ୍କୁ ଘେରି ବସିଥିଲେ ଚର୍ଚ୍ଚିଲ, ଟ୍ରୁମାନ, ଅଟ୍‌ଲି ପ୍ରମୁଖ ବିଲାତ, ଆମେରିକା ପ୍ରଭୃତି ମିତ୍ରଶକ୍ତିମାନଙ୍କର ନେତା ଓ ପ୍ରତିନିଧିଗଣ ।

ଏଇଟି ସେଇ ପୋଟ୍‌ସଡାମ ସମ୍ମିଳନୀ କକ୍ଷ । ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଏଇଠି ନିଷ୍ପତ୍ତି ହୋଇଛି ଜର୍ମାନୀର ଭାଗ୍ୟ, ଗଢ଼ାହୋଇଛି ତା'ର ଭବିଷ୍ୟତ । ଏଇଠି ପଡ଼ିଛି ଗୋଟାଏ ଯୁଗର ଯବନିକା; ଆଉ ଏକ ନୂତନ ଯୁଗର ନୂତନ ଅଧ୍ୟାୟ ଖୋଲିଛି ଏଇଠାରେ । ସେହି ନୂଆ ଯୁଗକୁ ଉନ୍ମୁକ୍ତ କରିଛି ସୋଭିଏତ୍‌ ରୁଷ, ଫ୍ୟାସିଷ୍ଟମାନଙ୍କୁ ଧ୍ୱଂସ କରି; ରକ୍ଷା କରିଛି ଦୁନିଆକୁ ଫ୍ୟାସିଷ୍ଟମାନଙ୍କର ଅଧୀନତା ପାଶରୁ । ଯିଏ ଲଢ଼େଇରେ ଆଗେଇଯାଏ, ସେହି ହୁଏ ନୂତନ ଯୁଗର ସ୍ରଷ୍ଟା, ନୂଆ ଯୁଗର ଅଧିକାରୀ । ତା'ରି ହାତରେ ପଡ଼େ ତାକୁ ଉନ୍ମୁକ୍ତ କରିବାର ଗୁରୁ । ସେଥିଯୋଗୁଁ ସୋଭିଏତ୍‌ ଓ ତା'ର ଅଧିନାୟକ ଷ୍ଟାଲିନଙ୍କ

*

ଗୁରୁତ୍ୱ । ତାଙ୍କର ସ୍ପର୍ଶରେ ଗୁରୁତ୍ୱ ସେଇ ଚୌକିଟିର । ସେଇ ଯୋଗୁଁ ତା ଦେହର ପୁରୁଣା କାଠର ମୂଲ୍ୟ; ତାକୁ ଛେଳ-ନେଇଛନ୍ତି ସ୍ମୃତିଭାବରେ ସାଇତିବା ଲାଗି । ଯାକୁ ପ୍ରଥମେ ଆରମ୍ଭ କରିଛନ୍ତି ଅମେରିକାର ସାମ୍ବାଦିକଗଣ । ଇତିହାସରେ ବହୁ ଚୌକି, ବହୁ ସିଂହାସନ ଆସିଛି, ଯାଇଛି ଓ ଭାଙ୍ଗିଛି । କାହାକୁ ମଣିଷ କାଟିନେଇନାହିଁ ଆପଣାର କରି, ଏକ ଅମୂଲ୍ୟ ସମ୍ପଦ ଭାବେ ସାଇତିବାପାଇଁ । ସେଇ ଗ୍ରେଟ କଥାଟି ଭିତରେ ରହିଛି ଏକ ବିରାଟ ଜିନିଷ, କ୍ଷୁଦ୍ର ମଞ୍ଜି ଭିତରେ ଏକ ମହାଦ୍ରୁମ ଭଳି । ଇତିହାସରେ ଦାଗ କାଟିଛି କେବଳ ସେଇ କଟା ଚୌକିଟା ।

ପୋଟ୍‌ସ୍‌ଡାମ—ବର୍ଲିନ୍, କଟକ—ଭୁବନେଶ୍ୱର ପରି ଖୁବ୍ ପାଖାପାଖି । ପୋଟ୍‌ସ୍‌ଡାମ ସହରଟି ବଡ଼ ନୁହେଁ; ଲୋକ-ସଂଖ୍ୟାରେ ଆମ କଟକର ଅଧା । କିନ୍ତୁ ସହରଟି ଅତି ପରିଷ୍କାର ପରିଚ୍ଛନ୍ନ, ବେଶ ସୁନ୍ଦର, ଅତି ମନୋରମ । ଚତୁର୍ଦ୍ଦିଗରେ ବିରାଟ ବିରାଟ ରାଜପ୍ରାସାଦ । ବହୁ ପ୍ରକାରର ପ୍ରାଚୀନ ସ୍ଥାପତ୍ୟ କାରୁକାର୍ଯ୍ୟ, ସୁସଜ୍ଜିତ ଦୋକାନ ବଜାର, ମଝିରେ ମଝିରେ ପାର୍କ ବା ଉଦ୍ୟାନ । ଏକ କୃତ୍ରିମ ହ୍ରଦ; ହଂସ ସାରସାଦିର ସନ୍ତରଣ ବହୁ ଜାତିର ପକ୍ଷୀଙ୍କର କାକଳି । ଚଲିଲେ ଜର ପାଦ ଅଟକିଯିବ ଆପେ ଆପେ ।

କିନ୍ତୁ ସେତେବେଳେ—ସମସ୍ତ ସହର ଯୁଦ୍ଧରେ ଗୁରୁଖାତ ଧ୍ୱସ୍ତବିଧ୍ୱସ୍ତ, ଗୋଟାଏ ବିରାଟ ଧ୍ୱଂସର ସ୍ତୂପ ମାତ୍ର । ଅକ୍ଷତ ରହିଯାଇଛି ସେସିନହୋଫ ( Ceciln hop ) ଓ ସନସ ସୋଉ ପ୍ୟାଲେସ ( Sons Souci Palace ) । ତାହାହିଁ ହୋଇଥିଲା ସମ୍ମିଳନୀର ସ୍ଥଳ । ଆଜି ସେ ଧ୍ୱଂସାବଶେଷର କୌଣସି ଚିହ୍ନ ନାହିଁ । କେହି ଭାବପାରିବ ନାହିଁ ୨୫ ବର୍ଷ ତଳେ ଏ ସହରଟା

ଧୂଳିରେ ମିଶିଯାଇଥିଲା । ସେ ଧ୍ୱଂସର ଚିହ୍ନ ଦେଖିବାକୁ ମିଳେ କେବଳ ଯାଦୁଘରେ ।

ପୂର୍ବର ରାଜପ୍ରାସାଦସବୁ ଆଜିର ଯାଦୁଘର । ତା ସଙ୍ଗକୁ ପୁଣି ନୂଆ ନୂଆ ସ୍ମୃତିମନ୍ଦିର ତୋଳା ହୋଇଛି । ସେଠି ଦେଖିବ ଗତ ଦ୍ୱିତୀୟ ବିଶ୍ୱଯୁଦ୍ଧର ଚିତ୍ର, ସେଥିରେ ବ୍ୟବହୃତ ହୋଇଥିବା ସମସ୍ତ ପ୍ରକାରର ଅସ୍ତ୍ରଶସ୍ତ୍ର ଓ ଯୁଦ୍ଧ ସରଞ୍ଜାମର ନମୁନା । ତା ପାଖକୁ ଲାଗି ଜର୍ମାନୀ ବିପ୍ଳବର ସ୍ମୃତିମନ୍ଦିର । ଏଠି ତୁମେ ଭେଟିବ ଏକ ନୂଆ ପ୍ରକାରର ଜର୍ମାନୀ, ଯାହା ଆମେ ସାଧାରଣତଃ କୌଣସି ଇତିହାସରେ ପଢ଼ୁନାହୁଁ । ଜର୍ମାନୀ ଦେଶରେ ମଣିଷ ଆସିଲାଦିନୁ କିପରି ବଢ଼ିଛି, ଆଜି ସ୍ୱାଧୀନତା ପ୍ରଗତି ଲାଗି କିପରି ଲଢ଼ିଛି । ଯୁଗେ ଯୁଗେ ଜର୍ମାନୀ ବିପ୍ଳବର ଇତିହାସ ଅତ୍ୟାଚାରୀଙ୍କ ବିରୁଦ୍ଧରେ ସଂଗ୍ରାମର କାହାଣୀ । ତାହା ସବୁ ସେଇ କାଳର ମିଳିଥିବା କାଗଜପତ୍ର, ଅସ୍ତ୍ରଶସ୍ତ୍ର ଓ ସେତେବେଳର ପ୍ରତିମୂର୍ତ୍ତି, ପ୍ରତିଛବି ଇତ୍ୟାଦି ଦ୍ୱାରା ସୁସଜ୍ଜିତ । ସେ ଏକ ନୂଆ ପ୍ରକାରର ଜର୍ମାନୀ । ତା ଯୁଦ୍ଧ, ଅତ୍ୟାଚାର, ସମରବାଦର ଜର୍ମାନୀ ନୁହେ; ତା ବିରୁଦ୍ଧରେ ଅବିଶ୍ରାନ୍ତ ସଂଗ୍ରାମର ଜର୍ମାନୀ । ରାଜା, ଧନୀ, ପୁଞ୍ଜିପତିଙ୍କ ଜର୍ମାନୀ ନୁହେଁ, ଲୋକସାଧାରଣଙ୍କର—ତାଙ୍କ ଦୈନନ୍ଦିନ ଜୀବନସଂଗ୍ରାମର ଜର୍ମାନୀ ।

ଅଦ୍ଭୁତ ଏ ଇତିହାସ, ବିଚିତ୍ର ତା'ର ଗତି । ପ୍ରତ୍ୟେକେ ଚାହାନ୍ତି ତାକୁ ନିଜ ଇଚ୍ଛା ଅନୁସାରେ ଚଳାଇନେବେ । ଯିଆର କାଟି ବିଲକୁ ପାଣି ଆଣିଲା ଭଳି ଇତିହାସର ଧାରାକୁ କାଟିଆଣିବେ ନିଜର ସ୍ୱାର୍ଥ ଓ କାମନାର କିଆରିକୁ । କିନ୍ତୁ ତାହା କାହାର କଥା ମାନେନାହିଁ, ଗଡ଼ିଯାଏ ଆପଣା ରାସ୍ତାରେ । ଯିଏ ତା ସହିତ ଚାଲି ନ ଜାଣେ ତାକୁ ସେ ଗଡ଼ାଇ ଦେଇଯାଏ, ତାହା ଯେତେ ବଳବନ୍ତ,

ଶକ୍ତିଶାଳୀ ହେଉଥିଲେ । ଏଇ ତା'ର ଚିହ୍ନ; ଏଇଠି ଗଡ଼ିପଡ଼ିଛି
ମହାପ୍ରତାପୀ ଶାସକ ସମ୍ରାଟଗଣ, ଆଉ ହିଟଲର, ମୁସୋଲିନି ଓ
ତାଙ୍କର ଫାସିଷ୍ଟ ସେନାବାହିନୀ । ଆଜି ପୋଟ୍ସଡ଼ାମ ତାହାର
ଘୋଷଣା କରେ; କିନ୍ତୁ କେତେଜଣ ତାକୁ ଘେନନ୍ତି ? ଏଇଠି
ପୁଣି ଚେଷ୍ଟା ହେଉଛି—ପୁଣି ସେଇ ଇତିହାସର ଗତି ବଦଳାଇବା
ପାଇଁ, ପୃଥିବୀକୁ ପୁଣି ସେଇ ପରିତ୍ୟକ୍ତ ପଥରେ ଟାଣିନେବା ଲାଗି
ଯେ ବିରାଟ ଯୁଦ୍ଧ ପରେ ପରେ ପୁଣି ଆଜିର ଯୁଦ୍ଧ ଆଶଙ୍କା, କି
ତା'ର ପ୍ରମାଣ ନୁହେଁ ?

ଜର୍ମାନୀ ବିଶ୍ୱଯୁଦ୍ଧ ଆରମ୍ଭ କରିଛି ସତ; କିନ୍ତୁ ତା'ର ପ୍ରକୃ
ନିର୍ମାତା ହେଉଛନ୍ତି ଇଂଲଣ୍ଡ, ଫ୍ରାନ୍ସ ଓ ଆମେରିକା—ପୃଥିବୀ
ସବୁ ଏକଚାଟିଆ ପୁଞ୍ଜିପତିଗଣ, ସାମ୍ରାଜ୍ୟବାଦୀ ଦେଶମାନେ
ରୁଷରେ ସୋଭିଏଟ ସରକାର ପ୍ରତିଷ୍ଠା ପରେ ସବୁ ସାମ୍ରାଜ୍
ବାଦୀଙ୍କର ଏକମାତ୍ର ଲକ୍ଷ୍ୟ ହୋଇଛି କିପରି ସେମାନେ ତାକୁ ଧ୍ୱଂ
କରିବେ । ସେ ଦିଗରେ ତାଙ୍କର ସକଳ ଉଦ୍ୟମ ବ୍ୟର୍ଥ ହୋଇଛି
ସୋଭିଏଟ ରୁଷ ଠିଆ ହୋଇଛି ଓ ଦିନକୁଦିନ ବଢ଼ିଛି । ଏ
ତାଙ୍କର ନୂତନ ଉଦ୍ୟମ ହୋଇଛି ଜର୍ମାନୀର ନାଜୀବାଦ ଦ୍ୱା
ସମାଜବାଦୀ ରୁଷକୁ ଧ୍ୱଂସ କରିବେ । ସେଥିଲାଗି ସେମା
ହିଟଲରକୁ ଗାଦିକୁ ଆଣିବାରେ ସାହାଯ୍ୟ କରିଛନ୍ତି । ତା
ଲାଳନପାଳନ କରି ବଢ଼ାଇଛନ୍ତି । ସେ ଯେପରି ପୂର୍ବଦିଗକୁ ରୁଷ
ଆଡ଼କୁ ମାଡ଼ି ମାଡ଼ି ଯିବ ସେଥିଲାଗି ବାଟ ଫିଟାଇଦେଇଛନ୍ତି ।
ଏମାନଙ୍କ ସାହାଯ୍ୟ ବିନା ବିଶ୍ୱଯୁଦ୍ଧ କେବେହେଲେ ସମ୍ଭବ ହୋଇ
ନ ଥାନ୍ତା । ଜର୍ମନୀକୁ ସେ ସାମରିକ ଶ୍ରେଣୀ ଗଢ଼ିବାରେ ଆର୍ଥିକ
ସାହାଯ୍ୟ ଦେଇଛି ଆମେରିକା । ବିଦେଶର ଏକଚାଟିଆ ପୁଞ୍ଜିପତି-
ମାନେ ତାକୁ ୨୭୦୦ କୋଟି ମାର୍କ (ଜର୍ମାନ ମୁଦ୍ରା) ଯୋଗାଇ-

ଦେଇଛନ୍ତି । ଏହା ମଧ୍ୟରୁ ୭୦ ଭାଗ ଆସିଛି ଆମେରିକାରୁ ଯାହା ବିନା ଜର୍ମାନୀ କେବେହେଲେ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହୋଇପାରି ନ ଥାନ୍ତା ।

ଏହା ଖୋଦ ନାଜୀ ଜର୍ମାନୀ ବି ସ୍ୱୀକାର କରିଛି । ଯୁଦ୍ଧ ପରେ ଯୁଦ୍ଧ ଅପରାଧ ଦୋଷରେ ବିଚାର ହୋଇଛି ଜର୍ମାନୀର ଅର୍ଥମନ୍ତ୍ରୀ ଶିଳ୍ପପତି ସାଗୃହ୍ (Schecht)ଙ୍କର । ନ୍ୟୁମବର୍ଗ ଜେଲରେ ବନ୍ଦୀ ଥିବାବେଳେ ତାଙ୍କୁ ଆମେରିକାର କ୍ୟାପଟେନ୍ ଗିଲବର୍ଟ (Gilbert) ଭେଟିଛନ୍ତି । ସେତେବେଳେ ସେ ଦାବୀ କରିଥିଲେ, "ଅସ୍ତ୍ରଶସ୍ତ୍ରରେ ଜର୍ମାନୀକୁ ସଜ୍ଜିତ କରିବାରେ ସାହାଯ୍ୟ ଦେଲ ବୋଲି ଯଦି ତମେ ଶିଳ୍ପପତିମାନଙ୍କୁ ବିଚାର କରିବାକୁ ଚାହଁ, ତେବେ ତୁମକୁ ତୁମ ନିଜର ଶିଳ୍ପପତିମାନଙ୍କର ମଧ୍ୟ ବିଚାର କରିବାକୁ ହେବ ।" ଆମେରିକା ଶିଳ୍ପପତିମାନଙ୍କର ସାହାଯ୍ୟ ଫଳରେ ୫।୬ ବର୍ଷ ମଧ୍ୟରେ ଜର୍ମାନୀ ଏକ ବିରାଟ ଶକ୍ତି ହୋଇ ଠିଆହେଲା ।

ପ୍ରଥମ ମହାଯୁଦ୍ଧରେ ଜର୍ମାନୀ ପରାସ୍ତ ହୋଇଥିଲା । ତା'ର ସାମ୍ରାଜ୍ୟ ଯାଇଥିଲା । କିନ୍ତୁ ତା'ର ସମରବାଦର ଭିତ୍ତି ଜର୍ମାନୀରେ ଅକ୍ଷତ ଥିଲା । ତା'ର ସାମରିକ ଶ୍ରେଣୀ ବା ଜେନେରାଲ ଷ୍ଟାଫ୍ (ଏହା ଜର୍ମାନୀର ଏକ ବିଶେଷତ୍ୱ) ତା'ର ବଡ଼ବଡ଼ ପୁଞ୍ଜିପତି-ଶ୍ରେଣୀ ସେଇପରି ଅକ୍ଷତ ଥିଲେ । ତାଙ୍କ ଦେହରେ ଟିକିଏ ହେଲେ ଆଞ୍ଚ ଲାଗିନାହିଁ । ଏବେ ଆମେରିକାର ଆର୍ଥିକ ଓ ବିଲାତ, ଫ୍ରାନ୍ସର ରାଜନୈତିକ, କୂଟନୈତିକ ସାହାଯ୍ୟ ପାଇ ସେମାନେ ପଲ୍ଲବିତ ହୋଇଉଠିଲେ । ଏହି ସାମ୍ରାଜ୍ୟବାଦୀମାନେ ହିଟଲରକୁ ନିଜର ନିର୍ଦ୍ଦେଶିତ ନୌକର କରି ଛିଡ଼ା କଲେ । ହିଟଲର

ଏଇମାନଙ୍କ ଖିଜ୍‌ମତ କଲ, ସେହି ସାମ୍ରାଜ୍ୟବାଦୀ ସ୍ୱାର୍ଥ ପୂରଣରେ ଅଗ୍ରସର ହେଲା ।

ପୃଥିବୀର ସବୁ ସାମ୍ରାଜ୍ୟବାଦୀ ସୋଭିଏତ ରୁଷ ବିରୁଦ୍ଧରେ ଏକଜୁଟ୍ । ଜର୍ମାନୀକୁ ରୁଷ ବିରୁଦ୍ଧରେ ଲଗାଇଦେବା ହେ ତାଙ୍କର ଉଦ୍ଦେଶ୍ୟ । ପ୍ରଥମ ବିଶ୍ୱଯୁଦ୍ଧ ପରେ ତେଣୁ ଜର୍ମାନୀକୁ ନିର କରି ରଖିବା ଦିଗରେ ଯେତେ ଯେତେ କଣ୍ଟକଣା ଥିଲା ସେ ଗୋଟିଗୋଟି କରି ଭାଙ୍ଗି ଦିଆଗଲା । ସେ ଏବେ ମନଇଚ୍ଛା ସୈନ୍ୟବାହିନୀ, ନୌବାହିନୀ, ବିମାନବାହିନୀ ବଢ଼ାଇ ଚାଲିଲା ପ୍ରଥମେ ଚୁକ୍ତି ଲଙ୍ଘନ କରି ତାକୁ ଛାଡ଼ିଦିଆଗଲା ରାଇନଲ୍ୟାଣ୍ଡରେ ପ୍ରବେଶ କରିବାକୁ (୧୯୩୬) । ତା ପଛକୁ ସ୍ପେନର ଗଣତାନ୍ତ୍ରି ସରକାରକୁ ଧ୍ୱଂସ କରିବାରେ ହିଟଲର ଓ ମୁସୋଲିନଙ୍କୁ ପୂ ସମର୍ଥନ ଦେଲେ ବିଲାତ ଓ ଫ୍ରାନ୍‌ସ । ତା ପରେ ଆସିଲା ୧୯୩ ନଭେମ୍ବର ୧୯ ତାରିଖ । ଚରମ ବିଶ୍ୱାସଘାତକତା—ମିଉନି ଚୁକ୍ତି । ଏ ଦିନ ମିଉନିକ୍ ସହରରେ ବିଲାତ ଓ ଫ୍ରାନ୍‌ସ ପ୍ରଧାନମନ୍ତ୍ରୀଦ୍ୱୟ ହିଟଲର ପାଖରେ ଅନ୍ୟ ଏକ ସ୍ୱାଧୀନ ରାଜ୍ୟ- ଚେକୋସ୍ଲୋଭାକିଆକୁ ବଳି ଦେଲେ । ନିଷ୍ପତ୍ତି ହେଲା, ଚେକେ ସ୍ଲୋଭାକିଆର ସୀମାନ୍ତର ଜର୍ମାନ-ଅଧ୍ୟୁଷିତ ଅଞ୍ଚଳ ହିଟଲ ଦଖଲ କରିବ । ଆଉ ଚେକୋସ୍ଲୋଭାକିଆ ତା'ର ପ୍ରତିର ବ୍ୟବସ୍ଥା ଓ ଅସ୍ତ୍ରଶସ୍ତ୍ର ଆଦି ସେଠାରୁ ହଟାଇ ନେଇପାରିବ ନାହିଁ । ତାକୁ ସେହିପରି ଅକ୍ଷତ ଅବସ୍ଥାରେ ଜର୍ମାନୀ ହାତରେ ଛାଡ଼ିଯିବ । ଏହି ହେଲା ୟୁରୋପରେ ସ୍ୱାଧୀନତାର ପ୍ରଥମ ବଳିଦାନ—ଯୁଦ୍ଧ ପରେ, ସୀମାନ୍ତର ପରିବର୍ତ୍ତନ । ଏହାଦ୍ୱାରା ଜର୍ମାନୀକୁ ମଡ଼ାଇ- ଦିଆଗଲା ପୂର୍ବକୁ—ରୁଷିଆଡ଼କୁ । ଏକମାତ୍ର ସର୍ତ୍ତ ହେଲା, ହେ ରୁଷ ବିରୁଦ୍ଧରେ ଲଢ଼ିବ, ଫ୍ରାନ୍‌ସ ଇଂଲଣ୍ଡ ବିରୁଦ୍ଧରେ ନୁହେଁ

ନତା ଅବିଭାଜ୍ୟ, ତା'ର ବହୁ ଗୋଷ୍ଠୀ ଏଠା'ରେ ଭାଙ୍ଗିଲେ ାଠାରେ ତାକୁ ଅଟକାଇବା ଅସମ୍ଭବ । ମ୍ୟୁନିକ୍ ଚୁକ୍ତିର ମାସ ପରେ ନାଜୀ ଜର୍ମାନୀ ଅଷ୍ଟ୍ରିୟା ଦଖଲ କଲା, ଦଶମାସ ରେ ଚେକୋସ୍ଲୋଭାକିଆର ଅନ୍ୟ ଅଞ୍ଚଳ ଦଖଲ କଲା । ଷୋହଳ ମାସ ପରେ ଏଲମିଆଁ, ମୋରାଭିଆ ପ୍ରଭୃତି ଅଧିକାର କରିଗଲା । ଚେକୋସ୍ଲୋଭାକିଆର ଅସ୍ତିତ୍ୱ ଲୋପ ହେଲା; ଏପରିକି ଶେଷରେ ସେ ଫ୍ରାନ୍ସକୁ ମଧ୍ୟ ଦଖଲ କଲା । ଫ୍ରାନ୍ସକୁ ସ୍ୱାଧୀନତା ହରାଇବାକୁ ପଡ଼ିଲା ।

ଆମେରିକାର ନେତାମାନେ ଏହି ଘୃଣ୍ୟ ମ୍ୟୁନିକ୍ ଚୁକ୍ତିକୁ ପୂର୍ଣ୍ଣ ସମର୍ଥନ କରିଥିଲେ । ଶୁଭେଚ୍ଛା ବାର୍ତ୍ତାମାନ ହିଟଲରଙ୍କ ପାଖକୁ ଆସିଲା ଆମେରିକାରୁ । ଆମେରିକାର ଅଣ୍ଡର ସେକ୍ରେଟେରୀ ସମର୍ ୱେଲର୍ ଯେଉଁ ମତ ଘୋଷଣା କରିଥିଲେ ତାହା ଅତି ପ୍ରାଞ୍ଜଳ । ସେ କହିଥିଲେ, "ପାଶ୍ଚାତ୍ୟ ଦେଶ ତଥା ଆମେରିକାର ବଡ଼ ବଡ଼ ବ୍ୟବସାୟୀ ବିଶ୍ୱାସ କରନ୍ତି ଯେ ସୋଭିଏତ୍-ଜର୍ମାନୀ ଯୁଦ୍ଧ ସେମାନଙ୍କ ସ୍ୱାର୍ଥ ପକ୍ଷରେ ଅନୁକୂଳ । ସେମାନେ ଚାହାନ୍ତି ରୁଷ ପରାସ୍ତ ହେବା ଦରକାର । ସେଥି ସହିତ କମ୍ୟୁନିଜିମ୍‌ର ଧ୍ୱଂସ ଘଟିବ । ଆଉ ତାହାଦ୍ୱାରା ଜର୍ମାନୀ ଏତେ ଦୁର୍ବଳ ହୋଇପଡ଼ିବ ଯେ ପୃଥିବୀକୁ ବିପନ୍ନ କରିବାକୁ ତା'ର ଆଉ ବଳ ନ ଥିବ ।" ବର୍ଲିନରେ ଥିବା ଆମେରିକାର ରାଷ୍ଟ୍ରଦୂତ ଜୋସେଫ୍ କେନେଡ଼ି ମଧ୍ୟ ସେହି 'ହିଟଲର-ତୋଷଣ' ମତ ଅନୁସରଣ କରୁଥିଲେ; ଜର୍ମାନୀକୁ ସବୁ ବିଷୟରେ ସନ୍ତୁଷ୍ଟ କରିବାରେ ଲାଗିଥିଲେ । ଏପରିକି ଯୁଦ୍ଧ ଲାଗିଲା ପରେ ଗୁପ୍ତ ସାମରିକ କୋଡ୍ ମଧ୍ୟ ଜର୍ମାନୀକୁ ଜଣାଇ-ଦେଇଥିଲେ । ତଦ୍ଦ୍ୱାରା, ପାଶ୍ଚାତ୍ୟ ଦେଶ ମଧ୍ୟରେ କି ମନ୍ତ୍ରଣା ହେଉଛି, ସବୁ ହିଟଲର ବୁଝି ପାରିଥିଲା । ଯୁଦ୍ଧ ଲାଗିଗଲା ଉତ୍ତାରୁ

ମଧ୍ୟ ସେ ଉଦ୍ୟମ କରୁଥିଲେ କପରି ବ୍ରିଟେନ ଓ ଜର୍ମାନୀ ମଧ୍ୟ
ଗୋଟାଏ ବୁଝାମଣା ହୋଇଯିବ, ଆଉ ଜର୍ମାନୀର ଆକ୍ରମଣ
ମୁହଁଟା ରୁଷଆଡ଼କୁ ବୁଲିଯିବ । ସମସ୍ତେ ମିଶି ରୁଷକୁ ଆକ୍ରା
କରିବେ ।

ଏ ଯୁଦ୍ଧ ଚକ୍ରାନ୍ତ ପଛରେ ଥିଲେ ସବୁଦେଶର ଏକଗୁଣ୍ଠି-
ପୁଞ୍ଜିପତିଗଣ । ଏହି ଅତି ପ୍ରତିକ୍ରିୟାଶୀଳ ଗୋଷ୍ଠୀକୁ ସେତେ-
ବେଳେ ବ୍ରିଟେନରେ କହୁଥିଲେ 'Clivenden set' । ଏମାନଙ୍କ
ଦ୍ୱାରା ବ୍ରିଟେନର ବୈଦେଶିକ ନୀତି ନିୟନ୍ତ୍ରିତ ହେଉଥିଲା । ସେମିତି
ଫ୍ରାନ୍‌ସରେ ଥିଲେ ଦୁଇଶହ ବଡ଼ ପୁଞ୍ଜିପତି ପରିବାର । ସେମାନେ
ସେ ଦେଶର ଅଧିକାଂଶ ଧନ ସମ୍ପଦର ମାଲିକ । ଆଉ ସେଠାକାର
ରାଜନୈତିକ ନେତାମାନେ ଥିଲେ ଏହି ପୁଞ୍ଜିପତି ଗୋଷ୍ଠୀର
ହାତବାରିସି ।

ଏମାନେ ଫ୍ୟାସିଷ୍ଟ ଜର୍ମାନୀକୁ ରୁଷ ବିରୁଦ୍ଧରେ ଉତ୍ସାହିତ,
ବଳିଷ୍ଠ ଓ ପ୍ରସ୍ତୁତ କରିବାରେ ଲାଗିପଡ଼ିଲେ । ଲକ୍ଷ୍ୟ ହେଲା, ଏକା
କାଣ୍ଡରେ ଦୁଇ ପକ୍ଷୀ ଶିକାର—ଯୁଦ୍ଧରେ ରୁଷ ଧ୍ୱଂସ ହେବ ଓ
ଜର୍ମାନୀ ଦୁର୍ବଳ ହେବ । ଯୁଦ୍ଧ ଭିତରେ ଲାଭ ମାରି ବଳିଷ୍ଠ ହୋଇ-
ଥିବା ଇଂଲଣ୍ଡ, ଫ୍ରାନ୍‌ସ, ଆମେରିକା ତା ଉପରେ ନିଜର
କ୍ଷମତା ଜାହିର୍ କରିଦେବେ । ପୃଥିବୀରେ ଅପ୍ରତିଦ୍ୱନ୍ଦୀ କ୍ଷମତାର
ଅଧିକାରୀ ହେବେ ।

ସୋଭିଏତ ରୁଷ, ନାଜି ଜର୍ମାନୀକୁ କବଳିତ କରିବା ଓ ଜର୍ମାନୀ
ଇଟାଲିର ଆକ୍ରମଣାତ୍ମକ କାର୍ଯ୍ୟ ବିରୁଦ୍ଧରେ ମିଳିତ ବ୍ୟବସ୍ଥା
ଗ୍ରହଣ କରିବାଲାଗି ବାରମ୍ବାର ଡାକ ଦେଇଛି; ବହୁପ୍ରକାର
ପ୍ରସ୍ତାବ ଦେଇଛି । ଫ୍ରାନ୍‌ସ ଓ ବ୍ରିଟେନ ସେ ସବୁକୁ ପ୍ରତ୍ୟାଖ୍ୟାନ

କରୁଛନ୍ତି । ଏପରିକି ନିଜେ ଯୁଦ୍ଧ ଭିତରେ ପଡ଼ିଥିଲେ ବି ତେଣେ ରୁଷ ଆକ୍ରମଣର ଯୋଜନା କରୁଛନ୍ତି । ସେସବୁର ଇତିହାସ ବର୍ଣ୍ଣନା କରିବାର ସ୍ଥଳ ଏ ନୁହେଁ । କିନ୍ତୁ ଯୁଦ୍ଧକୁ ଛାଡ଼ି ଜର୍ମାନୀର ଆଲୋଚନା ଅସମ୍ଭବ । ତା ପରେ ସାଧାରଣତଃ ଏ ସମ୍ବନ୍ଧରେ ଓଡ଼ିଆରେ ବହିର ଅଭାବ । ଏହାକୁ ନ ଜାଣିଲେ ବର୍ତ୍ତମାନ ଦୁଇ ଜର୍ମାନୀର ପାର୍ଥକ୍ୟ ଜାଣିବା ମଧ୍ୟ ସମ୍ଭବ ନୁହେଁ । ତେଣୁ ତା ଠିକେ ଠିକେ କୁହାଯାଉଛି ।

ଇତିହାସକୁ ଯିଏ ବଦଳାଇବାକୁ ବସେ, ଇତିହାସ ତା'ର ବଦଳି ନିଏ । ନାଜି ଜର୍ମାନୀ ଆଗ ରୁଷିଆକୁ ଆକ୍ରମଣ କରିନାହିଁ; ଆଗ ଆକ୍ରମଣ କରିଛି ଫ୍ରାନ୍‌ସକୁ, ଇଂଲଣ୍ଡକୁ ଓ ଆମେରିକା ସାମ୍ରାଜ୍ୟବାଦୀଙ୍କୁ, ଯେଉଁମାନେ କି ତାକୁ ବଢାଇ ଥିଲେ, ବଳିଷ୍ଠ କରିଥିଲେ । ପ୍ରଥମ ବିଶ୍ୱଯୁଦ୍ଧ ପରେ ସାମ୍ରାଜ୍ୟବାଦୀ ଜର୍ମାନୀର ଉପନିବେଶ ଓ ତା'ର ପୁଞ୍ଜିପତିଙ୍କ ବାଣିଜ୍ୟ ବ୍ୟବସାୟକୁ ଯିଏ ନିଏ ଦଖଲ କରିଥାଏ, ତେବେ ସେମାନେ ହେଲେ ଇଂଲଣ୍ଡ, ଫ୍ରାନ୍‌ସ ପ୍ରଭୃତି ସାମ୍ରାଜ୍ୟବାଦୀ ଦେଶମାନେ । "ମାନଡେଟ୍" ନାମରେ ଜର୍ମାନ୍ ଉପନିବେଶକୁ ବାଣ୍ଟି ନେଇଛନ୍ତି ସେଇମାନେ । ତା'ର ବାଣିଜ୍ୟ କରଗତ କରିଛନ୍ତି । ତେଣୁ ଜର୍ମାନୀ ସାମ୍ରାଜ୍ୟବାଦୀଙ୍କ ପକ୍ଷରେ ନିଜକୁ ବଳିଷ୍ଠ କରିବାର ରାସ୍ତା ହେଲି ନିଜର ଅପହୃତ ସମ୍ପତ୍ତି ଓ ବାଣିଜ୍ୟକୁ ପୁନର୍ଦଖଲ କରିବା; ସମସ୍ତ ୟୁରୋପ ଉପରେ ନିଜର ପୂର୍ଣ୍ଣ ଆଧିପତ୍ୟ କାଏମ କରିବା । ସେଥିଲାଗି ୟୁରୋପର କଞ୍ଚାମାଲ, କଳକାରଖାନା ଓ ଧନସମ୍ବଳକୁ ଆଗ ଗ୍ରାସ

କରିବାକୁ ପଡ଼ିବ । ରୁଷର ମୁକାବିଲା କରିବାକୁ ହେଲେ ଏ ସବୁ ଆଗ ଦରକାର । ତେଣୁ ନିଜର ପ୍ରତିଦ୍ୱନ୍ଦୀ ସାମ୍ରାଜ୍ୟବାଦୀଙ୍କ ସମ୍ପଦ ଓ ସାମ୍ରାଜ୍ୟ ଛଡ଼ାଇଆଣିବାକୁ ହେବ । କିନ୍ତୁ 'ବିନାଯୁଦ୍ଧେ ସୂଚ୍ୟଗ୍ର ପରିମିତ ଭୂମି' ଅସମ୍ଭବ ।

ଲେନିନ ଏହାର ନାଁ ଦେଇଥିଲେ ସାମ୍ରାଜ୍ୟବାଦୀ ଯୁଦ୍ଧ । ଏଥିରେ ଅନ୍ୟ ଦେଶକୁ ଶୋଷଣ କରିବା ଓ ନିଜର ସାମ୍ରାଜ୍ୟ ବିସ୍ତାର ଲାଗି ସାମ୍ରାଜ୍ୟବାଦୀମାନେ ଆପଣା ଆପଣା ଭିତରେ ଲଢ଼ନ୍ତି—ଠିକ୍ କୁକୁର କାମୁଡ଼ାକାମୁଡ଼ି ହେଲା ଭଳି । ପୁଞ୍ଜିବାଦୀ ବିକାଶର ନିୟମ ଅନୁସାରେ ପୃଥିବୀର ଧନସମ୍ପତ୍ତି ଅଳ୍ପ କେତେକ-ଠାରେ ଠୁଳ ହୋଇଯାଏ । ତେଣୁ ଅଳ୍ପ କେତେକ ସାମ୍ରାଜ୍ୟବାଦୀ ଦେଶ ପୃଥିବୀର ସବୁ ଦେଶକୁ ଦଖଲ କରିନେଇଛନ୍ତି; ପୃଥିବୀ-ଟାକୁ ଆପଣା ମଧ୍ୟରେ ଭାଗ ବାଣ୍ଟି ଶୋଷଣ କରୁଛନ୍ତି । ପୃଥିବୀ ଯେ ଅତି କ୍ଷୁଦ୍ର । ଆଉ ସ୍ଥାନ ରହୁନାହିଁ ଏମାନଙ୍କ ପ୍ରସାର ପାଇଁ । ଏମାନେ ତ ସବୁବେଳେ ଆଉବାର ଶୋଷଣ ବୃଦ୍ଧି ଚାହାନ୍ତି । ଅଧିକରୁ ଅଧିକ ଧନୀ ହେବାକୁ ସର୍ବଦା ଉଦ୍ୟମ କରନ୍ତି । ତାହାର ଏକମାତ୍ର ପନ୍ଥା ହେଲା ପୃଥିବୀର ପୁନର୍ବଣ୍ଟନ ; ଯେଉଁ-ମାନଙ୍କ ପାଖରେ ଉପନିବେଶ ଓ ବାଣିଜ୍ୟ ବଜାର ଅଛି ତାହା ତାଙ୍କଠାରୁ ଛଡ଼ାଇଆଣିବା । ତାର ଏକମାତ୍ର ପନ୍ଥା ଯୁଦ୍ଧ । ତେଣୁ ସାମ୍ରାଜ୍ୟବାଦଙ୍କ ଆଧିପତ୍ୟ ଥିଲା ପର୍ଯ୍ୟନ୍ତ ଯୁଦ୍ଧ ଅନିବାର୍ଯ୍ୟ ।

ଲେନିନଙ୍କ ସେହି ଉକ୍ତିର ସତ୍ୟତା ପୂର୍ବରୁ ପ୍ରମାଣିତ ହୋଇଥିଲା । ଏବେ ବି ପ୍ରମାଣିତ ହେଲା । ସାମ୍ରାଜ୍ୟବାଦର ସେଇ ଅନିବାର୍ଯ୍ୟ ନିୟମ ଦୁନିଆକୁ ଆଘାତ କଲା । ୧୯୩୯ ସେପ୍ଟେମ୍ବର ପହିଲାଦିନ ୧୫ ଲକ୍ଷ ନାଜି ସୈନ୍ୟ ପୋଲଣ୍ଡ ଆକ୍ରମଣ କଲେ । ଆରମ୍ଭ ହୋଇଗଲା ଦ୍ୱିତୀୟ ବିଶ୍ୱଯୁଦ୍ଧ । ଇଂଲଣ୍ଡ, ଫ୍ରାନ୍ସ,

ଆମେରିକା—ଗୋଟିକ ପରେ ଗୋଟିଏ ଏଥିରେ ଝାସ ଦେବାକୁ ଲାଗିଲେ ।

ନାଜୀ ଜର୍ମାନୀ ଗୋଟାକ ପରେ ଗୋଟାଏ ଦେଶ ଦଖଲ କରିଗଲା । ପୋଲାଣ୍ଡ ତିନି ସପ୍ତାହରେ ଅଧିକୃତ ହେଲା, ବେଲ୍‌ଜିୟମ ୧୮ ଦିନରେ ଦଖଲ ହେଲା ଏବଂ ଫ୍ରାନ୍‌ସ ଭଳି ଦେଶ ୪୪ ଦିନରେ ଆତ୍ମସମର୍ପଣ କଲା । ୟୁରୋପର ଅନ୍ୟସବୁ ଦେଶ ଜର୍ମାନୀର ତୋଫାନୀ ଆକ୍ରମଣ ବା ବ୍ଲିଜ୍‌କ୍ରିଗ ଆଗରେ ତୋଫାନରେ ଶୁଖିଲା ପତ୍ର ପରି ଝଡ଼ିପଡ଼ିବାକୁ ଲାଗିଲେ । ଏ ତୋଫାନୀ ଆକ୍ରମଣର ଲକ୍ଷ୍ୟ ହେଲା—ଅତର୍କିତଭାବେ ହଠାତ୍ ଆକ୍ରମଣ କରି ଆଗ୍ନେୟଗିରିର ପ୍ରବାହ ପରି ଅନ୍ୟ ଦେଶ ଉପରେ ମାଡ଼ିଯିବା—ଗୋଟାଏ ଗୋଟାଏ ମୁଖ୍ୟ ଜାଗାରେ ବିପୁଳ ଶକ୍ତି ଠୁଳ କରି ପ୍ରତିରୋଧକୁ ଅଟକାଇଦେବା—ତୋପ, ବିମାନ, ଟ୍ୟାଙ୍କ ଓ ଅନ୍ୟ ସମସ୍ତ ପ୍ରକାର ସୈନ୍ୟବାହିନୀକୁ ଏକ ସଙ୍ଗରେ ପ୍ରୟୋଗ କରି ଶତ୍ରୁ ସୈନ୍ୟଙ୍କୁ ଘେରରେ ପକାଇ ତାଙ୍କୁ ନିର୍ମୂଳ କରିଦେବା । ନାଜୀମାନଙ୍କର ପ୍ରଧାନ ଶକ୍ତି ହେଲା 'ପଞ୍ଚମବାହିନୀ' । ଏମାନେ ପ୍ରତ୍ୟେକ ଦେଶରେ ନିଜର ଏଜେଣ୍ଟ ବା ଖିଖିମନାଇ ଦଳ ସୃଷ୍ଟି କରିଥିଲେ । ହିଟଲର ଗର୍ବ କରି ଘୋଷଣା କରିଥିଲା, "ସବୁ ଶତ୍ରୁ ଦେଶରେ ଆମର ବନ୍ଧୁ ରହିଛନ୍ତି । ମାନସିକ ଭୟ, ବିଭ୍ରାନ୍ତି, ଅନିଶ୍ଚୟତା ଏବଂ ନିଜଭିତରେ ଦୋଦୁଲ୍ୟମାନ ଭାବର ସୃଷ୍ଟି—ଏଇ ସବୁ ହେଲା ଆମର ଅସ୍ତ୍ର । ଅଳ୍ପ କେତେ ମିନିଟ୍ ମଧ୍ୟରେ ଫ୍ରାନ୍‌ସ, ଅଷ୍ଟ୍ରିଆ, ପୋଲାଣ୍ଡ ଓ ଚେକୋସ୍ଲୋଭାକିଆର ନେତୃବର୍ଗଙ୍କୁ ହଟାଇ ଦିଆଯିବ । ଦେଶ ଏକ ସେନାପତିହୀନ ସେନାବାହିନୀରେ ପରିଣତ ହେବ । କୌଣସି ରାଜନୈତିକ ନେତା ରହିବେ ନାହିଁ ।" ତା'ମାନେ ଭୟ, ହତ୍ୟା, ଷଡ଼ଯନ୍ତ୍ର, ବିଭ୍ରାନ୍ତି ସୃଷ୍ଟି କରି

ନଜର ପଞ୍ଚମବାହିନୀଙ୍କ ସାହାଯ୍ୟରେ ଦେଶ ଦଖଲ, ଏଇ ସବୁ ହେଲା ଜର୍ମାନୀ ସାମ୍ରାଜ୍ୟବାଦୀଙ୍କ ନୌକର ନାଜୀମାନଙ୍କର ତୋପାମି ଆକ୍ରମଣର ପ୍ରଧାନ ଉପାୟ । ଏହାଦ୍ୱାରା ସାରା ୟୁରୋପ ଅଞ୍ଚଳରେ ନାଜୀ ଜର୍ମାନୀର ପଦାନତ ହେଲା । ଏବେ ଇଂଲଣ୍ଡର ସମସ୍ତ ଶିଳ୍ପ, କଳକାରଖାନା ତା'ର ଅଧିକୃତ । ଅଖଣ୍ଡ ତା'ର କ୍ଷମତା । ସମଗ୍ର ୟୁରୋପର ଶକ୍ତିସମ୍ପଦ ଲାଗିଲା ଫ୍ୟାସିଷ୍ଟମାନଙ୍କ ଯୁଦ୍ଧ ପ୍ରସ୍ତୁତିରେ । ସବୁଠାରେ ଚାଲିଲା ବ୍ୟାପକ ପ୍ରସ୍ତୁତି, ଯୁଦ୍ଧ-ସରଞ୍ଜାମ, ଗୋଳାଗୁଳିର ତିଆରି ନାଜୀମାନଙ୍କ ପାଇଁ—ରୁଷ ଆକ୍ରମଣ ଲକ୍ଷ୍ୟରେ ।

ଏ ସବୁ ସତ୍ତ୍ୱେ, ଏପରିକି ଯୁଦ୍ଧ ଚାଲିଥିଲା ବେଳେ ମଧ୍ୟ, ବ୍ରିଟେନ, ଫ୍ରାନ୍ସ ପ୍ରଭୃତି ସାମ୍ରାଜ୍ୟବାଦୀଙ୍କ ଉଦ୍ୟମ ଚାଲିଥାଏ କିପରି ସେମାନେ ରୁଷ ବିରୁଦ୍ଧରେ ଜର୍ମାନୀକୁ ଲଗାଇଦେବେ । ସେମାନେ ହିଟଲରକୁ କଥା ଦେଇଥିଲେ—ପୋଲଣ୍ଡ ଆକ୍ରମଣ କଲେ ମଧ୍ୟ ତା ବିରୁଦ୍ଧରେ ସେମାନେ ପ୍ରକୃତରେ ଯୁଦ୍ଧ କରିବେ ନାହିଁ । ଲୋକମତକୁ ସନ୍ତୁଷ୍ଟ କରିବା ଲାଗି କେବଳ ଯୁଦ୍ଧ ଘୋଷଣା କରି ରହିଯିବେ । ବାସ୍ତବିକ ସେମାନେ ତାହାହିଁ କରିଛନ୍ତି । ଜର୍ମାନୀ ପୋଲଣ୍ଡ ଆକ୍ରମଣ କଲାବେଳେ ସେମାନେ ଜର୍ମାନୀକୁ ପଛରୁ ଆକ୍ରମଣ ନ କରି କେବଳ ବସିରହିଛନ୍ତି । ସେତେବେଳେ ବ୍ରିଟେନ ଓ ଫ୍ରାନ୍ସର ଏ ଯୁଦ୍ଧକୁ କୁହାଯାଉଥିଲା Phoney war ବା 'ନକଲି ଯୁଦ୍ଧ' । ବ୍ରିଟେନର ନେତାମାନେ ତାଙ୍କ ଲୋକଙ୍କୁ ମଧ୍ୟ ଠକୁଥିଲେ । ପ୍ରଥମ ଅବସ୍ଥାରେ ପ୍ରଚାର କରୁଥିଲେ ଯେ ଜର୍ମାନୀର ବିମାନବାହିନୀ ଖୁବ୍ ବଳୁଆ, ଆମେ ତାକୁ ପାରିବା ନାହିଁ । ଏବେ ପ୍ରକାଶ ପାଉଛି ଯେ ଜର୍ମାନ ବିମାନବାହିନୀର ଶକ୍ତିକୁ ବେଶୀକରି ଦେଖାଇବାକୁ ନିର୍ଦ୍ଦେଶ ଦେଇଥିଲେ ଖୋଦ ବ୍ରିଟେନର

ପ୍ରଧାନମନ୍ତ୍ରୀ । ଏପରିକି କେତେକ ବିଳାତ କୂଟନୀତିଜ୍ଞ ନାଜୀଙ୍କର ଦଲାଲ ବା ଏଜେଣ୍ଟ ଭଳି କାର୍ଯ୍ୟ କରୁଥିଲେ । ସେତେବେଳେ ହୋଟେଲରେ ଥିବା ଜର୍ମାନୀର ରାଷ୍ଟ୍ରଦୂତ ହାସେଲ୍ ହିଟଲରର ବିରୋଧୀ । ସେ ବର୍ଲିନରେ ବ୍ରିଟିଶ ରାଷ୍ଟ୍ରଦୂତ ହଣ୍ଡରସନ୍‌ଙ୍କୁ ସମସ୍ତ ଗୁପ୍ତ ସମ୍ବାଦ, ଜର୍ମାନୀ କେବେ, କେଉଁଠି, କେତେ ସୈନ୍ୟ ନେଇ ଆକ୍ରମଣ କରିବ ତାହା ଆଗରୁ ଜଣାଇଦେଇଥିଲେ । ଉଦ୍ଦେଶ୍ୟ, ବିଳାତ ତା'ର ସୁଯୋଗ ନେଉ । ହଣ୍ଡରସନ ସେ ଗୁପ୍ତ ସମ୍ବାଦକୁ ଗୋଟାଏ ଦିନରେ ତିନଥର ଖୋଲା ଫୋନରେ ପ୍ରକାଶ କରି-ଦେଇଥିଲେ । ସେ ଭଲକରି ଜାଣନ୍ତି, ଫୋନ କଥାବାର୍ତ୍ତା ଜର୍ମାନୀ ଗୁଇନ୍ଦାମାନେ ଧରନ୍ତି । ଫଳ ହେଲା, ହିଟଲର କେବଳ ସତର୍କ ହୋଇଗଲା ନାହିଁ, ତା'ର ବିରୋଧୀ ହାସେଲଙ୍କୁ ଫାଶୀରେ ଝୁଲାଇ ଦେଲା ।

ଏଇ 'ନକଲି ଯୁଦ୍ଧ' ଚାଲିଥିଲାବେଳେ ତେଣେ ଫ୍ରାନ୍ସ ଓ ବିଳାତ ନିଜେ ଲାଗିଥିଲେ କିପରି ରୁଷ ବିରୁଦ୍ଧରେ ଯୁଦ୍ଧ କରିବେ । ସେଥିପାଇଁ ତୁର୍କୀକୁ ମଡାଉଥିଲେ । ସେଠାକୁ ବହୁ ଟଙ୍କା, ଯୁଦ୍ଧ ସରଞ୍ଜାମ ପଠାଇଲେ । ଏଣେ ଉତ୍ତରରେ ଫିନ୍‌ଲ୍ୟାଣ୍ଡ ମଧ୍ୟ ରୁଷ ବିରୁଦ୍ଧରେ ସାହାଯ୍ୟ ଦେବାରେ ଲାଗିଥିଲା । ଆମେରିକା ମଧ୍ୟ ଫିନଲ୍ୟାଣ୍ଡକୁ ଋଣ ଯୋଗାଇଦେଲା । ଅନ୍ୟ ସାମ୍ରାଜ୍ୟବାଦୀ ଦେଶମାନେ ୭୦୦ ବିମାନ, ୧୫ ଶହ ତୋପ ଓ ଅନ୍ୟାନ୍ୟ ଜିନିଷ ଯୋଗାଇଦେଲେ । ଚେଷ୍ଟା କରୁଥିଲେ ଯେମିତି ସେଠାକୁ ନିଜ ସୈନ୍ୟ ପଠାଇବେ । ପୁଣି ଉଦ୍ୟମ କରୁଥିଲେ ରୁଷର ବାକୁ ତୈଳକେନ୍ଦ୍ର ଉପରେ ବୋମା ବର୍ଷଣ କରିବେ । କୁଆଡ଼ୁ, କେଉଁ ବାଟରେ ରୁଷକୁ ଆକ୍ରମଣ କରିବେ ଏଇ ଥିଲା ତାଙ୍କର ଉଦ୍ଦେଶ୍ୟ । ଏଣେ ନାଜୀ ଜର୍ମାନୀ ତାଙ୍କ ବିରୁଦ୍ଧରେ ସୈନ୍ୟଚାଳନା କରୁଛି ।

ସେଥିପ୍ରତି ତାଙ୍କର ଭ୍ରୂକ୍ଷେପ ବା ଖାତିର ନାହିଁ । ତାଙ୍କର ଏକ ମାତ୍ର ଲକ୍ଷ୍ୟ ରୁଷରେ ଧ୍ୱଂସ । ଏ ଧନିକଶ୍ରେଣୀ ସରକାରମାନେ ଦେଶସ୍ୱାର୍ଥଠାରୁ ନିଜ ଧନିକଶ୍ରେଣୀ ସ୍ୱାର୍ଥକୁ ସବୁବେଳେ ବଡ଼କ ଦେଖନ୍ତି । ଏହାର ଅନ୍ୟ ଏକ ଦୃଷ୍ଟାନ୍ତ ଖୋଦ ପୋଲଣ୍ଡ ପୋଲଣ୍ଡକୁ ଜର୍ମାନୀ ଆକ୍ରମଣ କରୁଛି । ରୁଷ ତାକୁ ସାହାଯ ଦେବାକୁ, ତା ଲାଗି ଜର୍ମାନୀ ବିରୁଦ୍ଧରେ ଲଢ଼ିବାକୁ ପ୍ରସ୍ତୁତ; କି ଲାଲ ସେନାବାହିନୀଙ୍କୁ ନିଜ ଦେଶ ଭିତର ଦେଇ ଜର୍ମାନୀ ବିରୁଦ୍ଧରେ ରଣକ୍ଷେତ୍ରକୁ ବାଟ ଛାଡ଼ିଦେବାପାଇଁ ପୋଲଣ୍ଡ ପ୍ରସ୍ତୁତ ନୁହେଁ । ପୋଲଣ୍ଡର ଜଣେ ସ୍ମିଗଲ୍‌ଁ ପ୍ରତିନିଧି ବାର୍ତ୍ତାରେ କହିଥିଲେ, "ଜର୍ମାନୀ ହେଲେ ଆମେ ଆମର ସ୍ୱାଧୀନତା ହରାଇବୁଁ । ରୁଷିଆ ହେଲେ ଆମେ ଆମର ଆତ୍ମା ହରାଇ ବସିବୁଁ ।" ଏଇ ହେଲା ଧନିକ-ଶ୍ରେଣୀର ଦେଶପ୍ରେମ—ଦେଶର ଆତ୍ମାଠାରୁ ତାଙ୍କର ଆତ୍ମା ଅଧିକ

ଶେଷରେ ଫ୍ରାନ୍ସର ପତନ ଘଟିଲା ୧୯୪୦ ଗ୍ରୀଷ୍ମକାଳରେ । ଏବେ ନାଜୀ ଜର୍ମାନୀର ଦୃଷ୍ଟି ଫେରିଲା ପୂର୍ବ ଦିଗକୁ । ବର୍ତ୍ତମାନ ଫ୍ରାନ୍ସ ପଦାନତ, ଇଂଲଣ୍ଡ ସମଗ୍ର ଇଉରୋପରୁ ବିତାଡ଼ିତ । ନାଜୀ ସୈନ୍ୟବାହିନୀ ବେଲଜିଅମର ସୈନ୍ୟମାନଙ୍କୁ ଡନକାର୍କଠାରେ ଘେରରେ ପକାଇଦେଲା, ଆଉ ଖସିବାର ବାଟ ନାହିଁ, ପଛରେ ସମୁଦ୍ର, ଆଗରେ ନାଜୀବାହିନୀ । ସେହି ସଂଗ୍ରାମ ଭିତରେ ବ୍ରିଟେନ ୩ ଲକ୍ଷ ୩୮ ହଜାର ସୈନ୍ୟଙ୍କୁ ଉଦ୍ଧାର କରିପାରିଥିଲା । ଯୁଦ୍ଧ ଭିତରେ ସେମାନେ ଇଂଲିଶ ପ୍ରଣାଳୀ ପାରହୋଇ ଖସି ପଳାଇ-ଆସିଥିଲେ । ଏହି ପଳାୟନର କୃତିତ୍ୱ ଲାଗି ଇଂରେଜ ସେନାପତିଙ୍କୁ ଖୁବ ବାହାଦୁରି ଦିଆଯାଏ; କିନ୍ତୁ ଏବେ ବି ରହସ୍ୟାବୃତ ପ୍ରକୃତ ଘଟଣା । ଜର୍ମାନୀ ସେନାପତି ବେଲଇଷ୍ଟଙ୍କ ପାଞ୍ଜରବାହିନୀ ମାଡ଼ି-ଆସି ବ୍ରିଟିଶ ସୈନ୍ୟଙ୍କୁ ଧ୍ୱଂସ କରିବାରେ ଲାଗିଥିଲା; କିନ୍ତୁ ଠିକ୍

ଯୁଦ୍ଧକାବେଳେ ହିଟଲରର ଆଦେଶ ହେଲ, 'ଆକ୍ରମଣ, ବନ୍ଦ-
ର' । ଏହା ହେଉଛି ମଇ ୨୪ ତାରିଖ ୧୯୪୦ର ଘଟଣା । ତା
ହୋଇଥିଲେ ୩ ଲକ୍ଷ ବ୍ରିଟିଶ ସୈନ୍ୟ ସମ୍ପୂର୍ଣ୍ଣ ଧ୍ୱଂସ ପାଇଯାଇ
ଥାଆନ୍ତେ । ଜୁନ ୪ ତାରିଖ ପର୍ଯ୍ୟନ୍ତ ଜର୍ମାନୀ ସୈନ୍ୟଙ୍କ ଆକ୍ରମଣ
ସ୍ଥଗିତ ହୋଇଗଲା । ଫଳରେ ୩ ଲକ୍ଷ ବ୍ରିଟିଶ ସୈନ୍ୟ ସମୁଦ୍ର
ଡେଇଁ ଜୀବନ ଧରି ପଳାଇ ଆସିପାରିଲେ ।

ହିଟଲର ବ୍ରିଟିଶ ସୈନ୍ୟବାହିନୀକୁ ଧ୍ୱଂସ ନ କରି ଛାଡ଼ି-
ଦେଲା କାହିଁକି ? ବଡ଼ ରହସ୍ୟପୂର୍ଣ୍ଣ ! ବହୁ କାରଣ ଦର୍ଶାଯାଇଛି ।
ସେଥିଭିତରୁ ଗୋଟିଏ ହେଲା, ହିଟଲର ଚାହୁଁଥିଲା ବ୍ରିଟିଶ ସୈନ୍ୟ
ବଞ୍ଚିରହନ୍ତୁ, ସେମାନେ ରୁଷ ବିରୁଦ୍ଧରେ କାମରେ ଲାଗିବେ ।
ରୁଷ ବିରୋଧରେ ଲଢ଼ିବା ଲାଗି ବ୍ରିଟେନ ସହିତ କୌଣସି ପ୍ରକାରେ
ମେଳସ କରିନେବା ଥିଲା ହିଟଲରର ଇଚ୍ଛା । କାରଣ ସେ ଏବେ
ଯୁଦ୍ଧରେ ବିଜେତା । ସମସ୍ତେ ତା'ର ପଦାନତ । ଏବେ ସବୁ
ଦେଶରୁ ସବୁ ବିଷୟରେ ରୁଷବିରୋଧୀ ଅଭିଯାନରେ ସେ ହେବ
ପ୍ରଧାନ କର୍ତ୍ତା । ଯୁଦ୍ଧ ହେଲେ ହିଟଲରର ନିର୍ଦ୍ଦେଶରେ,
ନେତୃତ୍ୱରେହିଁ ହେବ,—ବ୍ରିଟେନ ନେତୃତ୍ୱରେ ନୁହେଁ; ତେଣୁ
ବ୍ରିଟେନ ସୈନ୍ୟ ଲାଗି ପଳାୟନର ବାଟ ସେ ଖୋଲିଦେଇଥିଲା,
ତାଙ୍କୁ ପୁଣି ରୁଷ ବିରୋଧରେ ପ୍ରୟୋଗ କରାଯାଇପାରେ । ଏହା
ପରେ ଜର୍ମାନୀ ଇଂଲଣ୍ଡ ଉପରେ ବୋମା ବର୍ଷଣ କରିଛି; ଇଂଲଣ୍ଡର
ପ୍ରଣାଳୀ ପାରିହେବାପାଇଁ 'ସି ଲାଇଅନ' ଯୋଜନା ତିଆରି
କରିଛି; କିନ୍ତୁ ଉକ୍ତ ଯୋଜନାକୁ କେବେହେଲେ ପ୍ରକୃତରେ
କାର୍ଯ୍ୟକାରୀ କରିବାକୁ ଚେଷ୍ଟା କରିନାହିଁ । ସେ ଦିଗରେ କୌଣସି
ଯୋଗାଡ଼ ବା ଆୟୋଜନ ସୁଦ୍ଧା ହୋଇନାହିଁ । ଜର୍ମାନୀ ଇଂଲଣ୍ଡ
ଉପରେ ୬୫ଥର ବୋମା ବର୍ଷଣ କରିଛି । କେବେ କେବେ ୮୦୦

ପର୍ଯ୍ୟନ୍ତ ବିମାନ ଏକ ସମୟରେ ଆକ୍ରମଣ ଚଳାଇଛନ୍ତି; କିନ୍ତୁ
ସମୁଦ୍ର ଡେଇଁବାର ବ୍ୟବସ୍ଥା ନାହିଁ । ଗୋଟାଏ ମତରେ ଏ ସବୁର
ଉଦ୍ଦେଶ୍ୟ ହେଲା ଇଂଲଣ୍ଡ ଉପରେ ଚାପ ପକାଇ ତାକୁ ଯୁଦ୍ଧରୁ
ଖସାଇଦେବା । ସେ ଯେପରି ଯୁଦ୍ଧରୁ ଓହରିଆସେ, ରୁଷ
ବିରୁଦ୍ଧରେ ଜର୍ମାନୀ ପାଖରେ ଠିଆ ହୁଏ, ଆଉ ହିଟଲରକୁ ପୂର୍ବ ଓ
ପଶ୍ଚିମ ଆଗ ଓ ପଛ ଦୁଇଦିଗରେ ଦୁଇ ରଣକ୍ଷେତ୍ରରେ ଯୁଦ୍ଧ
କରିବାକୁ ନ ପଡ଼େ । ତା ହୋଇପାରିଲା ନାହିଁ—ଏଥିପାଇଁ
ହିଟଲର ନିଜର ବିଶ୍ୱସ୍ତ ଲୋକ 'ହେସ୍'କୁ ମଧ୍ୟ ବିଲାତ
ପଠାଇଥିଲା । ଥରେ ଯୁଦ୍ଧର ନିଆଁ ଜଳିଉଠିଲେ ତାକୁ ଆୟତ୍ତ
କରିବା କଷ୍ଟକର । କେଉଁ ଆଡ଼କୁ ବ୍ୟାପିଯିବ, କାହାକୁ ଗ୍ରାସ
କରିବ କହିବା କଷ୍ଟକର । ଯିଏ ନିଆଁ ଲଗାଇଥାଏ ଶେଷରେ
ସେ ମଧ୍ୟ ସେଇ ଅଗ୍ନିର ଇନ୍ଧନ ହୁଏ । ତାହା ହୋଇଛି
ଇଂଲଣ୍ଡ ଫ୍ରାନ୍ସ ଓ ଆମେରିକାର ଦଶା ।

× × ×

୧୯୪୧ ଜୁନମାସ ୨୨ ତାରିଖ ଅର୍ଦ୍ଧରାତ୍ରି, ସମସ୍ତ ଧରଣୀ
ସୁପ୍ତ । ସମସ୍ତେ ଭୁଲି ଯାଇଛନ୍ତି ସଂସାରକୁ କିଛିସମୟ ପାଇଁ । ଏ
ସମୟଟି ହିଁ ମଣିଷର ଦୁର୍ବଳ ମୁହୂର୍ତ୍ତ । ଏହାରି ସୁଯୋଗ ନିଅନ୍ତି
ଚୋର, ଡାକୁ, ତସ୍କରଗଣ,—ଏବଂ ନେଇଛି ନାଜୀ ଜର୍ମାନୀ, ଠିକ
ରାତ୍ର ସାଢ଼େ ତିନିଟାବେଳେ ଜଳ ସ୍ଥଳ ଆକାଶ ଆଚ୍ଛନ୍ନ କରି ଚତୁ-
ର୍ଦ୍ଦିଗରୁମାଡ଼ି ଆସିଛନ୍ତି ନାଜୀ ସେନାବାହିନୀ । ରୁଷ ବିରୁଦ୍ଧରେ
ତୋଫାନୀ ଆକ୍ରମଣ, ବଲ୍ଟିକ ସାଗର ତଟଠାରୁ କୃଷ୍ଣସାଗରର
କୂଳପର୍ଯ୍ୟନ୍ତ ସୁଦୀର୍ଘ ସୀମାନ୍ତରେ ଜଳି ଉଠିଛି ଯୁଦ୍ଧର ଅଗ୍ନି ।
କି ବ୍ୟାପକ, କି ଭୟାନକ ସେ ନିଆଁ ! ତା ନିର୍ବାପିତ ହେବା

ଆଗରୁ କେତେ ଲୋକର, କେତେ ସହର, ନଗର, ପୁରପଲ୍ଲୀ ସେ ଗ୍ରାସ କରିବ ! ଏମିତି ଥରେ ଯୁଦ୍ଧ ଲାଗିଥିଲା ପୁରାଣ ଯୁଗରେ କୁରୁକ୍ଷେତ୍ରରେ । ଏ ତା'ର ଦ୍ୱିତୀୟ ସଂସ୍କରଣ । ତା ଥିଲା ମାତ୍ର ୧୮ ଦିନର, କେବଳ ଗୋଟିଏ ସ୍ଥାନରେ ସୀମାବଦ୍ଧ; କିନ୍ତୁ ଏହା ଚାଲିଛି ୪ ବର୍ଷଧରି, ତା ପୁଣି ସାରା ବିଶ୍ୱବ୍ୟାପୀ । ସେଥିରେ ଯୁଦ୍ଧର ପ୍ରତ୍ୟେକଟି ନିୟମ ପାଳିତ ହୋଇଥିଲା, ଏଠାରେ କୌଣସି ରୀତି ନିୟମ ନାହିଁ । ଅତି ବୀଭତ୍ସ ଏ ଯୁଦ୍ଧ, କୌଣସି ପୁରାଣ ଇତିହାସରେ ଏହାର ଦୃଷ୍ଟାନ୍ତର ନାହିଁ ।

ପ୍ରଥମ ଦଫାରେ ଆସିଛନ୍ତି ୨୦ ଲକ୍ଷ ଜର୍ମାନୀ ସୈନ୍ୟ, ୩ଲକ୍ଷ ଘୋଡ଼ା; ତାଙ୍କ ଯୋଗାଣରେ ଲାଗିରହିଛି ୫ ଲକ୍ଷ ଟ୍ରକ ଆଉ ୯୭୦୦ଟା ରେଲଗାଡ଼ି । ହେଲେ ମଧ୍ୟ ଏ ସବୁ କେବଳ ୨୦ ଦିନର ସରଞ୍ଜାମ ମାତ୍ର । ଏହା ଏକ ସାଧାରଣ ଯୁଦ୍ଧ ନୁହେଁ, ଇଂଲଣ୍ଡ ଫ୍ରାନ୍ସ ବିରୁଦ୍ଧରେ ଆକ୍ରମଣ ଭଳି ଆକ୍ରମଣ ନୁହେଁ । ଏହା ଗୋଟାଏ ଆଦର୍ଶ ବିରୁଦ୍ଧରେ ସଂଗ୍ରାମ; ନାଜୀବାଦର ସମାଜବାଦ ବିରୁଦ୍ଧରେ ସଂଗ୍ରାମ—ସେ ସମାଜବାଦ ଆଦର୍ଶକୁ ଉନ୍ନୀତ ଓ ପ୍ରତିପାଦିତ କରୁଥିବା ଦେଶ ବିରୁଦ୍ଧରେ ସଂଗ୍ରାମ । ଏହା ନାଜୀ ମତରେ ନିକୃଷ୍ଟ ଜାତିମାନଙ୍କ ବିରୁଦ୍ଧରେ ସଂଗ୍ରାମ—ଜର୍ମାନ ଜାତି ଛଡ଼ା ଯେଉଁମାନଙ୍କର କି ଜୀଇ ରହିବାର ଅଧିକାର ନାହିଁ । ଭୂପୃଷ୍ଠରେ, ନାଜୀ ଜର୍ମାନୀ ଲୋଡ଼େ Lebensraum ବା ବସବାସ କରିବାପାଇଁ ସ୍ଥାନ । ଅତଏବ ସମାଜବାଦକୁ ଲୋପ ଓ ନିକୃଷ୍ଟ ଜାତିକୁ ପୃଥିବୀବକ୍ଷରୁ ନିଶ୍ଚିହ୍ନ କରିବାକୁ ହେଲେ ଏବଂ ନିଜ ଜର୍ମାନ ଜାତି ପାଇଁ ସ୍ଥାନ କରିବାକୁ ପଡ଼ିଲେ, ରୁଷକୁ ପ୍ରଥମେ ଶ୍ମଶାନରେ ପରିଣତ କରିବାକୁ ହେବ । ତାକୁ ଜନମାନବଶୂନ୍ୟ କରିଦେବାକୁ ହେବ । ଅତଏବ ରୁଷକୁ କେବଳ ପରାସ୍ତ କରିବା

ଜର୍ମାନୀର ଲକ୍ଷ୍ୟ ନୁହେଁ, ତାକୁ ସମୂଳେ ଧ୍ୱଂସ—ପୂର୍ଣ୍ଣପୂର
ଶ୍ମଶାନରେ ପରିଣତ କରିଦେବା ତା'ର ଉଦ୍ଦେଶ୍ୟ । ସେହି
ଅନୁଯାରେ ଗଢ଼ାଯାଇଥିଲା ତା'ର ଯୋଜନା—ନିର୍ମମ ଗଣ-
ହତ୍ୟାର ଯୋଜନା ।

ଫ୍ରାନ୍ସ ଆତ୍ମସମର୍ପଣ କଲାର ୩୦ ଦିନଠି (ଜୁନ ୩୦, ୧୯୪୦)
ଆରମ୍ଭ ହୋଇଛି ରୁଷ ଆକ୍ରମଣର ଯୋଜନା । ଡିସେମ୍ବର ୫
ତାରିଖରେ ତାହା ଆଲୋଚିତ ଓ ଅନୁମୋଦିତ ହୋଇଛି
ହିଟଲରଙ୍କ ଦ୍ୱାରା । ତା କଲାବେଳେ ହିଟଲର ନେପୋଲିଅନଙ୍କୁ
ମନେପକାଇ କହିଥିଲେ, "ମୁଁ ନେପୋଲିଅନଙ୍କ ଭଳି ଭୁଲ କରିବ
ନାହିଁ । ଯଥେଷ୍ଟ ଆଗରୁ ମସ୍କୋ ଅଭିଯାନ ଆରମ୍ଭ କରିବି ଯେପରି
ଶୀତଋତୁ ପୂର୍ବରୁ ସେଠି ପହଞ୍ଚି ଯାଇଥିବ ।" (I will not
make same mistake as Napoleon when I march
on Moscow. I will start early enough so as to
reach it before winter.) ନେପୋଲିଅନ ଅନ୍ତତଃ
ମସ୍କୋରେ ପାଦ ଦେଇଥିଲେ । ହିଟଲରଙ୍କ ପକ୍ଷରେ ତାହା ବି
ସମ୍ଭବ ହେଲା ନାହିଁ । ଜର୍ମାନମାନେ ମସ୍କୋରେ ପହଞ୍ଚିଲେ;
ବିଜେତାଭାବେ ନୁହେଁ, ଯୁଦ୍ଧବନ୍ଦୀ ଭାବରେ ।

ଏବେ ନାଜି ସେନାପତିମାନଙ୍କ ପ୍ରତି ନିର୍ଦ୍ଦେଶ ହୋଇଛି,
ଶୀତ ଋତୁରେ ଯୁଦ୍ଧ ଶେଷ ହେଲା ପୂର୍ବରୁ ତୋଫାନ ଆକ୍ରମଣ
ଦ୍ୱାରା ରୁଷକୁ କାବୁ କରିଦେବାକୁ ହେବ । ରୁଷସୈନ୍ୟଙ୍କୁ ପଛଘୁଞ୍ଚା
ଦେବାକୁ ସୁଯୋଗ ଦିଆହେବ ନାହିଁ । ସମସ୍ତଙ୍କୁ ଧ୍ୱଂସ କରିଦେବାକୁ
ହେବ । ହିଟଲରଙ୍କ ଆଦେଶ ଥିଲା ରୁଷସୈନ୍ୟଙ୍କୁ କେବଳ ଧ୍ୱଂସ
କରିବା ବା ମସ୍କୋ, ଲେନିନଗ୍ରାଡ୍, କକେସସ୍ ଦଖଲ କରିବା

ଥେଷ୍ଟ ନୁହେଁ; "ପୃଥିବୀବକ୍ଷରୁ ସେ ଦେଶକୁ ପୋଛିଦେବୁ । ାକୁ ସମୂଳେ ଧ୍ୱଂସ ଓ ନିଶ୍ଚିହ୍ନ କରିଦେବୁ ।"

ଏହାର ଏକମାତ୍ର ଅର୍ଥ, ରୁଷର ସାଧାରଣ ଲୋକ, ଆବାଳ-ାଦ୍ଧବନିତାଙ୍କର ହତ୍ୟା; ସମସ୍ତ ଅଞ୍ଚଳକୁ ଜନମାନବ ଶୂନ୍ୟ ୍ମଶାନରେ ପରିଣତ କରିବା । ରୁଷ ଆକ୍ରମଣର ବହୁପୂର୍ବରୁ ଏଥିର ଯାଜନା ହୋଇସାରିଥିଲା । ଏହାର ନାମ ଥିଲା "ବାର-ାରୋସା ଯୋଜନା" (Barbarossa Plan) । ଏହା ଉପରେ ାରିଖ ପଡ଼ିଛି ୧୯୪୧ ମଇ ୧୩ । ଏ ସମ୍ପର୍କରେ ନାଜୀ ସେନାପତିଙ୍କୁ ିଟଲରଙ୍କ ନିର୍ଦ୍ଦେଶ ଥିଲା—'ଲୋକମାନଙ୍କ ପ୍ରତି ନିର୍ଦ୍ଦୟ ନିର୍ମମ ହବ । ଗିରଫ କରି କାହାରିକୁ ବଞ୍ଚାଇରଖିବ ନାହିଁ । ସଙ୍ଗେ ାଙ୍ଗେ ଗୁଳି କରିଦେବ । ଜର୍ମାନ ସୈନ୍ୟମାନେ ତାଙ୍କ ମନଇଚ୍ଛା ଯେତେ ଲୁଣ୍ଠନ ଅତ୍ୟାଚାର କରିପାରନ୍ତି ସେ ସବୁ ଧର୍ତ୍ତବ୍ୟ ହେବ ନାହିଁ ।

ଏଇ ନିର୍ଦ୍ଦେଶ ଅକ୍ଷରେ ଅକ୍ଷରେ କାର୍ଯ୍ୟରେ ପରିଣତ ହୋଇଛି । ତାହା ଏପରି ବ୍ୟାପକ ଯେ ତାକୁ ଅସ୍ୱୀକାର କରିବା ବା ଢେଙ୍କାଇଦେବା ମଣିଷର ସାଧ୍ୟାତୀତ । ଏ ସଂପର୍କରେ ଶହ ଶହ ଦଲିଲ, ଚିଠିପତ୍ର, ନିର୍ଦ୍ଦେଶନାମା ଯୁଦ୍ଧ ଅପରାଧୀଙ୍କ ବିଚାରବେଳେ ଉପସ୍ଥାପିତ ହୋଇଥିଲା । ଏହି ଅକାଟ୍ୟ ପ୍ରମାଣରେ ଭରିଯାଇ-ଥିଲା ନୂରମ୍ବର୍ଗ ବିଚାରାଳୟ । ଯେଉଁମାନେ ଏହା ଆଖିରେ ଦେଖିଛନ୍ତି, ଅଙ୍ଗରେ ଭୋଗିଛନ୍ତି, ସେମାନେ ବି ଉପସ୍ଥିତ । ଆଉ ଯେଉଁମାନେ ତାହା କାର୍ଯ୍ୟରେ କରିଥିଲେ, ଏଥିଲାଗି ଆଦେଶ ଦେଇଥିଲେ ସେମାନେ ମଧ୍ୟ ତାହା ସ୍ୱୀକାର କରିଛନ୍ତି । ହିଟଲରଙ୍କ ନିର୍ଦ୍ଦେଶ ଥିଲା—"ଜନଶୂନ୍ୟ କରିବା ଢଙ୍ଗରେ ଆମକୁ ଉପାୟ ଉଦ୍ଭାବନ କରିବାକୁ ହେବ । ତୁମେ ପ୍ରଶ୍ନ କରିପାର, ଏହାର ଅର୍ଥ

କ'ଣ ? ନିକୃଷ୍ଟ ଜାତିମାନଙ୍କୁ ନିର୍ମୂଳ କରିଦେବା ହେଲା ଉଦ୍ଦେଶ୍ୟ ଆମେ ଯୁଦ୍ଧରେ ଜର୍ମାନୀ ଜାତିର ଫୁଲକୁ ନିକ୍ଷେପ କରୁଥିଲା ବେଳେ ହୀନ ନିକୃଷ୍ଟ ଜାତିର ଲୋକେ କୀଟପତଙ୍ଗ ଭଳି ବଂଶ ବୃଦ୍ଧି କରୁଥିବେ ! ବିନାଦ୍ୱିଧାରେ ନିଶ୍ଚିନ୍ତଭାବେ ତାଙ୍କୁ ସମୂଳେ ଧ୍ୱଂସ କରିଦିଅ ।"

ଏହାର ସହଜ ଅର୍ଥ—ନିର୍ବିଚାର ଗଣହତ୍ୟା । ଏଥିଲାଗି ଜର୍ମାନୀ ଅଧିକୃତ ଅଞ୍ଚଳରେ ଖୋଲିଗଲା ହତ୍ୟାର କାରଖାନା । କାରଣ ଜର୍ମାନୀ ଜାତି ଛଡ଼ା ଅନ୍ୟ କୌଣସି ଜାତିର ବଞ୍ଚିବାର ଅଧିକାର ନାହିଁ । ମଣିଷକୁ ମାରିବାପାଇଁ ବିଷ-ବାଷ୍ପ ଗୃହ, ବିଷ-ବାଷ୍ପ ମଟରକାର, ମଣିଷପୋଡ଼ା ଚୁଲ୍ଲୀ, କବର ଦେବାଲାଗି ବିରାଟ ବିରାଟ ଖଣି ଏପରି ବହୁ ଉପାୟ ଉଦ୍ଭାବନ ହେଲା । ଗୁଳି ବା ଫାଶୀ—ଏ ତ ଅତି ସାଧାରଣିଆ କଥା । ଏହାଛଡ଼ା ଲୋକେ ଯେପରି ଭୋକ, ଅନାହାର, ମହାମାରୀରେ ପୋକମାଛି ପରି ମରନ୍ତି ତା'ର ମଧ୍ୟ ଯୋଜନା ଓ ଉପାୟମାନ ତିଆରି ହେଲା ।

ସାରା ୟୁରୋପରେ ଖୋଲିଗଲା ନାଜୀମାନଙ୍କର ଏ ହତ୍ୟାର କାରଖାନା । ତାହା ଠିକ୍ ଶିଳ୍ପକାରଖାନା ଭଳି କାମ କରିବାକୁ ଲାଗିଲା । ଏମାନଙ୍କ ସଂଖ୍ୟା ୩ ହଜାରରୁ ଊର୍ଦ୍ଧ୍ୱ ହେବ । ଛୋଟ ଛୋଟ କାରଖାନା ରହିଛି ଯେଉଁଠି ଅଳ୍ପ ଲୋକେ କାମ କରୁଥିଲେ ସେଠି ଅଳ୍ପ ଲୋକଙ୍କୁ ମରା ହେଉଥିଲା । ବୁକେନୱାଲ୍ଡ, ଓସଉଇସିମ୍ ମାଥାଉସେନ (Buc'Chen wald, Os wiscim, Mautha-rsen ) ଭଳି ନରହତ୍ୟାର ବିରାଟ କାରଖାନାମାନ ଖୋଲିଥିଲା । ତାହା ଆଧୁନିକ ଯନ୍ତ୍ରପାତିରେ ସଜ୍ଜିତ, ବିଦ୍ୟୁତ୍‌ଶକ୍ତିରେ ଚାଳିତ, ରସାୟନିକ ଉପାୟରେ ପରୀକ୍ଷିତ । ସବୁ କାରଖାନା ଭଳି ସେଠାରେ କୌଣସି ପଦାର୍ଥର ନଷ୍ଟ ନାହିଁ । ଜିନିଷ ଛେଦାରେ

ନାନାପ୍ରକାର ବାଇପ୍ରଡକ୍ଟ ତିଆରି ହୁଏ । ଏଠି ମଧ୍ୟ ତା'ର ବ୍ୟତିକ୍ରମ ନାହିଁ । ମଣିଷଙ୍କୁ ମାରିଦେଲା ପରେ କେତେଠି କନ୍-ଭେୟର ବେଲ୍ଟ ସାହାଯ୍ୟରେ କୁଢ଼ କୁଢ଼ ଶବଙ୍କୁ ଟାଣି ନଆହୁଏ । ମେସିନ ସାହାଯ୍ୟରେ ତାଙ୍କୁ ଖଣ୍ଡ ଖଣ୍ଡ କରି କାଟିଦିଆଯାଏ । ମାଂସ ହାଡ଼କୁ ଅଲଗା କରାଯାଏ । ହାଡ଼କୁ ମେସିନରେ ଚୂର ତାକୁ କରାଯାଏ ସାର, ପିଡ଼ିଆ ।

ହତ୍ୟାର କାରଖାନାରୁ ବାହାରିଲା ମଣିଷର ଶବ, ଏବେ ସେ ଗୋଟାଏ କଞ୍ଚାମାଲ । ସେଥିରୁ ଶିଳ୍ପଜାତ ପଦାର୍ଥ ଉତ୍ପନ୍ନ କରିବାକୁ ହେବ । ତାହା କପରି କରିବାକୁ ହେବ ସେଥିଲାଗି ଗବେଷଣାଗାର ପ୍ରତିଷ୍ଠା କରିଥିଲେ ଫ୍ୟାସିଷ୍ଟ ଦାନବଗଣ—ଡାନ୍‌ଜିଗ୍ ସହରରେ । ଏଇ ଟେକ୍‌ନିକାଲ ଇନଷ୍ଟିଚ୍ୟୁଟରେ କୁଢ଼ କୁଢ଼ ହୋଇ ଗଦା ମରାଯାଇଥାଏ ମଣିଷର ଶବ । ଦେହରେ ଚର୍ବିର ଭାଗ ଅନୁସାରେ ତାଙ୍କୁ ଅଲଗା କରା-ହୁଏ । ମୁଣ୍ଡଗୁଡ଼ାକ କାଟି ଅଲଗା କରି ଗୋଟାଏ ଠା'ରେ ଜମେଇ-ଦିଆହୁଏ । କାରଣ, ତାକୁ କାମରେ ଲଗାଇଲା ଭଳି କୌଣସି ଉଦ୍ଭାବନ ଫ୍ୟାସିଷ୍ଟମାନେ ସେ ପର୍ଯ୍ୟନ୍ତ କରିପାରି ନ ଥିଲେ । ଶବଙ୍କୁ ଆଲକାଲାଇନ କୁଣ୍ଡରେ ସିଝାଯାଏ । ସେଇ ମଣିଷ ଚର୍ବିରୁ ତିଆରି ହୁଏ ସାବୁନ; ତାହା ପୁଣି ମଣିଷ ଦେହରେ ଲଗାଇବ । ମଣିଷ ଯେତେ ନୃଶଂସ ହେଲେ ବି ଏପରି କଳ୍ପନା କେବେହେଲେ କରିପାରିନାହିଁ । ଏ ସବୁର ଚିତ୍ର ଫଟୋ, ଦଲିଲପତ୍ର ଓ ପ୍ରତ୍ୟକ୍ଷ ପ୍ରମାଣ ଆଜି ସବୁ ବିଦ୍ୟମାନ ।

ଫ୍ୟାସିଷ୍ଟ ଜର୍ମାନୀ ଆକ୍ରମଣ ଯୋଗୁଁ କେତେ ଲୋକ ଅକାଳରେ ପ୍ରାଣ ହରାଇଛନ୍ତି, କେତେ ସହର ନଗର ଧ୍ୱଂସ ହୋଇଛି, ଗାଁ ଗଣ୍ଡା ଛାରଖାର ହୋଇଛି, ଆଉ କେତେ ଜନପଦ ମଶାଣିପଦାରେ

ଘଟଣିତ ହୋଇଛି, ସେ ସବୁର ସଠିକ କଳନା କରିବା ବଡ଼ କଷ୍ଟକର । ସାଧାରଣଭାବରେ ତା'ର ଯେ ଗୋଟାଏ ଅଟକଳ କରା ନ ଯାଇଛି ନୁହେଁ, ଅତି ବିଶାଳ ସେ ସଂଖ୍ୟା । ପ୍ରଥମ ମହା-ଯୁଦ୍ଧର ଧ୍ୱଂସଲୀଳା ସହିତ ଏହାକୁ ତୁଳନା କଲେ ଗୋଟାଏ ସ୍ଥୂଳ ଧାରଣା ଜନ୍ମିପାରେ ।

ପ୍ରଥମ ବିଶ୍ୱଯୁଦ୍ଧରେ ୩୩ଟି ଦେଶ ଯୋଗ ଦେଇଥିଲେ । ଏଥର ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଲଢ଼ିଛନ୍ତି ତା'ର ଦୁଇଗୁଣରୁ ଅଧିକ— ୭୨ଟି ଦେଶ । ଗତଥର ଲଢ଼ିଥିଲେ ୭ କୋଟି ୪୦ ଲକ୍ଷ ସୈନ୍ୟ । ଏଥର ଲଢ଼ୁଥିବା ସୈନ୍ୟଙ୍କ ସଂଖ୍ୟା ୧୧ କୋଟି । ଗତ ଯୁଦ୍ଧରେ ପ୍ରାୟ ଏକକୋଟି ସୈନ୍ୟ ପ୍ରାଣ ହରାଇଥିଲେ । ଏଥର ମରିଛନ୍ତି ତା'ର ୫ ଗୁଣ; ପ୍ରାଣନାଶ ଘଟିଛି ୫ କୋଟି ଲୋକଙ୍କର । ଏମାନଙ୍କ ଭିତରୁ ପ୍ରାୟ ୧ କୋଟି ୨୦ ଲକ୍ଷ ସେହି ମୃତ୍ୟୁ କାରଖାନାର କଞ୍ଚାମାଲ୍ ପାଲଟିଛନ୍ତି । ଗତ ଯୁଦ୍ଧରେ ୨କୋଟି ଲୋକ କ୍ଷତବିକ୍ଷତ ବିକଳାଙ୍ଗ ହୋଇଥିଲେ, ଏଥର ଏମାନଙ୍କ ସଂଖ୍ୟା ତା'ଠାରୁ ଆଉ ୮୦ ଲକ୍ଷରୁ ଅଧିକ । ଏଇ ପ୍ରତ୍ୟେକଟି ସଂଖ୍ୟା ଏକ ଏକ ନିର୍ଜୀବ ଗାଣିତିକ ଅଙ୍କ ନୁହେଁ; ସେ ପ୍ରତ୍ୟେକଟି ଗୋଟିଏ ଗୋଟିଏ ଜୀବନ୍ତ ମୂର୍ତ୍ତି, ତମ ଆମ ଭଳି ରକ୍ତମାଂସର ଦେହଧାରୀ ମନୁଷ୍ୟ ।

ହିଟଲର ଓ ଜର୍ମାନ ସେନାପତିମାନେ ଭାବୁଥିଲେ ଶୀତକାଳ ପୂର୍ବରୁ ରୁଷକୁ ଖତମ କରିଦେବେ—ନାତ୍ସି ସୈନ୍ୟଙ୍କର ଶୀତକାଳ କଟିବ ମସ୍କୋ ସହରର ଅଟ୍ଟାଳିକା ମଧ୍ୟରେ, ଅତି ଆରାମରେ । ଠିକ୍ ଏମିତି ଦିନେ ଭାବୁଥିଲେ ନେପୋଲିଅନ୍ । ରୁଷ ଆକ୍ରମଣ ପୂର୍ବରୁ ହିଟଲର ଓ ନାତ୍ସି ସେନାପତିଗଣ ନେପୋ-ଲିଅନଙ୍କ ଇତିହାସକୁ ତନ୍ନତନ୍ନ କରି ପଢ଼ିଥିଲେ । ଲଗିପଡ଼ି ଆଲୋଚନା କରିଥିଲେ, କେମିତି ସେ ଭୁଲର ପୁନରାବୃତ୍ତି ନ

ହେବ । କିନ୍ତୁ ନେପୋଲିଅନ ମସ୍କୋରେ ଅନ୍ତତଃ ପ୍ରବେଶ କରି-ଥିଲେ; କିନ୍ତୁ ମସ୍କୋର ଦ୍ୱାରଦେଶରେ ଘଟିଲା ଫ୍ୟାସିଷ୍ଟମାନଙ୍କର ପ୍ରଥମ ପରାଜୟ । ଅନ୍ତତଃ କିଛି ହେଲେ ଫରାସୀ ସୈନ୍ୟ ଫେରି ଆସିଥିଲେ; ଫ୍ରାନ୍ସର ପତନ ଘଟି ନ ଥିଲା କି ନେପୋଲିଅନ ଆତ୍ମହତ୍ୟା କରି ନ ଥିଲେ । ଏବେ ନାଜୀ ବାହିନୀ ସମୂଳେ ଧ୍ୱଂସ ହେଲା, ଲାଲସେନା ଓଲଟି ବର୍ଲିନ ଦଖଲ କଲା ଏବଂ ଆତ୍ମହତ୍ୟା ଛଡ଼ା ହିଟଲରଙ୍କ ପକ୍ଷରେ ଆଉ ଅନ୍ୟ ପନ୍ଥା ରହିଲା ନାହିଁ । ଯେଉଁ ନାଜୀନେତା ଓ ସେନାପତିମାନେ ରହିଯାଇଥିଲେ ସେମାନଙ୍କୁ ମଧ୍ୟରୁ କେତେକ ଯୁଦ୍ଧ ଅପରାଧୀଭାବେ ଦଣ୍ଡିତ ହେଲେ ।

ପୃଥିବୀରେ ଅଳ୍ପ କେତେଜଣ ମାର୍କସବାଦୀଙ୍କୁ ବାଦ୍ ଦେଲେ ଆଉ କେହି ଭାବି ନ ଥିଲେ ଯେ ସୋଭିଏତ ନାଜୀ ଜର୍ମାନୀର ମୁକାବିଲା କରିବାକୁ ସକ୍ଷମ ହେବ । ନାଜୀ ସେନାପତିମାନେ ପ୍ରଥମେ ଭାବୁରି-ଥିଲେ, ୩।୪ ମାସ ମଧ୍ୟରେ ରୁଷକୁ ଦଖଲ କରିପିବେ । ହିଟଲରର ଆସ୍ଫାଳନକୁ ସାରା ଜଗତ ମାନିନେଇଥିଲା । ସାମ୍ରାଜ୍ୟବାଦୀ ସମର ବିଶାରଦଗଣ ଧରିନେଇଥିଲେ, ରୁଷର ପତନ ସୁନିଶ୍ଚିତ । କିଏ ୮ ସପ୍ତାହ, କିଏ ବା ୧୦ ସପ୍ତାହ, କିଏ ବା ୩।୪ ମାସ—ଏମିତି ସମୟ ବାନ୍ଧିଦେଇଥିଲେ । ରୁଷର ପରାଜୟ ସମ୍ପର୍କରେ ସମସ୍ତେ ଏକମତ, ପାର୍ଥକ୍ୟ କେବଳ ସମୟର ବ୍ୟବଧାନ ନେଇ । ଏମାନେ ଜର୍ମାନୀର ତୋଫାନି ଆକ୍ରମଣକୁ ଖୁବ୍ ବଡ଼ କରି ଦେଖୁଥିଲେ । ତା'ର ଟ୍ୟାଙ୍କ, ବିମାନ, ଶିଳ୍ପଶକ୍ତି ଆଦି ସହିତ ରୁଷର ଅସ୍ତ୍ରଶସ୍ତ୍ରକୁ, ଶିଳ୍ପ-ଶକ୍ତିକୁ ତୁଳନା କରୁଥିଲେ । କେବଳ ଦେଖି ନ ଥିଲେ କମ୍ୟୁନିଜମ୍ ଆଦର୍ଶରେ ଅନୁପ୍ରାଣିତ ଲୋକଙ୍କର ଆତ୍ମଶକ୍ତି, ସଂଗଠିତ ବଳ, ରୁଷର ରାଜନୈତିକ ଓ ଅର୍ଥନୈତିକ ଶକ୍ତି । ଗଣତାନ୍ତ୍ରିକ ଜର୍ମାନୀର ରାଷ୍ଟ୍ରପତି ଉଲବ୍ରିଚ, ଷ୍ଟାଲିନଗ୍ରାଡ୍‌ରେ ବନ୍ଦୀ ନାଜୀ ସେନାପତି

ପାଉଲସଙ୍କୁ ଚେତାଇଦେଇ କହିଥିଲେ, (In your calcula
tion you took into account only tons, th
amount of ammunition and tanks. But you ar
unable to correctly estimate the political an
economic strength of the Soviet Union an
the people that have risen against Nazism
"ତମେ କେତେ ଟନ ଗୋଳାବାରୁଦ, କେତେ ଟ୍ୟାଙ୍କ ଅଛି ତା
କେବଳ ହିସାବରେ ଧରିଛ; କିନ୍ତୁ ରୁଷର ରାଜନୈତିକ ଅର୍ଥନୈତି
ଶକ୍ତି ଓ ନାଜୀବାଦ ବିରୁଦ୍ଧରେ ଜାଗ୍ରତ ଲୋକମାନଙ୍କ ସଂଗଠନ
ଦେଖିନାହିଁ । ବାସ୍ତବରେ ତାହାହିଁ ପ୍ରକୃତ କାରଣ । ଯୁଦ୍ଧ
ଭିତରେ ଜର୍ମାନୀର ଅର୍ଥନୈତିକ, ରାଜନୈତିକ ଓ ସାମରିକ ଶ
ଛିଣ୍ଡି ଆସିଛି ଓ ସୋଭିଏତ୍‌ର ଶକ୍ତି କ୍ରମାଗତ ବୃଦ୍ଧି ଲାଭ କରୁଛି ।

ରୁଷର ଲାଲ ସେନାର ମେରୁଦଣ୍ଡ ଥିଲେ କମ୍ୟୁନିଷ୍ଟଗଣ
ଯୁଦ୍ଧର ଛ'ମାସ ମଧ୍ୟରେ କେବଳ ୧୦ ଲକ୍ଷ କମ୍ୟୁନିଷ୍ଟ ସୈନ୍ୟ
ବାହିନୀରେ ଯୋଗ ଦେଇଛନ୍ତି । ପରେ ତାହା ପୁଣି ୧୭ ଲକ୍ଷ
ବୃଦ୍ଧି ପାଇଥିଲା । ରୁଷ ସୈନ୍ୟଙ୍କ ମଧ୍ୟରେ ୩୫ ଲକ୍ଷ ହେଉଛନ୍ତି
କେବଳ କମ୍ୟୁନିଷ୍ଟ ଯୁବସଂଘ (କମ୍‌ସୋମଲ)ର ସଭ୍ୟ
ନାଜୀମାନେ ପ୍ରଥମେ ହତ୍ୟା କରୁଥିଲେ—କମ୍ୟୁନିଷ୍ଟଗଣଙ୍କୁ ।

ଏତେବେଳକୁ ଜର୍ମାନୀର ଆକ୍ରମଣରେ ବିଲାତ କଣ୍ଠାଗତ ।
ବିଲାତ ଉପରେ ଅନବରତ ବୋମାବର୍ଷଣ । ରୁଷ ଆକ୍ରମଣ
ବିଲାତକୁ ରକ୍ଷା କରିଦେଲା । ଜର୍ମାନୀର ସକଳ ଶକ୍ତି ଠୁଳ ହେଲା
ରୁଷର ରଣକ୍ଷେତ୍ରରେ । ଏବେ ନିଜର ସ୍ୱାର୍ଥ ଦୃଷ୍ଟିରୁ ରୁଷ ସହିତ
ମିତ୍ରତା କରିବା ଛଡ଼ା ବିଲାତର ଅନ୍ୟ କୌଣସି ବାଟ ରହିଲା
ନାହିଁ । ଯେଉଁ ବ୍ରିଟିଶ ସାମ୍ରାଜ୍ୟବାଦ ସୋଭିଏତ ରୁଷର

ଂସ ଲାଗି ଆପ୍ରାଣ ଚେଷ୍ଟା କରିଥିଲା, ହିଟଲରକୁ ବଢ଼ାଇଥିଲା, ତାହା ଏବେ ବାଧ ହେଲା ସେହି ନାତ୍ସି ଜର୍ମାନୀର ଧ୍ୱଂସ ଲାଗି ସୋଭିଏଟ ସହିତ ମିତ୍ରତା ସ୍ଥାପନ କରିବାକୁ । ଏଇ ହେଉଛି ଇତିହାସର ଦ୍ୱନ୍ଦ୍ୱମୂଳକ ଗତି । ଆମେରିକା ବି ଏଇ ମିତ୍ରଶକ୍ତିରେ ଯୋଗ ଦେଲା ।

ହେଲେ ବି ସାମ୍ରାଜ୍ୟବାଦ କଣ କେବେହେଲେ ତା'ର ସ୍ୱଭାବ ଛାଡ଼ିପାରେ ? ତା ଯଦି ହୁଏ, ତେବେ ସେ ଆଉ ସାମ୍ରାଜ୍ୟବାଦ ହୋଇ ରହିବ କାହିଁକି ? ଏବେ ଏ ଲଢ଼େଇ ଭିତରେ ବି ସେମାନେ ତାଙ୍କର ସେଇ ପୂର୍ବନୀତି ଅନୁସରଣ କରୁଥିଲେ, ଅବଶ୍ୟ ନୂଆ ପରିସ୍ଥିତିରେ ନୂତନ ଭାବରେ ! ତା ହେଲା—ରୁଷ ସହିତ ଜର୍ମାନୀକୁ ଅଧିକ ଲଢ଼ାଇଦେଇ ନିଜେ ପଛରେ ରହିଯିବେ । ଦୁହେଁ ଦୁର୍ବଳ ହୋଇପଡ଼ିଲାବେଳକୁ ବାହାରିପଡ଼ିବେ ନିଜର କର୍ତ୍ତୃତ୍ୱ କାଏମ କରିବାପାଇଁ, ସାମ୍ରାଜ୍ୟବାଦୀ ସ୍ୱାର୍ଥ ହାସଲ ଦିଗରେ ।

ରୁଷ ଆକ୍ରମଣବେଳେ ଟ୍ରୁମ୍ୟାନ ଥିଲେ ଆମେରିକାର ଉପ-ରାଷ୍ଟ୍ରପତି । ପରେ ସେ ରାଷ୍ଟ୍ରପତି ହେଲେ । ସଙ୍ଗେ ସଙ୍ଗେ ସେ ଯୁଦ୍ଧବିନ ଭିତରେ ଆମେରିକାର ନୀତି ବର୍ଣ୍ଣନ କରିଦେଲେ । କହିଲେ, "ଯଦି ଆମେ ଦେଖୁ ଜର୍ମାନୀ ଜିତୁଛି, ସେତେବେଳେ ରୁଷକୁ ସାହାଯ୍ୟ କରିବା ଉଚିତ । ଯଦି ଦେଖୁ ରୁଷ ଜିତୁଛି ସେତେବେଳେ ଆମର ଜର୍ମାନୀକୁ ସାହାଯ୍ୟ ଦେବା ଦରକାର । ଆଉ ଏଇ ଭାବରେ ସେମାନେ ଯେତେ ପାରିବେ ପରସ୍ପରକୁ ହତ୍ୟା କରନ୍ତୁ (ନିଉୟର୍କ ଟାଇମସ, ଜୁନ୍ ୨୪ ତାରିଖ ୧୯୪୧) । ତେଣେ ସେଇ କଥାଟି ବିଲାତ ପ୍ରଧାନମନ୍ତ୍ରୀ ଚର୍ଚ୍ଚିଲ ଟିକିଏ ବୁଲେଇ ବୁଲେଇ କହିଥିଲେ—ଜର୍ମାନୀ ବିରୁଦ୍ଧରେ ରୁଷର ସଂଗ୍ରାମ ବିଲାତର ସଂଗ୍ରାମ । କିନ୍ତୁ ଦୀର୍ଘ ୨୫ ବର୍ଷ କାଳ ଧରି ମୋ'ଠାରୁ ବଳି

କମ୍ୟୁନିଜମର ଆଉ ଅଧିକ କ୍ରମାଗତ କଠୋର ବିରୋଧୀ କେହି ନାହିଁ । ତା ବିରୁଦ୍ଧରେ ମୁଁ ଯାହାସବୁ କହିଛି ସେଥିରୁ ଗୋଟିଏ ହେଲେ ଶବ୍ଦ ପ୍ରତ୍ୟାହାର କରୁନାହିଁ । ତାର ଅର୍ଥ ସ୍ପଷ୍ଟ—ଜର୍ମାନୀକୁ ପରାସ୍ତ କରିବାପାଇଁ ରୁଷ ସହିତ ଯେତେ ମିତ୍ରତା ହେଲେ ସୁଦ୍ଧା ରୁଷକୁ ଧ୍ୱଂସ କରିବାକୁ ହେବ, ସେଇ ପୂର୍ବର କାମନା କାର୍ଯ୍ୟ କରୁଛି ।—ଏଇ ହେଲା ସାମ୍ରାଜ୍ୟବାଦୀଙ୍କ ମିତ୍ରତାର ସାରମର୍ମ ।

ଯୁଦ୍ଧ ଭିତରେ, ଶାନ୍ତିପ୍ରତିଷ୍ଠା ଆଲୋଚନାରେ ଆଉ ଏଇ ପୋଟ୍‌ସଡାମ ସମ୍ମିଳନୀରେ—ଏହା ମାତ୍ର ହୋଇଛି ବଲାତ ଆମେରିକାର ସମସ୍ତ କାର୍ଯ୍ୟର ମୂଳଭିତ୍ତି, ଆଉ ତା'ର ଫଳ ହେଉଛି ଜର୍ମାନୀର ଏଇ ବିଭାଗ । ସେଥିଯୋଗୁଁହିଁ ଏଇ ପାଶ୍ଚାତ୍ୟଶକ୍ତି ଜର୍ମାନୀ ବିରୁଦ୍ଧରେ ଦ୍ୱିତୀୟ ରଣକ୍ଷେତ୍ର ଖୋଲିବାରେ ପଶ୍ଚାତ୍‌ପଦ ହୋଇଛନ୍ତି; ପଛରୁ ଜର୍ମାନୀକୁ ଆକ୍ରମଣ କରିନାହାନ୍ତି । ଗୁଁହିଛନ୍ତି, ତା ରୁଷକୁ ଯେତେଦୂର ପାରୁଛି ଧ୍ୱଂସ କରୁ । ଯେତେବେଳେ ଦେଖିଲେ ସେମାନଙ୍କ ସାହାଯ୍ୟ ବିନା ବି ରୁଷ ଜର୍ମାନୀକୁ ପରାସ୍ତ କରିପାରେ, ନାଜୀମାନଙ୍କର ପଶ୍ଚାତ୍‌ଧାବନ କରି ଲାଲ ସେନାବାହିନୀ ସମଗ୍ର ଇଉରୋପରେ ବିସ୍ତୃତ ମାଡ଼ିଯିବ, ସେତେବେଳେ ସେମାନେ ଦ୍ୱିତୀୟ ରଣକ୍ଷେତ୍ର ଖୋଲିଲେ । ଇଂଲିଶ ପ୍ରଣାଳୀ ପାର ହୋଇ ପଛରୁ ଆକ୍ରମଣ କଲେ । ପ୍ରଧାନ ଲକ୍ଷ୍ୟ ହେଲା, ଯେତେଦୂର ପାରନ୍ତି ଲାଲ-ସେନା ଆସିବାର ବାଟ ବନ୍ଦ କରିଦେବା । ଯେତେଦୂର ପାରନ୍ତି ନିଜର କର୍ତ୍ତୃତ୍ୱ ବଜାୟ ରଖିବା ।

ଜର୍ମାନ ଫ୍ୟାସିଷ୍ଟମାନଙ୍କୁ ମଧ୍ୟ ଏହା ଅଗୋଚର ନ ଥିଲା । ସେମାନେ ସଦାସର୍ବଦା ଚେଷ୍ଟା କରିଛନ୍ତି—ସାମ୍ରାଜ୍ୟବାଦୀଙ୍କ ଏଇ ମନର ସୁଯୋଗ ନେବାଲାଗି । ଚେଷ୍ଟା କରିଛନ୍ତି ମିତ୍ରଶକ୍ତିକୁ ଫଟେଇଦେବାପାଇଁ, ଉଦ୍ୟମ କରିଛନ୍ତି ଅନ୍ୟ ସମସ୍ତଙ୍କୁ ନେଇ

ରୁଷ ବନ୍ଧୁଙ୍କରେ ସମସ୍ତ ଆକ୍ରମଣ ଠୁଳ କରିବାଲାଗି । ସେଥିଲାଗି ଏଣେ ବିଲାତ ଆମେରିକା ସହିତ ଗୋଟାଏ ବୁଝାମଣା କରିଦେବା —ସେ ସବୁ ଦୃଷ୍ଟାନ୍ତ ଓ ଘଟଣାବଳୀର ବର୍ଣ୍ଣନା ଏଠାରେ ସମ୍ଭବ ନୁହେଁ; କିନ୍ତୁ ସେସବୁ ବ୍ୟର୍ଥ ହୋଇଛି, ତା'ର ପ୍ରଧାନ କାରଣ, ଦୁନିଆର—ବିଶେଷକରି ବିଲାତ ଓ ୟୁରୋପର—ଲୋକଙ୍କର ଘୋର ଫ୍ୟାସିଷ୍ଟବିରୋଧୀ ମନୋଭାବ । ଜର୍ମାନୀ କେବଳ ୟୁରୋପକୁ, ରୁଷକୁ ଦଖଲ କରିବାକୁ ବସି ନ ଥିଲା । ସେ ଚାହିଁଥିଲା ସାରା ପୃଥିବୀକୁ ଦଖଲ କରିବ, ସମସ୍ତ ଦୁନିଆର ସର୍ବେସର୍ବା ହେବ । ସବୁ ଦେଶ, ସବୁ ଜାତିକୁ ଆପଣାର ଅଧୀନସ୍ଥ କରିବ, ଏପରି କି ଭାରତ ଓ ଆଫଗାନିସ୍ଥାନ ଆକ୍ରମଣ କରିବା ଥିଲା ତା'ର ଅଭିପ୍ରାୟ । କିନ୍ତୁ ଯେଉଁମାନେ ଫ୍ୟାସିଷ୍ଟ ଆକ୍ରମଣରେ ଶିକାର ହୋଇଛନ୍ତି, ସେମାନେ କେବଳ ନୁହନ୍ତି ଅନ୍ୟ କେହି ବି ଫ୍ୟାସିଷ୍ଟଙ୍କୁ ସହ୍ୟ କରିବାକୁ ପ୍ରସ୍ତୁତ ନ ଥିଲେ । ସମସ୍ତେ ଚାହୁଁଥିଲେ ଫ୍ୟାସିଜ୍‌ମର ପରାଜୟ ଓ ଧ୍ୱଂସ ।

ଅନ୍ୟ ଦିଗରେ ରଣକ୍ଷେତ୍ରରେ ସୋଭିଏତ ରୁଷର ବୀରତ୍ୱ ସମସ୍ତଙ୍କୁ ସ୍ତମ୍ଭିତ କରିଦେଇଥିଲା । ସାରା ପୃଥିବୀ ବୁଝିଥିଲା, ରୁଷକୁ ଛାଡ଼ି ଫ୍ୟାସିଷ୍ଟମାନଙ୍କ କବଳରୁ ସେମାନଙ୍କର ମୁକ୍ତି ନାହିଁ । ସୋଭିଏତ ରୁଷହିଁ କେବଳ ସେମାନଙ୍କ ରକ୍ଷାକର୍ତ୍ତା । ଏତେବେଳେ ଫ୍ୟାସିଷ୍ଟବିରୋଧୀ ସଂଗ୍ରାମରୁ ଓହରିଆସି ଜର୍ମାନୀ ସହିତ ନିଜେ ନିଜେ ଅଲଗାକରି ମାଲିସ କରିଦେବା ଏବଂ ରୁଷକୁ ଏକାକୀ ତା ମୁହଁକୁ ଠେଲିଦେବା, ଏହା ସାମ୍ରାଜ୍ୟବାଦୀ ଯେତେ ଚାହୁଁଥିଲେ ମଧ୍ୟ ସେମାନଙ୍କ ପକ୍ଷରେ ତା କରିବା ଆଦୌ ସମ୍ଭବ ନ ଥିଲା, ବାସ୍ତବ ଅବସ୍ଥା ତା'ର ପ୍ରତିକୂଳ, ଏପରି କି ରୁଷ ବିନା ଦୁନିଆର ରକ୍ଷା ନାହିଁ ।

ସାମ୍ରାଜ୍ୟବାଦୀଙ୍କ ମତଲବ ଓ ଫ୍ୟାସିଷ୍ଟମାନଙ୍କର ଚକ୍ରାନ୍ତ ରୁଷକୁ ଅଜଣା ନ ଥିଲା । ପାଶ୍ଚାତ୍ୟ ଶକ୍ତିଙ୍କ ସହିତ ମିତ୍ରତାବେଳେ ସୋଭିଏତ୍ ରୁଷ ସର୍ତ୍ତ ରଖିଥିଲା—ବିନା ସର୍ତ୍ତରେ ଜର୍ମାନୀ ଆତ୍ମ-ସମର୍ପଣ କଲାଯାଏ ସଂଗ୍ରାମ କରିବାକୁ ହେବ ଏବଂ ମିତ୍ରଶକ୍ତିଙ୍କ ମଧ୍ୟରୁ କେହି ସ୍ୱତନ୍ତ୍ରଭାବେ ଏକୁଟିଆ ତା ସଙ୍ଗରେ କୌଣସି ଚୁକ୍ତି କରିପାରିବେ ନାହିଁ । ଏହା ଅତ୍ୟନ୍ତ ନ୍ୟାୟସଙ୍ଗତ । ଏହାକୁ ଗ୍ରହଣ କରିବା ଛଡ଼ା ମିତ୍ରଶକ୍ତିଙ୍କର ଅନ୍ୟ ଉପାୟ ନ ଥିଲା । ଏହାଦ୍ୱାରା ଫ୍ୟାସିଷ୍ଟମାନଙ୍କ ସହିତ ବିଲାତ ଆମେରିକା ପକ୍ଷରେ ନିଜେ ଅଲଗା କରି କୌଣସି ରାଜିନାମାରେ ଉପସ୍ଥିତ ହେବାର ରାସ୍ତା ବନ୍ଦ ହୋଇଗଲା । ଫ୍ୟାସିଷ୍ଟ ସରକାରଙ୍କୁ ଗାଦିରେ ରଖି, ସେମାନଙ୍କ ସହିତ କୌଣସି ସର୍ତ୍ତରେ ମିଶିଯିବାର ବାଟ, ଆଉ ଇଂଲଣ୍ଡ ଆମେରିକା ପକ୍ଷରେ ରହିଲା ନାହିଁ । ତେଣୁ ସମସ୍ତେ ଶେଷପର୍ଯ୍ୟନ୍ତ ଲଢ଼ିବେ, ଫ୍ୟାସିଷ୍ଟ ଜର୍ମାନୀକୁ ସମୂଳେ ପରାସ୍ତ କରିବେ—ଏହି ସର୍ତ୍ତରେ ବନ୍ଧା ହୋଇ ରହିଲେ । ଆଜି ସେହି ସଂଗ୍ରାମର ସମାପ୍ତି ଘଟିଛି ଏହି ପୋଟ୍ସଡ଼ାମରେ । ଅଥଚ ଏହି ଗୃହ ଦେଖିଛି ଶାନ୍ତିକାଳୀନ କଥାବାର୍ତ୍ତା ଭିତରେ ପୁନର୍ବାର ସେହି ଚକ୍ରାନ୍ତର ସୂତ୍ରପାତ ।

ସେହି ଘରେ ବୁଲିଲି ଭିତରେ ଅତୀତର କଥାଗୁଡ଼ାକ ମନେ ପଡ଼ିଯାଉଛି । ସେ ସମସ୍ତର କାହାଣୀ ଗୋଟି ଗୋଟି ହୋଇ ଝଲକିମାରି ଉଠୁଛନ୍ତି । ମନେ ପଡ଼ୁଛି ହିଟଲରର ଚିତ୍କାର, ସହରକୁ ଏପରି ଅବରୋଧ କର ଯେପରି ଜଣେ ହେଲେ ରୁଷ ସ୍ତ୍ରୀ, ପୁରୁଷ, ବାଳକ, ଶିଶୁ ଓ ସୈନ୍ୟ ଖସି ପଳାଇ ନ ପାରନ୍ତି । ପଳାୟନର ସମସ୍ତ ଉଦ୍ୟମକୁ ବଳପୂର୍ବକ ଦୃଢ଼ ହସ୍ତରେ ଦମନ କର । ଏପରି ବ୍ୟବସ୍ଥା କର ଯଦ୍ଦ୍ୱାରା ମସ୍କୋ ସହର ବନ୍ୟାରେ ପ୍ଲାବିତ

ହୋଇଯିବ । ଆଜି ଯେଉଁଠି ମସ୍କୋ ସହର ଠିଆ ହୋଇଛି ସେଠାରେ ସୃଷ୍ଟି ହେବ କେବଳ ସମୁଦ୍ର ଆଉ ଏକ ବିରାଟ ସାଗର । ରୁଷର ରାଜଧାନୀକୁ ଚିରଦିନ ଲାଗି ସଭ୍ୟ ଜଗତରୁ ନିଶ୍ଚିହ୍ନ କରିଦିଅ— ଏ ଥିଲା ୧୯୪୧ ଡିସେମ୍ବର ମାସରେ ହିଟଲରର ନିର୍ଦ୍ଦେଶ ନାତ୍ସି ସୈନ୍ୟଙ୍କ ପ୍ରତି ।

ଚାରିବର୍ଷ ପରେ ଆଜି ୧୯୪୫, ଏପ୍ରିଲ ୩୦ ତାରିଖ; ବର୍ଲିନ ସହର ଲାଲ ସେନାବାହିନୀ ଦ୍ୱାରା ଅବରୁଦ୍ଧ । କାହା ପକ୍ଷରେ ଖସି ପଳାଇବାର ଉପାୟ ନାହିଁ । ଏହି ଅବରୋଧ ମଧ୍ୟରେ ପଡ଼ିଛି ହିଟଲର । ତା'ର ସମସ୍ତ ଶକ୍ତି ପରାଭୂତ, ତା'ର ସବୁ ଚର୍ମ୍ମ-ତୋପଯାନ, ଗୁପ୍ତ ଅସ୍ତ୍ରର ଆସ୍ଫାଳନ ଆଜି ନିଃଶେଷ । ଚାରିଆଡ଼େ ଲାଲ ସେନାବାହିନୀଙ୍କର କମାଣର ଶବ୍ଦ । ଫ୍ୟାସିଷ୍ଟ ସୈନ୍ୟ ସମଗ୍ର ସହରକୁ ଏକ ଦୁର୍ଗରେ ପରିଣତ କରିଛନ୍ତି । ପ୍ରତ୍ୟେକଟି ଘର ଗୋଟାଏ ଗୋଟାଏ ଗଡ଼ । ଅନବରତ ଚାଲିଛି ସଂଗ୍ରାମ । ଅବିଶ୍ରାନ୍ତ ତୋପ ବନ୍ଧୁକର ଗର୍ଜ୍ଜନ, ସମସ୍ତ ସହରଟା ଗୋଟାଏ ନିଆଁର ପିଣ୍ଡୁଳା । ତା ଭିତରେ ଶତ୍ରୁ ମିତ୍ର ଚିହ୍ନିବା କଷ୍ଟ, ରକ୍ଷାପାଇବାର ଶେଷ ଚେଷ୍ଟା ଆଜି ବିଫଳ ।

ବର୍ଲିନ ଦଖଲ ଲାଗି କେବଳ ଜର୍ମାନୀ ବିରୁଦ୍ଧରେ ସଂଗ୍ରାମ ଚାଲିନାହିଁ, ଅନ୍ୟ ଦିଗରେ ଚାଲିଛି ରୁଷ ଓ ଇଂଲଣ୍ଡ ଆମେରିକା ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା—କିଏ ଆଗ ବର୍ଲିନ ଦଖଲ କରିବ । ୟାଲ୍ଟା ସମ୍ମିଳନୀରେ ମିତ୍ରଶକ୍ତିମାନଙ୍କ ମଧ୍ୟରେ ସ୍ଥିର ହୋଇଛି, ସୋଭିଏତ ସୈନ୍ୟ ବର୍ଲିନ ସହରର ଆହୁରି ପଶ୍ଚିମକୁ ଅଗ୍ରସର ହେବ । ତାହା ହେବ ସୋଭିଏତ ଅଧିକୃତ ଅଞ୍ଚଳ । ସୋଭିଏତ ସୈନ୍ୟ, ଏବେ ବର୍ଲିନଠାରୁ ୬୦ରୁ ୧୦୦ କିଲୋମିଟର ଦୂରରେ,— ଓଡ଼ର ଓ ନେଇସିଠାରେ ପହଞ୍ଚିଗଲେଣି । ବର୍ଲିନ ଅଭିଯାନ

ନିଷ୍କ୍ରୁ ଆରମ୍ଭ କରିବେ । ବଳିତ ପ୍ରବଳ ଇଚ୍ଛା, ଲାଲ ସୈନ୍ୟ ଆସିବା ପୂର୍ବରୁ ସେ ବର୍ଲିନ ଦଖଲ କରିଯିବ । ଆମେରିକା ମଧ୍ୟ ତାହାହିଁ ଚାହେଁ । ଆମେରିକା ସେନାପତି ଆଇଜେନ ହାଓ୍ୱାର ସେଥିଲାଗି ନିଜର ଯୋଜନା ବଦଳାଇବାକୁ ପ୍ରସ୍ତୁତ । ବର୍ଲିନ ଦଖଲର ସାମରିକ ଗୁରୁତ୍ୱ ଅପେକ୍ଷା ରାଜନୈତିକ ଗୁରୁତ୍ୱ ଅଧିକ । ତେଣେ ଜର୍ମାନମାନେ ମଧ୍ୟ ବଳିତ ଆମେରିକା ସହିତ ଅଲଗା ଚୁକ୍ତି କରିବା ଦିଗରେ ଉଦ୍ୟମ ଚଳାଇଛନ୍ତି । ସେମାନେ ଜାଣନ୍ତି, ତାଙ୍କର ତିଷ୍ଠି ରହିବାର ଆଉ କୌଣସି ଆଶା ନାହିଁ । ସେମାନେ ଏବେ ଇଂଲଣ୍ଡ, ଆମେରିକା ସୈନ୍ୟଙ୍କୁ ବିଶେଷ ବାଧା ଦେଉ-ନାହାନ୍ତି । ସେମାନଙ୍କ ବିରୁଦ୍ଧରୁ ସୈନ୍ୟ ଉଠାଇଆଣି ରୁଷ ବିରୁଦ୍ଧରେ ପ୍ରତିରୋଧକୁ ଅଧିକ ଦୃଢ଼ କରୁଛନ୍ତି । ଜଣାଯାଉଛି, ଇଂଲଣ୍ଡ ଆମେରିକା ସୈନ୍ୟଙ୍କୁ ଅବାଧରେ ବର୍ଲିନରେ ପ୍ରବେଶ କରିବାକୁ ରାସ୍ତା ଛାଡ଼ିଦେବେ । ଲାଲ ସେନାବାହିନୀ ପାଖରେ ଆତ୍ମସମର୍ପଣ କରିବେ ନାହିଁ, ସେମାନଙ୍କ ବିରୁଦ୍ଧରେ ଲଢ଼ିବେ । ଆତ୍ମସମର୍ପଣ କରିବେ ଇଂଲଣ୍ଡ ଆମେରିକା ପାଖରେ—ନାଜୀଜର୍ମାନୀ ଓ ଇଂଲଣ୍ଡ ଆମେରିକାର ଉଦ୍ଦେଶ୍ୟ ମିଳିଯାଉଛି ।

ଏ ସମ୍ବାଦ ପାଇ ଷ୍ଟାଲିନ ଡକାଇଛନ୍ତି ତାଙ୍କ ସର୍ବୋଚ୍ଚ ସେନାପତି ମଣ୍ଡଳକୁ । ସେଠାରେ ସ୍ଥିର ହୋଇଛି, ତୁରନ୍ତ ବର୍ଲିନ ଦଖଲ କରିବାକୁ ହେବ । ଇଏ ଏପ୍ରିଲ ପହିଲା ୧୯୪୫ ଦିନର ଘଟଣା । ଦେଖାଗଲା, ବର୍ଲିନ ରଣକ୍ଷେତ୍ରରେ ଜଗି ରହିଛନ୍ତି ଜର୍ମାନୀର ୧୦ ଲକ୍ଷ ସୈନ୍ୟ । ତାଙ୍କ ହାତରେ ରହିଛି ୧୦ ହଜାର କମାଣ, ୧୫ ଶହ ଟ୍ୟାଙ୍କ, ସାଢ଼େ ୩ ହଜାର ଲଢ଼ୁଆ ବିମାନ । ଏହାଛଡ଼ା ଖୋଦ ବର୍ଲିନ ସହର ଭିତରେ ଆଉ ୩ଲକ୍ଷର ଏକ ସୈନ୍ୟବାହିନୀ ଗଢ଼ା ଚାଲିଛି ।

ରୁଷକୁ ଏଥର ମୁକାବିଲା କରିବାକୁ ପଡ଼ିବ । ଗୁଲିର ମହା ସମରର ଆୟୋଜନ । ଗାଡ଼ିପରେ ଗାଡ଼ି, ରାତିର ଅନ୍ଧକାର ଭିତରେ ଛୁଟିଲା ରଣକ୍ଷେତ୍ରକୁ ଯୁଦ୍ଧ ସରଞ୍ଜାମ ଧରି, ଯେପରି ଶତ୍ରୁ ତା'ର କୌଣସି ଟେର୍ ନ ପାଏ । ଯେତେ ରେଳଗାଡ଼ି ଏ ସରଞ୍ଜାମ ଆଣିଛି, ତାଙ୍କୁ ସବୁ ପଛ ପଛ ଯୋଖିଥିଲେ ୧୨୦୦ କିଲୋମିଟର ଲମ୍ବିଥାନ୍ତା । ଏବେ ଏହି ସମରଲାଗି ଜମା ହୋଇଗଲା ୪୧ ହଜାର ତୋପ, ମାଇନ୍‌ଥ୍ରୋଅର, ୬୩୦୦ରୁ ଊର୍ଦ୍ଧ୍ୱ ଟ୍ୟାଙ୍କ ଏବଂ ୮ହଜାର ଲଢ଼ୁଆ ବିମାନ । ଏ ସବୁ ଠୁଳ ହେଲା ଓଡର ନଦୀର ପୂର୍ବପଟେ । ନଦୀ ପାରି ହେଲେ ବର୍ଲିନ ୭୦ କିଲୋମିଟର । ଏହି ରଣକ୍ଷେତ୍ରର ବ୍ୟାପକତା ଓ ଗମ୍ଭୀରତା କିଲୋମିଟରରେ ମାପିହେବ ନାହିଁ । କି ଭୀଷଣ ସୈନ୍ୟସଜ୍ଜା ସିଏ ! ୨୫ ଲକ୍ଷ ରୁଷ ସୈନ୍ୟଙ୍କ ସମାବେଶ । ଇତିହାସ ଏ ବିଶାଳ ସମାବେଶ କେବେ ଦେଖିନାହିଁ । ରୁଷ ସୈନ୍ୟ-ବାହିନୀଙ୍କ ପ୍ରତି ବର୍ଗ କିଲୋମିଟରରେ ରହିଛି ୨୭୦ଟା କରି ତୋପ । କମାଣର ଏକ ପାଚେରି ଠିଆହୋଇଛି । ଠିକ୍ ରାତି ୫ଟା । ବଡ଼-ଭୋରରୁ (ଏପ୍ରିଲ ୧୬, ୧୯୪୫)ରେ ଆରମ୍ଭ ହେଲା ବର୍ଲିନ ଉପରେ ଚଢ଼ାଉ । ହଠାତ୍ ବିଭିନ୍ନ ରଙ୍ଗର ରକେଟ୍ ଉଠିଲା ଉପରକୁ । ଏଇ ସଙ୍କେତରେ ଜଳିଉଠିଲା ୨୦୦ ମିଟର ବ୍ୟବଧାନରେ ଖଞ୍ଜା ୧୪୦ଟି ବିରାଟ ବିରାଟ ସର୍ଚ୍ଚଲାଇଟ । ସେ କି ପ୍ରଚଣ୍ଡ ଆଲୋକ । ସେ ଉଜ୍ଜ୍ୱଳ ଆଲୋକ ଆଗରେ ହାରି ମାନିବ ସୂର୍ଯ୍ୟର ପ୍ରଚଣ୍ଡ କିରଣ । ଦିନଠାରୁ ଅଧିକ ଆଲୋକିତ ହୋଇଉଠିଲା ସମଗ୍ର ରଣକ୍ଷେତ୍ର । କିନ୍ତୁ ଏ ସବୁ ଆଲୋକ ପଡ଼ିଲା ଶତ୍ରୁପକ୍ଷଙ୍କ ଉପରେ । ସେମାନଙ୍କ ଆଖି ଝଲସିଗଲା, ଅନ୍ଧ ପରି ହୋଇଗଲେ ସେମାନେ । ଏତିକିବେଳେ ସେମାନଙ୍କ ଉପରେ ଚଢ଼ାଉ କଲେ ପୂର୍ବରୁ ପ୍ରସ୍ତୁତ ଥିବା ଲାଲ ସେନାବାହିନୀ । ସେଇ ଭୀଷଣ ଦୃଶ୍ୟ ଦେଖି

ସେଇ ଅଭିଯାନରେ ଜର୍ମାନୀ ସେନାପତି ମାର୍ଶାଲ ଜୁକୋଭ ନିଜେ ମଧ୍ୟ ସ୍ତମ୍ଭିତ, ଆଶ୍ଚର୍ଯ୍ୟାନ୍ୱିତ ହୋଇଉଠି କହିଥିଲେ, "ମୋର ସମସ୍ତ ଜୀବନରେ ଏପରି ଦୃଶ୍ୟ କେବେ ଦେଖିଥିଲି ମନେ ହେଉନାହିଁ ।" ଠିକ୍ କଥା, ଏଥିପୂର୍ବରୁ ଆଉ କେବେ କେହି ଏପରି ଦୁର୍ଦ୍ଧର୍ଷ ସୈନ୍ୟବାହିନୀର ସାମନା କରି ନ ଥିଲେ । ବର୍ଲିନ ଦଖଲ କରି ନ ଥିଲେ । ସେଇ ଗୋଟାଏ ଦିନ ମଧ୍ୟରେ ୨୪୫୦ ୱାଗନ ବା ୯୮ ହଜାର ଟନର ଗୋଳା ବର୍ଷଣ ହୋଇଛି ଜର୍ମାନୀ ସୈନ୍ୟଙ୍କ ଉପରେ । ଏପରି ହାତାହାତି ଯୁଦ୍ଧ ଚାଲିଛି ଯେ ଉପରୁ ବିମାନ ଆକ୍ରମଣ ମଧ୍ୟ ସମ୍ଭବ ହୋଇନାହିଁ । ଶେଷରେ ଜର୍ମାନୀ ବ୍ୟୂହ ଭେଦ ହେଲା ।

ହେଲେ ବି ବର୍ଲିନରେ ପହଞ୍ଚିବା ସହଜ ନୁହେଁ । ଗୋଟାଏ ପରେ ଗୋଟାଏ ବ୍ୟୂହ, ଘେର ରହିଛି ପ୍ରତିରକ୍ଷାର ଘେର । ହିଟଲର ସମସ୍ତ ଶକ୍ତି ସବୁଆଡ଼ୁ ଆଣି ଏଇଠି ଠୁଳ କରିଛି । ବର୍ଲିନର ପ୍ରତ୍ୟେକ ରାସ୍ତାଘାଟ କୋଠାବାଡ଼ି ଗୋଟାଏ ଗୋଟାଏ ଦୁର୍ଗରେ ପରିଣତ ହୋଇଛି । ପ୍ରାୟ ୪ ଲକ୍ଷ ସୈନ୍ୟ ସଜ୍ଜିତ ହୋଇ ରହିଛନ୍ତି ପୁଣି ଲଢ଼ିବାପାଇଁ ।

କିନ୍ତୁ ଏତେବେଳକୁ ବର୍ଲିନ ଅବରୁଦ୍ଧ । ଆଉ ବାହାରୁ ସାହାଯ୍ୟ ଆସିବାର ବା ବର୍ଲିନରୁ ଖସି ପଳାଇବାର ରାସ୍ତା ବନ୍ଦ । ଏବେ ଖୋଦ ବର୍ଲିନ ଉପରେ ଚଢ଼ାଉ । ୧୧ ହଜାର ତୋପ ଏକାବେଳକେ ଗର୍ଜୁଛନ୍ତି । ସମଗ୍ର ସହର ଥରିଉଠୁଛି । କି ଭୀଷଣ ସେ ଗର୍ଜନ ! ସହର ଭିତରେ ହାତାହାତି ଯୁଦ୍ଧ ଚାଲିଛି । ପ୍ରତିଟି ଘର, ପ୍ରତିଟି ରାସ୍ତା ଗୋଟିଗୋଟି କରି ଦଖଲ କରିବାକୁ ହେଉଛି । ହେଲେ ମଧ୍ୟ ଜର୍ମାନୀର ପତନ ଅନିବାର୍ଯ୍ୟ ।

ଏପ୍ରିଲ ୩୦ ତାରିଖ, ରାତ୍ର ଅଧକରୁ ଟିକଏ ବ[illegible] । ଅଳ୍ପକ୍ଷଣ ପରେ ଉଠିବ ମଇ ପହିଲର ସୂର୍ଯ୍ୟ । ମଇ ପହିଲ, ଦୁନିଆର ଶ୍ରମିକ ଶ୍ରେଣୀର ମୁକ୍ତି ସଂଗ୍ରାମର ଦିନ । ଏମିତି କେତେ ଇ ପହିଲ ଯାଇଛି । ଆଜିର ପହିଲଟି କିନ୍ତୁ ସବୁ ବର୍ଷର ପରି ନୁହେଁ, ସମ୍ପୂର୍ଣ୍ଣ ଭିନ୍ନ । ସୂର୍ଯ୍ୟ ଉଠିବାର ଅବ୍ୟବହିତ ପୂର୍ବରୁ ାହାନ୍ତ ପହରର ଅନ୍ଧକାର ଭେଦକରି, ଉପସ୍ଥିତ ଜର୍ମାନୀ ସେନା-ତି, ଯୋଭ୍ଏତର ଅଗ୍ରଣୀ ଗାର୍ଡ ସେନାର ଶିବିରରେ ଶ୍ୱେତ ତାକା ବହନ କରି । ସମୟ ୩ଟା ୩୫ ମିନଟ । ଠିକ୍ ଏଇ ମୁହୂର୍ତ୍ତରେ ଦିନେ ଜର୍ମାନୀ ଆରମ୍ଭ କରିଥିଲା ଅଭିଯାନ ରୁଷ ବିରୁଦ୍ଧରେ, ୪ବର୍ଷ ତଳେ । କାଳର କି ନିଷ୍ଠୁର ପ୍ରତିଶୋଧ !

'ଜର୍ମାନୀ ଆତ୍ମସମର୍ପଣ କରିବାକୁ ଚାହେଁ'—ଏହାହିଁ ଜର୍ମାନୀ ସେନାପତିଙ୍କ ବକ୍ତବ୍ୟ । ଜର୍ମାନୀର ସେନାପତି ଜଣାଇଲେ, ହିଟଲର ଏପ୍ରିଲ ୩୦ ତାରିଖ ଦିନ ୩ଟା ୫୦ରେ ଆତ୍ମହତ୍ୟା କରିଛନ୍ତି । ସେପରବେଳା ତାଙ୍କର ଉଇଲ୍ ଅନୁଯାୟୀ ଗଠିତ ହୋଇଛି ଏକ ନୂତନ ସରକାର । ସେହି ସରକାରକୁ ସ୍ୱୀକାର କରି, ତା ସହିତ ସନ୍ଧି କରିବାକୁ ହେବ—ଏଇ ହେଲା ଆଗତ ଜର୍ମାନୀ ସେନାପତିଙ୍କ ଉକ୍ତିର ଅଭିପ୍ରାୟ ।

ରୁଷ ସେନାପତି ଉତ୍ତର ଦେଲେ, ହିଟଲରଙ୍କ ଆତ୍ମହତ୍ୟା କଥା ସେ ଜାଣନ୍ତି । ରୁଷ ସେନାବାହିନୀଙ୍କ ସମ୍ବାଦପତ୍ରରେ ତା ପ୍ରକାଶ ପାଇସାରିଲାଣି । ଏ ଏକ ବଡ଼ ଗୁପ୍ତ ସମ୍ବାଦ ! ତା ପୁଣି ୧୨ ଘଣ୍ଟା ମଧ୍ୟରେ ସେଇ ଖଣ୍ଡଣ ରଣକ୍ଷେତ୍ର ଅତିକ୍ରମ କରି ଆସିଲା ରୁଷ ପାଖକୁ । ବଡ଼ ଆଶ୍ଚର୍ଯ୍ୟ ହୋଇପଡ଼ିଲେ ଜର୍ମାନୀ ସେନାପତି । ତାଙ୍କର ବାରମ୍ବାର ଅନୁରୋଧ, ଏଇ ନୂତନ ଜର୍ମାନୀ ସରକାରକୁ ରୁଷ ସ୍ୱୀକାର କରୁ । ତା ସହିତ ସନ୍ଧିର କଥାବାର୍ତ୍ତା ଚଳାଉ ।

ରୁଷ ସେନାପତିଙ୍କ ଏକମାତ୍ର ଉତ୍ତର—ବିନାସର୍ତ୍ତରେ ଆତ୍ମସମର୍ପଣ
ତା କୋଣସି ସରକାର ମାନେ ନାହିଁ—କେବଳ ସୋଭିଏତ୍ ରୁ
ନିକଟରେ ନୁହେଁ, ସମସ୍ତ ମିତ୍ର ଶକ୍ତିଙ୍କ ପାଖରେ । ସେଥିରେ
ଜର୍ମାନୀ ସେନାପତି ରାଜି ନୁହନ୍ତି, ସେ ବହୁ ପ୍ରସ୍ତାବ ବାଢ଼ୁଥାନ୍ତି
ସୋଭିଏତ୍ ରୁଷ ଓ ମିତ୍ରଶକ୍ତିଙ୍କୁ ଫଟାଇବା ଉଦ୍ଦେଶ୍ୟରେ
ବହୁକଥା କହୁଥାନ୍ତି । କିନ୍ତୁ ରୁଷ ସେନାପତିଙ୍କ ସେଇ ଏ
ଉତ୍ତର—ବିନାସର୍ତ୍ତରେ ଆତ୍ମସମର୍ପଣ, ସମସ୍ତ ମିତ୍ରଶକ୍ତି
ନିକଟରେ ।

ଏତେବେଳକୁ ଜର୍ମାନୀର ପାର୍ଲିଆମେଣ୍ଟ ରାଇଚ୍ଷ୍ଟା
ଉପରେ ଉଡ଼ୁଛି ଲାଲ ପତାକା । ପ୍ରଥମେ ତ ଉଡ଼ୁଛି ୩୦ ତାରି
ଉପରବେଳା । ଆଉ ସେଇ ଉପରବେଳା ୩ଟା ୩୦ରେ
ହିଟଲରଙ୍କ ଆତ୍ମହତ୍ୟା । ତାଙ୍କ ସହିତ ଆତ୍ମହତ୍ୟା କରିଛନ୍ତି ତାଙ୍କ
ସଙ୍ଗିନୀ ଇଭା ବ୍ରାଉନ, ଠିକ୍ ଆତ୍ମହତ୍ୟାର ପୂର୍ବ ମୁହୂର୍ତ୍ତରେ
ହିଟଲରଙ୍କୁ ବିବାହ କରି ।

ହିଟଲରଙ୍କ ଆତ୍ମହତ୍ୟାକୁ ସ୍ୱାଗତ ଜଣାଇଲେ ଲଣ୍ଡନ
ଆଉ ୱାସିଙ୍ଗଟନ । ସେମାନଙ୍କର ଖୁବ୍ ଆନନ୍ଦ । କାରଣ
ହିଟଲରଙ୍କ ମୃତ୍ୟୁରେ ବଞ୍ଚିଗଲେ ସେମାନେ । ହିଟଲର ବଞ୍ଚିଥିଲେ
ଯୁଦ୍ଧ ଅପରାଧୀଭାବେ ତାଙ୍କର ବିଚାର ହୋଇଥାନ୍ତା । ବିଚାରବେଳେ
ସାରୁ ଖୋଳୁ ଖୋଳୁ ଶେଷରେ ସ୍ୱୟଂ ମହାଦେବଙ୍କ ଆବିର୍ଭାବ
ଅସମ୍ଭବ ନୁହେଁ । ସେଠି ଖୋଲିଯାଇଥାନ୍ତା ବିଲାତ ଆମେରିକାର
ମୁଖା । ଯୁଦ୍ଧ ଲଗାଇବା ଲାଗି ହିଟଲରଙ୍କ ସହିତ ସେମାନଙ୍କ
ରୁଷବିରୋଧୀ କୁଚକ୍ରାନ୍ତ ପ୍ରକାଶ ପାଇଥାନ୍ତା । ହିଟଲର ସଙ୍ଗେ
ସଙ୍ଗେ ଟାଣିହୋଇ ଆସିଥାନ୍ତେ ବିଲାତ, ଫ୍ରାନ୍ସ, ଆମେରିକା ।
ହିଟଲର ଆତ୍ମହତ୍ୟା କରି ବଞ୍ଚାଇଦେଲ ସେମାନଙ୍କୁ । ଆଶ୍ଚର୍ଯ୍ୟର

ଶ୍ବାସ ଗ୍ରହଣ କଲେ ସେମାନେ । ଚର୍ଚ୍ଚିଲ ଲେଖିଥିଲେ, "ହିଟଲର ଯେଉଁ ପଥ ଅନୁସରଣ କଲେ ତା ଆମ ପକ୍ଷରେ ଖୁବ ସୁବିଧା-ଜନକ । "(The course Hitler taken was, much more convenient for us than one had feared.) ବ୍ରିଟିଶ, ଆମେରିକା ଓ ଜର୍ମାନୀ ସେନାପତିଗଣ ଡୋନିଜ (Donitz) ନେତୃତ୍ବରେ ଆଉ ଏକ ସରକାର ଗଠନର ଖୁବ ଉଦ୍ୟମ ଚଳାଇଥିଲେ । ସେପରି ଏକ ଜର୍ମାନୀ ସରକାର ମଧ୍ୟ ପ୍ରକୃତରେ ଗଠିତ ହୋଇଯାଇଥିଲା ଏକ କ୍ଷୁଦ୍ର ସହର ଫ୍ଲେନସବର୍ଗରେ (Flensburg), ଡେନମାର୍କର ସୀମାନ୍ତରେ । ଉକ୍ତ ସହର ଅଧିକୃତ କରାଯିବ ନାହିଁ ବୋଲି ଆମେରିକା ତା ସହିତ ଏକ ଚୁକ୍ତି ସମ୍ପାଦନ କରିସାରିଥିଲା । ବ୍ରିଟିଶ ଆମେରିକା ଶେଷ ପର୍ଯ୍ୟନ୍ତ ଚେଷ୍ଟା କରୁଛନ୍ତି କିପରି ଏଇ ନାଜିମାନଙ୍କୁ ରକ୍ଷା କରିବେ । ସେମାନଙ୍କ ଜରିଆରେ ପୁଣି ସୋଭିଏତବିରୋଧୀ ଅଭିଯାନର ଭିତ୍ତି ରଚନା କରିବେ । ଆଉ ସେ ନାଜିମାନେ ମଧ୍ୟ ଖୋଜୁଥିଲେ ନିଜର ରକ୍ଷା ଲାଗି ବ୍ରିଟିଶ ଆମେରିକାର ସାହାଯ୍ୟ । ବ୍ରିଟିଶ ଆମେରିକାର ସାହାଯ୍ୟରେହିଁ କେବଳ ସେମାନେ ରୁଷ ବିରୁଦ୍ଧରେ ଏବେ ଠିଆ ହୋଇପାରନ୍ତି । ଡୋନିଜ ଘୋଷଣା କରିଥିଲେ, "We must go along with western powers and work with them in the occupied territories of the west, for only working with them can we have hopes of later retrieving our land from Russians." (ଆମକୁ ପାଶ୍ଚାତ୍ୟ ଶକ୍ତିମାନଙ୍କ ସଙ୍ଗରେ ଯିବାକୁ ହେବ ଏବଂ ଅଧିକୃତ ପଶ୍ଚିମ ଅଞ୍ଚଳରେ ସେମାନଙ୍କ ସହିତ କାର୍ଯ୍ୟ କରିବାକୁ ପଡ଼ିବ...କାରଣ ସେଇମାନଙ୍କ ସହିତ କାମ କରିବା

ଦ୍ୱାରହିଁ କେବଳ ଆମେ ପରେ ରୁଷ କବଳରୁ ଆମର ଦେଶ
ଫେରିପାଇବୁ ବୋଲି ଆଶା କରିପାରୁଁ ।" (ମଇ ପନ୍ଦର ୧୯୪୫

ଅଭ୍ଭ ପରିସ୍ଥାର ଏ ଘଟନାବଳୀ । ସାରା ପୃଥିବୀରେ ଏବେ ଯୁଦ୍ଧ, ହତ୍ୟା ଓ ରକ୍ତର ସ୍ରୋତ ଛୁଟିଲା । ଭିତରେ—ଯେଉଁ ନାଜୀମାନେ ତା'ର କର୍ତ୍ତା—ବିଲାତ ଆମେରିକା ଚାହୁଁଥିଲେ ସେମାନଙ୍କ ସୁରକ୍ଷା, ସେହିମାନଙ୍କର ଶାସନ ଓ ସରକାରର ପୁନଃପ୍ରତିଷ୍ଠା । ସେମାନେ ମଧ୍ୟ ବିଲାତ ଆମେରିକାକୁ ଦେଖୁଥିଲେ ନିଜର ବନ୍ଧୁଭାବେ । କାରଣ ଦୁହେଁ ପୁଞ୍ଜିପତି, ଦୁହେଁ ସାମ୍ରାଜ୍ୟବାଦୀ, ଦୁହେଁ ଶୋଷକ,···ଦୁହେଁ ଚାହାନ୍ତି ସାମ୍ୟବାଦ ଓ ସୋଭିଏତ ଶାସନର ଧ୍ୱଂସ । ପରବର୍ତ୍ତୀ କାଳରେ ଠିକ୍ ଏହି ଭାବ ଓ କାର୍ଯ୍ୟ ଯୋଗୁଁହିଁ ଜର୍ମାନୀ ଦୁଇଭାଗ । ବିଲାତ, ଆମେରିକା ଯେତେଦୂର ପାରନ୍ତି ପଶ୍ଚିମ ଭାଗରେ ରକ୍ଷା କରିଛନ୍ତି ସେହି ସାମ୍ରାଜ୍ୟବାଦୀଙ୍କ ଶାସନ, ଫ୍ୟାସିଷ୍ଟମାନଙ୍କର ଦାୟାଦମାନଙ୍କୁ ।

ଏଣେ ବର୍ଲିନ ସହର ଭିତରେ ଅବିଶ୍ରାନ୍ତ ଯୁଦ୍ଧ ଚାଲିଛି । ଜର୍ମାନୀ ସେନାପତି ଫେରିଯାଇଛନ୍ତି—ବିନା ସର୍ତ୍ତରେ ଆତ୍ମସମର୍ପଣ କରିବେ ନାହିଁ; କିନ୍ତୁ ଉପାୟ କଣ ? ମଇ ପନ୍ଦର ସନ୍ଧ୍ୟାବେଳକୁ ଫ୍ୟାସିଷ୍ଟ ସୈନ୍ୟ ଦଳ ଦଳ ହୋଇ ଆତ୍ମସମର୍ପଣ କରିବାରେ ଲାଗିଛନ୍ତି । ତା ପରଦିନ ବର୍ଲିନ ପ୍ରତିରକ୍ଷାର ହେଡ୍‌କ୍ୱାର୍ଟର ମଧ୍ୟ ଆତ୍ମସମର୍ପଣ କରିଦେଲା । ଆଉ ପଛକୁ ହଟିବାକୁ ସ୍ଥାନ ନାହିଁ, କି ପ୍ରତିରୋଧ କରିବାର ଶକ୍ତି ନାହିଁ । ମଇ ୨ ତାରିଖ ଦିନ ୩ଟାରେ ସମସ୍ତ ଫ୍ୟାସିଷ୍ଟ ସୈନ୍ୟ ବିନାସର୍ତ୍ତରେ ଅସ୍ତ୍ରତ୍ୟାଗ କଲେ । ସମ୍ପୂର୍ଣ୍ଣ ବର୍ଲିନ ଦଖଲ ହେଲା ।

ଏ ହେଲେ ମଧ୍ୟ ଏ ପର୍ଯ୍ୟନ୍ତ ବିନାସର୍ତ୍ତରେ ଆତ୍ମସମର୍ପଣ ଚୁକ୍ତି ହୋଇନାହିଁ । ଅନ୍ୟଠାରେ ଯୁଦ୍ଧ ଚାଲିଛି । ଯୁଦ୍ଧର ଶେଷ

ହେଉ ହେଉ ଆଉ ସପ୍ତାହେ ବିତିଗଲା । ରହିଥିବା ଫ୍ୟାସିଷ୍ଟମାନଙ୍କୁ ନେଇ ଆଉ ଏକ ସରକାର ଗଠନ ଦିଗରେ ବିଲାତ ଆମେରିକାଙ୍କ ଉଦ୍ୟମ ପଣ୍ଡ ହୋଇଗଲା । ରୁଷ ସେନାପତି ମାର୍ଶାଲ ଜୁକୋଭଙ୍କ ଆହ୍ୱାନରେ ସେମାନେ ସମସ୍ତେ ଆସିଲେ ବର୍ଲିନକୁ । ସୋଭିଏତ ଅଧିକୃତ ଅଞ୍ଚଳରେ ଏକତ୍ରିତ ହେଲେ ବିଲାତ, ଆମେରିକା ଓ ଫ୍ରାନ୍ସର ପ୍ରତିନିଧିଗଣ ଓ ତାଙ୍କର ସେନାପତି ମଣ୍ଡଳୀ—ଉପସ୍ଥିତ ହେଲେ ପରାଜିତ ଫ୍ୟାସିଷ୍ଟ ସେନାପତିଗଣ । ସେମାନେ ସ୍ୱାକ୍ଷର ଦେଲେ—

"ଜର୍ମାନ ହାଇକମାଣ୍ଡଙ୍କ କର୍ତ୍ତୃତ୍ୱ ଦ୍ୱାରା କ୍ଷମତାପ୍ରାପ୍ତ ଆମେ ନିମ୍ନସ୍ୱାକ୍ଷରକାରୀଗଣ ଏତଦ୍ଦ୍ୱାରା ମିତ୍ରଶକ୍ତିଙ୍କର ସୁପ୍ରିମ କମାଣ୍ଡ ଓ ସେଥିସଙ୍ଗେ ସୋଭିଏତ ହାଇକମାଣ୍ଡଙ୍କ ନିକଟରେ ଆଜି ତାରିଖରେ ଜର୍ମାନୀ ଅଧୀନସ୍ଥ ଜଳ, ସ୍ଥଳ ଓ ଆକାଶରେ ରହିଥିବା ସମସ୍ତ ଶକ୍ତିକୁ ବିନାସର୍ତ୍ତରେ ସମର୍ପଣ କରିଦେଲୁଁ ।"

ସମସ୍ତୁ ୧୯୪୫, ୮ ତାରିଖ ରାତ୍ରି ଘଣ୍ଟା।୪୫ ମିନିଟ୍ ।

ଏହା ପଛରେ ରହିଗଲା ଗୋଟାଏ ଯୁଗର ଇତିହାସ— କୋଟି କୋଟି ଲୋକଙ୍କର ଅକାଳ ମୃତ୍ୟୁ, ଅଶେଷ ଦୁଃଖ ଯନ୍ତ୍ରଣା ଓ ଆକୁଳ ଆର୍ତ୍ତନାଦ, ଏକ ବୀଭତ୍ସ, ନାରକୀୟ ଲୀଳା ।

× × × ×

ପ୍ରଗତି ଉତ୍କଳ ସଂଘ, ...
ପାଠାଗାର
ନଂ ....................
ତା ....................

ହିଟଲରଙ୍କ ସହ ଆତ୍ମହତ୍ୟା କରିଥିବା ସେ ସ୍ତ୍ରୀଲୋକଟି କିଏ ? ଠିକ୍ ଆତ୍ମହତ୍ୟା ପୂର୍ବରୁ ବିବାହ କାହିଁକି ? ସେମାନେ ଏକାଠି ବାସ କରୁଥିଲେ ମଧ୍ୟ ବିବାହ କରି ନ ଥିଲେ କାହିଁକି ?—ବିଷୟଟି ଟିକିଏ ରହସ୍ୟପୂର୍ଣ୍ଣ ।

ଯୁଦ୍ଧର କବଳରୁ ବର୍ତ୍ତିଯାଇଛନ୍ତି ହେନେରିକ ହଫମ୍ୟାନ୍ । ଜଣେ ଚମତ୍କାର ଫଟୋଉଠାଳି ସେ, ତାହାହିଁ ତାଙ୍କର ଜୀବିକା । ସେ ସାଧାରଣ ଫଟୋ ଉଠାନ୍ତି ନାହିଁ । ଫଟୋ ଉଠାନ୍ତି ନୃତ୍ୟ-ଶାଳାର, ନାଇଟ କ୍ଲବର ନର୍ତ୍ତକୀ ତରୁଣୀଙ୍କର—ପୁଣି ଉଲଗ୍ନ ଫଟୋ । ବେଶ ପ୍ରସାରିତ ତାଙ୍କର ବ୍ୟବସାୟ । ସେପରି ତରୁଣୀଙ୍କ ମଧ୍ୟରୁ ଜଣେ ଥିଲେ ଇଭା ବ୍ରାଉନ୍ (Eva Broun) ହିଟଲରଙ୍କ ପରବର୍ତ୍ତୀ ସହଧର୍ମିଣୀ । ପ୍ରଥମେ ହଫମାନଙ୍କ ଆଖି ପଡ଼ିଥିଲା ତାଙ୍କ ଉପରେ । ସେ ତାଙ୍କୁ ନଜର ସହକାରୀ କରିନେଇଥିଲେ ।

ହନେ ହିଟଲରଙ୍କ ଦୃଷ୍ଟି ପଡ଼ିଲା ଇଭାଙ୍କ ଉପରେ । ଆଳାପ ହେଲା । ଇଭା ବେଶ୍ ଚତୁର । ହିଟଲରଙ୍କ ସବୁ ପ୍ରଶ୍ନର ସୁଚତୁର ଉତ୍ତର ଦେଲେ ସିଏ । ତା ପରଠାରୁ ସେହି ତରୁଣୀଙ୍କ ଉପରେ ଅଜାଡ଼ି ହୋଇ ପଡ଼ିଲା ହିଟଲରଙ୍କ ଅନୁରାଗ ଓ ଅନୁଗ୍ରହ । ଏବେ ସେ ହେଲେ ହିଟଲରଙ୍କ ସଙ୍ଗିନୀ । କିନ୍ତୁ ସେ ଜାଣନ୍ତି, ତାଙ୍କର ପୂର୍ବର ସେହି ଅଶ୍ଳୀଳ ଠାଣିର ଫଟୋର ନେଗେଟିଭ୍‌ସବୁ ହଫ୍-ମ୍ୟାନଙ୍କ ପାଖରେ । ତାକୁ ଯଦି ସେ କେବେ ପ୍ରକାଶ କରିଦେବେ ତେବେ ତାଙ୍କ କଥା ସରିଯିବ । ଏତେବଡ଼ ପ୍ରତାପୀ, ଜର୍ମାନୀ ଶାସକ ହିଟଲରଙ୍କ ପ୍ରତି ତା କମ୍ ଅପମାନଜନକ ନୁହେଁ । ତା ଏକ ଆନ୍ତର୍ଜାତୀୟ କଳଙ୍କ କାହାଣୀରେ ପରିଣତ ହେବ । ହିଟଲରଙ୍କ ଦକ୍ଷିଣ ହସ୍ତ ଗୋରିଙ୍ଗଙ୍କ ଚକ୍ରାନ୍ତ ତାଙ୍କୁ ଅଜଣା ନୁହେଁ । ଗୋରିଙ୍ଗ ଲଗିଥିଲେ ମାର୍ଶାଲ ବୋଲମବର୍ଗ (Bolmberg)ଙ୍କୁ ହଟାଇ

ନିଜେ ଜର୍ମାନୀର ଯୁଦ୍ଧମନ୍ତ୍ରୀ ହେବେ । କିନ୍ତୁ ବୋଲମବର୍ଗଙ୍କ ଉପରେ ହିଟଲରଙ୍କ ଶୁଭଦୃଷ୍ଟି । ତାଙ୍କୁ ହଟେଇବା କଷ୍ଟକର । ଇଭାଙ୍କର ଜଣେ ସଙ୍ଗିନୀ ଏରିକା ଗୁହନଙ୍କୁ (Enika Guhne) ପଠାଗଲା ବୋଲମବର୍ଗଙ୍କ ନିକଟକୁ । ଏରିକା ବୋଲମବର୍ଗଙ୍କୁ କରଗତ କରିନେଲେ । ବୋଲମବର୍ଗ ଗୃହିଁଲେ ତାଙ୍କୁ ବିବାହ କରିବେ; ବିବାହ ହେଲା । ବିବାହରେ କନ୍ୟାଦାନ କଲେ ନିଜେ ଗୋରିଙ୍ଗ । ଖୁବ୍ ଭୋଜିଭାତ ହେଲା । ହିଟଲରଙ୍କ ସମେତ ସମସ୍ତେ ଯୋଗ ଦେଲେ ସେଥିରେ । ବିବାହର ପରଦିନ ଫ୍ରାନ୍ସର ଏକ ସମ୍ବାଦ-ପତ୍ରରେ ପ୍ରକାଶ ପାଇଲା ଏରିକାଙ୍କର ଛବି । ସେ ଅତି ଆଗ ନ ଦେଖିଲାଭଳି ଅଶୌଜନ୍ୟ ଭାବରେ ଆଉ ଜଣେ ପୁରୁଷଙ୍କ ସହିତ ମିଳିତ ହୋଇଛନ୍ତି । ଫଳରେ ବୋଲମବର୍ଗ ତାଙ୍କ ମନ୍ତ୍ରୀପଦରୁ ବରଖାସ୍ତ ହେଲେ । ତାଙ୍କ ସ୍ଥାନରେ ଗୋରିଙ୍ଗ ହେଲେ ଯୁଦ୍ଧମନ୍ତ୍ରୀ ।

ଇଭା ଜାଣନ୍ତି ଏ ଘଟଣା କି ଚହଳ ପକାଇଥିଲା, ତା'ର ଫଳ ହେଲା କଣ ? ତାଙ୍କ ନିଜର ସେଇଭଳି ଫଟୋ ନେଗେଟିଭ ସବୁ ହଫମ୍ୟାନଙ୍କ ପାଖରେ । କିନ୍ତୁ ସେ ଏବେ ହିଟଲରଙ୍କ ଅଙ୍କ-ଲଗ୍ନି ଭାବେ ଖୁବ୍ ଶକ୍ତିଶାଳୀ । ଇଚ୍ଛାକଲେ ତାଙ୍କୁ ଏ ଇହଜଗତରୁ ଅକ୍ଳେଶରେ ବିଦା କରିଦେଇପାରନ୍ତି । ଏମିତି ଜର୍ମାନୀରେ ବହୁ ଲୋକଙ୍କୁ ଲୋପ କରିଯାଉଛି । ତା କେହି ଜାଣନ୍ତି ନାହିଁ କି କେବେହେଲେ ତା ଉପରକୁ ଫୁଟିନାହିଁ । କିନ୍ତୁ ହଫ୍‌ମ୍ୟାନ ଚତୁର ଘୁଲାଖ । ସେ ଉକ୍ତ ଫଟୋ ଓ ନେଗେଟିଭସବୁକୁ ପଠାଇଦେଇଛନ୍ତି ଦେଶ ବାହାରକୁ । ତେଣୁ ତାଙ୍କୁ ଗିରଫ କରାଗଲେ ସେ ସବୁ କଥା ପ୍ରକାଶ କରିଦେବେ । ଜର୍ମାନୀ ଗୁଇନ୍ଦା ପୁଲିସ ଗେଷ୍ଟାପୋର ମୁଖ୍ୟ କର୍ତ୍ତା ହେଲେ ହିମଲର । ତାଙ୍କର ମଧ୍ୟ ଦୃଷ୍ଟି ପଡ଼ି-ଥିଲା ଇଭାଙ୍କ ଉପରେ । ସେ ମଧ୍ୟ ତାଙ୍କ ପ୍ରତି ଈର୍ଷାନ୍ୱିତ ।

ହଫମ୍ୟାନଙ୍କ ଦେହରେ ହାତ ଦେଲେ ସବୁ ବିଗିଡ଼ିଯାଇପାରେ ଏବେ ଉପାୟ ? ଉପାୟ ମିଳିଗଲା । ହଫମ୍ୟାନ ନିଯୁକ୍ତ ହେଲେ ହିଟଲରଙ୍କ ଘରୋଇ ଫଟୋଉଠାଳି ହୋଇ । ସଙ୍ଗେ ସଙ୍ଗେ ଚାଲିଲା ହିଟଲରଙ୍କର ଫଟୋର ପ୍ରସାର । ହଫ୍‌ମ୍ୟାନ୍ ଏକ ବିରାଟ ବ୍ୟବସାୟ ଅନୁଷ୍ଠାନ ଖୋଲିଦେଲେ । ଲକ୍ଷ ଲକ୍ଷ ଟଙ୍କାରେ ବଢ଼ି ଚାଲିଲା ତାଙ୍କର କାରବାର, ଫଟୋ ବିକ୍ରୀ । ସରକାରୀ ଅନୁଗ୍ରହ ହେଲେ କ'ଣ ବା ଅସମ୍ଭବ ! ଗୋଟାଏ ଦିଗରୁ ଇଏ ନିଶ୍ଚିନ୍ତ ହେଲେ । କିନ୍ତୁ ଆଉ ଏକ କଣ୍ଟକ ରହିଛି; ତାଙ୍କର ସେଇ ପୂର୍ବତନ ସଙ୍ଗୀ, ଯାହାଙ୍କ ସଙ୍ଗରେ ଅଶୋଭନୀୟ ଫଟୋ ଉଠାଇଥିଲେ ସେ । ସେ ଯୁବକ ଜଣକ ତ ପୁଣି ଅଛନ୍ତି । ସେ ପ୍ରଶ୍ନର ସମାଧାନ ପୁଣି କେମିତି ହେବ ? ଦିନେ ଦେଖାଗଲା, ଯୁବକ ଜଣକ ଏକଦମ ନିଖୋଜ, ତାଙ୍କର ପତ୍ତା ମିଳୁନାହିଁ । ସେ ଆଉ ଏ ଇହଜଗତରେ ନାହାନ୍ତି । ଏ ହେଲା ଅବାଞ୍ଛିତ ଲୋକଙ୍କୁ ଦୂର କରିବାର ଚହ୍ନା । ଏବେ ଇଏ ସବୁଦିନ ଲାଗି ନିଶ୍ଚିନ୍ତ, ଜର୍ମାନୀର ଏକଛତ୍ର ଶାସକ ହିଟଲରଙ୍କ ସର୍ଗିମା ଭାବରେ । ମାନବିକତାର ହତ୍ୟା ଯେଉଁଠି ସର୍ବଶ୍ରେଷ୍ଠ ନୀତି, ଯୁଦ୍ଧ ଯେଉଁଠି ସର୍ବଶ୍ରେଷ୍ଠ ନୈତିକତା, ସେଠି ପୁଣି ଆଉ ନୈତିକତାର ପ୍ରଶ୍ନ ବା କେଉଁଠି ?

ଏତେ ପ୍ରତାପୀ ହିଟଲର; କିନ୍ତୁ ମୃତ୍ୟୁବେଳେ ଇଭାଙ୍କ ଶବ ପୋଡ଼ିବାକୁ ସମ୍ବଳହୀନ ସେ । ଆଦେଶ ଦେଇଯାଇଛନ୍ତି, ତାଙ୍କର ଓ ଇଭାଙ୍କ ଶବ ପୋଡ଼ାଯିବ; କିନ୍ତୁ ପୋଡ଼ିବାକୁ ସମୟ ନାହିଁ, ଲୋକ ନାହାନ୍ତି, ପେଟ୍ରୋଲ ନାହିଁ । କେବଳ ଅରପୋଡ଼ା ଅବସ୍ଥାରେ ପଡ଼ିଛି ଶବ ଦୁଇଟା । ସବୁ ଡିକ୍ଟେଟରଙ୍କ ଜୀବନର ଯବନିକା ପଡ଼ିଛି ଏଇପରି । ଇଟାଲିର ଏକଛତ୍ର ଶାସକ ମୁସୋଲିନି—ଶେଷ ଅବସ୍ଥାରେ ଖସି ପଳାଇବାକୁ ବସିଥିଲେ । ତାଙ୍କୁ ଧରିଲେ

ଇଟାଲିର ଗରିଲାମାନେ । ତାଙ୍କ ସହିତ, ତାଙ୍କର ସ୍ତ୍ରୀ ନୁହନ୍ତି, ଥିଲେ ତାଙ୍କର ଅଙ୍କଲାଗି କ୍ଲାରେଟା ପେଟାସି । ସେଇଠି ହେଲା ସେମାନଙ୍କର ବିଚାର ଓ ମୃତ୍ୟୁଦଣ୍ଡ । ତାଙ୍କର ସେ ଶବର ଗୋଡ଼ ଦୁଇଟାକୁ ବାନ୍ଧି ମୁଣ୍ଡଟାକୁ ଝୁଲାଇ ଦିଆଗଲା ତଳକୁ, ରାଜପଥ ଉପରେ, ଯେପରି ସମସ୍ତେ ତାଙ୍କୁ ନଷ୍ଟପୂ ଦେଖିବେ ଏବଂ ବୁଝି- ପାରିବେ, ଏକଛତ୍ରବାଦୀଙ୍କର ଶେଷ ପରିଣତି । ସେମିତି ଗଢ଼ୁଛି ଦୁଇଟା ଦରପୋଡ଼ା ଶବ—ତା ପାଖରେ ଠିଆ ହୋଇଛି ଅର୍ଦ୍ଧଦଗ୍ଧ ଜର୍ମାନୀ ।

ପ୍ରଗତି ଉତ୍କଳ ସଂଘ, ରାଉରକେଲା
ପାଠାଗାର
ନଂ .....................
ତା .....................

*

## ବିଭକ୍ତ ଜର୍ମାନୀ

ଏ ସେଇ ପୋଟ୍‌ସ୍‌ଡାମ ସମ୍ମିଳନୀ ଗୃହ । ମଝି ହଲ୍‌ରେ ବସିଛି ବୈଠକ । ତା'ର ଦୁଇପାଖରେ ଲଗିଲଗି କେତେକ ବଡ଼ ବଡ଼ କୋଠରୀ; ତାହା ପ୍ରତ୍ୟେକ ଦେଶର ପ୍ରତିନିଧିଦଳଙ୍କ ଲାଗି ଉଦ୍ଦିଷ୍ଟ, ସେମାନଙ୍କ ମନ୍ତ୍ରଣା କକ୍ଷ । ଏଇ ଘରଗୁଡ଼ିକୁ ଘେରି ବୁଲିଛି ଏକ ବିସ୍ତୃତ ବାରଣ୍ଡା । ସମସ୍ତ ବାରଣ୍ଡାଟା ଏ ମୁଣ୍ଡ଼ୁ ସେ ମୁଣ୍ଡ଼ ବିଭିନ୍ନ ପ୍ରକାର ଚିତ୍ର, ଫଟୋ, ଛବି, ମାନଚିତ୍ରରେ ପୂର୍ଣ୍ଣ—ସେଇ ସମୟର ଘଟଣାବଳୀର ବିସ୍ତୃତ ବିବରଣୀ—କହିବାକୁ ଗଲେ, ଯୁଦ୍ଧ, ଷଡ଼ଯନ୍ତ୍ର ଓ ଶାନ୍ତିର ଏକ ସଂକ୍ଷିପ୍ତ ଇତିହାସ । ତା ଉପରେ ଆଖି ପଡ଼ିଲାମାତ୍ରେ ଅତୀତର କଥାଗୁଡ଼ାକ ଜାଗିଉଠିଲା ମନରେ । ଅଳ୍ପେ ଆପେ ଯୋଡ଼ି ହୋଇଗଲା ହଜିଲା ସ୍ମୃତିର ଛିଣ୍ଡା ଛିଣ୍ଡା ଖିଅ ସବୁ । ତାକୁ ଗାଇବସିଲେ ଗୋଟାଏ ପୁରାଣ ହେବ । କିନ୍ତୁ କିଛି ଠିକେ ଠିକେ ନ କହିଲେ ଅପୂର୍ଣ୍ଣ ରହିଯିବ । କାରଣ ନୂଆ ଜର୍ମାନୀର ଆରମ୍ଭ ଏଇଠୁ ।

ଏ ସମ୍ମିଳନୀ ବସିବ କେବେ ? ଆମେରିକା ଜିଦ୍ ଧରି ବସିଛି ଜୁଲାଇ ୧୫ ତାରିଖରେ ନିଶ୍ଚୟ ଆରମ୍ଭ ହେବ । ଠିକ ୧୫ ତାରିଖ, ଦିନେ ବି ଆଗପଛ ହେବନାହିଁ । କାହିଁକି ? ସେମାନେ ତ ଆମଭଳି ଗ୍ରହନକ୍ଷତ୍ର ବା ରାଶିଫଳରେ ବିଶ୍ୱାସ କରନ୍ତି ନାହିଁ ; ପାଞ୍ଜି ଦେଖି ଅନୁକୂଳ କରନ୍ତି ନାହିଁ । ଏପରି କି ବିଲାତର ପ୍ରଧାନମନ୍ତ୍ରୀ ଚର୍ଚ୍ଚିଲ ମଧ୍ୟ ଏ ରହସ୍ୟ ବୁଝିବାକୁ ଅସମର୍ଥ । ତାଙ୍କର ମଧ୍ୟ ପ୍ରଶ୍ନ, ଏ ଜୁଲାଇ ୧୫ ତାରିଖ କାହିଁକି ?

ଜୁଲାଇ ୧୬ ତାରିଖ, ପୃଥିବୀର ଚାରିଆଡ଼େ ସମ୍ବାଦ ଖେଳିଗଲା ଆମେରିକା ପରମାଣୁ ବୋମା ବିସ୍ଫୋରଣ କରିଛି ମେକ୍ସିକୋର ଆଲାମଗୋରଡୋ ମରୁଭୂମିରେ । କି ଭୟଙ୍କର ସେ ବୋମାର ରୂପ ! କି ଭୀଷଣ ତା'ର ମାରାତ୍ମକ ଶକ୍ତି ! ସତେ କି ଗୀତାରେ ବର୍ଣ୍ଣିତ ଭଗବାନଙ୍କ ବିଶ୍ୱରୂପ ସିଏ !

ଦିବି ସୂର୍ଯ୍ୟସହସ୍ରସ୍ୟ ଭବେଦ୍ୟୁଗପ ଦୁତ୍ଥିତା ।
ଯଦି ଭାଃ ସଦୃଶୀ ସା ସ୍ୟାଦ୍ଭାସସ୍ତସ୍ୟ ମହାତ୍ମନଃ ॥

ଆକାଶରେ ଯଦି ହଠାତ୍ ଏକାବେଳକେ ସହସ୍ର ସୂର୍ଯ୍ୟ ଉଠନ୍ତେ, ତେବେ ଅବା ସେହି ସହସ୍ର ସୂର୍ଯ୍ୟର ତେଜ ଓ ଦୀପ୍ତି ସହିତ ତାହା ସମାନ ହୁଅନ୍ତା । ଏଇପରି ତେଜଶୀଳ ଓ ଶକ୍ତିଶାଳୀ ସେଇ ବୋମା, ସେଇପରି ତା'ର ସଂହାରଶକ୍ତି । ଆମେରିକା ଅପେକ୍ଷା କରି ରହିଥିଲା, ତାହା ଦୁନିଆକୁ ଜଣାଇଦେବ । ଏବେ ଜଣାଇଦେଲା ଯେ ଏକାହିଁ କେବଳ ସେପରି ପ୍ରଳୟଙ୍କରୀ ସଂହାର ଶକ୍ତିର ଅଧିକାରୀ । ସେଥିରୁ ଗୋଟିଏ ବୋମାଦ୍ୱାରା ଏକ ବିରାଟ ସହରକୁ ସେ ସମୂଳେ ଉଡ଼ାଇଦେଇପାରେ; ସମଗ୍ର ପୃଥିବୀକୁ ଧ୍ୱଂସ କରିଦେଇପାରେ । ତା'ର ମୁକାବିଲା କରିବାକୁ ଏ ବିଶ୍ୱ ଜଗତରେ କାହାରି ଶକ୍ତି ନାହିଁ । ତେଣୁ ତାର ଆଜ୍ଞା ସମସ୍ତଙ୍କର ଶିରୋଧାର୍ଯ୍ୟ ।

ବାସ୍ତବିକ ସେତେବେଳେ ରୁଷ ବା ଅନ୍ୟ କୌଣସି ଦେଶ ପରମାଣୁ ବୋମା ତିଆରି କରି ନ ଥିଲେ । ବର୍ତ୍ତମାନ ଆମେରିକାର ସେ ପ୍ରଥମ ବୋମାଠାରୁ ଆହୁରି ବହୁଗୁଣରେ ମାରାତ୍ମକ ବୋମା ତିଆରି ହେଲାଣି । ଏପରି କି ସେସବୁ ବୋମାର ପରୀକ୍ଷା ଲାଗି ଏ ପୃଥିବୀ ଅତି ସଂକୀର୍ଣ୍ଣ । ତାକୁ ପରୀକ୍ଷା କଲେ ପୃଥିବୀଟା

ନଷ୍ଟଭ୍ରଷ୍ଟ ହୋଇଯାଇପାରେ । ଭଗବାନ ଅର୍ଜୁନଙ୍କୁ ବିଶ୍ୱରୂପ ଦେଖାଇଥିଲେ—ନିଜ ଶକ୍ତିର ପରିଚୟ ଦେବାଲାଗି; କହିଥିଲେ—ସେ ହେଉଛନ୍ତି ସର୍ବଶକ୍ତିମାନ୍—'ଅର୍ଜୁନ' ତୁ କେବଳ ନିମିତ୍ତ ମାତ୍ର ହୋଇ ଯୁଦ୍ଧ କର; ମୋର ନିର୍ଦ୍ଦେଶ ପାଳନ କର; କଥା ମାନି ଚାଲ୍ । ଏଠାରେ ଠିକ ତାହାହିଁ ଥିଲା ଆମେରିକାର ଉଦ୍ଦେଶ୍ୟ । ସେ ଜଣାଇଦେଲା—ସର୍ବଶକ୍ତିଶାଳୀ ଶସ୍ତ୍ରର ଅଧିକାରୀ ଭାବରେ ସେହି କେବଳ ସର୍ବଶକ୍ତିମାନ୍, ସମସ୍ତଙ୍କ କର୍ତ୍ତା । ସମସ୍ତେ ତା'ର ନିର୍ଦ୍ଦେଶ ପାଳନ କରିବାକୁ, କଥା ମାନି ଚଳିବାକୁ ବାଧ୍ୟ । ଅନ୍ୟମାନେ କେବଳ ନିମିତ୍ତ ମାତ୍ର—କିଛି ନୁହନ୍ତି । ଅତଏବ ପୋଟ୍ସ୍‌ଡାମ ସମ୍ମିଳନୀରେ, ତମେ ସମସ୍ତେ, ବିଶେଷକରି ରୁଷି, ତୁ ମୋର-କଥା ମାନି ଚାଲ୍ । ମୋର ନିର୍ଦ୍ଦେଶ ଅନୁସାରେ, ମୋ'ର ପ୍ରସ୍ତାବରେ ସ୍ୱାକ୍ଷର ଦେ । ମୋଟ ଉପରେ ସୋଭିଏତ ହୃଦୟରେ ଭୟ ସଞ୍ଚାରକରି ନିଜର ସାମ୍ରାଜ୍ୟବାଦୀ ନୀତିକୁ ଲଦିଦେବା ଥିଲା ତା'ର ଅଭିପ୍ରାୟ ।

ଆମେରିକାର ଏ ପ୍ରଚ୍ଛନ୍ନ ଧମକ ରୁଷକୁ ଟିକିଏହେଲେ ଭୟଭୀତ କଲା ନାହିଁ । ରୁଷର ବିଶ୍ୱାସ ଜନସାଧାରଣଙ୍କ ଉପରେ, ଭଗବାନଙ୍କ ଉପରେ ନୁହେଁ । ମଣିଷ ଇଚ୍ଛା କଲେ ସବୁ କିଛି କରିପାରେ; ଆହୁରି ଶକ୍ତିଶାଳୀ ଅସ୍ତ୍ର ଉଦ୍ଭାବନ କରିପାରେ । ଏପରିକି ଯୁଦ୍ଧକୁ ମଧ୍ୟ ବନ୍ଦ କରିଦେଇପାରେ ।

ସମ୍ମିଳନୀ ଆରମ୍ଭ ହେଲା ଠିକ ସମୟରେ । ଷ୍ଟାଲିନ୍ କିନ୍ତୁ ପରମାଣୁ ବୋମାର ବିସ୍ଫୋରଣକୁ ଅତି ଶାନ୍ତଭାବେ, ଏକ ଅତି ସାଧାରଣ କଥା ଭଳି ଗ୍ରହଣ କରିଗଲେ । ଟିକେ ହେଲେ ସେଥିରେ ବିଚଳିତ ହେଲେ ନାହିଁ କି ନିଜ ଦାବୀ ବା ପ୍ରସ୍ତାବରୁ ତିଳେ ହେଲେ ହଟିଲେ ନାହିଁ । ଶେଷରେ ଜର୍ମାନୀକୁ ଖଣ୍ଡ ଖଣ୍ଡ କରିବା

ଆମେରିକାର ପ୍ରସ୍ତାବ ସେଇଠି ଅଗ୍ରାହ୍ୟ ହୋଇଗଲା । ପରମାଣୁ ବୋମାର କୂଟନୀତି ବ୍ୟର୍ଥ ହେଲା ।

ଏଇ ସମ୍ମିଳନୀ ୧୭ରୁ ଆରମ୍ଭ ହୋଇ ୨୫ ତାରିଖ ଯାଏ ଚାଲି ସ୍ଥଗିତ ରହିଲା । କାରଣ ମଝିରେ ଆସିଗଲା ବିଲାତର ସାଧାରଣ ନିର୍ବାଚନ । ଏଥିରେ ଶ୍ରମିକ ଦଳ ବିଜୟୀ ହେଲେ । ଜାତିଦଳର ନେତା ଚର୍ଚ୍ଚିଲ ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଲେ । ଶ୍ରମିକ ଦଳର ନେତା ଅଟ୍‌ଲି ହେଲେ ବିଲାତର ପ୍ରଧାନ ମନ୍ତ୍ରୀ; ତେଣୁ ପୋଟ୍‌ସ୍‌ଡାମ ସମ୍ମିଳନୀର ଦ୍ୱିତୀୟ ପର୍ଯ୍ୟାୟରେ ଚର୍ଚ୍ଚିଲଙ୍କ ସ୍ଥାନରେ ଅଟଲି ହେଲେ ବ୍ରିଟିଶ ପ୍ରତିନିଧି ଦଳର ନେତା । ଜାତିଦଳ ପରିବର୍ତ୍ତେ ଶ୍ରମିକଦଳ ଆସିଲେ । ସରକାର ବଦଳିଗଲା ସତ, ହେଲେ ସରକାରୀ ନୀତିର ବିଶେଷ କୌଣସି ପରିବର୍ତ୍ତନ ଘଟିଲା ନାହିଁ ।

ସମ୍ମିଳନୀରେ ଆମେରିକା ପ୍ରସ୍ତାବ ଦେଲା – ଜର୍ମାନୀକୁ ଭାଗ ଭାଗ କରିଯାଉ । ଉତ୍ତର, ଦକ୍ଷିଣ ଓ ପଶ୍ଚିମ ଏଇପରି ଜର୍ମାନୀକୁ ୩ଖଣ୍ଡରେ ବିଭକ୍ତ କରିଦିଅ । ଏହା ଫଳରେ ୩ଟି ସାର୍ବଭୌମ ରାଷ୍ଟ୍ର ସୃଷ୍ଟି ହେବ । ତା'ର ଯୁକ୍ତି ହେଲା, ଜର୍ମାନୀକୁ ଖଣ୍ଡଖଣ୍ଡ କରିଦେଲେ ସେ ଦୁର୍ବଳ ହୋଇପଡ଼ିବ; ଭବିଷ୍ୟତରେ ଆଉ ଯୁଦ୍ଧ କରିବାକୁ ସମର୍ଥ ହେବ ନାହିଁ । ତେଣୁ ପୃଥିବୀର ଶାନ୍ତି ଓ ନିରାପତ୍ତାକୁ ଆଉ ବିପନ୍ନ କରିପାରିବ ନାହିଁ । ଅସଲରେ ଏ ପ୍ରସ୍ତାବର କର୍ତ୍ତା ଥିଲେ ଆମେରିକାର ଏକଚାଟିଆ ପୁଞ୍ଜିପତିଗଣ । ତାହା ସେଇମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ ହୋଇଥିଲା । ଜର୍ମାନୀ ଖଣ୍ଡ ଖଣ୍ଡ ହୋଇ ଛୋଟ ଛୋଟ ରାଷ୍ଟ୍ରରେ ବିଭକ୍ତ ହୋଇଗଲେ ଦୁର୍ବଳ ହୋଇପଡ଼ିବ, ତାହା ଆଉ ନିଜ ଗୋଡ଼ରେ ଛିଡ଼ା ହୋଇପାରିବ ନାହିଁ, ସବୁବେଳେ ଆମେରିକା ଉପରେ ନିର୍ଭର କରିବ ଏବଂ ଆମେରିକା ତାକୁ

ସାହାଯ୍ୟ ଦେବାଦ୍ୱାରା ନିଜ ଅକ୍ତିଆରରେ ରଖିପାରିବ । ସେ ଯାହା କହିବ, ତାହା ମାନିବାକୁ ସେମାନେ ବାଧ୍ୟ ହେବେ । ସେଠୁ ପୁଣି ସୋଭିଏତ ବିରୁଦ୍ଧରେ ପୁନର୍ବାର ଆକ୍ରମଣ ଲାଗି ଘାଟି ଗଠନର ସୁବିଧା ହେବ । ପୁଣି ଜର୍ମାନୀକୁ ସହଜରେ ରୁଷ ବିରୁଦ୍ଧରେ ମତେଇହେବ । ପ୍ରତିଶୋଧର ଭାବ ଜାଗ୍ରତ ହୋଇପାରିବ ଓ ପ୍ରତିଶୋଧ ବାଣୀକୁ ବଳିଷ୍ଠ କରିହେବ । ଆମେରିକାର ଅନ୍ୟ ଏକ ପ୍ରସ୍ତାବ ଥିଲା ଯେ ଜର୍ମାନୀର ରୁଷ ଅଞ୍ଚଳ ଆନ୍ତର୍ଜାତିକ କଣ୍ଟ୍ରୋଲ ଅଧୀନରେ ରହିବ । ଏହା ହେଲା ଜର୍ମାନୀର ସର୍ବଶ୍ରେଷ୍ଠ ଶିଳ୍ପ ଓ ଖଣିଜ ଅଞ୍ଚଳ । ଆନ୍ତର୍ଜାତିକ କଣ୍ଟ୍ରୋଲ ଜରିଆରେ ତାକୁ ନିଜର କଣ୍ଟ୍ରୋଲରେ ରଖିବା ଥିଲା ଆମେରିକାର ଇଚ୍ଛା । ଅତଏବ ଜର୍ମାନୀକୁ ଖଣ୍ଡଖଣ୍ଡ କରି ତା ଉପରେ ନିଜର କର୍ତ୍ତୃତ୍ୱ ଓ ପ୍ରଭାବ ବିସ୍ତାରିବା ଏବଂ ପୁନର୍ବାର ରୁଷ ବିରୁଦ୍ଧରେ ତାକୁ ପ୍ରୟୋଗ କରିବା—ଏହାହିଁ ଥିଲା ଆମେରିକା ପ୍ରସ୍ତାବର ମୂଳ ଉଦ୍ଦେଶ୍ୟ ।

ଏହାର ବିରୋଧ କଲା ସୋଭିଏତ ରୁଷ । ରୁଷର ମତରେ ସାମ୍ରାଜ୍ୟବାଦୀ ଓ ନାଜୀମାନେ ହେଲେ ଯୁଦ୍ଧ ଲାଗି ଦାୟୀ । ତାଙ୍କର ଅପରାଧ ଲାଗି ସାରା ଜର୍ମାନ ଜାତିଟାକୁ ଭାଗ ଭାଗ କରିବା ଠିକ ନୁହେଁ । ତା'ର ବିକାଶକୁ ଖର୍ବ ଓ ବ୍ୟାହତ କରିବା ଅନୁଚିତ । ଏହା ଗଣତନ୍ତ୍ରର ବିରୋଧୀ । ନାଜୀବାଦ ସେଇ ଗଣତନ୍ତ୍ରକୁ ହତ୍ୟା କରିଛି । ଦରକାର ହେଉଛି ଜର୍ମାନୀରେ ଗଣତନ୍ତ୍ର ପ୍ରସାର । ସେଠାରେ ଗଣତାନ୍ତ୍ରିକ ବିକାଶକୁ ଉତ୍ସାହିତ କରିବା, ଜାତିର ଅଖଣ୍ଡତା ରକ୍ଷା କରିବା ଏବଂ ତାକୁ ଏକ ଶାନ୍ତିକାମୀ ରାଷ୍ଟ୍ରଭାବେ ଗଠନ କରିବା—ଏଥିଲାଗି ତା'ର ସ୍ୱାଧୀନ ଜାତୀୟ ଅସ୍ତିତ୍ୱ ରକ୍ଷା କରିବାକୁହିଁ ପଡ଼ିବ । ଅନ୍ୟ ଦିଗରେ ଯେଉଁମାନେ ଅନବରତ ଯୁଦ୍ଧ ସୃଷ୍ଟିରେ ଲାଗିଛନ୍ତି ସେ ଏକଚାଟିଆ ପୁଞ୍ଜିବାଦ, ନାଜୀବାଦ

ଓ ସମରବାଦକୁ ନିର୍ମୂଳ କରିଦେବାକୁ ହେବ । ସେମାନଙ୍କୁ ବିଲୋପ ନ କଲେ ଅନ୍ୟ ଢଗରେ ଗଣତନ୍ତ୍ରର ବିକାଶ ମଧ୍ୟ ସମ୍ଭବ ନୁହେଁ । ସେମାନଙ୍କ ଆଧିପତ୍ୟ ଥିଲା ପର୍ଯ୍ୟନ୍ତ ଜର୍ମାନୀ କେବେହେଲେ ଶାନ୍ତିପୂର୍ଣ୍ଣ ରାଷ୍ଟ୍ର ହୋଇପାରିବ ନାହିଁ କି ପୃଥିବୀରୁ ଯୁଦ୍ଧଭୟ ଦୂର ହେବ ନାହିଁ । ସେମାନେ ଥିଲା ପର୍ଯ୍ୟନ୍ତ ପୃଥିବୀର ନିରାପତ୍ତାକୁ ବିପନ୍ନ କରୁଥିବେ । ଅତଏବ ଏକମାତ୍ର ପନ୍ଥା ଜର୍ମାନୀକୁ ଏକ ଶାନ୍ତିକାମୀ ଗଣତାନ୍ତ୍ରିକ ରାଷ୍ଟ୍ର କରି ଗଠନ କରିବା, ଯୁଗ ଯୁଗ ହେଲା ଯୁଦ୍ଧକୁ ଜନ୍ମ ଦେଉଥିବା ଶ୍ରେଣୀକୁ ନିର୍ମୂଳ କରିବା । ଏହା ଅତି ନ୍ୟାୟ-ସଙ୍ଗତ ଓ ଯୁକ୍ତିଯୁକ୍ତ ପନ୍ଥା । ଏହାର ପ୍ରକାଶ୍ୟ ବିରୋଧ କରିବା କାହାରି ପକ୍ଷରେ ସମ୍ଭବ ନୁହେଁ । ଶେଷରେ ବିଲାତ, ଆମେରିକା ଓ ଫ୍ରାନ୍‌ସ ଏହା ଗ୍ରହଣ ନ ଥିଲେ ବି ମାନିବାକୁ ବାଧ୍ୟ ହେଲେ; କିନ୍ତୁ ତାଙ୍କର ଭିତରି ଉଦ୍ୟମ ରହିଲା, ଏହାକୁ କପରି ଭାଙ୍ଗିବେ । ତା'ରି ଫଳରେହିଁ ଆଜି ଦୁଇ ଜର୍ମାନୀର ସୃଷ୍ଟି, ଉତ୍ତର ଆଟଲାଣ୍ଟିକ ମେଣ୍ଟ ଗଠନ ଓ ପଶ୍ଚିମ ଜର୍ମାନୀରୁ ପୁନର୍ବାର ଯୁଦ୍ଧର ଆହ୍ୱାନ । ସେ ସବୁ ଆମେ ପରେ ଦେଖିପାରିବା । ତେବେ ପୋଟ୍‌ସଡାମ ସମ୍ମିଳନୀରେ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହେଲା :

—ଏକଚାଟିଆ ପୁଞ୍ଜିପତିଙ୍କର କ୍ୟାଟାଲ, ଟ୍ରଷ୍ଟ, ସିଣ୍ଡିକେଟ ଇତ୍ୟାଦି ଯେତେଗୁଡ଼ିଏ ସଂସ୍ଥା ରହିଛି ସେ ସବୁ ଭାଙ୍ଗିଦିଆହେବ । ସେମାନଙ୍କ ହାତରେ ଯେଉଁସବୁ ଧନସମ୍ପଦ ଓ ରାଜନୈତିକ କ୍ଷମତା କେନ୍ଦ୍ରୀଭୂତ ହୋଇ ରହିଛି ତାକୁ ବିକେନ୍ଦ୍ରୀକରଣ ବା ଲୋପ କରିଦିଆହେବ ।

— ଜର୍ମାନୀର ରାଜନୈତିକ ଜୀବନ ଗଣତାନ୍ତ୍ରିକ ପଦ୍ଧତିରେ ପୁନର୍ଗଠିତ ହେବ ।

—ସବୁ ଯୁଦ୍ଧ ଅପରାଧୀ ଗିରଫ ହେବେ । ସେମାନଙ୍କ ପ୍ରତି ତୁରନ୍ତ ଯଥାର୍ଥ ନ୍ୟାୟ ବିଚାର କରିବାକୁ ହେବ । ନାଜୀ ପାର୍ଟି ଓ ତା'ର ସଂସ୍ଥାମାନଙ୍କୁ ବେଆଇନ ଘୋଷଣା କରାଯିବ । ସରକାରୀ, ଅଧା ସରକାରୀ ଅନୁଷ୍ଠାନମାନଙ୍କରୁ ଓ ବ୍ୟକ୍ତିଗତ ପ୍ରତିଷ୍ଠାନର ଦାୟିତ୍ୱପୂର୍ଣ୍ଣ ସ୍ଥାନରୁ ନାଜୀଦଳର ଲୋକଙ୍କୁ ବହିଷ୍କାର କରାଯିବ ।

—ଗୁଳି, ବାରୁଦ, ତୋପ, କମାଣ ଆଦି ସକଳପ୍ରକାର ଯୁଦ୍ଧ ସାମଗ୍ରୀ ଉତ୍ପାଦନ ବନ୍ଦ ହେବ ।

—ଗଣତାନ୍ତ୍ରିକ ଦଳ ଓ ସଂଗଠନର ପ୍ରତିଷ୍ଠାକୁ ଉତ୍ସାହିତ କରାଯିବ; ସ୍ୱାୟତ୍ତଶାସନ ବ୍ୟବସ୍ଥା ପ୍ରତିଷ୍ଠା ହେବ । ଅର୍ଥନୈତିକ ବ୍ୟବସ୍ଥା ଦୃଷ୍ଟିରୁ ସମଗ୍ର ଜର୍ମାନୀକୁ ଗୋଟାଏ ୟୁନିଟ ବା ଅଞ୍ଚଳ ବୋଲି ଧରାଯିବ । ପୂର୍ବଦିଗରେ ଜର୍ମାନୀର ସୀମାନ୍ତ ଓଡର-ନେଇସି ଲାଇନଠାରେ ଧାର୍ଯ୍ୟ ହେବ । ପୋଲାଣ୍ଡ, ହଙ୍ଗେରୀ, ଚେକୋସ୍ଲୋଭାକିଆ ପ୍ରଭୃତି ଦେଶ ଆକ୍ରମଣ କରି ଯେଉଁଠି ଜର୍ମାନମାନେ ବସତି ସ୍ଥାପନ କରିଥିଲେ ସେଠାରୁ ସେମାନଙ୍କୁ ହଟାଇ ଆଣିବାକୁ ହେବ, ଶେଷରେ ରହିଲା ବର୍ତ୍ତମାନ ଓ ଭବିଷ୍ୟତରେ ଜର୍ମାନୀ ଯେପରି ପୃଥିବୀର ଶାନ୍ତି ଓ ନିରାପତ୍ତାକୁ ଆଉ ବିପନ୍ନ ନ କରେ, ସେଥିପ୍ରତି ଦୃଷ୍ଟି ଦେବାକୁ ହେବ । ସେ ଦିଗରେ ସବୁ ପ୍ରକାର ଆବଶ୍ୟକୀୟ ବ୍ୟବସ୍ଥା ଗ୍ରହଣ କରାଯାଇପାରିବ । ଏଇ ହେଲା ମୋଟାମୋଟି ନିଷ୍ପତ୍ତି । ଏହା ହେଲା ଗଣତାନ୍ତ୍ରିକ ମିତ୍ରର ବିଜୟ ।

କିନ୍ତୁ ସାମ୍ରାଜ୍ୟବାଦୀମାନେ କ'ଣ ଏତେ ଶୀଘ୍ର ଏତେ ସହଜରେ ପରାଜୟ ସ୍ୱୀକାର କରିଯିବେ ? ନିଜର ପ୍ରକୃତି ଛାଡ଼ିବେ ? ଏଇ ପୋଟ୍‌ସ୍‌ଡାମ ସମ୍ମିଳନୀର ନିଷ୍ପତ୍ତି ସଙ୍ଗେ ସଙ୍ଗେ ସେମାନେ ଚକ୍ରାନ୍ତ କଲେ ତାକୁ ଭାଙ୍ଗିବା ଲାଗି ।

ଠିକ ଯୁଦ୍ଧ ସରିଛି । ଏବେ ଜର୍ମାନୀ ମିତ୍ରଶକ୍ତିମାନଙ୍କ ସାମରିକ ଶାସନ ଅଧୀନରେ । ବିଲାତ, ଆମେରିକା, ଫ୍ରାନ୍ସ, ରୁଷ—ଏମାନେ ନିର୍ଦ୍ଦିଷ୍ଟ ଅଞ୍ଚଳରେ ନିଜ ନିଜର ସାମରିକ ଶାସନ ପ୍ରତିଷ୍ଠା କରିଛନ୍ତି । ବର୍ଲିନ ସହର ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା । ସୋଭିଏତ ଅଞ୍ଚଳ ଭିତରେ ଥିଲେ ବି ତା' ଉପରେ ଚାରି ଶକ୍ତିଙ୍କ କର୍ତ୍ତୃତ୍ୱ ରହିଛି । ଏ ସବୁକୁ ନିୟନ୍ତ୍ରଣ କରିବାଲାଗି ଚାରିଦେଶର ପ୍ରତିନିଧିଙ୍କୁ ନେଇ ଏକ ସାମରିକ କାଉନ୍‌ସିଲ ଅଛି । ଏବେ ପୋଟ୍‌ସ୍‌ଡାମ ନିଷ୍ପତ୍ତିକୁ ପ୍ରତ୍ୟେକ ଦେଶର ସାମରିକ ଶାସନ ତାଙ୍କ ଅଞ୍ଚଳରେ କାର୍ଯ୍ୟକାରୀ କରିବେ, ନାଜୀବାଦ, ସମରବାଦ ଓ ତା'ର ଭିତ୍ତିକୁ ଲୋପ କରିବେ, ଜର୍ମାନୀକୁ ଗଣତାନ୍ତ୍ରିକ ରାଷ୍ଟ୍ର କରି ଗଢ଼ିବେ, ତା ହାତରେ ଆତ୍ମନିୟନ୍ତ୍ରଣ ଅଧିକାର ଅର୍ପଣ କରିବେ ।

ସୋଭିଏତ ରୁଷ ତାକୁ ତୁରନ୍ତ କାର୍ଯ୍ୟକାରୀ କରିବାରେ ଲାଗି-ପଡ଼ିଥିଲା । ଘୋଷଣା କଲା ଯେ ଲୋକେ ଅବାଧ ଟ୍ରେଡ୍ ୟୁନିଅନ, ଅନ୍ୟ ଗଣତାନ୍ତ୍ରିକ ଦଳ ଓ ଫ୍ୟାସିଷ୍ଟବିରୋଧୀ ସଂସ୍ଥାମାନ ଗଠନ କରିପାରନ୍ତି । ସେମାନେ ତାଙ୍କର ରାଜନୈତିକ ପ୍ରୋଗ୍ରାମ ଅନୁସାରେ କାର୍ଯ୍ୟ କରନ୍ତୁ ଏବଂ ସମସ୍ତେ ଏକତ୍ର ମିଳିତଭାବେ ଜର୍ମାନୀର ଆତ୍ମ-ନିୟନ୍ତ୍ରଣ ଅଧିକାରକୁ ସାବ୍ୟସ୍ତ କରନ୍ତୁ ।

ଫଳରେ ସୋଭିଏତ ଅଞ୍ଚଳରେ ଶ୍ରମିକ ସଂଗଠନ, ଟ୍ରେଡ୍ ୟୁନିଅନ, ସୋସିଆଲ ଡେମୋକ୍ରାଟିକ ପାର୍ଟି, କମ୍ୟୁନିଷ୍ଟ ପାର୍ଟି, ଡେମୋ-କ୍ରାଟିକ ୟୁନିଅନ, ଲିବରାଲ ଡେମୋକ୍ରାଟିକ ପାର୍ଟି, ନ୍ୟାସନାଲ ଡେମୋକ୍ରାଟିକ ପାର୍ଟି, ଡେମୋକ୍ରାଟିକ ପିଜାଣ୍ଟ ପାର୍ଟି ଆଦି ବହୁ ଦଳ ଦେଖାଦେଲା । ସେମାନେ ଦାବି କଲେ ଯେ ବଡ଼ ବଡ଼ ଜମିମାଲିକ ଓ ଏକଚାଟିଆ ପୁଞ୍ଜିପତିଙ୍କ ମୂଳ ଅର୍ଥନୈତିକ ଭିତ୍ତିକୁ ପ୍ରଥମେ ଲୋପ କରାଯାଉ । ସେଇମାନେ ଫ୍ୟାସିଷ୍ଟବାଦକୁ ଜନ୍ମ ଦେଇଛନ୍ତି;

ସେଇମାନେ ସାମ୍ରାଜ୍ୟବାଦ ଓ ସମରବାଦର ଭିତ୍ତି; ସେଇମାନେ ବରାବର ଯୁଦ୍ଧ ଭିଆଇ ଆସିଛନ୍ତି । ଆଜି ପ୍ରକୃତ ଗଣତନ୍ତ୍ର ପ୍ରତିଷ୍ଠା ଲାଗି ସେଇମାନଙ୍କ ଆଧିପତ୍ୟକୁ ଆଗ ଦୂର କରିବାକୁ ହେବ । ତେଣୁ ପୋଟ୍‌ସ୍‌ଡାମ ସମ୍ମିଳନୀର ନିଷ୍ପତ୍ତି ଓ ଜର୍ମାନୀର ଗଣତାନ୍ତ୍ରିକ ମତ ଅନୁସାରେ ୭୧୩୬ ଜଣ ବଡ଼ ଜମିମାଲିକଙ୍କ ଜମି ବାଣ୍ଟି ଦିଆଗଲା । ଯେଉଁମାନେ ଯୁଦ୍ଧ ଅପରାଧୀ, ନାଜୀ ପାର୍ଟିର ସମର୍ଥକ ଓ ଏକଚାଟିଆ ପୁଞ୍ଜିପତି, ସେମାନଙ୍କ କଳକାରଖାନା, ଧନସମ୍ପଦ ବାଜ୍ୟାପ୍ତି ( ବା ଜାତୀୟକରଣ ) କରାଗଲା । ଏ ସବୁଗୁଡ଼ିକ ଜନମତରେ, ଭୋଟ ଦ୍ୱାରା ସ୍ଥିର ହୋଇଛି । ଶତକଡ଼ା ପ୍ରାୟ ୭୭·୬୭ ଲୋକ ଏହା ସପକ୍ଷରେ ଭୋଟ ଦେଇଛନ୍ତି (ଭ୍ରାକ୍‌ସୁକ ଅଞ୍ଚଳ) । ଏହା ହେଲା ଜର୍ମାନୀର ଗଣତନ୍ତ୍ର ବିକାଶ ଦିଗରେ ଅଗ୍ରଗତି । ଅଥଚ ବିପରୀତ କଥା ଘଟିଲା ଅପର ଅଞ୍ଚଳରେ, ବ୍ରିଟେନ-ଆମେରିକା-ଫ୍ରାନ୍ସ ଶାସିତ ଅଞ୍ଚଳରେ । ଅତି ଧୀର ମନ୍ଥର ପଦକ୍ଷେପରେ ସେମାନେ ଅଗ୍ରସର ହେଲେ । ଲୋକେ ଗଣତାନ୍ତ୍ରିକ ଦଳ ଗଢ଼ିବାର ଅଧିକାର ପାଇଲେ ବିଳମ୍ବରେ (ଅଗଷ୍ଟ ୨୭ରେ) । ତାହା ପୁଣି ସ୍ଥାନୀୟଭାବେ ଖଣ୍ଡ ଖଣ୍ଡ ଭାବେ କରାଗଲା । ସାରା ଜର୍ମାନୀରେ ହେବାକୁ ୧୯୪୬ ବର୍ଷ ସାରା ଲାଗିଗଲା । ଏହାଦ୍ୱାରା ଗଣତାନ୍ତ୍ରିକ ଶକ୍ତି ଓ ଲୋକଙ୍କ ପକ୍ଷରେ ଏକଜୁଟ ହେବା, ନିଜକୁ ସାବ୍ୟସ୍ତ କରିବା ଓ ଫ୍ୟାସିଷ୍ଟବାଦକୁ ନିର୍ମୂଳ କରିବା କାର୍ଯ୍ୟ ବିଳମ୍ବିତ ଓ ବାଧାପ୍ରାପ୍ତ ହେଲା । ଅଥଚ ଏତେବେଳକୁ ସୋଭିଏତ ଶାସିତ ଅଞ୍ଚଳରେ ଲୋକେ ଗଣତାନ୍ତ୍ରିକ ଅଧିକାର ଲାଭ କରିସାରିଲେଣି, ସେମାନେ ନିଜର ଆତ୍ମନିୟନ୍ତ୍ରଣ ଆରମ୍ଭ କରିଦେଲେଣି ।

ପୋଟ୍‌ସ୍‌ଡ୍ୟାମ୍ ସମ୍ମିଳନୀର ନିଷ୍ପତ୍ତିକୁ କାର୍ଯ୍ୟକାରୀ ନ କରିବା ବା ତା'ର ଓଲଟା କାମ କରିବା ହେଲା ପାଶ୍ଚାତ୍ୟ ଶକ୍ତିର ଅସଲ

ଉଦ୍ଦେଶ୍ୟ । ତେଣୁ ସେମାନଙ୍କର ଚେଷ୍ଟା ହେଲା ଯେପରି ପ୍ରକୃତ ଗଣତାନ୍ତ୍ରିକ ଶକ୍ତିର ବୃଦ୍ଧି ନ ହେଉ, ଫ୍ୟାସିଷ୍ଟବିରୋଧୀ ଶକ୍ତିମାନେ ଏକଜୁଟ ନ ହୁଅନ୍ତୁ । ସେମାନଙ୍କ ଭିତରେ ବିବାଦ ଲାଗୁ । ଗଣତାନ୍ତ୍ରିକ ଶକ୍ତିଙ୍କ ମଧ୍ୟରେ ବିଭେଦ ଆଣିବା ଦିଗରେ ପ୍ରଥମେ ସୋସିଆଲ ଡିମୋକ୍ରେଟ୍ ଦଳର ନେତାଙ୍କୁ ଏମାନେ ବ୍ୟବହାର କରିଥିଲେ । କିନ୍ତୁ ଦେଖାଗଲା, ସୋଭିଏଟ୍ ଶାସିତ ଅଞ୍ଚଳର ପ୍ରଭାବ ସେଠାରେ ଜୋରରେ ପଡ଼ୁଛି । ଗଣତାନ୍ତ୍ରିକ ଅଧିକାର ଓ ଆତ୍ମ-ନିୟନ୍ତ୍ରଣ ଲାଗି ଦାବୀ ଉଠୁଛି । ତାକୁ ଅନ୍ୟ କୌଣସି ଉପାୟରେ ବନ୍ଦ କରିହେବ ନାହିଁ । ସେତେବେଳେ ପାଶ୍ଚାତ୍ୟ ସାମରିକ ଶାସନ ପ୍ରତ୍ୟକ୍ଷ ହସ୍ତକ୍ଷେପ କଲା । ଜଣାଇଦେଲା ଯେ ସେମାନେ ସୋସିଆଲ ଡେମୋକ୍ରାଟିକ୍ ପାର୍ଟି ଓ କମ୍ୟୁନିଷ୍ଟ ପାର୍ଟିର ମିଳନ ଗୃହାନ୍ତ୍ର ନାହିଁ । ଶେଷରେ ଏହି ଐକ୍ୟ ପ୍ରତିଷ୍ଠା ଦିଗରେ ସମସ୍ତ ସଭା ସମିତିକୁ ନିଷେଧ କରିଦିଆଗଲା ।

ଆମେରିକା ଦେଖିଲା, ପୋଟ୍‌ସଡ୍ୟାମ ଚୁକ୍ତିକୁ ଧରିବସିଲେ ଚଳିବ ନାହିଁ । ସୋଭିଏଟ୍ ଅଞ୍ଚଳ ପୂର୍ବ ଜର୍ମାନୀରେ ବିରାଟ ଗଣତାନ୍ତ୍ରିକ ଉଦ୍‌ବେଳନ ଦେଖାଦେଇଛି । ତାହା ପଶ୍ଚିମ ଜର୍ମାନୀକୁ ପ୍ରସରୁଛି । ସେଠାରେ ହେଲା ଭଳି ଜମିବଣ୍ଟନ, କଳ-କାରଖାନାର ଜାତୀୟକରଣ, ଏକଚାଟିଆ ପୁଞ୍ଜିର ବିଲୋପ, ଯୁଦ୍ଧ ଅପରାଧୀଙ୍କ ଶାସ୍ତି ଆଦି ଲୋକେ ଦାବୀ କରୁଛନ୍ତି । ଯଦି ଜର୍ମାନୀକୁ ଗୋଟାଏ କରି ରଖାଯାଏ, ତେବେ ଗଣତାନ୍ତ୍ରିକ ଜୁଆରକୁ ରୋକିହେବ ନାହିଁ । ଆମେରିକା, ବିଲାତ ଓ ଫ୍ରାନ୍ସ ହେଲେ ପୁଞ୍ଜିବାଦୀ ଦେଶ । ସେମାନେ ପୁଣି ଜର୍ମାନୀର ଧନୀ, ଜମିଦାର ଓ ପୁଞ୍ଜିବାଦୀଙ୍କ ବିରୁଦ୍ଧରେ ଏସବୁ ବ୍ୟବସ୍ଥା ଗ୍ରହଣ କରିବେ କିପରି ? ଯେମାନେ ଗୋଟାକ ପରେ ଗୋଟାଏ ବିଶ୍ୱଯୁଦ୍ଧ ଭିଆଇଲେ ବି

ତାଙ୍କୁ ରକ୍ଷା କରିବାକୁ ପଡ଼ିବ । ଯେହେତୁ ସେମାନେ ଏକ ପୁଞ୍ଜିବାଦୀ ଗୋଷ୍ଠୀର ବିରାଦର, ସେ ବ୍ୟବସ୍ଥାକୁ ଆଘାତ କରିବା ଅର୍ଥ ନିଜକୁ ଆଘାତ କରିବା । ତାଙ୍କର ଏକମାତ୍ର ପନ୍ଥା ହେଲା ନିଜ ଅଧିକୃତ ଜର୍ମାନୀକୁ, ପୂର୍ବ ଜର୍ମାନୀ—ସୋଭିଏତ ଅଞ୍ଚଳରୁ ଅଲଗା କରି ଆଣିବା । ଜର୍ମାନୀକୁ ଭାଗ ଭାଗ କରିଦେବା । ଯେପରି ପୂର୍ବର ପ୍ରଭାବ ପଶ୍ଚିମ ଉପରେ ପଡ଼ିବ ନାହିଁ । ଅଥଚ ପଶ୍ଚିମ ଜର୍ମାନୀକୁ ବ୍ୟବହାର କରି ପୂର୍ବ ଜର୍ମାନୀର ଫ୍ୟାସିଷ୍ଟବିରୋଧୀ ଗଣତାନ୍ତ୍ରିକ ବ୍ୟବସ୍ଥା ଓ ସମାଜବାଦ ଗଠନକୁ ପଣ୍ଡ କରିଦେବ । ଏହା ଦ୍ୱାରା ଅନ୍ୟ ଦିଗରେ ପଶ୍ଚିମ ଜର୍ମାନୀ ଉପରେ ନିଜର ଅର୍ଥନୈତିକ କର୍ତ୍ତୃତ୍ୱ ରହିପାରିବ ଏବଂ ତାକୁ ରୁଷ ବିରୁଦ୍ଧରେ ପୁଣି ଏକ ଯୁଦ୍ଧର ଘାଟି କରି ଗଢ଼ିହେବ ।

ଏହା କିଛି ଲୁଚାଛପା ନୁହେଁ । ଆମେରିକାର ସଭାପତି ଟ୍ରୁମ୍ୟାନ୍ (୧୯୪୭, ମାର୍ଚ୍ଚ ୧୨ ତାରିଖରେ) ଘୋଷଣା କଲେ ଯେ ଗଣତାନ୍ତ୍ରିକ ଓ ସମାଜବାଦୀ ବିକାଶକୁ ରୋକିବାକୁ ହେଲେ ସାର୍ବଭୌମ ରାଷ୍ଟ୍ରମାନଙ୍କର ଘରୋଇ ବ୍ୟାପାରରେ ପ୍ରକାଶ୍ୟରେ ଏପରିକି ସାମରିକଭାବେ ହସ୍ତକ୍ଷେପ କରିବା ଆମେରିକାର କର୍ତ୍ତବ୍ୟ । ଏହି କର୍ତ୍ତବ୍ୟପାଳନ କରି ଚାଲିଲା ଆମେରିକା । ଆସିଲା ତା'ର "ମାର୍ଶାଲ ପ୍ଲାନ" । ଏଥିରେ ଯୁଦ୍ଧବିଧ୍ୱସ୍ତ ଜର୍ମାନୀକୁ ପୁନର୍ଗଠନ କରିବା ଉଦ୍ଦେଶ୍ୟରେ ପ୍ରଚୁର ଅର୍ଥ ଯୋଗାଇଦିଆଗଲା । ଏହାର ମୂଳ ଲକ୍ଷ୍ୟ ହେଲା ଏକଚାଟିଆ ପୁଞ୍ଜିପତିଙ୍କୁ ପୁଣି ସୁପ୍ରତିଷ୍ଠିତ କରିବା । ଜର୍ମାନୀର ଏକଚାଟିଆ ପୁଞ୍ଜିପତିମାନେ ଠିକ୍ ତାହାହିଁ ଚାହୁଁଥିଲେ । ଯୁଦ୍ଧରେ ଧ୍ୱସ୍ତବିଧ୍ୱସ୍ତ ହୋଇଛନ୍ତି । ନିଜ ଗୋଡ଼ରେ ନିଜେ ଠିଆ ହେବାକୁ ତାଙ୍କର ବଳ ନାହିଁ । ଏଣେ ପୋଟ୍‌ସ୍‌ଡାମ ଚୁକ୍ତି । ସେଥିରୁ ରକ୍ଷା ପାଇବାକୁ ହେବ । ପୂର୍ବ

ଜର୍ମାନୀର ଆନ୍ଦୋଳନର ଆଘାତରୁ ଆତ୍ମରକ୍ଷା କରିବାକୁ ପଡ଼ିବ । ସେତେବେଳେ ଆମେରିକାର ଏକଚାଟିଆ ପୁଞ୍ଜିହିଁ ସେମାନଙ୍କର ଏକମାତ୍ର ଆଶା ଭରସା । ଏବେ ଆମେରିକା ଓ ଜର୍ମାନୀ ଉଭୟ ଦେଶର ଏକଚାଟିଆ ପୁଞ୍ଜିପତିଙ୍କର ମିଳନ ଘଟିଲା । ଏହାର ଭିତ୍ତି ହେଲା ସୋଭିଏତ୍ ବିରୋଧିତା ଓ ପୂର୍ବର ଗଣତାନ୍ତ୍ରିକ ପ୍ରବାହରୁ ପଶ୍ଚିମ ଜର୍ମାନୀକୁ ମୁକ୍ତ ରଖିବା । ସେହି ଅନୁସାରେ ପଶ୍ଚିମ ଜର୍ମାନୀର ପୁଞ୍ଜିପତି ଦଳ ଖ୍ରୀଷ୍ଟିଆନ୍ ଡେମୋକ୍ରାଟିକ ଦଳ ପକ୍ଷରୁ, ସୋଭିଏତ୍ ଶାସିତ ପୂର୍ବଜର୍ମାନୀ ଉପରେ ଦାବୀ କରା ହେଲା । ଆଉ ଦାବୀ ହେଲା ଫ୍ରାନ୍ସ, ବିଲାତ, ଆମେରିକାଶାସିତ ଅଞ୍ଚଳକୁ ମିଶାଇ ଏକ ଶାସନଭୁକ୍ତ କରାଯାଉ । ତା ମାନେ, ଏକ ପଶ୍ଚିମ ଜର୍ମାନୀ ରାଷ୍ଟ୍ର ଗଠନ କରାଯାଉ, ଜର୍ମାନୀକୁ ଦୁଇଭାଗରେ ବିଭକ୍ତ କରାଯାଉ ।

ଜର୍ମାନୀକୁ ଦୁଇଖଣ୍ଡ କରିବାକୁ ସେମାନେ ବ୍ୟଗ୍ର । କାରଣ ପୂର୍ବ ଜର୍ମାନୀରେ ଜାତୀୟକରଣ ଓ ଭୂମିବଣ୍ଟନ ଯୋଗୁଁ ସେଠାର ବହୁ ଜମିଦାର ପୁଞ୍ଜିପତି ପଳାଇଆସିଛନ୍ତି ଏଇ ପଶ୍ଚିମ ଅଞ୍ଚଳକୁ । ତେଣୁ ସମସ୍ତ ଜର୍ମାନୀ ଯଦି ଗୋଟାଏ ଅର୍ଥନୈତିକ ବ୍ୟବସ୍ଥା ଭିତରେ ରହେ ଏବଂ ସେଠାରେ ପୋଟ୍ସ୍‌ଡ୍ୟାମ ଚୁକ୍ତି କାର୍ଯ୍ୟକାରୀ ହୁଏ, ତେବେ ପୁରୁଣା ନାଜୀ ଓ ତାଙ୍କର ସମର୍ଥକ ଜମିଦାର ପୁଞ୍ଜିପତିଗଣ ପୁଣି ଯିବେ କୁଆଡ଼େ ? ତେଣୁ ଅଧେ ହେଲେ ଜର୍ମାନୀ ତାଙ୍କର କବଳରେ ରହୁ । କଥାରେ ଅଛି, ବିପଦ-କାଳରେ ପଣ୍ଡିତ ଲୋକ ସବୁ ହରାଇବାକୁ ପଡ଼ିଲାବେଳେ ଅଧେ ତ୍ୟାଗ କରିଦିଅନ୍ତି । ପଶ୍ଚିମ ଜର୍ମାନୀର ଖ୍ରୀଷ୍ଟିୟାନ ଡେମୋକ୍ରାଟିକ ଦଳ ପକ୍ଷରୁ କୁହାଗଲା, "ଆମେ ଜର୍ମାନୀର ଏକତାକୁ ପ୍ରତ୍ୟାଖ୍ୟାନ କରୁଁ—ଯେଉଁ ଏକତା ଦ୍ୱାରା ସମାଜବାଦୀ ଶକ୍ତି ସାରା ଜର୍ମାନୀକୁ

ଶାସନ କରିବେ । ସମଗ୍ର ଜର୍ମାନୀରୁ ଅଧେ ପାଇବା ଅପେକ୍ଷା ଆମେ ଅଧେ ଜର୍ମାନୀ ପୂରା ପାଇବାକୁ ପସନ୍ଦ କରୁଁ । (We prefe to have half of Germany completely as t have the whole of Germany half.)

ଏବେ ପାଶ୍ଚାତ୍ୟଗୋଷ୍ଠୀଙ୍କ ବାହୁଛାୟା ତଳେ ବଢ଼ିବାକୁ ଲାଗିଲେ ଜର୍ମାନୀର ପୂର୍ବତନ ପୁଞ୍ଜିପତି, ଜମିଦାର ଓ ନାଜୀମାନେ ଅନ୍ୟ ଦିଗରେ ଲୋକଙ୍କଆଡ଼ୁ ଦାବୀ ହେଲା—ଜମି ବାଣ୍ଟ, ଶିଳ୍ପ କାରଖାନା ଜାତୀୟକରଣ ହେଉ ଏବଂ ନାଜୀମାନଙ୍କ ପ୍ରତି ଶାସ୍ତି ବିଧାନ କରାଯାଉ । ଏଥିଲାଗି ସ୍ଥାନେ ସ୍ଥାନେ ସଭାସମିତି, ବିକ୍ଷୋଭ ଚାଲିଲା । ଶ୍ରମିକମାନେ ଧର୍ମଘଟ କଲେ । ବିଭିନ୍ନ ପ୍ରାଦେଶିକ ସ୍ତରରେ ପ୍ରସ୍ତାବମାନ ପାସ୍ ହେଲା । ଏ ଆନ୍ଦୋଳନକୁ ବିଭେଦଗ୍ରସ୍ତ ଓ ଦମନ କରିବାର ପନ୍ଥା ସେମାନେ ଗ୍ରହଣ କଲେ । ଧୀରେ ଧୀରେ ଜର୍ମାନୀର ପୂର୍ବର ସେହି ଶାସକଗୋଷ୍ଠୀଙ୍କ କର୍ତ୍ତୃତ୍ବ ପ୍ରତିଷ୍ଠା ହେବାକୁ ଲାଗିଲା । ଏହି ଅବସ୍ଥାକୁ ପଶ୍ଚିମ ଜର୍ମାନୀର ସୋସିଆଲ ଡେମୋକ୍ରାଟିକ ଦଳ ମଧ୍ୟ ଉପଲବ୍ଧି କରିଥିଲା । ତାଙ୍କ ପ୍ରସ୍ତାବରେ ସେମାନେ କହିଥିଲେ, "ଆଜି ଜର୍ମାନୀର ଏ ଅବସ୍ଥା ଲାଗି ଯେଉଁମାନେ ଦାୟୀ ସେମାନେ ପୁଣି ରାଜନୀତି, ଅର୍ଥନୀତି ଓ ପ୍ରଶାସନିକ କ୍ଷେତ୍ରରେ ତାଙ୍କର ଶାସନ ଜାରି କଲେଣି (୧୯୪୬ ସେପ୍ଟେମ୍ବର ୨୫ ତାରିଖ) ।" ପଶ୍ଚିମ ଜର୍ମାନୀର ଏହି ଦକ୍ଷିଣ-ପନ୍ଥୀ ନେତାମାନେ ଡାକ ଦେଲେ ଯେ ଜର୍ମାନୀ ସମସ୍ୟାର ସମାଧାନ ଚାରିଶକ୍ତି (ବ୍ରିଟେନ, ଆମେରିକା, ଫ୍ରାନ୍ସ ଓ ରୁଷ)ଙ୍କ ଦ୍ୱାରା ହେଉ । ଏଦ୍ୱାରା ପ୍ରକୃତ ଉଦ୍ଦେଶ୍ୟ ଜର୍ମାନୀର ସାଧାରଣ ଲୋକେ ତାଙ୍କର ଆତ୍ମନିୟନ୍ତ୍ରଣ ଅଧିକାର ସାବ୍ୟସ୍ତ ନ କରନ୍ତୁ । ସେମାନେ ନିଜ ମତ ଅନୁସାରେ ନିଜର ରାଷ୍ଟ୍ର ଗଠନ ନ କରନ୍ତୁ । ଜର୍ମାନୀର

ସବୁଦଳର ପ୍ରତିନିଧିଙ୍କୁ ନେଇ ଏକ ଜାତୀୟ ବିଧାନସଭା ଗଠିତ ହେଉ । ଲୋକଙ୍କୁ ଛାଡ଼ି, ଲୋକଙ୍କ ପଛରେ, ଉପର ମହଲରେ ଲୋକଙ୍କ ଭାଗ୍ୟ ନିଷ୍ପତ୍ତି କରିବା ହେଲା ଏମାନଙ୍କର ଶ୍ରେଣୀର ନୀତି । ଏମାନେ ବୁଝୁଥିଲେ, ଲୋକଙ୍କୁ ତାଙ୍କ ଭାଗ୍ୟ ଗଠନର ଅଧିକାର ଛାଡ଼ିଦେଲେ ନିଜର ଭାଗ୍ୟରବି ଅସ୍ତ ହୋଇଯିବ ।

ଅନ୍ୟ ଦିଗରେ ପାଶ୍ଚାତ୍ୟ ଶକ୍ତିଙ୍କ ଆଗରେ ରୁଷ ପ୍ରସ୍ତାବ ଦେଲା, ଜର୍ମାନୀ ଜାତିକୁ ଆତ୍ମନିୟନ୍ତ୍ରଣ ଅଧିକାର ଦିଆଯାଉ । ସମଗ୍ର ଦେଶରେ ଗଣତନ୍ତ୍ର ଭିତ୍ତିରେ ସିଧାସଳଖ ଗୁପ୍ତ ସାବାଳକ ଭୋଟ ଗ୍ରହଣର ବ୍ୟବସ୍ଥା ହେଉ । ଆନୁପାତିକ ନିର୍ବାଚନ ପ୍ରଣାଳୀରେ ପ୍ରତିନିଧି ବଛାଯାଆନ୍ତୁ । ସେମାନେ ସମସ୍ତ ଦେଶ ଲାଗି ଏକ ସରକାର ଗଢ଼ନ୍ତୁ । ତାହା ପୋଟ୍‌ସ୍‌ଡ୍ୟାମ ଚୁକ୍ତିକୁ କାର୍ଯ୍ୟକାରୀ କରୁ । ଏହା ୧୯୪୭ ଏପ୍ରିଲର ଘଟଣା । କିନ୍ତୁ ପାଶ୍ଚାତ୍ୟ ଗୋଷ୍ଠୀ ତାହାକୁ ପ୍ରତ୍ୟାଖ୍ୟାନ କରିଦେଲେ ।

ଜର୍ମାନୀକୁ ଭାଗ ଭାଗ କରିବା ଦିଗରେ ପାଶ୍ଚାତ୍ୟ ଶକ୍ତିମାନେ ଏକମାତ୍ର ଦାୟୀ । ଇତିହାସହିଁ ତା'ର ପ୍ରମାଣ । ୧୯୪୭ ମଇ ମାସରେ ଏମାନେ ପଶ୍ଚିମ ଜର୍ମାନୀ ଲାଗି ପ୍ରଥମେ ଅଲଗା କରି ଏକ ସ୍ୱତନ୍ତ୍ର ଇକନମିକ କାଉନ୍‌ସିଲ ବା ଅର୍ଥନୈତିକ ପରିଷଦ ଗଠନ କଲେ । ଏହାଦ୍ୱାରା ପ୍ରଥମେ ଅର୍ଥନୈତିକ କ୍ଷେତ୍ରରେ ଜର୍ମାନୀକୁ ଦୁଇଭାଗ କରାଗଲା । ଆଉ ସେହି କାଉନସିଲରେ ରହିଲେ ବଡ଼ବଡ଼ ଜମିମାଲିକ, ଏକଚାଟିଆ ପୁଞ୍ଜିପତି, ବ୍ୟାଙ୍କ ମାଲିକ ଓ ପୂର୍ବତନ ନାଜୀ ଶିଳ୍ପପତିଗଣ । ଏମାନଙ୍କ ନେତୃତ୍ୱରେ ଜର୍ମାନୀ କେଉଁ ଦିଗକୁ ଗତି କରିବ ତାହା ଜଳଜଳ ହୋଇଉଠିଲା । ସୋଭିଏତ ଅପେକ୍ଷା କଲା, ପୂର୍ବଜର୍ମାନୀ ଚେଷ୍ଟା କଲା ଏହାର ସମାଧାନ ଲାଗି, କିନ୍ତୁ କିଛି ହେଲା ନାହିଁ । ତେଣୁ ଶେଷରେ

ପୂର୍ବଜର୍ମାନୀ ପାଇଁ ଆଉ ଏକ ଅର୍ଥନୈତିକ ପରିଷଦ ଗଠନ କରିବ ଛଡ଼ା ଅନ୍ୟ ପନ୍ଥା ରହିଲା ନାହିଁ । ଏହା ହେଲା ୧୯୪୮ ମାଚ୍ଚ ମାସରେ, ପଶ୍ଚିମ ଜର୍ମାନୀ ଅଲଗା ହୋଇଯିବାର ୧୦ ମାସ ପରେ । ପ୍ରଥମରୁ ସମସ୍ତ ଦେଶରେ ଗୋଟାଏ ମୁଦ୍ରା ଚଳୁଥିଲା । ପଶ୍ଚିମ-ଜର୍ମାନୀ ୧୯୪୮ ଜୁନ ୨୦ ତାରିଖରେ ହଠାତ୍ ଏକ ସ୍ୱତନ୍ତ୍ର ମୁଦ୍ରା ନିଜ ଅଞ୍ଚଳରେ ଚଳାଇଦେଲା । ଗୋଟାଏ ଦେଶ, କୌଣସି ସୀମା ସରହଦ ନାହିଁ, ତା ଭିତରେ ପୁଣି ଅନ୍ୟ ଗୋଟାଏ ମୁଦ୍ରା ଚଳିବ । ତା ହେଲେ ତା'ର ଆର୍ଥିକ ଅବସ୍ଥା କ'ଣ ହେବ? ତା କ'ଣ ଆଉ ଗୋଟାଏ ଦେଶ ହୋଇ ରହିବ! ପାଶ୍ଚାତ୍ୟ ଶକ୍ତିମାନେ ଏହା କଲା ପରେ ପୂର୍ବଜର୍ମାନୀକୁ ତୁରନ୍ତ ତା'ର ମୁକାବିଲା କରିବାକୁ ହେବ; ନ ହେଲେ ତା'ର ଅର୍ଥନୀତି ଭାଙ୍ଗି-ପଡ଼ିବ । ତା'ର ୪ଦିନ ପରେ ଜୁନ ୨୪ତାରିଖରେ ପୂର୍ବଜର୍ମାନୀ ନିଜର ସ୍ୱତନ୍ତ୍ର ମୁଦ୍ରା ଚଳାଇବାକୁ ବାଧ୍ୟ ହେଲା । ପଶ୍ଚିମ ଜର୍ମାନୀ ୧୯୪୯ ସେପ୍ଟେମ୍ବର ମାସରେ ନିଜର ସ୍ୱତନ୍ତ୍ର ରାଷ୍ଟ୍ର ଘୋଷଣା କଲା । ପଶ୍ଚିମ ଜର୍ମାନୀ ଏକ ସ୍ୱତନ୍ତ୍ର ରାଷ୍ଟ୍ର ହୋଇଗଲା ପରେ ପୂର୍ବଜର୍ମାନୀ ପକ୍ଷରେ ଆଉ ଅନ୍ୟ ବାଟ ରହିଲା ନାହିଁ । ତାହା ଏକମାସ ପରେ ଅକ୍ଟୋବରରେ ଆପଣାକୁ ଏକ ସ୍ୱତନ୍ତ୍ର ରାଷ୍ଟ୍ର ବୋଲି ଘୋଷଣା କଲା । ଏବେ ଜର୍ମାନୀର ବିଭାଗ ସମ୍ପୂର୍ଣ୍ଣ ହୋଇଗଲା । ତା ଦୁଇଟି ରାଷ୍ଟ୍ରରେ ପରିଣତ ହେଲା । ଉପରୋକ୍ତ ଘଟଣାକ୍ରମରୁ ସ୍ପଷ୍ଟ ପ୍ରମାଣିତ ହୁଏ ଯେ ତା କରିଛି ପଶ୍ଚିମ ଜର୍ମାନୀ । ଏହାପରେ ପଶ୍ଚିମ ଜର୍ମାନୀ ଦାବୀ କଲା, ସେଇହିଁ ହେଉଛି ଏକମାତ୍ର ଜର୍ମାନୀ । ପୂର୍ବଜର୍ମାନୀ ଗୋଟାଏ ରାଷ୍ଟ୍ର ନୁହେଁ । ତାହା ସୋଭିଏତ ଅଧିକୃତ ଅଞ୍ଚଳ । ତେଣୁ ତାକୁ ମୁକ୍ତ କରିବାକୁ ହେବ । ଏହି ମୁକ୍ତିର ଅନ୍ୟ ଅର୍ଥ ହେଉଛି

ପୁନର୍ବାର ଯୁଦ୍ଧକ୍ଷେତ୍ରରେ ଅବତୀର୍ଣ୍ଣ ହେବାକୁ ପଡ଼ିବ । ସେ ଦିଗରେ ପ୍ରସ୍ତୁତି ଆବଶ୍ୟକ ।

ସାରା ଜର୍ମାନୀର ଗଣତାନ୍ତ୍ରିକ ମତ ସବୁବେଳେ ଦେଶ ବିଭାଗ ବିରୁଦ୍ଧରେ ଲଢ଼ିଆସିଛି । କିନ୍ତୁ ପାଶ୍ଚାତ୍ୟ ଶକ୍ତିମାନେ ସେ ଜନମତକୁ ସମ୍ମାନ ଦେଇନାହାନ୍ତି । ଏ ଦିଗରେ ଗଣତାନ୍ତ୍ରିକ ଦଳ ଓ ଶକ୍ତିମାନେ ବାରମ୍ବାର ମିଳିତ ହୋଇଛନ୍ତି । ପିପୁଲସ୍ କଂଗ୍ରେସ ଡାକିଛନ୍ତି । ତା ପକ୍ଷରୁ ଭୋଟ ନେଇଛନ୍ତି । ପ୍ଲେବିସାଇଟ୍ ଦ୍ୱାରା ଜନମତ ସଂଗ୍ରହର ପ୍ରସ୍ତାବ ଦେଇଛନ୍ତି । ପାଶ୍ଚାତ୍ୟ ଶକ୍ତିମାନେ ସେଥିପ୍ରତି କର୍ଣ୍ଣପାତ କରିନାହାନ୍ତି । ଏପରିକି ଉକ୍ତ କଂଗ୍ରେସର ପ୍ରତିନିଧି ଦଳଙ୍କୁ ସାକ୍ଷାତ ସୁଦ୍ଧା ଦେଇନାହାନ୍ତି । ନିଜର କର୍ତ୍ତୃତ୍ୱ ବଳରେ ଜର୍ମାନୀକୁ ଦୁଇଖଣ୍ଡ କରିଦେଇଛନ୍ତି । ଫଳରେ ସେଇ ଦୁଇରାଷ୍ଟ୍ର, ପୂର୍ବ ଓ ପଶ୍ଚିମ ଜର୍ମାନୀର ସୃଷ୍ଟି ଓ ଗଠନ ପ୍ରଣାଳୀ ଭିନ୍ନ ଭିନ୍ନ । ଗୋଟିଏ ଜନମତ ଦ୍ୱାରା ପ୍ରତିଷ୍ଠିତ ହେଲାବେଳେ ଅନ୍ୟଟି ଉପର କର୍ତ୍ତୃପକ୍ଷଙ୍କ ଦ୍ୱାରା ନିର୍ଦ୍ଦେଶିତ ।

ବିଲାତ, ଆମେରିକା ଓ ଫ୍ରାନ୍ସର ନିର୍ଦ୍ଦେଶରେ ତାଙ୍କର ସାମରିକ ଶାସକମାନେ ଏକ ଶାସନବିଧାୟକ ସଭା ବା କନଷ୍ଟିଚ୍ୟୁଏଣ୍ଟ ଆସେମ୍ବ୍ଲି ଡାକିଲେ । ତାହା କିନ୍ତୁ ଗଣତାନ୍ତ୍ରିକ ପ୍ରଣାଳୀରେ ହେଲା ନାହିଁ । ତା'ର ସାର୍ବଭୌମତ୍ୱ ମଧ୍ୟ ରହିଲା ନାହିଁ । ତାହା ସେହି ଅଧିକୃତ ଅଞ୍ଚଳର ବିଧାନ ପରିସର ମଧ୍ୟରେହିଁ କାର୍ଯ୍ୟ କରିବ । ପଶ୍ଚିମ ଜର୍ମାନୀର ବଡ଼ ବଡ଼ ପୁଞ୍ଜିପତିଙ୍କୁ ନେଇ ଏକ ପାର୍ଲିଆମେଣ୍ଟାରି କାଉନ୍‌ସିଲ ଗଠିତ ହେଲା । ପାଶ୍ଚାତ୍ୟ ଶକ୍ତିମାନେ ତା'ର ହାତରେ କ୍ଷମତା ଅର୍ପଣ କଲେ । ଆଜି ଏମାନେ ଯେଉଁ ନିୟମ ପ୍ରଣୟନ କଲେ, ସେ ନିୟମ ମୌଳିକ ନିୟମ ବା ଅଧିକାର ସମ୍ବନ୍ଧରେ ଜନମତ

ନେଲେ ନାହିଁ । ସେମାନେ ଜାଣନ୍ତି, ଗଣତାନ୍ତ୍ରିକ ପ୍ରଣାଳୀରେ ତା ହାସଲ କରିବା ସମ୍ଭବ ନୁହେଁ । ଶେଷରେ ପାଶ୍ଚାତ୍ୟ ସାମରିକ ଶାସକଙ୍କ ନିର୍ଦ୍ଦେଶରେ ପଶ୍ଚିମ ଜର୍ମାନୀର ସଂବିଧାନ ରଚିତ ହେଲା (୧୯୪୯ ମଇମାସ ୨୩ ତାରିଖରେ) । ତା'ର ଭିତ୍ତିରେ ଅଗଷ୍ଟ ୧୪ ତାରିଖରେ ହେଲା ନିର୍ବାଚନ । ତାହା ଉପରକୁ ଗଣତନ୍ତ୍ରର ଆବରଣ ଗ୍ରହଣ କଲା—ସୃଷ୍ଟି ହେଲା ଜର୍ମାନ ଫେଡେରାଲ ରିପବ୍ଲିକ୍ ।

ଏବେ ପୋଟ୍ସ୍‌ଡ୍ୟାମ ଚୁକ୍ତି ଅନୁସାରେ ଜର୍ମାନୀକୁ ଏକୀକରଣ କରିବାର ସକଳ ଉଦ୍ୟମ ବ୍ୟର୍ଥ ହେଲା । ପାଶ୍ଚାତ୍ୟ ଶକ୍ତିମାନେ ଜର୍ମାନୀ ପ୍ରତିକ୍ରିୟାର ସାହାଯ୍ୟରେ ଜର୍ମାନୀର ଅର୍ଦ୍ଧେ ଅଞ୍ଚଳରେ ଏକ ସ୍ୱତନ୍ତ୍ର ରାଷ୍ଟ୍ର ଗଢ଼ିଲେ । ତା ଫଳରେ ଅବଶିଷ୍ଟ ଅଂଶଟିରେ ପୂର୍ବ ଜର୍ମାନୀରେ ସ୍ୱତଃ ଏକ ରାଷ୍ଟ୍ର ପ୍ରତିଷ୍ଠା ହେଲା । ତା ହେଲା ଜର୍ମାନ ଡେମୋକ୍ରାଟିକ ରିପବ୍ଲିକ ବା ଗଣତାନ୍ତ୍ରିକ ଜର୍ମାନୀ । କିନ୍ତୁ ଏହା ଜନ୍ମ ହେଲା—ପଶ୍ଚିମ ଜର୍ମାନୀ ରାଷ୍ଟ୍ରର ଠିକ୍ ବିପରୀତ ଭାବରେ । ଲୋକସାଧାରଣଙ୍କ ମଧ୍ୟରୁ ଗଣତାନ୍ତ୍ରିକ ପ୍ରଣାଳୀରେ ସମଗ୍ର ଜର୍ମାନୀର ପ୍ରତିନିଧିଙ୍କୁ ନେଇ ଯେଉଁ ପିପ୍‌ଲସ କଂଗ୍ରେସ ଗଠିତ ହେଲା, ତଦ୍ୱାରା ନିର୍ବାଚିତ ପିପ୍‌ଲସ କାଉନସିଲ ପ୍ରଥମେ ଏକ ଚିଠା ସମ୍ବିଧାନ ପ୍ରକାଶ କଲା । ତାହା ଦେଶର ସମସ୍ତ ପତ୍ରପତ୍ରିକାରେ ଆଲୋଚିତ ହେଲା । ବିଭିନ୍ନ ସଂଘ, ସମିତି, ଦଳ, ଅନୁଷ୍ଠାନ ସବୁ ବିଭିନ୍ନ ସ୍ତରରେ ଏହାକୁ ବିଶଦଭାବେ ଆଲୋଚନା କଲେ । ଏହି ଚିଠା ସମ୍ବିଧାନ ୯ ହଜାରଟି ସଭାରେ ଲୋକଙ୍କ ଦ୍ୱାରା ପୁଙ୍ଖାନୁପୁଙ୍ଖରୂପେ ଆଲୋଚିତ ହୋଇଥିଲା । ଏ ଚିଠା ସଂବିଧାନ ଉପରେ ଯେତେ ମନ୍ତବ୍ୟ ଓ ପରାମର୍ଶ ଆଦି ମିଳିଥିଲା ତା'ର ସଂଖ୍ୟା ୮୫ ହଜାର ହେବ । ପ୍ରସ୍ତାବ ଆକାରରେ ୫୦୩ଟା

ସଂଶୋଧନ ପ୍ରସ୍ତାବ ଆସିଥିଲା । ଜନସାଧାରଣଙ୍କ ମଧ୍ୟରେ ଏହି ଆଲୋଚନା ଫଳରେ ଏହି ଖଠା ସଂବିଧାନର ମୋଟ ୧୪୪ ଦଫା ମଧ୍ୟରୁ ୫୨ ଦଫା ସଂଶୋଧିତ ଓ ପରିବର୍ତ୍ତିତ ହୋଇଥିଲା । ଏହି ଜର୍ମାନ ପିପୁଲସ କଂଗ୍ରେସ ହେଲା ପ୍ରକୃତ ଜନମତର ପ୍ରତୀକ । ପଶ୍ଚିମ ଜର୍ମାନୀ ଏହାର ନିର୍ବାଚନକୁ ନିଷେଧ କରିଦେଇଥିଲା । ସୋଭିଏତ ଅଞ୍ଚଳରୁ କେବଳ ୨ ହଜାର ପ୍ରତିନିଧି ଏଥିକୁ ନିର୍ବାଚିତ ହୋଇଥିଲେ । ପଶ୍ଚିମ ଜର୍ମାନୀରୁ ମଧ୍ୟ ୫୨୮ ଜଣ ପ୍ରତିନିଧି ଯୋଗ ଦେଇଥିଲେ । ଏହାର ପିପୁଲସ କଂଗ୍ରେସ—ଶ୍ରମିକ, କୃଷକ, ବୁଦ୍ଧିଜୀବୀ, ମଧ୍ୟବିତ୍ତ ଶ୍ରେଣୀ, ପ୍ରଗତିଶୀଳ ଜାତୀୟ ପୁଞ୍ଜିପତି—ସବୁ ଶ୍ରେଣୀର ଲୋକଙ୍କୁ ନେଇ ଗଠିତ ହୋଇଥିଲା । ଏହା ୧୯୪୯ ଅକ୍ଟୋବର ୭ ତାରିଖରେ ଉକ୍ତ ସଂବିଧାନ ଅନୁଯାୟୀ ଗଣତାନ୍ତ୍ରିକ ଜର୍ମାନୀର ପ୍ରତିଷ୍ଠା ଘୋଷଣା କଲା । ବାସ୍ତବରେ ଏହା ଜର୍ମାନ ଲୋକଙ୍କର ଆତ୍ମନିୟନ୍ତ୍ରଣ ଭିତ୍ତିରେ ପ୍ରତିଷ୍ଠିତ । ଜର୍ମାନୀର ଇତିହାସରେ ପ୍ରଥମଥର ଲାଗି ପ୍ରତିଷ୍ଠିତ ହେଲା ବାସ୍ତବରେ ଏକ ଶାନ୍ତିକାମୀ ଗଣତାନ୍ତ୍ରିକ ରାଷ୍ଟ୍ର ।

ସମୟ ଆଗେଇବାରେ ଲାଗିଛି । ଆଗେଇବାରେ ଲାଗିଛି ଜର୍ମାନୀର ସେ ଦୁଇ ରାଷ୍ଟ୍ର, ସ୍ୱ ସ୍ୱ ଜିଷ ପଥରେ । ଏବେ ଦୁହେଁ ପରସ୍ପରଠାରୁ ଖୁବ୍ ଦୂରରେ । ଦୁହିଁଙ୍କର ଚରିତ୍ର, ଉଦ୍ଦେଶ୍ୟ ଓ ଗନ୍ତବ୍ୟ ସ୍ଥଳ ଆଜି ଅତି ସ୍ପଷ୍ଟ । ସେମାନେ କେବଳ ପରସ୍ପରଠାରୁ ଦୂରବର୍ତ୍ତୀ ନୁହନ୍ତି; ପରସ୍ପରର ଏତେ ଦୂର ବିପରୀତ ଯେ ଏଇ ଅବସ୍ଥାରେ ଦୁଇ ଜର୍ମାନୀର ମିଳନ ଆଦୌ ସମ୍ଭବ ନୁହେଁ ।

ପଶ୍ଚିମ ଜର୍ମାନୀ ଚାଲିଛି—ଜର୍ମାନ ସାମ୍ରାଜ୍ୟବାଦର ସେହି ଗତାନୁଗତିକ ପନ୍ଥାରେ ଦେଶର ବିସ୍ତାର, ଯୁଦ୍ଧଲାଗି ପ୍ରସ୍ତୁତି, ଯୁଦ୍ଧ, ଧ୍ୱଂସ, ପରାଜୟ, ପୁନର୍ବାର ଯୁଦ୍ଧ ଲାଗି ତିଆରି··· । ଏବେ

ପଶ୍ଚିମ ଜର୍ମାନୀରେ ସେହି ଏକଚାଟିଆ ପୁଞ୍ଜିପତି ଓ ବଡ଼ ଜମି ମାଲିକଙ୍କର ପ୍ରଭୁତ୍ୱ । ପୁରୁଣା ନାଜୀମାନେ ହଜାର ହଜାର ସଂଖ୍ୟାରେ ସେଠି ସମବେତ, ପୁନର୍ବାର ତାଙ୍କର ପୂର୍ବ ସରକାରୀ ଶାସନ ଦାଖଲ କରି ବସିଛନ୍ତି । ପୂର୍ବର ସେହି ହିଟଲର ସେନାପତିଗଣ ଏବର ସୈନ୍ୟବାହିନୀର ଅଧ୍ୟକ୍ଷ । ନୂଆ ନାଜୀମାନେ ବିଭିନ୍ନ କ୍ଷେତ୍ରରେ କ୍ଷମତା ବିସ୍ତାର କରୁଛନ୍ତି । ଆଉ ଯେଉଁ ପୁଞ୍ଜି-ପତି, ଶିଳ୍ପପତିମାନେ ହିଟଲରକୁ ସୃଷ୍ଟି କରିଥିଲେ ସେହି ହିଟଲରପନ୍ଥୀମାନଙ୍କ ହାତରେ ନ୍ୟସ୍ତ ହୋଇଛି ପଶ୍ଚିମ ଜର୍ମାନୀର ଅର୍ଥନୀତି । ପୁଣି ପୂର୍ବର ସେହି ଦମନ ଅସ୍ତ୍ରର ପୁନଃପ୍ରୟୋଗ ଘଟିଛି । ସବୁ ବିରୋଧିତାର ମୁଖ ବନ୍ଦ କରିଦିଆଯାଇଛି । ନାଜି ଅମଳ ଭଳି କମ୍ୟୁନିଷ୍ଟ ପାର୍ଟି ଆଜି ମଧ୍ୟ ପଶ୍ଚିମ ଜର୍ମାନୀରେ ବେଆଇନ । ଆଗେ ଯେପରି ବିଲାତ, ଆମେରିକାର ସାମ୍ରାଜ୍ୟବାଦି-ମାନେ ଜର୍ମାନ ଫ୍ୟାସିଷ୍ଟଙ୍କୁ ସାହାଯ୍ୟ ଦେଉଥିଲେ, ସୋଭିଏତ ବିରୁଦ୍ଧରେ ଯୁଦ୍ଧ ଲାଗି ତାଙ୍କୁ ଉତ୍ସାହିତ କରୁଥିଲେ, ଆଜି ଠିକ୍ ତା'ର ପୁନରାବୃତ୍ତି ଘଟିଛି । ପଶ୍ଚିମ ଜର୍ମାନୀ ହୋଇଛି ସୋଭିଏତ-ବିରୋଧୀ ଉତ୍ତର ଆଟଲାଣ୍ଟିକ ସାମରିକ ମେଣ୍ଟର ସଭ୍ୟ । ସେଠାରେ ପୂର୍ବଭଳି ପ୍ରକାଶ୍ୟରେ ଚାଲିଛି ଯୁଦ୍ଧର ପ୍ରସ୍ତୁତି । ଜର୍ମାନୀର ସେହି ପୂର୍ବ ଫ୍ୟାସିଷ୍ଟମାନେ ତା'ର ମୁଖ୍ୟ ଦାୟିତ୍ୱରେ । ସୋଭିଏତ ବିରୁଦ୍ଧରେ ପ୍ରତିଶୋଧର ଆବାଜ ଉଠୁଛି; କିନ୍ତୁ ସୋଭିଏତକୁ ସ୍ପର୍ଶ କଲା ପୂର୍ବରୁ ପ୍ରଥମ ପ୍ରତିବନ୍ଧକ ହେଉଛି ଗଣତାନ୍ତ୍ରିକ ପୂର୍ବଜର୍ମାନୀ । ପଶ୍ଚିମ ଜର୍ମାନୀ, ପୂର୍ବର ଗଣତାନ୍ତ୍ରିକ ଜର୍ମାନୀର ଅସ୍ତିତ୍ୱ ସ୍ୱୀକାର କରେ ନାହିଁ । ଏବେ ତା'ର ନୀତି ହେଲା—ଯିଏ ପୂର୍ବ ଜର୍ମାନୀକୁ ସ୍ୱୀକାର କରିବ ସେ ତା'ର ସଙ୍ଗରେ କୂଟନୈତିକ ସମ୍ବନ୍ଧ ସ୍ଥାପନ କରିବ ନାହିଁ । ଯଦି ତାହା

ରହିଥାଏ ତେବେ ତାକୁ ଛିନ୍ନ କରିଦେବ । ଏହାର କର୍ତ୍ତା ପଶ୍ଚିମ ଜର୍ମାନୀର ପୂର୍ବ ବୈଦେଶିକ ମନ୍ତ୍ରୀଙ୍କ ନାମ ଅନୁସାରେ ଏହାକୁ କୁହାଯାଏ ହାଲ୍‌ସଷ୍ଟିକ (Hallstick) । ଭାରତ ପୂର୍ବଜର୍ମାନୀ ସହିତ ବାଣିଜ୍ୟ ସମ୍ପର୍କ ବହୁଦିନୁ ସ୍ଥାପନ କରିଥିଲେ ସୁଦ୍ଧା, ଏଇ ନୀତିର ଗୃପ ଫଳରେ ପୂର୍ବ ଜର୍ମାନୀକୁ କୂଟନୈତିକ ସ୍ୱୀକୃତି ଦେଇନାହିଁ । ପଶ୍ଚିମ ଜର୍ମାନୀର ପ୍ରକାଶ୍ୟ ଘୋଷଣା ହେଲା, ତାହା ପୂର୍ବ ଜର୍ମାନୀକୁ ମୁକ୍ତ କରିବ, ଅର୍ଥାତ୍ ବଳପୂର୍ବକ ଦଖଲ କରିବ । ତାହା ହେବ ଜର୍ମାନୀର ଏକତ୍ରୀକରଣ, ଜର୍ମାନୀର ପ୍ରସାର, ଯାହା ହିଟଲରର ନୀତି ଥିଲା । ଠିକ୍ ସେହି ନୀତି ପଶ୍ଚିମ ଜର୍ମାନୀ ଅନୁସରଣ କରେ । ତା'ର ଘୋଷିତ ନୀତି ହେଲା, ଜର୍ମାନୀର ସୀମାନ୍ତ ୧୯୩୭ ଡିସେମ୍ବର ୩୧ ତାରିଖରେ ଯେଉଁଠି ଥିଲା ସେଇଠି ରହିବ; ମିତ୍ରଶକ୍ତିମାନଙ୍କ ଚୁକ୍ତି ଅନୁଯାୟୀ ୧୯୪୫ରେ ଯେଉଁ ସୀମାନ୍ତ ସ୍ଥିର ହୋଇଛି, ତାକୁ ସ୍ଥଗିତ ରଖିବାକୁ ହେବ, ଦାବୀ କରିବାକୁ ହେବ ଯେ ସୋଭିଏତଶାସିତ ଅଞ୍ଚଳ ଗୋଟାଏ ବସ୍ତୁ ନୁହେଁ । ଆଉ ଫେଡେରାଲ (ପଶ୍ଚିମ) ଜର୍ମାନୀ ଦୁଇ ଅଞ୍ଚଳ ଭିତରେ ଐକ୍ୟ ଓ ସଂହତି ସ୍ଥାପନ ଲାଗି କାର୍ଯ୍ୟ କରିବ । ତା'ପରେ ଯେଉଁ ଏକତ୍ରୀକରଣ ହେବ, ଗୋଟିଏ ଜର୍ମାନୀ ହେବ, ତା'ର ଫେଡେରାଲ ଜର୍ମାନୀ ଭଳି ଏକ ସ୍ୱାଧୀନ ଗଣତାନ୍ତ୍ରିକ ସଂବିଧାନ ରହିବ ଓ ତାହା ୟୁରୋପୀୟ ସଂସ୍ଥାର (European community) ଅନ୍ତର୍ଭୁକ୍ତ ହେବ ।

ଏହାର ପରିଷ୍କାର ଅର୍ଥ ହେଲା ଯେ ହିଟଲର ଅମଳରେ ଜର୍ମାନୀର ଯେଉଁ ସୀମା ଥିଲା ବର୍ତ୍ତମାନର ସୀମା ସେ ପର୍ଯ୍ୟନ୍ତ ପ୍ରସାରିତ ହେଉ । ଏ ବିଶାଳ ଜର୍ମାନୀର ମାନେ, ସାମ୍ରାଜ୍ୟବାଦୀ ଜର୍ମାନୀ, ଅନ୍ୟ ଦେଶ ଓ ଅଞ୍ଚଳକୁ ଦଖଲ କରିବା । ଦ୍ୱିତୀୟରେ ପୂର୍ବ

ଜର୍ମାନୀ ଉପରେ ପୁନର୍ବାର ଏକଚେଟିଆ ପୁଞ୍ଜିପତି, ବଡ଼ ଜମି-ମାଲିକ ଓ ସମରବାଦୀଙ୍କର ଅଧିକାର ପ୍ରତିଷ୍ଠିତ କରିବା ସେମାନେ ପୁନର୍ବାର ତାଙ୍କର କ୍ଷମତା ଓ ଶାସନର ଅଧିକାର ଫେ ପାଆନ୍ତୁ । ତୃତୀୟରେ ସେହି ଜର୍ମାନୀ ପୁଣି ପାଶ୍ଚାତ୍ୟ ସାମ୍ରାଜ୍ୟବା ମେଣ୍ଟ ମଧ୍ୟରେ ରହୁ । ଏହିପରି ଜର୍ମାନୀ ୟୁରୋପୀୟ ସଂସ୍ଥା ମଧ୍ୟ ରହିବା ଦ୍ୱାରା ତାହା ସମସ୍ତ ୟୁରୋପ ଉପରେ ନିଜର ପ୍ରଭା ବିସ୍ତାର କରିବ । ଶେଷରେ ତା'ର ପରିଣତି ହେବ ଯୁଦ୍ଧ । ଏଇ ପ ହେଉଛି ଅତୀତର ସେହି ନାଜୀ ସାମ୍ରାଜ୍ୟବାଦୀ ଜର୍ମାନୀର ପଥ— ଯେଉଁଥିରେ ତାହା ସାରା ପୃଥିବୀରେ ହତ୍ୟା, ଧ୍ୱଂସ, ବିଭୀଷିକାର ସ୍ରୋତ ଛୁଟାଇଛି ଏବଂ ଜର୍ମାନୀକୁ ମଧ୍ୟ ଧ୍ୱଂସସ୍ତୂପରେ ପରିଣତ କରିଛି ।

ଅନ୍ୟ ପଟରେ ସେଇ ଜର୍ମାନୀ ଭୂମିରେ ଜନ୍ମ ନେଇଛି— ଗଣତାନ୍ତ୍ରିକ ଜର୍ମାନୀ । ତା ପୋଟ୍‌ସ୍‌ଡାମ ଚୁକ୍ତିକୁ ଅକ୍ଷରେ ଅକ୍ଷରେ ପାଳନ କରିଛି । ଗଣତନ୍ତ୍ରକୁ ପୁନଃପ୍ରତିଷ୍ଠିତ ଓ ସୁପ୍ରସାରିତ କରିଛି । ଫ୍ୟାସିଷ୍ଟବାଦ ଓ ସମରବାଦର ଭିତ୍ତି ଏକଚେଟିଆ ପୁଞ୍ଜି-ବାଦ ଓ ଜମି ମାଲିକଙ୍କ ଶୋଷଣ ଆଧିପତ୍ୟକୁ ଲୋପ କରିଛି । ଯୁଦ୍ଧ ଅପରାଧୀମାନଙ୍କ ବିଚାର କରିଛି । ନାଜୀମାନଙ୍କୁ ଦାୟିତ୍ୱପୂର୍ଣ୍ଣ ସ୍ଥାନରୁ ବହିଷ୍କୃତ କରିଛି । ଯୁଦ୍ଧର ପ୍ରଚାର ବେଆଇନ ଓ ଦଣ୍ଡନୀୟ ବୋଲି ଆଇନ ପାସ୍ କରିଛି । ଅର୍ଥାତ୍ ଜର୍ମାନୀର ସମସ୍ତ ସମସ୍ୟାର ସମାଧାନ, ଜର୍ମାନୀର ଏକତ୍ରୀକରଣ ଯେଉଁ ଭିତ୍ତିରେ ହେବ ବୋଲି ପୋଟ୍‌ସ୍‌ଡାମ ସମ୍ମିଳନୀ ଘୋଷଣା କରିଛି, ତାକୁ ସମ୍ପୂର୍ଣ୍ଣ କାର୍ଯ୍ୟ-କାରୀ କରିଛି—ଗଣତାନ୍ତ୍ରିକ ଜର୍ମାନୀ । ଠିକ୍ ଏହାର ବିପରୀତ ଢଙ୍ଗରେ ଗତି କରିଛି ଫେଡେରାଲ ବା ପଶ୍ଚିମ ଜର୍ମାନୀ ।

ଆଜି ଜର୍ମାନୀ ଭୂମିରେ ଦୁଇଟି ପରସ୍ପରବିରୋଧୀ ସାମାଜିକ ବ୍ୟବସ୍ଥା, ଦୁଇଟି ସ୍ୱତନ୍ତ୍ର ରାଷ୍ଟ୍ର ପ୍ରତିଷ୍ଠିତ; କିନ୍ତୁ ଜର୍ମାନୀ ଯେ ଦୁଇଟି ରାଷ୍ଟ୍ରରେ ବିଭକ୍ତ, ତାକୁ ଅନେକେ ସ୍ୱୀକାର କରନ୍ତି ନାହିଁ । ତା'ର ଏକମାତ୍ର କାରଣ ହେଉଛି ପଶ୍ଚିମ ଜର୍ମାନୀ ଓ ଆମେରିକାର ଚାପ ।

ପଣ୍ଡିତ ନେହେରୁ ବେଲଗ୍ରେଡ଼ ସମ୍ମିଳନୀରେ ଘୋଷଣା କରିଥିଲେ, "ଜୀବନର ବାସ୍ତବତା ହେଉଛି ଦୁଇଟି ସ୍ୱାଧୀନ ଅଞ୍ଚଳ, ଦୁଇଟି ଶକ୍ତି ଓ ଦେଶ ବିଦ୍ୟମାନ । ପଶ୍ଚିମ ଜର୍ମାନୀ ସରକାର (ଜି. ଏଫ୍. ଆର.) ଓ ପୂର୍ବ ଜର୍ମାନୀ ସରକାର (ଜି. ଡି. ଆର.) ଏହାହିଁ ଜୀବନର ବାସ୍ତବତା । ଯଦି ଜଣେ ଜୀବନର ବାସ୍ତବତା ଓ ପ୍ରଚଳିତ ରାଜନୀତିର ଘଟଣାବଳୀକୁ ଏଡ଼ିଦିଏ, ତା ମାନେ ଏପରି ବିଷୟକୁ ଏଡ଼ିଦିଆହେବ, ଯା ଫଳରେ ପ୍ରମାଦପୂର୍ଣ୍ଣ ପରିଣତିହିଁ ସାର ହେବ ।" ଅଥଚ ନେହେରୁଙ୍କ ଅମଳରୁ ଏ ପର୍ଯ୍ୟନ୍ତ ଭାରତ ସରକାର ଗଣତାନ୍ତ୍ରିକ ଜର୍ମାନୀକୁ ସ୍ୱୀକାର କରିନାହିଁ । ଭାରତର ତା ସହିତ କୂଟନୈତିକ ସମ୍ପର୍କ ନାହିଁ । ନେହେରୁ ଘୋଷଣା କରିଥିଲେ, "ମୁଁ ମାନୁଛି, ନ୍ୟାୟ ରହିଛି ତାକୁ ସ୍ୱୀକୃତି ଦେବା ସପକ୍ଷରେ ।"

ପ୍ରଗତି ଉତ୍କଳ ସଂଘ, ରାଉରକେଲା
ପାଠାଗାର
ନଂ 73640
ତା 18.2.76

## ଭାରତ ଓ ଜର୍ମାନୀ

ସକାଳୁ ସକାଳୁ ବାହାରପଡ଼ିଛୁ ବର୍ଲିନରୁ । ଏଇ ମାତ୍ର ମାର ପ୍ରୋଗ୍ରାମର ଆରମ୍ଭ । ବେଶ୍ ଓସାରିଆ ରାସ୍ତା । ସବୁ-ବେଳେ ଗାଡ଼ି ମଟରର୍; ହେଲେ ବି ଦୁର୍ଘଟଣାର ଭୟ ନାହିଁ । ଯେଉଁଠି ଦୁଇଟା ରାସ୍ତା ମିଶିଛନ୍ତି, କଟାକଟି ହେଉଛନ୍ତି, ସେଠି ଉପର ପୋଲ ବା ଓଭର ବ୍ରିଜ; ତେଣୁ ଧକ୍କା ହେବାର ସମ୍ଭାବନା ଆଦୌ ନାହିଁ । ଦୁଇପଟେ ପାଇନ ଗଛର ଜଙ୍ଗଲ । ସେଠି କୌଣସି ବନ୍ୟ ପଶୁ ଥିବେ ବୋଲି ମନେ ହେଲା ନାହିଁ । କାରଣ ଗଛଗୁଡ଼ାକ ସବୁ ଫାଙ୍କା; ଅନେକ ଦୂର ଯାଏ ଦେଖାଯାଉଛି । ତୁଷାରମିଶା ମେଞ୍ଚିଆ ପାଗ । ବେଶ୍ ଥଣ୍ଡା; କିନ୍ତୁ ତୁଷ ଭଳି ନୁହେଁ । ତୁଷାର ସବୁ ଗଛପତ୍ର ଉପରେ ଜମି ଜମି ଆସିଲାଣି । ପ୍ରକୃତିର ରୂପ ବଦଳିବାରେ ଲାଗିଛି । ନୂଆ ରୂପ ଆଖିକୁ ଟାଣିନିଏ, ତା ସହିତ ଅଲକ୍ଷ୍ୟରେ ଅନେକଠି ଟାଣିହୋଇଯାଏ ହୃଦୟଟା—ଘୁରେଇ ଘୁରେଇ ।

ମୋ ସଙ୍ଗରେ ଜଣେ ମାତ୍ର ସଙ୍ଗୀ ମୋର ଦୋଭାଷୀ । ଜଣେ ପାଞ୍ଚଦାନ୍ତିଆ ମଣିଷ । ବେଶ ହୃଷ୍ଟପୁଷ୍ଟ, ବଳବାନ ଲୋକ । ନାଜୀ ସେନାବାହିନୀରେ ଜଣେ ସୈନିକଭାବେ, ତାଙ୍କ ଜୀବନର ଆରମ୍ଭ । ଶେଷରେ ସେ ଯୁଦ୍ଧବିରୁଦ୍ଧରେ ବିଦ୍ରୋହୀ ହୋଇଉଠିଲେ । ଯୁଦ୍ଧ କରିବେ ନାହିଁ ବୋଲି ଖସି ପଳାଇଆସିଲେ । ତା ପରେ ଆତ୍ମଗୋପନକାରୀ ଜୀବନ । ତାଙ୍କ ପୂର୍ବରୁ ଆଉ ଜଣେ ମୋର ଦୋଭାଷୀ ଥିଲେ ଅଳ୍ପ ସମୟ ପାଇଁ । ତାଙ୍କ ହାତର ଆଙ୍ଗୁଠି ନାହିଁ, ଅତି ଭଗ୍ନ ସ୍ୱାସ୍ଥ୍ୟ ତାଙ୍କର । ବେଶୀ ସମୟ କଥାବାର୍ତ୍ତା କଲେ କ୍ଲାନ୍ତ

ହୋଇପଡ଼ନ୍ତି । ସେ କ୍ଷମା ମାଗିଗଲେ, ମୋ ସାଙ୍ଗରେ ରହିପାରିବେ ନାହିଁ । ଦୋଭାଷୀ କାମଟା ତ ସବୁବେଳେ ବକର ବକର ହେବା କାମ; ତାଙ୍କ ପକ୍ଷରେ ତାହା ସମ୍ଭବ ନୁହେଁ । ଏଭଳି ବିକଳାଙ୍ଗ, ଯୁଦ୍ଧାହତ ଲୋକଙ୍କୁ ବହୁସ୍ଥାନରେ ଭେଟିଛି । ତା ପ୍ରତି ମୁହୂର୍ତ୍ତରେ ମଣିଷକୁ ସଚେତନ କରାଇଦିଏ, ଯୁଦ୍ଧର ଭୟାବହ ପରିଣତି ପ୍ରତି ।

ଆମକୁ ଏଇଠି ରହିବାକୁ ହେବ । ଇଏ ସେଇ ଓ୍ୱାଇମାର ସହର । ଏ ପର୍ଯ୍ୟନ୍ତ କେବଳ ଆଖିରେ ଦେଖୁଥିଲି । ଏବେ ଆଖି, ମନ, ହୃଦୟ—ସମସ୍ତଙ୍କୁ ଲଗାଇଦେଲି ନିରୀକ୍ଷଣ କରିବାରେ ତୀକ୍ଷ୍ଣ ଦୃଷ୍ଟି ଦେଇ ଦେଖିବାରେ ।

ଏକ ଐତିହାସିକ ସହର ଏଇ ଓ୍ୱାଇମାର । ଏହାହିଁ ମହାନ୍ ସାହିତ୍ୟିକ ଓ ଶ୍ରେଷ୍ଠ ମାନବପ୍ରେମୀ ଗେଟେଙ୍କ ନିବାସସ୍ଥଳୀ । ଆଜି ଏଇଠି ଗଠିତ ହୋଇଛି ଓ୍ୱାଇମାର ରିପବ୍ଲିକ । ପୁଣି ଏହାର ଅନତିଦୂରରେ ଗଢ଼ାଯାଇଥିଲା ନାଜୀମାନଙ୍କର ନାରକୀୟ ବନ୍ଦୀଶାଳା—ବୁକେନଓ୍ୱାଲ । ସମୁଦ୍ର ଭଳି ବିଷ ପୀୟୂଷ ଉଭୟକୁ ଧାରଣ କରିଛି ଓ୍ୱାଇମାର ।

ଇତିହାସର ପୃଷ୍ଠାଗୁଡ଼ାକ ଗୁଏଁ ଗୁଏଁ ଓଲଟିଯାଉଛି । ପ୍ରଥମ ବିଶ୍ୱଯୁଦ୍ଧ ପରେ ଜର୍ମାନୀର ଚାରିଆଡ଼େ ବିପ୍ଳବ, ବ୍ୟାପକ ଆନ୍ଦୋଳନ ଓ ଶ୍ରମିକ ଜାଗରଣ; ତେଣୁ ଧନୀଶ୍ରେଣୀ ବୁର୍ଜୁଆମାନେ ପଳାଇଆସିଛନ୍ତି ଓ୍ୱାଇମାର । ଅତି ନିରାପଦ ସ୍ଥାନ । ଏଇଠି ବସିଛି ନ୍ୟାସନାଲ ଆସେମ୍ବ୍ଲି ବା ଜାତୀୟ ପରିଷଦ । ଆଜି ଏଇଠି ଗଠିତ ହୋଇଥିଲା ଓ୍ୱାଇମାର ରିପବ୍ଲିକ୍—ପ୍ରଥମ ଯୁଦ୍ଧ ପରେ ଜର୍ମାନୀର ନୂତନ ଶାସନ ବିଧାନ । ସେହି ସମୟର ବିପ୍ଳବର ପ୍ରଭାବ ତା ଉପରେ ପଡ଼ିଥିଲା । ତାହା ବୁର୍ଜୁଆ ଧନିକଶ୍ରେଣୀ ଦ୍ୱାରା

*

ତିଆରି ହୋଇଥିଲେ ସୁଦ୍ଧା ସେଥିରେ ଲୋକଙ୍କର ବହୁ ଗଣତାନ୍ତ୍ରି
ଅଧିକାର ସ୍ୱୀକୃତ । ବହୁ ସ୍ୱାଧୀନତା ଲିପିବଦ୍ଧ ଥିଲା । କିନ୍ତୁ ତାହ
ବଞ୍ଚିଥିଲା ମାତ୍ର ୧୪ଟି ବର୍ଷ । ନାତ୍ସିମାନେ କ୍ଷମତା ଦଖଲ ପରେ
ସେ ସମ୍ବିଧାନକୁ ଖତମ କରିଦେଲେ; କିନ୍ତୁ ୱାଇମାରର ନାମ ତ
ସହିତ ଜଡ଼ିତ ହୋଇ ରହିଲା ଚିରଦିନ ପାଇଁ ।

ସହରଟି ବଡ଼ ନୁହେଁ, ମାତ୍ର ୬୪ ହଜାର ଲୋକ; କିନ୍ତୁ
ନୂଆ ପୁରୁଣାର ସମାବେଶ । ଅତି ପରିଷ୍କାର; ଧୂଳି ବୋଲି ରାସ୍ତାରେ
କିଛି ନାହିଁ । ହେଲେ ବି ମୋର ଦୋଭାଷୀ ସେଠାର ମେୟରଙ୍କ
ଉପରେ ଗାଳିବର୍ଷଣ କରିବାରେ ଲାଗିଥାନ୍ତି । ତାଙ୍କର ଅଭିଯୋଗ
ରାସ୍ତାଗୁଡ଼ାକ ଚଉଡ଼ା ହୋଇନାହିଁ ; ଗଛସବୁ ଠିକ ଧାଡ଼ି ଧାଡ଼ି
ହୋଇ ଲଗାଯାଇ ନାହିଁ । ରାସ୍ତାର ସଙ୍କେତ ଚିହ୍ନ ସବୁ ଠିକ୍ ନାହିଁ
ଇତ୍ୟାଦି । ହୋଟେଲରେ ପହଞ୍ଚିଲାବେଳକୁ ଅପେକ୍ଷା କରିଛନ୍ତି
ଅଭ୍ୟର୍ଥନାକାରୀ ଦଳ; ହାତରେ ଫୁଲର ତୋଡ଼ା, ମୁହଁରେ ହସର
ଧାର । ସମ୍ବର୍ଦ୍ଧନା ସମ୍ଭାଷଣ ଶେଷ ହେଲା । କିଛିକ୍ଷଣ ପରେ
ବାହାରିଲୁଁ । ଶହେ ହାତ ଯାଇଥିବୁଁ କି ନାହିଁ, ଗେଟେ
ମିଉଜିୟମ—ଗେଟେଙ୍କ ନିବାସ ଗୃହ, ଏବେ ମିଉଜିୟମରେ
ପରିଣତ । ଏଇଠି ସିଏ ଜନ୍ମଗ୍ରହଣ କରିଥିଲେ ଗେଟେଙ୍କର
'ଫଷ୍ଟ', 'ମେଫିଷ୍ଟୋଫିଲ' ଆଦି । ତାଙ୍କର ଜନ୍ମର ଜାତକ (
ପାଣ୍ଡୁଲିପି ଆଦି ସବୁ କିଛି ରକ୍ଷିତ ରହିଛି । ଆଜି ସବୁବେଳେ
ଲାଗିଛି ଲୋକଙ୍କର ଧାଡ଼ି ।

ବେଶ୍ ଏକ ବିରାଟ ଘର, ଛୋଟ ବଡ଼ ବହୁଗୁଡ଼ିଏ କୋଠରୀ
ପଛକୁ ଏକ ପ୍ରଶସ୍ତ ବଗିଚା । ଘରଗୁଡ଼ିକ ବିଭିନ୍ନ ଦେଶର ଚିତ୍ର-
ପଟ, ପ୍ରସ୍ତର ମୂର୍ତ୍ତି, ମଡେଲ ଓ ପୁସ୍ତକ ଆଦିରେ ପୂର୍ଣ୍ଣ । ତାଙ୍କର
ପାଠାଗାରଟି ସେଇଭଳି ସୁରକ୍ଷିତ ରହିଛି । ୫୪୨୪ ଖଣ୍ଡ ପୁସ୍ତକ

ସେଇଭଳି ଆଲମାରରେ ସେମିତି ରହିଛି । ତା ସାଙ୍ଗକୁ ଅସଂଖ୍ୟ ପାଣ୍ଡୁଲିପି । ଘରର ସାଜସଜ୍ଜା ଓ ପରିବେଶ ସେଇ ସମୟର ସମ୍ଭ୍ରାନ୍ତଶ୍ରେଣୀୟ ହେଲେ ବି ଗେଟେଙ୍କ ନିଜର ରହିବା ଓ ଲେଖା-ଲେଖି କରିବା ଗୃହଟି ବଡ଼ ନୁହେଁ; ଅତି ସରଳ ଓ ଆଡ଼ମ୍ବର-ଶୂନ୍ୟ । ଆଡ଼ମ୍ବରପୂର୍ଣ୍ଣ ପରିବେଶ ତାଙ୍କର ଚିନ୍ତାର ସ୍ରୋତରେ ବାଧା ସୃଷ୍ଟି କରୁଥିଲା । ତାଙ୍କ ନିଜ ଭାଷାରେ "When I am sorrounded by commodious tasteful furnitures my thinking will be neutra ised and I placed in state of inactivity."

ଗେଟେ କେବଳ ଜଣେ ବିଶ୍ୱବିଖ୍ୟାତ ସାହିତ୍ୟିକ ନୁହନ୍ତି; ବିଶ୍ୱସାହିତ୍ୟ ସୃଷ୍ଟିରେ ସେ ଜଣେ ପ୍ରଧାନ ଅଗ୍ରଣୀ । ଅନ୍ୟ ଦିଗରେ, ସେ ଥିଲେ କଳା, ସାହିତ୍ୟ ସହିତ ବିଜ୍ଞାନର ସମନ୍ୱୟର ଜଣେ ପ୍ରଷ୍ଟିକ । ତାଙ୍କ ସେହି ଗୃହର ଏକ ଅଂଶ ଗୋଟାଏ ଗବେଷଣାଗାର । ନାନା ରକମର ମାପ ଓଜନ ଓ ପରୀକ୍ଷା ଆଦିର ସେଇବେଳର ଯନ୍ତ୍ରପାତି । ତା ପାଖକୁ ଲାଗି ବହୁ ପ୍ରକାର ଧାତୁ, ପ୍ରସ୍ତର, ବୃକ୍ଷଲତା ଆଦିର ଏକ ସଂଗ୍ରହାଳୟ । ତା ସବୁ ଅନେକ ଗୁଡ଼ିଏ କୋଠରି ମାଡ଼ି ବସିଛି । ସେଠାରେ ରହିଥିବା ଧାତୁ, ପ୍ରସ୍ତରର ସଂଖ୍ୟା ପ୍ରାୟ ୧୮ ହଜାର ହେବ । ମନେହେବ, ଗେଟେ ମଣିଷର ବାହ୍ୟ ସୌନ୍ଦର୍ଯ୍ୟରେ ଆବଦ୍ଧ ନ ରହି ଯେପରି ତା'ର ଅନ୍ତରାତ୍ମା ଭିତରେ ପ୍ରବେଶ କରିଛନ୍ତି । ସେଇପରି ସେ ପ୍ରାକୃତିକ ବାହ୍ୟ ଶୋଭାରେ କେବଳ ଆକୃଷ୍ଟ ନୁହନ୍ତି । ସେ ଚେଷ୍ଟା କରିଛନ୍ତି ତା'ର ଅନ୍ତର ଉଦ୍‌ଘାଟନ କରିବାକୁ—ସେଇ ମଣିଷ-ଲାଗି । ପ୍ରକୃତି ବିନା ମଣିଷର ଯେପରି ଅସ୍ତିତ୍ୱ ନାହିଁ, ମଣିଷ ବ୍ୟତିରେକେ ପ୍ରକୃତି ସେଇପରି ଲକ୍ଷ୍ୟହୀନ । ଏ ଦୁହିଁଙ୍କର

ସଂଯୋଗରେ ସଂସାର, ଆଜି ତା'ର ଉପଲବ୍ଧି, ତା'ର ପ୍ରକାଶ ଏବଂ ତାକୁ ରୂପ, ଭାଷା ଓ ବିଭିନ୍ନ ବର୍ଣ୍ଣରେ ବିମଣ୍ଡିତ କରିବାର ପ୍ରୟାସରେହିଁ ସାହିତ୍ୟର ବିକାଶ । ଗେଟେ ତାର ସର୍ବଶ୍ରେଷ୍ଠ ଦୃଷ୍ଟାନ୍ତ ।

ଏଠି ସବୁଠାରେ ଗେଟେଙ୍କ ସଙ୍ଗକୁ ସିଲର୍ । ସିଲର୍ ଗେଟେଙ୍କ ସମସାମୟିକ, ଅନ୍ତରଙ୍ଗ ବନ୍ଧୁ, ସୁବିଖ୍ୟାତ କବି । ତାଙ୍କର ପୂର୍ବର ବାସଭବନଟି ବି ସ୍ମୃତିଭବନରେ ପରିଣତ । ପୂର୍ବ ଜର୍ମାନୀରେ ଏହିସବୁ ସ୍ମୃତିଶାଳା, ସ୍ମୃତିଭବନ, ସ୍ମୃତି-ମନ୍ଦିର ଓ ମିଉଜିୟମ ଦେଖି ମୋର ମନେହୁଏ ଆଜି କିଛିଦିନ ପରେ ଦେଶଟା କେବଳ ସେଇଥିରେ ପୂର୍ଣ୍ଣ ହୋଇଯିବ । ସେମାନେ ଚାହାନ୍ତି ପ୍ରତ୍ୟେକଟି ସ୍ମୃତିକୁ ସାଇତିବାକୁ । ଆମ ଦେଶରେ କେତେଜଣ କବି, ସାହିତ୍ୟିକଙ୍କର ସ୍ମୃତିଭବନ ଅଛି ? ଏପରି କି ସାରା ଓଡ଼ିଶାରେ ଗୋଟିଏ ମାତ୍ର ସାଧାରଣ ମିଉଜିୟମ । ତା ମଧ୍ୟ ପୂର୍ଣ୍ଣାଙ୍ଗ ନୁହେଁ । କିନ୍ତୁ କ୍ଷୁଦ୍ର ଓ୍ୱାଇମାର ସହରରେ ମିଉଜିୟମର ସଂଖ୍ୟା ୫୨ ହେବ । ଆମର ଏଠି ଦେଉଳ ତୋଳା ହେଲା ଭଲ, ସେଠାରେ ଦେଶର ପ୍ରତ୍ୟେକ କ୍ଷେତ୍ରର କୃତୀ ସନ୍ତାନଙ୍କ ଲାଗି ଗଢ଼ାଯାଇଛି ଏଇ ସ୍ମୃତି ଭବନ । ବାସ୍ତବିକ ଅତୀତର ଭିତ୍ତି ଉପରେ ଠିଆ ହୁଏ ଭବିଷ୍ୟତ । ଆଜି ଭବିଷ୍ୟତ ଗଢ଼ିବାକୁ ହେଲେ ଗଢ଼ିବାକୁ ପଡ଼େ ବର୍ତ୍ତମାନକୁ ।

ତା ହେଲେ ଆମ ଦୁଇ ଦେଶ—ଗଣତାନ୍ତ୍ରିକ ଜର୍ମାନୀ ଓ ଭାରତର ବର୍ତ୍ତମାନ ସମ୍ପର୍କକୁ କିପରି ଗଢ଼ିବାକୁ ହେବ । ଆମର ଆଲୋଚନା ଭିତରେ ଏଇ ପ୍ରଶ୍ନ ସିଧାସଳଖ ଆସିଯାଏ । କେବଳ ଜର୍ମାନୀ ନୁହେଁ, ତମେ ଯେଉଁ ଦେଶକୁ ଯିବ ଏ ପ୍ରଶ୍ନ ନିଶ୍ଚୟ ତମ

ରତରେ ଉଠିବ । ସେଠି ସେ ଦେଶର ଲୋକେ ମଧ୍ୟ ଘୃଣ୍ୟ ହେବେ ଏହାର ଉତ୍ତର

ଭାରତ ଜର୍ମାନୀର ସଂପର୍କ ବହୁଦିନର ନୁହେଁ, ଖୁବ୍ ହେଲେ ଦେଢ଼ଶହ ବର୍ଷର । ଏହାଠୁ ଅଧିକ କାଳରୁ ସମ୍ପର୍କ ରହିଛି ଅନ୍ୟ ଦେଶଙ୍କ ସଙ୍ଗରେ । ଜର୍ମାନୀ ସହିତ ଏ ସମ୍ପର୍କ ମଧ୍ୟ ସେତେ ନିବିଡ଼ ନୁହେଁ । ଆଜି ଦେଶ ଅଛନ୍ତି, ଯାହାଙ୍କ ସହିତ ଭାରତର ସମ୍ପର୍କ ଅଧିକ ନିବିଡ଼, ଅଧିକ ଘନିଷ୍ଠ । ତେବେ ସେଇ ଅପେକ୍ଷାକୃତ ଅଳ୍ପଦିନର ଯୋଗାଯୋଗ ମଧ୍ୟରେ ପ୍ରକାଶ ପାଇଛି ଏକ ବଳିଷ୍ଠ ସୌହାର୍ଦ୍ଦ୍ୟ । ଜର୍ମାନୀର ମନୀଷୀଗଣ ଚେଷ୍ଟା କରିଛନ୍ତି ଭାରତକୁ ଭଲ ଭଲ କରି ବୁଝିବାଲାଗି ; ତା'ର ପ୍ରକୃତ ମହତ୍ତ୍ୱକୁ ପ୍ରକାଶ କରିବାପାଇଁ । ଫଳରେ ସେମାନେ କେବଳ ଇଂରେଜଙ୍କ ଅପ-ପ୍ରଚାରକୁ ଖଣ୍ଡନ କରିନାହାନ୍ତି, ଭାରତର ସ୍ୱାଧୀନତା ସଂଗ୍ରାମର ହୋଇଛନ୍ତି ସହାୟକ । ଭାରତର ଅତୀତ ସାମାଜିକ ବ୍ୟବସ୍ଥା, ତା'ର ଶିକ୍ଷା ବ୍ୟବସ୍ଥା, ତା'ର ଉତ୍ଥାନ ପତନର କାରଣ ବିଶ୍ଳେଷଣ କରି ଇଂରେଜମାନଙ୍କ ଆଧିପତ୍ୟ, ଲୁଣ୍ଠନ ଓ ଶଠତାକୁ ବିଦାର୍ଣ୍ଣ କରି ଦର୍ଶାଇଦେବା ସଙ୍ଗେ ସଙ୍ଗେ ଭାରତର ଭବିଷ୍ୟତ ସ୍ୱାଧୀନତା ମାର୍ଗର ଇଙ୍ଗିତ ଯଦି କେହି ଦେଇଥାନ୍ତି, ସେ ହେଉଛନ୍ତି ଜର୍ମାନୀର ସନ୍ତାନ କାର୍ଲ ମାର୍କସ୍—ସମଗ୍ର ପୃଥିବୀର ମୁକ୍ତିର ପଥପ୍ରଦର୍ଶକ ।

ଭାରତ ସହିତ ଇଉରୋପର ପ୍ରତ୍ୟକ୍ଷ ସମ୍ପର୍କ ଆରମ୍ଭ ହେଲା ଭାସ୍କୋ ଡ ଗାମାଙ୍କଠାରୁ । ତା ପୂର୍ବରୁ ସମ୍ପର୍କ ଥିଲା ପରୋକ୍ଷ । ଏଇ ପରୋକ୍ଷ ସମ୍ପର୍କ ସହିତ ଜର୍ମାନୀ ମଧ୍ୟ ସଂପୃକ୍ତ ଥିଲା । ସେହି ସମ୍ପର୍କ ଉପରେ ନିର୍ଭର କରୁଥିଲା ଜର୍ମାନୀର ସମୃଦ୍ଧି ।

ପୂର୍ବେ ଭାରତ ଓ ଇଉରୋପର ବାଣିଜ୍ୟ ଚଳୁଥିଲା ସ୍ଥଳ-ପଥରେ । ୟୁରୋପର ଭେନିସ ସହର ଥିଲା ତା'ର ଏକ ପ୍ରଧାନ କେନ୍ଦ୍ର । ଜର୍ମାନୀର ପ୍ରବାହିତ ରାଇନ୍ ନଦୀର ପ୍ରବାହ ସହିତ ଲାଗି-ରହିଥିଲା ସେଇ ବାଣିଜ୍ୟର ଧାରା । ଭାରତ ସହିତ ୟୁରୋପର ପ୍ରତ୍ୟକ୍ଷ ସମ୍ପର୍କ ପ୍ରତିଷ୍ଠା ହେଲା ଉତ୍ତାରୁ ବାଣିଜ୍ୟ ଚାଲିଲା ଜଳ-ପଥରେ । ଭେନିସ ସହର ତା'ର ପ୍ରାଧାନ୍ୟ ଓ ଗୁରୁତ୍ୱ ହରାଇଲା, ଆଉ ଭାଙ୍ଗିପଡ଼ିଲା ରାଇନ ନଦୀର ଏଇ ବାଣିଜ୍ୟ ଉପରେ ନିର୍ଭର କରୁଥିବା ଜର୍ମାନୀର ଅର୍ଥନୀତି । ଏହାଦ୍ୱାରା ରାଜନୈତିକ, ଅର୍ଥନୈତିକ ସବୁଦିଗରୁ ଜର୍ମାନୀ ଏତେଦୂର ତଳାତଳାନ୍ତ ହୋଇଗଲା ଯେ ତାକୁ ପୁଣି ମୁଣ୍ଡ ଟେକିବାକୁ ତିନି ଶହ ବର୍ଷ ଲାଗିଗଲା । ସେଇଦିନୁ ଜର୍ମାନୀର ପୁଞ୍ଜିବାଦ ସାମ୍ରାଜ୍ୟବାଦ ଚାହିଁଆସିଛି କିପରି ଭାରତ ସହିତ ସମ୍ପର୍କ ସ୍ଥାପନ କରିବ ; ତାକୁ ଅଧିକୃତ ଓ କବଳିତ କରିବ ।

ଜର୍ମାନୀରେ ଶିଳ୍ପ ବିପ୍ଳବ ଘଟିଛି ଡେରିରେ । ଏତେବେଳକୁ ବିଲାତ ଓ ଫ୍ରାନ୍ସ ପ୍ରଭୃତି ଦେଶ ଅଗେଇଗଲେଣି । ପୃଥିବୀର ବହୁ ଦେଶ ଓ ଉପନିବେଶ ଦଖଲ କଲେଣି । ଜର୍ମାନ ସାମ୍ରାଜ୍ୟବାଦୀମାନେ ଉଠିଲାବେଳକୁ ତାଙ୍କ ଲାଗି ଆଉ ବିଶେଷ ବଜାର ବା ଦେଶ ନାହିଁ ଦଖଲ କରିବାକୁ । ଜର୍ମାନ ସାମ୍ରାଜ୍ୟବାଦୀଙ୍କୁ ଆଗେଇବାକୁ ହେଲେ ପୃଥିବୀର ପୁରୁଣା ବଣ୍ଟାଆରାକୁ ଭାଙ୍ଗିବାକୁ ପଡ଼ିବ, ପୃଥିବୀକୁ ପୁଣି ଥରେ ନୂଆକରି ବାଣ୍ଟିବାକୁ ହେବ ଯେପରିକି ଜର୍ମାନ ସାମ୍ରାଜ୍ୟବାଦୀଙ୍କ ଭାଗରେ ଅଧିକ ବଜାର ଉପନିବେଶ ପଡ଼େ—ଏଇ ହେଲା ସେତେବେଳର ଜର୍ମାନୀର ଲକ୍ଷ୍ୟ ।

ଜର୍ମାନୀ ସବୁବେଳେ ଚାହୁଁଥିଲା କିପରି ଭାରତ ସହିତ ବାଣିଜ୍ୟ କରିବ । ତା'ର ଆଗରେ ବିଲାତର ଇଷ୍ଟଇଣ୍ଡିଆ କମ୍ପାନୀ ଭାରତକୁ

ଲୁଟିବାରେ ଲଗିଛୁ; ତେଣୁ ସେଥିଲାଗି ପ୍ରୁସିଆର ରାଜାମାନେ ବହୁଦିନୁ ଉଦ୍ୟମ କରୁଥିଲେ । ଜର୍ମାନୀର ସମ୍ରାଟ୍ ଫ୍ରେଡ୍ରିକ ଦ୍ୱିତୀୟ ଜର୍ମାନୀ-ଇଷ୍ଟଇଣ୍ଡିଆ କମ୍ପାନୀ ନାମରେ ଏକ କମ୍ପାନୀ ମଧ୍ୟ ଗଢ଼ିଲେ । କିନ୍ତୁ ବିଳାତ ତାଙ୍କୁ ଭାରତରେ ପୂରାଇଦେଲା ନାହିଁ । ଶେଷରେ ତା ଆଉ କାର୍ଯ୍ୟକାରୀ ହୋଇପାରିଲା ନାହିଁ । ଭାରତରେ ଜର୍ମାନୀର ପ୍ରଥମ ପ୍ରବେଶ ଘଟିଲା ବହୁଦିନ ପରେ, ୧୮୬୭ରେ । ଲଣ୍ଡନ ଓ କଲିକତା ମଧ୍ୟରେ ଟେଲିଗ୍ରାଫ୍ ବା ତାର ଲାଇନ ପକାଇବାର ଠିକା ନେଲା ଜର୍ମାନୀ—ଜର୍ମାନୀର ଏକ କମ୍ପାନୀ ସିମେନ୍ସ ।

ଅଙ୍ଗୁଳି ପ୍ରବେଶରୁ ବାହୁ ପ୍ରବେଶ—ଏଇ ହେଲା ସାମ୍ରାଜ୍ୟ-ବାଦୀଙ୍କ ନୀତି । ବିଳାତ ସେଇପରି ଭାରତରେ ପ୍ରବେଶ କରିଥିଲା । ଏବେ ଜର୍ମାନୀ ଭାରତ ସହିତ ବାଣିଜ୍ୟ ଆରମ୍ଭ କଲା ୧୮୮୫ରେ । ଭାରତର ସମସ୍ତ ବହିର୍ବାଣିଜ୍ୟର ଶତକଡ଼ା ୦.୩୫ ଭାଗ ମାତ୍ର ଜର୍ମାନୀ ସହିତ ଚଳୁଥିଲା । ତା ପରେ କଲିକତାରେ ଖୋଲିଲା ଜର୍ମାନୀର ଏସିଆଟିକ୍ ବ୍ୟାଙ୍କ । ୧୯୧୩ ବେଳକୁ ଉକ୍ତ ବାଣିଜ୍ୟର ମାତ୍ରା ବୃଦ୍ଧି ପାଇ ଶତକଡ଼ା ୧୦.୮ରେ ପହଞ୍ଚିଗଲା ।

କିନ୍ତୁ ଜର୍ମାନୀ ସାମ୍ରାଜ୍ୟବାଦୀମାନେ କେବଳ ଏତିକରେ ସନ୍ତୁଷ୍ଟ ନ ଥିଲେ । ସେମାନେ ଚାହିଁଥିଲେ ଭାରତକୁ ପୂରାପୂରି କବଳିତ କରିବେ । ଏ ନୀତି ମୂଳରୁ ଜର୍ମାନ ସାମ୍ରାଜ୍ୟର ସୃଷ୍ଟିକର୍ତ୍ତା ବିସ୍‌-ମାର୍କଙ୍କ କାଳରୁ ଚାଲିଆସୁଛି । ଏ ସମ୍ପର୍କରେ, ପୁସ୍ତକ, ଦଲିଲ, କାଗଜପତ୍ର ଆଦିର ଅଭାବ ନାହିଁ । ହିଟଲରର ଫ୍ୟାସିଷ୍ଟମାନଙ୍କର ମଧ୍ୟ ଏହାହିଁ ଥିଲା ଉଦ୍ଦେଶ୍ୟ । ସେମାନେ ଷ୍ଟାଲିନଗ୍ରାଡ଼ ଯୁଦ୍ଧରେ ଜୟଲାଭ କରିଥିଲେ ଅଫଗାନିସ୍ଥାନ ଦେଇ ଭାରତରେ ପ୍ରବେଶ କରି-ଥାନ୍ତେ । ଜର୍ମାନୀ ଭୂଇଁରେ ସାମ୍ରାଜ୍ୟବାଦ ରହିଥିବା ପର୍ଯ୍ୟନ୍ତ ସେମାନେ ଏଇ ନୀତି ଅନୁସରଣ କରୁଥିବେ । ଆଜି ପଶ୍ଚିମ

ଜର୍ମାନୀରେ ପୂର୍ବର ସେହି ସାମ୍ରାଜ୍ୟବାଦୀଙ୍କ ରାଜତ୍ୱ; ତେଣୁ ପଶ୍ଚିମ ଜର୍ମାନୀ ଭାରତ ପ୍ରତି ମୁଖ୍ୟତଃ ସେଇ ନୀତିହିଁ ଅନୁସରଣ କରିଥାଏ। ଅବଶ୍ୟ ସମୟ ଓ ଅବସ୍ଥା ଅନୁଯାୟୀ ତା'ର ରୂପ ଓ ଆବରଣ ଆଦିରେ ପରିବର୍ତ୍ତନ ଘଟିବା ସ୍ୱାଭାବିକ କଥା—ଏହା ଆମେ ପରେ ଦେଖିପାରିବା ।

କୌଣସି ଆକ୍ରମଣକାରୀ ନିଜର କୁ-ଉଦ୍ଦେଶ୍ୟକୁ ଉଲଗ୍ନ-ଭାବେ ଉପସ୍ଥାପିତ କରେ ନାହିଁ । ତା ସବୁବେଳେ ମହାନ୍ ନୀତି ଓ ସ୍ୱାଧୀନତାର ମହତ୍ ଆବରଣ ତଳେହିଁ ଅଗ୍ରସର ହୁଏ ; ନିଜର କୁତ୍ସିତ ରୂପକୁ ଢାଙ୍କିବାକୁ ଚେଷ୍ଟା କରେ । ଜର୍ମାନ ସାମ୍ରାଜ୍ୟ-ବାଦୀଗଣ ତାଙ୍କର ପ୍ରକୃତ ମତଲବକୁ ଢାଙ୍କିବାକୁ ଭାରତୀୟ ସ୍ୱାଧୀନତାର ସମର୍ଥକ ସାଜିଛନ୍ତି । ଭାରତର ବିପ୍ଳବକୁ ଉତ୍ସାହିତ କରିଛନ୍ତି । ଏଠାରେ ବ୍ରିଟିଶ ଶାସନକୁ ଲୋପ କରିବା ସଙ୍ଗେ ସଙ୍ଗେ ନିଜର କର୍ତ୍ତୃତ୍ୱ ପ୍ରତିଷ୍ଠା, ଏହାହିଁ ଥିଲା ତାଙ୍କର ପ୍ରକୃତ ଉଦ୍ଦେଶ୍ୟ । ତାଙ୍କର ଏହି ଯୋଜନା—ଆରମ୍ଭରୁ ହିଟଲରଙ୍କ ସମୟରେ—ନେତାଜୀ ସୁଭାଷ ବୋଷଙ୍କୁ ଆଶ୍ରୟ ଦେବାଯାଏ ଚାଲି-ଆସିଛି । ଯେତେବେଳେ ଭାରତର ବିପ୍ଳବୀମାନେ ଏହାର ବିରୋଧ କରିଛନ୍ତି ସେତେବେଳେ ଜର୍ମାନ ସାମ୍ରାଜ୍ୟବାଦୀ ଶାସକବର୍ଗଙ୍କ ପ୍ରକୃତ ରୂପ ପ୍ରକାଶ ପାଇଛି—ତାହା ଆମେ ପରେ ଦେଖି-ପାରିବା ।

ସାମ୍ରାଜ୍ୟବାଦୀଙ୍କ ଏଇ ଜର୍ମାନୀ ସଙ୍ଗକୁ, ଆଉ ଏକ ଜର୍ମାନୀ ରହିଛି—ତାହା ହେଲା ଲୋକସାଧାରଣଙ୍କ ଜର୍ମାନୀ—ଯେଉଁମାନେ କି ସାମ୍ରାଜ୍ୟବାଦର ବିରୋଧୀ, ସମସ୍ତ ପ୍ରକାର ଶୋଷଣ ଅତ୍ୟାଚାରର ବିରୋଧୀ, ସ୍ୱାଧୀନତା ସଂଗ୍ରାମର ପ୍ରକୃତ ସମର୍ଥକ । ନିଃସ୍ୱାର୍ଥ ଏମାନଙ୍କ ସମର୍ଥନ । ଏ ଦୁଇଟି ଧାରା ଜର୍ମାନୀରେ ମୂଳରୁ ପ୍ରବାହିତ ।

ଆଜି ଏହି ଗଣତାନ୍ତ୍ରିକ ଚିନ୍ତାଧାରାହିଁ ପ୍ରଥମରୁ ଠିଆହୋଇଛି ଭାରତର ସପକ୍ଷରେ । ସାମ୍ରାଜ୍ୟବାଦୀ ଜର୍ମାନୀ ଆସିଛି ଲୋଲୁପ ଦୃଷ୍ଟିନେଇ, ଗଣତାନ୍ତ୍ରିକ ଜର୍ମାନୀ ଆସିଛି ବନ୍ଧୁତ୍ୱର ହସ୍ତ ପ୍ରସାରଣ କରି ।

ବିଲାତ, ଭାରତର ସଭ୍ୟତା ଓ ସଂସ୍କୃତିକୁ ସେତେବେଳେ ହୀନଚକ୍ଷୁରେ ଦେଖୁଥିଲା ; ପୃଥିବୀସାରା ପ୍ରଚାର କରୁଥିଲା ଯେ ତାହା ଅତି ନିକୃଷ୍ଟ । କିନ୍ତୁ ଜର୍ମାନୀ, ଭାରତର ମହାନ୍ ସଭ୍ୟତା କଥା ପ୍ରଚାର କରି ଏକ ମହାନ୍ ଗୌରବମୟ କାର୍ଯ୍ୟ କରିଛି । ବାହାର ଦେଶମାନଙ୍କ ମଧ୍ୟରେ ପ୍ରଥମେ ଜର୍ମାନୀହିଁ ଏହି ବ୍ରିଟିଶ ଶଠତାର ମୁଖା ଖୋଲିଦେଇଥିଲା । ମାକ୍ସ ମୁଲରଙ୍କ ପୂର୍ବରୁ ମୈଞ୍ଜ ନିକଲସ ମୁଲାର (Mainz Niklas Mullar) ଭାରତୀୟ କଳା ସଂସ୍କୃତିର ମହାନ୍ କୃତିତ୍ୱ ଓ ପରାକାଷ୍ଠା ବିଷୟ ଉପସ୍ଥାପିତ କରିଥିଲେ । ୧୮୨୨ରେ ତାଙ୍କର ପୁସ୍ତକରେ ସେ ବ୍ରିଟିଶ ମିଶନାରୀମାନଙ୍କ ଭାରତ ସମ୍ପର୍କୀୟ ଅପପ୍ରଚାରକୁ ଖଣ୍ଡନ କରିଥିଲେ ; ବିଲାତର ଭାରତୀୟ କଳା ସଂସ୍କୃତିକୁ ଦମନ ଓ ଲୋପ କରିବାର ପ୍ରୟାସକୁ ନିନ୍ଦା କରିଥିଲେ; ଭାରତୀୟ ସାହିତ୍ୟ ସଂସ୍କୃତିର ପ୍ରକୃତ ମହତ୍ତ୍ୱ ପ୍ରତିପାଦିତ କରିଥିଲେ । ତା'ପରେ ମାକ୍ସ ମୁଲାର ଋକ୍‌ବେଦ ଓ ସଂସ୍କୃତ ସାହିତ୍ୟକୁ ଅନୁବାଦ କରି ଜଣାଇଦେଲେ, ଭାରତର ପ୍ରାଚୀନ ସାହିତ୍ୟ ସଭ୍ୟତା କଣ ! ଋକ୍‌ବେଦର ପ୍ରଥମ ଅନୁବାଦ ମାକ୍ସ ମୁଲରଙ୍କ ଦ୍ୱାରା ପ୍ରକାଶ ପାଇଲା ୧୮୪୯ ରେ । ଏହାଛଡ଼ା ସେ ବହୁ ସଂସ୍କୃତ ପୁସ୍ତକ ଅନୁବାଦ କରିଥିଲେ । ପ୍ରାଚ୍ୟର ଧର୍ମଶାସ୍ତ୍ରଗୁଡ଼ିକୁ ୫୦ଟି ଖଣ୍ଡରେ ପ୍ରକାଶ କରିଥିଲେ । ତାଙ୍କର କାର୍ଯ୍ୟସ୍ଥଳୀ ଥିଲା ବିଲାତ ଅକ୍‌ସଫୋର୍ଡରେ । ସେ ଥିଲେ ସେଠା ବିଶ୍ୱବିଦ୍ୟାଳୟର ଅଧ୍ୟାପକ । ତାଙ୍କର ଜନ୍ମସ୍ଥଳୀ ଥିଲା

ଜର୍ମାନୀର ଦେସୁ (Dessau) ସହରରେ । ତାହା ଏବେ ପୂର୍ବ ଜର୍ମାନୀରେ । ତାଙ୍କ ସମ୍ପର୍କରେ ଭାରତର ବଶିଷ୍ଟ ଶିକ୍ଷାବତ୍ ଓ ପଣ୍ଡିତ ଭଣ୍ଡାରକର କହିଥିଲେ, "ଆମର ସବୁ ଭାରତୀୟଙ୍କ ସ୍ୱଭାବ ବ୍ୟବହାରକୁ ୟୁରୋପରେ ଅତି କଦର୍ଯ୍ୟ କୁତ୍ସିତ ଭାବେ ପ୍ରଚାର କରାଯାଉଥିଲା । କୁହାଯାଉଥିଲା, ଆମର ସ୍ୱଭାବ ହେଲା ମିଛ କହିବା । ଆମର କୌଣସି ମୂଲ୍ୟ ଓ ଆତ୍ମସମ୍ମାନ ନାହିଁ ଏବଂ କୌଣସି ଏକ ବଡ଼ ବା ମହତ୍ କାର୍ଯ୍ୟ କରିବାକୁ ଆମ୍ଭେମାନେ ଅସମର୍ଥ । ମାକ୍ସ ମୁଲର ଏହି ମତ ବିରୁଦ୍ଧରେ ଲଢ଼ିଥିଲେ ।"

ମାକ୍ସ ମୁଲରଙ୍କର ଏହି ସଂସ୍କୃତପ୍ରୀତି ଓ ଭାରତ-ପ୍ରୀତ ଶ୍ରଦ୍ଧା ଯୋଗୁଁ ସେ ସାଧାରଣତଃ ଏ ଦେଶର ଶିକ୍ଷିତ ମହଲରେ ପରିଚିତ ଓ ସମ୍ମାନିତ । ଏହାର ସୁଯୋଗ ନେବାକୁ ଚେଷ୍ଟା କରିଛନ୍ତି ଜର୍ମାନୀର ସାମ୍ରାଜ୍ୟବାଦୀଗଣ । ସେମାନେ ତାଙ୍କ ନାମକୁ ବ୍ୟବହାର କରି ଭାରତର ବହୁ ସ୍ଥାନରେ ମାକ୍ସ ମୁଲାର ଭବନ ଏବେ ଖୋଲିଛନ୍ତି । ଉପରକୁ ତା'ର ଲକ୍ଷ୍ୟ ହେଲା ପଶ୍ଚିମ ଜର୍ମାନୀ ଓ ଭାରତ ମଧ୍ୟରେ ସାଂସ୍କୃତିକ ସମ୍ପର୍କକୁ ସୁଦୃଢ଼ କରିବା । କିନ୍ତୁ ଅସଲରେ ଚାଲିଛି ପଶ୍ଚିମ ଜର୍ମାନୀର ସାମ୍ରାଜ୍ୟବାଦୀଙ୍କର ପ୍ରଚାର । ପ୍ରଥମେ ଘରେ ପଶିଗଲେ ଯେଉଁ ମାନଚିତ୍ର ଝୁଲୁଛି, ସେଥିରେ ଦେଖିବ, ପଶ୍ଚିମ ଜର୍ମାନୀ ହେଉଛି ଏକମାତ୍ର ଜର୍ମାନୀ ତା ମାନେ, ପୂର୍ବଜର୍ମାନୀର କୌଣସି ଅସ୍ତିତ୍ୱ ନାହିଁ । ପଶ୍ଚିମ ଜର୍ମାନୀ ତଦ୍ୱାରା ପୂର୍ବଜର୍ମାନୀ ଉପରେ ତା'ର ଅଧିକାର ସାବ୍ୟସ୍ତ କରୁଛି ।

ଏହି ମାକ୍ସ ମୁଲାର ଭବନ ହେଉଛି ଗେଟେ ଇନଷ୍ଟି-ଚ୍ୟୁଟର ଏକ ଅଂଶ । ବିଭିନ୍ନ ଦେଶରେ ଏହିପରି ପଶ୍ଚିମ ଜର୍ମାନୀ ପକ୍ଷରୁ ଭବନମାନ ନିର୍ମାଣ କରାଯାଇଛି । କୁହାଯାଏ, ଏ ସବୁ ପୂରାପୂରି ସାଂସ୍କୃତିକ । ଏଥିସହିତ ରାଜନୀତିର କୌଣସି

ସମ୍ପର୍କ ନାହିଁ । ଅଥଚ ଏହାର ଖର୍ଚ୍ଚର ଅଧିକାଂଶ ଭାଗ ଆସେ ପଶ୍ଚିମଜର୍ମାନୀର ବୈଦେଶିକ ବିଭାଗରୁ । ତା'ର ସମସ୍ତ ବଜେଟର ୫ ଭାଗରୁ ୪ ଭାଗ ଆସେ ଏଇ ବାଟରେ ।

ଜର୍ମାନୀର ବିରାଟ ଭାବବାଦୀ ଦାର୍ଶନିକ ହେଗେଲ (୧୭୭୦-୧୮୩୧), ଭାରତୀୟ ଦର୍ଶନ ମଧ୍ୟ ଗଭୀରଭାବେ ଅନୁଶୀଳନ କରିଥିଲେ । କିନ୍ତୁ ହେଗେଲଙ୍କ ଭାବବାଦ ଓ ଭାରତୀୟ ଭାବବାଦ ମଧ୍ୟରେ ଫରକ ରହିଛି । ହେଗେଲ ତାଙ୍କର 'ଫିଲୋସଫି ଅଫ୍ ହିଷ୍ଟ୍ରି' (ଦର୍ଶନର ଇତିହାସ )ରେ ଲେଖିଛନ୍ତି, " India is always a land of imaginative aspiration and appears to be a fairy region, an enchanted world. In contrast to Chinese State which presents only the most prosaic understanding. India is the region of phantasy and sensibility.......

This idealism, then, is found in India, but only as an idealism of imagination." ହେଗେଲ ଥିଲେ ବସ୍ତୁଗତ ଭାବବାଦୀ ( objective idealist ) । ହେଗେଲ ଯେଉଁ ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ଥିଲେ ସେହି ବିଶ୍ୱ-ବିଦ୍ୟାଳୟଟି ପୂର୍ବ ଜର୍ମାନୀର ଜେନା ସହରରେ ଅବସ୍ଥିତ । ହେଗେଲ ଭାରତୀୟ ଦର୍ଶନ ଭଲଭାବେ ଅଧ୍ୟୟନ କରିବାରେ ସମର୍ଥ ହୋଇ ନଥିଲେ । ସେତେବେଳେ ସମସ୍ତ କଥା ମଧ୍ୟ ପ୍ରକାଶ ପାଇ ନ ଥିଲା ।

ହେଗେଲ ଥିଲେ ଦ୍ୱନ୍ଦ୍ୱବାଦୀ ତତ୍ତ୍ୱର ସ୍ରଷ୍ଟି କର୍ତ୍ତା; କିନ୍ତୁ ତାହା ଥିଲା ଭାବବାଦ ଭିତରେ ଆବଦ୍ଧ । ତେଣୁ ମାର୍କସ୍ କହିଥିଲେ, ହେଗେଲ ତାଙ୍କ ମୁଣ୍ଡରେ ଠିଆ ହୋଇଛନ୍ତି । ତାଙ୍କୁ ଗୋଡ଼ରେ ଠିଆ କରିବାକୁ ହେବ । ସେ ତାଙ୍କର ଭାବବାଦକୁ ବାଦ୍ ଦେଇ ତା'ର ସାର ନିର୍ଯ୍ୟାସ ଦ୍ୱନ୍ଦ୍ୱବାଦକୁ ଆଣି, ତାଙ୍କର ଦ୍ୱନ୍ଦ୍ୱମୂଳକ

ବସ୍ତୁବାଦ ଗଠନ କରିଥିଲେ । ଏଙ୍ଗେଲସ୍ ଲେଖିଥିଲେ, ଜର୍ମାନୀ ବିନା ବୈଜ୍ଞାନିକ ସାମ୍ୟବାଦ ସମ୍ଭବ ହୋଇ ନ ଥାନ୍ତା ।

ହେଗେଲଙ୍କର ବୈପ୍ଳବିକ ଅଗ୍ରଗତି ପ୍ରତି ଏ ଅବଦାନ ସଙ୍ଗେ ସଙ୍ଗେ ପ୍ରତିକ୍ରିୟା ପ୍ରତି ତାଙ୍କର ଅବଦାନ ମଧ୍ୟ କମ୍ ନୁହେଁ । ତାଙ୍କର ଭାବବାଦୀ ଦୃଷ୍ଟିକୋଣର ମର୍ମ ହେଲା, ସାରପୁଙ୍ଗବଙ୍କ ଦ୍ୱାରା ଇତିହାସର ସୃଷ୍ଟି । ଶକ୍ତିଶାଳୀ ପ୍ରୁସିୟାନ୍ (ଜର୍ମାନୀ) ରାଷ୍ଟ୍ର ଗଠନ ଦିଗରେ ସେ ଥିଲେ ଆଦର୍ଶ ଓ ଶକ୍ତିଶାଳୀ ରାଷ୍ଟ୍ରର ଜଣେ ପ୍ରଧାନ ସମର୍ଥକ, ତା'ର ଦାର୍ଶନିକ କର୍ତ୍ତା । ଶେଷରେ ତାଙ୍କର ଯେ ଆଦର୍ଶ ରାଷ୍ଟ୍ର ନାଜୀରାଷ୍ଟ୍ରରେ ପରିଣତ ହୋଇଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ ।

ସମଗ୍ର ବିଶ୍ୱ ପ୍ରତି ଗଣତାନ୍ତ୍ରିକ ଜର୍ମାନୀର ସର୍ବଶ୍ରେଷ୍ଠ ଅବଦାନ ହେଉଛନ୍ତି ମାର୍କସ ଓ ଏଙ୍ଗେଲସ । ଏମାନେ ସମସ୍ତ ମାନବର ମୁକ୍ତିର ପଥପ୍ରଦର୍ଶକ । ମାର୍କସ କେବଳ ବୈଜ୍ଞାନିକ ସାମ୍ୟବାଦକୁ ରୂପ ଦେଇନାହାନ୍ତି, ସେ ଦିଗରେ ଅଗ୍ରଗତିର ମାର୍ଗ ମଧ୍ୟ ଉନ୍ମୁକ୍ତ କରିଦେଇଛନ୍ତି । ଆଜି ଯେଉଁପରି ସେ ବୈଜ୍ଞାନିକ ଭାବେ ଆଲୋଚନା କରିଛନ୍ତି ଭାରତକୁ । ତା'ର ଅତୀତକୁ ବିଶ୍ଳେଷଣ କରିଛନ୍ତି । ବର୍ତ୍ତମାନର ଘଟଣାବଳୀକୁ ଉଦ୍‌ଘାଟନ କରିଛନ୍ତି ଓ ଦର୍ଶାଇଦେଇଛନ୍ତି ତା'ର ଭବିଷ୍ୟତ ବିକାଶର ଧାରା । ମାର୍କସଙ୍କୁ ନ ଜାଣି ବିଶେଷକରି ମାର୍କସଙ୍କ ଲିଖିତ ଭାରତ ସମ୍ପର୍କୀୟ ପ୍ରବନ୍ଧଗୁଡ଼ିକ ଅଧ୍ୟୟନ ନ କରି କୌଣସି ଭାରତୀୟ ସମାଜ ଓ ତା'ର ଇତିହାସକୁ ସଠିକଭାବେ ବୁଝି ନ ପାରେ । କାରଣ ତା ଦ୍ୱାରା ମାର୍କସ ଭାରତୀୟ ସମାଜ ଓ ବ୍ରିଟିଶ ରାଜତ୍ୱର ମୌଳିକ ବିଷୟଗୁଡ଼ିକୁ ପ୍ରକାଶ କରିଛନ୍ତି । ସେ ସବୁର ଉତ୍ପତ୍ତି, ବିକାଶ ଓ ସମାଧାନର ପନ୍ଥା ମଧ୍ୟ ଦର୍ଶାଇଛନ୍ତି । ମାର୍କସଙ୍କ ଉକ୍ତ ଆଲୋଚନା

ମଧ୍ୟରେ ଓଡ଼ିଶା ମଧ୍ୟ ସ୍ଥାନ ପାଇଛି । ମାର୍କସ ଭାରତୀୟ ଘଟଣାବଳୀକୁ କପରି ଅନୁଧ୍ୟାନ କରୁଥିଲେ ତାହା ତାଙ୍କର ନିଜ ବ୍ୟବହାର ଲାଗି ଲିଖିତ ନୋଟରୁ ଦେଖାଯାଏ । ଭାରତ ସମ୍ପର୍କରେ ଯାହା ପଢ଼ୁଥିଲେ ପ୍ରତ୍ୟେକ ଦିନର ଘଟଣାକୁ ତାରିଖ ଦେଇ ଟିପି ରଖୁଥିଲେ । ଏପରି ଗଭୀର ଅନୁଶୀଳନ ଆଜି ଅନ୍ୟ କାହା ପକ୍ଷରେ ସମ୍ଭବ ନୁହେଁ ।

ସାମ୍ରାଜ୍ୟବାଦୀ ଜର୍ମାନୀ ଭାରତ ଉପରେ ଲୋଲୁପଦୃଷ୍ଟି ପକାଉଥିଲା ବେଳେ ତେଣେ ଅନ୍ୟ ଦିଗରେ ତା ବିରୁଦ୍ଧରେ ସଂଗ୍ରାମ କରୁଥିଲା ଗଣତାନ୍ତ୍ରିକ ଜର୍ମାନୀ । ଏମାନେ ତା'ର ଉପନିବେଶ ଓ ଦେଶଦଖଲ ନୀତିକୁ ପଦେପଦେ ଆକ୍ରମଣ କରୁଥିଲେ । ଏଇ ବୈପ୍ଳବିକ ଶକ୍ତି—ଜର୍ମାନୀର ଶ୍ରମିକଶ୍ରେଣୀ ଥିଲେ ଭାରତର ପ୍ରକୃତ ବନ୍ଧୁ । ସେତେବେଳେ ସୋସିଆଲ ଡିମୋକ୍ରାଟିକ ପାର୍ଟିର ନେତା ଅଗଷ୍ଟ ବେବେଲ କାର୍ଲ ଲିବ୍‌କ୍‌ନେଟ ଓ ତା'ପରେ ରୋଜା ଲକ୍‌ସମ୍‌ବର୍ଗଙ୍କ ବକ୍ତୃତାରୁ ଏହା ଦେଖିବାକୁ ମିଳେ । ଏହା ୧୮୮୫ ସମୟରୁ ନିରବଚ୍ଛିନ୍ନଭାବେ ଚାଲିଆସିଛି । ସେ ସବୁର ବିଶଦ ବର୍ଣ୍ଣନା ଏଠାରେ ସମ୍ଭବ ନୁହେଁ । କେବଳ ସେତିକି ନୁହେଁ, ୧୯୨୫ରେ ଜର୍ମାନୀର ଶ୍ରମିକମାନେ ବମ୍ବେ ଶ୍ରମିକ ଧର୍ମଘଟକୁ ଅର୍ଥ ପଠାଇ ସାହାଯ୍ୟ କରିଛନ୍ତି । ୧୯୨୭ରେ ଉପନିବେଶବାଦ ବିରୁଦ୍ଧରେ ତୁମୁଳ ସ୍ୱର ଉଠାଇଛନ୍ତି । ମିରଟ୍ ଷଡ଼ଯନ୍ତ୍ର (୧୯୨୯—୩୫) ମକଦ୍ଦମାରେ ଅଭିଯୁକ୍ତ ବିପ୍ଳବୀମାନଙ୍କ ସମର୍ଥନରେ ବ୍ରିଟିଶ ବିରୁଦ୍ଧରେ ଆନ୍ଦୋଳନ ଚଳାଇଛନ୍ତି । ବହୁଦିନ ଧରି ବର୍ଲିନ ଭାରତୀୟ ବିପ୍ଳବୀମାନଙ୍କର ଏକ କେନ୍ଦ୍ର ହୋଇ ରହିଥିଲା । ବହୁ ଭାରତୀୟ ମଧ୍ୟ ଜର୍ମାନୀରେ ପଢ଼ିବାକୁ ଯାଉଥିଲେ ଓ ଏ ବିପ୍ଳବୀ କାର୍ଯ୍ୟରେ ଯୋଗ ଦେଉଥିଲେ । ଭାରତର ପୂର୍ବତନ ରାଷ୍ଟ୍ରପତି ଜାକିର ହୁସେନ,

ଇନ୍ଦୁଲାଲ ଯାଜ୍ଞିକ ଏବଂ କମ୍ୟୁନିଷ୍ଟ ନେତା ଡାକ୍ତର ଅଧିକାରୀ ରହିଥିଲେ ଏମାନଙ୍କ ଭିତରେ । ଭାରତୀୟ ବିପ୍ଳବୀମାନେ, ବ୍ରିଟିଶ ବିରୁଦ୍ଧରେ ସେଇଠାରେ ମୁକ୍ତି ସଂଗ୍ରାମର ପ୍ରସ୍ତୁତିରେ ଲାଗିଥିଲେ ।

ଜର୍ମାନୀର ସାମ୍ରାଜ୍ୟବାଦୀ ସରକାର ନିଜର ବ୍ରିଟିଶବିରୋଧୀ ସ୍ୱାର୍ଥ ଦୃଷ୍ଟିରୁ ଏହାକୁ ବାଧା ନ ଦେଲେ ବି ସେମାନଙ୍କ ଉପରେ କଡ଼ା ଦୃଷ୍ଟି ରଖିଥିଲା ।

ହିଟଲର କ୍ଷମତାକୁ ଆସିଲା ପରେ, ଫ୍ୟାସିଷ୍ଟ ଶାସନର ପ୍ରତିଷ୍ଠା (୧୯୩୩) ଦିନରୁ ଜର୍ମାନୀ ଭାରତର ଏ ସମ୍ପର୍କ ଛିନ୍ନ ହୋଇଗଲା । ଏହାର ପ୍ରଧାନ କାରଣ, ଫ୍ୟାସିଷ୍ଟମାନେ ଜର୍ମାନୀର ଗଣତାନ୍ତ୍ରିକ ଆନ୍ଦୋଳନକୁ ନିର୍ମମଭାବେ ଦମନ କରିଦେଲେ, ଯାହାକି ଭାରତୀୟ ସ୍ୱାଧୀନତା ଆନ୍ଦୋଳନର ସମର୍ଥକ ଓ ସାହାଯ୍ୟକାରୀ ଥିଲା । ସେତେବେଳେ ଫ୍ୟାସିଷ୍ଟମାନଙ୍କ ସେହି ନାରକୀୟ ଶାସନ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଛି ଭାରତର ମୁକ୍ତି ଆନ୍ଦୋଳନ; କିନ୍ତୁ ଫ୍ୟାସିଷ୍ଟମାନେ ଆପ୍ରାଣ ଉଦ୍ୟମ କରିଥିଲେ କିପରି ଭାରତୀୟ ସ୍ୱାଧୀନତା ସଂଗ୍ରାମକୁ ନିଜର ସ୍ୱାର୍ଥସାଧନ ବାଗରେ ବ୍ୟବହାର କରିବେ; ସେଥିରୁ ସୁବିଧା ଉଠାଇବେ । ସେଥିରେ ସେମାନେ ସମ୍ପୂର୍ଣ୍ଣ ବିଫଳ ହୋଇଥିଲେ । ଫ୍ୟାସିଷ୍ଟମାନଙ୍କ ବିରୁଦ୍ଧରେ ଅଭି-ଯାନ ଆରମ୍ଭ କରିଥିଲେ ସ୍ୱୟଂ ଜବାହରଲାଲ ନେହେରୁ । ସେ ସେମାନଙ୍କର ଗଣତାନ୍ତ୍ରିକ ଆନ୍ଦୋଳନ ଉପରେ ଦମନର ତୀବ୍ର ନିନ୍ଦା କରିଥିଲେ । ସେ ଥିଲେ ଜଣେ ଦୃଢ଼ ଫ୍ୟାସିଷ୍ଟବିରୋଧୀ । ରବୀନ୍ଦ୍ରନାଥ ମଧ୍ୟ ଏମାନଙ୍କ ବିରୁଦ୍ଧରେ ନିଜର ଦୃଢ଼ ମତ ବ୍ୟକ୍ତ କରିଛନ୍ତି । ଆନ୍ତର୍ଜାତୀୟ ଫ୍ୟାସିଷ୍ଟବିରୋଧୀ ସଂଗଠନର ସେ ସଭ୍ୟ ଥିଲେ । ଜର୍ମାନୀର କମ୍ୟୁନିଷ୍ଟ ନେତା ଥେଲମାନଙ୍କ ମୁକ୍ତି ଲାଗି

ବମ୍ବେ, କଲିକତା ଓ କାନପୁର ପ୍ରଭୃତିରେ ବିକ୍ଷୋଭ ଆନ୍ଦୋଳନ ହୋଇଥିଲା ।

ଗତ ଯୁଦ୍ଧବେଳେ ନେତାଜୀ ଭାରତରୁ ଖସିଯାଇ ଆଶ୍ରୟ ନେଇଥିଲେ ଜର୍ମାନୀରେ । ତାଙ୍କର ଆଶା ଥିଲା ଜର୍ମାନୀର ଫ୍ୟାସିଷ୍ଟ-ମାନଙ୍କ ସାହାଯ୍ୟରେ ସେ ଭାରତକୁ ବ୍ରିଟିଶ କବଳରୁ ମୁକ୍ତ କରିବେ । ସେଥିଲାଗି ଜର୍ମାନୀରେ ଥିବା ନେତାଜୀଙ୍କ ସମର୍ଥକ ଓ ଭାରତୀୟ ଯୁଦ୍ଧବନ୍ଦୀଙ୍କୁ ନେଇ ଆଜାଦ ହିନ୍ଦ ବାହିନୀ ଗଠିତ ହୋଇଥିଲା । ଏମାନଙ୍କ ଲକ୍ଷ୍ୟ ହେଲା ଇଂରେଜମାନଙ୍କ ବିରୁଦ୍ଧରେ ଭାରତର ମୁକ୍ତି ଲାଗି ଲଢ଼ିବା; କିନ୍ତୁ ନାତ୍ସୀମାନଙ୍କର ମତଲବ ହେଲା ତାଙ୍କୁ ନିଜ ସ୍ୱାର୍ଥଦୃଷ୍ଟିରୁ ରୁଷ ବିରୁଦ୍ଧରେ ପ୍ରୟୋଗ କରିବା ।

ନାତ୍ସୀଙ୍କର ମତଲବକୁ ଭାରତୀୟମାନେ ବୁଝିପାରିଥିଲେ । ସେମାନେ ତାକୁ ପ୍ରତ୍ୟାଖ୍ୟାନ କରିଦେଇଥିଲେ । କହିଥିଲେ, ସୋଭିଏତ ୟୁନିଅନ ଭାରତର ଶତ୍ରୁ ନୁହେଁ । ଏଥିରେ ନାତ୍ସୀମାନେ ଉତ୍କ୍ଷିପ୍ତ ହୋଇଉଠିଲେ । ସେଇଠି କେତେକ ଭାରତୀୟ ସୈନ୍ୟଙ୍କୁ ଗୁଳି କରି ହତ୍ୟା କଲେ । ଆଉ ଗୋଟାଏ ଦଳ ସୈନ୍ୟଙ୍କୁ ମାର୍ସିଆଲ୍ ଲ' ବା ସାମରିକ ଆଇନ ଅନୁସାରେ ଦଣ୍ଡିତ କରିଥିଲେ । ଏହାର ନାମ 'କୋନିସବର୍ଗ ବିଦ୍ରୋହ' । ଶେଷରେ ନେତାଜୀ ସୁଭାଷ ବୋଷଙ୍କୁ ହତାଶ ଭାବରେ ଜର୍ମାନୀ ଛାଡ଼ି, ଜାପାନ ଆସିବାକୁ ପଡ଼ିଲା ।—ଏଇ ହେଲା ସାମ୍ରାଜ୍ୟବାଦୀ ଜର୍ମାନୀର ଭାରତର ସ୍ୱାଧୀନତା ପ୍ରତି ସହାଯ୍ୟ ଓ ସମର୍ଥନ । ତାଙ୍କର ସମସ୍ତ ସମର୍ଥନ କେବଳ ସାମ୍ରାଜ୍ୟବାଦୀ ସ୍ୱାର୍ଥ ଦୃଷ୍ଟିରୁ ।

ଗଣତାନ୍ତ୍ରିକ ଓ ସାମ୍ରାଜ୍ୟବାଦୀ—ଏ ଦୁଇଧାରା ଜର୍ମାନୀ-ଦେଶରେ ବହୁ ଦିନରୁ ପ୍ରବାହିତ ହୋଇଆସୁଛି । ସେହି

ଦୁଇ ଧାରା ଏବେ ପରିବର୍ତ୍ତିତ ଅବସ୍ଥାରେ ଦୁଇଟି ଜର୍ମାନୀରେ ରୂପାୟିତ; ଗୋଟିଏ, ଗଣତାନ୍ତ୍ରିକ ସମାଜବାଦୀ ଜର୍ମାନୀ (ପୂର୍ବ ଜର୍ମାନୀ) ଓ ଅନ୍ୟଟି, ଫେଡରାଲ ଜର୍ମାନୀ ବା ପଶ୍ଚିମ ଜର୍ମାନୀ । ଜର୍ମାନୀରେ ଯେ ଗଣତାନ୍ତ୍ରିକ ଶକ୍ତି ଓ ଲୋକ ନାହାନ୍ତି, ତା ନୁହେଁ । ତେବେ ଯେଉଁମାନେ ସେତେବେଳେ ଭାରତର ସ୍ୱାଧୀନତା ପ୍ରତି ଅକୁଣ୍ଠିତ ସମର୍ଥନ ଜଣାଉଥିଲେ, ସେହି ଶ୍ରମିକ, କୃଷକ ଓ ପ୍ରଗତିଶୀଳ ଲୋକସାଧାରଣଙ୍କ ଶାସନ ପୂର୍ବ ଜର୍ମାନୀରେ ପ୍ରତିଷ୍ଠିତ । ଭାରତ ପ୍ରତି ସେଇ ବନ୍ଧୁଭାବର ଧାରା ଗଭୀର ଓ ପ୍ରସାରିତ କରିବା ଦିଗରେ ସେମାନେ ବ୍ୟାକୁଳ ଓ ବଦ୍ଧପରିକର ।

ଅନ୍ୟ ଦିଗରେ ଯେଉଁ ଏକଚାଟିଆ ପୁଞ୍ଜିବାଦୀମାନେ ସେତେବେଳ ଜର୍ମାନୀର ଶାସକ ଥିଲେ, ସାମ୍ରାଜ୍ୟବାଦୀ ନୀତି ଅନୁସରଣ କରୁଥିଲେ, ସେମାନେ ଏବେ ବି ପଶ୍ଚିମ ଜର୍ମାନୀର ଅଧିକାରୀ । ତେଣୁ ତାଙ୍କର ଭାରତପ୍ରୀତି ନଜର ସେହି ପୁଞ୍ଜିବାଦୀ ସ୍ୱାର୍ଥଦୃଷ୍ଟିରୁ ନିର୍ଦ୍ଧାରିତ । ଉପରକୁ ଭାରତ ସହିତ ପଶ୍ଚିମ ଜର୍ମାନୀର ଯେତେ ପ୍ରୀତି, ସାହାଯ୍ୟ, ସୌହାର୍ଦ୍ଦ୍ୟ ଥାଉ ପଛେ ତା'ର ପ୍ରକୃତ ସାର ହେଲା ସେହି ଏକଚାଟିଆ ପୁଞ୍ଜିବାଦୀ ସ୍ୱାର୍ଥ । ଏଇ ଗୋଟିଏ ଦୃଷ୍ଟାନ୍ତରୁ ତାହା ପରିଷ୍କାର ହୁଏ : କୁହାଯାଏ, ପଶ୍ଚିମ ଜର୍ମାନୀ ଭାରତକୁ ସାହାଯ୍ୟ କରୁଛି । ପଶ୍ଚିମ ଜର୍ମାନୀ ଯେଉଁ ଋଣ ଦେଇଛି ତା ଦ୍ୱିତୀୟ ଯୋଜନା ଶେଷରେ ଥିଲା ୧୩୩.୧୪ କୋଟି; ତୃତୀୟ ଯୋଜନା ଶେଷରେ ହେଲା ୩୦୮.୦୧ କୋଟି ଏବଂ ୧୯୬୯ ମଇମାସ ଶେଷକୁ ହେଲା, ୪୭୨.୭ କୋଟି ଟଙ୍କା । ଏହି ଅର୍ଥ ବୈଦେଶିକ ମୁଦ୍ରାରେ ପଶ୍ଚିମ ଜର୍ମାନୀକୁ ଶୁଝିବାକୁ ହେବ । ଯେଉଁ ବୈଦେଶିକ ମୁଦ୍ରା ଅଭାବରୁ ଭାରତକୁ ଋଣ ଆଣିବାକୁ ହୋଇଛି, ତାକୁ ମଧ୍ୟ ପୁଣି ତା ଉପରୁ ଅର୍ଜ୍ଜନ କରିବାକୁ ହେବ । ପଶ୍ଚିମ ଜର୍ମାନୀର ବ୍ୟକ୍ତିଗତ

ପୁଞ୍ଜି ଲଗାଣ ମଧ୍ୟ ଉତ୍ତମଧାରେ ବୃଦ୍ଧି ପାଇବାରେ ଲାଗିଛି । ପଶ୍ଚିମ ଜର୍ମାନୀର ବ୍ୟକ୍ତିଗତ ପୁଞ୍ଜିପତିମାନେ ୧୯୫୮ରେ ମାତ୍ର ୧୦ ଲକ୍ଷ ପୁଞ୍ଜି ଭାରତରେ ଲଗାଇଥିଲେ । ୧୯୫୮କୁ ତାହା ହେଲା ୩୩୦ ଲକ୍ଷ । ୧୯୬୩ ବେଳକୁ ତାହା ବୃଦ୍ଧି ପାଇଲା ୬୩୦୦ ଲକ୍ଷକୁ । ଆଉ ୧୯୬୫ରେ ତାହା ପହଞ୍ଚିଗଲା ୬୪୫୦ ଲକ୍ଷରେ । ଏ ସବୁ ହେଲା ପ୍ରତ୍ୟକ୍ଷ ପୁଞ୍ଜି ଲଗାଣ । ପୁଞ୍ଜି ଲଗାଣ ଦ୍ୱାରା ଅନ୍ୟ ଦେଶକୁ ଶୋଷଣ କରିବା ହେଲା ଚିରାଚରିତ ସାମ୍ରାଜ୍ୟବାଦୀ ନୀତି ।

ଏହାଛଡ଼ା ପଶ୍ଚିମ ଜର୍ମାନୀ ସହିତ ଭାରତ ଯେଉଁ ବାଣିଜ୍ୟ କରୁଛି ସେଥିରେ କୌଣସି ଗୋଟିଏ ବର୍ଷ, ଜର୍ମାନୀଠାରୁ କାଣି କଉଡ଼ିଟାଏ ହେଲେ ଆଣିନାହିଁ । ସବୁବେଳେ ସ୍ରୋତ ଭାରତଆଡ଼ୁ ଉଜାଣି ବୋହୁଛି । ଏ ବାଣିଜ୍ୟ ହେଉଛି ପ୍ରତିକୂଳ ବାଣିଜ୍ୟ, ଅନୁକୂଳ ନୁହେଁ । ସବୁବେଳେ ଭାରତ ଯେତେ ଜର୍ମାନୀଠାରୁ ପାଉଛି ତା ଅପେକ୍ଷା ଅଧିକା ଦେବାରେ ଲାଗିଛି । ଏପରିକି, ସାହାଯ୍ୟ ବାବଦରେ ଯାହା ପାଉଛି, ତା'ର ପ୍ରାୟ ୩ ଗୁଣ ଏଇ ବାଣିଜ୍ୟ ଦ୍ୱାରା ଓଲଟି ଦେଇସାରିଲାଣି । ଏହା ସିଧାସଳଖ କପଟ ଶୋଷଣ ଛଡ଼ା ଅନ୍ୟ କିଛି ନୁହେଁ ।

ଏହା ସହିତ ଗଣତାନ୍ତ୍ରିକ ଜର୍ମାନୀକୁ ତୁଳନା କଲେ, ଦୁହିଁଙ୍କର ପାର୍ଥକ୍ୟ ପରିସ୍ଫୁଟ ହୁଏ । ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଲା, ଗଣତାନ୍ତ୍ରିକ ଜର୍ମାନୀ ଆମର ଭାରତୀୟ ମୁଦ୍ରା ଟଙ୍କାକୁ ଗ୍ରହଣ କରେ । ପଶ୍ଚିମ ଜର୍ମାନୀ ତା କରେ ନାହିଁ; ସେ ଚାହେଁ ଡଲାର ବା ପାଉଣ୍ଡ । ତାହା ଅର୍ଜନ କରିବା ଭାରତ ପକ୍ଷରେ ଅତ୍ୟନ୍ତ କଷ୍ଟସାଧ୍ୟ ବ୍ୟାପାର । ଦ୍ୱିତୀୟରେ, ଗଣତାନ୍ତ୍ରିକ ଜର୍ମାନୀ ସହିତ ବାଣିଜ୍ୟରେ ଟଙ୍କା ଦେବା-ନେବା ପ୍ରାୟ ସମତୁଲ ହୋଇଯାଏ । ତା ମାନେ, ଭାରତରୁ ଅଧିକା ଅର୍ଥ ଓଲଟି ପୂର୍ବ ଜର୍ମାନୀକୁ ଯାଏ ନାହିଁ । ପୁଣି ପୂର୍ବ ଜର୍ମାନୀ

ଭାରତରୁ ତିଆରି ମାଲ ବା ଅର୍ଦ୍ଧ ତିଆରି ମାଲ ନିଏ । ତା'ଫଳରେ ଆମ ଏଠାରେ ଶିଳ୍ପ ଉପକୃତ ହୁଏ । ପଶ୍ଚିମ ଜର୍ମାନୀ ଏପରି ଜିନିଷ ଖୁବ୍ ଅଳ୍ପ ପରିମାଣରେ ନେଇଥାଏ । ଭାରତ ଓ ଗଣତାନ୍ତ୍ରିକ ଜର୍ମାନୀ ମଧ୍ୟରେ ରାଷ୍ଟ୍ର ସ୍ତରରେ କୌଣସି ଧାର ଉଧାର କାରବାର ନାହିଁ । ତା'ର ପ୍ରଧାନ କାରଣ ହେଲା ରାଜନୈତିକ । ଭାରତ ସରକାର ଗଣତାନ୍ତ୍ରିକ ଜର୍ମାନୀକୁ ସ୍ୱୀକାର କରେ ନାହିଁ; ତେଣୁ କେତେଦିନ ତଳେ ଗଣତାନ୍ତ୍ରିକ ଜର୍ମାନୀ ୩୫ କୋଟି ଟଙ୍କା ଧାର ଦେବ ବୋଲି ଜଣାଇଥିଲେ ସୁଦ୍ଧା ଭାରତ ସରକାର ସେ ସୁଯୋଗକୁ ପ୍ରତ୍ୟାଖ୍ୟାନ କଲେ । କାରଣ, ଭାରତ ସରକାର ପୂର୍ବ ଜର୍ମାନୀର ରାଜନୈତିକ ଅସ୍ତିତ୍ୱକୁ ସ୍ୱୀକାର କରେ ନାହିଁ । ତା ସହିତ ଏ ପର୍ଯ୍ୟନ୍ତ ରାଷ୍ଟ୍ରସ୍ତରରେ ଦୂତ ବିନିମୟ କରିନାହିଁ । ପୂର୍ବଜର୍ମାନୀ ସହିତ ଭାରତର ବାଣିଜ୍ୟ (୧୯୫୫ରେ ୨.୨ କୋଟିରୁ ୧୯୬୯ରେ ୫୦ କୋଟିକୁ ) ବୃଦ୍ଧି ପାଇଛି ସତ, କିନ୍ତୁ ଏ ପରିମାଣ ପଶ୍ଚିମ ଜର୍ମାନୀ ତୁଳନାରେ ଅତି ସାମାନ୍ୟ ।

ଅର୍ଥନୈତିକ କ୍ଷେତ୍ରରେ ଗଣତାନ୍ତ୍ରିକ ଜର୍ମାନୀ ଦ୍ୱାରା ଭାରତ ଉପକୃତ । ଆଜି ପଶ୍ଚିମ ଜର୍ମାନୀ ଦ୍ୱାରା ଶୋଷିତ ହେଲେ ମଧ୍ୟ ଭାରତ ପଶ୍ଚିମ ଜର୍ମାନୀ ସହିତ ଅଧିକ ଘନିଷ୍ଠ, ପୂର୍ବ ଜର୍ମାନୀ ସହିତ ନୁହେଁ । ରାଜନୈତିକ କ୍ଷେତ୍ରରେ ଠିକ୍ ତାହାହିଁ ଦେଖିବାକୁ ମିଳେ । ଗଣତାନ୍ତ୍ରିକ ଜର୍ମାନୀର ବୈଦେଶିକ ନୀତି ଭାରତୀୟ ବୈଦେଶିକ ନୀତି ସହିତ ମିଶିଥାଏ । ଏହି ନୀତି ଶାନ୍ତି, ଶାନ୍ତିପୂର୍ଣ୍ଣ ସହାବସ୍ଥାନ, ଗୋଷ୍ଠୀ ନିରପେକ୍ଷତା ଇତ୍ୟାଦି । ତା ପରେ ପୁଣି ସାମ୍ରାଜ୍ୟବାଦବିରୋଧୀ, ଉପନିବେଶବାଦର ବିରୋଧୀ ଏବଂ ସ୍ୱାଧୀନତା ଲାଗି ସଂଗ୍ରାମ କରୁଥିବା ଲୋକଙ୍କୁ ସମର୍ଥନ ଦେବା ଦୃଷ୍ଟିରୁ ଦେଖିଲେ ଭାରତ ଓ ଗଣତାନ୍ତ୍ରିକ ଜର୍ମାନୀ ଏକ ପକ୍ଷରେ ରହିଛନ୍ତି ।

ଏସବୁ ସମନୀତି, ସମସ୍ୱାର୍ଥ ଓ ସମଲକ୍ଷ୍ୟ ସତ୍ତ୍ୱେ ଭାରତ ଗଣତାନ୍ତ୍ରିକ ଜର୍ମାନକୁ କୂଟନୈତିକ ସ୍ୱୀକୃତି ଦେଇନାହିଁ; ପଶ୍ଚିମ ଜର୍ମାନୀକୁ ଜର୍ମାନୀ ବୋଲି ଗ୍ରହଣ କରେ ।

ଅଥଚ ପଶ୍ଚିମ ଜର୍ମାନୀ ସବୁ ଦିଗରୁ ଭାରତର ବିରୋଧୀ । ଭାରତର ନୀତି, ଲକ୍ଷ୍ୟ, ସ୍ୱାର୍ଥ ଓ ମତ ସହିତ ତା'ର କୌଣସି ମେଳ ନାହିଁ । ଭାରତ ଶାନ୍ତି ଚାହୁଁଥିଲାବେଳେ ସେ ଚାହେଁ ଯୁଦ୍ଧ । ଗଣତାନ୍ତ୍ରିକ ଜର୍ମାନୀରେ ଯୁଦ୍ଧ ପ୍ରଚାର ବେଆଇନ, ଅଥଚ ପଶ୍ଚିମ ଜର୍ମାନୀରେ ଯୁଦ୍ଧ ପ୍ରଚାର ଉପରେ କୌଣସି କଟକଣା ନାହିଁ । ଭାରତ ନିଜ ଦେଶରୁ ସାମ୍ରାଜ୍ୟବାଦୀଙ୍କୁ ନିକାଲି ଗୋଆକୁ ମୁକ୍ତ କଲା । ପଶ୍ଚିମ ଜର୍ମାନୀ ଏହାର ବିରୋଧ କରେ । ଓଲଟି ପର୍ତ୍ତୁଗୀଜମାନଙ୍କୁ ସମର୍ଥନ ଦିଏ । ସେ ଭାରତ ବିରୁଦ୍ଧରେ ପାକିସ୍ଥାନକୁ ସାହାଯ୍ୟ କରେ । ଭାରତ ଏସିଆ ଓ ଆଫ୍ରିକାର ମୁକ୍ତିସଂଗ୍ରାମ, ଭିଏତନାମ, ଆଙ୍ଗୋଲା, ରୋଡେସିଆ ପ୍ରଭୃତିକୁ ସମର୍ଥନ ଦେଲାବେଳେ ପଶ୍ଚିମ ଜର୍ମାନୀ ଛିଡ଼ାହୁଏ ବିପରୀତ ଗୋଷ୍ଠୀରେ—ଆମେରିକା, ବିଲାତ ସାମ୍ରାଜ୍ୟବାଦୀଙ୍କ ସହିତ; ତେଣୁ ଏହା ଭାରତର ଆତ୍ମସମ୍ମାନ ଓ ସାର୍ବଭୌମତ୍ୱକୁ ମଧ୍ୟ ଆଘାତ କରେ ଏବଂ ଧମକ ଦିଏ ଯେ ଯଦି ଭାରତ ପୂର୍ବ ଜର୍ମାନୀକୁ ସ୍ୱୀକୃତି ଦିଏ ତେବେ ସେ ଭାରତକୁ ସାହାଯ୍ୟ ଦେବା ବନ୍ଦ କରିଦେବ । ଫଳରେ ଭାରତ ଏ ପର୍ଯ୍ୟନ୍ତ ପୂର୍ବ ଜର୍ମାନୀକୁ ସ୍ୱୀକୃତି ଦେଇନାହିଁ ।

ଏହାଦ୍ୱାରା ଗଣତାନ୍ତ୍ରିକ ଜର୍ମାନୀର ଯାହା କ୍ଷତି ନ ହେଉଛି, ପ୍ରକୃତ କ୍ଷତି ହେଉଛି ଭାରତର ଲୋକଙ୍କର, ଭାରତର ଗଣତାନ୍ତ୍ରିକ ଆନ୍ଦୋଳନର । ଭାରତ ପୂର୍ବ ଜର୍ମାନୀର ଅସ୍ତିତ୍ୱକୁ ସ୍ୱୀକାର ନ କଲେ ବି ତାହାର ଅସ୍ତିତ୍ୱ ରହିଛି, ତାହା ବିକାଶ ଲାଭ କରୁଛି । ଏଇ ଅଳ୍ପକାଳ ମଧ୍ୟରେ ଗଣତାନ୍ତ୍ରିକ ଜର୍ମାନୀ ଶିଳ୍ପ

ଉନ୍ନତରେ ପୃଥିବୀର ରାଷ୍ଟ୍ରମାନଙ୍କ ମଧ୍ୟରେ ଅଷ୍ଟମ ସ୍ଥାନ ଅଧିକାର କରିଛି । ଦିନକୁ ଦିନ ତାହା ଅଧିକରୁ ଅଧିକ ଉନ୍ନତ କରିବାରେ ଲାଗିଛି; କିନ୍ତୁ ଭାରତ ଗଣତାନ୍ତ୍ରିକ ଜର୍ମାନୀକୁ ସ୍ୱୀକାର କରିବା ଦ୍ୱାରା, ଅର୍ଥନୈତିକ ଦିଗରୁ ଯେଉଁ ସାହାଯ୍ୟ ସୁବିଧା ପାଆନ୍ତା, ତାକୁ ହରାଇ ବସିଛି । ରାଜନୈତିକ ଦିଗରୁ ନିଜର ଘୋଷିତ ନୀତି ଓ ଲକ୍ଷ୍ୟକୁ ବଳିଷ୍ଠ କରିବା ଦିଗରେ ପୂର୍ବ ଜର୍ମାନୀର ଯେବେ ସମର୍ଥନ ଲାଭ କରନ୍ତା, ତାହା ମଧ୍ୟ ହରାଇଛି ।

ଭାରତଠାରୁ ଆହୁରି ଶ୍ରେଷ୍ଠ ଶ୍ରେଷ୍ଠ ଦେଶ ପଶ୍ଚିମ ଜର୍ମାନୀର ଧମକ ଓ ଆମେରିକାର ଗୃପକୁ ଖାତିର ନ କରି ପୂର୍ବ ଜର୍ମାନୀକୁ ସ୍ୱୀକୃତି ଦେଇଛନ୍ତି । ପଶ୍ଚିମ ଜର୍ମାନୀ ଓ ଆମେରିକା ସେସବୁ ଦେଶଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ କରିବାକୁ ଅକ୍ଷମ, ବା କରିବାର ଶକ୍ତି ସେମାନଙ୍କର ନାହିଁ । ଭାରତ ନିଜର ସ୍ୱାଧୀନତା, ନିଜର ସ୍ୱାଧୀନ ମତକୁ ସାବ୍ୟସ୍ତ ନ କରିବା ଦ୍ୱାରା, ପଶ୍ଚିମ ଜର୍ମାନୀ ଓ ଆମେରିକାର ଗୃପରେ ପଡ଼ିଯିବା ଫଳରେ ଅନ୍ୟ ଦିଗରେ ନିଜର ସାର୍ବଭୌମତ୍ୱ ଓ ସ୍ୱାଧୀନତାକୁ ମଧ୍ୟ କ୍ଷୁଣ୍ଣ କରୁଛି ।

ଏବେ ଗଣତାନ୍ତ୍ରିକ ଆନ୍ଦୋଳନ ହେତୁ ଭାରତ ସରକାର ବାଣିଜ୍ୟ ବ୍ୟବସାୟ କ୍ଷେତ୍ରରେ—ବାଣିଜ୍ୟ ଦୂତାବାସ ପ୍ରତିଷ୍ଠା ଦିଗରେ ଅଗ୍ରସର ହୋଇଛି; କିନ୍ତୁ ପୂର୍ବ ଜର୍ମାନୀର ପୂର୍ଣ୍ଣ ରାଜନୈତିକ ଅସ୍ତିତ୍ୱ ସ୍ୱୀକାର କରିବାକୁ ପ୍ରସ୍ତୁତ ନୁହେଁ । ଭାରତର ନିଜର ସ୍ୱାର୍ଥ ଦୃଷ୍ଟିରୁ ଏ ଦୋଦୁଲ୍ୟମାନ ନୀତିର ଅବସାନ ହେବା ଦରକାର ।

# କୃଷି ଓ କୃଷକ

ଆସିବାର ଏବେ ୧୦।୧୨ ଦିନ ହେଲା, ଟିକିଏ ହେଲେ ବିଶ୍ରାମ ନାହିଁ । ଅଳ୍ପ ସମୟ ମଧ୍ୟରେ ସାରା ଦେଶଟା ଦେଖିବାକୁ ହେବ । ତେଣୁ ଯେତେ ପାରେ ବିଭିନ୍ନ ସ୍ଥାନକୁ ଯାଉଛୁ ନାନା ଦର୍ଶନୀୟ ବିଷୟ ଦେଖୁଛୁ ଓ ବହୁଲୋକଙ୍କୁ ଭେଟିବାରେ ଲାଗିଛୁ । କିନ୍ତୁ ଏ ପର୍ଯ୍ୟନ୍ତ କୌଣସି ମଫସଲ ଗାଁ ଭିତରେ ପାଦ ଦେଇନାହିଁ । ଆମେ ହେଲୁ ଗାଁ ଗଣ୍ଡା, କୃଷିପ୍ରଧାନ ଦେଶର ଲୋକ । ଗାଁ ଲୋକଙ୍କୁ ଭେଟିବା, ତାଙ୍କର ଗୃହବାସ ଅବସ୍ଥା ଜାଣିବାଲାଗି ମନଟା ଉଚ୍ଛନ୍ନ । ଏଇଟା ଅତି ସ୍ୱାଭାବିକ ।

ମୋର ମନେ ମନେ ଥାଏ, ବର୍ଲିନ ପାଖ ବା କୌଣସି ସହରତଳି ଗାଁକୁ ଯିବି ନାହିଁ । ସହରତଳି ବାସାଙ୍କରେ ସେମାନେ ସୁଦୂର ମଫସଲର ଗାଁଠାରୁ ନିଶ୍ଚୟ ଉନ୍ନତ ହୋଇଥିବେ । ତାକୁ ଦେଖି ସଠିକ ଧାରଣା କରିହେବ ନାହିଁ । ଇତିମଧ୍ୟରେ ମୁଁ ଯେ ଗାଁ ନ ଦେଖିଛି, ତା ନୁହେଁ । ଆମ ମଟରଟା କେତେ ଗାଁ ଭିତର ବା କଡ଼ଦେଇ ଗଲାଣି । ଦେଖୁଛି, ସବୁଗୁଡ଼ାକ ପ୍ରାୟ ପକ୍କା ବା କୋଠାଘର । ରାସ୍ତା ସବୁ ପିଚ୍ ରାସ୍ତା ଏବଂ ଘରଆଡ଼େ ବିଜୁଳିବତୀ, ଆଉ ବେଶ୍ ପରିଷ୍କାର ପରିଚ୍ଛନ୍ନ । ଆମ କଟକ ସହରଠାରୁ ଯେ ବହୁଗୁଣରେ ଉନ୍ନତ ଏଥିରେ ସନ୍ଦେହ ନାହିଁ । ତେଣୁ ମନେହୁଏ, ସତେ କଣ ଏଗୁଡ଼ିକ ଗାଁ ? ତେବେ ସହର ଓ ମଫସଲ ମଧ୍ୟରେ ଆଉ ଫରକ କେଉଁଠି ?

ଏଥିପୂର୍ବରୁ ସୋଭିଏତ ରୁଷର ବହୁ ଗାଁକୁ ଯାଇଛି । କେବଳ ୟୁରୋପୀୟ ରୁଷ ନୁହେଁ, ରୁଷର ଏସିଆ ଅଞ୍ଚଳର ନିଘାଟ ମଫସଲକୁ ଯାଇଛି । ସେଠି କ୍ଷେତ ଖମାରଠାରୁ ଗୃହାଳ ପର୍ଯ୍ୟନ୍ତ ଘରଦ୍ୱାର ଆଦି ଦେଖିଛି । ତେଣୁ ମୋର ମନରେ ଥାଏ ଯୁଆକୁ ଦେଖିବି—ବିଚାର କରିବି କେଉଁଟା ଭଲ । ଦୁଇଟାଯାକ ସମାଜ-ବାଦୀ ଦେଶ ସତ, ଦୁହିଁଙ୍କର ମୌଳିକ ନୀତି ସମାନ ହୋଇପାରେ; କିନ୍ତୁ ପ୍ରତ୍ୟେକ ଦେଶର ତ ନିଜର ଐତିହାସିକ ଅବସ୍ଥା, ପରମ୍ପରା ରହିଛି । ନିଜର ସ୍ୱତନ୍ତ୍ର ଜିନିଷ ବୋଲି କିଛି ଗୋଟାଏ ଅଛି । ତା'ଛଡ଼ା ଉଭୟଙ୍କ ବିକାଶ ତ ସମାନ ସ୍ତରରେ ନାହିଁ । ତେଣୁ ଦୁହିଁଙ୍କ ମଧ୍ୟରେ ପାର୍ଥକ୍ୟଟା କ'ଣ ? ଫରକ କେଉଁଠି ? ସେଇ ସମାଜବାଦ ଜର୍ମାନ ଜଳବାୟୁରେ, ମଫସଲରେ, କୃଷିକ୍ଷେତ୍ରରେ, ଗଢ଼ିଉଠୁଛି କିପରି ? ଏଇପରି କେତେ କେତେ ପ୍ରଶ୍ନର ଉତ୍ତର ଦରକାର ।

ବର୍ଲିନଠାରୁ ପ୍ରାୟ ୧୦୦ କିଲୋମିଟର ଦୂରରେ ଏକ ଛୋଟ ସହରରେ ସେଦିନ ଥାଏଁ । ଦିପହରେ ଖାଇଲାବେଳେ ମୁଁ ହଠାତ୍ ପ୍ରସ୍ତାବ କଲି, ଚାଲନ୍ତୁ ଆପଣଙ୍କର ଗୋଟାଏ ଗାଁ ଓ କୋଠଫାର୍ମ ଦେଖିଯିବା । ଟିକିଏ ଦୂର ଗାଁକୁ ଯିବା । ଏ ଦେଖାଟା ଯେପରି ତାଙ୍କ ପ୍ରୋଗ୍ରାମ ଅନୁସାରେ ନ ହୋଇ ମୋ ପ୍ରୋଗ୍ରାମ ଅନୁସାରେ ହେବ ଏଇ ହେଲା ମୋର ଉଦ୍ଦେଶ୍ୟ । ଦେଖିଲି, ମୋର ବନ୍ଧୁ କିପରି ଟିକିଏ ବିଚଳିତ ହୋଇପଡ଼ିଲେ । ତେବେ ନିଜର ଭାବଟାକୁ ଚାପିଦେଇ କହିଲେ—କିଛି ଆପତ୍ତି ନାହିଁ, ଯିବା । ତେବେ ପୂର୍ବରୁ ଟିକିଏ ଜଣାଇଥିଲେ ସୁବିଧା ହୋଇଥାନ୍ତା । କାଳେ ଫାର୍ମର କର୍ତ୍ତାମାନେ ଥିବେ ନ ଥିବେ, ଏଇ ହେଲା ସନ୍ଦେହର କାରଣ । ସେମାନେ ନ ଥିଲେ ସବୁ ବିଷୟ ବୁଝିହେବ

ନାହିଁ, କେବଳ ଗାଁ ଦେଖିବାଟା ସାର ହେବ । ହଉ ଚାଲନ୍ତୁ, ଏମିତି ତ ଆଉ ଗାଁ ଓ କୋପରେଟିଭ ଫାର୍ମମାନ ପୁଣି ଦେଖିବେ ।

ଦିନ ଅଢ଼େଇଟା ହେବ । ସୂର୍ଯ୍ୟ ନଇଁପଡ଼ଲେଣି । କିରଣର ଆଦୌ ବଳ ନାହିଁ—ଠିକ୍ ଆମର ଶୀତଦିନଆ ଅସ୍ତଗାମୀ ସୂର୍ଯ୍ୟର କିରଣ ଭଳି ଖୁବ୍ ନରମ, ନମ୍ର, ଏବଂ ଓଦାଳିଆ—ଗୁଣ୍ଡି ଝିଣ୍ଡା ତୁଷାର ଦେହରେ ଜକ୍ ଜକ୍ ହୋଇଉଠୁଛି । ସୁବିସ୍ତୀର୍ଣ୍ଣ ଶସ୍ୟକ୍ଷେତ୍ର ଉପରେ ଆଖି ଅଟକିବାକୁ ନାହିଁ । ଯୁଆଡ଼େ ଚାହଁ, ଦିଗ୍‌ବଳୟ ପର୍ଯ୍ୟନ୍ତ ସବୁ ସମାନ, ବିଲରେ ହିଡ଼ ବୋଲି କୌଣସି ଚିହ୍ନ ନାହିଁ । କେଉଁଠି ବିଲରେ ହିଡ଼ ନାହିଁ ସେଠି କ'ଣ ମଣିଷସମାଜରେ ବାଡ଼ ଥାଇପାରେ !

ରାସ୍ତାର କଡ଼େ କଡ଼େ ବିଲ ଉପରକୁ ଲାଗି ଲମ୍ବି ଯାଇଛି ଗୋଟାଏ ପ୍ରକାର କାଠର ବାଡ଼ । ଏକ ରକମର ଷ୍ଟାଣ୍ଡ । ତାକୁ ସହଜରେ ଭାଙ୍ଗି ଦେଇ ହଟାଇ ନେଇହେବ । ତାହା ଗୋରୁ ଗାଈଙ୍କ ଲାଗି ଆଗୁଳ ନୁହେଁ ; ବରଫକୁ ଧରି ରଖିବାଲାଗି ଗୋଟାଏ ପ୍ରକାରର ବ୍ୟବସ୍ଥା । ଯେପରି ରାସ୍ତାଉପରକୁ ତାହା ମାଡ଼ି ନ ଆସେ, ସେଇ ଜମି ଉପରେ ଜମାଟ ବାନ୍ଧି ରହେ । ଚାଷ ଲାଗି ଏହା ଦରକାର ।

ବରଫ ପଡ଼ିବା ଆରମ୍ଭ ହୋଇଛି । କିଛି ସମୟ ଉତ୍ତାରୁ ତାହା ସବୁ ଜମିବାକୁ ଲାଗିବ । ତା ତଳେ ଶୋଇରହିବେ ଗହମର ଗଜା ଗଜା ଗଛଗୁଡ଼ିକ ୪।୫ ମାସ ଲାଗି—ପୁଣି ବରଫ ତରଳିବା ଯାଏ । ଯେଉଁ କ୍ଷେତ ଉପରେ ଯେତେ ଅଧିକ ବରଫ ଜମିବ, ସେଠି ଫସଲ ସେତେ ଭଲ ହେବ । ଏଇ ହେଲା ସେଠା ଚାଷର ନିୟମ । ମଣିଷ ସେମିତି ଗହମ ବିହନ ତିଆର କରୁଛି । ବରଫକୁ

ବ କାମରେ ଲଗାଉଛୁ । ମନେହୁଏ ସତେ ଯେପରି ଏ ପ୍ରକୃତିଟା ମଣିଷ ଲାଗି ଗଢ଼ା; ବାସ୍ତବିକ ତା'ର ଉପଯୋଗରେହିଁ ମଣିଷ ମଣିଷ ହୁଏ । ତାକୁ ଯିଏ ଯେତେ ଅଧିକ ବ୍ୟବହାରରେ ଲଗାଇଛି ସେ ସେତେ ଅଧିକ ଉନ୍ନତ; ସେଇ ଅନୁସାରେ ବୃଦ୍ଧି ପାଇଛି ତା'ର ପ୍ରାଚୁର୍ଯ୍ୟ ।

ପ୍ରାୟ ଦେଢ଼ଘଣ୍ଟା କାଳ ମଟରରେ କଟିଲା । ବଡ଼ ରାସ୍ତାରୁ ସାନ ରାସ୍ତା, ତା'ଠାରୁ ଆହୁରି ସାନ—ଏଇପରି ରାସ୍ତା କାଟି ମଟର ପହଞ୍ଚିଲା ଏକ ଗାଁ ଭିତରେ । ରାସ୍ତା ସବୁ ପିଚୁ । ଘରସବୁ ପକ୍କା ହେଲେ ବି ଧାନ ସାନ । ମଫସଲିଆ ଘର, ଗଢ଼ଣରେ ସେପରି ପରିପାଟୀ ନାହିଁ । ଠାଏ ଠାଏ ଭଙ୍ଗା ଘର ମଧ୍ୟ ଠିଆ ହୋଇଛି, ଗତ ମହାଯୁଦ୍ଧର ସ୍ମୃତିଚିହ୍ନବେ ।

ଏକ ବଡ଼ କୋଠାଘର ଆଗରେ ଆମ ମଟର ଅଟକିଲା । ଘରଟି ନୂଆ ତିଆରି । ଏବେ ବି ଭିତରେ କେତେକ କାମ ଚାଲିଛି । ଦୋମାହାଲା । ଦେଖିବାକୁ ଗୋଟାଏ ବଡ଼ ସେକେଣ୍ଡାରି ସ୍କୁଲ ଭଳି । ଘରକୁ ଲାଗି ୪।୫ ଟ୍ରାକଟର, ଟ୍ରକ ଓ ମୋଟର କାର ଆଦି ଠିଆ ହୋଇଛି । ବହୁ ଲୋକଙ୍କର ଯା ଆସ ଲାଗିଛି । ଏଇ ହେଲା ଗାଁର କୋଅପରେଟିଭ୍ ଅଫିସ ।

କୋଅପରେଟିଭ ଚେୟାରମ୍ୟାନ ବାହାରି ଆସିଲେ । ବୟସ ବେଶୀ ନୁହେଁ—୩୦।୩୨ ହେବ । ଯୁବକ ଶାନ୍ତ ନମ୍ର ପ୍ରକୃତିର ଲୋକ । ଟିକିଏ ଲାଜକୁଳିଆ । କେତେକ ବଡ଼ ବଡ଼ ପ୍ରଶସ୍ତ କୋଠରି ଡେଇଁ ତାଙ୍କ କୋଠରିରେ ପହଞ୍ଚିଲୁ । ଧୀରେ ଧୀରେ ଆମ ଟେବୁଲ ଚାରିପାଖେ ଲୋକ ଜମିବାକୁ ଲାଗିଲେ । ତା ସଙ୍ଗରେ ଜମିଉଠିଲା ଆମର ଆଲୋଚନା । ମଝିରେ ମଝିରେ ଚା, କଫିର ବରାଦ । କୌଣସି ଲୋକର ଦରକାର ନାହିଁ । ଏଥିଲାଗି ଅର୍ଡର

ହୋଇଯାଉଥାଏ ବେତାର ଦ୍ୱାରା, ସେଇ କୋ-ଅପରେଟିଭ କାର୍ଣ୍ଣିନକୁ ।

ପ୍ରାରମ୍ଭିକ ସମ୍ଭାଷଣ ପରେ ଚେୟାରମ୍ୟାନ ଆରମ୍ଭ କଲେ, ଆମର ଏ କୋଅପରେଟିଭ ଏକ ଦରିଦ୍ର କୋଅପରେଟିଭ । ପ୍ରକୃତି ଆମ ପ୍ରତି ସଦୟ ନୁହେଁ । ତେବେ ତା'ର ଭିତରେ ଆମକୁ ଠିଆ ହେବାକୁ ହେବ । ଏହା ୪ଟି ଗାଁର, ୨୦୦ ପରିବାରଙ୍କୁ ନେଇ ଗଠିତ । ମୋଟ ଜମିର ପରିମାଣ ହେଲା ୧୯୦୦ ହେକ୍ଟର (ଏକ ହେକ୍ଟର ପ୍ରାୟ ଅଢ଼େଇ ଏକର) । ଜମିର ଉର୍ବରତା ହାରାହାରି ୮୦ ଭାଗ ହେବା ଦରକାର । ଅନ୍ତତଃ ୬୦ ଭାଗରୁ ଊଣା ହେଲେ ଗହମ ଆଦି କୌଣସି ଖାଦ୍ୟଶସ୍ୟ ହେବ ନାହିଁ; ତେଣୁ ଆମେ ସେସବୁ ଫସଲରୁ ବଞ୍ଚିତ । ଆମ ଜମିର ଉର୍ବରତା ମାତ୍ର ୨୦ ଭାଗ । ନିକୃଷ୍ଟ ଧରଣର ସୁଆଁ ଜାତୀୟ ଫସଲ କିଛି କିଛି ହୋଇଥାଏ । ବାର୍ଲି, ମକ୍‌କା ଓ ଆଳୁ—ଏଇ ହେଲା ଆମର ସାଧାରଣ କୃଷି । ଜଳସେଚନ ନାହିଁ କହିଲେ ଚଳେ । ୫।୭ କିଲୋମିଟର ଦୂରରୁ ପମ୍ପ କରି ପାଣି ଆଣୁଁ । ତା ପୁଣି ୧୦।୧୫ ହେକ୍ଟର ଜମିରୁ ଅଧିକ ମାଡ଼ୁନାହିଁ । ଅଧିକ ଜଳସେଚନର ଯୋଜନା ରହିଛି; ତାକୁ ଧରୁନାହୁଁ । ଆମେ କୃଷି ଅପେକ୍ଷା ଅଧିକ ଜୋର ଦେଉଛୁଁ ପଶୁ ସମ୍ପଦର ବୃଦ୍ଧି ଉପରେ ।

ତା'ପରେ ସେ ଗାଇଗଲେ ତାଙ୍କର ପଶୁ ସମ୍ପଦର ହିସାବ । ଗାଈଗୋରୁ, ମେଣ୍ଢା, ଘୁଷୁରି, କୁକୁଡ଼ା ଆଦିର ହିସାବ ଦେଇ ଶେଷରେ କହିଲେ, ଆମେ ବର୍ଷକୁ ଅଢ଼େଇ ହଜାର ଟନ ମାଂସ ପାଇଥାଉଁ ଓ କେଉଁ ମାଂସ କେତେ ପରିମାଣରେ ମିଳେ ତା'ର ମଧ୍ୟ ହିସାବ ଥୁଆ । ସେଇପରି ହିସାବ ଦେଲେ ଦୁଗ୍ଧ ଉତ୍ପାଦନର । ସେଠାରେ ଗୋଟିଏ ଗୋଟିଏ ଗାଈ ବର୍ଷକୁ ହାରାହାରି ୩୨୦୦

ଲିଟର ଦୁଧ ଦିଅନ୍ତି । ବାସ୍ତବିକ ତାଙ୍କ ଗାଈ ଯେପରି ଗୃହ ଳରେ ରହନ୍ତି, ଆମର ଏଠି ମଣିଷକୁ ସେପରି ସ୍ଥାନ ମିଳେନାହିଁ । ଗାଈଙ୍କ ଲାଗି ଶୀତାତପ ନିୟନ୍ତ୍ରିତ ବ୍ୟବସ୍ଥା, ଉଷ୍ମ ଗୃହ । ଦେଖିଲି, କେବଳ ଦୁଧ ଦୁହିଁବାକୁ ଯନ୍ତ୍ର ଲାଗିନାହିଁ, ମେସିନ ଦ୍ୱାରା ଗୁହାଳ ପୋଛା ହେଉଛି । ଏସବୁ କାମ ସାଧାରଣତଃ ସ୍ତ୍ରୀଲୋକମାନେ କରୁଛନ୍ତି । ଗୁହାଳ ସହିତ ପଶୁଚିକିତ୍ସା କେନ୍ଦ୍ର ରହିଛି । ସମସ୍ତ ଜିନିଷ ବୈଜ୍ଞାନିକ ପ୍ରଣାଳୀରେ ଚାଳିତ । ଚେୟାରମ୍ୟାନଙ୍କ ମତରେ ଏ ସବୁ ପାଇଁ ଖର୍ଚ୍ଚ ରହିଛି; କିନ୍ତୁ ମେଣ୍ଢାଙ୍କ ପାଇଁ କୌଣସି ଖର୍ଚ୍ଚ ନାହିଁ । ତାଙ୍କର ହଜାରେ ମେଣ୍ଢା ଅଛନ୍ତି । ସେମାନେ ବୁଲି ବୁଲି ଚରନ୍ତି । ତାଙ୍କୁ ଖାଇବାକୁ ଦେବାକୁ ପଡ଼େ ନାହିଁ । ତାହା ସବୁଠାରୁ ଲାଭଜନକ ।

"ଆମ କୋଅପରେଟିଭ ୧୯୬୪ରୁ ଲାଭ କରିବାକୁ ଆରମ୍ଭ କରିଛି । ସରକାର ଆମକୁ ୬୫ ଲକ୍ଷ ମାର୍କ ଋଣ ଦେଇଥିଲେ । ସେଥିରୁ ଆମେ ୫୦ ଲକ୍ଷ ଶୁଝିଦେଇ ସାରିଲୁଣି । ଆମର ସଭ୍ୟ ସଂଖ୍ୟା ୨୯୦ । ଗାଁର ପ୍ରତ୍ୟେକ ପରିବାର ଏହାର ସଭ୍ୟ । ସେମାନଙ୍କ ମଧ୍ୟରୁ ୧୭୦।୧୮୦ ଜଣ ଏଇଠି କାମ କରନ୍ତି । ଆମର ୩୫ଟି ବଡ଼ ଟ୍ରାକଟର ଓ ୧୦ଟି ଛୋଟ ଟ୍ରାକଟର ରହିଛି । ଏହା ଛଡ଼ା ଆଳୁଖୋଳା, ମଇଦା ଓ ଚାଷର ଅନ୍ୟାନ୍ୟ ଯନ୍ତ୍ରପାତି ରହିଛି । ସବୁ ମରାମତି ଲାଗି କୋଅପରେଟିଭର ନିଜର ଏକ କାରଖାନା ରହିଛି ।" ବେଶ୍ ଏକ ନୂଆ ଧରଣର କାରଖାନା ଭଳି ମନେ ହେଲା । ଶୀତଦିନରେ ବାହାର କାମ ନ ଥିଲାବେଳେ ଏଠାରେ ଅଧିକ କାମ ଚାଲେ । କୋଅପରେଟିଭ ଚାଷୀ (ବା ଶ୍ରମିକ)-ମାନଙ୍କ ମଧ୍ୟରେ ଶହକେ ୫୭ ଜଣ ହେଉଛନ୍ତି କୁଶଳୀ ଶ୍ରମିକ । ଏମାନଙ୍କୁ ତାଲିମ କରିବାଲାଗି ତା'ର ନିଜର କୃଷି ସ୍କୁଲ ଅଛି ।

ସେଠି ୪୫ ଜଣ ଶିକ୍ଷା ପାଆନ୍ତି । ସେମାନଙ୍କ ଲାଗି ବେଶ୍ ସୁନ୍ଦର ହଷ୍ଟେଲର ବ୍ୟବସ୍ଥା । ଏମାନଙ୍କୁ କୃଷି, ପଶୁପାଳନ, ପ୍ରଶାସନିକ ବିଷୟରେ ଶିକ୍ଷାଦେବା ଲାଗି ବିଶାରଦମାନେ ମଧ୍ୟ ଅଛନ୍ତି । ଏହା ଛଡ଼ା ସାଧାରଣ ଲୋକଙ୍କୁ ମଧ୍ୟ ସେଠି ଶିକ୍ଷା ଦିଆଯାଏ ।

ଚେୟାରମ୍ୟାନ ଗପି ଲାଗିଥାଆନ୍ତି । ଅନ୍ୟ ଲୋକେ ମଝିରେ ମଝିରେ ପଦେ ଅଧେ ସେଥିରେ ମିଶାଉଥାନ୍ତି । ମୁଁ ତାଙ୍କ ଗାଁର କୋଅପରେଟିଭ ବିକାଶର ବିବରଣୀ ବୁଝିବସିଲି । ପଛକଥା ପଚାରିଲାବେଳକୁ ଦେଖିଲି, ଆମ ଚେୟାରମ୍ୟାନ ପଛେଇଗଲେ । କହିଲେ, ସେତେବେଳେ ମୁଁ ଏଠାରେ ନ ଥିଲି । ଅଳ୍ପଦିନ ହେଲା ଏଠାକୁ ଆସିଛି । ବାସ୍ତବିକ ଯୁଦ୍ଧ ପରଠାରୁ ଏସବୁ ପରିବର୍ତ୍ତନ । ଯୁଦ୍ଧବେଳେ ଏମାନେ ପିଲା । ଯୁଦ୍ଧ ସମୟରେ କିଏ ମରିଛି, କିଏ ରହିଛି, କିଏ କୁଆଡ଼େ ଯାଇଛି, କେତେ ବଂଶ ଲୋପ ପାଇଛି, କିଏ ପୁଣି ବୁଲି ବୁଲି କେତେ ବର୍ଷପରେ ଗାଁକୁ ଫେରିଛି—ଏମାନଙ୍କ ପକ୍ଷରେ ପଛ ସମୟର କାହାଣୀ କହିବା କଷ୍ଟ । ଦେଖିଲି, ଆଉ କେତେକ ସେ ଦୁର୍ଦ୍ଦିନର କଥା ମନେ ପକାଇବାକୁ ଚାହାନ୍ତି ନାହିଁ । ଯେତେ ଶୀଘ୍ର ସେମାନେ ତା ପାସୋରିଦେଇପାରନ୍ତି ସେମାନଙ୍କ ପକ୍ଷରେ ସେତେ ମଙ୍ଗଳକର । ତା ଭିତରେ କାହାଲାଗି ଯେ କେତେ ଦୁଃଖ ଜମାଟ ବାନ୍ଧିଛି କିଏ କହିବ ? ଆମେ ଯିଏ କେବେ ଯୁଦ୍ଧ ଜଣ ଜାଣିନାହୁଁ, ତାଙ୍କ ପକ୍ଷରେ ତା ବୁଝିବା କଷ୍ଟକର । ଏମିତି କିଏ ଜଣେ ଅଛି, ଯା'ର ଘରଦ୍ୱାର ଛାରଖାର ନ ହୋଇଛି, ପୁଅ ବା ବାପା, ବା ମା, କେହି ହେଲେ ଜଣେ ମରିନାହିଁ ! ଆମର ଆଲୋଚନା ଭିତରେ ହଠାତ୍ ଏକ ନୂତନ ଧାରା ଦେଖାଦେଲା । ଜଣେ ବୃଦ୍ଧ, ତାଙ୍କ ପାଇପ୍‌ଟାକୁ ଟିକିଏ ଜୋରରେ ଟାଣିଦେଇ ଆରମ୍ଭ କଲେ—

"ଜମିଦାରୀ ଶୋଷଣବେଳର ଦୁରବସ୍ଥା—କମରେଡ୍, ପୂର୍ବ ସମସ୍ତ କଥା ପଚାର ନାହିଁ । ସେତେବେଳେ ଆମ ଅବସ୍ଥା କହିଲେ ନ ସରେ । ଯାହା ତ ଆଗରୁ ଥିଲା, ନାଜି-ହିଟଲର ଅମଳରେ ତାହା ଅତି ଅସହ୍ୟ ହୋଇପଡ଼ିଲା । ତମ ଆଗରେ ଯେତେ ଜମି ଦେଖୁଛ ତାହା ସବୁ ଥିଲା ୟୁଙ୍କରମାନଙ୍କର (ଏମାନେ ହେଉଛନ୍ତି ସାମନ୍ତବାଦୀ ବଡ଼ ବଡ଼ ଜମିମାଲିକ) । ଶହକେ ୪୦ ଜଣ ଥିଲେ ଜମିବାଡ଼ ହୀନ,—କ୍ଷେତମୂଲିଆ ; ଆଉ ଶହକେ ୮ ଜଣ ମାତ୍ର ଗାଁର ୯୨ ଭାଗ ଜମିର ମାଲିକ ହୋଇ ବସିଥିଲେ । ମୁଖ୍ୟତଃ ୩ ଜଣ ୟୁଙ୍କର ଥିଲେ ଏ ଗାଁର ଅଧିକାରୀ, ହର୍ତ୍ତାକର୍ତ୍ତା—ସବୁ ଭଲ ଭଲ ଜମିତକ ଥିଲା ସେମାନଙ୍କ ହାତରେ ।

ସେମାନଙ୍କ ଜମିରେ ଆମେ ସମସ୍ତେ ପ୍ରାୟ ମୂଲ ଲାଗୁଥିଲୁଁ । ମଜୁରୀ ଅତି କମ୍, ମାସକୁ ମାତ୍ର ୩୦ । ୩୫ ମାର୍କ, ତାହା ପେଟକୁ ଅଣ୍ଟେନାହିଁ; ତେଣୁ ଲୋକେ ଅନ୍ୟ ସମୟରେ ବାହାରକୁ ପଳାନ୍ତି ବା ଆଖପାଖ ଫ୍ୟାକ୍‌ଟରୀରେ ମଜୁରି ଖଟନ୍ତି । ଆଉ ଯେଉଁ କେତେଜଣ ଛୋଟ ଚାଷୀ ଥାନ୍ତି ସେମାନଙ୍କ ଅବସ୍ଥା ଯେ ଭଲ, ତା ନୁହେଁ; ମୋ ଜୀବନର ୩ ଭାଗ ଏମିତି ମୂଲ ଖଟି ଖଟି ଯାଇଛି ।

ଏଇ ୟୁଙ୍କରମାନେ ଯେତେବେଳେ ଜାଣିଲେ, ଜର୍ମାନୀ ସୈନ୍ୟମାନେ ହଟିଆସୁଛନ୍ତି, ରୁଷର ଲାଲ ସେନାବାହିନୀ ଜର୍ମାନୀ ଭିତରେ ପ୍ରବେଶ କଲାଣି, ଆମ ଗାଁ ଆଡ଼କୁ ମୁହାଁଇଛନ୍ତି, ସେତେବେଳେ ସେମାନେ ପିଲାଛୁଆ ଟଙ୍କାସୁନା ଧରି ଗାଁ ଛାଡ଼ି ପଳାଇଲେ । ସେଇଦିନୁ ସେମାନେ ଆଉ ଏ ଗାଁକୁ ଫେରି-ନାହାନ୍ତି । ଆମେ ଶୁଣୁଛୁଁ, ସେମାନେ ଏବେ ପଶ୍ଚିମ ଜର୍ମାନୀରେ ଅଛନ୍ତି ।"

ଏତେବେଳକୁ ସେ ଅଞ୍ଚଳର ସୋସାଲିଷ୍ଟ ଇଉନିଟି ପାର୍ଟି ସମ୍ପାଦକ ଆସି ପହଞ୍ଚିଗଲେଣି । ଏ ମଧ୍ୟ ଯୁବକ ଲୋକ । ସେ ଆରମ୍ଭ କଲେ ଜର୍ମାନୀର ଭୂସଂସ୍କାର କାହାଣୀ । ଦେଖନ୍ତୁ—୧୯୪୫ ମଇ ୮ ତାରିଖରେ ଫ୍ୟାସିଷ୍ଟ ଜର୍ମାନୀର ପତନ ଘଟିଲା । ମିତ୍ରପକ୍ଷ ଶକ୍ତିଗଣ ନିଷ୍ପତ୍ତି କଲେ ଯେ ଜର୍ମାନୀର ସାମ୍ରାଜ୍ୟବାଦ ଓ ସମରବାଦକୁ ଲୋପ କରିବାକୁ ହେବ, ଭବିଷ୍ୟତରେ ତାହା ଯେପରି ଆଉ କେବେହେଲେ ପୁଣି ଯୁଦ୍ଧ ଲଗାଇବାକୁ ସକ୍ଷମ ହେବ ନାହିଁ । ଏହା ହେବ କିପରି ? ଏଥିଲାଗି ଯେଉଁ ସାମାଜିକ, ଅର୍ଥନୈତିକ ଭିତ୍ତି, ଏଇ ସାମ୍ରାଜ୍ୟବାଦ ଓ ସମରବାଦକୁ ଜନ୍ମ ଦେଉଛି ତା'ର ପରିବର୍ତ୍ତନ ଦରକାର । ଯେଉଁମାନେ କଳ କାର-କାରଖାନା, ଜମିଜମା ଓ ପ୍ରଚୁର ଧନ ସମ୍ପଦର ଅଧିକାରୀ ହୋଇ ନିଜର ରାଜନୈତିକ କ୍ଷମତା ପ୍ରତିଷ୍ଠା କରିଛନ୍ତି, ନିଜର ଘୃଣ୍ୟ ସ୍ୱାର୍ଥ ପୂରଣ ଲାଗି, ଫ୍ୟାସିଷ୍ଟବାଦର ଏକଚ୍ଛତ୍ର ଶାସନ ଆଣିଛନ୍ତି ଏବଂ ବିଶ୍ୱଯୁଦ୍ଧ ସୃଷ୍ଟି କରିଛନ୍ତି, ସେମାନଙ୍କର ସେ ସବୁ କ୍ଷମତା ଓ ଅଧିକାର ଆଗକୁ ଭାଙ୍ଗିବାକୁ ପଡ଼ିବ । ଏହା ଛଡ଼ା ଅନ୍ୟ ପନ୍ଥା ନାହିଁ ।

—ଏଇ ସ୍ୱୀକୃତ ନୀତି ଅନୁସାରେ ଯୁଦ୍ଧ ବନ୍ଦ ହେବାର ଠିକ୍ ମାସକ ପରେ ଜର୍ମାନୀ କମ୍ୟୁନିଷ୍ଟ ପାର୍ଟି ( କେ. ପି. ଡି. ) ଘୋଷଣା କଲା, ଯେଉଁମାନେ ଯୁଦ୍ଧ ଲଗାଇବାରେ ଦାୟୀ, ଯୁଦ୍ଧ ଅପରାଧରେ ଅପରାଧୀ, ଫ୍ୟାସିଷ୍ଟବାଦର ପ୍ରତିଷ୍ଠା ଓ ଯୁଦ୍ଧ ପ୍ରସ୍ତୁତିରେ ସାହାଯ୍ୟ କରିଛନ୍ତି, ସେଭଳି ଲୋକଙ୍କର ସମସ୍ତ ସମ୍ପତ୍ତିବାଡ଼ି ବାଜ୍ୟାପ୍ତ କରାଯାଉ । ଏମାନେ ହେଲେ ସେଇ ବଡ଼ ଏକଚାଟିଆ ପୁଞ୍ଜିପତି ଓ ବଡ଼ବଡ଼ ଜମିମାଲିକ—ଯୁଙ୍କରଗଣ ।

ୟୁଙ୍କରମାନେ ହେଉଛନ୍ତି ମଫସଲରେ ପ୍ରତିକ୍ରିୟାର କେନ୍ଦ୍ର । ସେହି କେନ୍ଦ୍ରକୁ ଲୋପ କରିବା ଦିଗରେ ଜନମତ ସୃଷ୍ଟି କରାଗଲା । ସଙ୍ଘସମିତି ଓ ପ୍ରତ୍ତୁର ଆଦି ଗ୍ଭଲଲା । ଜର୍ମାନୀର ଅନ୍ୟାନ୍ୟ ସମସ୍ତ ଫ୍ୟାସିଷ୍ଟବିରୋଧୀ ଦଳ ଉପରୋକ୍ତ ପ୍ରସ୍ତାବକୁ ଗ୍ରହଣ କଲେ । ସବୁ ଦଳ ଏକସବରେ ଘୋଷଣା କଲେ ଯେ ତୁରନ୍ତ ଭୂସଂସ୍କାର କାର୍ଯ୍ୟ-କାରୀ କରିବାକୁ ହେବ । ୧୯୪୫ ସେପ୍ଟେମ୍ବର ମାସଠାରୁ ଭୂସଂସ୍କାର କାର୍ଯ୍ୟ ଆରମ୍ଭ ହେଲା । ଏ ଭୂସଂସ୍କାରର ନୀତି ହେଲା— ଯେଉଁମାନେ ଯୁଦ୍ଧ ଅପରାଧୀ ଓ ଯୁଦ୍ଧଲାଗି ଦାୟୀ, ଆଉ ଯେଉଁମାନେ ସକ୍ରିୟଭାବେ ଫ୍ୟାସିଷ୍ଟ ଶାସନରେ ଭାଗିଦାର ସେମାନଙ୍କର ଜମିକୁ ବିନା କ୍ଷତିପୂରଣରେ ବାଜ୍ୟାପ୍ତ କରାଯିବ । ତା ଛଡ଼ା ଯେଉଁମାନଙ୍କର ୧୦୦ ହେକ୍ଟର ( ୨୪୭ ଏକର )ରୁ ଅଧିକ ଜମି ରହିଛି, ସେମାନଙ୍କର ସେ ବଳକା ଜମିକୁ କାଢ଼ି ନିଆ ହେବ । ଅନ୍ୟଦିଗରେ ଯେଉଁମାନେ ଭୂମିହୀନ କ୍ଷେତମୂଲିଆ ଓ ଗରିବ କୃଷୀ ଅଛନ୍ତି, ଯାହାଙ୍କର ଜମିର ପରିମାଣ ୫ ହେକ୍ଟର (ପ୍ରାୟ ସାଢ଼େ ୧୨ ଏକରରୁ ଊଣା), ସେମାନଙ୍କ ମଧ୍ୟରେ ତାହା ବଣ୍ଟନ କରାଯିବ । ରାଜନୈତିକ, ଅର୍ଥନୈତିକ କ୍ଷେତ୍ରରେ ବଡ଼ ଜମିମାଲିକ—ୟୁଙ୍କରମାନଙ୍କର ପ୍ରଭାବ ପ୍ରତିପତ୍ତି ଭାଙ୍ଗିବା, ସେମାନଙ୍କୁ କ୍ଷମତାଚ୍ୟୁତ କରିବା ଏବଂ ଅନ୍ୟଆଡ଼େ ସାଧାରଣ କୃଷୀ ମୂଲିଆଙ୍କ ଶକ୍ତି ଓ ବଳ ବୃଦ୍ଧି କରିବା ହେଲା ଏ ଭୂସଂସ୍କାରର ମୂଳ ଉଦ୍ଦେଶ୍ୟ ।

ପୂର୍ବେ ବର୍ତ୍ତମାନର ଗଣତାନ୍ତ୍ରିକ ଜର୍ମାନୀ ଅଞ୍ଚଳରେ ଆଗେ ୭ହଜାର ବଡ଼ ଜମିମାଲିକ ବା ୟୁଙ୍କର ଥିଲେ । ତିନ ଲକ୍ଷ ଛୋଟ ଓ ମଧ୍ୟବିତ୍ତ କୃଷୀଙ୍କର ସବମୋଟ ଯେତେ ଜମି ଥିଲା, ଏ ୭ ହଜାର ଲୋକଙ୍କର ଜମିର ପରିମାଣ ତା'ର ଦେଢ଼ଗୁଣ ଥିଲା । ସବୁ

ଦେଶ ଭଳି ଏଠାରେ ବି କୃଷୀମାନଙ୍କୁ ଉଚ୍ଛେଦ ଓ ଲୁଣ୍ଠନ କରିବା ଦ୍ୱାରାହିଁ ସେମାନେ ଏ ବିପୁଳ ସମ୍ପତ୍ତିର ମାଲିକ ହୋଇଥିଲେ ।

ଏ ଭୂସଂସ୍କାରରେ ଜମି ପାଇବାପାଇଁ କୃଷୀମୂଲିଆଙ୍କୁ ଦରଖାସ୍ତ କରିବାକୁ ପଡ଼ନାହିଁ । କୋର୍ଟ କଚେରୀକୁ ଧାଇଁବାକୁ ହୋଇନାହିଁ କି କାହାକୁ ଅଣ୍ଟାଗୁଞ୍ଜା ଦେବା ବା ଓକିଲ ମୋହରିରଙ୍କ ଦ୍ୱାରସ୍ଥ ହେବାର ଆବଶ୍ୟକତା ଉଠିନାହିଁ । ଜମି ପାଇଲା ପରେ କୌଣସି ପ୍ରକାର ଉଚ୍ଛେଦ ମାଲିମକଦ୍ଦମାର ଅବକାଶ ଘଟିନାହିଁ । ତାହା ଅତି ସରଳ, ସହଜ ଉପାୟରେ ଓ ଅତି ଶୀଘ୍ର ସଂଘଟିତ ହୋଇଛି । ଏଥିଲାଗି ଶ୍ରମଜୀବୀ କୃଷକ ଓ କ୍ଷେତମୂଲିଆଙ୍କୁ ନେଇ ପ୍ରତି ଗ୍ରାମରେ ଭୂସଂସ୍କାର କମିଶନମାନ ଗଠିତ ହୋଇଛି । ଏହି କମିଶନ ଠିକ୍ କରେ କେଉଁମାନଙ୍କର କେଉଁ ଜମି ବାଜ୍ୟାପ୍ତ କରିବାକୁ ହେବ ଓ ତାହା କେଉଁମାନଙ୍କୁ ବଣ୍ଟାଯିବ । ଏଠାରେ ଅମଲାତନ୍ତ୍ରର ହସ୍ତକ୍ଷେପ ବା ଫାଇଲବୃକ୍ଷର ପ୍ରଶ୍ନ ନାହିଁ । ତାହା ସବୁ ଗ୍ରାମ୍ୟସଭାରେ ସମସ୍ତଙ୍କ ସମ୍ମୁଖରେ ସ୍ଥିର ହୋଇଯାଏ ଏବଂ ଜମିବଣ୍ଟନ ଏକ ଉତ୍ସବରେ ପରିଣତ ହୁଏ । ଜମିବଣ୍ଟନ ଦିନ ଗାଁର ରାସ୍ତାଘାଟ ବେଶ୍ ପରିଷ୍କାର ପରିଚ୍ଛନ୍ନ କରାଯାଏ । ପ୍ରତ୍ୟେକ ଘରଦ୍ୱାର ବିଭିନ୍ନଭାବେ ସଜ୍ଜିତ ହୁଏ । ନାନାରଙ୍ଗର ତୋରଣ, ନାନାପ୍ରକାର ସ୍ଲୋଗାନ ଆଦିରେ ସାରା ଗ୍ରାମ ମଣ୍ଡିତ ହୋଇଯାଏ । ନାଚ ଗୀତ ଚାଲେ । ସେହି ଉତ୍ସବ ମଧ୍ୟରେ ନୂଆ କୃଷୀ ହାତରେ ତା'ର ଜମିର ସ୍ୱତ୍ୱ—ପଟ୍ଟା ଓ ଦଲିଲ ପତ୍ର ଅର୍ପଣ କରାଯାଏ । ସେଠି ସରକାରୀ କର୍ମଚାରୀ ଉପସ୍ଥିତ ରହି ତା ଉପରେ ଆଇନର ମୋହର ଦିଅନ୍ତି । ଏପରିକି ଅନେକଠାରେ ଗୀର୍ଜାର ପାଦ୍ରୀ ପୁରୋହିତ

ମଧ୍ୟ ଉପସ୍ଥିତ ହୋଇ ନୂତନ କୃଷକଙ୍କୁ ଆଶୀର୍ବାଦ କରନ୍ତି, ତା'ର ଭବିଷ୍ୟତ ଉନ୍ନତି କାମନା କରି ପ୍ରାର୍ଥନା କରନ୍ତି ପରମ ପିତା ଯୀଶୁଙ୍କ ନିକଟରେ ।

ଏଇପରି ଭାବରେ ଦୁଇମାସ ମଧ୍ୟରେ ୧୧୪୭୫ ଟା ଜମିଦାରୀ ବା ଇଷ୍ଟେଟର ୨୯ ଲକ୍ଷ ହେକ୍ଟର ଜମି (ପ୍ରାୟ ୭୨ ଲକ୍ଷ ଏକର) ବାଜ୍ୟାପ୍ତ କରାଗଲା । ଆଉ ସେଥିରୁ ଅଧିକାଂଶ ଜମି କ୍ଷେତମୂଲିଆ ଓ ଗରିବ ଚାଷୀଙ୍କ ମଧ୍ୟରେ ବାଣ୍ଟି ଦିଆହେଲା ।

ମୋର ସେ ବୃଦ୍ଧ ବନ୍ଧୁ ଜଣକ ମଝିରେ ମଝିରେ ପାଇପରୁ ଧୂଆଁ ଛାଡ଼ି କହୁଥାନ୍ତି ଯେ ମେ ଯେତେ ସହଜରେ କହିଗଲେ, ତା ସେତେ ସହଜରେ ହୋଇନାହିଁ । କିଏ ସହଜରେ ଜମି ଛାଡ଼ିଲାଣି ? ପୁଣି ଏ ଯୁଙ୍କରମାନେ ? ତା'ପରେ ଆମ ଚାଷୀଙ୍କର ଭୟ କଣ ସହଜରେ ଭାଙ୍ଗିଛି ? ସେମାନେ କ'ଣ ସହଜରେ ଏକାଠି ହେଲେ ? ଯୁଙ୍କରମାନେ ଏ ଭୂସଂସ୍କାରକୁ ଭାଙ୍ଗିବାଲାଗି କିପରି ଚକ୍ରାନ୍ତ କରିଥିଲେ ତାହା ସେ ବର୍ଣ୍ଣନା କରିବାରେ ଲାଗିଲେ । ସେମାନେ ପ୍ରଥମେ ସଂଘବଦ୍ଧ ହୋଇ ଏହାର ବିରୋଧ କରିବାକୁ ଚେଷ୍ଟା କଲେ । କିନ୍ତୁ ସେଥିଲାଗି ସେମାନେ ସମୟ ପାଇଲେ ନାହିଁ । ଗରିବ ଚାଷୀ ଓ କ୍ଷେତମୂଲିଆମାନେ ଗଣତାନ୍ତ୍ରିକ ସରକାରର ସାହାଯ୍ୟ ପାଇ ଏତେ ଦ୍ରୁତ ବେଗରେ ଭୂସଂସ୍କାର କରିବାରେ ଲାଗିପଡ଼ିଲେ ଯେ ସେମାନଙ୍କୁ ଏକାଠି ହୋଇ ତା'ର ପ୍ରତିରୋଧ କରିବାକୁ ଆଉ ସୁଯୋଗ ମିଳିଲା ନାହିଁ । ତେବେସୁଦ୍ଧା ସେମାନେ ନାନା କୂଟ କୌଶଳ ଆରମ୍ଭ କରିଥିଲେ । ଅନେକ ମଧ୍ୟସ୍ଥ ପଠାଇ ସରକାରଙ୍କୁ ପ୍ରସ୍ତାବ ଦେଲେ ଯେ ତାଙ୍କ ଫାର୍ମ ଓ ଜମିଦାରୀକୁ ଭଙ୍ଗା ନ ଯାଉ । ତାକୁ ସରକାର ନେଇ ମଡେଲ ଫାର୍ମ ବା ବିହନ ଫାର୍ମ ବା ପଶୁପାଳନ ଫାର୍ମ ଆଦି ଭାବେ ବ୍ୟବହାର କରନ୍ତୁ । କାରଣ

ସେମାନେ ଦେଖିଲେ, ଯଦି ତାଙ୍କ ଫାର୍ମକୁ ଭାଙ୍ଗି ଜମି ଋଷୀ-ମୂଲିଆଙ୍କୁ ବାଣ୍ଟି ଦିଆଯାଏ ତେବେ ତାହା ପୁଣି ଫେରପାଇବା କଷ୍ଟକର କଥା । ତାଙ୍କ ଫାର୍ମ ଯଦି ସେମିତି ଅଖଣ୍ଡ ଭାବରେ ସରକାର ହାତରେ ରହେ, ଦିନେ ହେଲେ ତ ପୁଣି ସମସ୍ତ ବଦଳିପାରେ ? ଜର୍ମାନୀରେ ତ କୌଣସି ଦୃଢ଼ ସରକାର ଗଠିତ ହୋଇନାହିଁ । ବିଲାତ ଆମେରିକା ଅଛନ୍ତି । ତେଣୁ ଆଶା ରହିଛି, ସେମାନଙ୍କ ହସ୍ତକ୍ଷେପ ଫଳରେ ପୁଣି ନିଜର ଜମିବାଡ଼ି ଫେରିପାଇବେ; ନିଜର ମାଲିକାନା ସାବ୍ୟସ୍ତ କରିଦେବେ । ଆଉ କେତେକ ଯୁଙ୍କର ବେନାମି ହସ୍ତାନ୍ତର ବା ବନ୍ଦସ୍ତ କରିବାରେ ଲାଗିଲେ । ବିଦେଶୀ କମ୍ପାନୀଙ୍କୁ ପିଛିଲା ତାରିଖ ପକାଇ ବନ୍ଦସ୍ତ ହୋଇଛି ବୋଲି ଦାବି କଲେ । ଭାବିଲେ, କାଳେ ସେମାନେ ତା ଦ୍ୱାରା ରକ୍ଷା ପାଇଯିବେ । ଆଉ କେତେକ ଥିଲେ ଯେଉଁମାନେ ନିଜର ପିଲାଝିଲା କୁଟୁମ୍ବ ପରିବାରର ପ୍ରତ୍ୟେକ ଲୋକ ନାମରେ ଜମି ଭାଗ ଭାଗ କରିଦେବାରେ ଲାଗିପଡ଼ିଲେ । ଏହାଛଡ଼ା ସେମାନେ ନାନାପ୍ରକାରର ଗୁଜବ ଛାଡ଼ୁଥିଲେ । ଲୋକମାନଙ୍କୁ ଧମକ ଚମକ ମଧ୍ୟ ଦେଉଥିଲେ । ଏହା ଫଳରେ ଯେଉଁ ଲୋକଙ୍କର ଭୟ ଭାଙ୍ଗି ନ ଥିଲା ସେମାନେ ପଛେଇ ଯାଇଥିଲେ । ଭାବୁଥିଲେ, ଯଦି ଏଇ ଜମିମାଲିକ ଯୁଙ୍କରମାନେ ପୁଣି ଆସିଯାଆନ୍ତି ସେମାନେ କେବଳ ନିଜର ଜମି ହରାଇବେ ନାହିଁ, ଯୁଙ୍କର-ମାନେ ତାଙ୍କ ଉପରେ ଘୋର ପ୍ରତିଶୋଧ ନେବେ । ତାଙ୍କ ଅବସ୍ଥା ଅତି ଶୋଚନୀୟ ହୋଇପଡ଼ିବ । ତେଣୁ ଜମିବଣ୍ଟନର ପାଖ ନ ମାଡ଼ିବା ଭଲ । ନିଜେ ଅଭାବରେ, ଭୂମିହୀନ ହୋଇ ରହିଥିଲେ ସୁଦ୍ଧା ସେ ଜମିକୁ ଆଶା ନ କରିବା ବରଂ ଶ୍ରେୟସ୍କର । ଯେତେବେଳେ ସେମାନେ ବୁଝିଲେ ଓ ତାଙ୍କର ବିଶ୍ୱାସ ଜନ୍ମିଲା

ଯେ, ନାହିଁ, ଆଉ ପୁରୁଣା ଯୁଗ—ୟୁଙ୍କରମାନଙ୍କ ଯୁଗ ଆଉ ଲେଉଟିବାକୁ ଯାଉନାହିଁ, ଏବଂ ଆଗକୁ ଯିବାର ଏହାହିଁ ହେଲା ଏକମାତ୍ର ପଥ, ସେତେବେଳେ ସେମାନଙ୍କର ଭୟ ଦୂର ହେଲା, ଦୋଦୁଲ୍ୟମାନ ଭାବର ଅବସାନ ଘଟିଲା ।

ଏଇ ଭୂସଂସ୍କାର ଦ୍ୱାରା ପୂର୍ବ ଜର୍ମାନୀରେ ତିନିଲକ୍ଷ ୩୦ ହଜାର ଗରିବ କୃଷି ମୂଲିଆ ୨୦ ଲକ୍ଷ ହେକ୍ଟର (ପ୍ରାୟ ୫୦ ଲକ୍ଷ ଏକର) ଜମିର ଅଧିକାରୀ ହେଲେ । ପ୍ରତ୍ୟେକଙ୍କର ଭାଗବନ୍ଦୀ ୭।୮ ହେକ୍ଟର (ପ୍ରାୟ ୧୫।୨୦ ଏକର) ଲେଖାଏଁ ହେଲା । ଏମାନଙ୍କ ଛଡ଼ା ଶ୍ରମିକ, କାରିଗର ଓ ଅଫିସ କର୍ମଚାରୀ ପ୍ରଭୃତି ଏକଲକ୍ଷ ୮୦ ହଜାର ଲୋକ ଘରଡିହ ଓ ବଗିଚା ଆଦି ଲାଗି ଅଧହେକ୍ଟର ଲେଖାଏଁ ଜମି ପାଇଲେ । ଆଉ ମଧ୍ୟ ପଚାଶ ହଜାର ମଧ୍ୟବିତ୍ତ ଚାଷୀଙ୍କ ଭାଗରେ ୧.୫ ହେକ୍ଟର କରି ଜମି ପଡ଼ିଲା । ଏ ୟୁଙ୍କର-ମାନଙ୍କ ଜମି ବଣ୍ଟନରେ ଗଣତାନ୍ତ୍ରିକ ଜର୍ମାନୀର ପ୍ରତ୍ୟେକ ଶ୍ରେଣୀର ଲୋକେ ଉପକୃତ ହେଲେ । ୟୁଙ୍କରମାନଙ୍କ ଯୁଗ ଯୁଗର ଅନ୍ୟାୟ ଅତ୍ୟାଚାରରୁ କୃଷକଶ୍ରେଣୀ ମୁକ୍ତିଲାଭ କଲା ।

ପୂର୍ବ ଜର୍ମାନୀର ପ୍ରଭାବ ପଶ୍ଚିମ ଜର୍ମାନୀ ଉପରେ ମଧ୍ୟ ପଡ଼ିଲା । କମ୍ୟୁନିଷ୍ଟ ପାର୍ଟି ଓ ଗଣତାନ୍ତ୍ରିକ ଦଳମାନେ ସେ ଅଞ୍ଚଳରେ ମଧ୍ୟ ଏଇ ଦାବୀ କରୁଥିଲେ । ସୋଭିଏତ୍ ରୁଷ, ଆମେରିକା, ଫ୍ରାନ୍ସ ଓ ବ୍ରିଟେନର ବୈଦେଶିକ ମନ୍ତ୍ରୀମାନଙ୍କ ବୈଠକରେ ପଶ୍ଚିମ ଜର୍ମାନୀରେ ବି ଭୂସଂସ୍କାର ହେବ ବୋଲି ୧୯୪୭ରେ ନିଷ୍ପତ୍ତି ହେଲା । କିନ୍ତୁ ତାହା କରିବ କିଏ ? ତାହା କରିବାର ଦାୟିତ୍ୱ ରହିଲା ଆମେରିକା, ଫ୍ରାନ୍ସ ଓ ବ୍ରିଟେନ ଉପରେ । ସେମାନେ ତ ଏହାର ବିରୋଧୀ । ବଡ଼ ଜମିମାଲିକମାନେ ସେମାନଙ୍କ ସାହାଯ୍ୟରେ ଏହାକୁ ଭାଙ୍ଗିବାକୁ ଲାଗିଲେ । ଯେଉଁମାନେ ଗଣତାନ୍ତ୍ରିକ ଭୂସଂସ୍କାରର

ପ୍ରକୃତ ପକ୍ଷପାତୀ ଓ ସେ ଦିଗରେ ଅଗ୍ରଣୀ, ସେ ଶ୍ରମିକ ଓ କୃଷକ-ଶ୍ରେଣୀକୁ ଶାସନର ବାହାରେ ରଖାଗଲା । ଶାସନ କ୍ଷମତା ପ୍ରତିକ୍ରିୟାଶୀଳ ଲୋକଙ୍କ ହାତରେ ଥିବାରୁ ତାହା ସମ୍ଭବ ହେଲା ନାହିଁ । କାର୍ଯ୍ୟତଃ ସେଇ ବଡ଼ ଜମିମାଲିକମାନେ ସେଇପରି ରହିଲେ ।

ଭୂସଂସ୍କାରର ସାଧାରଣ କାହାଣୀକୁ ଏଇଠି ଡାକଦେଇ ମୁଁ ସେ ଗାଁର ଭୂସଂସ୍କାର ଓ ତା'ର ବିକାଶ ବିଷୟରେ ପ୍ରଶ୍ନ ଆରମ୍ଭ କଲି । ଏତେବେଳକୁ ଆମ ଚେୟାରମ୍ୟାନ୍ ଟିକିଏ ଉଠୁ ଉଠୁ ହେଲେଣି । ସେଦିନ ସେ ଏକ ଥିଏଟର ଦେଖିବେ ବୋଲି ଆଗରୁ ଟିକେଟ କରିସାରିଥିଲେ । କହିଲେ, 'ମୁଁ ତ ଜାଣି ନ ଥିଲି ଆପଣ ଆସିବେ ବୋଲି ।' ମୋ'ର ଜିଜ୍ଞାସୁ ଦୃଷ୍ଟିକୁ ଦେଖି ଶେଷରେ ହସିପଡ଼ି କହିଲେ, 'ହଉ କମ୍‌ରେଡ଼, ମୁଁ କାଲି ଥିଏଟର ଦେଖି-ପାରେ; ଆପଣଙ୍କୁ ତ ଆଉ କାଲି ଦେଖିବି ନାହିଁ ।' ଏଥର ପୁଣି ଆମର ଆଲୋଚନା ଆରମ୍ଭ ହେଲା ।

ପ୍ରତ୍ୟେକ ପରିବାର ଭାଗରେ ଆଠ ହେକ୍ଟର ଲେଖାଏଁ ଜମି ପଡ଼ିଲା । ଯେଉଁମାନେ ନିଃସ୍ୱ, ସମ୍ପତ୍ତିହୀନ ଥିଲେ, ସେମାନେ ଏବେ ସମସ୍ତେ ସମ୍ପତ୍ତିବାନ୍ ହେଲେ । ବ୍ୟକ୍ତିଗତ ସମ୍ପତ୍ତିର ପ୍ରସାର ଘଟିଲା । ଅଥଚ ସମାଜବାଦରେ ତ ବ୍ୟକ୍ତିଗତ ସମ୍ପତ୍ତିର ସ୍ଥାନ ନାହିଁ !

ଗଣତାନ୍ତ୍ରିକ ଜର୍ମାନୀ ସମାଜବାଦ ନିର୍ମାଣ ଦିଗରେ ବିଶେଷ ସତର୍କତାର ସହିତ ଅଗ୍ରସର ହୋଇଛି; ଲୋକଙ୍କ ଉପରେ ବାଧ୍ୟତାମୂଳକଭାବେ କୌଣସି ଜିନିଷ ଲଦିଦେଇନାହିଁ । ଲୋକ-ମାନେ ସେମାନଙ୍କ ନିଜର ଅଭିଜ୍ଞତା, ଶିକ୍ଷା ଓ କାର୍ଯ୍ୟର ଭିତର ଦେଇ ଧୀରେ ଧୀରେ ସେ ଦିଗକୁ ଅଗ୍ରସର ହୋଇଛନ୍ତି । ସେ

ଦିଗରେ ପ୍ରତ୍ୟେକଟି ସୋପାନ ଅତିକ୍ରମ କରିବାରେ ସରକାର ଓ ଗଣତାନ୍ତ୍ରିକ ଦଳମାନେ ସେମାନଙ୍କୁ ସାହାଯ୍ୟ କରିଛନ୍ତି । ସେଇ ଅଗ୍ରଗତି କିପରି ଘଟିଛି ତା ଏଇ କୋଅପରେଟିଭ ବିକାଶ ମଧ୍ୟରେ ପ୍ରତିଫଳିତ । ଜମି ପାଇଲାପରେ ଲୋକେ ବ୍ୟକ୍ତିଗତଭାବେ ତାହା ଚାଷ କଲେ । ୧୯୪୮ରେ ସର୍ବପ୍ରଥମେ କୃଷକମାନଙ୍କ ପରସ୍ପର ସହଯୋଗ ସଂଘ ଆରମ୍ଭ ହେଲା । ଏହାର ମୂଳ ଉଦ୍ଦେଶ୍ୟ ହେଲା, ମିଳିତଭାବେ ଯୋଜନା କରି ଏକାଠି ଚାଷ କରିବା, ଉତ୍ପାଦନ ବୃଦ୍ଧି କରିବା । ପ୍ରଥମେ ଶହେକେ ଦୁଇଜଣ ମାତ୍ର ଏଇ ସଂଘରେ ଯୋଗ ଦେଇଥିଲେ । ବଡ଼ବଡ଼ ଜମିମାଲିକଙ୍କର ବାଜ୍ୟାପ୍ତ ହୋଇଥିବା ଗୋରୁଗାଈ, ଘୋଡ଼ା, ଘୁଷୁରି ଓ ଚାଷ ଉପକରଣ ମଧ୍ୟ ଏଇ ସଂଘକୁ ଦିଆଗଲା । ଅନ୍ୟମାନଙ୍କର ଏଥିରେ ବିଶ୍ୱାସ ନ ଥିଲା । ସେମାନଙ୍କ ସନ୍ଦେହ ଥିଲା ଯେ ତାହା କାର୍ଯ୍ୟକାରୀ ହେବ ନାହିଁ, ସେମାନେ କ୍ଷତିଗ୍ରସ୍ତ ହେବେ । ତା'ପରେ ଦେଖିଲେ, ଏଇ 'ପରସ୍ପର ସହଯୋଗ-ସଂଘ' ଦ୍ୱାରା ଉତ୍ପାଦନ ବୃଦ୍ଧି ପାଉଛି, ସେଥିରେ ଭାଗ ନେଇଥିବା ଲୋକମାନଙ୍କର ଆର୍ଥିକ ଆୟ ଆଦି ବଢ଼ୁଛି । ସେତେବେଳେ ଅନ୍ୟମାନେ ସେଥିରେ ଯୋଗଦେବାକୁ ଲାଗିଲେ ।

ପ୍ରଥମତଃ ସରକାର ଗରିବ ଓ ମଧ୍ୟବିତ୍ତ ଚାଷୀଙ୍କ ଉପରୁ ଖଜଣା ଛାଡ଼ କରିଥିଲେ । ଜମିର କିସମ ଅନୁଯାୟୀ ୨୫ ହେକଟର ବା ୭ ଏକର ଜମି ଉପରେ କୌଣସି ଟିକସ ଲାଗୁ ହେଲାନାହିଁ କେବଳ ଠିକ୍ ହେଲା ଯେ ସେମାନେ ତାଙ୍କର ଉତ୍ପାଦନ ଦ୍ରବ୍ୟ ସରକାରଙ୍କୁ ବିକ୍ରି କରିବେ । କାରଣ ଯୁଦ୍ଧ ଫଳରେ ଜର୍ମାନୀର କୃଷି, ଶିଳ୍ପ ସକଳ ବ୍ୟବସ୍ଥା ଛାରଖାର ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଥିଲା । ସବୁ ଜିନିଷର ଘୋର ଅଭାବ; ଏଇ ଅଭାବରୁ ଯେପରି ମୁନାଫା-

ଖୋରମାନେ ଲାଭ ନ ଉଠାନ୍ତି, ସବୁ ଜିନଷ ସମସ୍ତ ଲୋକଙ୍କୁ ସମାନ ପରିମାଣରେ ମିଳେ, ସେଥିଲାଗି ସରକାର ଚାଷୀଙ୍କଠାରୁ ଉଚିତ ମୂଲ୍ୟରେ ଜିନିଷପତ୍ର କିଣୁଥିଲେ, ଆଉ ଠିକ ନିର୍ଦ୍ଧାରିତ ମୂଲ୍ୟରେ ତାହା ଲୋକଙ୍କୁ ଯୋଗାଉଥିଲେ । ଏ ଅଞ୍ଚଳରେ ଜମିର ଉର୍ବରତା ଅଭାବରୁ ପଶୁପାଳନ ଥିଲା ମୁଖ୍ୟ ବ୍ୟବସାୟ । ତେଣୁ ସରକାର ସ୍ଥିର କରିଥିଲେ ଯେ ପ୍ରତ୍ୟେକ ୨୦ ହେକଟର ପର୍ଯ୍ୟନ୍ତ ଜମିଥିବା ଚାଷୀ ସରକାରଙ୍କୁ ବର୍ଷକୁ ହେକଟର ପ୍ରତି ୫୫ କିଲୋ ମାଂସ ଯୋଗାଇବେ । ବଡ଼ ଜମିମାଲିକ ଯାହାଙ୍କର ୨୦ ହେକଟରରୁ ଊର୍ଦ୍ଧ୍ୱ ଜମି ଅଛି ସେମାନେ ହେକଟର ପ୍ରତି ୭୦ କିଲୋ ମାଂସ ଯୋଗାଇବେ । ଏହା ବାଧ୍ୟତାମୂଳକ ।

ଏଇ ବାଧ୍ୟତାମୂଳକ ଯୋଗାଣ ମଧ୍ୟରେ, ଦରଦାମ ନିୟନ୍ତ୍ରଣ ଦ୍ୱାରା ସରକାର ଅଧିକ ଉତ୍ପାଦନକୁ ଉତ୍ସାହିତ କରୁଥିଲେ । ଯେଉଁମାନେ ତାଙ୍କ ନିର୍ଦ୍ଧାରିତ ପରିମାଣ ଅପେକ୍ଷା ଅଧିକ ସରକାରକୁ ବିକ୍ରୟ କରିବେ, ସେ ଅଧିକା ଲାଗି ଅଧିକା ଦର ପାଇବେ, ଯଥା—ମାଂସ କିଲୋର ଦାମ ଏକ ମାର୍କ । ଯିଏ ୯୦ କିଲୋରୁ ଅଧିକା ମାଂସ ଦେଲା, ସେ ଅଧିକା ଲାଗି କିଲୋ ପ୍ରତି ୫ ମାର୍କ କରି ଅଧିକ ପାଇବ । ସେମିତି ଦୁଗ୍ଧ ଲିଟର ପ୍ରତି ୧୮ ପେନି; ଯିଏ ୪୮ ଲିଟରରୁ ଅଧିକ ଯୋଗାଇଲା ସେ ତା ଉପରେ ଆଉ ୪ ପେନି ଲିଟର ପ୍ରତି ଅଧିକା ପାଇବ । ତା ମାନେ, ଅଧିକ ଦୁଧର ଦାମ ଲିଟର ପ୍ରତି ୧୮ ପେନି ସ୍ଥାନରେ ୨୨ ପେନି ହେବ । ଏହାଦ୍ୱାରା ପରସ୍ପର ସହଯୋଗ ସଂଘରେ ଯୋଗ ଦେଇଥିବା ଚାଷୀମାନେ ଅଧିକ ଉତ୍ପାଦନ କରି ଅଧିକ ଲାଭଜନକ ହେଲେ । ତେଣୁ ଅନ୍ୟମାନେ ସେଥିପ୍ରତି ଆକୃଷ୍ଟ ହେଲେ । ପୁଣି ସରକାରଙ୍କ ପକ୍ଷରୁ କୃଷି ଯନ୍ତ୍ରପାତି ଉପକରଣ ସବୁ ଭଡ଼ାରେ ଯୋଗାଇଦେବାର

ବ୍ୟବସ୍ଥା ହେଲା । ଏ ଭଡ଼ାରେ ପାର୍ଥକ୍ୟ ରହିଲା । ଷ୍ଟେଟ ଚାଷୀ ହେକ୍ଟରର ପ୍ରତି ୬ ମାର୍କ ଦେଲାବେଳେ ବଡ଼ ଜମିମାଲିକଙ୍କ-ଠାରୁ ସେଇ ଭଡ଼ାର ରେଟ ହେଲା ୨୫ ମାର୍କ । ଷ୍ଟେଟ ଚାଷୀଙ୍କୁ ଅନ୍ୟାନ୍ୟ ବହୁପ୍ରକାର ସାହାଯ୍ୟ ବିନାମୂଲ୍ୟରେ ଯୋଗାଇ-ଦିଆହେଲା, ଯାହାକି ବଡ଼ ଜମିମାଲିକଙ୍କୁ ମିଳିଲା ନାହିଁ । ଏପରି କି ବଡ଼ ଚାଷୀଙ୍କୁ ଟ୍ରାକ୍ଟର ପ୍ରଭୃତି କିଣିବାକୁ ଋଣ ମଧ୍ୟ ଦିଆଗଲା ନାହିଁ; କାରଣ ଆଗ ଷ୍ଟେଟ ଚାଷୀଙ୍କର ଅଭାବ ପୂରଣ କରିବାକୁ ହେବ । ତେଣୁ ବଡ଼ ଜମିମାଲିକମାନେ ବିଶେଷ ଲାଭ ନ କଲେ ବି ସେମାନେ ଅଧିକ ଜମିର ମାଲିକ ହୋଇଥିବାରୁ ତାଙ୍କପନ୍ଥାରେ ଚଳିବାରେ କୌଣସି ଅସୁବିଧା ହେଉ ନ ଥିଲା । ମୂଳ ଲକ୍ଷ୍ୟ ହେଲା ବଡ଼ ଜମି ମାଲିକମାନଙ୍କ ଲାଭକୁ କମାଇବା ଓ ଷ୍ଟେଟ ଚାଷୀଙ୍କର ଜୀବନର ମାନ ବୃଦ୍ଧି କରିବା ।

ଯେଉଁମାନେ କ୍ଷେତରେ ଶ୍ରମିକଭାବେ କାମ କରୁଥିଲେ ସେମାନଙ୍କ ମଜୁରି ଟ୍ରେଡ୍ ୟୁନିଅନ ଦ୍ୱାରା ନିର୍ଦ୍ଧାରିତ ହେଲା । ସ୍ଥାନ ଓ ଅବସ୍ଥା ଅନୁଯାୟୀ ସେଥିରେ ପାର୍ଥକ୍ୟ ଥିଲା । ତେବେ ହାରାହାରି ମଜୁରି ଥିଲା ମାସକୁ ୨୫୦ ମାର୍କ । ଏହାଛଡ଼ା ବର୍ଷକୁ ୧୨ ଦିନ ଛୁଟି, ସପ୍ତାହକୁ ୪୮ ଘଣ୍ଟା କାମ-ସମୟ ଧାର୍ଯ୍ୟ କରି-ଦିଆଗଲା । ଯିଏ ଅଧିକ କଲା ସେ ଅଧିକା ୨୫ରୁ ୧୦୦ ଭାଗ ମଜୁରି ପାଇଲା । କିମ୍ବା ସେଇ ଅନୁସାରେ ସେ ଅଧିକା ଛୁଟି ଉପଭୋଗ କଲା । ବଡ଼ ଜମିମାଲିକମାନଙ୍କ ପ୍ରତି ଆଉ ଏକ ଅଧିକା ବ୍ୟବସ୍ଥା ହେଲା ଯେ ସେମାନେ ତାଙ୍କ ମୂଲିଆଙ୍କୁ ବିନା ପଇସାରେ ଖାଦ୍ୟ ଯୋଗାଇବେ । ଆଉ ଏକ ନୂଆ ସାମାଜିକ ବୀମା ବା ସୋସିଆଲ ଇନସୁରେନ୍ସ ବ୍ୟବସ୍ଥା ପ୍ରଚଳିତ ହେଲା । ଏ ନିୟମ ଅନୁସାରେ ଶ୍ରମିକମାନେ ତାଙ୍କ ମଜୁରିର ଶତକଡ଼ା ୧୦

ଦେବେ, ଆଜ ୧୦ ଭାଗ ମାଲିକ ଶ୍ରମିକଙ୍କ ଲାଗି ଦେବ । ଏହାଦ୍ୱାରା ସରକାରଙ୍କ ପକ୍ଷରୁ ବିନା ପଇସାରେ ଶିକ୍ଷା, ସ୍ୱାସ୍ଥ୍ୟ, ଚିକିତ୍ସା ଓ ବୃଦ୍ଧ ବୟସରେ ପେନ୍‌ସନ୍ ଆଦିର ବ୍ୟବସ୍ଥା କରାଗଲା ।

ଏହି ପରସ୍ପର ସହଯୋଗ ସଂଘ ଆଗରୁ ୧୯୪୭ରୁ ଆରମ୍ଭ ହୋଇ ଯାଇଥିଲା । ଏହା ଚାଲିଲା ୧୯୫୩ ଯାଏ । ତା ପରଠାରୁ ଆରମ୍ଭ ହେଲା, ଦ୍ୱିତୀୟ ସ୍ତର—କୋଅପରେଟିଭ ବା କୋଠ ସମବାୟ ଚାଷ । ଏହି ସମୟର ଅଭିଜ୍ଞତା ଭିତରେ କୃଷକମାନେ ବୁଝିଲେ ଯେ ପରସ୍ପରକୁ ସାହାଯ୍ୟ କରି ଚାଷ କରିବା ଅପେକ୍ଷା ସବୁ ଜମିକୁ ଏକାଠି କରି ସମବାୟ ଚାଷ କରିବା ଅଧିକ ଲାଭଜନକ । ଅନ୍ୟ ଦିଗରେ ଏହି ସମବାୟ ଚାଷର ଉପକାରିତା ଓ ଲାଭ ସମ୍ବନ୍ଧରେ କମ୍ୟୁନିଷ୍ଟ ପାର୍ଟି ଓ ବିଭିନ୍ନ ଗଣତାନ୍ତ୍ରିକ ଦଳ ଓ ସରକାର ପକ୍ଷରୁ ମଧ୍ୟ ପ୍ରଚାର କରାଗଲା । ସେ ଦିଗରେ ନାନା ପ୍ରକାର ସାହାଯ୍ୟ ଦ୍ୱାରା କୃଷକମାନଙ୍କୁ ଉତ୍ସାହିତ କରାଗଲା । ଅନ୍ୟ ଦିଗରେ ବଡ଼ ଜମିମାଲିକମାନେ ଏହାର ବିରୋଧ କରି-ବାରେ ଲାଗିଲେ । ସେମାନେ ପ୍ରଚାର ଚଳାଇଲେ ଯେ କୋଅପରେଟିଭରେ ଯୋଗଦେଲେ ଆଉ କାହାର କିଛି ଜମିବାଡ଼ି, ଗୋରୁଗାଈ, ଘୋଡ଼ା, ଘୁଷୁରି ଆଦି ରହିବ ନାହିଁ; ତାହା ସବୁ କାଢ଼ିନିଆହେବ, ଲୋକେ ତାଙ୍କର ସମ୍ପତ୍ତି ହରାଇବେ ଇତ୍ୟାଦି । ସେମାନେ ଏହି ସବୁ ପ୍ରକାର ଅପପ୍ରଚାର, ଅନ୍ତର୍ଘାତୀ କାର୍ଯ୍ୟ କରି ଏହାକୁ ଭାଙ୍ଗିବାରେ ଲାଗିଲେ; କିନ୍ତୁ ଭାଙ୍ଗି ପାରିଲେ ନାହିଁ । ଏବେ ଏହି ଗାଁର ସବୁ ପରିବାର କୋଅପରେଟିଭର ସଭ୍ୟ । ସମସ୍ତ-ଙ୍କର ଜମି ଏକାଠି ଚାଷ ହୁଏ । ସରକାର ମଧ୍ୟ ନାନାଭାବେ ଏଠାର କୋଅପରେଟିଭକୁ ସାହାଯ୍ୟ ଦେଲେ । ଅଳ୍ପ କମରେ ମାତ୍ର ଶତକଡ଼ା

୨ ଭାଗ ସୁଧରେ ସରକାର କୋଅପରେଟିଭକୁ ଲକ୍ଷ ଲକ୍ଷ ଟଙ୍କା ଋଣ ଦେଇଛନ୍ତି, କୃଷି ଯନ୍ତ୍ରପାତି ପ୍ରଭୃତି ଯୋଗାଇଦେଇଛନ୍ତି ।

କୋଅପରେଟିଭରେ ଯୋଗଦେଲେ ନିଜର ବ୍ୟକ୍ତିଗତ ସମ୍ପତ୍ତି ଯେ ଲୋପ ପାଇଲା, ତା ନୁହେଁ । ଜମିଉପରେ ବ୍ୟକ୍ତିଗତ ସ୍ୱତ୍ତ୍ୱ ବା ମାଲିକାନା ଅକ୍ଷୁଣ୍ଣ ରହିଛି । ଯାହାର ଜମି ଅଛି ସେ ଜମିର ମାଲିକାନା ବାବଦକୁ ହେକ୍‌ଟର ପ୍ରତି ବର୍ଷକୁ ୨୫ ମାର୍କ ପାଇଥାଏ । ଏହା ଆମର ଏଠାରେ କରକୁ ଜମି ଦେବା ଭଳି । ଏପରିକି ଯେଉଁମାନେ ଗାଁ ଛାଡ଼ି ବାହାରକୁ ପଳାଇଛନ୍ତି ବା ପଶ୍ଚିମ ଜର୍ମାନୀରେ ଅଛନ୍ତି, ସେମାନେ ଯଦି ଯୁଦ୍ଧ ଅପରାଧୀ ନ ହୋଇଥାନ୍ତି, ଫେରିଆସିଲେ ସେମାନେ ବି ତାଙ୍କର ଜମି ପାଇପାରିବେ । ଇଚ୍ଛା କଲେ ତାକୁ ମଧ୍ୟ ବିକିଦେଇପାରିବେ । କିନ୍ତୁ ଟଙ୍କା ନେଇ ବାହାର ଦେଶକୁ ଯାଇପାରିବେ ନାହିଁ । ତେଣୁ ଆଇନତଃ ବ୍ୟକ୍ତିଗତ ସମ୍ପତ୍ତି ବର୍ତ୍ତମାନ ସୁଦ୍ଧା ସୁରକ୍ଷିତ । କିନ୍ତୁ ବର୍ତ୍ତମାନ ଉତ୍ପାଦନ ଏତେ ପରିମାଣରେ ବୃଦ୍ଧି ପାଉଛି, ଲୋକେ ଏତେଦୂର ଲାଭବାନ ଓ ଉପକୃତ ହେଉଛନ୍ତି, ଏବଂ ସେମାନଙ୍କର ଚେତନାର ଏପରି ପରିବର୍ତ୍ତନ ଘଟୁଛି ଯେ ଏ ୨୫ ମାର୍କ ପାଇବା ଉପରେ ତାଙ୍କର ଜୋର ବା ଆଗ୍ରହ ରହୁନାହିଁ । ଯେକୌଣସି ଦିନ ଲୋକେ ସ୍ୱଇଚ୍ଛାରେ ତାହା ଛାଡ଼ିଦେଇପାରନ୍ତି । ସମ୍ପାଦକ ଟିକିଏ ହସିଦେଇ କହିଲେ, "ତା ଆମ ଲୋକଙ୍କ ଉପରେ ନିର୍ଭର କରେ । ଲୋକଙ୍କ ଉପରେ କୌଣସି ଜିନିଷ ଲଦିଦେବା ଠିକ୍ ନୁହେଁ । ସେମାନେ ନିଜର ଅଭିଜ୍ଞତାରୁ ସମାଜବାଦର ଆବଶ୍ୟକତା ଶିକ୍ଷା କରିବେ ଓ ତାକୁ କାର୍ଯ୍ୟକାରୀ କରିବେ ।"

ଗଣତାନ୍ତ୍ରିକ ଜର୍ମାନୀରେ ଦୁଇପ୍ରକାର କୃଷି ବ୍ୟବସ୍ଥା ରହିଛି । କୋଅପରେଟିଭ ଫାର୍ମ, ଯାହା କି ଲୋକେ ନିଜର

ଜମିବାଡ଼ିକୁ ଏକାଠି କରି ଗଢ଼ିଛନ୍ତି । ଆଜି ଗୋଟିଏ ହେଲା ଷ୍ଟେଟ ଫାର୍ମ । ଏହା ପୁରାପୁରି ସରକାରୀ । ଏଠାରେ ଯେଉଁମାନେ ମଜୁରୀ ଲାଗନ୍ତି, ସେମାନେ ମଜୁରୀ ପାଆନ୍ତି । ଏ ମଜୁରୀର ପରିମାଣ ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଟ୍ରେଡ୍ ୟୁନିଅନ ଦ୍ୱାରା ଧାର୍ଯ୍ୟ ହୋଇଥାଏ । ଆଜି କୋଅପରେଟିଭରେ ମଜୁରୀ ସାଙ୍ଗକୁ ଲାଭ-କ୍ଷେତ୍ରରେ ସମସ୍ତ ସଭ୍ୟ ଭାଗିଦାର । ନିୟମ ଅନୁସାରେ କୋଅପରେଟିଭର ଆୟର ୫୯ ଭାଗ ଯାଏ ମଜୁରୀରେ, ଆଉ ୪୧ ଭାଗ ବ୍ୟୟ ହୁଏ ସାମାଜିକ ମଙ୍ଗଳ ଅର୍ଥାତ୍ କୋଅପରେଟିଭ ସଭ୍ୟମାନଙ୍କର ନାନା ଉନ୍ନତିମୂଳକ କାର୍ଯ୍ୟ ଓ ପୁଞ୍ଜି ଲଗାଣରେ । କୋଅପରେଟିଭର ତ କ୍ଷତି ନାହିଁ । ପ୍ରତିବର୍ଷ ତା'ର ଉନ୍ନତି ଘଟୁଛି । ସେଇ ଅନୁସାରେ ଲୋକେ ଅଧିକ ଲାଭବାନ ହେଉଛନ୍ତି । ସବୁଠାରେ ଏବେ ସର୍ବନିମ୍ନ ମଜୁରୀ ହେଉଛି ୩୦୦ ମାର୍କ । ଏହା ଅତି ଅଦକ୍ଷ ଶ୍ରମିକଙ୍କ ଲାଗି । କିନ୍ତୁ କେହି ସାଧାରଣତଃ ମାସିକ ହାରାହାରି ୬୦୦ ମାର୍କରୁ କମ୍ ରୋଜଗାର କରନ୍ତି ନାହିଁ ।

ଗାଁରେ ପ୍ରତ୍ୟେକ ପରିବାରର ବାଡ଼ିବଗିଚା କରିବା ଲାଗି ଅଧ ହେକ୍ଟରର ଲେଖାଏଁ ଜମି ରହିଛି । ସେ ସେଥିରେ ନିଜ ପରିଶ୍ରମ ଦ୍ୱାରା ଯାହା କରିପାରିଲା । କିଏ ଯଦି ନୂଆଘର ତୋଳିବାକୁ ବସିଲା ସେଥିଲାଗି ବି କୋଅପରେଟିଭ ତାକୁ ୪୩୦୦୦ ମାର୍କ ଋଣ ଦିଏ ଓ ସେ କିସ୍ତିୱାରିରେ ତାହା ପରିଶୋଧ କରେ । ଯଦି କିଏ କୌଣସି କାମ ଲାଗି ଅର୍ଥ ସଞ୍ଚୟ କରେ, ତେବେ ସେ ଜମା ଟଙ୍କା ଉପରେ ଜମା ଅନୁଯାୟୀ ପ୍ରାୟ ଶହକେ ୨ରୁ ୫ ଯାଏ ସୁଧ ମଧ୍ୟ ପାଇପାରେ ।

*

ଇତିମଧ୍ୟରେ ସେ ଘରେ ଆଉ ଜାଗା ନାହିଁ । ବହୁ ଲୋକ ଆସି ରୁଣ୍ଡ ହୋଇଗଲେଣି । ଗୁ କଫି ବି କେତେଥର ଆସିଗଲାଣି । ପ୍ରାୟ ୪।୫ ଘଣ୍ଟା ହେଲା ମୁଁ କେବଳ ସେମାନଙ୍କୁ ପ୍ରଶ୍ନ କରିବାରେ ଲାଗିଛି । ସେମାନେ ଅସ୍ଥିର ହେଲେଣି ଆମ ଦେଶ ବିଷୟରେ ଜାଣିବାଲାଗି । ମଝିରେ ମଝିରେ ବି ପ୍ରଶ୍ନ କଏ କେମିତି ଆରମ୍ଭ କଲେଣି । ମୁଁ ଦେଖିଲି ଏତେ ଲୋକଙ୍କର ପ୍ରଶ୍ନର ଉତ୍ତର ଦେଲେ ଏଣେ ମୋର କାମ ହୋଇପାରିବ ନାହିଁ । କହିଲି, "ଦେଖନ୍ତୁ ମୁଁ ଏତେଦୂରରୁ ଆସିଛି ପୂର୍ବ ଜର୍ମାନୀ ବିଷୟରେ ଜାଣିବା ଲାଗି । ତେଣୁ ଆପଣ ମୋତେ ଆଗ ଆପଣଙ୍କ କଥା କହିବେ । ତା ପରେ ମୁଁ ଆମ ଦେଶ କଥା କହିବି ।" ସମସ୍ତେ ରାଜି ହୋଇଗଲେ । ଆଲୋଚନା ପୁଣି ରାସ୍ତା ଧରିଲା । ଏବେ ମୋର ପ୍ରଶ୍ନ ହେଲା—ତମେ କହୁଚ, ତମ ଏଠି ଠକେଇର ପ୍ରଶ୍ନ ନାହିଁ । ଦର ସବୁଠି ସମାନ । କିନ୍ତୁ ସରକାର ତ ତମଠାରୁ ଦୁଧ ଲିଟର ଏବେ ୬୮ ପେନରେ କିଣୁଛି, ଆଉ ବିକାଳିବେଳେ ତାକୁ ୭୨ ପେନରେ ବିକୁଛି । ଏ ୪ ପେନ ତମେ ସରକାରକୁ କାହିଁକି ଦେଉଛ ? ଆଉ ଏଇ ୪ ପେନ ନେଇ ସରକାର ବା କେତେ ଲାଭ କରୁଛି ? ଏ ପର୍ଯ୍ୟନ୍ତ ନୀରବ ହୋଇ ରହିଥିବା ଚେୟାରମ୍ୟାନ ଏବେ ଉତ୍ତର ଦେଲେ—ଏଠି ଲାଭକ୍ଷତିର ପ୍ରଶ୍ନ ନାହିଁ । ଆମେ ଯେପରି ୪ ପେନ ଏଠି ଦେଉଛୁଁ ଅନ୍ୟାନ୍ୟ ଜିନିଷ କିଣିବାରେ ୪ ପେନରୁ ଅଧିକ ପାଉଛୁଁ । କାରଣ ଦରଦାମ ତ ସବୁଠି ସମାନ । ତା ପରେ ଏଥିରେ ସରକାରଙ୍କର ମଧ୍ୟ ଲାଭ ନାହିଁ । ଲାଭ ହେଲା ଯେ ଆମେ ଯେଉଁ ଦୁଧ ଦେଉଁ ସେଥିରେ ୩.୫ ଫ୍ୟାଟ୍ ଅଂଶ ଥାଏ । ବିକାଳି ବେଳେ ତାହା କମାଇ ୨.୨ ରଖି ବିକାଯାଏ । ତେଣୁ ତାହାର ଅନ୍ୟାନ୍ୟ ଦୁଗ୍ଧ ଜାତୀୟ ଜିନିଷ

ତିଆରି ହୁଏ । ଏଇଥିରୁ ଯାହାକିଛି ଆୟ ହେଉଥିବ । ଏଠାରେ ଠକାଠକିର ପ୍ରଶ୍ନ ନାହିଁ । କିଏ ବା କାହାକୁ ଠକିବ ? କାହାର ସ୍ୱାର୍ଥ ପାଇଁ ?

ସୋଭିଏତ ରୁଷ ଓ ଗଣତାନ୍ତ୍ରିକ ଜର୍ମାନୀ ମଧ୍ୟରେ ସବୁଠୁଁ ଗୋଟାଏ ଫରକ ଆଖିରେ ପଡ଼ିଲା—ରୁଷରେ ଶିଳ୍ପ, ଅନୁଷ୍ଠାନ, କୋଠଗୃହ ଫାର୍ମ—ଯେଉଁଠାକୁ ଯାଅ ଆଗ ସେଠାର ଅଧ୍ୟକ୍ଷ ବା ପ୍ରତିନିଧି ସେଇ ଅନୁଷ୍ଠାନ ବିଷୟରେ ଏକ କ୍ଷୁଦ୍ର ବିବରଣୀ ପ୍ରଦାନ କରିବେ । ବିକାଶର ଇତିହାସ ବର୍ଣ୍ଣନା କରିଦେବେ । ତା ଶୁଣିଲା ପରେ ଆଉ ଅଧିକ ଜାଣିବା ପାଇଁ ତମେ ପ୍ରଶ୍ନ କରିପାର । ପ୍ରଶ୍ନ କରିବାରେ ମଧ୍ୟ ସୁବିଧା ହୁଏ । କିନ୍ତୁ ଗଣତାନ୍ତ୍ରିକ ଜର୍ମାନୀରେ ସେପରି ପ୍ରଥା ନାହିଁ । ତମକୁ ଜେରାକରି ଖୋଳତାଡ଼ି ପ୍ରଶ୍ନ କରି ସବୁ ବାହାର କରିବାକୁ ହେବ । ସୋଭିଏତ୍‌ରେ ଯାହା ଅଳ୍ପ ସମୟ ମଧ୍ୟରେ ହୋଇଯାଏ, ଏଠାରେ ତା ଅଧିକ ସମୟ ନିଏ । ବୋଧହୁଏ ସୋଭିଏତ୍ ଭଳି ବହୁଲୋକଙ୍କୁ ଭେଟିବାରେ ଏମାନେ ଅଭ୍ୟସ୍ତ ହୋଇନାହାନ୍ତି ।

କୋଅପରେଟିଭର ଭବିଷ୍ୟତ ପ୍ରୋଗ୍ରାମ ଜାଣିବାକୁ ଚାହିଁଲି । ସବୁକ୍ଷେତ୍ରରେ ଅଧିକ ଉତ୍ପାଦନ ବୃଦ୍ଧି, ଅଧିକ ଦକ୍ଷତାର ସହିତ କାର୍ଯ୍ୟ, ଅପଚୟ ବନ୍ଦକରିବା ଇତ୍ୟାଦି ଜିନିଷ ଏହା ସାଧାରଣ ବିଷୟ । ଏହାଛଡ଼ା ପୂର୍ବ ଜର୍ମାନୀରେ ଚାରିଆଡ଼େ ସ୍ଲୋଗାନ ହେଲା —ଅଧିକ ଭଲ ଜିନିଷ, ଅଧିକ ଉନ୍ନତ ଉତ୍କୃଷ୍ଟ ଧରଣର ଜିନିଷ ତିଆରି କରିବା । ଜିନିଷର କେବଳ ପରିମାଣ ନୁହେଁ ଗୁଣ ବୃଦ୍ଧି କରିବା । ଏହା ଉପରେ ସେମାନଙ୍କର ଜୋର ।

ସେ ଗୋଟିଏ ଗାଁର କୋଅପରେଟିଭ । ତା ବହୁ ଦିଗରୁ ଆମ କଟକ ସହରଠାରୁ ଉନ୍ନତ । ଆମ କଟକ ମ୍ୟୁନିସିପାଲିଟି ଅଫିସ ତା'ର ଅଫିସଘରର ପାସଙ୍ଗରେ ପଡ଼ିବ ନାହିଁ । ତା'ର ଟ୍ରାକ୍ଟର ଷ୍ଟେସନ କଟକ ମ୍ୟୁନିସିପାଲଟିର ଗାଡ଼ିଖାନାଠାରୁ ଶତଗୁଣ ଉତ୍କୃଷ୍ଟ । ତାର ସାଂସ୍କୃତିକ ଭବନ ଭଳି ଗୃହ ଓ ତା'ର ସାଜସଜ୍ଜା ଭଳି ଆମ କଟକ ସହରରେ ଗୋଟିଏ ହେଲେ ହଲ୍ ନାହିଁ । ତା ଗୁହାଳଠାରୁ ଆରମ୍ଭ କରି ଅଫିସଗୃହ ଯାଏ ସବୁକିଛି ନୂଆ, ନୂଆ ଲୋକ, ନୂଆ ସମାଜ ବ୍ୟବସ୍ଥା—ସବୁଠାରେ ନିର୍ମାଣ ଆଉ ନିର୍ମାଣ—ନୂତନ ଦିଗରେ ଗତି ।

# ସମାଜବାଦର ନିର୍ମାଣରେ

ବେଳ ଆଠଟାରୁ ବଳିଗଲାଣି, ଅନ୍ଧାର ଛାଡ଼ିନାହିଁ, ପୁଣି ଚତୁର୍ଦ୍ଦିଗରେ ଘନ କୁହୁଡ଼ିର ଆବରଣ । କଅଁଳ ସୂର୍ଯ୍ୟର କୋମଳ କିରଣର ସ୍ପର୍ଶ । ଦୂର ଦିଗ୍‌ବଳୟରେ ଆଲୋକ ଅନ୍ଧାରର ଚିରନ୍ତନ ଖେଳା, ଖେଳାଇ ହୋଇ ପଡ଼ୁଛି ବାଲଟିକ୍ ସାଗରର ଚିର ଉଦ୍‌ବେଳିତ ବକ୍ଷରେ । ଊଷାର ଆଗମନରେ ଉଲ୍ଲସିତା ଧରଣୀ ।

ସେଇ ସାଗର କୂଳରେ ଠିଆ ହୋଇଛି ରୋଷ୍ଟକ୍ ସହର, ଠିକ୍ ଆମ ପୁରୀ ସହର ଭଳି । ସୁବିସ୍ତୃତ ତା'ର ବେଳାଭୂମି; ତା ଉପରେ ଲମ୍ବି ଯାଇଛି ବିରାଟ ବିରାଟ ସୌଧର ମାଳା । ଏ ସମସ୍ତେ ଅନାଇଛନ୍ତି ସାଗରର ଉନ୍ମୁକ୍ତ ବକ୍ଷକୁ ମୁକ୍ତ ସମୀରଣର ଉପଭୋଗ ପାଇଁ, ଅନାଇ ରହିଛନ୍ତି ତାଙ୍କର ଜନ୍ମଦିନୁ, ଆଉ ସେଇଥିପାଇଁ ସେମାନଙ୍କର ସୃଷ୍ଟି ।

ସମୁଦ୍ରର ଜନ୍ମଦିନୁ ଲାଗି ରହିଛି ତା'ର ସମୀରଣ । ଅଯାଚିତ ତା'ର ଦାନ । ତା ପାଖରେ ସାନ ବଡ଼, ଉଚ୍ଚ ନୀଚ ଓ ଧନୀ ନିର୍ଦ୍ଧନର ପ୍ରଶ୍ନ ନାହିଁ, ସମସ୍ତେ ସମାନ । ସବୁ ଭେଦାଭେଦ ଏଇ ମଣିଷର ସୃଷ୍ଟି; ନିଜର ସ୍ୱାର୍ଥ ଭାଙ୍ଗିଛି ପ୍ରକୃତିର ସାମ୍ୟକୁ । ଏପରିକି ଏ ପବନ ଭୋଗରେ ବି ସମସ୍ତଙ୍କର ଅଧିକାର ନାହିଁ । କେତେ ଜଣଙ୍କ ଭାଗ୍ୟରେ ଏହା ଜୁଟେ ! ଆମ ଦେଶର କେତେଜଣ ସମୁଦ୍ରର ହାଓ୍ୱା ଖାଇପାରନ୍ତି ? ଅତି ପାଖରେ ଥାଇ ବି ତା ଉପଭୋଗ କରିହୁଏ ନାହିଁ । ଅଥଚ ଶହଶହ ଟଙ୍କା ଖରଚ କରି ସେମାନେ

ଆସନ୍ତି ସେ ହାଓ୍ୱା ଖାଇବାଲାଗି । ସେଥିଲାଗି ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ଘର ତୋଳାନ୍ତି । ସେଇ ମାଡରେ ଏ ଘରଗୁଡ଼ାକ ତିଆରି ।

କିନ୍ତୁ ଇତିମଧ୍ୟରେ ଦେଶର ହାଓ୍ୱା ବଦଳିଗଲାଣି । ତାହା ସହିତ ବଦଳି ଯାଇଛନ୍ତି ହାଓ୍ୱାଖାଇବା ଲୋକେ । ତାହା ପୂର୍ବପରି ସାମାନ୍ୟ କେତେଜଣ ଧନକୁବେର ଜମିମାଲିକ ଯୁଙ୍କରଙ୍କର ଏକ-ଚ୍ଛଟି ଅଧିକାର ହୋଇ ନାହିଁ । ତାହା ଆଜି ସର୍ବସାଧାରଣଙ୍କର । ଯେଉଁମାନେ ଚୂନ ବାଲି ଗୋଡ଼ି ସିମେଣ୍ଟକୁ ଏକାଠି କରି ଏ ଅଟ୍ଟାଳିକା ଠିଆ କରିଥିଲେ, ଆଜି ତାହା ସେଇମାନଙ୍କ ଆୟତ୍ତାଧୀନ । ସେଗୁ ସର୍ବସାଧାରଣ ସେବା ପାଇଁ ନିୟୋଜିତ ।

ଏହା ଜଣାଇଦେଉଛି ପ୍ରକୃତିର ସାମ୍ୟ ଆଗରେ ମଣିଷ-ସୃଷ୍ଟ ଅସମତା ବହୁଦିନ ତିଷ୍ଠି ପାରେ ନାହିଁ । ଆଉ ପ୍ରକୃତିକୁ ସମାନଭାବେ ଉପଭୋଗ କରିବାକୁ ହେଲେ ମଣିଷ ସମାଜର ନିଜର ସମତା ଆଗ ଦରକାର । ତାହାହିଁ ହୋଇଛି ସେଠାର ରୋଷ୍ଟକ୍ ଆଉ ଆମର ପୁରୀ ଭିତରେ ପାର୍ଥକ୍ୟ, ଏବଂ ଏଇ ପ୍ରାସାଦ ଭିତରେ ମୋର ପ୍ରବେଶ । ମୋ'ପରି ସାଧାରଣ ଲୋକେ ସମସ୍ତେ ସମାନ ସୁଯୋଗର ଅଧିକାରୀ । ୨୫ ବର୍ଷ ତଳେ ଯାହା ସ୍ୱପ୍ନର ବାହାରେ, ଆଜି ତାହା ବାସ୍ତବତାରେ ପରିଣତ ।

ଏଇ ଘରଟା ଥିଲା ଏକ ପ୍ରମୋଦ ପ୍ରାସାଦ । ଖୁବ୍ ବଡ଼ ନ ହେଲେ ବି ଏକ ଜନମାହାଲର ବହୁପ୍ରକୋଷ୍ଠ ବିଶିଷ୍ଟ ଏ ଘର । ଖୁବ ଉନ୍ନତ ଧରଣର ସାଜସଜ୍ଜା । ପୂର୍ବତନ ଜର୍ମାନୀର ଜଣେ ବଡ଼ ଧନକୁବେର ହାଇଁଙ୍କେଲ ଥିଲେ ଏହାର ମାଲିକ । ସେ ହିଟଲରଙ୍କ ଜଣେ ପରମ ବନ୍ଧୁ ଓ ସମର୍ଥକ । ମରଣର ଉପାୟ ଉପାଦାନ ଗଠନ କରିବା ଥିଲା ତାଙ୍କର କାମ । ସେ ମୁଖ୍ୟତଃ

...ବାସ୍ପ ବିମାନ ତିଆରି କରୁଥିଲେ । ତାଙ୍କ କାରଖାନା ତିଆରି ବିମାନଗୁଡ଼ିକ ଯେ କେତେ ମୃତ୍ୟୁର କାରଣ ହୋଇଛି, କେତେ ଗାଁ ଗଣ୍ଡା ପୁର ପଲ୍ଲୀ ଧ୍ୱଂସରେ ସାହାଯ୍ୟ କରିଛି, ତା'ର ହିସାବ କିଏ ବା ଦେଇପାରେ ? ମୃତ୍ୟୁର ପ୍ରସାର ଦ୍ୱାରା ମୁନାଫାର ହାସଲ ଥିଲା ତାଙ୍କ ଜୀବନର ଲକ୍ଷ୍ୟ । ଯେତେବେଳେ ଲାଲସେନା-ବାହିନୀ ମାଡ଼ି ଆସିଲା ସେ ଜୀବନ ନେଇ ପଳାଇଲେ ଅପର ପକ୍ଷକୁ । ଗଣତାନ୍ତ୍ରିକ ଜର୍ମାନୀ ତାଙ୍କୁ ଜଣେ ଯୁଦ୍ଧ ଅପରାଧୀ ବୋଲି ଘୋଷଣା କଲା; କିନ୍ତୁ ତାଙ୍କୁ ଆଶ୍ରୟ ପ୍ରଦାନ କଲା ପଶ୍ଚିମ ଜର୍ମାନୀ । ପୂର୍ବ ବା ଗଣତାନ୍ତ୍ରିକ ଜର୍ମାନୀରେ ଥିବା ତାଙ୍କର ସମସ୍ତ ସମ୍ପତ୍ତି-ବାଡ଼ି, କଳ କାରଖାନା ଆଦି ବାଜ୍ୟାପ୍ତ ହେଲା । ତାଙ୍କୁ ପୁନର୍ବାର ସେଇପରି ଗତିରେ ଅଭିବୃଦ୍ଧିର ସକଳ ସୁଯୋଗ ଯୋଗାଇ-ଦେଲା ପଶ୍ଚିମ ଜର୍ମାନୀ । ଏଇ ବାଲଟିକ୍ ସାଗର ତଟର ପ୍ରତ୍ୟେକଟି ପ୍ରାସାଦ ପଛରେ ରହିଛି ଏଇଭଳି ଏକ ଇତିହାସ ।

ସମସ୍ତଙ୍କ ଦୃଷ୍ଟି ସାଧାରଣତଃ ବଡ଼ ବଡ଼ଙ୍କ ଉପରେ ପଡ଼େ ; ସାନ ଆଖିରେ ପଡ଼ନ୍ତି ନାହିଁ । ବଡ଼ କାରଖାନା ତ ଦେଖାହେବ, କିନ୍ତୁ କ୍ଷୁଦ୍ର କାରଖାନା ତ ଦେଖିବା ଦରକାର । ତାହାହେଲେ ଧରିହେବ ଦୁଇ ଅନୁଷ୍ଠାନ ମଧ୍ୟରେ ଫରକଟା । ଜର୍ମାନୀର ସବୁ କାରଖାନା ଯେ ଜାତୀୟକରଣ ହୋଇଛି ବା ରାଷ୍ଟ୍ରାୟତ୍ତ, ତାହା ନୁହେଁ । ଅନେକ କୋଅପରେଟିଭରେ ଚାଲୁଛି । ଅନେକପ୍ରକାର ସ୍ତେଟ ବଡ଼ କୋଅପରେଟିଭମାନ ଅଛନ୍ତି । ସରକାର କୋଅପରେଟିଭ ଜରିଆରେ ଲୋକଙ୍କୁ ଏକଜୁଟ କରି ତା'ର ବିକାଶ ଘଟାଇ ଶେଷରେ ତାକୁ ଲୋକଙ୍କ ସମ୍ପତ୍ତିରେ ପରିଣତ କରିବାକୁ ଚାହାନ୍ତି । ଏଇପରି ପଦକ୍ଷେପରେ ତାହା ସମାଜବାଦ ଦିଗକୁ ଗତିକରେ । ଆମର ଏଠାରେ କୋଅପରେଟିଭ କ୍ଷେତ୍ରରେ ଅଜସ୍ର ଅର୍ଥ ଢଳାଯାଉଛି ।

ହେଲେମଧ୍ୟ ତାହା, ଉନ୍ନତ କରିବା ତ ଦୂରର କଥା, ମୂଳରୁ ଉଧଉ ନାହିଁ । ଯିଏ ଥରେ କୋଅପରେଟିଭ ଭିତରେ ପଶିଲା ସେଠୁ ତା'ର ଉଦ୍ଧାର ନାହିଁ । ଖାଲେଇ ଭିତର ମାଛଭଳି ସାରାଜୀବନ ଛଟର-ପଟର ହେଉଥିବ । ତେଣୁ ଦିନେ ବାହାରିଲି ସେଠାର ଏକ କ୍ଷୁଦ୍ର କୋଅପରେଟିଭ ଦେଖିବାକୁ ।

ଆମର ଏକ ହାଇସ୍କୁଲ ଭଳି ତୋମହଲା ଘର । ସେଠାରେ ମାତ୍ର ୭୦ ଜଣ କାରିଗର କାମ କରନ୍ତି । ଏମାନଙ୍କ କାମ ହେଲା ସୋଫା ସେଟ୍ ବା ସେଇପରି ଗଦିଲଗା ଚୌକି ଆଦି ତିଆରି କରିବା । ପ୍ରଥମେ ଏମାନେ କୋଅପରେଟିଭ ଆରମ୍ଭ କରିଥିଲେ ୧୯୫୬ ସାଲରେ । ସେତେବେଳେ ତା'ର ସଭ୍ୟ ଥିଲେ ମାତ୍ର ୭ଜଣ । ଏଥିପୂର୍ବରୁ ଏମାନେ ପ୍ରତ୍ୟେକେ ବ୍ୟକ୍ତିଗତଭାବେ କାମ କରୁଥିଲେ । ଏବେ ଏକାଠି ମିଶିଯିବା ଫଳରେ ସେମାନଙ୍କର ଉତ୍ପାଦନ-ଶୀଳତା ୩୫ ଭାଗ ବଢ଼ିଯାଇଛି । କୋଅପରେଟିଭ ନିଜର ଏକ ଯୋଜନା ନେଇ କାର୍ଯ୍ୟ କରୁଛି ଏବଂ ଉକ୍ତ ଯୋଜନା ସମଗ୍ର ଦେଶର ଅର୍ଥନୈତିକ ଯୋଜନା ସହିତ ସଂଶ୍ଳିଷ୍ଟ—ତା'ର ଏକ ଅଂଶବିଶେଷ ।

ପ୍ରଥମେ ଏ କାରିଗରମାନେ ଥିଲେ ଅତି ଦରିଦ୍ର । କୋଅପରେଟିଭ ଗଢ଼ିବାପାଇଁ ତାଙ୍କର ସମ୍ବଳ ମୂଳଧନ ବି ନାହିଁ । ସରକାର ପ୍ରତ୍ୟେକଙ୍କୁ ଶହେ ମାର୍କ କରି ମୂଳଧନ ଅଂଶ ବାବଦରେ ଯୋଗାଇଦେଲେ ଏବଂ ତା ପରିଶୋଧ ଲାଗି ମାସିକ ତାଙ୍କ ମଜୁରିରୁ ଶତକଡ଼ା ୩ କାଟିନେଲେ । ଏହାଛଡ଼ା ଆଉ ୪୦ ହଜାର ମାର୍କ ଋଣ ଯୋଗାଇଦେଲେ ଶତକଡ଼ା ୨ ସୁଧରେ । ପ୍ରଥମ ଦୁଇବର୍ଷ ଲାଗି କୋଅପରେଟିଭକୁ ସମସ୍ତ ପ୍ରକାର ଟିକସରୁ ମୁକ୍ତି ଦିଆହେଲା । ଏବେ ଅବଶ୍ୟ ଟିକସ ଦେବାକୁ ପଡ଼ୁଲାଣି ।

ଏଠାରେ ମାତ୍ର ଦୁଇଟା ଟିକସ ଦେବାକୁ ହୁଏ । ଗୋଟାଏ ବ୍ୟବସାୟ ଟିକସ, ଅନ୍ୟଟି ହେଲ Turnover tax— ଉତ୍ପାଦନ ବୃଦ୍ଧି ଅନୁଯାୟୀ ଏହା ପଡ଼େ । ୩୦ ହଜାରର ବ୍ୟବସାୟ ଯାଏ ଶତକଡ଼ା ୪ ଭାଗ । ଆଉ ଦଶଲକ୍ଷ ହେଲେ ଶତକଡ଼ା ୮ ଦେବାକୁ ହୋଇଥାଏ । ବର୍ତ୍ତମାନ କୋଅପରେଟିଭର ନିଜର ଘର ଓ ମୂଳଧନ ହୋଇଗଲାଣି । ୧୯୫୬ ରେ ହାରାହାରି ମାସିକ ମଜୁରି ଥିଲା ୫୫୦ ମାର୍କ । ଏବେ ତାହା ୭୦୦ରୁ ୮୦୦ ମାର୍କକୁ ବୃଦ୍ଧି ପାଇଛି । ତା ଛଡ଼ା ଡିଭିଡେଣ୍ଡ ବା ଲାଭ ରହିଛି । ତା ବର୍ଷକୁ ପ୍ରତି ସଭ୍ୟ ପିଛା ୧୦୦୦ ମାର୍କ ପଡ଼ୁଛି । ଏହାଛଡ଼ା ଆଉ କେତେକ ସୁବିଧା ମଧ୍ୟ କୋଅପରେଟିଭ ଯୋଗାଇଦିଏ । ଶିକ୍ଷା, ଯେଉଁଥିରେ ସେମାନେ ଉଚ୍ଚ ବା ସେହିପରି ଶିକ୍ଷା ଲାଭ କରିପାରିବେ, ଡିପ୍ଲୋମା ବା ଡିଗ୍ରୀ ହାସଲ କରିପାରିବେ । ତା ପରେ ସାଂସ୍କୃତିକ ଓ ସାମାଜିକ କ୍ଷେତ୍ରରେ ଅନ୍ୟାନ୍ୟ ସାହାଯ୍ୟ ସୁଯୋଗ ମଧ୍ୟ ରହିଛି ।

କୋଅପରେଟିଭର ସମସ୍ତ ଖର୍ଚ୍ଚ ଯାଇ ଯାହା ନେଟ୍ ଲାଭ ହୁଏ ସେଥିରୁ ଶତକଡ଼ା ୨୦ ଯାଏ ରିଜର୍ଭ ପାଣ୍ଠିକୁ । ୨୫ ଭାଗ ଉନ୍ନୟନ ବା ଇମ୍ପ୍ରୁଭମେଣ୍ଟ ଲାଗି । ୫ ଭାଗ ଲେଖାଏଁ ସାଂସ୍କୃତିକ ଓ ସାମାଜିକ କାର୍ଯ୍ୟପାଇଁ । ଆଉ ୪୦ ଭାଗ ଖର୍ଚ୍ଚ ହୁଏ ଡିଭିଡେଣ୍ଟରେ । ଅବଶିଷ୍ଟ ୫ ଭାଗ ଶିକ୍ଷା ଆଦି ଦିଗରେ ଖର୍ଚ୍ଚ ହୋଇଯାଏ ।

କୋଅପରେଟିଭର ସାଧାରଣ ଅଧିବେଶନ ହେଲା ସର୍ବୋଚ୍ଚ ସଂସ୍ଥା । ତା କାର୍ଯ୍ୟକାରୀ କମିଟି ବାଛେ । ଏହା ପ୍ରତିବର୍ଷ ବସୁଯାଏ । ତେବେ ସେମାନଙ୍କର ଅଧିକା ଜିନିଷଟି ହେଉଛି କଣ୍ଟ୍ରୋଲ କମିଶନ ଯାହା କି ଆମର କୋଅପରେଟିଭ ସଂସ୍ଥାରେ ଏଠି ନାହିଁ ।

*

ତା: ଭିତରେ ସବୁ ଦଳ, ସବୁ ମତବାଦର ଲୋକ ରହିଛନ୍ତି । ସମସ୍ତ କୋଅପରେଟିଭରେ ୩ଜଣ ମାତ୍ର କମ୍ୟୁନିଷ୍ଟ ବା ସୋସିଆଲିଷ୍ଟ ୟୁନିଟି ପାର୍ଟିର ଲୋକ । ଏପରିକି ଚେୟାରମ୍ୟାନ ମଧ୍ୟ ଅନ୍ୟ ପାର୍ଟିର ।

ସେଠି ସବୁ କାମ ପାଇଁ କୋଅପରେଟିଭ । ଲୁଗା ସଫା, କେଶ ପ୍ରସାଧାନ, ରାଜମିସ୍ତ୍ରୀ, ପାଉଁରୁଟି ସେକାଲି, ସାଇନବୋର୍ଡ ଲେଖାଳି—ଏ ସବୁ ଛୋଟ ଛୋଟ ବୃତ୍ତି ଓ ଧନ୍ଦାର ଲୋକେ ସମସ୍ତେ ପ୍ରାୟ କୋଅପରେଟିଭଭୁକ୍ତ । ତଦ୍ଵାରା ଦେଶର ଉତ୍ପାଦନ କେବଳ ବୃଦ୍ଧି ପାଉନାହିଁ; ସେମାନେ ନିଜେ ମଧ୍ୟ ଅଧିକ ଉପକୃତ ହେଉଛନ୍ତି । ସେମାନଙ୍କ ଆୟ ଓ କାର୍ଯ୍ୟଦକ୍ଷତା ବୃଦ୍ଧି ପାଉଛି । ସେଠି ଶୋଷଣର ଅବସାନ ପରେ ଧୀରେ ଧୀରେ ସବୁ ସମ୍ପତ୍ତି ଲୋକସାଧାରଣଙ୍କ ସମ୍ପତ୍ତିରେ ପରିଣତ ହେଉଛି । କୋଅପରେଟିଭ ଭିତରେ ବ୍ୟକ୍ତିଗତ ସମ୍ପତ୍ତିର ସତ୍ତ୍ୱ ରହିଛି ସତ; କିନ୍ତୁ ତାହା ସର୍ବସାଧାରଣ ସମ୍ପତ୍ତିର ରୂପ ଗ୍ରହଣ କରୁଛି । ରାଷ୍ଟ୍ର ଓ ନେତୃତ୍ୱ ଶ୍ରମିକ ଶ୍ରେଣୀଙ୍କ ହାତରେ ଥିବାଯୋଗୁ ତାହା ସର୍ବଶେଷରେ ସମାଜବାଦ ସମ୍ପତ୍ତିରେ ପରିଣତ ହେବ । ଆମର କୋଅପରେଟିଭ ଆନ୍ଦୋଳନ ସହିତ ଉକ୍ତ କୋଅପରେଟିଭର ଏହା ହେଲା ମୌଳିକ ଫରକ ।

ଜର୍ମାନୀର ଅଧିକାଂଶ କଳକାରଖାନା ହେଲା କୋଅପରେଟିଭ ଅନ୍ତର୍ଭୁକ୍ତ । ବଡ଼ବଡ଼ ଦୋକାନ ଓ ଷ୍ଟୋର ଇତ୍ୟାଦି ମଧ୍ୟ କୋଅପରେଟିଭ । ତାହା ସବୁ ସେଇ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନେଇ ପରିଚାଳିତ ।

ଜାଣିବାକୁ ଚେଷ୍ଟା କଲି, ଜର୍ମାନୀରେ ବ୍ୟକ୍ତିଗତ ମାଲିକ ଅଛନ୍ତି କି ନାହିଁ । ଆଜି ସେମାନଙ୍କର ରୂପ କଣ ? ଯେଉଁମାନେ

କୋଅପରେଟିଭ ବାହାରେ ରହିଗଲେ ସେମାନେ ତ ନିଶ୍ଚୟ ଶ୍ରମିକ ଲେଖାରେ କାମ କରୁଥିବେ । ସେମାନେ କାହିଁକି କୋଅପରେଟିଭ ଭିତରକୁ ଆସୁନାହାନ୍ତି ?

କୋଅପରେଟିଭ ସେକ୍ରେଟାରୀ ତାଙ୍କ କାରଖାନା ବୁଲାଇ ଦେଖାଉଥାନ୍ତି । ସେତେବେଳକୁ ଛୁଟି ହୋଇଗଲାଣି । କାମ ସାରି ନ ଥିବା ଦୁଇ ଚାରି ଜଣ ଲୋକ କେବଳ ରହିଯାଇଛନ୍ତି । ଅଧିକାଂଶ କାର୍ଯ୍ୟ ମେସିନ ଦ୍ୱାରା କରାଯାଉଛି । କେତେବେଳେ ହେଲେ ଅର୍ଡରର ଅଭାବ ନାହିଁ ।

ସେକ୍ରେଟାରୀ ଟିକିଏ ମୋ ଆଡ଼କୁ ଝୁଙ୍କିକରି କହିଲେ, "ହଁ, ବ୍ୟକ୍ତିଗତ ମାଲିକ ଅଛନ୍ତି । ସେମାନଙ୍କ ସଂଖ୍ୟା କିନ୍ତୁ ଅତି ଅଳ୍ପ । ନିୟମ ଅନୁସାରେ ସେମାନେ ଦଶଜଣରୁ ଅଧିକ ଲୋକଙ୍କୁ ନିଯୁକ୍ତ କରିପାରିବେ ନାହିଁ । ଯେଉଁମାନେ ଏହି ମାଲିକଙ୍କ ଅଧୀନରେ କାମ କରିବେ, ସେମାନଙ୍କୁ ନିୟମ ଅନୁଯାୟୀ ନିର୍ଦ୍ଦିଷ୍ଟ ମଜୁରୀ ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଦେବାକୁ ପଡ଼ିବ । ସେ ସବୁ ଶ୍ରମିକମାନେ ବି ଟ୍ରେଡ୍ ୟୁନିୟନଭୁକ୍ତ । ଅନ୍ୟ ଦିଗରେ ମାଲିକଙ୍କୁ ମଧ୍ୟ ଟର୍ନ ଓଭର ଟିକସ ଦେବାକୁ ପଡ଼ିବ; ତେଣୁ ସେମାନେ ଯେ ବିଶେଷ ଲାଭବାନ ହୋଇପିବେ ତା ନୁହେଁ ।

ପ୍ରଶ୍ନ ହେଉଛି, ଲୋକେ ବ୍ୟକ୍ତିବିଶେଷ ମାଲିକଙ୍କ ପାଖରେ କାମ କରନ୍ତି କାହିଁକି ? ସମସ୍ତେ କାହିଁକି କୋଅପରେଟିଭ ଭିତରକୁ ଆସିନାହାନ୍ତି ? ବନ୍ଧୁ ଜଣକ କହିଲେ, "ଦେଖନ୍ତୁ, ସବୁପାଇଁ ସମୟ ଦରକାର । ତା ପରେ ଏହି ଶ୍ରେଷ୍ଠ ମାଲିକଙ୍କ ପୂର୍ବରୁ ପ୍ରଭାବ ରହିଆସିଛି । ସେମାନେ ବହୁଦିନ ଧରି ଏକାଠି ଚଳିଆସିଛନ୍ତି । ଗୋଟାଏ ପରମ୍ପରା ପଡ଼ିଯାଇଛି । ଅନେକ ଶ୍ରମିକ ମାଲିକଙ୍କର ଜ୍ଞାତି ବା ବନ୍ଧୁବାନ୍ଧବ; ତେଣୁ ତାହା ଧୀରେ ଧୀରେ ଭାଙ୍ଗିବାରେ

ଲାଗିଛି । କାରଣ ମାଲିକ ଓ ଶ୍ରମିକ ଉଭୟ ଦେଖୁଛନ୍ତି, ସେମାନେ କୋଅପରେଟିଭ ଦ୍ୱାରା ଅଧିକ ଲାଭବାନ ଓ ଉପକୃତ ହେବେ । ଆମର ଏଠି ଜୋର ଜବରଦସ୍ତିର ପ୍ରଶ୍ନ ନାହିଁ । ଯେତେବେଳେ ସେମାନଙ୍କର ହୃଦ୍‌ବୋଧ ହେବ ସେମାନେ ଆସିବେ । ସେମାନେ ନିଜେ ନ ଚାହିଁବା ପର୍ଯ୍ୟନ୍ତ କେହି ତାଙ୍କୁ ବାଧ୍ୟ କରିବ ନାହିଁ । ସମାଜବାଦ ବନ୍ଧୁକ ଦ୍ୱାରା ଆସେ ନାହିଁ । ସର୍ବୋଚ୍ଚ ଚେତନାର ପରିଣତି ସମାଜବାଦ ।

...ଚାଲନ୍ତୁ ଗୋଟାଏ ନୂଆ ଜାଗାକୁ । କେବଳ ଆପଣଙ୍କ ପାଇଁ ନୂଆ ନୁହେଁ, ମୋ ପାଇଁ ବି । ଆମ ଦେଶପାଇଁ ବି ନୂଆ—ମୋର ଦୋଭାଷୀ ସ୍ନେପ୍ଟୀଆର ପ୍ରସ୍ତାବ କଲେ ।

ଏ ପ୍ରସ୍ତାବ ଶୁଣି ମୋର ବି ମନ ହେଲା ଦେଖିବାପାଇଁ । ପ୍ରାୟ ଘଣ୍ଟାକ ପରେ ପହଞ୍ଚିଗଲୁଁ ଏକ ବିରାଟ କାରଖାନାର ମୁହଁରେ । ଏକ ବିସ୍ତୃତ ଅଞ୍ଚଳ ଧରି ଗୁନ୍ଥାଇ ଗୁନ୍ଥାଇ ହୋଇ ମୋଟା ମୋଟା ପାଇପର ଧାଡ଼ି, ଉପରେ ତଳେ ଚାରିଆଡ଼େ ଛୁଟିଛି— ଆଜି ମଧ୍ୟ ଲମ୍ବି ଯାଇଛି ପୂର୍ବଦିଗକୁ । ମିଶିଯାଉଛି କେଉଁ ଦିଗ୍‌ବଳୟ ଭିତରେ । ବିରାଟ ବିରାଟ କୋଠାଗୁଡ଼ିକ ଛିଡ଼ା ହୋଇ-ଛନ୍ତି । ନିର୍ମାଣ କାର୍ଯ୍ୟରେ ଟିକେହେଲେ ବିରାମ ନାହିଁ । ଏଇ ହେଲା ସୁଏଟ (Schwedt), ପୋଲାଣ୍ଡର ସୀମା ନିକଟରେ ଅବସ୍ଥିତ । ଜର୍ମାନୀର ତୈଳଶୋଧନ କାରଖାନା ।

ଅଳ୍ପଦିନ ତଳେ ଏ ସ୍ଥାନ ଥିଲା ଜଙ୍ଗଲପୂର୍ଣ୍ଣ । କାରଖାନା ପାଖରୁ କଟ୍ଟିଯାଇଥିବା ଗଛଗୁଡ଼ିକ ଏବେ ବି ସେମିତି ଠିଆ

ହୋଇଛନ୍ତି ପୂର୍ବର ସ୍ମୃତି ବହନ କରି । ୧୯୫୮ରୁ ଆରମ୍ଭ ହେଲା ଏହାର ନିର୍ମାଣ ଏବଂ ୧୯୬୪ରେ ଆରମ୍ଭ ହେଲା ଏହାର ପ୍ରଥମ ଉତ୍ପାଦନ । ଏଠାରେ ୪୫୦୦ ଶ୍ରମିକ କାମ କରନ୍ତି । [illegible] ଭାଗ ହେଉଛନ୍ତି ସ୍ତ୍ରୀଲୋକ । ଏ ସମସ୍ତଙ୍କୁ ନେଇ ଏକ ନୂତନ ସହର ଗଢ଼ି ଉଠିଛି ।

କଥାବାର୍ତ୍ତା ଭିତରେ ଆମେ ଅଫିସରେ ପହଞ୍ଚିଗଲୁଣି । ମୋ ସାମ୍ନାରେ ୩ ଜଣ ପ୍ରତିନିଧି । ଜଣେ ମ୍ୟାନେଜମେଣ୍ଟ ପକ୍ଷରୁ, ଜଣେ ଶ୍ରମିକ, ଆଉ ଜଣେ ସୋସିଆଲିଷ୍ଟ ୟୁନିଟି ପକ୍ଷରୁ ବସିଛନ୍ତି । ପ୍ରାରମ୍ଭିକ ସମ୍ଭାଷଣ ପରେ ଆରମ୍ଭ ହେଲା ଆମର ଆଲୋଚନା । ମୁଁ ଇଞ୍ଜିନିୟର ନୁହେଁ ଯେ ଟେକନିକାଲ ବିଷୟ ନେଇ ପ୍ରଶ୍ନ କରିବି । ମୋର ପ୍ରଧାନ ଜ୍ଞାତବ୍ୟ ବିଷୟ ହେଲା ସେଠା ସାଧାରଣ ବ୍ୟବସ୍ଥା । ବିଶେଷ କରି ଶ୍ରମିକ ବ୍ୟବସ୍ଥା ଓ ତାଙ୍କର ଦୈନନ୍ଦିନ ଜୀବନର କାହାଣୀ ।

ଏହି ତୈଳଶୋଧନ ଶିଳ୍ପ ରୁଷର ସହାୟତାରେ ଗଠିତ । ବର୍ତ୍ତମାନ ଆଧୁନିକ ଶିଳ୍ପ ଓ ସଭ୍ୟତା ଲାଗି ଆବଶ୍ୟକ ଅତି ମୌଳିକ ଖନିଜ—କୋଇଲା, ଲୁହା ଓ ତେଲ; ତା ପୂର୍ବ ଜର୍ମାନୀରେ ନାହିଁ, ତାହା ରହିଛି ପଶ୍ଚିମ ଜର୍ମାନୀରେ । ନିଜ ଗୋଡ଼ରେ ଛିଡ଼ା ହେବାକୁ ହେଲେ ତେଲ ଦରକାର । ମଣିଷ ଦେହର ରକ୍ତ ଭଳି ଆଧୁନିକ ଜଗତର ରକ୍ତ ସିଏ । କୋଇଲା ପରିବର୍ତ୍ତେ ଲିଗ୍ନାଇଟ୍ ପୂର୍ବ ଜର୍ମାନୀରେ ଅବଶ୍ୟ ରହିଛି । କୋଇଲାରୁ ପେଟ୍ରୋଲ ବାହାର କରିବା ବ୍ୟୟସାପେକ୍ଷ । ସେଥିଲାଗି ୧୫ଗୁଣ ଅଧିକ ପୁଞ୍ଜି ଓ ୨୩ ଗୁଣ ଅଧିକ ଲୋକଶକ୍ତି ଦରକାର । ତା ପରେ, ଲିଗ୍ ନାଇଟ୍ ରୁ ମଧ୍ୟ ବେଶୀ ପେଟ୍ରୋଲ ବାହାରେ ନାହିଁ । ହଜାରେ ଟନ୍ କଞ୍ଚା ଲିଗ୍ ନାଇଟ୍‌ରୁ ଖୁବ୍ ହେଲେ ମାତ୍ର ୧୧ ଟନ

ପେଟ୍ରୋଲ୍ ଓ ୭୩ ଟନ ଡିଜେଲ ବାହାରିପାରେ । ଅଥଚ ସେହି ପରିମାଣ ପେଟ୍ରୋଲିୟମ ବା କଞ୍ଚା ପେଟ୍ରୋଲରୁ ୨୦୦ ଟନ ପେଟ୍ରୋଲ ଓ ୨୧୦ ଟନ ଡିଜେଲ୍ ମିଳିପାରିବ । ବର୍ତ୍ତମାନ ଏଠାରେ ୪୦୦ ଟନ ପେଟ୍ରୋଲ ଶୋଧନ ହୋଇ ବାହାରୁଛି । ଏତିକି ପେଟ୍ରୋଲ ପାଇବାପାଇଁ ଛଅକୋଟି ଟନ କଞ୍ଚା ଲିଗ୍‌ନାଇଟ୍ ଦରକାର ପଡ଼ୁଥାନ୍ତା । ଏ କାରଖାନା ପୂରା ହୋଇଗଲେ ଏଥିରୁ ବର୍ଷକୁ ଏକକୋଟି ଟନ ପେଟ୍ରୋଲ ବାହାରିପାରିବ ।

ଏ କାରଖାନାର ବୟସ ଯେପରି ଅଳ୍ପ, ଏହାକୁ ଚଳାଉଥିବା ଶ୍ରମିକମାନଙ୍କ ବୟସ ସେହିପରି କମ୍ । ପ୍ରାୟ ଅଧିକାଂଶଙ୍କ ବୟସ ୧୯ରୁ ୨୭ ବର୍ଷ ମଧ୍ୟରେ; କିନ୍ତୁ ସେମାନେ ଅତି ଆଧୁନିକ ଜଟିଳ କାରିଗରି ବିଦ୍ୟାକୁ ଆୟତ୍ତ କରିପାରିଛନ୍ତି । ତେଣୁ ପୁରୁଣା କାରଖାନାର ୧୫ ଜଣ ଶ୍ରମିକଙ୍କ ଉତ୍ପାଦନ ସହିତ ଏଠାର ଜଣକର ଉତ୍ପାଦନ ସମାନ । ଆଗେ ଜଣେ ଶ୍ରମିକକୁ ଯେଉଁ ଶାରୀରିକ ଶ୍ରମ କରିବାକୁ ପଡ଼ୁଥିଲା ଏବେ ୧୫ ଜଣ ଶ୍ରମିକ ମିଶିକରି ବି ସେତେ ଶାରୀରିକ ଶ୍ରମ କରୁ ନାହାନ୍ତି । କାରଣ ଅତି ଉଚ୍ଚ ଧରଣର ସ୍ୱୟଂଚାଳିତ ଯନ୍ତ୍ରପାତି ନେଇ ଏହା ନିର୍ମିତ ଏବଂ ନିର୍ମିତ ହୋଇଛି ସୋଭିଏତ୍‌ର ସହଯୋଗରେ । ପୂର୍ବ ଜର୍ମାନୀର ତୈଳଶିଳ୍ପ ଗଠନରେ ଅଭିଜ୍ଞତା ନ ଥିଲା । ସୋଭିଏତ କେବଳ କଞ୍ଚାମାଲ ଯୋଗାଇନାହିଁ; ସେଥିସହିତ ଇଞ୍ଜିନିୟରିଂ ଜ୍ଞାନ, ନକ୍ସା ଆଦି ଯୋଗାଇଦେଇଛି । ପ୍ରଥମେ ଆସିଛି ଟ୍ରକ ପରେ ଟ୍ରକ ବୋଝାଇ ଏହି ଡିଜାଇନ୍‌ର ନକ୍ସା ଆଦି; ତା'ପରେ ମାଲଗାଡ଼ିରେ ବୁହା ହୋଇଛି ଯନ୍ତ୍ରପାତି, ଯାହା ଜର୍ମାନୀରେ ତିଆରି ହୁଏ ନାହିଁ । ଶେଷରେ ଲାଗିଛି ପାଇପ୍ ଲାଇନ୍, ସୁଏଟ୍ (Schwedt) ଠାରୁ ରୁଷର କୁଇବ୍‌ସେଫ ଯାଏ । ଦୀର୍ଘ ୩୭୦୦ କିଲୋମିଟର ଲମ୍ବର ପାଇପ୍ । ଏହା ଭିତର ଦେଇ

ପ୍ରତି ଘଣ୍ଟାରେ ୨୬୦ ଟନ କଞ୍ଚା ପେଟ୍ରୋଲର ଅବିଶ୍ରାନ୍ତ ସ୍ରୋତ ଛୁଟୁଛି । କୂପମୂଳରୁ ଏଇ ଦୀର୍ଘ ପଥ ଅତିକ୍ରମ କରି ଆସିବାକୁ ୨୫ ଦିନ ଲାଗିଯାଏ । ବର୍ତ୍ତମାନ ଏଇଠୁ ଜର୍ମାନୀର ଅନ୍ୟ [illegible]ଡ଼କୁ ପାଇପ୍ ଯୋଗାଇଦିଆଯାଇପାରିବ ।

କିଛି ସମୟ ପରେ ଅନ୍ୟମାନେ ଚାଲିଗଲେ ; ରହିଗଲେ ଟ୍ରେଡ୍ ୟୁନିୟନର ସଭ୍ୟମାନେ । ମୋର ଅନ୍ୟ ମୁଖ୍ୟ ଆଲୋଚ୍ୟ ବିଷୟ ହେଲା ଶ୍ରମିକ ଜୀବନ ନେଇ । ସେଠାରେ ସର୍ବନିମ୍ନ ମଜୁରୀ ହେଉଛି ୩୨୦ ମାର୍କ ଓ ସର୍ବୋଚ୍ଚ ହେଲା ୩୦୦୦ । ପ୍ରାୟ ଦଶଗୁଣ ଫରକ । ତେବେ କେହି ସର୍ବନିମ୍ନ ମଜୁରୀ ପାଆନ୍ତି ନାହିଁ । ହାରାହାରି ମଜୁରୀର ପରିମାଣ ହେଲା ୬୦୦ରୁ ୬୫୦ ମାର୍କ । ଏହାଛଡ଼ା ବର୍ଷକୁ ୬୦୦ ବା ୬୫୦ ମାର୍କ ବୋନସ ରହିଛି, ସାଧାରଣତଃ ସର୍ବୋଚ୍ଚ ମଜୁରୀ ୯୦୦ ମାର୍କ । ଥରେ ଜଣେ ଶ୍ରମିକ ଯେଉଁଠି ମୁକରର ହେଲା ଜୀବନସାରା ସେ ସେଇଠି ଥିବ ତାହା ନୁହେଁ । ସେ ଯେପରି ନିଜକୁ ଅଧିକ ଶିକ୍ଷିତ କରି ଇଞ୍ଜିନିୟର ହୋଇପାରିବ, ସେଥିଲାଗି ଶିକ୍ଷାର ବ୍ୟବସ୍ଥା ସେଇଠି ରହିଛି, ଯେଉଁଠି କି ୬୦୦ ଶ୍ରମିକ କାମ କଲା ସଙ୍ଗେ ସଙ୍ଗେ ଅଧ୍ୟୟନ କରନ୍ତି । ସେମାନଙ୍କ ମଧ୍ୟରୁ ୩୦୦ ହେଉଛନ୍ତି ସ୍ତ୍ରୀଲୋକ । ବହି କିଣିବା ଲାଗି ମଧ୍ୟ ଏମାନଙ୍କୁ ବର୍ଷକୁ ୭୨ରୁ ୨୦୦ ମାର୍କ କରି ମିଳେ । ଓଭରଟାଇମ ମଜୁରୀ ପ୍ରଥା ସର୍ବତ୍ର ପ୍ରଚଳିତ । ଏଠି ତା'ର ହାର ହେଲା ପ୍ରତି ଘଣ୍ଟାକୁ ୨୫ ଭାଗ ଅଧିକ । ରବିବାର ୫୦ ଭାଗ ଓ ଅନ୍ୟ ଛୁଟିଦିନରେ ୧୦୦ ଭାଗ ଅଧିକ । ତେବେ ବର୍ଷକୁ ୧୨୦ ଘଣ୍ଟାରୁ କେହି ଅଧିକ ଓଭରଟାଇମ କରିପାରିବେ ନାହିଁ । ଘରର ବ୍ୟବସ୍ଥା ତ ରହିଛି । ତେବେ ସମସ୍ତଙ୍କୁ ବୋଧହୁଏ ଯୋଗା-ଯାଇପାରି ନାହିଁ । ନିୟମ ହେଲା, ଘର ଯୋଗାଇ ନ ଦେଲେ ଘର

ବାବଦରେ ଦୈନିକ ୭ ମାର୍କ ଦେବାକୁ ହେବ । ଶ୍ରମିକ ଟ୍ରେଡ଼ ୟୁନିୟନ କମିଟିଠାରୁ ଘର ପାଇ ରହେ । ସେଥିଲାଗି ତାକୁ ଦୈନିକ ଦେବାକୁ ପଡ଼େ ମାତ୍ର ଦେଢ଼ ମାର୍କ । କାରଖାନାକୁ ଯିବାଆସିବା ଫ୍ରି । ଚିକିତ୍ସା ଓ ଡାକ୍ତରଖାନା ପାଇଁ ମଧ୍ୟ ପଇସା ପଡ଼େ ନାହିଁ । ଶ୍ରମିକମାନଙ୍କର ଯେଉଁ କ୍ୟାଣ୍ଟିନ, ତା ଆମ ଓଡ଼ିଶା ସରକାରଙ୍କର ଗେଷ୍ଟ ହାଉସକୁ ବହୁଗୁଣରେ ବଳିଯିବ । ବିରାଟ କୋଠା ଓ ନାନାଭାବରେ ସୁସଜ୍ଜିତ । ମୋର ଦ୍ୱିପ୍ରହରଟା ଶ୍ରମିକମାନଙ୍କ ସହିତ ଏକାଠି ଖାଇବା ଭିତରେ କଟିଗଲା । ଦିପହର ଖାଇବା ୧.୨୦ ରୁ ୧.୮୦ ମାର୍କ ପର୍ଯ୍ୟନ୍ତ ପଡ଼େ, ତା'ଠାରୁ ଅଧିକ ନାହିଁ । ତାହା ଆମର ଗେଷ୍ଟ ହାଉସର ଇଂଲିଶ ଖାଦ୍ୟଠାରୁ ବହୁଗୁଣରେ ଉତ୍କୃଷ୍ଟ । ହିସାବ କଲେ ଆମ ଭାରତୀୟ ମୁଦ୍ରାରେ ମଧ୍ୟ ଏହା ଶସ୍ତା ହେବ । ଏ ବ୍ୟୟର ଗୋଟାଏ ଭାଗ କାରଖାନାର ପରିଚାଳନା ବିଭାଗ ବହନ କରେ । କାର୍ଯ୍ୟ ସ୍ଥଳରେ ଖାଇବାର ବ୍ୟବସ୍ଥା—ଏ ସବୁଠି ସର୍ବତ୍ର ଦେଖାଯାଏ । ଏପରିକି ପିଲାଙ୍କ କିଣ୍ଡରଗାର୍ଟେନ—ସ୍କୁଲଠାରୁ ଆରମ୍ଭ କରି ଅଫିସ ପର୍ଯ୍ୟନ୍ତ ଏ ନିୟମ ପ୍ରଚଳିତ । ଏହାଦ୍ୱାରା ସମୟ ବଞ୍ଚେ ଓ କାର୍ଯ୍ୟର ମଧ୍ୟ ସୁବିଧା ହୁଏ ।

ଅନ୍ୟ ସମାଜବାଦୀ ଦେଶ ଭଳି ବୃଦ୍ଧ ଓ ଅକ୍ଷମ ହୋଇପଡ଼ିଲେ ବାର୍ଦ୍ଧକ୍ୟ ଭତ୍ତା ଓ ପେନସନ ଆଦି ରହିଛି । ସବୁଠାରୁ ଆକର୍ଷଣୀୟ ହେଲା Holiday home—ଛୁଟିବିନୋଦନ ଗୃହ । ବର୍ଷକୁ ଯେଉଁ ମାସେ ଛୁଟି ମିଳେ ତାକୁ କେହି ଘରେ ବସି ରହି କଟାଇବାକୁ ଚାହାନ୍ତି ନାହିଁ । ଏଇ ଛୁଟି କଟାଇବାପାଇଁ ବିଭିନ୍ନ କାରଖାନା, ଅଫିସ ଓ କୋଅପରେଟିଭ ପକ୍ଷରୁ ବିରାଟ ବିରାଟ ଗୃହମାନ ତିଆରି ହୋଇଛି । ପୂର୍ବର ବହୁ ଧନୀ, ଜମିଦାର, ପୁଞ୍ଜିପତିଙ୍କ ଘରଗୁଡ଼ିକୁ ମଧ୍ୟ ଏମାନେ ଦଖଲ କରିନେଇଛନ୍ତି । ଏସବୁ

ସାଧାରଣତଃ ସମୁଦ୍ରକୂଳ ବା ରମଣୀୟ ସ୍ଥାନମାନଙ୍କରେ ରହୁଛୁ । ଦିନେ ସମୁଦ୍ରକୂଳରେ ଏଇପରି ଏକ ଘରେ ସନ୍ଧ୍ୟାରେ ଚା ଖାଉଛୁ, ମୋ ପାଖରେ ବସିଥିବା ସେ ଅଞ୍ଚଳର ବିନୋଦନ ଗୃହର (Holiday Home)ର ସର୍ବୋଚ୍ଚ କର୍ତ୍ତା ଟିକିଏ ହସିଦେଇ କହିଲେ "ଆପଣ ଜାଣନ୍ତି, କାହାଘରେ ବସି ଚା ପିଉଛନ୍ତି ? —ଏଇଟା ହେଉଛି ଗବେଲ୍ସଙ୍କ ଗ୍ରୀଷ୍ମନିବାସ । ଚମକି-ପଡ଼ିଲି ଟିକେ । ଘରର ଚତୁର୍ଦ୍ଦିଗକୁ ନିରେଖି ନିରେଖି ଦେଖିବାକୁ ଲାଗିଲି ।

ଗବେଲ୍ସ ଥିଲେ ହିଟଲରଙ୍କ ପ୍ରଚାରବିଭାଗ ମନ୍ତ୍ରୀ—ନାଜୀବାଦର ମୁଖ୍ୟ ପ୍ରଚାରକ । ସତକୁ ମିଛ, ମିଛକୁ ସତ ବୋଲି ପ୍ରଚାର କରିବାରେ ସେ ଧୂରନ୍ଧର । ଲୋକମାନଙ୍କ ଭିତରେ ଭୟ, ବିଭେଦ ଓ ସନ୍ଦେହ ସୃଷ୍ଟି କରି ନାଜୀବାଦ ପ୍ରସାରର ସେ ଜଣେ ପ୍ରଧାନ କର୍ତ୍ତା । ମିଥ୍ୟା ପ୍ରଚାରରେ ତାଙ୍କୁ ଏ ପର୍ଯ୍ୟନ୍ତ କେହି ଟପିନାହିଁ ।

ସେ ଘରଟି ବିଶେଷ ବଡ଼ ନ ହେଲେ ବି ଏକ କ୍ଷୁଦ୍ର ପ୍ରାସାଦ କହିଲେ ଚଳେ । ଗବେଲ୍ସ ସେ ଘରକୁ ଜଣେ ପୁଞ୍ଜିପତିଠାରୁ ମାଗିନେଇଥିଲେ, ତା'ର ପୁଞ୍ଜିବୃଦ୍ଧିର ଉପାୟ କରିଦେଇ । ଗବେଲ୍ସ ଜାଣିଥିଲେ ତାଙ୍କ କୃତ ପାପର ପ୍ରାୟଶ୍ଚିତ୍ତ କ'ଣ । ତେଣୁ ଯୁଦ୍ଧଶେଷକୁ ହିଟଲରଙ୍କ ଭଳି ସେ ମଧ୍ୟ ଆତ୍ମହତ୍ୟା କରିଥିଲେ । ସେ ନିଜ ସ୍ତ୍ରୀଙ୍କୁ ମିଶାଇ ନିଜର ନଅଟି ସନ୍ତାନଙ୍କୁ ପ୍ରଥମେ ବିଷ ଦେଇ ମାରିଥିଲେ ଓ ପରେ ନିଜେ ଆତ୍ମହତ୍ୟା କରିଥିଲେ ।

ଦିନେ ଯାହା ନୃଶଂସ ନାଜୀ, ଧନୀ, ପୁଞ୍ଜିପତିଙ୍କ ନିବାସସ୍ଥଳ ଥିଲା, ଆଜି ତାହା ଶ୍ରମିକମାନଙ୍କର ଅବସରବିନୋଦନସ୍ଥଳୀ ।

*

ସେମାନେ ଛୁଟିକଟାଇବା ଓ ମଉଜ ମଜଲିସ କରିବାଲାଗି ଏହାସବୁ ଖୋଲାଇଥିଲେ । ତାହା ଏବେ ବିଭିନ୍ନ କଳକାରଖାନା, ଟ୍ରେଡ୍‌ୟୁନିୟନ, କୋଠଗୃହ ଇତ୍ୟାଦି ଅନୁଷ୍ଠାନକୁ ବାଣ୍ଟି ଦିଆ-ଯାଇଛି । ବୋଷ୍ଟକ ସହରର ଅନତିଦୂରରେ ସମୁଦ୍ର ଉପକୂଳରେ ଏହି ବସତି । ଏଠାରେ ପ୍ରାୟ ୨ ହଜାର ଛୁଟିକଟାଳିଙ୍କ ପାଇଁ ସ୍ଥାନ ରହିଛି । କିନ୍ତୁ ସେମାନଙ୍କ ସଂଖ୍ୟା ୪ ହଜାରକୁ ଉଠିଯାଏ । ସେତେବେଳେ ବ୍ୟକ୍ତିଗତ ଘର ଭଡ଼ାକୁ ନେବାକୁ ପଡ଼େ । ତାର ପରିଚାଳନା ପାଇଁ ଟ୍ରେଡ୍‌ୟୁନିୟନ ପକ୍ଷରୁ ଲୋକ ନିଯୁକ୍ତ ଅଛନ୍ତି । ସେ କହିଥାନ୍ତି, "ଘରଟା ଆମ ପକ୍ଷରେ ବଡ଼ ସମସ୍ୟା ନୁହେଁ । ଏତେଲୋକଙ୍କର ଚର୍ଚ୍ଚା କରିବା ଗୋଟାଏ ବିରାଟ ସମସ୍ୟା । ରୋଷେଇବାସ, ଦେବା ନେବାଲାଗି ଆମର ଏଠାରେ ମାତ୍ର ୬୦୦ କର୍ମଚାରୀ ଅଛନ୍ତି ।"

ବୁଝିହେଲା ସେ ସମ୍ବନ୍ଧରେ ସବିଶେଷ ବିବରଣୀ । ସାରା ଜର୍ମାନୀରେ ୬୦ଲକ୍ଷ ଶ୍ରମିକଙ୍କୁ ଛୁଟି କଟାଇବାକୁ ପଡ଼େ । ସ୍ଥାନ ରହିଛି ମାତ୍ର ୧୦ ଲକ୍ଷ ଲୋକଙ୍କ ଲାଗି । ସମସ୍ତେ ଯେ ଏକାବେଳକେ ଆସନ୍ତି ତା ନୁହେଁ । ପାଳି କରି ଆସିଥାନ୍ତି । ଶତକଡ଼ା ୩୦ଭାଗ ତାଙ୍କ ଘରେ ରହନ୍ତି ବା ଅନ୍ୟତ୍ର ଯାଇଥାଆନ୍ତି । ଆଉ ୨୦ ଭାଗ ଛୁଟି କଟାଇବା ବଗି ବିଦେଶ ଭ୍ରମଣରେ ଯାଆନ୍ତି । ତେଣୁ କୌଣସି-ମତେ ହୋଇଯାଏ । ତେବେ ଆହୁରି ଘର ଦରକାର ଓ ତା'ର ଯୋଜନା ହୋଇସାରିଛି । ଏଠାରେ ୧୩ ଦିନ ରହିବାପାଇଁ ୧୨୫ ମାର୍କ ଖର୍ଚ୍ଚ ଲାଗେ । ସେଥିମଧ୍ୟରୁ ୫୦ ମାର୍କ ଶ୍ରମିକକୁ ଦେବାକୁ ପଡ଼େ । ଅବଶିଷ୍ଟ ୭୫ ମାର୍କ ୟୁନିୟନ ଦେଇଥାଏ । ଏଥିଲାଗି ବର୍ଷକ ଆଗରୁ ସ୍ଥିର ହୋଇଥାଏ କେଉଁମାନେ, କେବେ, କେଉଁଠାକୁ ଛୁଟି କାଟିବାକୁ ଯିବେ । ଆଉ ଟ୍ରେଡ୍‌ୟୁନିୟନ

ଚେକ୍ ବା କୁପନ ସେଇ ଅନୁସାରେ ଯୋଗାଇଦିଏ । ବହୁଲୋକ ତ ଏକାବେଳକେ ଆସିବାକୁ ଚାହାନ୍ତି । ତେଣୁ କେଉଁମାନେ ଆସିବେ ତାହା ବାଛିବାପାଇଁ ଗୋଟାଏ କମିଶନ ଅଛି । ଯେଉଁମାନେ ଭଲ ଶ୍ରମିକ, ସେଇମାନେ ଅଗ୍ରାଧିକାର ପାଇଥାନ୍ତି । ଯିବାଲାଗି ରେଲଓ୍ୱେ ମଧ୍ୟ ଏକଚତୁର୍ଥାଂଶ ରିହାତି ଦିଏ ।

ସ୍ତ୍ରୀ ଯଦି ଟ୍ରେଡ୍ୟୁନିୟନ ସଭ୍ୟ ହୋଇଥାଏ ତେବେ ସେ ମଧ୍ୟ ଉକ୍ତ ସୁଯୋଗ ପାଏ । ପିଲା ଯଦି ସ୍କୁଲରେ ପଢୁଥାନ୍ତି ସେମାନଙ୍କ ଲାଗି ମାତ୍ର ଦଶ ମାର୍କ ଦେବାକୁ ପଡ଼ିଥାଏ । ଏହିସବୁ ବ୍ୟବସ୍ଥାଦ୍ୱାରା ଲୋକ ସାଧାରଣତଃ ଅଧିକ ଉତ୍ସାହିତ ହୁଏ ଟ୍ରେଡ୍ ୟୁନିୟନରେ ଯୋଗ ଦେବାକୁ ।

ଯେଉଁମାନେ ଟ୍ରେଡ୍ ୟୁନିୟନଭୁକ୍ତ ନୁହନ୍ତି ସେମାନେ ଯେ ଏ ସୁଯୋଗରୁ ବଞ୍ଚିତ ହୁଅନ୍ତି, ତା ନୁହେଁ । ତାଙ୍କୁ ଟ୍ରାଭେଲିଂ ଏଜେନ୍ସି ଜରିଆରେ ତାଙ୍କର ବ୍ୟବସ୍ଥା କରିବାକୁ ହୁଏ । ଯେଉଁ-ମାନେ ପେନସନଭୋଗୀ ସେମାନେ ମଧ୍ୟ ଏଇ ସୁଯୋଗ ପାଆନ୍ତି । ସେମାନଙ୍କର ଖର୍ଚ୍ଚ ଟ୍ରେଡ୍ ୟୁନିୟନ ବହନ କରେ । ଅଥଚ ଟ୍ରେଡ୍ ୟୁନିୟନ ସଭ୍ୟ ଚାନ୍ଦା ଛଡ଼ା ସେମାନଙ୍କୁ ଆଉ କିଛି ଅଧିକା ଦେବାକୁ ପଡ଼େ ନାହିଁ । ଏଇ ଖର୍ଚ୍ଚ ଅଧେ ସ୍ଥାନୀୟ ଟ୍ରେଡ୍ ୟୁନିୟନ ଓ ଅବଶିଷ୍ଟତକ କେନ୍ଦ୍ର ଟ୍ରେଡ୍ ୟୁନିୟନ ବହନ କରିଥାଏ । ପୁଣି ଆନ୍ତର୍ଜାତିକ ବିନିମୟ ଯୋଜନା ଅନୁସାରେ ଛୁଟିକଟାଳି ଦଳ ଅନ୍ୟ ଦେଶରୁ ଏଠାକୁ ଆସନ୍ତି ଓ ଏଠାରୁ ମଧ୍ୟ ଯାଆନ୍ତି । ଏହା ସବୁ ଟ୍ରେଡ୍ ୟୁନିୟନ ଜରିଆରେ ହୋଇଥାଏ ।

ପ୍ରଶ୍ନ ହେଉଛି ଏ ସବୁ ବ୍ୟବସ୍ଥା ପାଇଁ ଟ୍ରେଡ୍ ୟୁନିୟନର ପାଣ୍ଠି କେଉଁଠୁ ଆସେ ? ଏକମାତ୍ର ଉପାୟ ସଭ୍ୟଚାନ୍ଦା । ଲୋକର ଆୟ ଅନୁସାରେ ଟ୍ରେଡ୍ ୟୁନିୟନର ସଭ୍ୟଚାନ୍ଦା ସ୍ଥିର ହୋଇଥାଏ ।

୫୦୦ ମାର୍କ ଆୟୁ ହେବାଯାଏ ଶତକଡ଼ା ୧, ସେଥିରୁ ଊର୍ଦ୍ଧ୍ୱ ହେଲେ ୧.୩ ଏବଂ ୧୦୦୦ରୁ ଊର୍ଦ୍ଧ୍ୱ ହେଲେ ୧.୨୧ ଭାଗ ଦେବାକୁ ପଡ଼ିଥାଏ । ଏ ଛୁଟିବିନୋଦନ କେନ୍ଦ୍ର ଯାହା ଆଗେ ଧନୀ ଓ ପୁଞ୍ଜିପତିଙ୍କ ପାଇଁ ସମ୍ଭବ ଥିଲା ତାହା ଏବେ ସର୍ବସାଧାରଣଙ୍କ ପାଇଁ ଉନ୍ମୁକ୍ତ । ପ୍ରତ୍ୟେକେ ତାର ସୁଯୋଗ ଉପଭୋଗ କରି-ଥାଆନ୍ତି ।

ଟ୍ରେଡ୍ ୟୁନିୟନ ପ୍ରତ୍ୟେକ କ୍ଷେତ୍ରରେ ଶ୍ରମିକଙ୍କ ସ୍ୱାର୍ଥ ଜଗିଥାଏ । ଶ୍ରମିକଙ୍କ ମଜୁରି ଅନ୍ୟ କେହି ସ୍ଥିର କରେନାହିଁ । ତାହା ଶ୍ରମିକ ପ୍ରତିନିଧି ଓ କାରଖାନାର ମ୍ୟାନେଜରଙ୍କ ଭିତରେ ଆଲୋଚନା ଦ୍ୱାରା ସ୍ଥିର ହୁଏ । ଶ୍ରମିକମାନେ ପ୍ରତିଶ୍ରୁତି ଦିଅନ୍ତି ଯେ ସେମାନେ ଏକ ନିର୍ଦ୍ଦିଷ୍ଟ ପରିମାଣ କାର୍ଯ୍ୟ, ଯୋଜନା କିମ୍ବା ଉତ୍ପାଦନ କୋଟା ପୂରଣ କରିବେ, ଆଉ ମ୍ୟାନେଜମେଣ୍ଟ ପ୍ରତିଶ୍ରୁତି ଦିଏ ଯେ ତାହା ନିର୍ଦ୍ଦିଷ୍ଟ କାମ ମୁତାବକ ମଜୁରି ପ୍ରଦାନ କରିବ । ଏ ସମ୍ପର୍କରେ ଦୁହିଁଙ୍କ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହୁଏ । ଏହି ସାମୂହିକ ଏଗ୍ରିମେଣ୍ଟ ଅନୁସାରେ କାର୍ଯ୍ୟ ହୋଇଥାଏ । ଶ୍ରମିକମାନେ ହେଉଛନ୍ତି ପ୍ରକୃତରେ ମାଲିକ; ତେଣୁ ଯେପରି ଉତ୍ପାଦନ ବୃଦ୍ଧି ପାଇବ ସେ ଦିଗରେ ସମାଜବାଦୀ ପ୍ରତିଦ୍ୱନ୍ଦ୍ୱିତା ଚାଲେ ।

କାରଖାନାର ପ୍ରତ୍ୟେକ ବିଭାଗରେ ସବ୍‌କମିଟି ବା ବିଭାଗୀୟ କମିଟିମାନ ରହିଛି । ତାହା ସବୁ ନିର୍ବାଚିତ । ଏହାର ଶାଖା କମିଟି ବି ଅଛି । କାରଖାନା କମିଟିର ସଭ୍ୟ ସଂଖ୍ୟା ୪୦୦ ହେବ । ପ୍ରତି ୩ ମାସରେ ଏ କମିଟିର ବୈଠକ ବସେ । ମ୍ୟାନେଜର ତାଙ୍କ ରିପୋର୍ଟ ଦିଅନ୍ତି । କାରଖାନାର କାର୍ଯ୍ୟ, ଉତ୍ପାଦନ ଓ ଅନ୍ୟାନ୍ୟ ସମ୍ବନ୍ଧରେ ବିବରଣୀ ପ୍ରଦାନ କରନ୍ତି ଏବଂ ସଭ୍ୟମାନଙ୍କ ନିକଟରୁ ମତାମତ ଓ ପରାମର୍ଶ ନେଉନ୍ତି । ସେଠି ସ୍ଥିର ହୁଏ ପରବର୍ତ୍ତୀ କାର୍ଯ୍ୟ

କ'ଣ ହେବ, କି ସ୍ଲୋଗାନ ଦିଆଯିବ । ଏହାଛଡ଼ା ଦୈନନ୍ଦିନ କାର୍ଯ୍ୟ ଦେଖିବାଲାଗି ପ୍ୟାକ୍ଟ୍ରି କମିଟି ରହିଛି । ତାହା ୧୫ ଦିନରେ ଥରେ ବସେ ଓ ଟିକିନଖି କାର୍ଯ୍ୟ ବୁଝେ । କାରଖାନାର ପ୍ରକୃତ କର୍ତ୍ତା ଓ ଶାସକ ହେଉଛନ୍ତି ଏହି ଶ୍ରମିକଗଣ ।

ଶିକ୍ଷା ସଂସ୍କୃତିର ବିକାଶ ଦିଗରେ ମଧ୍ୟ କାରଖାନା ପକ୍ଷରୁ ବ୍ୟାପକ ବ୍ୟବସ୍ଥା ରହିଛି । ପିଲାଙ୍କ ଲାଗି ହେଶ, କିଣ୍ଡରଗାର୍ଟେନ ଅଛି । ସଙ୍ଗୀତ, ଡ୍ରାମା, ଅପେରା ଓ ବିଭିନ୍ନ ରକମ କ୍ରୀଡ଼ା ବ୍ୟବସ୍ଥା ଅଛି । ଏହାର ଖର୍ଚ୍ଚ ସୋସିଆଲ ଫଣ୍ଡରୁ ଆସେ ଓ ଟ୍ରେଡ୍ ୟୁନିୟନ ମଧ୍ୟ ତାହାର ଦେୟ ଦେଇଥାଏ । ଆମର ବନ୍ଧୁ ଶ୍ରମିକ ପ୍ରତିନିଧି ତାଙ୍କ କାରଖାନା ଶ୍ରମିକମାନଙ୍କ ଏହି କାର୍ଯ୍ୟର ହିସାବ ଦେଇ-ଗଲେ । ସେ କହିଲେ କ୍ରୀଡ଼ାରେ ଆମେ ଖର୍ଚ୍ଚ କରୁ ୯୦ ହଜାର ମାର୍କ । ଡ୍ରାମାରେ ୭୨ ହଜାର, ଅପେରାରେ ୨୨ ହଜାର । ସନ୍ତରଣ ଲାଗି ୫୦ ହଜାର, ଆଜି ଏଇ ଯେଉଁ ଖ୍ରୀଷ୍ଟମାସ ଆସୁଛି ଉକ୍ତ ଉତ୍ସବ ଲାଗି ୮୦ ହଜାର ମାର୍କ ବ୍ୟବସ୍ଥା ଅଛି । ଏହାଛଡ଼ା ପିଲାଙ୍କ ଲାଗି ଭ୍ରମଣ, ଖେଳ ଇତ୍ୟାଦି ପାଇଁ ୩୦ ଲକ୍ଷ ମାର୍କ ରହିଛି ।

କେବଳ ମଜୁରି ବା ଦରମା ନୁହେଁ, ଶ୍ରମିକ ଜୀବନର ପ୍ରତ୍ୟେକ ଦିଗ ପରିପୂର୍ଣ୍ଣ ବିକାଶ ହେଲା ଟ୍ରେଡ୍ ୟୁନିୟନର ଲକ୍ଷ୍ୟ । ରାଷ୍ଟ୍ର ମଧ୍ୟ ଏହାକୁ ସବୁପ୍ରକାର ସାହାଯ୍ୟ ଦେଇଥାଏ । ଏଇ ଯେଉଁ ଚିକିତ୍ସା, ଶିକ୍ଷା, ବୃଦ୍ଧ. ବୟସର ଭତ୍ତା ଇତ୍ୟାଦି ସାମାଜିକ ନିରାପତ୍ତା ବ୍ୟବସ୍ଥାଗୁଡ଼ିକ ପୂର୍ବ ଜର୍ମାନୀର ପ୍ରତ୍ୟେକ ନାଗରିକଙ୍କ ଲାଗି ରହିଛି । ଏଥିଲାଗି ସମସ୍ତ ଦେଶପାଇଁ ଏକ ସୋସିଆଲ ଫଣ୍ଡ ଗଢ଼ାଯାଇଛି । ପ୍ରତ୍ୟେକ ଲୋକ ଏହି ଫଣ୍ଡକୁ ମାସିକ ୧୦ ମାର୍କ ଲେଖାଏଁ ଦିଅନ୍ତି । ଆଜି ୧୦ ମାର୍କ ତା'ର ପ୍ୟାଇସା ବା ଯେଉଁ

ସପ୍ତାହରେ ସେ କାମ କରୁଥାଏ କିମ୍ବା ସରକାର ଏଇ ପ ୬୫% ଦେଇଥାଆନ୍ତି । ଲୋକ ଯେତେ ଅଧିକ ଦରମା ପାଇଲେ ବି ତାକୁ ୬୦ ମାର୍କରୁ ଅଧିକ ଦେବାକୁ ପଡ଼େ ନାହିଁ । ଏହାଛଡ଼ା ଅନ୍ୟ କୌଣସି ଦେୟ ଲୋକେ ଦିଅନ୍ତି ନାହିଁ । ସାଧାରଣ ଅର୍ଥରେ କହିଲେ ଏହାଛଡ଼ା କୌଣସି ଟିକସ ନାହିଁ । ଲୋକ ଯାହା ଦିଏ ତାହା ଅପେକ୍ଷା ଅଧିକ ଫେରିପାଏ । ଏହାଦ୍ୱାରା ସାମାଜିକ ନିରାପତ୍ତା ପ୍ରତ୍ୟେକ ଲୋକଙ୍କ ଲାଗି ସୁରକ୍ଷିତ ।

ମୋର ଶେଷ ପ୍ରଶ୍ନ ହେଲା—ସେଠାର ରାଜନୀତି ନେଇ । ଯେତେବେଳେ ସେଠି ଭିନ୍ନ ଭିନ୍ନ ଦଳ ଅଛନ୍ତି, ତେଣୁ ଉକ୍ତ ଫ୍ୟାକ୍ଟରୀରେ ସେମାନଙ୍କର କିଛି ନା କିଛି ପ୍ରଭାବ ଥିବ ଓ ତାଙ୍କର ସମର୍ଥକ ଥିବେ । ସେମାନଙ୍କ ଭିତରେ ଦଳପତି ଲାଗି ପ୍ରତିଦ୍ୱନ୍ଦିତା ଲାଗିଥିବ, ଏହା ସ୍ୱାଭାବିକ କଥା । ଏଇ ପ୍ରଶ୍ନର ଉତ୍ତରରେ ଶ୍ରମିକ ପ୍ରତିନିଧି ଜଣେ କହିଲେ, "ଏଠାରେ ସେପରି ପ୍ରତିଦ୍ୱନ୍ଦିତାର ଅବକାଶ ନାହିଁ । ସମସ୍ତେ ତ ଗୋଟାଏ କାର୍ଯ୍ୟକ୍ରମ ଗ୍ରହଣ କରିଛନ୍ତି । ତାକୁ ସେମାନେ କାର୍ଯ୍ୟକାରୀ କରିବାକୁ ଚାହାନ୍ତି । ପ୍ରତ୍ୟେକର ନିଜର ମତବାଦ ଥାଇପାରେ—ସେ ତାକୁ ପ୍ରକାଶ କରିପାରେ—ସେଥିରେ କିଛି ଆପତ୍ତି ନାହିଁ । ସେଠାରେ କିନ୍ତୁ ସୋସିଆଲିଷ୍ଟ ୟୁନିଟି ପାର୍ଟି ( କମ୍ୟୁନିଷ୍ଟ ଓ ସୋସିଆଲିଷ୍ଟ ପାର୍ଟିଙ୍କ ମିଶ୍ରଣରେ ଗଠିତ ) ଅଧିକ । ୪୫ ଶହ ଶ୍ରମିକଙ୍କ ମଧ୍ୟରେ ସେମାନଙ୍କ ସଂଖ୍ୟା ୧୩ ଶହ ହେବ । ଅନ୍ୟ ପାର୍ଟିମାନଙ୍କ ମେମ୍ବର ଖୁବ ହେଲେ ୨୦।୩୦ ହେବେ; ତେଣୁ କାର୍ଯ୍ୟତଃ କୌଣସି ବିବାଦ ନାହିଁ । ସମସ୍ତେ ମିଳିତଭାବେ କାର୍ଯ୍ୟ କରିଥାନ୍ତି । ଅନ୍ୟ ପାର୍ଟି ଓ ସୋସିଆଲିଷ୍ଟ ୟୁନିଟିର ପାର୍ଟିଲୋକେ ପ୍ରତ୍ୟେକ ଡିପାର୍ଟମେଣ୍ଟରେ ଡିପାର୍ଟମେଣ୍ଟ କମିଟି ଓ ଫ୍ୟାକ୍ଟରୀ କମିଟିରେ ରହିଛନ୍ତି । ସେଗୁଡ଼ିକ

ସବୁ ନିର୍ବାଚନ ଭିତ୍ତିରେ ଗଠିତ । ଏ ଫ୍ୟାକ୍ଟରୀରେ କେବଳ ପାର୍ଟି ସମ୍ପାଦକଙ୍କୁ ଛାଡ଼ିଦେଲେ ପାର୍ଟିର ସଦାବେଳିଆ କର୍ମୀ ଅନ୍ୟ କେହି ନୁହନ୍ତି । କାରଖାନାରେ କାମ କରିବା ସମୟରେ ପାର୍ଟି କାମ କରିଥାଆନ୍ତି । ଦକ୍ଷତା ସହିତ ପାର୍ଟିର ପରିଚାଳନା ଓ ଯୋଜନା ପୂରଣ ଦିଗରେ ଏମାନେ ବେଶି ଦୃଷ୍ଟି ଦିଅନ୍ତି । ତାହା ପାର୍ଟିର ଏକ ସର୍ବମୁଖ୍ୟ କାର୍ଯ୍ୟ ।

ଏମାନେ ପାର୍ଟି ଶିକ୍ଷା ଉପରେ ବିଶେଷ ଜୋର ଦେଇଥାଆନ୍ତି । ଉପସ୍ଥିତ ବନ୍ଧୁଙ୍କ ମଧ୍ୟରୁ ଜଣେ ଟିକେ ଆତ୍ମସମାଲୋଚନା କଲାଭଳିଆ କହିଲେ, "ମାର୍କସ୍ ଓ ଏଙ୍ଗେଲସ ସିନା ଏଠି ଜନ୍ମଗ୍ରହଣ କରିଥିଲେ; କିନ୍ତୁ ମାର୍କସ୍‌ବାଦୀ ସାହିତ୍ୟ ଲୋକଙ୍କୁ ବିଶେଷ ପ୍ରଭାବିତ କରିପାରିନାହିଁ । ଜର୍ମାନ ଜାତିର ଏ ଦୁର୍ବଳତା ଯୋଗୁଁ ଫ୍ୟାସିଷ୍ଟ-ମାନେ ଲୋକଙ୍କୁ ବିଭ୍ରାନ୍ତ କରି କ୍ଷମତା ଦଖଲ କରିନେବାକୁ ସକ୍ଷମ ହେଲେ ଏବଂ ଦ୍ୱିତୀୟ ବିଶ୍ୱଯୁଦ୍ଧ ସୃଷ୍ଟି କରିଦେଲେ । ଜର୍ମାନ ଲୋକଙ୍କର ସେହି ଦୁର୍ବଳତା ଯୋଗୁ କେବଳ ଜର୍ମାନୀ ନୁହେଁ ସାରା ପୃଥିବୀର କି ଭୟାନକ କ୍ଷତି ନ ହେଲା ! ତେଣୁ ମାର୍କସ୍‌ବାଦୀ ସାହିତ୍ୟ ଉପରେ ଆମେ ମଧ୍ୟ ଜୋର ଦେଉଛୁ ।"

ଦିନେ ପହଞ୍ଚିଲୁ ଫ୍ରାଙ୍କଫର୍ଟ ଅନ ଓଡ଼ାର ସହରରେ । ଓଡ଼ାର ନଦୀ କୂଳରେ ଅବସ୍ଥିତ ଏଇ ସହରଟି । ଏ ସେହି ଓଡ଼ାର ନଦୀ—ଜର୍ମାନୀର ସୀମାନ୍ତ । ଅପର ପକ୍ଷରେ ପୋଲାଣ୍ଡ । ଏଇ ସୀମା ଏକ ବିବାଦୀୟ ସୀମା । ପଶ୍ଚିମ ଜର୍ମାନୀ ଏହାକୁ ସ୍ୱୀକାର କରେ ନାହିଁ । ଏହା ପୋଲାଣ୍ଡ ଭିତରକୁ ଆହୁରି ମାଡ଼ିଯିବାକୁ ଚାହେଁ ।

ଓପାରରେ ଓଡ଼ାର ନଦୀଟି ଅତି ଷ୍ଟ୍ରେଟ । ଆମର କଟକ ରାଣୀହାଟ କେନାଲର ୨, ୩ ଗୁଣ ହେବ । ମଝିରେ କେବଳ ପୋଲ । ତା'ର ଦୁଇପାଖରେ ଦୁଇଦେଶର ସୀମାନ୍ତ ପ୍ରହରୀଗଣ । ଏ ପଟୁ ଅନାଇଲେ ସେ ପଟର କୋଠାବାଡ଼ି, ଲୋକଚଳାଚଳ ବେଶ୍ ଦେଖାଯାଏ । କାମଦାମ କରିବା ଲାଗି ଲୋକେ ପାଶ୍ ନେଇ ଯିବାଆସିବା କରିଥାନ୍ତି । ବୁଲିବା ଭିତରେ ଦେଖୁଛୁ ନୂଆ ନୂଆ ଘର, ନୂଆ ନୂଆ ବଜାର ସବୁ । ପୁରୁଣା ଘରଗୁଡ଼ାକ ମୁଣ୍ଡ ଟେକିଛନ୍ତି—ଯୁଦ୍ଧ ସମୟର ଭଗ୍ନାବଶେଷ ହୋଇ । ଠିକ୍ କରିନେଲୁ, ଏଇ ଷ୍ଟେଟିଆ ସହରଟିର ଇତିବୃତ୍ତ ବୁଝିବା । ଷ୍ଟେଟଙ୍କ ପ୍ରତି ଦୃଷ୍ଟି ସମସ୍ତଙ୍କର ତ କମ୍ ପଡ଼େ ।

ଶେଷରେ ପହଞ୍ଚିଲୁ ସହର ଉନ୍ନୟନ ଅଫିସରେ, ଘରଟି ହୋମାହାଲ । ବିଶେଷ ପୁରୁଣା ନୁହେଁ । ନୂଆ ତୋଳା ହୋଇଛି । ୩୦,୩୨ ବର୍ଷର ଜଣେ ଭଦ୍ରବ୍ୟକ୍ତି ବାହାରିଆସି ପାଛୋଟିନେଲେ । କଟକ ଟାଉନହଲ ଭଳି ଏକ ହଲ ଭିତରେ ପଶିଲୁଁ । ତା ମଝିରେ ଏକ ବିରାଟ ଟେବୁଲ ଉପରେ ଶୋଇଛି ସହରର କଳ୍ପିତ ଏକ ପ୍ରତିରୂପ । କାନ୍ଥରେ ଝୁଲୁଛି ଏକ ବିରାଟ ମାନଚିତ୍ର । ଏହା କେବଳ ଏଠିକାର କଥା ନୁହେଁ । ଜର୍ମାନୀର ସବୁ ସହରର ଏଇ-ପରି ବ୍ୟବସ୍ଥା । ପ୍ରଥମେ ଭେଟିବ ପ୍ରତିରୂପକୁ—ଯାହା ହୋଇଛି, ଯାହା ହେଉଛି ଓ ଯାହା ଭବିଷ୍ୟତରେ ହେବ, ତା'ର ପ୍ରତିଚ୍ଛବି । ଭବିଷ୍ୟତଟା ଅଙ୍କା ହୋଇଛି ତମ ଆଗରେ । ତାକୁ କାର୍ଯ୍ୟକାରୀ କରିବାରେ ମଣିଷକୁ ଅଲକ୍ଷ୍ୟରେ ସଚେତନ କରିଦିଏ ।

ସହରଟି ସାନ । ମାତ୍ର ୭୦ ହଜାର ଲୋକ । ଷ୍ଟେଟ ହେଲେ କଣ ହେବ, କିନ୍ତୁ ବେଶ ବୟସ୍କ । ୭୭୦୦ ବର୍ଷରୁ ଊର୍ଦ୍ଧ୍ୱ ତା'ର ବୟସ । ଏ କଥା ଗପିଲାବେଳେ ଟିକିଏ ଗର୍ବର ସୂଚନା

ମିଳୁଥାଏ ନଗରକର୍ତ୍ତାଙ୍କ ସ୍ୱରରେ । ଯୁଦ୍ଧର ପ୍ରଳୟ ଝଞ୍ଜା ଏଇ
ସହର ଉପରେ ବହିଯାଇଛି । ତା ସହିତ ଧୂଳିରେ ମିଶିଯାଇଛି
ସହରର ଶତକଡ଼ା ୮୦ ଭାଗ ଘର । ଏଥିର ପୁନଃ ନିର୍ମାଣ ଓ
ଭବିଷ୍ୟତରେ ସହରର ପ୍ରସାର ଏକ ସଙ୍ଗରେ ନିଆଯାଉଛି ।
ଏମାନଙ୍କ ଯୋଜନା ସୁଦୂରପ୍ରସାରୀ । କେବଳ ଏବେ ନୁହେଁ;
ଦୁଇହଜାର ଖ୍ରୀଷ୍ଟାବ୍ଦରେ କଣ ହେବ ତା ମଧ୍ୟ ଏମାନେ କଳ୍ପନା
କରିଛନ୍ତି ଏବଂ ସେଇ ଅନୁସାରେ ଗଢ଼ିବାରେ ଲାଗିଛନ୍ତି
ସହରକୁ । ବର୍ତ୍ତମାନ ପ୍ରତି ଛଅଟି ପରିବାରରେ ଗୋଟିଏ ଲେଖାଏଁ
ମଟରକାର ଅଛି । ୧୯୮୫ ରେ ପ୍ରତି ୨ଟି ପରିବାରରେ ଗୋଟିଏ
ଲେଖାଏଁ କାର୍ ରହିବ । ତେଣୁ ରାସ୍ତାଘାଟର ପ୍ରସାର ଚାଲିଛି । ଏବେ
ପ୍ରତି ହେକ୍ଟରରେ ୨୮ ଜଣ ଲୋକ ବାସ କରୁଛନ୍ତି । ୨୦୦୦
ଖ୍ରୀଷ୍ଟାବ୍ଦରେ ସେଠି ୪୬ ଜଣ ବାସ କରିବେ । ସେଇ ଅନୁସାରେ
ସକଳ ସମସ୍ୟାର ସମାଧାନ ଦରକାର ।

ଯୁଦ୍ଧରେ ତ ଯାହା ହେଇଥିଲା । ଏମାନେ ବି ପ୍ରତିବର୍ଷ ୨।୩
ଶହ ଘର ନିଜେ ଭାଙ୍ଗୁଛନ୍ତି । ନୂଆ ଘର ତୋଳା ଚାଲିଛି । ଫାସିଷ୍ଟ
ଶାସନର ୧୨ ବର୍ଷ ଭିତରେ ତିଆରି ହୋଇଛି, ମାତ୍ର ୧୫୯୫ଟି
ଫ୍ଲାଟ । ଅଥଚ ଏବେ ପ୍ରତିବର୍ଷ ତିଆରି ହେଉଛି ୫୦୦ ଫ୍ଲାଟ
ଏବଂ ଆସନ୍ତା ବର୍ଷକୁ ତିଆରି ହେବ ୧୫୦୦ ଫ୍ଲାଟ । ନଗରକର୍ତ୍ତା
ଟିକେ ଦୁଃଖ କରି କହିଲେ, "ତେବେ ବି ଆମେ ସବୁ ଲୋକଙ୍କୁ ଏ
ପର୍ଯ୍ୟନ୍ତ ନୂଆ ଫ୍ଲାଟ ଯୋଗାଇପାରିନାହୁଁ ! ପ୍ରତି ୩ ଜଣରେ
ଜଣେ ମାତ୍ର ନୂଆ ଫ୍ଲାଟ ପାଇପାରିଛନ୍ତି । ଆଜି ଶତକଡ଼ା ୨୦
ଭାଗ ଶିଶୁଙ୍କ ଲାଗି କ୍ରେଶ ଓ ୭୦ ଭାଗ ପିଲାଙ୍କ ଲାଗି କିଣ୍ଡରଗାର୍ଟେନ
କରିଛୁଁ । ପ୍ରତି ଦଶ ଜଣଙ୍କରେ ଜଣେ, ଅର୍ଥାତ୍ ୧୦୦ ରେ ୧୦
ଜଣ ମାତ୍ର ସେଣ୍ଟ୍ରାଲ ହିଟିଂ ସୁବିଧା ପାଇଛନ୍ତି (ଶୀତଦିନେ ଗୃହ

*

ଗରମ ରଖିବା ବ୍ୟବସ୍ଥା) । "ତାଙ୍କର ବକ୍ତବ୍ୟ ଶେଷରେ ଆରମ୍ଭ ହେଲ ମୋର ଜେରା । ଏଇ ସବୁ ସୁବିଧା ପାଇବାଲାଗି ଲୋକଙ୍କୁ କେତେ ଦେବାକୁ ପଡ଼େ ? ପ୍ରଥମତଃ ଫ୍ଲାଟ୍ କହିଲେ ଛୋଟ ବଡ଼ ରହିଛି, ୧ କକ୍ଷରୁ ୫ କକ୍ଷ ଯାଏ । ଅବଶ୍ୟ ଗାଧୁଆ ଘର, ରୋଷେଇ ଘର, ସବୁଠି ଥାଏ । ପରିବାର ବ୍ୟବସ୍ଥା ଅନୁସାରେ ଛୋଟ ବଡ଼ ଫ୍ଲାଟର ବ୍ୟବସ୍ଥା ଥାଏ । ତେବେ ତାର ଗୋଟାଏ ହିସାବ ରହିଛି । ୩ ଜଣ ଲୋକବିଶିଷ୍ଟ ପରିବାର ଲାଗି ୫୨ ବର୍ଗ ମିଟର ବା ଖୁବ୍ ହେଲେ ୬୦ ବର୍ଗ ମିଟର ଯାଏ ସ୍ଥାନ ମିଳେ । ମିଟରର ସ୍ଥାନ ଅନୁଯାୟୀ ଭଡ଼ା । ଏକ ବର୍ଗମିଟରକୁ ଏକ ମାର୍କ ଭଡ଼ା; କିନ୍ତୁ ୧୯୬୩ ପରେ ତିଆରି ଘରର ଭଡ଼ା ବେଶୀ । ଏହା ପ୍ରାୟ ୨ ଗୁଣ, ୬୦ ବର୍ଗ ମିଟରକୁ ୧୨୦ ମାର୍କ । ପାଣିହିଟିଙ୍ଗସ ଏହି ଭଡ଼ା ସହିତ ସାମିଲ । ୨୦ ମାର୍କ ଭିତରେ ଫୋନ, ଆଲୁଅ, ଗ୍ୟାସ ହୋଇଯାଏ । ପ୍ରତି ୧୦।୧୫ ଜଣରେ ଜଣକର ଫୋନ ରହିଛି । ସେଠାରେ ଇଲେକ୍ଟ୍ରିକ୍ ରେଟ୍‌ର ହାର ଆମ ଦେଶର ଠିକ୍ ଓଲଟା । ଆମ ଏଠି ସାଧାରଣତଃ ଘରୋଇ ଲୋକଙ୍କଠାରୁ ବେଶୀ ହାର ନିଆଯାଏ । ଯେଉଁମାନେ ଶିଳ୍ପ ବ୍ୟବସାୟ ପାଇଁ ନିଅନ୍ତି ସେମାନେ କମ ହାରରେ ଦିଅନ୍ତି । ଏପରିକି ବଡ଼ ବଡ଼ ବ୍ୟବସାୟୀଙ୍କ ସହିତ ସରକାର ଚୁକ୍ତି କରନ୍ତି । ଆମର ଏଠି ଘରୋଇ ଲୋକଙ୍କ ପ୍ରତି ୟୁନିଟକୁ ୨୫ ପଇସା ପଡୁଥିବାବେଳେ ବିରଳା କାଗଜକଳଠାରୁ ୩ ପଇସା ଆଦାୟ ହୁଏ । ସେଠାରେ ୟୁନିଟ୍ ରେଟ୍ ଆଠ ପେନି । ସେଥିରେ ପୁଣି ଏହା ରାତି ଦଶଟାଠାରୁ ସକାଳ ୮ଟା ଯାଏ ଅଧାରେଟ୍ ଏବଂ ଘରୋଇ ଲୋକେ ଯେତେ ଦିଅନ୍ତି ତାହାର ଦୁଇଗୁଣ ରେଟ୍ ଶିଳ୍ପ କାରଖାନାଠାରୁ ଆଦାୟ ହୁଏ । ଏମାନଙ୍କ ମତ ହେଲା, ଯେହେତୁ କଳ

କାରଖାନାମାନେ ଲାଭ କରନ୍ତି, ତେଣୁ ଅଧିକ ଦେବାଟା ତାଙ୍କ ପକ୍ଷରେ ସ୍ୱାଭାବିକ । ଘରଭଡ଼ା ସମସ୍ତଙ୍କ ଲାଗି ସମାନ ନୁହେଁ । ଯେଉଁମାନଙ୍କ ପରିବାର ବଡ଼, ଯେଉଁମାନେ ରୁଗ୍ଣ ବା ଅସମର୍ଥ ତାଙ୍କ ଲାଗି ଘରଭଡ଼ା କମ୍ । ତାଙ୍କୁ ଏକଚତୁର୍ଥାଂଶରୁ ତିନି-ଚତୁର୍ଥାଂଶ ଭଡ଼ା ଛାଡ଼ କରାଯାଏ । ମୋର ପ୍ରଶ୍ନ ହେଲା ଏଇ ସବୁ ଘରତୋଳା ପାଇଁ ପଇସା ଆସେ କୁଆଡ଼ୁ ? କୌଣସି ମ୍ୟୁନିସିପାଲିଟି ଟିକସ ଅଛି କି ନାହିଁ ? ନଗର ନିର୍ମାଣକର୍ତ୍ତା କହିଲେ, "ନିର୍ମାଣ ଲାଗି ଆମେ ସାଧାରଣତଃ ସେଭିଙ୍ଗସ୍ ବ୍ୟାଙ୍କରୁ ଅର୍ଥ ଆଣିଥାଉ; ସରକାର ମଧ୍ୟ ଦେଇଥାନ୍ତି । ମ୍ୟୁନିସିପାଲିଟି ପରିଚାଳନା ଲାଗି ୮୫ ଭାଗ ଅର୍ଥ ସରକାର ଦେଇଥାନ୍ତି । ଆଉ ୧୫ ଭାଗ ଲୋକଙ୍କଠାରୁ ମିଳେ । ସାଧାରଣଭାବେ କୌଣସି ଟିକସ ନାହିଁ । ଯେଉଁମାନେ ବ୍ୟକ୍ତିଗତ ବ୍ୟବସାୟ ଧନ୍ଦା ବା ବୃତ୍ତି କରନ୍ତି, ସେମାନେ ତାଙ୍କର ବ୍ୟବସାୟ ଅନୁସାରେ ଟିକସ ଦିଅନ୍ତି ।" ସେଠି ମଣିଷକୁ ଟିକସ ନାହିଁ; କିନ୍ତୁ କୁକୁରକୁ ଟିକସ ଦେବାକୁ ପଡ଼େ । କୁକୁରକୁ ୧ ମାର୍କ ଟିକସ । ମୋର ଅନ୍ୟ ପ୍ରଶ୍ନ ହେଲା, ଅଳ୍ପ ହେଲେ ବି ସେଠାରେ ତ ବ୍ୟକ୍ତିଗତ ସମ୍ପତ୍ତି ରହିଛି; ତେଣୁ ଯେଉଁମାନଙ୍କର ନିଜର ଘରବାଡ଼ି ଅଛି ସେମାନେ କେତେ ଭଡ଼ା ଆଦାୟ କରନ୍ତି ?

ନଗରକର୍ତ୍ତା କହିଲେ, "ହିଁ, ଆମର ଏଠି ନଅଭାଗରୁ ଭାଗେ ଘର ବ୍ୟକ୍ତିବିଶେଷଙ୍କର । ତାହା ତାଙ୍କର ନିଜର ସମ୍ପତ୍ତି । ସେମାନେ ଇଚ୍ଛା କଲେ ନିଜେ ରହିପାରନ୍ତି ବା ଭଡ଼ା ଲଗାଇପାରନ୍ତି । କିନ୍ତୁ ଭଡ଼ାର ପରିମାଣ ୧୯୩୬ ସାଲରେ ଯାହା ଥିଲା ତାହାହିଁ ରହିବ । ତା'ଠାରୁ ଅଧିକା କେହି ନେଇପାରିବେ ନାହିଁ । କେବଳ କିଛି ଅଧିକା ସୁବିଧା କରିଥିଲେ ଅଧିକା ଚାର୍ଜ କରିପାରନ୍ତି ।

ଏ ସବୁ ଘର ଉପରେ ଚଡ଼ା ଟିକସ ଆଦାୟ ହୁଏ । ଲୋକଙ୍କୁ ଶୋଷି ଲାଭ କରିବାର ଉଦ୍ଦେଶ୍ୟ ଏଠାରେ ନାହିଁ । ଅନେକେ ତାଙ୍କର ଘର ମରାମତି କରି ଭଲଭାବେ ରଖିପାରନ୍ତି ନାହିଁ । ସରକାର ସେମାନଙ୍କ ଘର ନେଲେ ଅନ୍ୟ ଜାଗାରେ ତାଙ୍କ ପାଇଁ ଫ୍ଲାଟ୍ ଯୋଗାଇଦିଏ । ତାଙ୍କର ଜମି ଓ ଘର ଲାଗି ମଧ୍ୟ ସେମାନେ କ୍ଷତିପୂରଣ ପାଇଥାନ୍ତି । କ୍ଷତିପୂରଣ ହାରରେ ସନ୍ତୁଷ୍ଟ ନ ହେଲେ ସେମାନେ ଅପିଲ କରିପାରନ୍ତି । ଏପରିକି ଯେଉଁମାନେ ଘରଦ୍ୱାର ଛାଡ଼ି ପଶ୍ଚିମ ଜର୍ମାନୀକୁ ପଳାଇଛନ୍ତି, ସେମାନେ ଯଦି ଫେରିଆସନ୍ତି ସେମାନେ ତାଙ୍କର ଘର ଓ କ୍ଷତିପୂରଣ ପାଇପାରିବେ । ଏକମାତ୍ର ସର୍ତ୍ତ ହେଉଛି ସେମାନେ ସେ ଅର୍ଥ ଆମ ଏଇ ଦେଶରେ ଇଚ୍ଛାନୁଯାୟୀ ଖର୍ଚ୍ଚ କରିବେ । ତାକୁ ଧରି ପଶ୍ଚିମ ଜର୍ମାନୀକୁ ପଳାଇଯାଇପାରିବେ ନାହିଁ ।" ନଗର ନିର୍ମାଣ-କର୍ତ୍ତାଙ୍କ ସହିତ ଆଲୋଚନାରୁ ଜଣାଗଲା ସେ କିଛି ଲୁଚାଇବାକୁ ଚାହାନ୍ତି ନାହିଁ । ସେ ପରିଷ୍କାର କହୁଥାନ୍ତି, "ଘର ସମସ୍ୟା ସମାଧାନ ସହଜ କଥା ନୁହେଁ ; ତା ସମୟସାପେକ୍ଷ । ଇଚ୍ଛା କଲେ ବି ସଙ୍ଗେ ସଙ୍ଗେ ଘରତୋଳା ହୋଇପାରିବ ନାହିଁ କି ସମସ୍ତଙ୍କୁ ଯୋଗାଇ ଦେଇ ହେବ ନାହିଁ । ବର୍ତ୍ତମାନ ଘର ଲାଗି ୪୨ ହଜାର ଲୋକ ଅପେକ୍ଷା କରି ରହିଛନ୍ତି । ଘର ତୋଳା ହେବା ପରେ ତାହା ବିଭିନ୍ନ ଶିଳ୍ପ ଅନୁଷ୍ଠାନ ଓ କାରଖାନାକୁ ବାଣ୍ଟି ଦିଆହୁଏ । ସେମାନେ ତାଙ୍କ ସଭ୍ୟ ବା କର୍ମଚାରୀଙ୍କ ମଧ୍ୟରେ ତାହା ବାଣ୍ଟନ୍ତି । ଯେଉଁ ଲୋକେ କୌଣସି ଅନୁଷ୍ଠାନ ସହିତ ସମ୍ପୃକ୍ତ ନୁହନ୍ତି, ସେମାନେ ସିଧା ସଳଖ ଟାଉନହଲ ( ନଗରଶାସନ ସଂସ୍ଥା ) ପକ୍ଷରୁ ତାହା ପାଇଥାଆନ୍ତି । ତେବେ ଗୃହସମସ୍ୟା ପୂରାପୂରି ସମାଧାନ କରିବାକୁ ଆମକୁ ୧୯୮୦ ହୋଇଯିବ । ସେତେବେଳକୁ ଗୃହର ଅଭାବ

ଆଉ ରହିବ ନାହିଁ । ପ୍ରତ୍ୟେକ ଲୋକଙ୍କୁ ଆଧୁନିକ ଫ୍ଲାଟ ଯୋଗାଇ-ଦିଆଯାଇପାରିବ ।"

ବୁଲିଲି ଭିତରେ ଗୋଟାଏ କଥା ଆଖିରେ ନ ପଡ଼ି ରହେ ନାହିଁ । ସବୁଠି ପୁରୁଣା ଘର ଭଙ୍ଗାହୋଇ ନୂଆ ଘର ତିଆରି ଚାଲିଛି । କେବଳ ଭଙ୍ଗା ଖଣ୍ଡିଆ ହୋଇ ଛିଡ଼ା ହୋଇଛନ୍ତି ଗୀର୍ଜା-ଗୁଡ଼ିକ । ପ୍ରତ୍ୟେକ ସହରରେ ଏ ଦୃଶ୍ୟ । ତାକୁ କେହି ତୋଳୁ-ନାହାନ୍ତି, ନୂଆକରି ଗଢ଼ୁନାହାନ୍ତି କାହିଁକି ? ଏଇଟା ମୋର ହେଲା ଶେଷ ପ୍ରଶ୍ନ । ସେ ଜୋରରେ ହସିଉଠିଲେ, କହିଲେ, "ଦେଖନ୍ତୁ, ଭଗବାନ ସବୁଠାରେ ରହିପାରନ୍ତି । ଖରା, ବର୍ଷା, ଥଣ୍ଡା, କାକର, ତୁଷାର ତାଙ୍କୁ କିଛି ବାଧେ ନାହିଁ; କିନ୍ତୁ ମଣିଷ ତ ଖରା ବର୍ଷା ଥଣ୍ଡା କାକରରେ ରହିପାରିବ ନାହିଁ, ମରିଯିବ । ତେଣୁ ମଣିଷଙ୍କୁ ବଞ୍ଚାଇବାକୁ ହେଲେ ଆଗ ତାଙ୍କୁ ଘର ଯୋଗାଇଦେବାକୁ ହେବ । ଯଦି କେହି ନିଜେ ପୁଣ୍ୟପାଥରେ ପଡ଼ି ଭଗବାନଙ୍କ ଲାଗି ଘର ତୋଳିଲା, ସେଥିରେ ଆମର ଆପତ୍ତି ନାହିଁ । ଆମେ କିନ୍ତୁ ଭଗବାନଙ୍କ ଦୋହାଇ ଦେଇ ଲୋକଙ୍କୁ ମୃତ୍ୟୁମୁଖକୁ ଠେଲି-ଦେଇ ନ ପାରୁଁ ।"

ସେହି ସହର ପାଖରେ ଆଉ ଏକ ସହର—ଏସିଆନ୍ ହେଟେନଷ୍ଟାଟ (Eisen huttenstadt) । ଏହାର ଭିତ୍ତି ପଡ଼ିଛି ମାତ୍ର ୧୯୫୦ରେ, ମେଟାଲର୍ଜି କାରଖାନା ସାଙ୍ଗରେ । ଅତି ଆଧୁନିକ ଏକ ସହର । ଯୋଜନା ଅନୁଯାୟୀ ତିଆରି । ପହଞ୍ଚିଲି ସେଠାର ମେୟରଙ୍କ ଅଫିସରେ । ସେଠାର ମେୟର ଆମ ମ୍ୟୁନିସିପାଲିଟି ଚେୟାରମ୍ୟାନଙ୍କ ପରି କ୍ଷମତାହୀନ ନୁହନ୍ତି । ସେ ହେଲେ ସହରର ମୁଖ୍ୟ ଶାସନକର୍ତ୍ତା; ସମସ୍ତ ପ୍ରକାର ପ୍ରଶାସନର କ୍ଷମତାର ଅଧିକାରୀ । ସେ ଆଉ ତାଙ୍କ କାଉନସିଲ ଗଣଭୋଟରେ

ନିର୍ବାଚିତ । ମେୟର ଦେଖିବାକୁ ବେଶ୍ ଲମ୍ବାଳିଆ ଲୋକ ହସଖୁସି ମିଜାଜର । ସମ୍ବର୍ଦ୍ଧନା ପରେ ଆରମ୍ଭ ହୋଇଗଲା ଆମର ଆଳାପ ଆଲୋଚନା । ପ୍ରଥମେ ବୁଝିବସିଲି ତାଙ୍କର କାଉନସିଲର ବିବରଣୀ । ମେୟର କହିଯାଉଥାନ୍ତି, "ଆମ କାଉନସିଲର ସଭ୍ୟ ୮୫ ଜଣ । ଆଉ ୫୫ ଜଣ ହେଲେ ପ୍ରାର୍ଥୀ ସଭ୍ୟ । ପ୍ରାର୍ଥୀ-ସଭ୍ୟଙ୍କର କେବଳ ଭୋଟ ଦେବା ଅଧିକାର ବ୍ୟତୀତ ଆଉ ସବୁ ଅଧିକାର ରହିଛି । କୌଣସି ସଭ୍ୟ ମରିଗଲେ ତାଙ୍କ ସ୍ଥାନ ଏମାନେ ପୂରଣ କରନ୍ତି । ପ୍ରତି ୪ ବର୍ଷରେ ନିର୍ବାଚନ ହୁଏ । ଶତକଡ଼ା ୫୦ରୁ ଊର୍ଦ୍ଧ୍ୱ ଭୋଟ ପାଇଲେ ଜଣେ ନିର୍ବାଚିତ ହେବେ । "ଆମ ଦେଶର ଭୋଟପ୍ରଥାଠାରୁ ଫରକ ଏଇଠି । କେବଳ ଅନ୍ୟ ପ୍ରାର୍ଥୀଙ୍କଠାରୁ ଅଧିକ ଭୋଟ ପାଇଲେ ହେବ ନାହିଁ । ନିର୍ବାଚିତ ହେବାକୁ ହେଲେ ଅଧିକ ସଂଖ୍ୟକ ଭୋଟରଙ୍କର ଆସ୍ଥାଭାଜନ ହେବା ଦରକାର । ଏହି ପରିଷଦ ପୁଣି ୧୮ ଜଣଙ୍କୁ ନେଇ ଏକ କାର୍ଯ୍ୟକାରୀ କମିଟି, ମେୟର, ଡେପୁଟି ମେୟର ବାଛନ୍ତି । ଏମାନେ ଦୈନନ୍ଦିନ କାମ ଚଳାନ୍ତି ଏବଂ ପ୍ରତ୍ୟେକଙ୍କର ନିର୍ଦ୍ଦିଷ୍ଟ ଦାୟିତ୍ୱ ଅଛି । ଆମ ମ୍ୟୁନିସିପାଲିଟି ସଭ୍ୟଙ୍କ ଭଳି ସେମାନେ ମୁତ୍‌ଫରକା ନୁହନ୍ତି । ଶିକ୍ଷା, ସ୍ୱାସ୍ଥ୍ୟ, ଯୋଗାଣ, ପରିବହନ, ଶିଳ୍ପ, ଖାଦ୍ୟ, ବାଣିଜ୍ୟ, ବେପାର, କ୍ରୀଡ଼ା, ସଂସ୍କୃତି ପ୍ରଭୃତି ଏକ ଏକ ବିଭାଗ ପ୍ରତ୍ୟେକେ ପରିଚାଳନା କରିଥାଆନ୍ତି । ପ୍ରତ୍ୟେକ ବିଭାଗ ପାଇଁ ଏକ ଏକ କମିଶନ ମଧ୍ୟ ରହିଛି । ଏହି କ୍ଷୁଦ୍ର ସହରଟିର ବଜେଟ ହେଉଛି ୩ କୋଟି ୪୦ ଲକ୍ଷ ମାର୍କ । ଏଥିରୁ ୧ କୋଟି ୨୦ ଲକ୍ଷ କେନ୍ଦ୍ର-ସରକାର ଦିଅନ୍ତି । ନିର୍ମାଣ ଯୋଜନା ଲାଗି ବଜେଟର ୭୩ ଭାଗ ଅର୍ଥ ମଧ୍ୟ ତାହା ଯୋଗାଇଥାଏ । ଏ ବଜେଟର ୩ ଭାଗରୁ ଭାଗେ ଖର୍ଚ୍ଚ ହୁଏ ଶିକ୍ଷା ଓ ସ୍ୱାସ୍ଥ୍ୟରେ ।

ସ୍କୁଲ, କଲେଜ, ହୋଟେଲ, ଦୋକାନ, ପରିବହନ ସହରର ବ୍ୟବସ୍ଥାପକ ବିଷୟ ଆଦି ଯାବତୀୟ ବିଷୟ କାଉନସିଲକୁ ଚଳାଇବାକୁ ପଡ଼ିଥାଏ । ଆମର ତ ଏଠାରେ ସବୁଜାଗାରେ ଦୁର୍ନୀତି । ସେଠାରେ ତା ଅଛି କି ନାହିଁ, ଥିଲେ କିପରି ଅଛି, ଏଇଟା ହେଲା ମୋର ବିଶେଷ ପ୍ରଶ୍ନ । ହୋଟେଲରେ ସ୍ଥ ଓ ଖାଦ୍ୟ ଆଦି ପରିବେଷଣ ହେଉଛି । ଧର, ଯଦି କିଛି ଖରାପ ଖାଦ୍ୟ ଦେଇ ବା ପରିମାଣ ଟିକେ କମ କରିଦେଇ ଲୋକଙ୍କୁ ଠକି କିଛି ମାରିନେବାର ଦୃଷ୍ଟାନ୍ତ ଅଛି କି ନାହିଁ । ଯଦି ଧରାପଡ଼ିଲା, ତା ଲାଗି କି ଦଣ୍ଡର ବ୍ୟବସ୍ଥା ? ମେୟର ଖୋଲାଖୋଲି କହୁଥାଆନ୍ତି, "ସମୟେ ସମୟେ ଯେ ତାହା ନ ଘଟୁଛି ତା ନୁହେଁ । କିନ୍ତୁ ତା ସହଜରେ ଧରାପଡ଼ିଯାଏ । କାରଣ, ସମସ୍ତେ ଜଗିଥାଆନ୍ତି; ସମସ୍ତେ ସଚେତନ । ହେଲେ ଦୁର୍ନୀତିର ସ୍ଥାନ କେଉଁଠି ? ଦଣ୍ଡ ହେଲା ସର୍ବସାଧାରଣ ଭର୍ତ୍ସନାଠାରୁ ସକଳପ୍ରକାର ଶାସ୍ତି ବିଧାନ ଯାଏ । ଦୋଷକୁ ଗୁରୁ ଦଣ୍ଡର ବ୍ୟବସ୍ଥା ।" ବାସ୍ତବିକ ବର୍ଲିନ ସହରରେ ଦେଖିଛି, ଟ୍ରାମରେ ଟିକେଟ ପାଇଁ ପଇସା ନେବାକୁ କଣ୍ଡକ୍ଟର ନାହିଁ । ପଇସା ତମେ ପକାଇବ, ଟିକେଟ ଆଣିବ । ନ ପକାଇଲେ କେହି ଧରିବାକୁ ନାହିଁ, କେବଳ ନିଜର ବିବେକର ବିଚାର କଥା । ଯେତେବେଳେ ଲୋକର ଧାରଣା ହୁଏ ଯେ ଜିନିଷ ତାଙ୍କର ନିଜର, ସେତେବେଳେ କେବେହେଲେ ନଷ୍ଟ କରିବାକୁ ଯେ ଯିବ ନାହିଁ ବା ଠକିବାକୁ ବସିବ ନାହିଁ । ସେଠି ଲୋକ ଓ ସରକାର ଅବିଚ୍ଛେଦ୍ୟ ହୋଇ-ଯାଆନ୍ତି; ଅଧିକ ଅଧିକ ନିବିଡ଼ ହୋଇଉଠନ୍ତି । ଆମର ଏଠି କୌଣସି ଆନ୍ଦୋଳନ ହେଲେ ପ୍ରଥମ ଆକ୍ରମଣ ହୁଏ ଟ୍ରାମ ବସକୁ । ପଇସା ନ ଦେଇ ବା କିଛି ଅଣ୍ଟାଗୁଞ୍ଜା ଦେଇ ସବୁକ୍ଷେତ୍ରରେ ଖସିଯିବା ହେଲା ଆମର ସ୍ୱଭାବ ବା ଗୋଟାଏ ବଡ଼ ବୃତ୍ତି ।

କାରଣ ଏଠା ଲୋକ ଓ ସରକାର ଦୁଇଟା ଅଲଗା ଅଲଗା ଜିନିଷ । ସରକାରଙ୍କ ଲକ୍ଷ୍ୟ ବା ଉଦ୍ଦେଶ୍ୟ ରହେ କିପରି ଲୋକଙ୍କ ଉପରେ ଅଧିକା ଅଧିକା କର ବସାଇବା, ଲୋକେ ଠିକ୍ କଥା କହିଲେ ତାଙ୍କୁ ଦମନ କରିବା । ଲୋକଙ୍କର ଲକ୍ଷ୍ୟ ରହିଲା କିପରି ସରକାରଙ୍କୁ ଠକିବା, ସରକାରୀ ଧନ ଲୁଟିବା । ସରକାରଙ୍କ ବିରୋଧ କରିବା ବାଟରେ ଖୋଦ ସରକାରୀ କର୍ମଚାରୀଙ୍କର ମଧ୍ୟ ଅଭାବ ନାହିଁ । ଏହା କରିବା ଖୋଦ ମନ୍ତ୍ରୀ ଓ ଲୋକପ୍ରତିନିଧି ମଧ୍ୟ କମ୍ ନୁହନ୍ତି । ଦୁର୍ନୀତି କମିଶନ ହେଉଛି ତା'ର ନମୁନା ।

ମେୟର ତାଙ୍କ ସହରର ଏକ ସଂକ୍ଷିପ୍ତ ବିବରଣୀ ଦେଇଯାଉଥାନ୍ତି—“ଏଠାରେ ଆମେ ଶହକେ ୯୮ ଜଣ ଶିଶୁଙ୍କ ଲାଗି କିଣ୍ଡରଗାର୍ଟେନ ବ୍ୟବସ୍ଥା କରିପାରିଛୁଁ । ଆଉ ହୋଇ ପାରିନାହିଁ । ଘର ଆଦି ତିଆରି ଚାଲିଛି ।”

ଏଥିପୂର୍ବରୁ, ସକାଳଓଳି ମୁଁ ସେ ସହରଟା ବୁଲି-ଦେଇଥିଲି । ପିଲା ଦୁଇମାସର ହେଲେ କ୍ରିଚେସ୍ ବା ଶିଶୁ-ଭବନକୁ ଆସେ । ତିନିବର୍ଷ ହେଲାଯାଏ ସେ ସେଠାରେ ରହିପାରେ । ତିନିବର୍ଷରୁ ସାତବର୍ଷ ପର୍ଯ୍ୟନ୍ତ, ପିଲାଙ୍କ ଲାଳନ ପାଳନ ପଢ଼ାପଢ଼ି ଓ ଖେଳର ସ୍ଥାନ ହେଲା କିଣ୍ଡରଗାର୍ଟେନ । ୭ ବର୍ଷ ହେଲେ ସେମାନେ ସ୍କୁଲକୁ ଯାଆନ୍ତି । ସେଠାରେ ଆଠ ହଜାର ଲୋକଙ୍କ ବସତି ଅନୁସାରେ, ଗୋଟାଏ ଗୋଟାଏ କଲୋନି ବା ପୁରି ତିଆରି ହେଉଛି । ସେଠାରେ ପୂର୍ବର ଯୋଜନା ଅନୁସାରେ କ୍ରିଚେସ, କିଣ୍ଡରଗାର୍ଟେନ, ସ୍କୁଲ, ଡାକ୍ତରଖାନା ଆଦି ଗଢ଼ା ଚାଲିଛି । ହେଲେ ତା ପୂର୍ବର ଲୋକ ତ ରହିଛନ୍ତି । ବର୍ତ୍ତମାନ ସମସ୍ତଙ୍କ ଲାଗି ସ୍ଥାନ ନାହିଁ । ପ୍ରତ୍ୟେକ ଲୋକ ନିଶ୍ଚୟ ଚାହିଁବ ତା ପିଲାକୁ ଶିଶୁ ଭବନ ବା କିଣ୍ଡରଗାର୍ଟେନକୁ ପଠାଇବା ଲାଗି । ଯଦି ଯଥେଷ୍ଟ ସ୍ଥାନ ନାହିଁ,

ତେବେ ଅଗ୍ରାଧିକାର ପାଏ କିଏ ? ଏଠାରେ କଣ ଧଣିଧନ୍ତ, ପାତର ଅନ୍ତର ହୁଏ ନାହିଁ, ଏଇ ହେଲା ମୋର ପ୍ରଶ୍ନ ?

ମେୟର ହସଟାଏ ହସିଦେଇ କହିଲେ, "ପ୍ରଥମ ସ୍ଥାନ ପାଇବେ ଅବିବାହିତା ମା'ର ପିଲାମାନେ ।" ବିସ୍ମୟସୂଚକ ସ୍ୱରରେ, ପ୍ରଶ୍ନ ଆକାରରେ ମୁଁ ପୁଣି ତାକୁହିଁ ପୁନରାବୃତ୍ତି କଲି— ପ୍ରଥମ ସ୍ଥାନ ପାଇବେ ଅବିବାହିତ ମା'ର ପିଲାମାନେ ! ସେ ଆଉ ଥରେ ସେ ବାକ୍ୟଟାକୁ ଦୋହରାଇଦେଇ ମତେ ପ୍ରଶ୍ନ କଲେ, "ଭାରତରେ କ'ଣ ବିବାହ ପୂର୍ବରୁ ପିଲା ହୁଏ ନା ବିବାହ ପରେ ପିଲା ହୁଏ ?" ଏ କି ପ୍ରଶ୍ନ ! ଛୋଟା ଛୋଟା କହି କାନରେ ହାତ ଦେବା କଥା ! ସେ କହୁଥାନ୍ତି "ଆମେ ଶୁଣୁଛୁ—ଭୁଆଣ୍ଡେ ଝିଅ ପୁଅ କେହି କାହାକୁ ନ ଦେଖି ବାହାହୋଇପଡ଼ନ୍ତି । ତା କିପରି ହୁଏ ? ଆପଣଙ୍କ ଜୀବନରେ କ'ଣ ଘଟିଛି ? ଆପଣଙ୍କ ସ୍ତ୍ରୀ ତ ନିଶ୍ଚେ ଶିକ୍ଷିତା ହୋଇଥିବେ ?"

ମୁଁ କହିଲି "ହଁ, ଶିକ୍ଷିତା ତ ନିଶ୍ଚୟ । ବିବାହ ପୂର୍ବରୁ କେହି କାହାକୁ ନ ଦେଖିଥିବା କଥାଟା ବି ସତ୍ୟ ।"

ସେ ଆହୁରି ହସି ହସି ଗଡ଼ିଗଲେ, "ଆପଣଙ୍କ ଭଳି ଜାଣିବା ଶୁଣିବା ଲୋକ ନ ଦେଖି ନ ଶୁଣି ବାହାହୋଇ ପଡ଼ିଲେ କିପରି ? ତାଙ୍କୁ ବଡ଼ ଆଶ୍ଚର୍ଯ୍ୟ ଲାଗୁଥାଏ । ସେ ମୋର ଉତ୍ତରରେ ଯେପରି ଆଶ୍ଚର୍ଯ୍ୟ ବୋଧ କରୁଥାନ୍ତି । ମୁଁ ମଧ ତାଙ୍କର ପ୍ରଶ୍ନରେ ସେହିପରି ଆଶ୍ଚର୍ଯ୍ୟ ବୋଧ କରୁଥାଏ । ଏବେ ତାଙ୍କର ପ୍ରଶ୍ନ ହେଲା, "ବିବାହ ହେବା ଆଗରୁ ଯଦି ପିଲା ହେଲା, ତେବେ ସେ ପିଲା ଓ ମା'ର ଅବସ୍ଥା କଣ ହୁଏ ? ଯେଉଁ ଶିଶୁ ଭୂମିଷ୍ଠ ହେଲା, ସେ ଯାହାର ହେଉ, ବିବାହ ପୂର୍ବରୁ ଆସୁ ବା ପରେ ଆସୁ, ସମାଜର ତା ପ୍ରତି

*

କର୍ତ୍ତବ୍ୟ କଅଣ ? ବାପ ମା ତାଙ୍କର କର୍ତ୍ତବ୍ୟ କରନ୍ତୁ ବା ନ କରନ୍ତୁ, ତମେ ତାକୁ ଦୋଷାବହ ବୋଲି ମନେକର ବା ନ କର,— ସେଥିସହିତ ନବାଗତ ଶିଶୁକୁ କପଟ ବା ଦାୟୀ କରାଯାଇପାରେ ? ସେ କାହିଁକି ବା ସମାଜରେ ପରିତ୍ୟକ୍ତ ହେବ ? ତାର ମା ଯଦି କାମକୁ ଗଲା, ତେବେ ପିଲାକୁ ଦେଖିବ କିଏ ? ତାର ଲାଳନ ପାଳନ ଭାର ନେବ କିଏ ? ଯା'ର କେହି ନାହିଁ—ସେ ପ୍ରଥମ ହକଦାର । ଆମର ରାଷ୍ଟ୍ରରେ ତା'ର ଅଗ୍ରାଧିକାର । ଏଇଟା ତ ଅତି ସିଧା କଥା । ଏଥିରେ ଆଶ୍ଚର୍ଯ୍ୟ ହେବାର କଣ ଅଛି ? ଏଇଟା କଣ ଭୁଲ କଥା ?"

କିନ୍ତୁ ଆମକୁ ଆଶ୍ଚର୍ଯ୍ୟ, ଯେହେତୁ ଆମର ଶିକ୍ଷାଟା, ଦୃଷ୍ଟିଟା ଠିକ୍ ଓଲଟା । ଅବିବାହିତର ସନ୍ତାନ ଘୃଣ୍ୟ, ପରିତ୍ୟକ୍ତ; ସନ୍ତାନର ମା ସମାଜରୁ ବିତାଡ଼ିତ, କିମ୍ବା ଆତ୍ମହତ୍ୟା ତା'ର ମୁକ୍ତିର ମାର୍ଗ । ରାସ୍ତାକଡ଼ରେ ସଦ୍ୟଜାତ ଶିଶୁ ବା ଶିଶୁର ଶବଦେଖି ଆମ ଦେଶରେ କେହି ଆଶ୍ଚର୍ଯ୍ୟ ହୁଅନ୍ତି ନାହିଁ । ତାହା ଏକ ସାଧାରଣ ବିଷୟ । ଏହିପରି ମା ଓ ଶିଶୁ ଉଭୟ ଭବିଷ୍ୟତହୀନ । ଆମେ ଏଠି ଯାହାକୁ ଫିଙ୍ଗିଦେଉ, ସେଠି ତା'ର ଅଗ୍ରାଧିକାର—ଏଥିରେ କିଏ ଆଶ୍ଚର୍ଯ୍ୟ ନ ହେବ ! ଏହା କଣ ମାନବିକତା ପ୍ରତି ଦୃଷ୍ଟିକୋଣର ଫରକ ନୁହେଁ ?

ଯଦି ଏତେ ସୁଯୋଗ ତେବେ ସେଠାରେ ଅବିବାହିତ ମା'ଙ୍କ ସଂଖ୍ୟା ବୃଦ୍ଧି ପାଉ ନ ଥିବ କାହିଁକି ? ପୁରୁଷର ତ ଦାୟିତ୍ୱ ନାହିଁ, ମା ପକ୍ଷରେ କୌଣସି ପ୍ରତିବନ୍ଧକ ନାହିଁ, ଶିଶୁ ପକ୍ଷରେ ମଣିଷ ହେବାର କିଛି ବାଧା ନାହିଁ । ତାହାହେଲେ ସାମାଜିକ ନୈତିକତା ଉପରେ ଏହାର ପ୍ରଭାବ କଅଣ ?

ଯାହା ଲକ୍ଷ୍ୟ କରୁଛି, ଜର୍ମାନୀରେ ରୁଷ ତୁଳନାରେ ବି ସ୍ତ୍ରୀ-ପୁରୁଷ ମଧ୍ୟରେ ମିଳାମିଶାଟା ଆହୁରି ଅବାଧ । ଜର୍ମାନୀରେ ଯେପରି ଘନିଷ୍ଠଭାବେ ଏକାଠି ବସନ୍ତି, ଯିବାଆସିବା କରନ୍ତି, ତା ରୁଷରେ ଏତେଟା ଦେଖିନାହିଁ । ଦେଶ ଅନୁସାରେ ଚଳଣି । ଆମ ଦେଶ ଲୋକଙ୍କ ଆଖିକୁ ତା ଅତି ଅଡୁଆ । ତାକୁ ଆମେ ଗର୍ହିତ ବୋଲି ବିଚାର କରିବା । କିନ୍ତୁ ସେଠି ଏସବୁ ପ୍ରତି କେହି ଦୃଷ୍ଟି ଦିଅନ୍ତି ନାହିଁ । ସିଏ ଯାହା କାମରେ ଲାଗିଥାନ୍ତି । ତାଙ୍କ ଚଳଣିକୁ ଆମ ନୈତିକତାର ଓଜନରେ ମାପିଲେ ଆମକୁ ଯେପରି ଅଡୁଆ ଅଡୁଆ ଲାଗେ, ଆମ କଥାଟା ତାଙ୍କୁ ସେହିପରି ଅଡୁଆ ଅଡୁଆ ଲାଗେ ।

ନିର୍ବାଚନ କଥା ଉଠିଲା । ମୁଁ ପ୍ରଶ୍ନ କଲି, ତମର ନିର୍ବାଚନରେ ଅସୁବିଧା କିଛି ନାହିଁ । ଜାଣିପୁ ଗଣତାନ୍ତ୍ରିକ ସାମ୍ୟ ଲକ୍ଷ୍ୟ ରହିଛି—ତେଣୁ ତା ପକ୍ଷରୁ ଯେ ପ୍ରାର୍ଥୀ ହେଲେ ସେ ନିଶ୍ଚୟ ଭୋଟ ପାଇବେ । ମତେ ବାଧା ଦେଇ ମେୟର କହିଲେ, "ନା, ନା, ତା ସବୁ ସମୟରେ ହୁଏନାହିଁ; ଫେଲ ମଧ୍ୟ ହୁଅନ୍ତି । ମତି ଠିକ ହେଲେ କଣ ହେଲା ପୁଣି ବ୍ୟକ୍ତିତ୍ୱ ତ ଅଛି ।" ସେ ଜଣେ ମହିଳାଙ୍କ ଉଦାହରଣ ଦେଲେ, ଯଦିଓ ସେ ଗଣତାନ୍ତ୍ରିକ ସାମ୍ୟର ପ୍ରାର୍ଥୀ, ତେବେ ବି ସେ ହାରିଗଲେ । କାରଣ ଲୋକେ ଭାବିଲେ, 'ତାଙ୍କର ବହୁ ପୁରୁଷ ବନ୍ଧୁ ଅଛନ୍ତି' । ତେଣୁ ଲୋକେ ତାଙ୍କୁ ଭୋଟ ଦେଲେ ନାହିଁ ।

କିନ୍ତୁ ଆମ ସମାଜରେ କଣ ଏଇଟା ଧର୍ତ୍ତବ୍ୟ ? ଏଥିଯୋଗୁ କଣ କେହି କେବେ ଭୋଟରେ ଫେଲ ହେଲେଣି ? ଏଇ ଯଦି ଗଣତାନ୍ତ୍ରିକ ନୈତିକତାର ମାନଦଣ୍ଡ ହୁଏ, ତେବେ ଆମର ମାତବାର ଲୋକପ୍ରତିନିଧିଙ୍କ ଭିତରୁ କେତେଜଣ ନିର୍ବାଚିତ ହେବେ !

ଏଇଠି ଦେଖୁ ଆମେ ପାର୍ଥକ୍ୟ । ଅବିବାହିତର ସନ୍ତାନଙ୍କୁ ଅଗ୍ରାଧିକାର, ଅନ୍ୟ ଦିଗରେ ବହୁ ପୁରୁଷ ସହିତ ସମ୍ବନ୍ଧ ରଖିଲେ ଭୋଟରେ ପରାଜୟ ! ସେଉଁଠା କି ଆମ ଦେଶରେ ଓଲଟା । ଅବିବାହିତ—ମାତା ଓ ତାର ପୁତ୍ର, ଦୁହେଁ ଲାଞ୍ଛିତ, ଅପମାନିତ ଓ ପରିତ୍ୟକ୍ତ ହୁଅନ୍ତି, ଆଉ ବହୁ ସ୍ତ୍ରୀ ଗମନ ଲାଗି କେହି କେବେ ଭୋଟରେ ହାରନ୍ତି ନାହିଁ । ଓଲଟ ସମାଜର ଓଲଟ ଫଳ !

ସଚେତ ଉତ୍କଳ ସଂଘ, ଭୁବନେଶ୍ୱର
ପାଠାଗାର
ନଂ ......................
ତା ......................

## ଗଣତନ୍ତ୍ରର ଅଗ୍ରଗତି

ବର୍ଲିନ ଓ୍ୱାଲକୁ ଲାଗି ପ୍ରାୟ ସେ ଘରଟା । ଏମିତି ବହୁ ଘର, ଟିକିଏ ଦୃଷ୍ଟି ସ୍ଥିର କରିନେଲେ ଆପେ ଆପେ ବାରିହୋଇପଡ଼େ । ଦେହ ସାରା ଦାଗ, ଅଶେଷ କ୍ଷତର ଚିହ୍ନ । ଘା ଶୁଖିଯାଇଛି; ରହିଯାଇଛି ଖଣ୍ଡିଆ ଚିହ୍ନଗୁଡ଼ାକ । ଗତ ବିଶ୍ୱଯୁଦ୍ଧର ନମୁନା, ଯେଉଁ କାନ୍ଥ ସେ ଯୁଦ୍ଧର ଚିହ୍ନକୁ ଧରିଛି, ତାହା ପୁଣି ନିଜ ଭିତରେ ଧରିଛି ଜର୍ମାନୀର ଶାନ୍ତି କମିଟିକୁ । ଭିତରେ ଶାନ୍ତି ଥିଲା ଯାଏ ବାହାରେ ଯୁଦ୍ଧ ଅସମ୍ଭବ ।

ପାଖକୁ ପାଖ ଲାଗି ବହୁ ଘର, ଅତି ନୂଆ ନ ହେଲେ ବି ଯୁଦ୍ଧପରର । ସେଠୁ ପଶ୍ଚିମ ବର୍ଲିନ ବେଶ ଦେଖାଯାଉଛି । ସେ ପଟୁ ଟେକାପଥର ଗୁଡ଼ିଲେ, ଏସବୁ ଘରର କାଚ ଝରକା, କବାଟ ଅକ୍ଲେଶରେ ଚୂନା ହୋଇଯିବ । ସେପଟୁ ବୋମା ଫିଙ୍ଗି ଏସବୁକୁ ସହଜରେ ଉଡ଼ାଇ ଦିଆଯାଇପାରେ । କିନ୍ତୁ ଠିକ୍ ସେଇ ଘରଟି ହିଁ ଭାଙ୍ଗିଛି, ଭାଙ୍ଗିବାରେ ଲାଗିଛି ପଶ୍ଚିମ ଜର୍ମାନୀର ସମସ୍ତ ଚକ୍ରାନ୍ତକୁ, ସାମ୍ରାଜ୍ୟବାଦୀଙ୍କର ସମସ୍ତ ଚକ୍ରାନ୍ତକୁ । ଆଜି ତାହାରି ଯୋଗୁଁହିଁ ଏହି ନୂତନ ଗଣତାନ୍ତ୍ରିକ ଜର୍ମାନୀର ସୃଷ୍ଟି ଏବଂ ଇଉରୋପର ଶାନ୍ତି ସୁରକ୍ଷିତ । ତାହାହିଁ ହେଉଛି ଜର୍ମାନୀର ଗଣତାନ୍ତ୍ରିକ ଶକ୍ତିମାନଙ୍କର ଐକ୍ୟର ପ୍ରତୀକ । ନ୍ୟାସନାଲ ଡେମୋକ୍ରାଟିକ୍ ଫ୍ରଣ୍ଟ ବା ଜାତୀୟ ଗଣତାନ୍ତ୍ରିକ ସାମ୍ମୁଖ୍ୟର ହେଡ୍‌କ୍ୱାଟର । ଏହା ପୂର୍ବ ଜର୍ମାନୀର ୫ଟି ଦଳକୁ ନେଇ ଗଠିତ । ତାହାହିଁ ଦେଶର ପ୍ରକୃତ ଶକ୍ତି ଓ ଚାଳକ ।

ଏଇ ଐକ୍ୟର ଅଭାବ ଥିଲା ଜର୍ମାନୀର ଦୁର୍ଗତିର ମୁଖ୍ୟ କାରଣ । ଏହାରି ଅଭାବରୁହିଁ ଜର୍ମାନୀରେ ଫ୍ୟାସିଷ୍ଟବାଦର ଅଭ୍ୟୁଦୟ ଓ ତା'ର ଶାସନ କ୍ଷମତା ଦଖଲ, ଆଜି ଏ ବିଶ୍ୱଯୁଦ୍ଧ । ୧୯୩୦ ବେଳକୁ ଜର୍ମାନୀରେ ଯେତେବେଳେ ଫ୍ୟାସିଷ୍ଟବାଦର ଆତଙ୍କ ଦେଖାଦେଲା, ସେତେବେଳେ କମ୍ୟୁନିଷ୍ଟ ପାର୍ଟି ପ୍ରଥମେ ଏହି ସାମ୍ମୁଖ୍ୟଲାଗି ଡାକ ଦେଇଥିଲା । ଡାକ ଦେଇଥିଲା ସବୁ ଗଣତାନ୍ତ୍ରିକ ଫ୍ୟାସିଷ୍ଟ ବିରୋଧୀ ବ୍ୟକ୍ତି ଓ ଦଳମାନେ ଏକଜୁଟ ହୁଅନ୍ତୁ, ଫାସିବାଦର ବିରୋଧ କରନ୍ତୁ । ଫାସିଜିମ୍‌ର ଭୟାବହ ପରିଣତି ପ୍ରତି ସମସ୍ତଙ୍କୁ ବାରମ୍ବାର ଚେତାଇ ଦେବାରେ ଆପ୍ରାଣ ଉଦ୍ୟମ କରିଥିଲା । ସେତେବେଳେ ଅନ୍ୟ ସୋସାଲିଷ୍ଟ ଓ ଗଣତାନ୍ତ୍ରିକ ଦଳମାନେ ତାହା ଶୁଣି ନ ଥିଲେ । ସେମାନେ ଏତେଦୂର କମ୍ୟୁନିଷ୍ଟବିରୋଧୀ ଭାବରେ ବୁଡ଼ିଥିଲେ ଯେ ସେମାନେ ଫ୍ୟାସିଷ୍ଟବାଦକୁ ପଛେ ରାସ୍ତା ଛାଡ଼ିଦେଲେ; କିନ୍ତୁ କମ୍ୟୁନିଷ୍ଟଙ୍କ ସହ ଏକାଠି ହେଲେ ନାହିଁ । ଫ୍ୟାସିଷ୍ଟମାନେ ସଂଖ୍ୟାଲଘୁ ହେଲେ ବି କ୍ଷମତା ଦଖଲ କରି ତା'ପରେ ସମସ୍ତ ଗଣତନ୍ତ୍ରକୁ ହତ୍ୟା କରି ପ୍ରତିଷ୍ଠା କଲେ ଏକଛତ୍ର ଶାସନ । ସବୁ ଦଳ ବେଆଇନ ହେଲା, ସମସ୍ତ ପ୍ରକାର ଗଣତାନ୍ତ୍ରିକ ଅଧିକାର ଲୋପ ପାଇଲା । ନାଜି ଦଳ ଛଡ଼ା ଅନ୍ୟ କାହାରି ତିଷ୍ଠିବାର ଅଧିକାର ରହିଲା ନାହିଁ । ଅନ୍ୟ ଦିଗରେ ରହିଲା ଅନ୍ୟ ଦେଶ ଉପରେ ଆକ୍ରମଣ, ପର ରାଜ୍ୟ ହରଣ ଓ ଶେଷରେ ଭୟାବହ ବିଶ୍ୱଯୁଦ୍ଧ ।

କଥାରେ ଅଛି, ମଣିଷ ଠକିଲେ ଶିଖେ । ଗତ ଯୁଦ୍ଧର ଭୟାବହ ଅଭିଜ୍ଞତାରୁ ମଣିଷ ଶିଖିଛି, ପ୍ରତିକ୍ରିୟାଶୀଳମାନଙ୍କୁ ପ୍ରତିହତ କରିବାକୁ ହେଲେ ସବୁ ପ୍ରଗତିକାମୀଙ୍କର ମିଳନ ଆବଶ୍ୟକ । ତେବେ ବି ଅନେକେ ଏଥିପ୍ରତି ଅଜ୍ଞ । ପ୍ରତିଦିନ ତାହା ଦେଖୁଥିଲେ,

ଏପରି କି କେତେକ ମୁହଁରେ କହୁଥିଲେ ମଧ୍ୟ କାମରେ ଓଲଟା କରନ୍ତି । ଠିକ ଏଇ ଯୋଗରୁହିଁ ମଣିଷ ପ୍ରତିକ୍ରିୟାର ପାଦତଳେ ପଡ଼ିଛି । ତାକୁ ହଟାଇବାକୁ ତାର ଉତ୍ସାହ, ଶକ୍ତି ପାଉନାହିଁ । ତାହାହିଁ ହେଲା ପୂର୍ବ ଓ ପଶ୍ଚିମ ଜର୍ମାନୀ ଭିତରେ ଗୋଟାଏ ପ୍ରଧାନ ପାର୍ଥକ୍ୟ । ଏଇ ମୂଳ ଭେଦରୁ ଆଉ ପାର୍ଥକ୍ୟଗୁଡ଼ାକ କେବଳ କେନା ମେଲିଛନ୍ତି । କେବଳ ଜର୍ମାନୀ ନୁହେଁ, ସବୁ ଦେଶ, ଏପରିକି ଆମ ଦେଶ ପକ୍ଷରେ ଏ କଥାଟା ନିର୍ଭଟ ସତ ।

୧୯୪୫ ମଇ ୯ ତାରିଖରେ ନାଜୀ ଜର୍ମାନୀର ପତନ ହେଲା । ଏବେ ତିନ ସପ୍ତାହ ପରେ ସୋଭିଏତ ସାମରିକ ଶାସକଙ୍କ ଆଦେଶନାମା ପ୍ରକାଶ ପାଇଲା—ଲୋକମାନେ ଇଚ୍ଛାକଲେ ଫ୍ୟାସିଷ୍ଟ-ବିରୋଧୀ ଗଣତାନ୍ତ୍ରିକ ଦଳ ଓ ସ୍ୱାଧୀନ ଟ୍ରେଡ୍ ଇଉନିୟନମାନେ ଗଠନ କରିପାରନ୍ତି । ଫ୍ୟାସିଷ୍ଟବାଦର ଗଠନ ପରେ ଏହା ହେଲା ଗଣତାନ୍ତ୍ରିକ ଅଧିକାର ପ୍ରତିଷ୍ଠାର ପ୍ରଥମ ପଦକ୍ଷେପ । ଏଇ ଘୋଷଣାର ପରେ ପରେ ମୁଣ୍ଡ ଟେକି ଉଠିଲେ ବିଭିନ୍ନ ଗଣତାନ୍ତ୍ରିକ ଦଳମାନେ ।

ଫ୍ୟାସିଷ୍ଟ ହିଟଲର ଆସିବା ପୂର୍ବରୁ ଜର୍ମାନୀରେ ସବୁଠୁ ବଡ଼ ଦଳ ଥିଲା କମ୍ୟୁନିଷ୍ଟ ପାର୍ଟି (କେ. ପି. ଡି) ଓ ସୋସାଲ ଡେମୋ-କ୍ରାଟିକ୍ ପାର୍ଟି ( ଏସ୍. ପି. ଡ଼ି. )। ଏ ପର୍ଯ୍ୟନ୍ତ ଏ ସବୁ ପାର୍ଟି ବେଆଇନ ହୋଇ ରହିଥିଲା । ଏବେ ତାଙ୍କର ପ୍ରକାଶ୍ୟ କାର୍ଯ୍ୟକ୍ରମ ଆରମ୍ଭ ହୋଇଗଲା । ଅନ୍ୟ ସବୁ ପାର୍ଟିକୁ କମ୍ୟୁନିଷ୍ଟ ପାର୍ଟିର ପ୍ରଥମ ଆହ୍ୱାନ ହେଲା, "୧୯୧୮ର ଭୁଲର ପୁନରାବୃତ୍ତି କର ନାହିଁ । ଶ୍ରମଜୀବୀ ଜନସାଧାରଣଙ୍କ ଭିତରେ ସମସ୍ତ ବିଭେଦ ଦୂର କର । ଫାସିଜିମ୍ ବିରୁଦ୍ଧରେ ସମସ୍ତେ ଐକ୍ୟବଦ୍ଧ ହୁଅ ।" ଜୁନମାସ ୧୧ ତାରିଖ, ଯେଉଁଦିନ କମ୍ୟୁନିଷ୍ଟ ପାର୍ଟିର ପୁନର୍ଜନ୍ମ ହେଲା,

ସେଇଦିନ ଏହାହିଁ ସବୁ ଗଣତାନ୍ତ୍ରିକ ଦଳମାନଙ୍କ ପ୍ରତି ତା'ର ନିବେଦନ । ଏହାର ୪ଦିନ ପରେ ସୋସାଲ ଡେମୋକ୍ରାଟିକ୍ ଦଳର ନେତା ଅଟୋ ଗ୍ରୋଟ୍‌ହୋଲ ତାଙ୍କର ନିବେଦନ ପ୍ରକାଶ କଲେ—"ଆମେ ଚାହୁଁ, ଜର୍ମାନ ଶ୍ରମିକ ଶ୍ରେଣୀର ଐକ୍ୟର ପୁନଃପ୍ରତିଷ୍ଠା । ସ୍ୱାଧୀନତା, ଗଣତନ୍ତ୍ର, ସାମ୍ୟବାଦ ପାଇଁ ଫ୍ୟାସିଷ୍ଟବାଦ ବିରୁଦ୍ଧରେ ଲଢ଼ିବା ଦିଗରେ ଯେଉଁମାନେ ଅଗ୍ରସର, ସେମାନଙ୍କ ପ୍ରତି ଆମେ ଆମର ହସ୍ତପ୍ରସାରଣ କରୁଁ"—ଏଇ ଜୁନ ୧୫ ତାରିଖ ଦିନଟି, ଜର୍ମାନୀ ପକ୍ଷରେ ଏକ ଐତିହାସିକ ଦିନ । ଏଇ ଦିନ କମ୍ୟୁନିଷ୍ଟ ପାର୍ଟି ଓ ସୋସାଲ ଡେମୋକ୍ରାଟିକ୍ ପାର୍ଟି ମଧ୍ୟରେ ମିଳନର ଭିତ୍ତି ପଡ଼ିଲା । ବଦଳିଲା ଜର୍ମାନୀର ଭାଗ୍ୟ, ଯେଉଁ ମିଳନର ଅଭାବ ଓ ବିଭେଦ ଯୋଗୁଁ ଫ୍ୟାସିଷ୍ଟମାନଙ୍କର କ୍ଷମତା ଦଖଲ ଓ ଜର୍ମାନୀର ଦୁର୍ଭାଗ୍ୟର ସୃଷ୍ଟି । ଏବେ ତା'ର ଶେଷ ଯବନିକା ପଡ଼ିଲା ।

ପ୍ରଥମେ ଏ ଦୁଇ ପାର୍ଟି ମିଳିତଭାବେ କାର୍ଯ୍ୟ କଲେ । ତା ପରେ କମ୍ୟୁନିଷ୍ଟ ପାର୍ଟି ଓ ସୋସିଆଲ ଡେମୋକ୍ରାଟିକ ପାର୍ଟିର ମିଶ୍ରଣ ଘଟିଲା ୧୯୪୬ ଏପ୍ରିଲ ୧୨ ତାରିଖରେ । ଏହା ଫଳରେ ଗଢ଼ି ଉଠିଲା ଏକ ନୂତନ ପାର୍ଟି—ସୋସିଆଲିଷ୍ଟ ୟୁନିଟି ପାର୍ଟି ଅଫ ଜର୍ମାନୀ । ଏହାହିଁ ପୂର୍ବ ଜର୍ମାନୀର ସର୍ବବୃହତ୍ ଦଳ । ଏହା ମାର୍କସବାଦ ଲେନିନବାଦର ଭିତ୍ତି ଉପରେ ପ୍ରତିଷ୍ଠିତ । ଏହାଦ୍ୱାରା ଜର୍ମାନୀର ଲୋକେ ମିଳିତ ଐକ୍ୟବଦ୍ଧ ନେତୃତ୍ୱ ପାଇଲେ ଏକ ନୂତନ ଗଣତାନ୍ତ୍ରିକ ସମାଜବାଦୀ ବ୍ୟବସ୍ଥାର ନିର୍ମାଣ ଦିଗରେ । ଶ୍ରମିକଶ୍ରେଣୀର ନେତୃତ୍ୱରେ ସଚେତନଭାବେ ଅଗ୍ରସର ହେଲା ପୂର୍ବ ଜର୍ମାନୀ ।

ଅନ୍ୟ ଏକ ଦଳ ହେଲା ଖ୍ରୀଷ୍ଟିୟାନ୍ ଡେମୋକ୍ରାଟିକ ପାର୍ଟି । ତାହା ସୋଭିଏତ୍ର ଘୋଷଣାର ୧୫ ଦିନ ପରେ ଜୁନ ୨୬

(୧୯୪୫)ରେ ଗଠିତ ହେଲା । ଏହା ସାଧାରଣତଃ ଖ୍ରୀଷ୍ଟିୟାନ କ୍ୟାଥଲିକ ଧର୍ମରେ ବିଶ୍ୱାସୀ ଲୋକଙ୍କର ଦଳ; କିନ୍ତୁ ଏମାନେ ଗୃହାନ୍ତି ସମାଜବାଦ, ଶାନ୍ତି । ଖ୍ରୀଷ୍ଟିୟାନ ଧର୍ମର ମାନବପ୍ରେମ ପ୍ରକୃତରେ ସମାଜବାଦରେହିଁ ରୂପ ନିଏ, ଏହାହିଁ ଏମାନଙ୍କର ଦୃଢ଼ ବିଶ୍ୱାସ; ତେଣୁ ଏମାନେ ପୂର୍ଣ୍ଣମାତ୍ରାରେ ସବୁ କ୍ଷେତ୍ରରେ ମାର୍କସବାଦୀଙ୍କୁ ସହଯୋଗ କରନ୍ତି ।

ତା ପରେ ଲିବରାଲ ଡେମୋକ୍ରାଟିକ ପାର୍ଟି । ଏହା ଗଠିତ ହେଲା ଜୁଲାଇ ୫ (୧୯୪୫)ରେ । ଏଥିରେ ଅଛନ୍ତି ଖୁଚୁରା ବେପାରୀ, କାରିଗର, ଛୋଟ ଛୋଟ ପୁଞ୍ଜିପତି, କୋଅପରେଟିଭ କୃଷୀ ଓ କେତେକ ବୁଦ୍ଧିଜୀବୀ । କିନ୍ତୁ ଏହା ଜର୍ମାନୀର ବୈପ୍ଳବିକ ପରମ୍ପରାକୁ ଗ୍ରହଣ କରେ; ମଧ୍ୟବିତ୍ତଶ୍ରେଣୀ ଓ ମଝିଲା ବ୍ୟବସାୟୀଙ୍କୁ ସମାଜବାଦୀ ନିର୍ମାଣ ଭିତରକୁ ଟାଣିଆଣେ । ଏହା ମତରେ ପ୍ରକୃତ ମାନବିକତାର ଆଦର୍ଶ ଓ ଲକ୍ଷ୍ୟ ସମାଜବାଦୀ ସମାଜରେହିଁ ହାସଲ ହୋଇପାରେ ।

ତା ପରେ ଡେମୋକ୍ରାଟିକ ଫିଜାଣ୍ଟ ପାର୍ଟି (ଗଣତାନ୍ତ୍ରିକ କୃଷକ ଦଳ) ୧୯୪୮ ଏପ୍ରିଲ ୨୯ରେ ଗଠିତ ହେଲା; ଏହା ପୁରାପୂରି ପୂର୍ବ ଜର୍ମାନୀର ପାର୍ଟି । (ଅନ୍ୟସବୁ ଦଳ ଆଗରୁ ସମଗ୍ର ଜର୍ମାନୀରେ ଥିଲେ; ବର୍ତ୍ତମାନ ପଶ୍ଚିମ ଜର୍ମାନୀରେ ମଧ୍ୟ ରହିଛନ୍ତି । ଦୁଇ ଜର୍ମାନୀରେ କେବଳ ନାମରେ ଏମାନେ ଏକ ଥିଲେ ମଧ୍ୟ କାମରେ ସେମାନଙ୍କ ଭିତରେ କୌଣସି ସାମଞ୍ଜସ୍ୟ ନାହିଁ । ଦୁହେଁ ପରସ୍ପରର ଠିକ୍ ବିପରୀତ) ପଶ୍ଚିମ ଜର୍ମାନୀ ସହିତ ଏମାନଙ୍କର କୌଣସି ସମ୍ପର୍କ ନାହିଁ । ଏହା ହେଲା କୋଅପରେଟିଭ କୃଷୀ ଓ କୃଷି ସହିତ ସମ୍ପୃକ୍ତ ଅନ୍ୟ ବୃତ୍ତି, ଧନ୍ଦା ଓ ବ୍ୟବସାୟର ଲୋକଙ୍କର ଦଳ । ଏହା ସାମନ୍ତବାଦୀ ପରମ୍ପରା ଓ ପୁଞ୍ଜିପତି ଆଧିପତ୍ୟ ବିରୁଦ୍ଧରେ

*

ସଂଗ୍ରାମ କରେ ଓ ସମାଜବାଦୀ ନିର୍ମାଣରେ ସକ୍ରିୟ ଅଂଶ ଗ୍ରହଣ କରେ ।

ତା ପରେ ନ୍ୟାସନାଲ ଡେମୋକ୍ରାଟିକ ପାର୍ଟି (ଜାତୀୟ ଗଣତାନ୍ତ୍ରିକ ଦଳ) । ଏହା ୧୯୪୮, ମଇ ୨୫ ତାରିଖରେ ଗଠିତ । ଏଥିରେ ରହିଛନ୍ତି ଖୁଚୁରା ବ୍ୟବସାୟୀ, କାରିଗର, ଛୋଟ ମାଲିକ, ବୁଦ୍ଧିଜୀବୀ, ହିଟଲର ଅମଳର ଅଫିସର ଓ ସୈନ୍ୟମାନେ, ଯେଉଁମାନେ ନିଜ ଅତୀତକୁ ସଂଶୋଧନ କରିନେଇଛନ୍ତି— ଇତ୍ୟାଦି । ଏହା ଗଣତନ୍ତ୍ର ଓ ସମାଜବାଦ ଦିଗରେ ସେମାନଙ୍କୁ ଘେନିଯିବାରେ ସାହାଯ୍ୟ କରେ ।

ଏ ସମସ୍ତଙ୍କର ସ୍ୱତନ୍ତ୍ର ପ୍ରତୀକ, ପତାକା ଓ ସମ୍ବାଦପତ୍ରମାନ ରହିଛି । ସର୍ବଜର୍ମାନୀ ସ୍ତରରେ ଅଛି, ପୁଣି ସ୍ଥାନୀୟ କ୍ଷେତ୍ର ଓ ରାଜ୍ୟ ସ୍ତରରେ ବି ରହିଛି । କିନ୍ତୁ ସବୁଦଳଙ୍କ ପ୍ରଭାବ ଓ ଶକ୍ତି ସାମର୍ଥ୍ୟ ସମାନ ନୁହେଁ । କେତେକ ଛୋଟ ଦଳ କେତେଟି ସମ୍ବାଦପତ୍ର ପ୍ରକାଶ କରିବାକୁ ସମର୍ଥ ହୋଇପାରନ୍ତି ନାହିଁ । ତାଙ୍କ ଲାଗି ଅନ୍ୟ ପାର୍ଟି ସୋସିଆଲିଷ୍ଟ ୟୁନିଟି ପାର୍ଟି ନିଜ କାଗଜର ସ୍ତମ୍ଭ ଖୋଲି ଦେଇଥାଏ । ସେମାନେ ତାଙ୍କ ନିଜର ବକ୍ତବ୍ୟ ପ୍ରକାଶ କରନ୍ତି ବିନା ବାଧାରେ ।

ଏବେ ମୋ ଆଗରେ ମୋତେ ଘେରି ବସିଛନ୍ତି ୫୭ ଜଣ । ସେମାନେ ପ୍ରତ୍ୟେକେ ଗୋଟିଏ ଗୋଟିଏ ଦଳର ଜଣେ ଜଣେ କର୍ମକର୍ତ୍ତା । ଏମାନେ ସମସ୍ତେ ଜାତୀୟ ସାମ୍ମୁଖ୍ୟରେ ମିଳିତ ହୋଇଛନ୍ତି । ଅନ୍ୟସବୁ ରାଜନୈତିକ ଦଳ ସହିତ ମିଳିତ ସାମ୍ମୁଖ୍ୟ ହୋଇପାରେ ; କିନ୍ତୁ ଖ୍ରୀଷ୍ଟିଆନ ପାର୍ଟି ସହିତ ହେବ କିପରି, ପୁଣି ସମାଜବାଦ ଗଠନରେ ! ଯେଉଁଠିକି ଧର୍ମର ସ୍ଥାନ ନାହିଁ, ମୋତେ ବଡ଼ ଆଶ୍ଚର୍ଯ୍ୟ ଲାଗିଲା । ଉକ୍ତ ଦଳର ପ୍ରତିନିଧି ଜଣକ

ଠିକଏ ଗମ୍ଭୀର ହୋଇ କହିଲେ, "ଏଥିରେ ଆଶ୍ଚର୍ଯ୍ୟର ବିଷୟ କ'ଣ ଅଛି ? କମ୍ୟୁନିଷ୍ଟଙ୍କ ସହିତ ଆମର ମତର ପାର୍ଥକ୍ୟ ରହିଛି ସତ, କିନ୍ତୁ ଉକ୍ତ ପାର୍ଥକ୍ୟ ଏ ମର୍ତ୍ତ୍ୟରେ ନାହିଁ; ତାହା ରହିଛି ସ୍ୱର୍ଗରେ । କମ୍ୟୁନିଷ୍ଟମାନେ ଲୋକଙ୍କର ଚରମ ମଙ୍ଗଳ ଚାହାନ୍ତି; ସେମାନଙ୍କର ସକଳ ଦୁଃଖ କଷ୍ଟର ଲୋପ ଲାଗି ଲଢ଼ନ୍ତି । ତାଙ୍କର ସର୍ବାଙ୍ଗୀନ ବିକାଶ କାମନା କରନ୍ତି । ଆମେ ମଧ୍ୟ ତାହାହିଁ ଚାହୁଁ । ତେଣୁ ସେପରି ଏକ ସମାଜଗଠନରେ ଆମେ ସମସ୍ତେ ଏକମତ ଓ ଏକଜୁଟ, ଏଥିରେ ଆଶ୍ଚର୍ଯ୍ୟ ହେବାର କଅଣ ଅଛି ? ସେମାନେ ଭଗବାନ ଓ ସ୍ୱର୍ଗ ଆଦି ମାନନ୍ତି ନାହିଁ । ନ ମାନନ୍ତୁ । ଏହା ନିଜର ବିଶ୍ୱାସର କଥା । ବଳପ୍ରୟୋଗ ଓ ବାଧ୍ୟବାଧକତା ଦ୍ୱାରା ତ ବିଶ୍ୱାସ ଜନ୍ମେ ନାହିଁ । ଆମର ଦୃଢ଼ ବିଶ୍ୱାସ, ସମାଜବାଦ ନିର୍ମାଣରେ ଭାଗନେବା ଦ୍ୱାରା ଆମେ ଆମ ଧର୍ମର ସର୍ବଶ୍ରେଷ୍ଠ ମହତ୍ତ୍ୱ ବାଣୀ ପୂରଣ କରୁଛୁ ।"

ବାସ୍ତବିକ ଯେଉଁମାନେ ପ୍ରକୃତ ମାନବପ୍ରେମୀ, ସେମାନଙ୍କର ଧର୍ମ ଯାହା ହେଉ ପଛେ ସମସ୍ତେ ମାନବର ଉନ୍ନତି ଲାଗି ନିଷ୍ଠାପୂ କର୍ମରେ ମିଳିତ ହେବେଇ ହେବେ । ଭାରତରେ ଆମର ଅଭିଜ୍ଞତା ହେଲା, ମିଳିତ ସାମ୍ମୁଖ୍ୟ ଭିତରେ ରହିଲେ ବି ପ୍ରତ୍ୟେକ ଦଳ ଚାହୁଁଥାନ୍ତି କିପରି ଅନ୍ୟ ଦଳକୁ ହଟାଇବେ ; ନିଜେ ସର୍ବେସର୍ବା ହୋଇ ବସିବେ ; ଏକାକୀ ସମସ୍ତ କ୍ଷମତାର ଅଧିକାରୀ ହେବେ । ତେଣୁ ସବୁବେଳେ ଭିଡ଼ାଓଟରା ଲାଗିଥାଏ । ଆଉ ନିର୍ବାଚନ ପ୍ରତିଦ୍ୱନ୍ଦ୍ୱିତାରେ ପ୍ରାର୍ଥୀ ବାଛିବା ନେଇ ଅନେକଠି ପୂର୍ବର ସାମ୍ମୁଖ୍ୟ ଭାଙ୍ଗିଯାଏ । ଏହା କଣ ସେଠି ଘଟେ ନାହିଁ ? ସେମାନେ କଣ ନିଜ ଭିତରେ ପିଟାପିଟି ହୁଅନ୍ତି ନାହିଁ ?

ମୋର ପ୍ରଶ୍ନରେ ସମସ୍ତେ ଏକାବେଳେ ହସିଉଠିଲେ ଜୋରରେ ; କହିଲେ, "ତା କେବଳ ଆପଣଙ୍କ ଦେଶ କାହିଁକି ପ୍ରତ୍ୟେକ ପୁଞ୍ଜିପତି ଦେଶରେ ଘଟିଥାଏ । ମିଳିତ ସାମ୍ମୁଖ୍ୟ ଭିତରେ ପ୍ରତ୍ୟେକ ଦଳ ଚାହାନ୍ତି ଅନ୍ୟ ଦଳକୁ ହଟାଇବେ । ନିଜର ପ୍ରୋଗ୍ରାମକୁ କାର୍ଯ୍ୟକାରୀ କରିବେ । ତାଙ୍କ ନିଜର ପ୍ରୋଗ୍ରାମ ହେଉଛି—ସେମାନେ ଯେଉଁ ଶ୍ରେଣୀ ସମ୍ପ୍ରଦାୟର ପ୍ରତିନିଧିତ୍ୱ କରନ୍ତି ତା'ର ସ୍ୱାର୍ଥ, ସେହି ସ୍ୱାର୍ଥ ହାସଲ ଲାଗି ଲଢ଼ନ୍ତି । କାରଣ ସେଠାରେ ବିଭିନ୍ନ ଶ୍ରେଣୀ, ପରସ୍ପରବିରୋଧୀ ଶ୍ରେଣୀ ଅଛନ୍ତି । ତେଣୁ ଯେତେ ଲଢ଼େଇ, ତା'ର ମୂଳରେ ରହିଛି ଏଇ ଶ୍ରେଣୀସ୍ୱାର୍ଥ । ଆମର ଏଠାରେ ଶ୍ରେଣୀ ଅଧିପତ୍ୟ ନାହିଁ । ଗୋଟାଏ ଶ୍ରେଣୀ । ଶ୍ରମିକଶ୍ରେଣୀ ହେଉଛି ସର୍ବେସର୍ବା—ସେ ଚାହେଁ ସାମ୍ୟବାଦ । ତାଙ୍କ ସହିତ କୃଷକ ଓ ବୁଦ୍ଧିଜୀବୀଗଣ ଚାହାନ୍ତି ସାମ୍ୟବାଦ । ଆମେ ସମସ୍ତେ ଚାହୁଁ ସାମ୍ୟବାଦ । ତାକୁ ସମସ୍ତେ ଅନୁସରଣ କରି ଚାଲନ୍ତି ।"

ଯଦି ସମାଜବାଦ ସମସ୍ତେ ଚାହାନ୍ତି, ତାହାହେଲେ ବିଭିନ୍ନ ଦଳଗୁଡ଼ିକ ଏକାଠି ମିଶିଯାଉନାହାନ୍ତି କାହିଁକି ? ମିଳିତ କର୍ମ ଓ ପୃଥକ ଅବସ୍ଥିତିର ଦରକାର କ'ଣ ? ରୁଷରେ ତ ଗୋଟିଏ ମାତ୍ର ଦଳ—ଅନ୍ୟ ଦଳ ନାହାନ୍ତି ! ତାଙ୍କ ଭିତରୁ ଜଣେ ଆଗକୁ ଟିକିଏ ଝୁଙ୍କିପଡ଼ି କହିଲେ, "ଆପଣ ଜାଣନ୍ତି, ଦଳର ସୃଷ୍ଟି ଶ୍ରେଣୀ ଓ ସମ୍ପ୍ରଦାୟକୁ ନେଇ, ଶ୍ରେଣୀର ସୃଷ୍ଟି ସମ୍ପତ୍ତିକୁ ଧରି, ବ୍ୟକ୍ତିଗତ ସମ୍ପତ୍ତି ଓ ସ୍ୱାର୍ଥର ସୁରକ୍ଷା ଓ ବୃଦ୍ଧି ଲାଗି । ଦେଶର ଅର୍ଥନୈତିକ ଭିତ୍ତି ଅନୁଯାୟୀ ଏ ସବୁର ସୃଷ୍ଟି, ସ୍ଥିତି ଓ ପରିବର୍ତ୍ତନ । ଆଗେ ଜର୍ମାନୀରେ ବ୍ୟକ୍ତିଗତ ସମ୍ପତ୍ତି ରହିଥିଲା । କୃଷିରେ ଜମିଦାରଙ୍କର ଓ ଶିଳ୍ପ କ୍ଷେତ୍ରରେ ପୁଞ୍ଜିପତିଙ୍କର

ଏକାଧିପତ୍ୟ କର୍ତ୍ତୃତ୍ୱ ଥିଲା । ତା ଲୋପ ପାଇଛି । ବର୍ତ୍ତମାନ ପ୍ରାୟ ସମସ୍ତ ସଂପତ୍ତି ଜାତୀୟ ସଂପତ୍ତି, ଜାତୀୟ ମାଲିକାନାର ପ୍ରାଧାନ୍ୟ । ତା ମାନେ, ସମସ୍ତ ଲୋକେ ହେଉଛନ୍ତି ଅର୍ଥନୈତିକ କ୍ଷମତାର ଅଧିକାରୀ । ଉତ୍ପାଦନର ଉପକରଣ ଉପରେ ସେମାନଙ୍କର ସାମୂହିକ ମାଲିକାନା ପ୍ରତିଷ୍ଠିତ । ଏହି ଅର୍ଥନୈତିକ ସମ୍ବନ୍ଧ ଶୋଷକ ଶୋଷିତର ସମ୍ବନ୍ଧ ନୁହେଁ । ଏଠାରେ ଅର୍ଥନୈତିକ ସ୍ୱାର୍ଥର ବିବାଦ ନାହିଁ, ରହିଛି ପରସ୍ପର ପ୍ରତି ସ୍ନେହ ସୌହାର୍ଦ୍ଦ୍ୟ ଓ ସମର୍ଥନର ସଂପର୍କ । ଯେତେବେଳେ ସାମୂହିକ ମାଲିକାନା ହେଲା ଅର୍ଥନୈତିକ ଭିତ୍ତି, ତେଣୁ ନାଗରିକମାନଙ୍କର ସମସ୍ତ କାର୍ଯ୍ୟ ସାମୁହିକ, ସମସ୍ତ ପଦକ୍ଷେପ ସାମୂହିକ ।

କିନ୍ତୁ ପୂର୍ବ ଜର୍ମାନୀରେ ଏ ସାମୂହିକ ବା ସମାଜବାଦୀ ସମ୍ପତ୍ତିର ମାତ୍ରା ହେଲା ଶତକଡ଼ା ୮୬.୮ ଭାଗ । ତା ଭିତରେ ଜାତୀୟ ସମ୍ପତ୍ତି ୭୨.୫ ଭାଗ ଆଉ କୋଅପରେଟିଭ ସମ୍ପତ୍ତି ୧୪.୫ ଭାଗ । ଏହାଛଡ଼ା ଶତକଡ଼ା ୭.୨ ହେଉଛି ମିଶ୍ରିତ ସମ୍ପତ୍ତି, ଯେଉଁଠି କି ବ୍ୟକ୍ତିଗତ ସମ୍ପତ୍ତି ଓ ରାଷ୍ଟ୍ରସମ୍ପତ୍ତି ମିଶିକରି ରହିଛି । ଏହାର କାରଣ ହେଲା, ପୂର୍ବ ଜର୍ମାନୀ ଛୋଟ ବ୍ୟକ୍ତିଗତ ସଂପତ୍ତି, ଅର୍ଥାତ୍ ଅତି କ୍ଷୁଦ୍ର କାରଖାନା, ଦୋକାନ ବ୍ୟବସାୟକୁ ଜାତୀୟକରଣ କରିନାହିଁ । ଏପରିକି ବ୍ୟକ୍ତିବିଶେଷ କ୍ଷୁଦ୍ର କୃଷୀକୁ ଜୋରକରି କୋଅପରେଟିଭରେ ପୂରାଇନାହିଁ । ସେମାନଙ୍କୁ ଛାଡ଼ିଦିଆଯାଇଛି ତାଙ୍କର ନିଜର ଅଭିଜ୍ଞତାରୁ ଶିକ୍ଷା କରି ସାମୂହିକ ରାଷ୍ଟ୍ରୀୟ ପ୍ରତିଷ୍ଠାନରେ ଯୋଗଦେବାଲାଗି । ସେମାନେ ଯେତେବେଳେ ଦେଖିଛନ୍ତି ବ୍ୟକ୍ତିଗତ ଚାଷ ଅପେକ୍ଷା କୋଅପରେଟିଭରେ ମିଶିବାଦ୍ୱାରା ସେମାନେ ଅଧିକ ଲାଭବାନ ହେଉଛନ୍ତି, ବ୍ୟକ୍ତିଗତ ଧନ୍ଦା ବା ବ୍ୟବସାୟ ତୁଳନାରେ ରାଷ୍ଟ୍ର

ସହିତ ଏକାଠି ମିଶି ବ୍ୟବସାୟ କରିବା ଅଧିକ ଫଳପ୍ରଦ ସେତେବେଳେ ସେମାନେ ତା ଭିତରକୁ ଆସିଛନ୍ତି । ରାଷ୍ଟ୍ର ମଧ୍ୟ ଏହାକୁ ଉତ୍ସାହିତ କରେ । କୌଣସି ବ୍ୟକ୍ତି ବିଶେଷ ଆର୍ଥିକ ସାହାଯ୍ୟ ଚାହିଁଲେ ରାଷ୍ଟ୍ର ତାକୁ ଯୋଗାଇଦିଏ । ତାକୁ ଋଣ ହିସାବରେ ନ ଦେଇ, ତାକୁ ନିଜର ଅଂଶଧନ ହିସାବରେ ଦିଏ, ଅଂଶୀଦାର ହୋଇଯାଏ । ଏଇ ହେଲା ମିଶ୍ରିତ ସମ୍ପତ୍ତି । ବ୍ୟକ୍ତିଗତ ସମ୍ପତ୍ତି ଉପରେ ରାଷ୍ଟ୍ରସମ୍ପତ୍ତିର ପ୍ରାଧାନ୍ୟ ବୃଦ୍ଧି ପାଏ । ତାହା ତା'ର ନିୟନ୍ତ୍ରଣରେ ରହେ ।

ତା'ପରେ ହେଲା ବ୍ୟକ୍ତିଗତ ସମ୍ପତ୍ତି । ଏହା ମଧ୍ୟ ଜର୍ମାନୀରେ ରହିଛି । ଏହା ପୂରାପୂରି ବ୍ୟକ୍ତିଗତ; ଏଥି ସହିତ ରାଷ୍ଟ୍ରର କୌଣସି ସମ୍ପର୍କ ନାହିଁ । ଏହା ହେଲା ଶତକଡ଼ା ୭ ଭାଗ । ଏମାନଙ୍କୁ ଜାତୀୟ-କରଣ ବା ରାଷ୍ଟ୍ରାୟତ୍ତ କରାଯାଇନାହିଁ କି ସେମାନେ କୌଣସି କୋଅପରେଟିଭ ସଂସ୍ଥାରେ ଯୋଗଦେଇନାହାନ୍ତି । ଏଗୁଡ଼ିକ ଅତି ଛୋଟ ଛୋଟ ବ୍ୟକ୍ତିଗତ କାରିଗରି ଧନ୍ଦା ଓ ବ୍ୟବସାୟ ପ୍ରଭୃତି । ସମଗ୍ର ସମାଜରେ ଏମାନଙ୍କ ସଂଖ୍ୟା ଅତି ନଗଣ୍ୟ । ଯେତେଦିନ ପର୍ଯ୍ୟନ୍ତ ଏମାନେ ସ୍ୱେଚ୍ଛାକୃତ ଭାବେ ନ ଆସିଛନ୍ତି ତାଙ୍କୁ ଜବରଦସ୍ତି କରିବାର ପ୍ରଶ୍ନ ନାହିଁ ।

ମୋର ମନେହେଲା, ପୂର୍ବ ଜର୍ମାନୀ ଠିକ୍ ଅବସ୍ଥାକୁ ଅନାଇ ଗତି କରୁଛି ; ହାତେ ମାପି ଚାଖଣ୍ଡେ ଚାଲୁଛି । ସେଥିଲାଗି ଅପୂର୍ବ ସାଫଲ୍ୟ । ସେଇ ପାଖର ଚେକସ୍ଲୋଭାକିଆ—ଅଥଚ, ଠିକ୍ ଓଲଟା ନୀତି ନେଇଛି ଏକାଥରକେ ବଡ଼ ବଡ଼ ମାଲିକାନା-ଠାରୁ ଆରମ୍ଭ କରି ଅତି କ୍ଷୁଦ୍ର ସମ୍ପତ୍ତିକୁ ମଧ୍ୟ ଜାତୀୟକରଣ କରିନେଇଛି । କ୍ଷୁଦ୍ର କ୍ଷୁଦ୍ର ମାଲିକଗଣଙ୍କ ଉପଲବ୍ଧି ନ ଆସିବା ପୂର୍ବରୁ ସେଥିଲାଗି ଆବଶ୍ୟକୀୟ ଭିତ୍ତି ଗଠନ ନ ହେଉଣୁ ଏହା

କରାଯାଇଛି, ଯାହା ଫଳରେ ବଡ଼ ସମ୍ପତ୍ତିର ମାଲିକଗଣ ଏଇ ଗରିବ କ୍ଷୁଦ୍ର ମାଲିକଙ୍କୁ ବିଭ୍ରାନ୍ତ କରିବାର ସୁଯୋଗ ପାଇଛନ୍ତି । ରାଷ୍ଟ୍ର ବିରୋଧରେ ଗୋଟାଏ ଅସନ୍ତୋଷର ଭିତ୍ତି ରହିଯାଉଛି । ଚେକୋ-ସ୍ଲୋଭାକିଆ ସଂକଟ ଓ ସଂଘର୍ଷର ଏହା ଏକ ମୌଳିକ କାରଣ ।

କିନ୍ତୁ ପୂର୍ବଜର୍ମାନୀ ପ୍ରଥମରୁ ଅତି ସତର୍କତାର ସହିତ ଠିକ ଅବସ୍ଥାକୁ ଅନାଇ କାର୍ଯ୍ୟ କରିଛି । ଅବସ୍ଥା ପରିପକ୍ୱ ନ ହେବାଯାଏ କୌଣସି ନୂତନ ବ୍ୟବସ୍ଥା ଗ୍ରହଣ କରିନାହିଁ । ଯେଉଁ ନାଜିବାଦରେ ଜର୍ମାନ ବୁଡ଼ିରହିଥିଲା, ଯାହା ଜର୍ମାନୀର ଶିରାରେ ଶିରାରେ ଭେଦିଯାଇଥିଲା, ସେଥିରୁ ତାକୁ ଉଦ୍ଧାର କରିବା ଅତ୍ୟନ୍ତ କଷ୍ଟକର ବ୍ୟାପାର । ଜଣକୁ ସହଜରେ ମାରିଦେଇପାରି, କିନ୍ତୁ ତା'ର ମତ ବା ମନୋଭାବକୁ ବଦଳାଇବା କଷ୍ଟକର, ସମୟ-ସାପେକ୍ଷ । ଏପରିକି ପ୍ରଥମ ଅବସ୍ଥାରେ ସ୍କୁଲ ପାଇଁ ନାଜିବାଦରୁ ମୁକ୍ତ ବା ଫାସିଷ୍ଟବିରୋଧୀ ଶିକ୍ଷକ ମଧ୍ୟ ମିଳିଲେ ନାହିଁ । ଜଣେ ବନ୍ଧୁ ଦିନେ କହିଲେ, "୧୯୫୯ ରେ ଯେତେବେଳେ ମୁଁ ପ୍ରଥମେ ଆସେ, ଦେଖେ ତ ହୋଟେଲରେ ଆମ ପାଖ ଟେବୁଲର ଟିକିଏ ଦୂରରେ ଆଉ ଦଳେ ଖାଇଲାବେଳେ ଆମ ଆଡ଼କୁ ଅନାଇ ବାଦାନୁବାଦ କରୁଥାନ୍ତି । ଜଣାପଡ଼ୁଥାଏ, ସେମାନେ ଯେପରି କୌଣସି ଗୋଟାଏ ବିଷୟରେ ଉତ୍କ୍ଷିପ୍ତ, କ୍ରୋଧାନ୍ୱିତ । କିଛିକ୍ଷଣ ପରେ ତା ଭିତରୁ କେତେଜଣ ଉଠିଆସି ଆମର ଦୋଭାଷୀ ସହିତ ଉଚ୍ଚବାଚ ଆରମ୍ଭ କରିଦେଲେ, ଖୁବ୍ ଜୋରରେ ପାଟିଭୁଣ୍ଡ । ତା'ପରେ ଆମେ ଚାଲିଆସିଲୁଁ । ଆମେ ଯେତେ ପଚାରିଲେ ଦୋଭାଷୀ ଜଣକ କିଛି କହୁ ନ ଥାନ୍ତି । କିନ୍ତୁ ଆମ ମନରେ କୌତୁହଳ । ଦିନେ ତାଙ୍କୁ ଧରି କଥାଟା ଆଦାୟ କରିନେଲୁଁ । କାରଣଟି ହେଲା, ଆମେ କଳା ଲୋକ । ତେଣୁ ସେମାନଙ୍କ ସାଥ

ଦୋଭାଷୀ ଉପରେ । ସେ ଜଣେ ଜର୍ମାନ ମହିଳା ହୋଇ ଆମ କଳାଲୋକଙ୍କ ସାଙ୍ଗରେ ମିଶୁଛି, ଏକା ଟେବୁଲ୍‌ରେ ଖାଉଛି— କି ଲଜ୍ଜା, ଅପମାନର କଥା ! ଏହା ହେଉଛି ସେଇ ପୂର୍ବତନ ନାଜିବାଦର ମନୋଭାବ । ଯାହାକୁ ଏମାନେ ଭାଙ୍ଗିଛନ୍ତି । ଏ ସବୁ କେବଳ ସମ୍ଭବ ହୋଇଛି ଶ୍ରମିକଶ୍ରେଣୀର ନେତୃତ୍ୱ ଯୋଗୁଁ ।

ଶ୍ରେଣୀବିଭାଗ ଦୃଷ୍ଟିରୁ ଦେଖିଲେ ଶ୍ରମିକ ଓ ଅଫିସ କର୍ମଚାରୀଙ୍କ ସଂଖ୍ୟା ହେଉଛି ଶତକଡ଼ା ୮୨.୮ । ଆଉ କୋଅ-ପରେଟିଭରେ ଯୋଗ ଦେଇଥିବା ଲୋକଙ୍କ ସଂଖ୍ୟା ୧୩.୨ ଭାଗ । ଏଥିରେ ଦୁଇପ୍ରକାର କୋଅପରେଟିଭ ଅନ୍ତର୍ଭୁକ୍ତ । କୃଷି ସମବାୟ —ଏଥିରେ ରହିଛନ୍ତି ୧୦.୭ ଭାଗ, ଆଉ ଅନ୍ୟଟି ହେଲା ଛୋଟ-ଖାଟର କାରିଗର କୋଅପରେଟିଭସବୁ । ଏଥିରେ ରହିଛନ୍ତି ୨.୫ ଭାଗ । ଅବଶିଷ୍ଟ ଯେଉଁ ୪ ଭାଗ ରହିଗଲା, ସେଥିମଧ୍ୟରୁ ୦.୫ ଭାଗ ହେଲେ, ଅଧା-ରାଷ୍ଟ୍ର ଅଧା-ବ୍ୟକ୍ତିଗତ ବା ମିଶ୍ରିତ ସଂସ୍ଥା ଭିତରେ । ଶତକଡ଼ା ୩ଭାଗ ହେଲେ ବ୍ୟକ୍ତିଗତ କାରିଗର, ଖୁଚୁରା ବ୍ୟବସାୟୀ, ପନିପରିବା ଚାଷୀ...ଇତ୍ୟାଦି ଧରଣର ଲୋକେ । ଅବଶିଷ୍ଟ ୦.୫ ଭାଗ ହେଲେ ଏଣେ ତେଣେ କାମ କରିବା ଲୋକେ । କୌଣସି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ବନ୍ଧା ନୁହନ୍ତି ସେମାନେ । ଏଥିରୁ ଗୋଟିଏ କଥା ପ୍ରକାଶ ପାଏ—ଦେଶରେ ଶୋଷକ ଶ୍ରେଣୀ ବୋଲି କେହି ନାହାନ୍ତି ; ଅନ୍ତମାଷାରେ ସର୍ବାଧିକ ଶ୍ରେଣୀ ହେଉଛନ୍ତି ଶ୍ରମିକ ଶ୍ରେଣୀ ଓ କୋଅପରେଟିଭ ଲୋକେ । ଶ୍ରମିକ ଶ୍ରେଣୀର କେବଳ ସଂଖ୍ୟା ଓ କର୍ତ୍ତୃତ୍ୱ ବୃଦ୍ଧି ପାଇନାହିଁ, ତା ସମାଜକୁ ପରିବର୍ତ୍ତନ କଲା ଭିତରେ ନିଜେ ମଧ୍ୟ ପରିବର୍ତ୍ତିତ ହୋଇଯାଇଛି । ସେ ଆଗ ଅପେକ୍ଷା ଅଧିକ ଶିକ୍ଷିତ, ଅଧିକ ଦକ୍ଷ, ଅଧିକ କୁଶଳୀ ହୋଇଉଠିଛି । ସକଳ ଆଧୁନିକ ଉପାୟ ଓ

ପଦ୍ଧତିକୁ କେବଳ ଆପ୍ପତ୍ତ କରିନାହାନ୍ତି, ରାଷ୍ଟ୍ରଶାସନ କ୍ଷେତ୍ରରେ ମଧ୍ୟ ପାରଦର୍ଶିତା ଲାଭ କରିଛନ୍ତି । ରାଷ୍ଟ୍ର ଓ ଅର୍ଥନୀତିର ପରିଚାଳନା କ୍ଷେତ୍ରରେ ଶତକଡ଼ା ୭୫ ଭାଗ ଲୋକ ଏହି ଶ୍ରମିକ ଶ୍ରେଣୀ ଭିତରୁହିଁ ଆସିଛନ୍ତି । ବିଭିନ୍ନ କ୍ଷେତ୍ରରେ ନିର୍ବାଚିତ ପ୍ରତିନିଧିମାନଙ୍କ ମଧ୍ୟରେ ଲକ୍ଷେ ୨୫ ହଜାର ହେଉଛନ୍ତି ଶ୍ରମିକ ।

ଶ୍ରମିକଙ୍କ ପଛକୁ କୋଅପରେଟିଭ ଚାଷୀ । ଶ୍ରମିକ ଓ ଚାଷୀଙ୍କ ମଧ୍ୟରେ ନିବିଡ଼ ସମ୍ପର୍କ ଓ ବନ୍ଧୁତ୍ୱ ପ୍ରତିଷ୍ଠିତ । ସମସ୍ତ ପ୍ରକାର ନୂତନ ଯନ୍ତ୍ରପାତି ଓ ଉଦ୍ଭାବନ ଦ୍ୱାରା ସଦାସର୍ବଦା କୃଷିକୁ ଉନ୍ନତ କରିବା, ଉତ୍ପାଦନ ବୃଦ୍ଧି କରିବା ଓ ଶ୍ରମର ବୋଝ ଲାଘବ କରିବା ଦିଗରେ ଏମାନେ ଚେଷ୍ଟିତ, ଯାହା ଫଳରେ କୃଷିରେ ଧୀରେ ଧୀରେ ଶିଳ୍ପର ରୂପ ପ୍ରକାଶ ପାଉଛି । ତାହା ଏକ ଶିଳ୍ପରେ ପରିଣତ ହେଉଛି । ତା ସହିତ ଲୋପ ପାଇବାରେ ଲାଗିଛି ସହର ଓ ଗାଁ ଗଣ୍ଡା ମଧ୍ୟରେ ଥିବା ଯୁଗଯୁଗର ପାର୍ଥକ୍ୟ ।

ଗୋଟାଏ ବଡ଼ ସମ୍ପ୍ରଦାୟ ହେଉଛନ୍ତି ବୁଦ୍ଧିଜୀବୀ ଶ୍ରେଣୀ । ଏମାନେ ସମାଜକୁ ବିଶେଷଭାବେ ପ୍ରଭାବିତ କରିଥାନ୍ତି । ବର୍ତ୍ତମାନ ଏମାନଙ୍କ ମଧ୍ୟରୁ ୮୦ ଭାଗ ହେଉଛନ୍ତି ୧୯୪୫ ବା ଯୁଦ୍ଧ ପରର ଲୋକ । ଆଉ ସେମାନେ ମୁଖ୍ୟତଃ ଆସିଛନ୍ତି ଶ୍ରମିକ ଓ କୋଅପରେଟିଭ ଚାଷୀ ଶ୍ରେଣୀ ମଧ୍ୟରୁ । ତେଣୁ ସେମାନେ ଏମାନଙ୍କ ସହିତ ଖାପ ଖାଇ ଚାଲିନାହାନ୍ତି । ନିଜର ଅବଦାନ ଦ୍ୱାରା ତାଙ୍କୁ ସମୃଦ୍ଧ କରିବାରେ ଲାଗିଛନ୍ତି । ପୁରୁଣା ବୁଦ୍ଧିଜୀବୀଙ୍କ ମଧ୍ୟରୁ ମଧ୍ୟ ସହଯୋଗ ସମର୍ଥନ ଆସୁଛି । ଏ ସମସ୍ତଙ୍କର ଲକ୍ଷ୍ୟ ହେଲା ବିଜ୍ଞାନର ବିକାଶ ଓ ବିଜ୍ଞାନକୁ ଉତ୍ପାଦନ ସହିତ ଯୋଗ କରିବା, ଉତ୍ପାଦନ କ୍ଷେତ୍ରରେ ତାକୁ ପ୍ରୟୋଗ କରିବା, ଯେପରି ଲୋକଙ୍କର ସାମୁହିକ ହିତ ସାଧିତ ହୁଏ ।

*

ତେଣୁ ଯେତେବେଳେ ଦେଶରେ ସମାଜବାଦୀ ସମ୍ପତ୍ତିର ପ୍ରାଧାନ୍ୟ ସୁପ୍ରତିଷ୍ଠିତ, ଶ୍ରମିକଶ୍ରେଣୀର ଆଧିପତ୍ୟ ଓ ଶ୍ରମିକ ଓ କୃଷକମାନଙ୍କ ଐକ୍ୟର ଭିତ୍ତି ଉପରେ ଦେଶର ସକଳ ବ୍ୟବସ୍ଥା ପରିଚାଳିତ, ସେତେବେଳେ ଦେଶର ଭବିଷ୍ୟତ ସାମ୍ୟବାଦ ଛଡ଼ା ଆଉ କିଛି ହୋଇ ନ ପାରେ । ଯେହେତୁ ବିଭିନ୍ନ ପ୍ରକାର ସମ୍ପତ୍ତି ଓ ସ୍ୱାର୍ଥ ଏବେ ବି ବିଦ୍ୟମାନ କିନ୍ତୁ ଯେହେତୁ ପୂର୍ବର ଚିନ୍ତାଧାରା ପୂରା ଲିଭିନାହିଁ, ଯେହେତୁ ବିଭିନ୍ନ ପ୍ରକାରର ସମ୍ପତ୍ତି ଓ ସ୍ୱାର୍ଥ ଏବେ ବି ବିଦ୍ୟମାନ, ସେହେତୁ ବିଭିନ୍ନ ପ୍ରକାରର ଦଳ ରହିବା ସ୍ୱାଭାବିକ । କିନ୍ତୁ ଏ ଦଳମାନଙ୍କ ଭିତରେ ସଂଘର୍ଷ ନାହିଁ । ଯେହେତୁ ସମସ୍ତଙ୍କ ଅଗ୍ରଗତିର ମାର୍ଗ ଏକ, ସମସ୍ତେ ଏକ ପଥର ପଥିକ, ତେଣୁ ସେମାନଙ୍କ ପ୍ରଭାବରେ ଥିବା ଓ ତାଙ୍କୁ ଜନ୍ମ ଦେଇଥିବା ଲୋକଙ୍କ ମଧ୍ୟରେ ବୈପ୍ଳବିକ ବିରୋଧିତା ନାହିଁ । ସେମାନେ ପରସ୍ପରର ସହଯୋଗୀ, ଏକ ନୌକାର ଯାତ୍ରୀ । ପ୍ରତ୍ୟେକେ ନିଜର ମତପାର୍ଥକ୍ୟକୁ ଆଲାପ ଆଲୋଚନା ଓ ଅଭିଜ୍ଞତା ଭିତରେ ଦୂର କରିବାକୁ ବଦ୍ଧପରିକର ।

ଏ ମିଳିତ ସାମ୍ମୁଖ୍ୟ ଆମ ଆଗରେ ଏଠି ଏକ ଜୀବନ୍ତ ପ୍ରଶ୍ନ । ଆମେ ଦେଖୁଛୁଁ, ଏହାର ଗଠନ ଓ ବିକାଶ ସହଜ ନୁହେଁ । ଆମ ଦେଶରେ ଅନେକ ଦଳ ଏପଟ ସେପଟ ହେଉଛନ୍ତି । ଅତି ସାନ ସାନ ବିଷୟ ନେଇ ଦଳ ଭାଙ୍ଗି ଯାଉଛି । ଆଜି ଯେଉଁମାନେ ଏକାଠି ବସିଛନ୍ତି, କାଲି ସେମାନେ ଛୁରୀ ମରାମରି ହେଲେଣି ଇତ୍ୟାଦି । ସେଠାରେ ସେପରି ସବୁ କିଛି ନାହିଁ । ଏମାନଙ୍କ ଭିତରେ କଣ ଆଦୌ ବିବାଦ, ମନୋମାଳିନ୍ୟ ଘଟେ ନାହିଁ ? ଘଟେ, କିନ୍ତୁ ତାହା ବୈରିମୂଳକ ନୁହେଁ । ଯୁଦ୍ଧ ପରେ ବିଭିନ୍ନ ପାର୍ଟିମାନ ଗଠିତ ହେଲା । ଠିକ୍ ତା ସଙ୍ଗେ ସଙ୍ଗେ ୧୯୪୫ ରେ

ଗଢ଼ିଉଠିଲା ସେମାନଙ୍କର ଏକ ସାମ୍ମୁଖ୍ୟ ଡେମୋକ୍ରାଟିକ ବ୍ଲକ ବା ଗଣତାନ୍ତ୍ରିକ ମେଣ୍ଟ । ଏହାପରେ ଯେଉଁ ନୂଆ ପାର୍ଟି ଗଠିତ ହେଲେ ସେମାନେ ବି ଏଥିରେ ଯୋଗଦେଲେ । ଦାୟିତ୍ୱ ନେଇ ସାମୂହିକ ଭାବେ ସମାଜର ପୁନର୍ନିର୍ମାଣ ହେଲା ଏମାନଙ୍କର ଉଦ୍ଦେଶ୍ୟ । ମୌଳିକଭାବେ ମତପାର୍ଥକ୍ୟର ଅବକାଶ ନାହିଁ । ସରକାର, ରାଷ୍ଟ୍ରନୀତି ବା ପୁନର୍ଗଠନର ସମସ୍ତ ପ୍ରଶ୍ନ ମିଳିତଭାବେ ଆଲୋଚିତ ହୁଏ । ସମସ୍ତ ବିଷୟ ସର୍ବସମ୍ମତି ଭିତ୍ତିରେହିଁ ଗୃହୀତ ହୋଇଯାଏ । ସମସ୍ତେ ରାଜି ନ ହୋଇ କୌଣସି କାମ ହେବନାହିଁ । ଅଧିକସଂଖ୍ୟକ ମତବାଲା ଗୋଟିଏ କାମ କରିନେବେ ବା ସଂଖ୍ୟାଲଘୁ ମତକୁ ପ୍ରତ୍ୟାଖ୍ୟାନ କରିଦେବେ, ତା ହୁଏ ନାହିଁ । ଏହା ଫଳରେ ସମସ୍ତେ ଏକାଠି ହୋଇ ଚାଲନ୍ତି । ସେଠାରେ ବିରୋଧୀ ଦଳର ପ୍ରଶ୍ନ ଉଠେ ନାହିଁ । ଏଇ ମେଣ୍ଟରେ ଉପରୋକ୍ତ ଦଳମାନଙ୍କ ସହିତ ଟ୍ରେଡ୍ ୟୁନିୟନ, ଗଣତାନ୍ତ୍ରିକ ମହିଳା ସଂଘ ଓ ଯୁବକ ସଂଘ ପ୍ରଭୃତି ଗଣସଂଗଠନମାନେ ଯୋଗ ଦେଇଛନ୍ତି । ଏମାନେ ହେଲେ ଖୁବ୍ ବଡ଼ ବଡ଼ ଗଣ ସଂଗଠନ । ଏହାଛଡ଼ା ଛୋଟ ଛୋଟ ସଂଗଠନ ସବୁ ଅଛନ୍ତି । ସେମିତି ପ୍ରାୟ ୫୦ଟି ସଂଗଠନ ଏଇ ମେଣ୍ଟରେ ଅନ୍ତର୍ଭୁକ୍ତ । ଏଥିରେ ପୂର୍ବ ଜର୍ମାନୀର ସକଳ ଶ୍ରେଣୀ, ପ୍ରତ୍ୟେକ ସମ୍ପ୍ରଦାୟର ମତ ପ୍ରତିଫଳିତ ।

ଏହି ଗଣତାନ୍ତ୍ରିକ ସାମ୍ମୁଖ୍ୟ ପ୍ରାର୍ଥୀ ଛିଡ଼ା କରାଇଥାଏ । ବଡ଼ ଦଳମାନେ ଯେ ଅଧିକାଂଶ ପ୍ରାର୍ଥୀ ହେବେ, ତା ବି ନୁହେଁ । କେଉଁ ପାର୍ଟିରୁ କେତେ ପ୍ରାର୍ଥୀ ହେବେ ସେ ବିଷୟରେ ସେମାନଙ୍କ ଭିତରେ ଗୋଟାଏ ବୁଝାମଣା ରହିଛି । ସୋସାଲିଷ୍ଟ ଇଉନିଟ୍ ( ବା କମ୍ୟୁନିଷ୍ଟ ପାର୍ଟି ) ସବୁଠାରୁ ବଡ଼; ଇଚ୍ଛା କଲେ ସବୁ ସ୍ଥାନରେ ଛିଡ଼ା ହୋଇ ପାରନ୍ତି, କିନ୍ତୁ ତାହାର ପ୍ରାର୍ଥୀ କୋଟା

ହେଲା ଶତକଡ଼ା ୨୫ । ଖ୍ରୀଷ୍ଟିଆନ ଓ ଲିବରାଲ ପାର୍ଟି ପ୍ରତ୍ୟେକେ ଶତକଡ଼ା ୧୫, ନ୍ୟାସନାଲ ଡିମୋକ୍ରାଟିକ୍ ଓ ଫାରମର୍ସ ପ୍ରତ୍ୟେକେ ଶତକଡ଼ା ୭·୫, ଯୁବକ ଓ ଲିଗ୍ ଅଫ କଲଚର ପ୍ରତ୍ୟେକେ ଶତକଡ଼ା ୫, ମହିଳା ସମିତି ଓ ନାଜୀ ନିର୍ଯ୍ୟାତିତ ସଂଘ ପ୍ରତ୍ୟେକେ ୩.୭, କୃଷକ ସାହାଯ୍ୟ ସମିତି ଓ ଖାଉଟି କୋଅପରେଟିଭ ପ୍ରତ୍ୟେକେ ଶତକଡ଼ା ୧.୩ ଲେଖାଏ ପ୍ରାର୍ଥୀ ଠିଆ କରନ୍ତି । ଏହି ସବୁ ଦଳ ଓ ଗଣସଂଗଠନର ପ୍ରତିନିଧିମାନେ ପ୍ରାପ୍ତ ଏଇ ହିସାବରେ ସେଠା ପାର୍ଲିମେଣ୍ଟରେ ସ୍ଥାନ ପାଇଥାନ୍ତି ।

ଗଣତନ୍ତ୍ରର ମୂଳନୀତି ହେଲା ପ୍ରତ୍ୟେକ ଲୋକ ଶାସନରେ ଭାଗ ନେବା ଉଚିତ । ତେଣୁ ଏକ କୋଟି ୭୦ ଲକ୍ଷ ଲୋକଙ୍କ ଭିତରେ ୨ ଲକ୍ଷ ୭ ହଜାର ହେଲେ ତଳଠାରୁ ଉପରେ ପାର୍ଲିଆମେଣ୍ଟ ଯାଏ, ବିଭିନ୍ନ ସ୍ତରର ନିର୍ବାଚିତ ପ୍ରତିନିଧି । ଏମାନଙ୍କ ସଙ୍ଗକୁ ଆହୁରି ୪ ଲକ୍ଷ ଲୋକ ବିଭିନ୍ନ କମିସନ ଆଦି ନିର୍ବାଚିତ ପ୍ରତିନିଧିଙ୍କ କାର୍ଯ୍ୟ ତୁଲାଇଥାନ୍ତି । ଏହାଛଡ଼ା ଉତ୍ପାଦନ ଓ ଶିଳ୍ପ ପରିଚାଳନା ଆଦି. ପ୍ରତ୍ୟେକ କ୍ଷେତ୍ରରେ ପ୍ରତିନିଧିମାନଙ୍କ ବ୍ୟବସ୍ଥା ରହିଛି । ମୋଟ ଉପରେ ଅମଲାତାନ୍ତ୍ରିକ ବ୍ୟବସ୍ଥାକୁ ବିଲୋପ କରିବା ଓ ଲୋକେ ଯେପରି ନିଜେ ଶାସନ କରନ୍ତି ଏହାହିଁ ହେଲା ଉଦ୍ଦେଶ୍ୟ ।

ତା'ପରେ କୌଣସି ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଠିଲେ, ସେ ସଂପର୍କରେ ବିଲ୍ ଆସିଲେ ପାର୍ଲିଆମେଣ୍ଟ ମଧ୍ୟ ତାହା ତା'ର ଇଚ୍ଛା ଅନୁସାରେ ପାସ କରିଦିଏ ନାହିଁ । ସେ ସମ୍ବନ୍ଧରେ ଲୋକମାନଙ୍କର ମତ ନିଏ । ସେମାନଙ୍କ ଭିତରେ ଆଲୋଚନା ସଙ୍ଗଠନ କରେ । ତାଙ୍କର ମତାମତ, ଆଲୋଚନା ଓ ସଂଶୋଧନ ଆଦି ଆହ୍ୱାନ କରେ । ଉଦାହରଣସ୍ୱରୂପ, ଲେବର କୋଡ୍ (ଶ୍ରମ ଆଇନ),

ଫାମିଲି କୋଡ୍ (ପରିବାର ଆଇନ), ପେନାଲ କୋଡ୍ (ଫୌଜଦାରୀ ଆଇନ) ଏବଂ ନୂଆ ସଂବିଧାନ ଆଦି କ୍ଷେତ୍ରରେ ଏହା ଘଟିଥିଲା ।

ପୁଣି ଦେଶ ଭିତରେ ଯେଉଁ ଶ୍ରେଣୀର ଲୋକ ଯେତେ ସଂଖ୍ୟାରେ ଅଛନ୍ତି, ସେହି ଅନୁସାରେ ତାଙ୍କର ପ୍ରତିନିଧି ପାର୍ଲିଆମେଣ୍ଟରେ ରହିଥାନ୍ତି । ତେଣୁ କମ୍ ସଂଖ୍ୟକ ଶ୍ରେଣୀର ଲୋକେ ସଂଖ୍ୟାଧିକ ଶ୍ରେଣୀର ଲୋକଙ୍କର ସ୍ୱାର୍ଥ କ୍ଷୁଣ୍ଣ କରିବାର ପ୍ରଶ୍ନ ନାହିଁ । ତାପରେ ଜଣେ ଲୋକ ଯେ ସବୁବେଳେ ମଲା ଯାଏ ସଭ୍ୟ ରହିଥିବ, ତା ନୁହେଁ । ପ୍ରତ୍ୟେକ ନିର୍ବାଚନରେ ଅନ୍ତତଃ ଏକ ତୃତୀୟାଂଶ ନୂଆ ସଭ୍ୟ ଆସିଥାନ୍ତି । ସେଠାରେ ପୁଣି ଜଜ୍ ବା ବିଚାରପତିମାନେ ନିର୍ବାଚିତ । ତାଙ୍କ ପାର୍ଲିଆମେଣ୍ଟ ସେଠା ସୁପ୍ରିମକୋର୍ଟ ଜଜଙ୍କୁ ବାଛୁଥାଏ । ସେଇପରି ପ୍ରାଦେଶିକ ସ୍ତରରେ ପ୍ରାଦେଶିକ ସଂସ୍ଥା ପ୍ରାଦେଶିକ ବିଚାରପତିଙ୍କୁ ବାଛେ । ଗଣତାନ୍ତ୍ରିକ ଜର୍ମାନୀରେ କୌଣସି ରାଷ୍ଟ୍ରୀୟ ଅନୁଷ୍ଠାନ ନାହିଁ, ଯିଏ କି ଲୋକମାନଙ୍କ ଦ୍ୱାରା ନିର୍ବାଚିତ ନୁହେଁ, ବା ନିର୍ବାଚିତ ସଂସ୍ଥାର ଊର୍ଦ୍ଧ୍ୱରେ, ଲୋକମତର ବାହାରେ ରହିଛି ।

ଯଦି ସବୁ ଦଳ, ସବୁ ଗଣସଂଗଠନ ଗୋଟାଏ ମେଣ୍ଟ ବା ସାମ୍ମୁଖ୍ୟରେ ରହିଲେ ଓ ଏକାଠି ସରକାର ଗଢ଼ିଲେ ତେବେ ପୁଣି ଭୋଟ ଲଢ଼େଇ ହେବ କ'ଣ ? କାହିଁକି ବା ହେବ ? କିଏ କାହା ବିରୁଦ୍ଧରେ ଲଢ଼ିବ ?

ବାସ୍ତବିକ ସେଠାରେ କେହି କାହା ବିରୁଦ୍ଧରେ ଲଢ଼ିବାକୁ ନାହିଁ, କି ଏଠା ଭଳି ଯିଏ ଇଚ୍ଛା ସିଏ ଟଙ୍କା ଥିଲେ ଭୋଟରେ ଠିଆ ହୋଇ ପଡ଼ିବାର ଉପାୟ ନାହିଁ, କି ଭୋଟ କିଣି ବା ଧମକ

ଚମକ ପ୍ରସ୍ତାବ ପ୍ରଲୋଭନରେ ଭୋଟ ପାଇବାରୁ ଅବକାଶ ନାହିଁ । ଭୋଟରେ ଠିଆହେଲେ ବି ପଇସା ଖର୍ଚ୍ଚ ନାହିଁ ।

ପ୍ରଥମ କଥା, ନିର୍ବାଚନ କମିସନ ଜାତୀୟ ସାମ୍ମୁଖ୍ୟ ଭିତରେ ଥିବା ସବୁ ଦଳର ପ୍ରତିନିଧିଙ୍କୁ ନେଇ ଗଠିତ । ସାମ୍ମୁଖ୍ୟ ବାହାରେ ଥିବା ଲୋକଙ୍କ ପ୍ରତିନିଧି ଏଥିରେ ଭାଗ ନିଅନ୍ତି । ବିଭିନ୍ନ ପାର୍ଟି ଓ ଗଣସଂଗଠନ ସବୁ ନିର୍ବାଚନ ଲାଗି ତାଙ୍କ ପ୍ରସ୍ତାବ ବାଢ଼ନ୍ତି । କିନ୍ତୁ ସେମାନେ ତ ସବୁ ଗୋଟାଏ ମେଣ୍ଟର ଏବଂ ସମସ୍ତଙ୍କର ସ୍ୱାର୍ଥ ମୌଳିକ ଭାବେ ସମାନ ଓ ଏକ । ତେଣୁ ସବୁ ଦଳର ପ୍ରାର୍ଥୀଙ୍କୁ ନେଇ ଜାତୀୟ ସାମ୍ମୁଖ୍ୟର ଏକ ପ୍ରାର୍ଥୀ ତାଲିକା ତିଆରି ହୁଏ । ଏଇ ଯେଉଁ ପ୍ରାର୍ଥୀ ତାଲିକା ତିଆରି ହୁଏ ସେଥିରେ ଗୋଟିଏ ଗୋଟିଏ ନିର୍ବାଚନ ମଣ୍ଡଳୀ ଲାଗି ଏକାଧିକ ପ୍ରାର୍ଥୀ ରହନ୍ତି । ସେଇ-ସବୁ ନିର୍ବାଚନ ମଣ୍ଡଳୀର ଭୋଟର ପ୍ରତିନିଧି ଓ ଭୋଟରଙ୍କର ସଭା ଡକାଯାଏ । ଉକ୍ତ ସଭାରେ ଜାତୀୟ ସାମ୍ମୁଖ୍ୟର ପ୍ରାର୍ଥୀ ତାଲିକା ଆଲୋଚିତ ହୁଏ । ପ୍ରାର୍ଥୀମାନେ ଅତୀତରେ କଣ କରିଛନ୍ତି ଓ ଭବିଷ୍ୟତରେ ଉକ୍ତ ନିର୍ବାଚନମଣ୍ଡଳୀରେ କଣ କଣ କରିବେ ତା'ର ବିବରଣୀ ଦିଅନ୍ତି । ଭୋଟର ପ୍ରତିନିଧିମାନେ ସବୁ ବିଷୟ ଆଲୋଚନା କରନ୍ତି । ଯେତେ ସଭ୍ୟ ନିର୍ବାଚିତ ହେବେ, ତା ଅପେକ୍ଷା ଅଧିକ ପ୍ରାର୍ଥୀ ଥାଆନ୍ତି । ତେଣୁ ଭୋଟର ପ୍ରତିନିଧିମାନେ ଅଗ୍ରାଧିକାର ଭିତ୍ତିରେ ତାଙ୍କ ପ୍ରାର୍ଥୀ ମନୋନୀତ କରନ୍ତି । ସବୁ ପ୍ରାର୍ଥୀ ରହନ୍ତି କେବଳ ପ୍ରଥମ ହିସାବ କରି । ତାଙ୍କର କ୍ରମ ଠିକ୍ କରିଦିଆଯାଏ । ତା'ମାନେ, ଏଠାରେ ଭୋଟରଙ୍କ ପ୍ରତିନିଧିଙ୍କ ଦ୍ୱାରା ଗୋଟାଏ ପ୍ରାରମ୍ଭିକ ପରୀକ୍ଷା ଓ ବଛାବଛି ହୋଇଯାଏ । ତା ପରେ ଏସବୁ ପ୍ରାର୍ଥୀଙ୍କ ତାଲିକା ରହେ ଭୋଟରଙ୍କ ଆଗରେ ।

ଏବେ ସେମାନେ ଯାହାକୁ ଭୋଟ ଦେବାର ଦିଅନ୍ତି, ଯାହାକୁ କାଟିବାର କଥା କାଟନ୍ତି ।

ଏଥିରେ ପାର୍ଟିମାନେ ଯେଉଁ ପ୍ରାର୍ଥୀ ପ୍ରସ୍ତାବ କରନ୍ତି ପ୍ରଥମେ ତାକୁ ତନଖି କରେ ଜାତୀୟ ସାମ୍ମୁଖ୍ୟ । ତା ପରେ ତାକୁ ପରୀକ୍ଷା କରି ମନୋନୀତ କରନ୍ତି ଭୋଟରଙ୍କ ପ୍ରତିନିଧିଗଣ । ଶେଷରେ ଭୋଟର ଆପଣାର ମତ ବ୍ୟକ୍ତ କରେ । ତା ମାନେ ପ୍ରତ୍ୟେକ ସ୍ତରରେ ପ୍ରାର୍ଥୀଗଣ କୌଣସି ନା କୌଣସି ପ୍ରତିନିଧିମୂଳକ ସଂସ୍ଥା ଦ୍ୱାରା ପରୀକ୍ଷିତ ହୋଇ ଚାଲିଥାନ୍ତି । ଆମର ଏଠାଭଳି ପଇସାର ଜୋରରେ ଭୋଟକୁ ପକେଟସ୍ଥ କରିବାର ବ୍ୟବସ୍ଥା ନାହିଁ । ଏହାଦ୍ୱାରା ପ୍ରକୃତରେ ଭୋଟର ପ୍ରାର୍ଥୀକୁ ପରୀକ୍ଷା କରି ବାଛିବାର ସୁବିଧା ପାଏ ।

ମୋର ବୁଲିବା ଭିତରେ ଏକ ନିର୍ବାଚନ ସଭାରେ ଯୋଗ ଦେବାର ସୁଯୋଗ ମିଳିଗଲା । ଦିନେ ରାତିରେ ବୋଷ୍ଟନ୍ ସହରର ଏକ ସ୍ଥାନୀୟ ନିର୍ବାଚନ ସଭାରେ ପହଞ୍ଚିଲି । ତାହା ସହରର ଏକ ମହଲ୍ଲର ସଭା । ସଭାଟି ଡେରିରେ ଆରମ୍ଭ ହେଲା । ଲୋକେ ଖାଇ-ପିଇ ସାରି ସଭାକୁ ଆସିଲେ । ସଭା ହେଲା ଏକ ହଲ ଭିତରେ । ଲୋକ ବେଶୀ ନୁହନ୍ତି, ଖୁବ ହେଲେ ପ୍ରାୟ ଶହେ ହେବେ । ସ୍ଲୋଗାନ କି ପ୍ରଚାରପତ୍ର ଆଦି କିଛି ନାହିଁ । ପ୍ରଥମେ ହେଲା ବାଦ୍ୟ ସଙ୍ଗୀତ, ତା'ପରେ ସଭାପତିମଣ୍ଡଳର ନିର୍ଦ୍ଦେଶରେ ସ୍ଥାନୀୟ ଜାତୀୟ ସାମ୍ମୁଖ୍ୟର ସଂପାଦକ ତାଙ୍କ ରିପୋର୍ଟ ପେଶ୍ କଲେ । ତାହା ହେଲା, ତାଙ୍କର ସ୍ଥାନୀୟ ସମସ୍ୟା, ପୂର୍ବର ପ୍ରତିନିଧିଙ୍କ ଭିତରୁ କିଏ କଣ କରିଛନ୍ତି ନ କରିଛନ୍ତି ତାର ଏକ ବିବରଣୀ, ଆଉ ଶେଷରେ ଭାରତ ପ୍ରତି ଶୁଭେଚ୍ଛା ଜଣାଇ, ରବୀନ୍ଦ୍ରନାଥଙ୍କ କବିତାରୁ ଉଦ୍ଧୃତି ଦେଇ, ମୋ ଭଳି ଭାରତୀୟ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧନା କରି ।

ତା ପରେ ତାଙ୍କର ଆଲୋଚନା ହେବାର କଥା । ସଭାପତି ୨।୪ ଥର ଡାକଲେ ବି କେହି ଆସୁନାହାନ୍ତି । ବୋଧହୁଏ ପ୍ରଥମେ ସଂକୋଚଟା ସବୁଠି । କିଛି କ୍ଷଣ ନୀରବତା ପରେ ଆରମ୍ଭ ହେଲା ଆଲୋଚନା । ସେ ସବୁ ବୁଝିବା ମୋ ପକ୍ଷରେ ସମ୍ଭବ ନୁହେଁ । ଯାହା ଜଣାଯାଉଥାଏ, ନାମ ଆସୁଥାଏ, ତାର ସପକ୍ଷ ବିପକ୍ଷ ବିଷୟରେ ଯୁକ୍ତିତର୍କ ଚାଲିଥାଏ । ଯା' ହେଉ, ପ୍ରଥମ ପରୀକ୍ଷାରେ ସମସ୍ତେ ଉତ୍ତୀର୍ଣ୍ଣ ହୋଇଗଲେ । ସେମାନେ ସମସ୍ତେ ପ୍ରାର୍ଥୀଭାବେ ଗୃହୀତ ହୋଇଗଲେ । କିନ୍ତୁ ଆମ ନିର୍ବାଚନ ସଭା ଭଳି ଗଳାଫଟା ବକ୍ତୃତା, ସ୍ଲୋଗାନ, କେବଳ ନିଜ ପ୍ରାର୍ଥୀଙ୍କର ପ୍ରଶସ୍ତି ଗାନ, ଜୟ ଜୟକାର ନାହିଁ । ସବୁ ସିଧା ସଳଖ କଥା, ହେକ୍‌ଠୋକ୍ କାରବାର ।

ଶେଷରେ ପଡ଼ିଲା ମୋର ପାଳି । ସମ୍ବର୍ଦ୍ଧନାର ଉତ୍ତର ଦେବି । ଆମର ତ ଏଠି ଅନ୍ତତଃ ପକ୍ଷେ ଘଣ୍ଟାଏ ନ କହିଲେ ବକ୍ତୃତା ଦେଲାଭଳି ଲାଗେ ନାହିଁ । ଗଳା ଗରମ କରିବାକୁ ୧୫।୨୦ ମିନିଟ ଚାଲିଯାଏ । ତାଙ୍କର ଚଳଣି ବ୍ୟବସ୍ଥା ଅନୁସାରେ ମୁଁ ଅଳ୍ପ କେତେ ମିନିଟକ ଭିତରେ ଗଣତାନ୍ତ୍ରିକ ଜର୍ମାନୀ ପ୍ରତି ଭାରତର ଶ୍ରଦ୍ଧା ମୈତ୍ରୀ ଓ ସମ୍ବର୍ଦ୍ଧନା ଜଣାଇ, ଶେଷରେ ଗେଟେଙ୍କର ଦୁଇଧାଡ଼ି ଉଦ୍ଧାର କରି ସମାପ୍ତ କରିଦେଲି—

"But what is uttered from the heart alone
Will win the hearts of others to your own."

ଉତ୍କଳ ସଂଘ,
ପାଠାଗାର
ନଂ
ତା 18.2.76

ପ୍ରଗତି ଉତ୍କଳ ସଂଘ, ରାଉରକେଲା
ପାଠାଗାର
ନଂ ........୭୩୬୪୦........
ତା। ..........................